ଯଦିଓ ବୀମାକର୍ତ୍ତା ପକ୍ଷରେ କୌଣସି ବୈଧିକ କର୍ତ୍ତବ୍ୟ ନାହିଁ ବୀମିତକୁ ଏହା ପରାମର୍ଶ ଦେବାପାଇଁ ଯେ ତା' ପଲିସୀ ଏକ ନିର୍ଦ୍ଦିଷ୍ଟ ତାରିଖରେ ସମାପ୍ତ ହେବାକୁ ଅଛି, ତଥାପି ଏକ ସୌଜନ୍ୟତା ଓ ନିଷ୍ପତ୍ତି ନିଆଯାଇଥିବା ଏକ ଉତ୍ତର ବ୍ୟବସାୟ ଆଚାରର ବିଷୟ ହିସାବରେ, ବୀମାକର୍ତ୍ତାମାନେ ପଲିସୀର ନୂତନୀକରଣ ପାଇଁ ଆମନ୍ତ୍ରଣ କରି ସମାପ୍ତି ତାରିଖର ଏକ ମାସ ପୂର୍ବରୁ ଏକ "ନୂତନୀକରଣ ସୂଚନା" ଜାରୀ କରନ୍ତି । ଗ୍ରାହକକୁ ନୂତନୀକରଣ ସମ୍ବନ୍ଧରେ ମନେ ପକାଇବା ପାଇଁ ନୂତନୀକରଣର ନିର୍ଦ୍ଦିଷ୍ଟ ତାରିଖର ଅନେକ ପୂର୍ବରୁ ଅଭିକର୍ତ୍ତା ଗ୍ରାହକର ସମ୍ପର୍କରେ ରହିବା ଆବଶ୍ୟକ ଯାହା ଦ୍ୱାରା ସେ ତାହା ପାଇଁ ପ୍ରାବଧାନ କରି ପାରିବ ।

ସମୟ ସମୟରେ ଗ୍ରାହକ ସହିତ ସମ୍ପର୍କରେ ରହିବା ଦ୍ୱାରା, ଏକ ପର୍ବ କିମ୍ବା ପରିବାର ଉତ୍ସବ ଭଳି କେତେକ ଅବସରରେ ତାକୁ ସୁଭେଚ୍ଛା ପ୍ରଦାନ କରିବା ଦ୍ୱାରା ସମ୍ବନ୍ଧ ଦୃଢ଼ୀଭୂତ ହୁଏ । ସେଭଳି ଯେତେବେଳେ କଷ୍ଟ କିମ୍ବା ଦୁଃଖର ସମୟ ଆସେ, ତାକୁ ସହାୟତା ପ୍ରଦାନ କରି ସମ୍ବନ୍ଧକୁ ଆହୁରି ଦୃଢ଼ କରାଯାଇପାରେ ।

4. ଦାବୀ ଚରଣ

ଦାବୀ ସମାଧାନ ସମୟରେ ଅଭିକର୍ତ୍ତାଙ୍କୁ ଏକ ଜଟିଳ ଭୂମିକା ଗ୍ରହଣ କରିବାକୁ ପଡ଼େ । ଏହା ସୁନିଶ୍ଚିତ କରିବା ତା' କାର୍ଯ୍ୟ ଅଟେ ଯେ ଦାବୀ ଉତ୍ପନ୍ନ କରୁଥିବା ଘଟଣା ବିଷୟରେ ବୀମାକର୍ତ୍ତାଙ୍କୁ ତୁରନ୍ତ ସୂଚୀତ କରାଯାଏ ଏବଂ ଗ୍ରାହକ ସମସ୍ତ ଔପଚାରିକତାଗୁଡିକ ଯତ୍ନ ସହକାରେ ପାଳନ କରେ ଓ ସବୁ ପ୍ରକାରର ସର୍ବେକ୍ଷଣରେ ସହାୟତା ପ୍ରଦାନ କରେ ଯାହାର ହାନିର ମୂଲ୍ୟାଙ୍କନ କରିବାକୁ ଆବଶ୍ୟକତା ପଡିପାରେ ।

ସ୍ୱତଃ ପରୀକ୍ଷଣ କରନ୍ତୁ 2

ସେହି ପରିଦୃଶ୍ୟକୁ ଚିହ୍ନଟ କରନ୍ତୁ ଯେଉଁଠି ବୀମା ପାଇଁ ଆବଶ୍ୟକତା ଉପରେ ଏକ ବାଦବିବାଦ ଆବଶ୍ୟକ ହୁଏ ନାହିଁ ।

I. ଧନ ବୀମା

II. ବ୍ୟବସାୟ ଦାୟିତ୍ୱ ବୀମା

III. ତୃତୀୟ ପକ୍ଷ ଦାୟିତ୍ୱ ପାଇଁ ମୋଟର ବୀମା

IV. ଅଗ୍ନି ବୀମା

ଗ. ଅଭିଯୋଗ ନିବାରଣ

1. ବିହଙ୍ଗାବଲୋକନ

ଉଚ୍ଚ ପ୍ରାଥମିକତା କାର୍ଯ୍ୟ ପାଇଁ ସମୟ ହେଉଛି ଯେତେବେଳେ ଗ୍ରାହକର ଏକ ଅଭିଯୋଗ ଥାଏ । ମନେରଖନ୍ତୁ ଯେ ଏକ ଅଭିଯୋଗ ପରିପ୍ରେକ୍ଷୀରେ, ସେବା ବିଫଳତାର ବିଷୟ (ଏହା ବୀମାକର୍ତ୍ତାର ରେକର୍ଡସବୁକୁ ସଂଶୋଧନ କରିବାରେ ବିଳମ୍ବତା ଠାରୁ ଏକ ଦାବୀ ସମାଧାନରେ ତତ୍ପରତାର ଅଭାବ ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ) ଯାହା ଗ୍ରାହକକୁ ଦୁଃଖ ଦେଇଛି, କାହାଣୀର ଏକ ଅଂଶ ମାତ୍ର ଅଟେ ।

ଗ୍ରାହକମାନେ ସେଭଳି ବିଫଳତା ସମ୍ବନ୍ଧରେ ସେମାନଙ୍କ ଅର୍ଥ ବ୍ୟାଖ୍ୟା କାରଣରୁ ବିଚଳିତ ଏବଂ ଅତ୍ୟନ୍ତ କ୍ରୋଧିତ ହୋଇଯାଆନ୍ତି । ଦୁଇ ପ୍ରକାରର ଭାବନା ଓ ସମ୍ବନ୍ଧୀୟ ଆବେଗ ଥାଏ ଯାହା ପ୍ରତ୍ୟେକ ସେବା ବିଫଳତା ଯୋଗୁଁ ଉତ୍ପନ୍ନ ହୁଏ :

- ✓ ପ୍ରଥମତଃ ଅନ୍ୟାୟ/ପକ୍ଷପାତିତାର ଅନୁଭୂତି, ଠକି ଯାଇଥିବାର ଭାବନା
- ✓ ଦ୍ୱିତୀୟ ଭାବନା ହେଉଛି ଆଘାତପ୍ରାପ୍ତ ଅହଂଭାବ – ଅନ୍ୟମାନଙ୍କ ଦୃଷ୍ଟିରେ ନିଜକୁ ଛୋଟ ବୋଲି ଅନୁଭବ କରାଇଥିବା

ଏକ ଅଭିଯୋଗ ଗ୍ରାହକ ସମ୍ବନ୍ଧରେ ଏକ ନିର୍ଣ୍ଣାୟକ "ସତ୍ୟର ମୂହୁର୍ତ୍ତ" ଅଟେ; ଯଦି କମ୍ପାନୀ ଏହାକୁ ଠିକ୍ କରାଏ, ବାସ୍ତବରେ ଗ୍ରାହକ ବିଶ୍ୱସନୀୟତା କୁ ଉନ୍ନତ କରିବାରେ ଏହାର ଶକ୍ତି ଅଛି । ଏଇଠି ମାନବ ସ୍ପର୍ଶ ସୂକ୍ଷ୍ମ ଅଟେ, ଗ୍ରାହକମାନେ ମୂଲ୍ୟବାନ ବୋଲି ଅନୁଭବ କରିବାକୁ ଚାହାନ୍ତି ।

ଯଦି ଆପଣ ଏକ ବ୍ୟବସାୟିକ ବୀମା ଉପଦେଷ୍ଟା ଅଟନ୍ତି, ଆପଣ ପ୍ରଥମତଃ ସେଭଳି ଏକ ପରିସ୍ଥିତି ଆସିବାର ସ୍ୱୀକୃତି ଦେବେ ନାହିଁ । ଆପଣ ଏହି ବିଷୟ କମ୍ପାନୀର ଯଥାର୍ଥ ଅଧିକାରୀ ନିକଟକୁ ନେବେ । ମନେରଖନ୍ତୁ, କମ୍ପାନୀର ଅନ୍ୟ କେହି ବି ଗ୍ରାହକର ସମସ୍ୟାର ମାଲିକତ୍ୱ ନେବେ ନାହିଁ ଯେତେ ବେଶୀ ଆପଣ କରିପାରିବେ ।

ଆପତ୍ତି/ଅଭିଯୋଗଗୁଡିକ ଆମକୁ ଏହା ପ୍ରଦର୍ଶିତ କରିବାର ସୁଯୋଗ ଦିଅନ୍ତି ଯେ ଆମେ ଗ୍ରାହକର ହିତର କେତେ ଧ୍ୟାନ ଦେଉଁ । ବାସ୍ତବରେ ସେମାନେ ହେଉଛନ୍ତି ନିବା ସ୍ତମ୍ଭ ଯାହା ଉପରେ ଏକ ବୀମା ଅଭିକର୍ତ୍ତାର ସଭାବ ଓ ବ୍ୟବସାୟ ନିର୍ମିତ ହୁଏ । ପ୍ରତ୍ୟେକ ପଲିସୀ ଦସ୍ତାବିଜର ଶେଷରେ, ଯାହାକୁ ଦସ୍ତାବିଜ ପ୍ରାବଧାନଗୁଡିକୁ ବ୍ୟାଖ୍ୟା କରିବା ସମୟରେ ଗ୍ରାହକମାନଙ୍କ ଧ୍ୟାନକୁ ଆଣିବା ଉଚିତ ।

ମୌଖିକ ବିଜ୍ଞାପନ (ଉତ୍ତମ/ଖରାପ) ର ବିକ୍ରୟ ଓ ସେବା ପ୍ରଦାନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ମନେରଖନ୍ତୁ ଯେ ଉତ୍ତମ ସେବା ସୂଚୀତ ହୋଇଥିବା 5 ଜଣ ଲୋକଙ୍କ ଦ୍ୱାରା ପୁରସ୍କୃତ ହୁଏ, ଯେତେବେଳେ କି ଖରାପ ସେବା 20 ଜଣ ଲୋକଙ୍କ ପାଖକୁ ଯାଏ।

2. ସଙ୍କଳିତ ଅଭିଯୋଗ ପ୍ରବନ୍ଧନ ପ୍ରଣାଳୀ (ଆଇ.ଜି.ଏମ୍.ଏସ୍.)

ଆଇ.ଆର.ଡି.ଏ ଏକ ସଙ୍କଳିତ ଅଭିଯୋଗ ପ୍ରବନ୍ଧନ ପ୍ରଣାଳୀ (ଆଇ.ଜି.ଏମ୍.ଏସ୍) ର ଆରମ୍ଭ କରିଛନ୍ତି ଯାହା ବୀମା ଅଭିଯୋଗ ତଥ୍ୟର ଏକ କେନ୍ଦ୍ରୀୟ ଭଣ୍ଡାର ଏବଂ ଉଦ୍ୟୋଗରେ ଅଭିଯୋଗ ନିବାରଣକୁ ନିରୀକ୍ଷଣ କରିବା ପାଇଁ ଏକ ଉପକରଣ ରୂପେ କାର୍ଯ୍ୟ କରେ ।

ପଲିସୀଧାରୀମାନେ ଏହି ସିଷ୍ଟମରେ ସେମାନଙ୍କ ପଲିସୀ ବିବରଣୀ ସହିତ ପଞ୍ଜିକରଣ କରିପାରିବେ ଓ ସେମାନଙ୍କ ଅଭିଯୋଗ ଉପସ୍ଥାପିତ କରିପାରିବେ । ଅଭିଯୋଗଗୁଡ଼ିକୁ ତା ପରେ ସମ୍ବନ୍ଧିତ ବୀମା କମ୍ପାନୀ ପାଖକୁ ଅଗ୍ରସାରିତ କରାଯାଏ । ଆଇ.ଜି.ଏମ୍.ଏସ୍ ଅଭିଯୋଗଗୁଡ଼ିକୁ ଓ ନିବାରଣ ପାଇଁ ନିଆଯାଇଥିବା ସମୟକୁ ଖୋଜି ବାହାର କରେ । ଅଭିଯୋଗଗୁଡ଼ିକ ପଞ୍ଜୀକୃତ କରାଯାଇପାରେ ନିମ୍ନଲିଖିତରେ :

http://www.policyholder.gov.in/Integrated_Grievance_Management.aspx

3. ଉପଭୋକ୍ତା ସୁରକ୍ଷା ଅଧିନିୟମ, 1986

ଏହି ଅଧିନିୟମକୁ "ଉପଭୋକ୍ତାମାନଙ୍କ ହିତର ଉତ୍ତମତର ସୁରକ୍ଷା ପାଇଁ ଏବଂ ଉପଭୋକ୍ତାମାନଙ୍କ ବିବାଦର ସମାଧାନ ପାଇଁ ଉପଭୋକ୍ତା ପରିଷଦ ଓ ଅନ୍ୟାନ୍ୟ ପ୍ରାଧିକରଣର ପ୍ରାବଧାନ କରିବା ପାଇଁ" ସ୍ୱୀକୃତି ଦିଆଗଲା । ଏହି ଅଧିନିୟମକୁ ଉପଭୋକ୍ତା ସୁରକ୍ଷା (ସଂଶୋଧନ) ଅଧିନିୟମ, 2002 ଦ୍ୱାରା ସଂଶୋଧିତ କରାଯାଇଛି ।

କ) ଅଧିନିୟମ ଅନ୍ତର୍ଗତ ପରିଭାଷା

ଅଧିନିୟମରେ ପ୍ରଦାନ କରାଯାଇଥିବା କେତେକ ପରିଭାଷା ନିମ୍ନ ପ୍ରକାରେ ଅଟନ୍ତି:

ପରିଭାଷା

"ସେବା" ଅର୍ଥ କୌଣସି ବି ବିବରଣର ସେବା ଯାହାକୁ ସମ୍ଭାବ୍ୟ ଉପଯୋଗକର୍ତ୍ତାମାନଙ୍କୁ ଉପଲବ୍ଧ କରାଯାଏ ଏବଂ ବ୍ୟାଙ୍କିଂ, ଅର୍ଥ ସମ୍ବନ୍ଧୀୟ, ବୀମା, ପରିବହନ, ପ୍ରୋସେସିଙ୍ଗ୍ (ସଂସାଧନ), ବୈଦ୍ୟୁତିକ କିମ୍ବା ଅନ୍ୟାନ୍ୟ ଶକ୍ତିର ଆପୂର୍ତ୍ତି, ଆବାସ ଓ ଖାଦ୍ୟବ୍ୟବସ୍ଥା କିମ୍ବା ଉଭୟ, ଗୃହ ନିର୍ମାଣ, ମନୋରଞ୍ଜନ, କୌତୁକ କିମ୍ବା ସମାଚାର କିମ୍ବା ଅନ୍ୟାନ୍ୟ ସୂଚନାର ବ୍ୟବସ୍ଥା ସମ୍ବନ୍ଧୀୟ ସୁବିଧାସବୁର ପ୍ରାବଧାନ ସମ୍ମିଳିତ ହୁଏ । କିନ୍ତୁ ଏହା ବିନା ଶୁଳ୍କ (ମୁକ୍ତ) ରେ ଦିଆଯାଉଥିବା ସେବା କିମ୍ବା ବ୍ୟକ୍ତିଗତ ସେବାର ଅନୁବନ୍ଧ ଅନ୍ତର୍ଗତ ସେବା କୁ ସମ୍ମିଳିତ କରେ ନାହିଁ ।

ବୀମାକୁ ସେବା ରୂପେ ସମ୍ମିଳିତ କରାଯାଏ

"ଉପଭୋକ୍ତା" ଅର୍ଥ କୌଣସି ବ୍ୟକ୍ତି ଯିଏ:

i. ଏକ ପ୍ରତିଫଳ ବଦଳରେ କୌଣସି ଜିନିଷ କିଣେ ଓ ସେଭଳି ଜିନିଷର କୌଣସି ବି ଉପଯୋଗକର୍ତ୍ତାକୁ ସମ୍ମିଳିତ କରେ । କିନ୍ତୁ ଏକ ବ୍ୟକ୍ତି ଯିଏ ସେଭଳି ଜିନିଷକୁ ପୁନଃବିକ୍ରୟ କିମ୍ବା କୌଣସି ବ୍ୟାପାରିକ ଉଦ୍ଦେଶ୍ୟରେ ପ୍ରାପ୍ତ ହୋଇଥାଏ, ତାକୁ ସମ୍ମିଳିତ କରାଯାଏ ନାହିଁ ।

ii. ଏକ ପ୍ରତିଫଳ ବଦଳରେ କୌଣସି ସେବାକୁ ଭଡାରେ ଆଣେ କିମ୍ବା ତାର ଲାଭ ଉଠାଏ ଏବଂ ସେସବୁ ସେବାର ହିତାଧିକାରୀ/ଲାଭାର୍ଥୀ କୁ ସମ୍ମିଳିତ କରେ ।

"ତ୍ରୁଟି" ଅର୍ଥ ଗୁଣବତ୍ତା, ସ୍ୱରୂପ/ପ୍ରକୃତି ଓ କାର୍ଯ୍ୟ ସଂପାଦନର ଶୈଳୀରେ ଦୋଷ, ଅପୂର୍ଣ୍ଣତା, ତ୍ରୁଟି, ଅପର୍ଯ୍ୟାପ୍ତତା ଯାହାକୁ କୌଣସି ଆଇନ ଦ୍ୱାରା କିମ୍ବା ଅନ୍ତର୍ଗତ ଜାରି ରଖିବା ଆବଶ୍ୟକ ହୁଏ କିମ୍ବା କୌଣସି ସେବା ସମ୍ବନ୍ଧୀୟ ଏକ ଅନୁବନ୍ଧ କିମ୍ବା ଅନ୍ୟକିଛିର ଅନୁସରଣରେ ଏକ ବ୍ୟକ୍ତିଦ୍ୱାରା ସଂପାଦିତ କରିବା ପାଇଁ ଦାୟିତ୍ୱ ନିଆଯାଇଛି ।

'ଅଭିଯୋଗ' ଅର୍ଥ ଏକ ଅଭିଯୋକ୍ତା ଦ୍ୱାରା ଲିଖିତ ରୂପେ କରାଯାଇଥିବା କୌଣସି ଆରୋପ ଯେ:

i. ଏକ ଅନୁଚିତ ବ୍ୟାପାର ପ୍ରଥା ପ୍ରତିବନ୍ଧାତ୍ମକ ବ୍ୟବସାୟ ପରମ୍ପରାକୁ ଅଙ୍ଗୀକୃତ କରାଯାଇଛି

ii. ତା' ଦ୍ୱାରା କିଣାଯାଇଥିବା ଜିନିଷ ଏକ କିମ୍ବା ଅଧିକ ତ୍ରୁଟି ରହିଛି

iii. ତା' ଦ୍ୱାରା ଭଡାରେ ନିଆଯାଇଥିବା କିମ୍ବା ଲାଭ ଉଠାଯାଇଥିବା ସେବାରେ କୌଣସି ବି ବିଷୟରେ ଅଭାବ ରହିଯାଇଛି

iv. ଚାର୍ଜ କରାଯାଇଥିବା ମୂଲ୍ୟ ବୈଧିକରୂପେ ନିର୍ଦ୍ଧାରିତ କିମ୍ବା ପ୍ୟାକେଜରେ ପ୍ରଦର୍ଶନ କରିଥିବା ମୂଲ୍ୟ ଅପେକ୍ଷା ଅଧିକ ଅଟେ।

ସେହି ଜିନିଷଗୁଡିକ ଯାହାକୁ ବ୍ୟବହାର କରିବାରେ ଜୀବନ ଓ ନିରାପତ୍ତା ପ୍ରତି ବିପଦଜନକ ହେବ, ସେଗୁଡିକ ସେହି ଆଇନର ପ୍ରାବଧାନର ଉଲଘଂନ କରି ଜନତାକୁ ବିକ୍ରୀ ପାଇଁ ଯାଚନା କରାଯାଉଛି, ଯାହା ଅନୁସାରେ ବ୍ୟାପାରୀକୁ ସେଭଳି ଜିନିଷଗୁଡିକର ସାମଗ୍ରୀ, ପ୍ରକାର ଓ ଉପଯୋଗର ପ୍ରଭାବ ସମ୍ବନ୍ଧୀୟ ସୂଚନା ପ୍ରଦର୍ଶିତ କରିବା ପାଇଁ ଆବଶ୍ୟକ ।

'ଉପଭୋକ୍ତା ବିବାଦ' ଅର୍ଥ ଏକ ବିବାଦ ଯେଉଁଠି ସେହି ବ୍ୟକ୍ତି ଯାହା ବିରୁଦ୍ଧରେ ଅଭିଯୋଗ କରାଯାଇଛି, ଅଭିଯୋଗରେ ଥିବା ଆରୋପଗୁଡିକୁ ଅସ୍ୱୀକାର କରେ ଓ ସେସବୁର ପ୍ରତିବାଦ କରେ ।

ଖ) ଉପଭୋକ୍ତା ବିବାଦ ନିବାରଣ ଅଭିକର୍ତ୍ତବ୍ୟ

ଉପଭୋକ୍ତା ବିବାଦ ନିବାରଣ ଅଭିକର୍ତ୍ତବ୍ୟଗୁଡିକ ପ୍ରତ୍ୟେକ ଜିଲ୍ଲା ଓ ରାଜ୍ୟ ଏବଂ ଜାତୀୟ ସ୍ତରରେ ସ୍ଥାପିତ କରାଯାଏ ।

i. **ଜିଲ୍ଲା ନ୍ୟାୟାଧିକରଣ(ଫୋରମ):** ଏହି ନ୍ୟାୟାଧିକରଣଙ୍କ ଅଭିଯୋଗସବୁର ସୁବିଚାର କରିବାର ନ୍ୟାୟାଧିକାର ଅଛି ଯେଉଁଠି ଜିନିଷ କିମ୍ବା ସେବାର ମୂଲ୍ୟ ଓ ଦାବୀ କରାଯାଇଥିବା କ୍ଷତିପୂରଣ ଟ 20 ଲକ୍ଷ ପର୍ଯ୍ୟନ୍ତ ଅଟେ । ଜିଲ୍ଲା ଫୋରମଙ୍କୁ ତାଙ୍କ ଆଦେଶ/ନିର୍ଣ୍ଣୟର ନିଷ୍ପାଦନ ପାଇଁ ଏହାକୁ ଯଥାର୍ଥ ସିଭିଲ କୋର୍ଟ (ଦିବାନୀ ନ୍ୟାୟାଳୟ) କୁ ପଠାଇବାପାଇଁ ଅଧିକାର ଦିଆଯାଇଛି ।

ii. **ରାଜ୍ୟ କମିଶନ:** ଏହି ନିବାରଣ ପ୍ରାଧିକରଣଙ୍କ ମୂଳଭୂତ, ପୁନର୍ବିଚାର ସମ୍ବନ୍ଧୀୟ ଏବଂ ନିରୀକ୍ଷଣାତ୍ମକ ନ୍ୟାୟାଧିକାର ଅଛି । ଏହା ଜିଲ୍ଲା ଫୋରମଠାରୁ ଆସିଥିବା ନିବେଦନଗୁଡିକୁ ବିଚାର କରନ୍ତି । ତାଙ୍କ ସେହି ଅଭିଯୋଗଗୁଡିକୁ ବିଚାର କରିବାର ବି ମୂଳ ଅଧିକାର ରହିଛି ଯେଉଁ ଜିନିଷ/ସେବା ଓ କ୍ଷତିପୂରଣ ଯଦି କିଛି ଥାଏ ର ମୂଲ୍ୟ ଟ 20 ଲକ୍ଷଠାରୁ ଅଧିକ ହୁଏ ଓ ଟ 100 ଲକ୍ଷ ଠାରୁ ଅଧିକ ହୁଏ ନାହିଁ । ଅନ୍ୟାନ୍ୟ ଶକ୍ତି ଓ ପ୍ରାଧିକାରଗୁଡିକ ଜିଲ୍ଲା ଫୋରମ ସହିତ ସମାନ ।

iii. **ଜାତୀୟ କମିଶନ:** ଅଧିନିୟମ ଅନ୍ତର୍ଗତ ସ୍ଥାପିତ ଅନ୍ତିମ ପ୍ରାଧିକରଣ ହେଉଛନ୍ତି ଜାତୀୟ କମିଶନ । ଯାଙ୍କ ପାଖରେ ମୂଳଭୂତ, ପୁନର୍ବିଚାର ସମ୍ବନ୍ଧୀୟ ଏବଂ ନିରୀକ୍ଷଣାତ୍ମକ ନ୍ୟାୟାଧିକାର ଅଛି । ଏହା ରାଜ୍ୟ କମିଶନଙ୍କ ଦ୍ୱାରା ଦିଆଯାଇଥିବା ଆଦେଶଠାରୁ ଆସିଥିବା ନିବେଦନଗୁଡିକର ଶୁଣାଣୀ କରନ୍ତି ଏବଂ ମୌଳିକ ନ୍ୟାୟାଧିକାରରେ ଏହା ସେହି ବିବାଦଗୁଡିକର ବିଚାର କରନ୍ତି ଯେଉଁଠି ଜିନିଷ/ସେବା ଓ ଦାବୀକରାଯାଇଥିବା କ୍ଷତିପୂରଣ ଟ 100 ଲକ୍ଷଠାରୁ ଅଧିକ ହୁଏ । ଯାଙ୍କ ରାଜ୍ୟ କମିଶନ ଉପରେ ନିରୀକ୍ଷଣାତ୍ମକ ନ୍ୟାୟାଧିକାର ଥାଏ ।

ସମସ୍ତ ତିନି ଅଭିକର୍ତ୍ତାଙ୍କ ଏକ ଦିବାନୀ ନ୍ୟାୟାଳୟର ଅଧିକାର ଥାଏ ।

ଗ) ଏକ ଅଭିଯୋଗ ଦାଏର କରିବା ପ୍ରକ୍ରିୟା

ଉପରୋକ୍ତ ତିନି ନିବାରଣ ଅଭିକର୍ତ୍ତାଙ୍କ ପାଇଁ ଏକ ଅଭିଯୋଗ ଦାଏର କରିବା ପ୍ରକ୍ରିୟା ଅତି ସରଳ ଅଟେ । ରାଜ୍ୟ କମିଶନ ନିକଟରେ ହେଉ କିମ୍ବା ଜାତୀୟ କମିଶନ ନିକଟରେ ହେଉ, ଏକ ଅଭିଯୋଗ କିମ୍ବା ନିବେଦନ ଫାଇଲ କରିବା ପାଇଁ କୌଣସି ଶୁଳ୍କ ନାହିଁ ।

ଅଭିଯୋଗ ସ୍ୱୟଂ ଅଭିଯୋକ୍ତା ଦ୍ୱାରା ଅଥବା ତା' ଦ୍ୱାରା ପ୍ରାଧିକୃତ ଅଭିକର୍ତ୍ତା ଦ୍ୱାରା ଫାଇଲ କରାଯାଇପାରେ । ଏହା ବ୍ୟକ୍ତିଗତ ରୂପେ ଫାଇଲ କରାଯାଇପାରେ କିମ୍ବା ଡାକ ଦ୍ୱାରା ମଧ୍ୟ ପଠାଯାଇପାରେ । ଏହା ଧ୍ୟାନରେ ରଖିବା ଉଚିତ ଯେ ଏକ ଅଭିଯୋଗ ଫାଇଲ କରିବା ଉଦ୍ଦେଶ୍ୟରେ କୌଣସି ଓକିଲର ଆବଶ୍ୟକତା ନାହିଁ ।

ଘ) ଉପଭୋକ୍ତା ଫୋରମ ଆଦେଶ

ଯଦି ଫୋରମ ସନ୍ତୁଷ୍ଟ ଅଟନ୍ତି ଯେ ଯେଉଁ ଜିନିଷ ବିରୁଦ୍ଧରେ ଅଭିଯୋଗ କରାଯାଇଛି, ସେଥିରେ ଅଭିଯୋଗରେ ନିର୍ଦ୍ଦିଷ୍ଟ କରାଯାଇଥିବା କୌଣସି ବି ତ୍ରୁଟି ଥାଏ କିମ୍ବା ଅଭିଯୋଗରେ ଅନ୍ତର୍ଭୁକ୍ତ ଥିବା ସେବା ସମ୍ବନ୍ଧୀୟ କୌଣସି ବି ଆରୋପ ପ୍ରମାଣିତ ହୁଏ, ଫୋରମ ନିମ୍ନଲିଖିତ ମଧ୍ୟରୁ ଏକ କିମ୍ବା ଅଧିକକୁ କରିବା ପାଇଁ ନିର୍ଦ୍ଦେଶ ଦେଇ ବିରୋଧୀ ପକ୍ଷକୁ ଆଦେଶ ଜାରୀ କରିପାରନ୍ତି, ଯଥା :

i. ଅଭିଯୋକ୍ତା ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟ, (କିମ୍ବା ବୀମା ସନ୍ଦର୍ଭରେ ପ୍ରିମିୟମ), ଚାର୍ଜକୁ ଅଭିଯୋକ୍ତାକୁ ଫେରାଇ ଦେବା

ii. ବିରୋଧୀ ପକ୍ଷର ଅବହେଳା ଯୋଗୁଁ ଉପଭୋକ୍ତା ଭୋଗିଥିବା କୌଣସି ହାନି କିମ୍ବା କ୍ଷତି ପାଇଁ ଉପଭୋକ୍ତାକୁ ସେହି ପରିମାଣର ରାଶି କ୍ଷତିପୂରଣ ରୂପେ ପ୍ରଦାନ କରିବା

iii. ପ୍ରଶ୍ନ କରାଯାଇଥିବା ସେବାରେ ଥିବା ତ୍ରୁଟି କିମ୍ବା ଅଭାବକୁ ହଟାଇବା

iv. ଅନୁଚିତ ବ୍ୟବସାୟ ପ୍ରଥା କିମ୍ବା ପ୍ରତିବନ୍ଧାତ୍ମକ ବ୍ୟବସାୟ ପରମ୍ପରାକୁ ବିଚ୍ଛିନ୍ନ କରିବା କିମ୍ବା ସେଗୁଡିକର ପୁନରାବୃତ୍ତି ନ କରିବା

v. ପକ୍ଷମାନଙ୍କୁ ଯଥେଷ୍ଟ ମୂଲ୍ୟ ପ୍ରଦାନ କରିବା

ଙ) ଉପଭୋକ୍ତା ବିବାଦ ଶ୍ରେଣୀ

ତିନି ଫୋରମରେ ଥିବା ଉପଭୋକ୍ତା ବିବାଦଗୁଡିକ ମଧ୍ୟରୁ ଅଧିକାଂଶ ନିମ୍ନଲିଖିତ ମୁଖ୍ୟ ଶ୍ରେଣୀରେ ବିଭାଜିତ ହୁଅନ୍ତି, ଯେତେ ଦୂର ପର୍ଯ୍ୟନ୍ତ ବୀମା ବ୍ୟବସାୟ ସଂପୃକ୍ତ ଅଟେ :

i. ଦାବୀ ସମାଧାନରେ ବିଳମ୍ବତା

ii. ଦାବୀର ଅଣ-ସମାଧାନ

iii. ଦାବୀର ଅସ୍ୱୀକରଣ

iv. ହାନିର ମାତ୍ରା/ପରିମାଣ

v. ପଲିସୀ ସର୍ତ୍ତ, ଅନୁବନ୍ଧ ଇତ୍ୟାଦି

4. ବୀମା ଲୋକପାଳ (ପ୍ରଶାସନିକ ଅଭିଯୋଗ ଯାଞ୍ଚ ଅଧିକାରୀ)

ବୀମା ଅଧିନିୟମ, 1938 ର ଅଧିକାର ଅନ୍ତର୍ଗତ କେନ୍ଦ୍ର ସରକାର ନଭେମ୍ବର 11, 1998 ଦିନ ଶାସକୀୟ ଗେଜେଟରେ ପ୍ରକାଶିତ ଏକ ବିଜ୍ଞପ୍ତି ଦ୍ୱାରା ଜନତା ଅଭିଯୋଗ ନିବାରଣ ନିୟମାବଳୀ, 1998 ସ୍ଥାପିତ କଲେ । ଏହି ନିୟମାବଳୀ ସମସ୍ତ ବ୍ୟକ୍ତିଗତ ପଙ୍କ୍ତିର ବୀମା, ଅର୍ଥାତ୍ ବ୍ୟକ୍ତିଗତ ପଦରେ ନିଆଯାଇଥିବା ବୀମାସବୁ ପାଇଁ ଜୀବନ ଓ ଅଣ-ଜୀବନ ବୀମା ପ୍ରତି ଲାଗୁ ହୁଏ ।

ଏହି ନିୟମଗୁଡିକର ଉଦ୍ଦେଶ୍ୟ ହେଉଛି ବୀମା କମ୍ପାନୀଗୁଡିକ ତରଫରୁ ଅଳ୍ପ ଖର୍ଚ୍ଚରେ ସକ୍ଷମ ଓ ନିରପେକ୍ଷ ଭାବେ ଦାବୀର ସମାଧାନ ସମ୍ବନ୍ଧୀୟ ସମସ୍ତ ଅଭିଯୋଗଗୁଡିକୁ ସମାଧାନ କରିବା ।

ଲୋକପାଳ, ବୀମିତ ଓ ବୀମାକର୍ତ୍ତାଙ୍କ ପରସ୍ପର ସମ୍ମତିରେ ପ୍ରସଙ୍ଗର ସର୍ତ୍ତ ମଧ୍ୟରେ ଏକ ମଧ୍ୟସ୍ଥ ଓ ପରାମର୍ଶଦାତା ରୂପେ କାର୍ଯ୍ୟ କରିପାରେ ।

ଲୋକପାଳଙ୍କ ନିର୍ଣ୍ଣୟ, ଅଭିଯୋଗକୁ ସ୍ୱୀକାର କରିବା କିମ୍ବା ଅଗ୍ରାହ୍ୟ କରିବା ହେଉ, ଅନ୍ତିମ ଅଟେ ।

କ) ଲୋକପାଳଙ୍କ ନିକଟରେ ଅଭିଯୋଗ

ଲୋକପାଳଙ୍କ ନିକଟରେ କରାଯାଇଥିବା କୌଣସି ବି ଅଭିଯୋଗ, ବୀମିତ କିମ୍ବା ତା' ବୈଧିକ ଉତ୍ତରାଧିକାରୀ ଦ୍ୱାରା ସ୍ୱାକ୍ଷରିତ ହୋଇ, ଲିଖିତରେ ହେବା ଉଚିତ୍ ଯାହା ଲୋକପାଳଙ୍କୁ ସମ୍ବୋଧିତ ହୋଇଥିବ ଯାହାଙ୍କ କ୍ଷେତ୍ରାଧିକାରରେ, ବୀମାକର୍ତ୍ତାଙ୍କ ଏକ ଶାଖା/କାର୍ଯ୍ୟାଳୟ ଥିବ । ଏହା ସହିତ ଅଭିଯୋକ୍ତାକୁ ହୋଇଥିବା ହାନିର ସ୍ୱରୂପ ଓ ବିସ୍ତାରର ଆକଳନ ଏବଂ ମଗାଯାଇଥିବା ରିଲିଫ ସହିତ ଯଦି କିଛି ଥାଏ, ସହାୟକ ଦସ୍ତାବିଜ ମଧ୍ୟ ସଂଲଗ୍ନ କରିବାକୁ ପଡିଥାଏ ।

ଲୋକପାଳଙ୍କ ନିକଟରେ ଅଭିଯୋଗ କରାଯାଇପାରେ ଯଦି :

i. ଅଭିଯୋକ୍ତା ପୂର୍ବରୁ ବୀମା କମ୍ପାନୀଙ୍କୁ ଏକ ଲିଖିତ ଅଭିବେଦନ ଦେଇଥିବେ ଏବଂ ବୀମା କମ୍ପାନୀ :
   - ✓ ଅଭିଯୋଗକୁ ଅଗ୍ରାହ୍ୟ କରିଥିବେ
   - ✓ ବୀମାକର୍ତ୍ତା ଦ୍ୱାରା ଅଭିଯୋଗ ପ୍ରାପ୍ତି ପରେ ଏକ ମାସ ମଧ୍ୟରେ ଅଭିଯୋକ୍ତା କୌଣସି ଉତ୍ତର ପାଇ ନ ଥିବେ
   - ✓ ବୀମାକର୍ତ୍ତାଦ୍ୱାରା ଦିଆଯାଇଥିବା ଉତ୍ତରରେ ଅଭିଯୋକ୍ତା ସନ୍ତୁଷ୍ଟ ହୋଇ ନ ଥିବେ ।

ii. ବୀମା କମ୍ପାନୀ ଦ୍ୱାରା ଅଗ୍ରାହ୍ୟ ହୋଇଥିବା ତାରିଖଠାରୁ ଏକ ବର୍ଷ ମଧ୍ୟରେ ଅଭିଯୋଗ କରାଯାଇଥିବ ।

iii. ଅଭିଯୋଗଟି କୌଣସି ନ୍ୟାୟାଳୟ କିମ୍ବା ଉପଭୋକ୍ତା ନ୍ୟାୟାଧିକରଣ କିମ୍ବା ମଧ୍ୟସ୍ଥ ରେ ବିଚାରାଧୀନ ନ ଥିବ ।

ଖ) ଲୋକପାଳ ଦ୍ୱାରା ସୁପାରିଶ/ପରାମର୍ଶ

କେତେକ କର୍ତ୍ତବ୍ୟ/ପ୍ରୋଟୋକଲ (ଶିଷ୍ଟାଚାର) ଗୁଡିକ ରହିଛି ଯାହାକୁ ଲୋକପାଳ ପାଳନ କରିବା ପ୍ରତ୍ୟାଶା କରାଯାଏ :

i. ସେଭଳି ଏକ ଅଭିଯୋଗର ପ୍ରାପ୍ତିର ଏକ ମାସ ମଧ୍ୟରେ ସୁପାରିଶ କରାଯିବା ଉଚିତ୍

ii. ପ୍ରତିଲିପିଗୁଡିକ ଉଭୟ ଅଭିଯୋକ୍ତା ଓ ବୀମା କମ୍ପାନୀ ପାଖକୁ ପଠାଇବା ଉଚିତ

iii. ସେଭଳି ସୁପାରିଶ ପ୍ରାପ୍ତିର 15 ଦିନ ମଧ୍ୟରେ ଅଭିଯୋକ୍ତା ଦ୍ୱାରା ଲିଖିତରେ ସୁପାରିଶଗୁଡିକର ସ୍ୱୀକୃତି ହେବା ଆବଶ୍ୟକ

iv. ବୀମିତ ଦ୍ୱାରା ସ୍ୱୀକୃତିର ଏକ ପ୍ରତିଲିପି ବୀମାକର୍ତ୍ତା ପାଖକୁ ପଠାଇବା ଉଚିତ ଏବଂ ସେହି ସ୍ୱୀକୃତି ପତ୍ରର ପ୍ରାପ୍ତିର 15 ଦିନ ମଧ୍ୟରେ ତାଙ୍କ ଲିଖିତ ପୁଷ୍ଟିକରଣ ମଗାଯିବା ଉଚିତ ।

ଯଦି ବିବାଦ ମଧ୍ୟସ୍ଥତା ଦ୍ୱାରା ସମାଧାନ ନ ହୁଏ, ଲୋକପାଳ ବୀମିତକୁ ସେହି ଲାଭ/ନିର୍ଣ୍ଣୟ ପ୍ରଦାନ କରିଦେବ, ଯାହା ସେ ନ୍ୟାୟସଙ୍ଗତ ଭାବିବେ, ଏବଂ ବୀମିତର କ୍ଷତିକୁ ଆବୃତ କରିବା ପାଇଁ ଆବଶ୍ୟକ ଥିବା ପରିମାଣ ଠାରୁ ଅଧିକ ହୋଇ ନ ଥିବ ।

ଗ) ଲୋକପାଳ ଦ୍ୱାରା ଅଧିନିର୍ଣ୍ଣୟ / ପାରିତୋଷିକ

ଲୋକପାଳ ଦ୍ୱାରା ଅଧିନିର୍ଣ୍ଣୟ ନିମ୍ନଲିଖିତ ନିୟମାବଳୀ ଦ୍ୱାରା ନିୟନ୍ତ୍ରିତ ହୁଅନ୍ତି :

i. ପାରିତୋଷିକ ଟ. 20 ଲାକ୍ଷ (ଅନୁଗ୍ରହ ପୂର୍ବକ ପ୍ରଦାନ କରାଯାଇଥିବା ଦେୟ ଓ ଅନ୍ୟାନ୍ୟ ଖର୍ଚ୍ଚ ସମ୍ମିଳିତ କରି) ଠାରୁ ଅଧିକ ନ ହେବା ଉଚିତ ।

ii. ସେଭଳି ଏକ ଅଭିଯୋଗ ପ୍ରାପ୍ତି ତାରିଖଠାରୁ 3 ମାସର ଅବଧି ମଧ୍ୟରେ ଦିଆଯିବା ଉଚିତ, ଏବଂ ବୀମିତ ସେହି ପାରିତୋଷିକ ର ପ୍ରାପ୍ତିର ଏକ ମାସ ମଧ୍ୟରେ ଅନ୍ତିମ ସମାଧାନ ରୂପେ ସଂପୂର୍ଣ୍ଣ ରୂପେ ପାରିତୋଷିକ ର ପ୍ରାପ୍ତିର ସ୍ୱୀକାରୋକ୍ତି ଦେବା ଉଚିତ।

iii. ବୀମାକର୍ତ୍ତା ଅଧିନିର୍ଣ୍ଣୟ ର ଅନୁପାଳନ କରିବେ ଏବଂ ସେହି ସ୍ୱୀକୃତି ପତ୍ର ପ୍ରାପ୍ତିର 15 ଦିନ ମଧ୍ୟରେ ଲୋକପାଳଙ୍କୁ ଏକ ଲିଖିତ ସୂଚନା ପଠାଇବେ ।

iv. ଯଦି ବୀମିତ ସେହି ଅଧିନିର୍ଣ୍ଣୟେ ର ସ୍ୱୀକୃତି ଲିଖିତ ରୂପେ ସୂଚୀତ ନ କରେ, ବୀମାକର୍ତ୍ତା ଅଧିନିର୍ଣ୍ଣୟ କୁ ଲାଗୁ କରି ନ ପାରନ୍ତି ।

ସ୍ୱତଃ ପରୀକ୍ଷଣ କରନ୍ତୁ 3

ଉପଭୋକ୍ତା ସୁରକ୍ଷା ଅଧିନିୟମ, 1986 ଅନୁସାରେ, କିଏ ଏକ ଉପଭୋକ୍ତାରୂପେ ଶ୍ରେଣୀଭୁକ୍ତ ହୋଇପାରିବ ନାହିଁ ?

I. ଯିଏ ବ୍ୟକ୍ତିଗତ ଉପଯୋଗ ପାଇଁ ଜିନିଷ/ସେବା ଭଡାରେ ନିଏ

II. ଏକ ବ୍ୟକ୍ତି ଯିଏ ପୁନଃବିକ୍ରୟ ଉଦ୍ଦେଶ୍ୟରେ ଜିନିଷଗୁଡିକୁ କିଣେ

III. ଯିଏ ଏକ ପ୍ରତିଫଳ ବଦଳରେ ଜିନିଷ/ସେବା କିଣେ ଓ ସେଗୁଡିକର ଉପଯୋଗ କରେ

IV. ଯିଏ ଏକ ପ୍ରତିଫଳ ବଦଳରେ ଅନ୍ୟ ଜଣକର ସେବାର ଉପଯୋଗ କରେ

ଘ. ବାର୍ତ୍ତା ବିନିମୟ/ସଂପ୍ରେଷଣ ପ୍ରକ୍ରିୟା

ଗ୍ରାହକ ସେବାରେ ସମ୍ପ୍ରେଷଣ କୌଶଳ

ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ସମୂହର ଗୋଟିଏ, ଯାହା କାର୍ଯ୍ୟ ସ୍ଥଳରେ ପ୍ରଭାବଶାଳୀ କାର୍ଯ୍ୟ ସମ୍ପାଦନ ପାଇଁ ଏକ ଅଭିକର୍ତ୍ତା କିମ୍ବା ସେବା କର୍ମଚାରୀ ପାଖରେ ଥିବା ଆବଶ୍ୟକ, ହେଉଛି ମୃଦୁ କୌଶଳ ।

କଠିନ କୌଶଳ – ଯାହା ଏକ ନିର୍ଦ୍ଦିଷ୍ଟ ପ୍ରକାରର କାର୍ଯ୍ୟ କିମ୍ବା କ୍ରିୟା ସମ୍ପାଦନ କରିବାକୁ ଏକ ବ୍ୟକ୍ତିର କ୍ଷମତା ସହିତ ସମ୍ବନ୍ଧ ରଖେ ର ବିପରୀତରେ, ମୃଦୁ କୌଶଳ ଉଭୟ କାର୍ଯ୍ୟରେ ଓ ବାହାରେ ଅନ୍ୟ କର୍ମୀ ଓ ଗ୍ରାହକମାନଙ୍କ ସହିତ ପ୍ରଭାବଶାଳୀ ରୂପେ ବାର୍ତ୍ତାଳାପ କରିବାର ଜଣକର କ୍ଷମତା ସହିତ ସମ୍ବନ୍ଧ ରଖେ । ବାର୍ତ୍ତା ସଂପ୍ରେଷଣ କୌଶଳଗୁଡିକ ଏହି ମୃଦୁ କୌଶଳଗୁଡିକ ମଧ୍ୟରୁ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଅଟନ୍ତି ।

1. ବାର୍ତ୍ତା-ସଂପ୍ରେଷଣ ଏବଂ ଗ୍ରାହକ ସମ୍ବନ୍ଧ

ଗ୍ରାହକ ସେବା ହେଉଛି ସନ୍ତୁଷ୍ଟ ଓ ଅନୁରାଗୀ ଗ୍ରାହକମାନଙ୍କୁ ସୃଷ୍ଟି କରିବାରେ ଏକ ମୁଖ୍ୟ ତତ୍ତ୍ୱ । କିନ୍ତୁ ଏହା ଯଥେଷ୍ଟ ନୁହେଁ । ଗ୍ରାହକମାନେ ମନୁଷ୍ୟ ଅଟନ୍ତି ଯେଉଁମାନଙ୍କ ସହିତ କମ୍ପାନୀ ଏକ ଦୃଢ଼ ସମ୍ବନ୍ଧ ସ୍ଥାପିତ କରିବା ଆବଶ୍ୟକ ।

ଉଭୟ ସେବା ଓ ସମ୍ବନ୍ଧ ଅନୁଭୂତି ହିଁ ପରିଶେଷରେ ଆକାର ଦିଅନ୍ତି କି ଗ୍ରାହକ କମ୍ପାନୀକୁ କେଉଁ ପ୍ରକାରେ ଦେଖିବ ।

ଏକ ସୁସ୍ଥ ସମ୍ବନ୍ଧ ଗଢ଼ିବାରେ କିଏ ସାହାଯ୍ୟ କରେ ?

ଏହାର ହୃତପିଣ୍ଡରେ, ଅବଶ୍ୟ ବିଶ୍ୱାସ/ନିଷ୍ଠା ଥାଏ । ତା' ସହିତ ଅନ୍ୟ ତତ୍ତ୍ୱଗୁଡିକ ମଧ୍ୟ ଅଛନ୍ତି, ଯାହା ସେହି ବିଶ୍ୱାସକୁ ଦୃଢ଼ୀକରଣ ଓ ପ୍ରୋତ୍ସାହିତ କରନ୍ତି । ଆସନ୍ତୁ କେତେକ ତତ୍ତ୍ୱଗୁଡିକୁ ଦୃଷ୍ଟାନ୍ତ ଦ୍ୱାରା ବ୍ୟାଖ୍ୟା କରିବା ।

ଚିତ୍ର 2: ବିଶ୍ୱାସ/ନିଷ୍ଠା ପାଇଁ ତତ୍ତ୍ୱ

i. ପ୍ରତ୍ୟେକ ସମ୍ବନ୍ଧ ଆକର୍ଷଣ ସହିତ ଆରମ୍ଭ ହୁଏ :

ଜଣେ ବ୍ୟକ୍ତି ଆବଶ୍ୟକ କରେ ତାକୁ ଅନ୍ୟମାନେ ପସନ୍ଦ କରନ୍ତୁ ଏବଂ ସେ ଗ୍ରାହକ ସହିତ ସମ୍ବନ୍ଧ ଗଢିବା ପାଇଁ ନିଶ୍ଚିତ ରୂପେ ସକ୍ଷମ ହେବା ଉଚିତ । ଅନେକ ସମୟରେ ଆକର୍ଷଣ, ପ୍ରଥମ ଧାରଣା ଯାହା ଏକ ଗ୍ରାହକକୁ ଏକ ସଂଗଠନ କିମ୍ବା ଏହାର ପ୍ରତିନିଧିଗୁଡିକ ସଂପର୍କରେ ଆସିବାରେ ପ୍ରାପ୍ତ ହୋଇଥାଏ, ର ପରିମାଣ ଅଟେ । ଆକର୍ଷଣ ହେଉଛି ପ୍ରତ୍ୟେକ ହୃଦୟକୁ ଖୋଲିବାର ପ୍ରଥମ ଚାବିକାଠି । ଏହା ବିନା ଏକ ସମ୍ବନ୍ଧ ସମ୍ଭବ ନୁହେଁ । ଏକ ବିକ୍ରେତା ବିଷୟରେ ବିଚାର କରନ୍ତୁ ଯାହାକୁ ଲୋକେ ପସନ୍ଦ କରନ୍ତି ନାହିଁ । ଆପଣ ଭାବୁଛନ୍ତି କି ସେ ବିକ୍ରେତାର ବୃତ୍ତିରେ ବହୁତ ଆଗକୁ ଯିବାରେ ସକ୍ଷମ ହୋଇ ପାରିବ କି ?

ii. ଏକ ସମ୍ବନ୍ଧର ଦ୍ୱିତୀୟ ତତ୍ତ୍ୱ ହେଉଛି ଜଣକର ଉପସ୍ଥିତ –ଆବଶ୍ୟକ ସମୟରେ ସେଇଠି ଉପସ୍ଥିତ ଥିବା :

ସର୍ବୋତ୍ତମ ଉଦାହରଣ ବୋଧହୁଏ ହେଉଛି ବିବାହର । ଯେତେବେଳେ ସ୍ତ୍ରୀ ସ୍ୱାମୀର ଉପସ୍ଥିତି ଆବଶ୍ୟକ କରେ, ସ୍ୱାମୀର ଉପଲବ୍ଧତା ଗୁରୁତ୍ୱପୂର୍ଣ୍ଣ ଅଟେ କି ? ସେହିପରି ଏକ ଗ୍ରାହକ ସମ୍ବନ୍ଧରେ, ଆଲୋଚନାର ବିଷୟ ହେଉଛି ଯେତେବେଳେ ଆବଶ୍ୟକ, କମ୍ପାନୀ କିମ୍ବା ଏହାର ପ୍ରତିନିଧି ହେବେ କି ଏବଂ କେମିତି । ସେ ସଂପୂର୍ଣ୍ଣରୂପେ ଉପସ୍ଥିତ ଥିବେ କି ଓ ଗ୍ରାହକର ଆବଶ୍ୟକତା ବିଷୟରେ ଶୁଣୁଥିବେ କି ?

କେତେକ ଦୃଷ୍ଟାନ୍ତ ଥାଇପାରେ ଯେତେବେଳେ ଜଣେ ସଂପୂର୍ଣ୍ଣରୂପେ ଉପସ୍ଥିତ ନ ଥାଏ ଏବଂ ତା' ଗ୍ରାହକମାନଙ୍କର ସମସ୍ତ ପ୍ରତ୍ୟାଶାକୁ ନ୍ୟାୟ ଦିଏ । ଜଣେ ତଥାପି ଏକ ଦୃଢ ସମ୍ବନ୍ଧ ରଖିପାରେ ଯଦି ସେ ଆଶ୍ୱାସନା ଦେବା ହିସାବରେ, ସମ୍ପୂର୍ଣ୍ଣ ସାମାନୁଭୂତି ଥାଇ ଗ୍ରାହକ ସହିତ କଥାବାର୍ତ୍ତା କରିପାରେ ଏବଂ ଦାୟିତ୍ୱ ବୋଧ ପ୍ରଦର୍ଶନ କରେ ।

ଉପରୋକ୍ତ ବିନ୍ଦୁଗୁଡିକ ମଧ୍ୟରୁ ସମସ୍ତ ଯେପରିକି :

- ✓ ଏକ ଧାରଣା ଯାହା ଜଣେ ସୃଷ୍ଟି କରେ କିମ୍ବା
- ✓ ଯେଉଁ ପ୍ରକାରେ ଜଣେ ଉପସ୍ଥିତ ରହେ ଓ ଶୁଣେ କିମ୍ବା
- ✓ ସନ୍ଦେଶ ଯାହା ଜଣେ ଅନ୍ୟଜଣକୁ ପଠାଏ

ହେଉଛନ୍ତି ସଂପ୍ରେଷଣର ଦିଗସବୁ ଏବଂ ଶୃଙ୍ଖଳା ଓ କୌଶଳ ଆବଶ୍ୟକ କରନ୍ତି । ଏକ ଅର୍ଥରେ ଜଣେ ଯାହା ସଂପ୍ରେଷଣ କରେ, ହେଉଛି ଏକ କାର୍ଯ୍ୟ ଯାହା ଜଣେ କେମିତି ଭାବେ ଓ ଦେଖେ, ର ପରିଣାମ ।

କମ୍ପାନୀମାନେ ଗ୍ରାହକ ସମ୍ବନ୍ଧ ପ୍ରବନ୍ଧନ ଉପରେ ବହୁତ ଜୋର ଦିଅନ୍ତି ଯେହେତୁ ଏକ ଗ୍ରାହକକୁ ରଖିବାର ଖର୍ଚ୍ଚ ଏକ ନୂତନ ଗ୍ରାହକ ପ୍ରସ୍ତୁତ କରିବା ଅପେକ୍ଷା ବହୁତ କମ ଅଟେ । ଗ୍ରାହକ ସମ୍ବନ୍ଧ ଅନେକ ସ୍ପର୍ଶ ବିନ୍ଦୁରେ ଘଟେ ଉ.ସ୍ୱ. ଗ୍ରାହକର ବୀମା ଆବଶ୍ୟକତାଗୁଡିକୁ ବୁଝିବା ସମୟରେ, ଆବରଣଗୁଡିକ ବିଷୟରେ ବ୍ୟାଖ୍ୟା କରିବା ସମୟରେ, ଫର୍ମଗୁଡିକ ହସ୍ତାନ୍ତରିତ କରିବା ସମୟରେ, ତେଣୁ, ଏକ ଅଭିକର୍ତ୍ତା ପାଇଁ ଏହି ବିନ୍ଦୁଗୁଡିକ ମଧ୍ୟରୁ ପ୍ରତ୍ୟେକରେ ସମ୍ବନ୍ଧ ସୁଦୃଢ କରିବା ପାଇଁ ଅନେକ ସୁଯୋଗ ଅଛି ।

2. ବାର୍ତ୍ତା-ସଂପ୍ରେଷଣ ର ପ୍ରକ୍ରିୟା

ବାର୍ତ୍ତା-ସଂପ୍ରେଷଣ କ'ଣ ?

ସମସ୍ତ ସଂପ୍ରେଷଣ ଏକ ପ୍ରେରକ, ଯିଏ ସନ୍ଦେଶକୁ ପଠାଏ, ଓ ସେହି ସନ୍ଦେଶର ଏକ ପ୍ରାପ୍ତକର୍ତ୍ତା ଆବଶ୍ୟକ କରେ । ଏହି ପ୍ରକ୍ରିୟା ସଂପୂର୍ଣ୍ଣ ହୁଏ ଯେତେବେଳେ ପ୍ରାପ୍ତକର୍ତ୍ତା ପ୍ରେରକର ସନ୍ଦେଶକୁ ବୁଝିପାରେ ।

ଚିତ୍ର 3 : ସଂପ୍ରେଷଣ ର ପ୍ରକାର

ସଂପ୍ରେଷଣ ବିଭିନ୍ନ ରୂପରେ ହୋଇପାରେ

- ✓ ମୌଖିକ
- ✓ ଲିଖିତ
- ✓ ଅଣ-ମୌଖିକ
- ✓ ଶରୀର ଭାଷାର ଉପଯୋଗ କରି

ଏହା ସମ୍ମୁଖୀନ ହୋଇ, ଫୋନ ରେ, ମେଲ କିମ୍ବା ଇଣ୍ଟରନେଟ ଦ୍ୱାରା ହୋଇପାରେ । ଏହା ଔପଚାରିକ କିମ୍ବା ଅନୌପଚାରିକ ହୋଇପାରେ । ସନ୍ଦେଶ ର କୌଣସି ବି ବିଷୟବସ୍ତୁ କିମ୍ବା ରୂପ କିମ୍ବା ମିଡିଆ ମାଧ୍ୟମ ବ୍ୟବହୃତ ହେଉ, ସଂପ୍ରେଷଣର ସାର ହେଉଛି ଯାହା ପ୍ରାପ୍ତ କର୍ତ୍ତା ବୁଝିପାରେ ଯେମିତି ସଂପ୍ରେଷିତ ହୋଇଥାଏ ।

ଏକ ବ୍ୟବସାୟ ପାଇଁ ଏହା ଚୟନ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ କି କିପରି ଓ କେତେବେଳେ ଏହା ଉଦ୍ଦିଷ୍ଟ ପ୍ରାପ୍ତକର୍ତ୍ତା ପାଖକୁ ସନ୍ଦେଶ ପଠାଇବ ।

ସଂପ୍ରେଷଣ ପ୍ରକ୍ରିୟା ବିଷୟରେ ନିମ୍ନରେ ସଚିତ୍ର ବ୍ୟାଖ୍ୟା କରାଯାଇଛି ।

ଆସନ୍ତୁ ଚିତ୍ରରେ ପଦଗୁଡିକୁ ପରିଭାଷିତ କରିବା :

ଚିତ୍ର 4: ସଂପ୍ରେଷଣ ପ୍ରକ୍ରିୟା



ପରିଭାଷା

i. ଉତ୍ସ: ସନ୍ଦେଶର ଉତ୍ସ ରୂପେ, ଅଭିକର୍ତ୍ତା ସ୍ପଷ୍ଟ ହେବା ଆବଶ୍ୟକ ଯେ ସେ କାହିଁକି ବାର୍ତ୍ତା ସଂପ୍ରେଷଣ କରୁଛି, ଓ ସେ କ'ଣ ସୂଚୀତ କରିବାକୁ ଚାହେଁ ଏବଂ ନିଃସନ୍ଦେହ ଥିବା ଆବଶ୍ୟକ ଯେ ସେ ସଂପ୍ରେଷିତ କରୁଥିବା ସୂଚନା ଉପଯୋଗୀ ଓ ସଠିକ ଅଟେ ।

ii. ସନ୍ଦେହ ହେଉଛି ସେହି ସୂଚନା ଯାହାକୁ ଜଣେ ବ୍ୟକ୍ତ କରିବା ପାଇଁ ଚାହେଁ ।

iii. ଏନ୍କୋଡିଙ୍ଗ (ସଙ୍କେତୀକରଣ) ହେଉଛି ସୂଚନା ସ୍ଥାନାନ୍ତରଣର ପ୍ରକ୍ରିୟା ଯାହା ଜଣେ ବ୍ୟକ୍ତି ଏକ ସ୍ୱରୂପରେ ବ୍ୟକ୍ତ କରିବାକୁ ଚାହେଁ ଯାହା ପଠାଯାଇ ପାରିବ ଏବଂ ଅନ୍ୟ ପାର୍ଶ୍ୱରେ ଠିକ୍ ରୂପେ ଡିକୋଡିଙ୍ଗ (ସଙ୍କେତାନୁବାଦ) କରାଯାଏ । ସଙ୍କେତୀକରଣର ସଫଳତା ଏହା ଉପରେ ନିର୍ଭର କରେ ଯେ ଜଣେ କେତେ ଭଲଭାବେ ସୂଚନା ପ୍ରଦାନ କରିବା ଓ ଭ୍ରାନ୍ତିର ଆଧାରକୁ ଦୂର କରିବାରେ ସକ୍ଷମ । ଏଥି ପାଇଁ ତା' ଶ୍ରୋତାଗଣ ବିଷୟରେ ଜାଣିବା ଆବଶ୍ୟକ । ଏହା କରିବାରେ ବିଫଳତାର ପରିଣାମ ସନ୍ଦେଶକୁ ପ୍ରଦାନ କରିବା ହେବ ଯାହାକୁ ଭୁଲ ରୂପେ ବୋଧ କରାଯାଇପାରେ ।

iv. ଏକ ସନ୍ଦେଶକୁ ଏକ ଚ୍ୟାନେଲ (ମାଧ୍ୟମ) ଜରିଆରେ ପଠାଯାଏ, ଯାହାକୁ ସେହି ଉଦ୍ଦେଶ୍ୟ ପାଇଁ ଚୟନ କରାଯାଇଥାଏ । ମାଧ୍ୟମ ମୌଖିକ ହୋଇପାରେ ଯେଉଁଥିରେ ବ୍ୟକ୍ତିଗତ ସାମନା-ସାମନି ବୈଠକ, ଟେଲିଫୋନ ଓ କନ୍ଫରେନ୍ସିଙ୍ଗ୍ ଅନ୍ତର୍ଭୁକ୍ତ ହୁଏ, କିମ୍ବା ଲିଖିତ ହୋଇପାରେ ଯେଉଁଥିରେ ପତ୍ର, ଇ-ମେଲ, ମେମୋ, ଓ ରିପୋର୍ଟ ଅନ୍ତର୍ଭୁକ୍ତ ହୁଏ ।

v. ଡିକୋଡିଙ୍ଗ (ସଙ୍କେତାନୁବାଦ) ହେଉଛି ସେହି ଚରଣ ଯେଉଁଠି ସୂଚନା ଏହାର ଲକ୍ଷ୍ୟସ୍ଥଳରେ ପ୍ରାପ୍ତ ହୁଏ, ବ୍ୟାଖ୍ୟା କରାଯାଏ ଓ ଏକ ନିର୍ଦ୍ଦିଷ୍ଟ ପ୍ରକାର ବୋଧ କରାଯାଏ । ଏହା ଦେଖାଯାଏ ଯେ ସଙ୍କେତାନୁବାଦ (କିମ୍ବା ଜଣେ ସନ୍ଦେଶକୁ କିପରି ଗ୍ରହଣ କରେ) ସେତେ ମହତ୍ତ୍ୱପୂର୍ଣ୍ଣ ଅଟେ ଯେତେ ସଙ୍କେତୀକରଣ (ଜଣେ ଏହାକୁ କେମିତି ପ୍ରକାଶ କରେ) ଅଟେ ।

vi. ପ୍ରାପ୍ତକର୍ତ୍ତା: ଅନ୍ତିମରେ ଏକ ପ୍ରାପ୍ତକର୍ତ୍ତା ଥାଏ, ବ୍ୟକ୍ତି କିମ୍ବା ବ୍ୟକ୍ତିମାନେ (ଶ୍ରୋତାଗଣ) ଯାହାକୁ ସନ୍ଦେଶ ପଠାଯାଏ । ଏହି ଶ୍ରୋତାଗଣର ପ୍ରତ୍ୟେକ ସଦସ୍ୟର ନିଜର ଧାରଣା/ମତ, ବିଶ୍ୱାସ ଓ ଭାବନା ଥାଏ ଏବଂ ଏହିସବୁ ପ୍ରଭାବିତ କରେ କିପରି ସନ୍ଦେଶ ପ୍ରାପ୍ତ ହୋଇଛି ଓ ତା' ଉପରେ କାର୍ଯ୍ୟ କରାଯାଇଛି । ପ୍ରେରକକୁ କ'ଣ ସନ୍ଦେଶ ପଠାଇବାକୁ ପଡିବ ଏହା ନିର୍ଣ୍ଣୟ କରିବା ବେଳେ ଏହି ସବୁ କାରକଗୁଡିକୁ ସ୍ପଷ୍ଟତଃ ବିଚାରକୁ ନେବାକୁ ପଡ଼େ ।

vii. ଫିଡବ୍ୟାକ (ପ୍ରତିପୁଷ୍ଟି): ଯେତେବେଳେ ବି ସନ୍ଦେଶକୁ ପଠାଯାଏ ଓ ପ୍ରାପ୍ତ କରାଯାଏ, ପ୍ରାପ୍ତକର୍ତ୍ତାକୁ ମୌଖିକ ଓ ଅଣ-ମୌଖିକ ରୂପେ ପ୍ରେରକକୁ ପ୍ରତିପୁଷ୍ଟି ପଠାଇବା ଉଚିତ । ପ୍ରେରକ ସେଭଳି ପ୍ରତିପୁଷ୍ଟି ପାଇବା ଆବଶ୍ୟକ ଓ ଏସବୁ ପ୍ରତିକ୍ରିୟାକୁ ଧ୍ୟାନର ସହିତ ବୁଝିବା ଆବଶ୍ୟକ ଯେହେତୁ ଏହା ନିର୍ଦ୍ଧାରିତ କରିବାରେ ଏହା ସାହାଯ୍ୟ କରିବ କି ସନ୍ଦେଶଟି କିପରି ପ୍ରାପ୍ତ ହେଲା ଓ ତା ଉପରେ କିପରି କାର୍ଯ୍ୟ କରାଗଲା । ଯଦି ଆବଶ୍ୟକ, ସନ୍ଦେଶ ବଦଳା ଯାଇପାରେ କିମ୍ବା ଅଲଗା ରୂପେ ବ୍ୟକ୍ତ କରାଯାଇପାରେ ।

3. ପ୍ରଭାବଶାଳୀ ସଂପ୍ରେଷଣରେ ପ୍ରତିବନ୍ଧ

ଉପରୋକ୍ତ ପ୍ରକ୍ରିୟାରେ ପ୍ରତ୍ୟେକ ଚରଣରେ ପ୍ରଭାବଶାଳୀ ସଂପ୍ରେଷଣରେ ପ୍ରତିବନ୍ଧ/ବାଧା ଉପୁଜିପାରେ । ସଂପ୍ରେଷଣ ବିକୃତ ହୋଇପାରେ ପ୍ରେରକ ବିଷୟରେ ସୃଷ୍ଟି ହୋଇଥିବା ଧାରଣା କାରଣରୁ, କିମ୍ବା ସନ୍ଦେଶ ଦୁର୍ବଳ ଭାବେ ରୂପାଙ୍କିତ କରାଯାଇଥିବା କାରଣରୁ, କିମ୍ବା ଅତି ବେଶୀ କିମ୍ବା ଅତି କମ ବ୍ୟକ୍ତ କରାଯାଇଥିବା କାରଣରୁ, କିମ୍ବା ପ୍ରାପ୍ତକର୍ତ୍ତା ପ୍ରେରକର ସଂସ୍କୃତିକୁ ବୁଝି ନ ଥିବା କାରଣରୁ । ଚ୍ୟାଲେଞ୍ଜ ହେଉଛି ଏହି ସବୁ ପ୍ରତିବନ୍ଧକୁ ହଟାଇବା ।

ସ୍ୱତଃ ପରୀକ୍ଷଣ କରନ୍ତୁ 4

ଏକ ସୁସ୍ଥ ସମ୍ବନ୍ଧ ସ୍ଥାପନ କରିବାରେ କ'ଣ ସାହାଯ୍ୟ କରେ ନାହିଁ ?

I. ଆକର୍ଷଣ

II. ବିଶ୍ୱାସ

III. ସଂପ୍ରେଷଣ

IV. ସଂଶୟବାଦ/ଅବିଶ୍ୱାସ

ଙ. ଅଣ-ମୌଖିକ ସଂପ୍ରେଷଣ

ଆସନ୍ତୁ ବର୍ତ୍ତମାନ କେତେକ ଅବଧାରଣାଗୁଡିକୁ ଦେଖିବା ଯାହାକୁ ଅଭିକର୍ତ୍ତାକୁ ବୁଝିବା ପାଇଁ ଆବଶ୍ୟକ ।

ମହତ୍ତ୍ୱପୂର୍ଣ୍ଣ

ଏକ ମହାନ ପ୍ରଥମ ଧାରଣା ସୃଷ୍ଟି କରିବା

ଆମେ ପୂର୍ବରୁ ଦେଖିଛୁ ଯେ ଆକର୍ଷଣ ହେଉଛି କୌଣସି ସମ୍ବନ୍ଧର ପ୍ରଥମ ସ୍ତମ୍ଭ । ଆପଣ ଏକ ଗ୍ରାହକ, ଯିଏ ଆପଣଙ୍କୁ ପସନ୍ଦ କରେ ନାହିଁ, ଠାରୁ ବ୍ୟବସାୟ କ୍ୱଚିତ୍ ପାଇ ପାରିବେ । ବାସ୍ତବରେ ଅନେକ ବ୍ୟକ୍ତି ଆପଣଙ୍କ ବିଷୟରେ ନିର୍ଣ୍ଣୟ କରିବା ପାଇଁ କିମ୍ବା ମୂଲ୍ୟାଙ୍କନ କରିବା ପାଇଁ ମାତ୍ର ଏକ ତୁରନ୍ତ ନଜର, କିମ୍ବା କିଛି ସେକେଣ୍ଡ ଆବଶ୍ୟକ କରିପାରନ୍ତି ଯେତେବେଳେ ଆପଣ ପ୍ରଥମ ଥର ସାକ୍ଷାତ କରିବେ । ଆପଣ ବିଷୟରେ ସେମାନଙ୍କ ମତ, ଆପଣଙ୍କ ରୂପ, ଆପଣଙ୍କ ଅଙ୍ଗଭଙ୍ଗୀ , ଆପଣଙ୍କ ଆଚାର/ବ୍ୟବହାର ଏବଂ ଆପଣ କିପରି ପନ୍ଧିଛନ୍ତି ଓ କଥାବାର୍ତ୍ତା କରନ୍ତି । ଏସବୁ ଉପରେ ଆଧାରିତ । ମନେ ରଖନ୍ତୁ ଯେ ପ୍ରଥମ ଧାରଣା ଦୀର୍ଘସ୍ଥାୟୀ ହୁଏ । ଏକ ଉତ୍ତମ ପ୍ରଥମ ଧାରଣା ସୃଷ୍ଟି କରିବା ପାଇଁ କେତେକ ଉପଯୋଗୀ ପରାମର୍ଶ ହେଉଛି:

i. **ସର୍ବଦା ଠିକ୍ ସମୟରେ ରହନ୍ତୁ ।** କିଛି ସମୟ ପୂର୍ବରୁ ପହଞ୍ଚିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ସବୁ ପ୍ରକାରର ସମ୍ଭାବ୍ୟ ବିଳମ୍ବତା ପାଇଁ ସ୍ଥିତି ଅନୁରୂପ କାର୍ଯ୍ୟ କରିବାର ସ୍ୱୀକୃତି ଦେଇ।

ii. ନିଜର ଉପସ୍ଥାପନା ଠିକ୍ ରୂପେ କରନ୍ତୁ । ଆପଣ ପ୍ରତ୍ୟାଶିତ, ଯାହା ସହିତ ଆପଣ ପ୍ରଥମ ଥର ସାକ୍ଷାତ କରୁଛନ୍ତି, ଆପଣଙ୍କୁ ଜାଣେ ନାହିଁ ଏବଂ ଆପଣଙ୍କ ରୂପ ସାଧାରଣତଃ ପ୍ରଥମ ସଙ୍କେତ ଅଟେ ଯାହା ସହିତ ତାକୁ ଆଗକୁ ବଢ଼ିବାକୁ ପଡିବ ।

- ✓ ଆପଣଙ୍କ ରୂପରଙ୍ଗ ସଠିକ୍ ପ୍ରଥମ ଧାରଣା ସୃଷ୍ଟି କରିବାରେ ସାହାଯ୍ୟ କରୁଛି କି ?

✓ ଆପଣଙ୍କ ପିନ୍ଧିଥିବା ପୋଷାକ ବୈଠକ କିମ୍ବା ଅବସର ପାଇଁ ଉପଯୁକ୍ତ କି ?

✓ ଆପଣଙ୍କ ବାହ୍ୟ ରୂପ ରଙ୍ଗ ସଫା ଓ ସୁବ୍ୟବସ୍ଥିତ ଉତ୍ତମ ବାଳକଟା ଓ ଖିଅର, ସଫା ଓ ବ୍ୟବସ୍ଥିତ ପୋଷାକ, ସଫା ଓ ବ୍ୟବସ୍ଥିତ ମେକ୍ ଅପ୍ ସହିତ ?

iii. ଏକ ଉଷ୍ମ, ଆତ୍ମବିଶ୍ୱାସୀ ଓ ବିଜୟୀ ମୁରୁକି ହସ ଆପଣଙ୍କୁ ଓ ଆପଣଙ୍କ ଶ୍ରୋତାଙ୍କୁ ଅତିଶୀଘ୍ର ପରସ୍ପର ସହିତ ସହଜ ସ୍ଥିତିକୁ ଆଣିବ ।

iv. ଖୋଲା, ଆତ୍ମ ବିଶ୍ୱାସୀ ଓ ସକାରାତ୍ମକ ହେବା

✓ ଆପଣଙ୍କ ଅଙ୍ଗ ଭଙ୍ଗୀ ଆତ୍ମ ବିଶ୍ୱାସ ଓ ଆତ୍ମ-ଆଶ୍ୱାସନକୁ ବ୍ୟକ୍ତ କରେ କି ?

✓ ଆପଣ ସିଧା ଛିଡା ହୁଅନ୍ତି କି, ମୁରୁକି ହସ ଦିଅନ୍ତି କି, ନେତ୍ର ସଂପର୍କ କରନ୍ତି କି, ଏକ ଦୃଢ ହସ୍ତମିଳନ ଦ୍ୱାରା ଅଭ୍ୟର୍ଥନା କରନ୍ତି କି ?

✓ କିଛି ସମାଲୋଚନାର ସମ୍ମୁଖୀନ ହେଲେ ବି କିମ୍ବା ପ୍ରତ୍ୟାଶିତ ହିସାବରେ ବୈଠକ ଠିକ୍ ହିସାବରେ ଯାଉ ନ ଥିଲେ ବି ଆପଣ ସକାରାତ୍ମକ ରହନ୍ତି କି ?

v. **ଅନ୍ୟ ବ୍ୟକ୍ତି ଉପରେ ଆଗ୍ରହ –** ସବୁଠୁ ମହତ୍ତ୍ୱପୂର୍ଣ୍ଣ ଜିନିଷ ହେଉଛି ଅନ୍ୟ ବ୍ୟକ୍ତିଠାରେ ବାସ୍ତବିକ ରୂପେ ଆଗ୍ରହ ପ୍ରକାଶ କରିବା ।

✓ ଆପଣ ଏକ ବ୍ୟକ୍ତିରୂପେ ଗ୍ରାହକ ବିଷୟରେ ଜାଣିବା ପାଇଁ କିଛି ସମୟ ନିଅନ୍ତି କି ?

✓ ସେ ଯାହା କହୁଛି, ତାକୁ ଧ୍ୟାନ ଦେଇ ଓ ସାବଧାନ ସହିତ ଶୁଣୁଛନ୍ତି କି ?

✓ ଆପଣ ସଂପୂର୍ଣ୍ଣରୂପେ ଆପଣଙ୍କ ଗ୍ରାହକ ପାଖରେ ଉପସ୍ଥିତ ଓ ଉପଲବ୍ଧ ଅଛନ୍ତି କି କିମ୍ବା ଆପଣଙ୍କ ସାକ୍ଷାତକାରର ଅଧା ସମୟରେ ଆପଣ ମୋବାଇଲ ଫୋନରେ ବ୍ୟସ୍ତ ରହୁଛନ୍ତି ।

1. ଅଙ୍ଗ ଭଙ୍ଗୀର ଭାଷା (ଶାରୀରିକ ଭାଷା)

ଶାରୀରିକ ଭାଷା ଚଳନ, ଅଙ୍ଗଭଙ୍ଗୀ, ମୁଖମଣ୍ଡଳୀୟ ବ୍ୟକ୍ତ ସବୁକୁ ସୂଚୀତ କରେ । ଆପଣ ଯେଉଁ ପ୍ରକାରେ କଥାବାର୍ତ୍ତା କରନ୍ତି, ଚାଲନ୍ତି, ବସନ୍ତି ଓ ଛିଡା ହୁଅନ୍ତି, ସବୁ ଆମ ବିଷୟରେ, ଏବଂ ଆମ ଭିତରେ କ'ଣ ଘଟୁଛି, ତା ବିଷୟରେ କିଛି କିଛି କହନ୍ତି ।

ଅନେକଥର ଏହା କୁହାଯାଏ ଯେ ପ୍ରକୃତରେ ଯେତିକି କୁହାଯାଇଥାଏ, ଲୋକେ ତାହାର କିଛି ପ୍ରତିଶତ କେବଳ ଶୁଣନ୍ତି । ଯାହା ଆମେ ନ କହୁଁ ବହୁତ କିଛି ଓ ବହୁତ ଜୋରରେ କହେ । ସ୍ପଷ୍ଟତଃ, ଜଣେ ବ୍ୟକ୍ତିକୁ ତାହାର ଶାରୀରିକ (ଅଙ୍ଗଭଙ୍ଗୀ) ଭାଷା ବିଷୟରେ ଅତି ସତର୍କ ରହିବା ଆବଶ୍ୟକ ।

କ) ଆତ୍ମବିଶ୍ୱାସ

ଏଇଠି କେତେକ ପରାମର୍ଶ ଦିଆଯାଇଛି କି ଜଣେ କିପରି ଆତ୍ମବିଶ୍ୱାସୀ ଓ ଆତ୍ମ–ପ୍ରତିଶ୍ରୁତ ଦେଖାଯିବ, ଅନ୍ୟକୁ ଏହି ଧାରଣା ସୃଷ୍ଟି କରି କି ତାକୁ ଧ୍ୟାନର ସହିତ ଶୁଣାଯାଉଛି :

✓ ଅଙ୍ଗ-ବିନ୍ୟାସ – କାନ୍ଧଗୁଡିକ ପଛକୁ ରଖି ସିଧା ଛିଡା ହେବା

✓ ଦୃଢ଼ ନେତ୍ର ସଂପର୍କ – ଏକ "ମୁରୁକି ହସ ଦେଉଥିବା" ମୁଖ ସହିତ

- ✓ ଉଦ୍ଦେଶ୍ୟପୂର୍ଣ୍ଣ ଓ ଜାଣି ଶୁଣି ପ୍ରଦର୍ଶନ କରୁଥିବା ଅଙ୍ଗଭଙ୍ଗୀ

କ) ବିଶ୍ୱାସ / ନିଷ୍ଠା

ଅନେକ ସମୟରେ, ଏକ ବିକ୍ରେତାର ଶବ୍ଦଗୁଡିକ ବଧିରର କାନକୁ ଯାଏ କାରଣ ଶ୍ରୋତାଗଣଙ୍କ ତା' ଉପରେ ବିଶ୍ୱାସ ନ ଥାଏ – ତା' ଅଙ୍ଗ ଭଙ୍ଗୀର ଭାଷା ସେ କହୁଥିବା କଥାରେ ନିଷ୍ଠା ଅଛି ବୋଲି ପ୍ରତିଶ୍ରୁତି ଦିଏ ନାହିଁ । କେତେକ ପାରମ୍ପରିକ ସଙ୍କେତ ବିଷୟରେ ଅବଗତ ହେବା ଅତି ମହତ୍ତ୍ୱପୂର୍ଣ୍ଣ ଅଟେ ଯାହା ସୂଚୀତ କରେ ଯେ କେତେବେଳେ ଜଣେ ସଚ୍ଚୋଟ ଓ ବିଶ୍ୱସନୀୟ ନୁହେଁ ଏବଂ ତେଣୁ ସେଗୁଡିକ ବିରୁଦ୍ଧରେ ସଚେତନ ରହିବାକୁ ପଡ଼େ ଯେମିତି କି ନିମ୍ନରେ ସୂଚୀଭୁକ୍ତ କରାଯାଇଛି :

- ✓ ଆଖିଗୁଡିକ ବହୁତ କମ କିମ୍ବା ନାସ୍ତି ଭଳି ସଂପର୍କ କରିବା, କିମ୍ବା ଶୀଘ୍ର ଶୀଘ୍ର ଚକ୍ଷୁ ଚଳନ
- ✓ କହିବା ସମୟରେ ହାତ କିମ୍ବା ଅଙ୍ଗୁଳିଗୁଡିକ ଜଣକର ମୁହଁ ସମ୍ମୁଖରେ ଥିବ
- ✓ ଜଣକର ଶରୀର ଭୌତିକରୂପେ ଅନ୍ୟ ଜଣକଠାରୁ ଅନ୍ୟ ଆଡ଼େ ବୁଲିଥିବ
- ✓ ଜଣକର ଶ୍ୱାସ ପ୍ରଶ୍ୱାସ ବେଗ ବଢ଼ିଯାଏ
- ✓ ଚେହେରାର ରଙ୍ଗ ବଦଳି ଯାଏ; ମୁଖମଣ୍ଡଳ କିମ୍ବା ବେକ ଲାଲ ହୋଇଯାଏ
- ✓ ଝାଳ ବୋହିବା ବଢ଼ିଯାଏ
- ✓ ସ୍ୱର ବଦଳିଯାଏ ଯଥା: ସ୍ୱରର ଗାଢ଼ତା, ଖନାଇବା, ଗଳା ସ୍ୱଷ୍ଟ କରିବା
- ✓ ବଚନ - ସ୍ୱର ଧ୍ୱନି ମଧ୍ୟମରୁ କମରେ ରଖି ଧୀର ଓ ସ୍ୱଷ୍ଟ

କେତେକ ଶାରୀରିକ ଚଳନ, ଯାହା ଆତ୍ମରକ୍ଷାକାରିତା ଓ ଅଣ-ପ୍ରାପ୍ତକାରିତାକୁ ସୂଚୀତ କରେ, ରେ ଅନ୍ତର୍ଭୁକ୍ତ ହୁଏ:

- ✓ ହାତ /ବାହୁର ଭାବଭଙ୍ଗୀ/ସଙ୍କେତଗୁଡିକ କ୍ଷୁଦ୍ର ଓ ଜଣକର ଶରୀରର ନିକଟରେ ଥାଏ
- ✓ ମୁଖମଣ୍ଡଳୀୟ ଭାବଅଭିବ୍ୟକ୍ତି ଅତି କମ ଥାଏ
- ✓ ଶରୀର ଭୌତିକରୂପେ ଆପଣଙ୍କଠାରୁ ଅନ୍ୟ ଆଡକୁ ମୋଡିଯାଏ
- ✓ ବାହୁ ଦୁଇଟି ଶରୀର ସମ୍ମୁଖରେ ଛକ ଆକାରରେ ରଖାଯାଏ
- ✓ ଆଖିଗୁଡିକ ଅଳ୍ପ ସଂପର୍କ ରଖନ୍ତି, କିମ୍ବା ତଳ ଆଡ଼େ ଦେଖନ୍ତି

ଯଦି ଆପଣଙ୍କ ଗ୍ରାହକ ଏଗୁଡିକ ମଧ୍ୟରୁ କୌଣସି ଭଳି ବି ଅଙ୍ଗଭଙ୍ଗୀ ଦେଖାଏ, ବୋଧହୁଏ ସମୟ ଆସିଯାଇଛି ଯେ ଆପଣ ନିଜକୁ ଯାଞ୍ଚ କରନ୍ତୁ ଏବଂ ଗ୍ରାହକର ମନରେ କ'ଣ ଚାଲୁଛି ଜାଣିବା ପାଇଁ ଅଧିକ ଧ୍ୟାନ ଦିଅନ୍ତି ।

2. ଶ୍ରବଣ କୌଶଳ

ଜଣେ ବ୍ୟକ୍ତି ଜାଣିବା ପାଇଁ ଓ ବିକଶିତ କରିବା ପାଇଁ ଆବଶ୍ୟକ ଥିବା ସଂପ୍ରେଷଣ କୌଶଳ ଗୁଡିକର ତୃତୀୟ ସମୂହ ହେଉଛି ଶ୍ରବଣ କୌଶଳ । ଏଗୁଡିକ ବ୍ୟକ୍ତିଗତ ପ୍ରଭାବଶୀଳତାର ଏକ ସୁପରିଚିତ ସିଦ୍ଧାନ୍ତକୁ ଅନୁସରଣ କରନ୍ତି - 'ବୁଝାଯିବା ପୂର୍ବରୁ ପ୍ରଥମେ ବୁଝିବା' ।

କେତେକ ଭଲଭାବେ ଆପଣ ଶୁଣନ୍ତି, ଆପଣଙ୍କ ରୋଜଗାର କାର୍ଯ୍ୟକୁଶଳତା, ଓ ଅନ୍ୟମାନଙ୍କ ସହିତ ଆପଣଙ୍କ ସମ୍ବନ୍ଧର ଗୁଣବତ୍ତା ଉପରେ ଏହାର ବଡ଼ ପ୍ରଭାବ ରହିଛି । ଆସନ୍ତୁ କେତେକ ଶ୍ରବଣ ବିଷୟରେ ପରାମର୍ଶ ବିନ୍ଦୁଗୁଡିକୁ ଦେଖିବା ।

କ) ସକ୍ରିୟ ଶ୍ରବଣ:

ଏଇଠି ଆମେ ନା କେବଳ ସଚେତନତାର ସହିତ ଶବ୍ଦଗୁଡିକ ଶୁଣିବାକୁ ଚେଷ୍ଟା କରୁ, ବରଂ, ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବେ, ଅନ୍ୟ ଜଣକ ଦ୍ୱାରା ପ୍ରେଷିତ ହୋଇଥିବା ପୂରା ସନ୍ଦେଶକୁ ବୁଝିବାକୁ ମଧ୍ୟ ଚେଷ୍ଟା କରୁ ।

ଆସନ୍ତୁ ସକ୍ରିୟ ଶ୍ରବଣର କେତେଗୁଡିଏ ତତ୍ତ୍ୱ ଉପରେ ଦୃଷ୍ଟି ପକାଇବା । ସେଗୁଡିକ ହେଉଛି :-

i. ଧ୍ୟାନ ଦେବା

ଆମେ ବକ୍ତା ଉପରେ ଆମର ଅବିଭାଜିତ ଧ୍ୟାନ ଦେବା, ଏବଂ ସନ୍ଦେଶକୁ ସ୍ୱୀକାର କରିବା ଆବଶ୍ୟକ । ଧ୍ୟାନ ଦିଅନ୍ତୁ, ଅଣ-ମୌଖିକ ସଂପ୍ରେଷଣ ମଧ୍ୟ "ଉଚ୍ଚ ସ୍ୱରରେ" କୁହେ । ଧ୍ୟାନ ଦେବାର କେତେକ ଦିଗଗୁଡିକ ନିମ୍ନ ପ୍ରକାରେ ଅଟନ୍ତି ।

- ✓ ବକ୍ତା ଆଡ଼େ ସିଧା ସଳଖ ଦେଖନ୍ତୁ
- ✓ ଧ୍ୟାନ ହଟାଉଥିବା ଚିନ୍ତାଧାରାଗୁଡିକୁ ଅନ୍ୟ ଆଡେ ରଖନ୍ତୁ
- ✓ ମାନସିକ ରୂପେ ଏକ ଖଣ୍ଡନ ପ୍ରସ୍ତୁତ କରନ୍ତୁ ନାହିଁ
- ✓ ସମସ୍ତ ବାହ୍ୟ ବିକର୍ଷଣକୁ ପରିବର୍ତ୍ତନ କରନ୍ତୁ (ଉଦାହରଣ ସ୍ୱରୂପ, ଆପଣଙ୍କ ମୋବାଇଲକୁ ନିଃଶବ୍ଦ ରୂପରେ ରଖନ୍ତୁ)
- ✓ ବକ୍ତାଙ୍କ ଶାରୀରିକ ଅଙ୍ଗଭଙ୍ଗୀକୁ "ଧ୍ୟାନ ଦେଇ ଶୁଣନ୍ତୁ"

ii. ଆପଣ ଶୁଣୁଛନ୍ତି ବୋଲି ପ୍ରଦର୍ଶିତ କରିବା:

ଏଇଠି ଶାରୀରିକ ଭାଷା (ଅଙ୍ଗଭଙ୍ଗୀ)ର ଉପଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି:

- ✓ ବେଳେବେଳେ ମୁଣ୍ଡ ଟୁଙ୍ଗାରି ପାରେ ଓ ମୁରୁକି ହସ ଦେଇ ପାରେ
- ✓ ଏକ ଖୋଲା ମୁଦ୍ରା ଗ୍ରହଣ କରିପାରେ ଯାହା ଅନ୍ୟକୁ ଖୋଲାଖୋଲି ବ୍ୟକ୍ତ କରିବା ପାଇଁ ପ୍ରୋତ୍ସାହିତ କରେ
- ✓ କ୍ଷୁଦ୍ର ମୌଖିକ ଟିପ୍ପଣୀ ଯଥା 'ହୁଁ' ଏବଂ 'ଉଁ ହୁଁ' ଦେଇପାରେ ।

iii. ଫିଡବ୍ୟାକ (ପ୍ରତିପୁଷ୍ଟି) ପ୍ରଦାନ କରିବା:

ଆମେ ଯାହା ଶୁଣୁଁ, ତା ମଧ୍ୟରୁ ଅଧିକାଂଶ ଆମର ବ୍ୟକ୍ତିଗତ ଫିଲଟର, ଯଥା: ଆମେ ଧାରଣ କରିଥିବା ପୂର୍ବାନୁମାନ, ନିର୍ଣ୍ଣୟ, ଓ ବିଶ୍ୱାସ ଦ୍ୱାରା ବିକୃତ ହୋଇଯାଏ । ଏକ ଶ୍ରୋତା ହିସାବରେ ଆମେ ଏହି ଫିଲଟରଗୁଡିକ ବିଷୟରେ ଅବଗତ ହେବା ଆବଶ୍ୟକ ଏବଂ ଯାହା ପ୍ରକୃତରେ କୁହାଯାଇଥାଏ, ତାହାକୁ ବୁଝିବା ପାଇଁ ଚେଷ୍ଟା କରିବା ଉଚିତ୍ ।

- ✓ ଏଥିପାଇଁ ଆପଣଙ୍କୁ ସନ୍ଦେଶ ଉପରେ ପୁନଃଚିନ୍ତନ କରିବା ଆବଶ୍ୟକ ହୋଇପାରେ ଏବଂ ଯାହା କୁହାଯାଇଥିବ, ସେ ବିଷୟରେ ସ୍ପଷ୍ଟ ହେବା ପାଇଁ ପ୍ରଶ୍ନ ପଚାରିବାକୁ ପଡିପାରେ ।
- ✓ ପ୍ରତିପୁଷ୍ଟି ପ୍ରଦାନ କରିବାର ଅନ୍ୟଏକ ମହତ୍ତ୍ୱପୂର୍ଣ୍ଣ ଉପାୟ ହେଉଛି ବକ୍ତାର ବକ୍ତବ୍ୟକୁ/ଶବ୍ଦଗୁଡ଼ିକୁ ସରଳ ରୂପେ ବ୍ୟାଖ୍ୟା କରିବା
- ✓ ତଥାପି ଏକ ତୃତୀୟ ଉପାୟ ହେଉଛି ସମୟ ସମୟରେ ବକ୍ତାକୁ ଅଟକାଇବା ଓ ସେ ଯାହା କହିଛି, ତାର ସାରାଂଶ କରିବା ଏବଂ ତାକୁ ପୁଣି ଓଲଟାଇ କହିବା ।

ଉଦାହରଣ

ସ୍ପଷ୍ଟତା ପାଇଁ ପଚାରିବା – ମୁଁ ଯାହା ଶୁଣିଛି, ତା' ଠାରୁ ମୁଁ ଯାହାମନେ କରୁଛି ଠିକ୍ ତ, କି ଆମର କେତେକ ସ୍ୱାସ୍ଥ୍ୟ ଯୋଜନାର ଲାଭଗୁଡ଼ିକ ସମ୍ବନ୍ଧରେ ଆପଣଙ୍କ ସମସ୍ୟା ଅଛି, ଆପଣ ଅଧିକ ନିର୍ଦ୍ଦିଷ୍ଟ ହୋଇପାରନ୍ତେ କି ?

ବକ୍ତାଙ୍କ ଅସଲି ଶବ୍ଦଗୁଡ଼ିକୁ ଅନ୍ୟ ଶବ୍ଦରେ କହିବା - ମାନେ ଆପଣ କହୁଛନ୍ତି କି 'ଆମର ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକ ସେତେ ଲାଭ ପ୍ରଦାନ କରୁନାହିଁ ଯାହା ଅତି ଆକର୍ଷଣୀୟ' - ମୁଁ ଆପଣଙ୍କୁ ଠିକ୍ ରୂପେ ବୁଝିଛି ତ ?

iv. ଆଲୋଚନାତ୍ମକ ନ ହେବା :

ସକ୍ରିୟ ଶ୍ରବଣର ସର୍ବବୃହତ୍ ପ୍ରତିବନ୍ଧ ହେଉଛି ବକ୍ତା ସମ୍ବନ୍ଧରେ ଆମେ ଆଲୋଚନାତ୍ମକ ଓ ପକ୍ଷପାତି ହେବାର ପ୍ରବୃତ୍ତି । ପରିଣାମ ହୁଏ ଯେ ଶ୍ରୋତା ଶୁଣି ପାରେ ଯାହା ବକ୍ତା କହେ କିନ୍ତୁ ତା' ନିଜ ପକ୍ଷପାତି ଅର୍ଥବ୍ୟାଖ୍ୟା ଅନୁସାରେ ଧ୍ୟାନ ଦେଇ ତାହା ଶୁଣେ କି ବକ୍ତା କ'ଣ କହୁଥାଇପାରେ ।

ସେଭଳି ଆଲୋଚନାତ୍ମକ ଦୃଷ୍ଟିକୋଣର ପରିଣାମ ଶ୍ରୋତା ବକ୍ତାକୁ ବକ୍ତବ୍ୟ ଚାଲୁ ରଖିବାରେ ଅନିଚ୍ଛୁକ ହେବ ଏହାକୁ ସମୟ ନଷ୍ଟ ବୋଲି ବିଚାର କରି । ଏହାର ପରିଣାମ ବକ୍ତାର ବକ୍ତବ୍ୟରେ ବ୍ୟାଘାତ ଆଣିବା ଓ ସେ ସଂଦେଶକୁ ସଂପୂର୍ଣ୍ଣରୂପେ ସଂପ୍ରେଷିତ କରିଥିବା ପୂର୍ବରୁ ତାକୁ ବିପରୀତ ତର୍କ ଦ୍ୱାରା ଖଣ୍ଡନ କରିବା ମଧ୍ୟ ହୋଇପାରେ ।

ଏହା ବକ୍ତାକୁ କେବଳ ନିରାଶ କରିବ ଏବଂ ସଂନ୍ଦେଶକୁ ସଂପୂର୍ଣ୍ଣରୂପେ ବୁଝିବାରେ ସୀମା ଟାଣିଦେବ । ସକ୍ରିୟ ଶ୍ରବଣ ଆବଶ୍ୟକ କରେ :

- ✓ ବକ୍ତାକୁ ପ୍ରଶ୍ନ ପଚାରିବା ପୂର୍ବରୁ ପ୍ରତ୍ୟେକ ବିନ୍ଦୁକୁ ପୂରା କରିବାକୁ ଅନୁମତି ଦେବା
- ✓ କୌଣସି ବିପରୀତ ତର୍କ ଦ୍ୱାରା ବକ୍ତାର ବକ୍ତବ୍ୟରେ ବାଧା ନ ଦେବା

v. ଯଥାର୍ଥ ରୂପେ ଉତ୍ତର ଦେବା/ପ୍ରତିକ୍ରିୟା ଦେଖାଇବା

ସକ୍ରିୟ ଶ୍ରବଣ ଯାହା ବକ୍ତା କହେ, ତାହାକୁ ମାତ୍ର ଶୁଣିବାଠାରୁ ଅନ୍ୟ ବହୁତ ସୂଚୀତ କରେ । ସଂପ୍ରେଷଣ ସଂପୂର୍ଣ୍ଣ ହୋଇପାରେ କେବଳ ସେତେବେଳେ ଯେତେବେଳେ ଶ୍ରୋତା କୌଣସି ରୂପେ ବି ହେଉ, କହିବା ଦ୍ୱାରା କିମ୍ବା ଭାବ ଦ୍ୱାରା ପ୍ରତିକ୍ରିୟା ପ୍ରଦର୍ଶନ କରେ । କେତେକ ନିୟମର ପାଳନ କରିବା ଆବଶ୍ୟକ ଏହା ସୁନିଶ୍ଚିତ କରିବା ପାଇଁ ଯେ ବକ୍ତାକୁ ନୀଚ ଦୃଷ୍ଟିରେ ଦେଖା ଯାଉ ନାହିଁ ବରଂ ସମ୍ମାନ ଓ ମର୍ଯ୍ୟାଦା ସହିତ ବ୍ୟବହାର କରାଯାଉଛି । ଏଗୁଡ଼ିକରେ ସମ୍ମିଳିତ ହୁଅନ୍ତି :

- ✓ ଆପଣଙ୍କ ପ୍ରତିକ୍ରିୟାରେ ନିଷ୍କପଟ/ସୁସ୍ପଷ୍ଟ, ଖୋଲାଖୋଲି, ଓ ସଚ୍ଚୋଟ ହେବା

- ✓ ଜଣକର ମତଗୁଡ଼ିକୁ ସମ୍ମାନଜନକ ରୂପେ ଦୃଢ଼ତା ପୂର୍ବକ କହିବା
- ✓ ଅନ୍ୟଜଣେ ବ୍ୟକ୍ତିକୁ ସେହି ପ୍ରକାରେ ବ୍ୟବହାର ଦେବା ଯେଉଁ ପ୍ରକାରେ ଆପଣ ନିଜେ ବ୍ୟବହାର ପାଇବାକୁ ଚାହାନ୍ତି

vi. ସମାନୁଭୂତିକ ଶ୍ରବଣ:

ସମାନୁଭୂତିକ ହେବାର ବସ୍ତୁତଃ ଅର୍ଥ ହେଉଛି ନିଜକୁ ଅନ୍ୟ ବ୍ୟକ୍ତିର ସ୍ଥିତିରେ ରଖିବା ଏବଂ ଅନ୍ୟ ବ୍ୟକ୍ତିର ଭାବନା ନିଜେ ଅନୁଭବ କରିବା ଯେମିତି ସେହି ବ୍ୟକ୍ତି ଅନୁଭବ କରିଥାନ୍ତା ।

ସମାନୁଭୂତି ରୂପେ ଶ୍ରବଣ କରିବା ସମସ୍ତ ଉତ୍ତମ ଗ୍ରାହକ ସେବାର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଏହା ବିଶେଷରୂପେ ସୂକ୍ଷ୍ମ /ସଂକଟପୂର୍ଣ୍ଣ ହୋଇଯାଏ ଯେତେବେଳେ ଅନ୍ୟ ବ୍ୟକ୍ତି ଅଭିଯୋଗ ଥିବା ଓ ବହୁତ କଷ୍ଟରେ ଥିବା ଏକ ଗ୍ରାହକ ହୁଏ ।

ସମାନୁଭୂତି ଧୈର୍ଯ୍ୟ ସହିତ, ଓ ସଂପୂର୍ଣ୍ଣ ଧ୍ୟାନ ସହିତ ଶୁଣିବା ଯାହା ଅନ୍ୟ ବ୍ୟକ୍ତିର କହିବାକୁ ଥିବ, ଯଦିଓ ଆପଣ ତା' ସହିତ ସମ୍ମତ ନୁହନ୍ତି । ଶ୍ରୋତା ସ୍ୱୀକୃତିକୁ ପ୍ରଦର୍ଶିତ କରିବା ମହତ୍ତ୍ୱପୂର୍ଣ୍ଣ ଅଟେ, ଆବଶ୍ୟକୀୟ ରୂପେ ସମ୍ମତି ନୁହେଁ । କେବଳ ମୁଣ୍ଡ ହଲାଇ କିମ୍ବା "(ମୁଁ) ବୁଝିଛି" କିମ୍ବା "(ମୁଁ) ଦେଖୁଛି" ଭଳି ଶବ୍ଦଗୁଚ୍ଛଗୁଡ଼ିକ ବ୍ୟବହାର କରି କରି ଜଣେ ତାହା କରିପାରେ ।

ସ୍ୱତଃ ପରୀକ୍ଷଣ କରନ୍ତୁ 5

ନିମ୍ନ ମଧ୍ୟରୁ କେଉଁଟା ସକ୍ରିୟ ଶ୍ରବଣର ଏକ ତତ୍ତ୍ୱ ନୁହେଁ ?

I. ଉତ୍ତମ ଧ୍ୟାନ ଦେବା

II. ଅତ୍ୟନ୍ତ ଆଲୋଚନାତ୍ମକ ହେବା

III. ସମାନୁଭୂତିକ ଶ୍ରବଣ

IV. ଠିକ୍ ରୂପେ ପ୍ରତିକ୍ରିୟା ଦେଖାଇବା

ଚ. ନୈତିକ ଆଚାର

1. ବିହଙ୍ଗାବଲୋକନ

ବର୍ତ୍ତମାନ ସମୟରେ ବ୍ୟବସାୟରେ ମାଲିକାନା ସମ୍ବନ୍ଧୀୟ ଗମ୍ଭୀର ଚିନ୍ତା ବ୍ୟକ୍ତ କରାଯାଉଛି, କାରଣ ଅନୁଚିତ ବ୍ୟବହାର ସମ୍ବନ୍ଧୀୟ ରିପୋର୍ଟଗୁଡ଼ିକ ବଢ଼ିବାରେ ଲାଗିଛି । ବିଶ୍ୱର କେତେକ ବୃହତ୍ତମ କମ୍ପାନୀମାନେ ମିଥ୍ୟା ଆକାଉଣ୍ଟ ଓ ଅସାଧୁ ଲେଖା (ଅଡିଟ) ପ୍ରମାଣପତ୍ର ସାହାଯ୍ୟରେ ଠକିଥିବାର ମିଳିଛି । କେତେକ ବନ୍ଧୁମାନଙ୍କ ଲୋଭକୁ ରକ୍ଷା କରିବା ପାଇଁ ସେମାନଙ୍କ ପ୍ରବନ୍ଧମାନଙ୍କ ଦ୍ୱାରା ବ୍ୟାଙ୍କଗୁଡ଼ିକର ଫଣ୍ଡସବୁର ଦୁରୁପଯୋଗ କରାଯାଇଛି । କର୍ମକର୍ତ୍ତାମାନେ ବ୍ୟକ୍ତିଗତ ଲାଭକୁ ପ୍ରୋତ୍ସାହନ ଦେବାପାଇଁ ସେମାନଙ୍କ ଅଧିକାରର ଉପଯୋଗ କରିଛନ୍ତି । ବର୍ଦ୍ଧିତ ରୂପେ, ସେହି ଲୋକମାନେ ଯେଉଁମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପାଦନ ପାଇଁ ଜନ ସମୁଦାୟ ବିଶ୍ୱାସ କରନ୍ତି, ବିଶ୍ୱାସକୁ ପ୍ରତାରିତ କରିଥିବା ଦେଖାଯାଇଛି । ବ୍ୟକ୍ତିଗତ ଶକ୍ତି ବର୍ଦ୍ଧନ ଓ ଲୋଭ ପ୍ରଚଳିତ ଅଛି ।

ପରିଣାମ ସ୍ୱରୂପ, ଦାୟିତ୍ୱ ଓ କର୍ପୋରେଟ ଶାସନ ପ୍ରଣାଳୀ ବିଷୟରେ ଆଲୋଚନା ବଢ଼ି ଚାଲିଛି, ଯେଉଁଗୁଡ଼ିକୁ ଏକତ୍ର ରୂପେ ବ୍ୟବସାୟରେ "ନୈତିକତା" କୁହାଯାଇପାରେ । 'ସୂଚନାର ଅଧିକାର ନିୟମ' ଭଳି ଅଧିନିୟମଗୁଡ଼ିକ ଓ 'ଜନ ସ୍ୱାର୍ଥ

ଅଭିଯୋଗ' ଭଳି ବିକାଶସବୁ ଉତ୍ତମ ଦାୟିତ୍ୱ ଓ ଶାସନ ପ୍ରଣାଳୀ ହାସଲ କରିବା ପାଇଁ ମାଧ୍ୟମ ରୂପେ ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ ଅଟନ୍ତି ।

ନୈତିକ ଆଚାରର ପରିଣାମ ସ୍ୱତଃ ଉତ୍ତମ ଶାସନ ପ୍ରଣାଳୀ ହୋଇଥାଏ । ଯେତେବେଳେ ଜଣେ ବ୍ୟକ୍ତି ତାର କର୍ତ୍ତବ୍ୟ ବିବେକଶୀଳ ଓ ନିଷ୍ଠାପୂର୍ବକ କରେ, ଏହାକୁ ଉତ୍ତମ ଶାସନ ପ୍ରଣାଳୀ କୁହାଯାଏ । ଅନୈତିକ ଆଚାର ଅନ୍ୟମାନଙ୍କ ପାଇଁ କମ ସହାନୁଭୂତି ପ୍ରଦର୍ଶିତ କରେ ଓ ନିଜ ପାଇଁ ଅଧିକ ସ୍ୱାର୍ଥ । ଯେତେବେଳେ ଜଣେ ନିଜର ସରକାରୀ ପଦବୀ ମାଧ୍ୟମରେ ନିଜ-ସ୍ୱାର୍ଥ ସାଧନ କରିବା ପାଇଁ ପ୍ରୟାସ କରେ, ଏହାକୁ ଅନୈତିକ ଆଚାର କୁହାଯାଏ । ନିଜର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବାରେ କିଛି ଦୋଷ ନାହିଁ । କିନ୍ତୁ ଅନ୍ୟମାନଙ୍କ ସ୍ୱାର୍ଥର ମୂଲ୍ୟ ବଦଳରେ ଏହା କରିବା ଅନ୍ୟାୟ ଅଟେ ।

ବୀମା ବିଶ୍ୱସନୀୟତାର ବ୍ୟବସାୟ ଅଟେ । ବୀମାର ଏହି ବ୍ୟବସାୟରେ ମାଲିକାନା ଓ ନୈତିକତାର ବିଷୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ବିଶ୍ୱାସର ଉଲଘଂନ ଠକାମିକୁ ବୃଦ୍ଧି କରେ ଯାହା ଭୁଲ ଅଟେ । ସବୁକିଛି ଭୁଲ ହୁଏ ଯେତେବେଳେ ପ୍ରତ୍ୟାଶିତମାନଙ୍କୁ ବୀମା କ୍ରୟ କରିବାକୁ ପ୍ରଲୋଭନ ଦେଖାଇ ସେମାନଙ୍କୁ ଭୁଲ ସୂଚନା ଦିଆଯାଏ କିମ୍ବା ପ୍ରସ୍ତାବିତ ବୀମାର ଯୋଜନା ପ୍ରତ୍ୟାଶିତର ସମସ୍ତ ଆବଶ୍ୟକତାକୁ ପୂରଣ କରେ ନାହିଁ ।

ଅନୈତିକ ଆଚାର ଘଟେ ଯେତେବେଳେ ନିଜର ସ୍ୱାର୍ଥ ଲାଭକୁ ଅନ୍ୟର ସ୍ୱାର୍ଥ ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ । ବିଭିନ୍ନ ବିନିୟାମକରେ ଆଇ.ଆଇ. ଡି.ଏ ଦ୍ୱାରା ଉଲ୍ଲିଖିତ ନୈତିକ ସଂହିତା (ଅଧ୍ୟାୟ 4 ରେ ଆଲୋଚିତ ହୋଇଥିବା) ନୈତିକ ଆଚାର ଆଡ଼େ ନିର୍ଦ୍ଦେଶିତ ହୁଏ ।

ଯେତେବେଳେ ଆଚାର ସଂହିତାର ପ୍ରତ୍ୟେକ ଧାରାକୁ ଜାଣିବା ଏହା ସୁନିଶ୍ଚିତ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ ଯେ ସଂହିତାର ଉଲଘଂନ ନ ହେଉ । ଅନୁପାଳନ ସ୍ୱତଃ ହୁଅନ୍ତା ଯଦି ବୀମାକର୍ତ୍ତା ଓ ତାଙ୍କର ପ୍ରତିନିଧିମାନେ ସର୍ବଦା ପ୍ରତ୍ୟାଶିତର ସ୍ୱାର୍ଥକୁ ଧ୍ୟାନରେ ରଖନ୍ତେ । ଜିନିଷସବୁ ଅନୈତିକ ହୁଏ ଯେତେବେଳେ ବୀମାକର୍ତ୍ତାମାନଙ୍କ ଅଧିକାରୀମାନେ ପ୍ରତ୍ୟାଶିତର ଲାଭ ଅପେକ୍ଷା ବ୍ୟବସାୟର ଲକ୍ଷ୍ୟ ଉପରେ ଅଧିକ ଧ୍ୟାନ ଦିଅନ୍ତି ।

2. ବିଶେଷତା

ନୈତିକ ଆଚରଣର କେତେକ ବିଶେଷତା ହେଉଛି:

- କ) ଗ୍ରାହକର ସର୍ବୋତ୍ତମ ସ୍ୱାର୍ଥ/ହିତକୁ ଜଣକର ନିଜ ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ଲାଭଗୁଡିକର ଉପରେ ସ୍ଥାନ ଦେବା
- ଖ) ଗ୍ରାହକର ବିଷୟ ସମ୍ବନ୍ଧୀୟ ସମସ୍ତ ବ୍ୟବସାୟିକ ଓ ବ୍ୟକ୍ତିଗତ ସୂଚନାକୁ ଅତ୍ୟନ୍ତ ଗୋପନୀୟତା ସହିତ ରଖିବା ଓ ଗୌରବାନ୍ୱିତ ମନେ କରିବା
- ଗ) ସୂଚନା ପ୍ରାପ୍ତ ନିର୍ଣ୍ଣୟଗୁଡିକୁ ନେବାରେ ଗ୍ରାହକମାନଙ୍କୁ ସକ୍ଷମ କରିବା ପାଇଁ ସମସ୍ତ ତଥ୍ୟର ସଂପୂର୍ଣ୍ଣ ଓ ଆବଶ୍ୟକୀୟ ପ୍ରକଟୀକରଣ କରିବା

ନିମ୍ନ ପରିସ୍ଥିତିସବୁରେ ନୈତିକତା ସହିତ ମଧ୍ୟମାର୍ଗ ଚୟନ କରିବାର ସମ୍ଭାବ୍ୟତା ରହି ପାରେ:

- କ) ଗୋଟିଏ ଯୋଜନା ଅନ୍ୟ ଅପେକ୍ଷା ବହୁତ କମ ପ୍ରିମିୟମ କିମ୍ବା କମିଶନ ଦେଉଥିବା ଦୁଇ ଯୋଜନା ମଧ୍ୟରୁ ଗୋଟିଏ କୁ ଚୟନ କରିବା
- ଖ) ଏକ ଚାଲୁ ରହିଥିବା ପଲିସୀକୁ ବିଚ୍ଛିନ୍ନ କରି ଏକ ନୂତନ ପଲିସୀ ନେବାପାଇଁ ପ୍ରଲୋଭନ ଦେଖାଇବା

ଗ) ସେହି ପରିସ୍ଥିତିଗୁଡିକ ବିଷୟରେ ଅବଗତ ହେବା ଯାହା, ଯଦି ବୀମାକର୍ତ୍ତାଙ୍କୁ ଜଣାପଡେ, ଗ୍ରାହକ କିମ୍ବା ଦାବୀର ଲାଭଗ୍ରାହୀର ହିତ ଉପରେ ବିପରୀତ ରୂପେ ପ୍ରଭାବ ପକାଇପାରେ

ସ୍ୱତଃ ପରୀକ୍ଷଣ କରନ୍ତୁ 6

ନିମ୍ନ ମଧ୍ୟରୁ କେଉଁଟା ନୈତିକ ଆଚାରର ଏକ ବିଶେଷତା ନୁହେଁ ?

I ସୂଚନାପ୍ରାପ୍ତ ନିର୍ଣ୍ଣୟଗୁଡିକୁ ନେବାରେ ଗ୍ରାହକମାନଙ୍କୁ ସକ୍ଷମ କରିବା ପାଇଁ ଆବଶ୍ୟକୀୟ ପ୍ରକଟୀକରଣ କରିବା

II. ଗ୍ରାହକର ବ୍ୟବସାୟ ଓ ବ୍ୟକ୍ତିଗତ ସୂଚନାର ଗୋପନୀୟତା ରକ୍ଷା କରିବା

III. ଆତ୍ମ-ସ୍ୱାର୍ଥକୁ ଗ୍ରାହକର ସ୍ୱାର୍ଥର ଆଗରେ ସ୍ଥାନ ଦେବା

IV. ଗ୍ରାହକର ସ୍ୱାର୍ଥକୁ ଆତ୍ମ-ସ୍ୱାର୍ଥର ଆଗରେ ସ୍ଥାନ ଦେବା

ସାରାଂଶ

କ) ଗ୍ରାହକ ସେବା ଓ ସମ୍ବନ୍ଧର ଭୂମିକା ଅନ୍ୟ ଉତ୍ପାଦ ଅପେକ୍ଷା ବୀମା ପରିପ୍ରେକ୍ଷୀରେ ଅତି ବେଶୀ-ସୂକ୍ଷ୍ମ ଅଟେ ।

ଖ) ସେବା ଗୁଣବତ୍ତାର ପାଞ୍ଚ ମହତ୍ତ୍ୱପୂର୍ଣ୍ଣ ସୂଚକର ସମ୍ମିଳିତ ହୁଅନ୍ତି ବିଶ୍ୱସନୀୟତା, ଆଶ୍ୱାସନା (ପ୍ରତିଶ୍ରୁତି), ପ୍ରତିକ୍ରିୟାଶୀଳତା, ସମାନୁଭୂତି ଏବଂ ସ୍ୱର୍ଶଗମ୍ୟ (ଭୌତିକ)

ଗ) ଗ୍ରାହକ ଜୀବନକାଳ ମୂଲ୍ୟକୁ ସେହି ଆର୍ଥିକ ଲାଭସବୁର ସମଷ୍ଟି ରୂପେ ପରିଭାଷିତ କରାଯାଇପାରେ ଯାହା ଏକ ଗ୍ରାହକ ସହିତ ଏକ ଦୀର୍ଘ ସମୟାବଧି ମଧ୍ୟ ଏକ ସୁସ୍ଥ/ଉତ୍ତମ ସମ୍ବନ୍ଧ ସ୍ଥାପନ କରିବାରେ ପ୍ରାପ୍ତ ହୋଇପାରେ ।

ଘ) ଗ୍ରାହକ ସେବା କ୍ଷେତ୍ରରେ ଏକ ବୀମା ଅଭିକର୍ତ୍ତାର ଭୂମିକା ଅତ୍ୟନ୍ତ ସୂକ୍ଷ୍ମ ଅଟେ ।

ଙ) ଆଇ.ଆର.ଡି.ଏ. ଏକ ସଙ୍କଳିତ ଅଭିଯୋଗ ପ୍ରବନ୍ଧନ ପ୍ରଣାଳୀ (ଆଇ.ଜି.ଏମ୍. ଏସ୍) ର ଆରମ୍ଭ କରିଛନ୍ତି ଯାହାର ବୀମା ଅଭିଯୋଗ ତଥ୍ୟର ଏକ କେନ୍ଦ୍ରୀୟ ଭଣ୍ଡାର ଏବଂ ଉଦ୍ୟୋଗରେ ଅଭିଯୋଗ ନିବାରଣକୁ ନିରୀକ୍ଷଣ କରିବା ପାଇଁ ଏକ ଉପକରଣ ରୂପେ କାର୍ଯ୍ୟ କରେ ।

ଚ) ଲୋକପାଳ, ବୀମିତ ଓ ବୀମାକର୍ତ୍ତାଙ୍କ ପରସ୍ପର ସମ୍ମତିରେ, ପ୍ରସଙ୍ଗର ସର୍ତ୍ତ ମଧ୍ୟରେ ଏକ ମଧ୍ୟସ୍ଥ ଓ ପରାମର୍ଶଦାତା ରୂପେ କାର୍ଯ୍ୟ କରିପାରେ ।

ଛ) ସକ୍ରିୟ ଶ୍ରବଣ ଧ୍ୟାନ ଦେବା, ପ୍ରତିପୁଷ୍ଟି ପ୍ରଦାନ କରିବା ଏବଂ ଯଥାର୍ଥ ରୂପେ ପ୍ରତିକ୍ରିୟା ଦେଖାଇବା ଅନ୍ତର୍ଭୁକ୍ତ କରେ ।

ଜ) ନୈତିକ ଆଚାର ନିଜ ସ୍ୱାର୍ଥ ଅପେକ୍ଷା ଗ୍ରାହକର ସ୍ୱାର୍ଥକୁ ସ୍ଥାନ ଦେବା ସହିତ ସଂପୃକ୍ତ ଅଟେ ।

ମୂଖ୍ୟ ପଦାବଳୀ

କ) ସେବାର ଗୁଣବତ୍ତା

ଖ) ସମାନୁଭୂତି

ଗ) ସଙ୍କଳିତ ଅଭିଯୋଗ ପ୍ରବନ୍ଧନ ପ୍ରଣାଳୀ (ଆଇ.ଜି.ଏମ୍.ଏସ୍.)

ଘ) ଗ୍ରାହକ ସୁରକ୍ଷା ଅଧିନିୟମ, 1986

ଙ) ଜିଲ୍ଲା ଉପଭୋକ୍ତା ନ୍ୟାୟାଧିକରଣ

ଚ) ବୀମା ଲୋକପାଳ/ବୀମା ପ୍ରଶାସନିକ ଅଭିଯୋଗ ଯାଞ୍ଚ ଅଧିକାରୀ

ଛ) ଶାରୀରିକ ଭାଷା/ଅଙ୍ଗଭଙ୍ଗୀ

ଜ) ସକ୍ରିୟ ଶ୍ରବଣ

୯)	ନୈତିକ ଆଚାର

ସ୍ୱତଃ ପରୀକ୍ଷଣ କରନ୍ତୁ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି III ।

ଗ୍ରାହକ ଜୀବନ କାଳ ମୂଲ୍ୟର ଅର୍ଥ ହେଉଛି ଆର୍ଥିକ ଲାଭସବୁର ସମଷ୍ଟି ଯାହା ଗ୍ରାହକ ସହିତ ଏକ ଦୀର୍ଘାବଧି ସମ୍ବନ୍ଧ ସ୍ଥାପନ ଦ୍ୱାରା ହାସଲ କରାଯାଇପାରେ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି III ।

ତୃତୀୟ ପକ୍ଷ ଦାୟିତ୍ୱ ପାଇଁ ମୋଟର ବୀମା ଆଇନ ଅନୁସାରେ ଅନିବାର୍ଯ୍ୟ ଅଟେ ଏବଂ ତେଣୁ ଏହାର ଆବଶ୍ୟକତା ଉପରେ ବାଦ ବିବାଦର ଆବଶ୍ୟକତା ନୁହେଁ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି II ।

ଉପଭୋକ୍ତା ସୁରକ୍ଷା ଅଧିନିୟମ, 1986 ଅନୁସାରେ, ଏକ ବ୍ୟକ୍ତି ଯିଏ ପୁନଃବିକ୍ରୟ ଉଦ୍ଦେଶ୍ୟରେ ଜିନିଷଗୁଡିକୁ କିଣେ, ଏକ ଉପଭୋକ୍ତାରୂପେ ଶ୍ରେଣୀଭୁକ୍ତ ହୋଇପାରିବ ନାହିଁ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି IV ।

ସଂଶୟବାଦ/ଅବିଶ୍ୱାସ ଏକ ସୁସ୍ଥ ସମ୍ବନ୍ଧ ସ୍ଥାପନ କରିବାରେ ସାହାଯ୍ୟ କରେ ନାହିଁ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି II ।

ଅତ୍ୟନ୍ତ ଆଲୋଚନାତ୍ମକ ହେବା ସକ୍ରିୟ ଶ୍ରବଣର ଏକ ତତ୍ତ୍ୱ ନୁହେଁ ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି III ।

ଆତ୍ମ-ସ୍ୱାର୍ଥକୁ ଗ୍ରାହକର ସ୍ୱାର୍ଥର ଆଗରେ ସ୍ଥାନ ଦେବା ନୈତିକ ଆଚାର ନୁହେଁ ।

ସ୍ୱତଃ ପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର

ପ୍ରଶ୍ନ 1

_____________ଏକ ସ୍ୱର୍ଣଗମ୍ୟ ଜିନିଷ ନୁହେଁ ।

I.	ଘର

II. ବୀମା

III. ମୋବାଇଲ ଫୋନ

IV. ଜିନ୍ସର ଏକ ଯୋଡ଼ି

ପ୍ରଶ୍ନ 2

_________________ସେବା ଗୁଣବତ୍ତାର ଏକ ସୂଚକ ନୁହେଁ ।

I. ଚତୁରତା

II. ବିଶ୍ୱସନୀୟତା

III. ସମାନୁଭୂତି

IV. ପ୍ରତିକ୍ରିୟାଶୀଳତା

ପ୍ରଶ୍ନ 3

ଭାରତରେ _______________ ବୀମା ଅନିବାର୍ଯ୍ୟ ଅଟେ ।

I. ମୋଟର ତୃତୀୟ ପକ୍ଷ ଦାୟିତ୍ୱ

II. ଘର ପାଇଁ ଅଗ୍ନି ବୀମା

III. ଘରୋଇ ଯାତ୍ରା ପାଇଁ ଯାତ୍ରା ବୀମା

IV. ବ୍ୟକ୍ତିଗତ ଦୁର୍ଘଟଣା

ପ୍ରଶ୍ନ 4

ଏକ ବୀମିତର ବୀମା ମୂଲ୍ୟ ହ୍ରାସ କରିବାର ଏକ ପଦ୍ଧତି ହେଉଛି _________________ ।

I. ପୁନଃବୀମା

II. କାଟିବାଯୋଗ୍ୟ

III. ସହ ବୀମା

IV. ରିବେଟ/ଛାଡ଼

ପ୍ରଶ୍ନ 5

ବୀମା ପଲିସୀ ସମ୍ବନ୍ଧୀୟ ଅଭିଯୋଗଥିବା ଏକ ଗ୍ରାହକ ନିମ୍ନ ଜରିଆରେ ଆଇ.ଆର.ଡି.ଏ ପର୍ଯ୍ୟନ୍ତ ପହଞ୍ଚିପାରେ ।

I. ଆଇ.ଜି.ଏମ୍.ଏସ୍

II. ଜିଲ୍ଲା ଗ୍ରାହକ ନ୍ୟାୟାଧିକରଣ

III. ଲୋକପାଳ

IV. ଆଇ.ଜି.ଏମ.ଏସ୍ କିମ୍ବା ଜିଲ୍ଲା ଗ୍ରାହକ ନ୍ୟାୟାଧିକରଣ କିମ୍ବା ଲୋକପାଳ

ପ୍ରଶ୍ନ 6

ଗ୍ରାହକ ସୁରକ୍ଷା ଅଧିନିୟମ କାରବାର କରେ:

I. ବୀମା କମ୍ପାନୀମାନଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ସହିତ
II. ଦୋକାନୀମାନଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ସହିତ
III. ବ୍ରାଣ୍ଡ ବିରୁଦ୍ଧରେ ହୋଇଥିବା ଅଭିଯୋଗ ସହିତ
IV. ବୀମା କମ୍ପାନୀ, ବ୍ରାଣ୍ଡ ଓ ଦୋକାନୀମାନଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ସହିତ

ପ୍ରଶ୍ନ 7

_______________ ଙ୍କ ସେହି ବିଷୟଗୁଡିକ ଉପରେ ସୁବିଚାର କରିବାର ନ୍ୟାୟାଧିକାର ରହିଛି ଯେଉଁଠି ଜିନିଷ କିମ୍ବା ସେବାର ମୂଲ୍ୟ ଏବଂ କ୍ଷତିପୂରଣ ଦାବୀ 20 ଲକ୍ଷ ପର୍ଯ୍ୟନ୍ତ ଥାଏ।

I. ଉଚ୍ଚ ନ୍ୟାୟାଳୟ
II. ଜିଲ୍ଲା ନ୍ୟାୟାଧିକରଣ
III. ରାଜ୍ୟ କମିଶନ
IV. ଜାତୀୟ କମିଶନ

ପ୍ରଶ୍ନ 8

ଗ୍ରାହକ ସମ୍ବନ୍ଧରେ ପ୍ରଥମ ଧାରଣା ସୃଷ୍ଟି ହୁଏ :

I. ଆତ୍ମବିଶ୍ୱାସୀ ହୋଇ
II. ଠିକ୍ ସମୟରେ ଉପସ୍ଥିତ ରହି
III. ଆଗ୍ରହ ପ୍ରଦର୍ଶନ କରି
IV. ଠିକ୍ ସମୟରେ ଉପସ୍ଥିତ ରହି ଆଗ୍ରହ ଦେଖାଇ ଓ ଆତ୍ମବିଶ୍ୱାସୀ ହୋଇ

ପ୍ରଶ୍ନ 9

ସଠିକ୍ ବକ୍ତବ୍ୟକୁ ଚୟନ କରନ୍ତୁ :

I. ବୀମା ବିକ୍ରି କରିବା ସମୟରେ ନୈତିକ ଆଚାର ଅସମ୍ଭବ ଅଟେ
II. ବୀମା ଅଭିକର୍ତ୍ତାମାନଙ୍କ ପାଇଁ ନୈତିକ ଆଚାର ଆବଶ୍ୟକ ନୁହେଁ
III. ନୈତିକ ଆଚାର ଅଭିକର୍ତ୍ତା ଓ ବୀମାକର୍ତ୍ତାଙ୍କ ମଧ୍ୟରେ ବିଶ୍ୱାସ ସ୍ଥାପିତ କରିବାରେ ସାହାଯ୍ୟ କରେ
IV. ନୈତିକ ଆଚାର କେବଳ ଶୀର୍ଷ ପ୍ରବନ୍ଧଠାରୁ ଆଶା କରାଯାଏ

ପ୍ରଶ୍ନ 10

ସକ୍ରିୟ ଶ୍ରବଣରେ ସଂପୃକ୍ତ ଥାଏ :

I. ବକ୍ତା ପ୍ରତି ଧ୍ୟାନ ଦେବା
II. ସମୟ ସମୟରେ ମୁଣ୍ଡ ଟୁଙ୍ଗାରିବା ଓ ମୁରୁକି ହସ ଦେବା
III. ପ୍ରତିପୁଷ୍ଟି ପ୍ରଦାନ କରିବା
IV. ବକ୍ତା ପ୍ରତି ଧ୍ୟାନ ଦେବା, ସମୟ ସମୟରେ ମୁଣ୍ଡ ଟୁଙ୍ଗାରିବା ଓ ମୁରୁକି ହସ ଦେବା ଏବଂ ପ୍ରତିପୁଷ୍ଟି ପ୍ରଦାନ କରିବା

ସ୍ୱତଃ-ପରୀକ୍ଷଣ ପ୍ରଶ୍ନାବଳୀ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ବୀମା ଏକ ସ୍ପର୍ଶଗମ୍ୟ ଜିନିଷ ନୁହେଁ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି I ।

ଚତୁରତା ସେବା ଗୁଣବତ୍ତାର ଏକ ସୂଚକ ନୁହେଁ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି I ।

ଭାରତରେ ମୋଟର ତୃତୀୟ ପକ୍ଷ ଦାୟିତ୍ୱ ବୀମା ଅନିବାର୍ଯ୍ୟ ଅଟେ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି II ।

ଏକ ବୀମିତର ବୀମା ମୂଲ୍ୟ ହ୍ରାସ କରିବାର ଏକ ପଦ୍ଧତି ହେଉଛି ପଲିସୀ ଅନ୍ତର୍ଗତ କାଟିବାଯୋଗ୍ୟ ଧାରା ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି I ।

ବୀମା ପଲିସୀ ସମ୍ବନ୍ଧୀୟ ଅଭିଯୋଗ ଥିବା ଏକ ଗ୍ରାହକ ଆଇ.ଜି.ଏମ୍. ଏସ୍. ଜରିଆରେ ଆଇ. ଆର.ଡି.ଏ ପର୍ଯ୍ୟନ୍ତ ପହଞ୍ଚିପାରେ ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି IV ।

ଗ୍ରାହକ ସୁରକ୍ଷା ଅଧିନିୟମ ବୀମା କମ୍ପାନୀ, ଦୋକାନୀ, ଓ ବ୍ରାଣ୍ଡ ବିରୁଦ୍ଧରେ ହୋଇଥିବା ଅଭିଯୋଗ ସହିତ କାରବାର କରେ ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି II ।

ଜିଲ୍ଲା ନ୍ୟାୟାଧିକରଣଙ୍କ ସେହି ବିଷୟଗୁଡିକ ଉପରେ ସୁବିଚାର କରିବାର ନ୍ୟାୟାଧିକାର ରହିଛି ଯେଉଁଠି ଜିନିଷ କିମ୍ବା ସେବାର ମୂଲ୍ୟ ଏବଂ କ୍ଷତିପୂରଣ ଦାବୀ 20 ଲକ୍ଷ ପର୍ଯ୍ୟନ୍ତ ଥାଏ।

ଉତ୍ତର 8

ସଠିକ୍ ବିକଳ୍ପ ହେଉଛି IV ।

ଗ୍ରାହକ ସମ୍ବନ୍ଧରେ ପ୍ରଥମ ଧାରଣା ଆତ୍ମବିଶ୍ୱାସୀ ହୋଇ ଠିକ୍ ସମୟରେ ଉପସ୍ଥିତ ରହି ଓ ଆଗ୍ରହ ଦେଖାଇ ସୃଷ୍ଟି ହୁଏ ।

ଉତ୍ତର 9

ସଠିକ୍ ବିକଳ୍ପ ହେଉଛି III ।

ନୈତିକ ଆଚାର ଅଭିକର୍ତ୍ତା ଓ ବୀମା କର୍ତ୍ତାଙ୍କ ମଧ୍ୟରେ ବିଶ୍ୱାସ ସ୍ଥାପିତ କରିବାରେ ସାହାଯ୍ୟ କରେ ।

ଉତ୍ତର 10

ସଠିକ୍ ବିକଳ୍ପ ହେଉଛି IV ।

ସକ୍ରିୟ ଶ୍ରବଣରେ ବକ୍ତା ପ୍ରତି ଧ୍ୟାନ ଦେବା, ସମୟ ସମୟରେ ମୁଣ୍ଡ ଟୁଙ୍ଗାରିବା ଓ ମୁରୁକି ହସ ଦେବା ଏବଂ ପ୍ରତିପୁଷ୍ଟି ପ୍ରଦାନ କରିବା ସଂପୃକ୍ତ ଥାଏ ।

ଅଧ୍ୟାୟ 3

ଅଭିଯୋଗ ନିବାରଣ ପ୍ରକ୍ରିୟା

ଅଧ୍ୟାୟ ପରିଚୟ

ବୀମା ଉଦ୍ୟୋଗ ମୂଖ୍ୟତଃ ଏକ ସେବା ଉଦ୍ୟୋଗ ଅଟେ ଯେଉଁଠି, ବର୍ତ୍ତମାନ ପରିପ୍ରେକ୍ଷୀରେ, ଗ୍ରାହକ ପ୍ରତ୍ୟାଶାଗୁଡିକ ଅବିଚ୍ଛିନ୍ନ ରୂପେ ବୃଦ୍ଧି ପାଉଛି ଏବଂ ପ୍ରଦାନ କରାଯାଉଥିବା ସେବାଗୁଡିକର ମାନଦଣ୍ଡ ପ୍ରତି ଅସନ୍ତୋଷ ସର୍ବଦା ରହୁଛି । ଅବିଚ୍ଛିନ୍ନ ଉତ୍ପାଦ ନବୀନତା ଓ ଆଧୁନିକ ଔଦ୍ୟୋଗିକୀର ଉପଯୋଗର ସହାୟତାରେ ଗ୍ରାହକ ସେବାର ସ୍ତରରେ ମହତ୍ତ୍ୱପୂର୍ଣ୍ଣ ଉନ୍ନତି ସତ୍ତ୍ୱେ, ଉଦ୍ୟୋଗ ଗ୍ରାହକ ଅସନ୍ତୋଷ ଓ ନିକୃଷ୍ଟ ଛବି ହିସାବରେ ବିପରୀତ ରୂପେ ଆକ୍ରାନ୍ତ ହୋଇଛି । ଏହି ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ସରକାର ଓ ବିନିୟାମକ ଅନେକ ଗୁଡିଏ ପ୍ରାରମ୍ଭିକ ପଦକ୍ଷେପ ନେଇଛନ୍ତି ।

ଆଇ.ଆର.ଡି.ଏ. ଙ୍କ ନିୟମାବଳୀ ବିଭିନ୍ନ ସେବାଗୁଡିକ ପାଇଁ, ଟର୍ଣ୍ଣଏରାଉଣ୍ଡ ଟାଇମ୍ (ଟି.ଏ.ଟି) ଗୁଡିକୁ ଅନୁବନ୍ଧିତ କରିଛନ୍ତି, ଯାହା ଏକ ବୀମା କମ୍ପାନୀକୁ ଗ୍ରାହକକୁ ପ୍ରଦାନ କରିବାକୁ ପଡିଥାଏ । ଏଗୁଡିକ ଆଇ.ଆର.ଡି.ଏ (ପଲିସୀଧାରୀଙ୍କ ସ୍ୱାର୍ଥ ସୁରକ୍ଷା ନିୟମାବଳୀ), 2002 ର ଅଂଶ ଅଟନ୍ତି । ବୀମା କମ୍ପାନୀମାନଙ୍କ ପାଖରେ ଏକ ପ୍ରଭାବଶାଳୀ ଅଭିଯୋଗ ନିବାରଣ ପ୍ରକ୍ରିୟା ମଧ୍ୟ ରହିବା ଆବଶ୍ୟକ ଏବଂ ଆଇ.ଆର.ଡି.ଏ ତା' ପାଇଁ ମଧ୍ୟ ନିର୍ଦ୍ଦେଶିକା ସୃଷ୍ଟି କରିଛନ୍ତି ।

ଅଧ୍ୟୟନ ପରିଣାମ

A. ଅଭିଯୋଗ ନିବାରଣ ପ୍ରକ୍ରିୟା –ଉପଭୋକ୍ତା ନ୍ୟାୟାଳୟ, ଲୋକପାଳ

A. *ଅଭିଯୋଗ ନିବାରଣ ପ୍ରକ୍ରିୟା – ଉପଭୋକ୍ତା ନ୍ୟାୟାଳୟ, ଲୋକପାଳ*

1. ସମନ୍ୱିତ ଅଭିଯୋଗ ପରିଚାଳନା ପ୍ରଣାଳୀ (ଆଇ ଜି ଏମ୍ ଏସ୍)

ଆଇ.ଆର.ଡି.ଏ. ଏକ ସମନ୍ୱିତ ଅଭିଯୋଗ ପରିଚାଳନା ପ୍ରଣାଳୀ ପ୍ରବର୍ତ୍ତନ କରିଛନ୍ତି ଯାହା ବୀମା ଅଭିଯୋଗ ତଥ୍ୟର ଏକ କେନ୍ଦ୍ରୀୟ ଭଣ୍ଡାର ଏବଂ ଉଦ୍ୟୋଗରେ ଅଭିଯୋଗ ନିବାରଣକୁ ନିରୀକ୍ଷଣ କରିବା ପାଇଁ ଏକ ଉପକରଣ ରୂପେ କାର୍ଯ୍ୟ କରେ ।

ପଲିସୀଧାରୀମାନେ ସେମାନଙ୍କ ପଲିସୀ ବିବରଣୀସବୁ ସହିତ ଏହି ପ୍ରଣାଳୀରେ ପଞ୍ଜିକରଣ କରିପାରିବେ ଏବଂ ସେମାନଙ୍କ ଅଭିଯୋଗଗୁଡ଼ିକୁ ସ୍ଥାପିତ କରି ପାରିବେ । ତା ପରେ ଅଭିଯୋଗଗୁଡ଼ିକୁ ସମ୍ବନ୍ଧିତ ବୀମା କମ୍ପାନୀମାନଙ୍କ ପାଖକୁ ପଠାଇ ଦିଆଯାଏ ।

ଅଭିଯୋଗ ନିବାରଣ ପ୍ରଣାଳୀ

ଆଇଜିଏମ୍ଏସ୍ ଅଭିଯୋଗଗୁଡ଼ିକୁ ଓ ସେମାନଙ୍କ ଦୂରୀକରଣ ପାଇଁ ଲାଗୁଥିବା ସମୟକୁ ଅନ୍ୱେଷଣ କରେ । ଅଭିଯୋଗସବୁକୁ ନିମ୍ନଲିଖିତ ୟୁ ଆର୍ ଏଲ୍ ରେ ପଞ୍ଜିକୃତ କରାଯାଇପାରିବ:

http://www.policyholder.gov.in/Integrated_Grievance_Management.aspx

2. ଉପଭୋକ୍ତା ସୁରକ୍ଷା ଆଇନ, 1986

ମହତ୍ତ୍ୱପୂର୍ଣ୍ଣ

ଏହି ଆଇନକୁ " ଉପଭୋକ୍ତାମାନଙ୍କ ସ୍ୱାର୍ଥର ଉତ୍ତମତର ସୁରକ୍ଷା ଯୋଗାଇବାକୁ ଏବଂ ଉପଭୋକ୍ତାଙ୍କ ବିବାଦଗୁଡ଼ିକର ନିଷ୍ପତ୍ତି ପାଇଁ ଉପଭୋକ୍ତା ପରିଷଦ ଓ ଅନ୍ୟାନ୍ୟ ପ୍ରାଧିକରଣର ପ୍ରତିଷ୍ଠା ପାଇଁ ପ୍ରାବଧାନ କରିବା ପାଇଁ" ବିଧିବଦ୍ଧ କରାଗଲା । ଏହି ଆଇନକୁ ଉପଭୋକ୍ତା ସୁରକ୍ଷା (ସଂଶୋଧନ) ଆଇନ, 2002 ଦ୍ୱାରା ସଂଶୋଧିତ କରାଯାଇଛି ।

ଆଇନରେ ପ୍ରଦାନ କରାଯାଇଥିବା କେତେକ ପରିଭାଷାଗୁଡ଼ିକ ନିମ୍ନରେ ଦିଆଯାଇଛି :

ପରିଭାଷା

"ସେବା" ର ଅର୍ଥ ହେଉଛି କୌଣସି ବିବରଣର ସେବା ଯାହାକୁ ସମ୍ଭାବ୍ୟ ଉପଭୋକ୍ତାମାନଙ୍କ ପାଇଁ ଉପଲବ୍ଧ କରାଯାଏ ଏବଂ ଯେଉଁଥିରେ ବ୍ୟାଙ୍କିଂ, ଅର୍ଥ ଯୋଗାଣ, ବୀମା, ପରିବହନ, ପ୍ରୋସେସିଙ୍ଗ୍, ବିଦ୍ୟୁତ ସମ୍ବନ୍ଧୀୟ କିମ୍ବା ଅନ୍ୟାନ୍ୟ ଶକ୍ତି ଯୋଗାଣ, ଖାଦ୍ୟ କିମ୍ବା ଆବାସ କିମ୍ବା ଉଭୟ, ଗୃହ ନିର୍ମାଣ, ମନୋରଞ୍ଜନ, ଆମୋଦ ପ୍ରମୋଦ କିମ୍ବା ସମ୍ବାଦ କିମ୍ବା ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିବା ଅନ୍ତର୍ଭୁକ୍ତ ଅଟନ୍ତି । କିନ୍ତୁ ଏହା ଶୁଳ୍କ ମୁକ୍ତ କିମ୍ବା ବ୍ୟକ୍ତିଗତ ସେବାର ଚୁକ୍ତି ଅନ୍ତର୍ଗତ କୌଣସି ସେବା ପ୍ରଦାନକୁ ଅନ୍ତର୍ଭୁକ୍ତ କରେ ନାହିଁ । ବୀମାକୁ ଏକ ସେବା ରୂପେ ଅନ୍ତର୍ଭୁକ୍ତ କରାଯାଇଛି ।

"ଉପଭୋକ୍ତା" ର ଅର୍ଥ କୌଣସି ବ୍ୟକ୍ତି ଯିଏ

- ✓ ଏକ ପ୍ରତିଫଳ ବଦଳରେ କୌଣସି ଗୃହୋପକରଣକୁ କିଣେ ଏବଂ ସେଭଳି ଗୃହୋପକରଣର କୌଣସି ଉପଯୋଗକର୍ତ୍ତାକୁ ଅନ୍ତର୍ଭୁକ୍ତ କରେ । କିନ୍ତୁ ଏହା ସେହି ବ୍ୟକ୍ତିକୁ ଅନ୍ତର୍ଭୁକ୍ତ କରେ ନାହିଁ ଯିଏ ସେଭଳି ଗୃହୋପକରଣ (ସାମଗ୍ରୀ) କୁ ପୁନଃବିକ୍ରୟ କିମ୍ବା କୌଣସି ବାଣିଜ୍ୟିକ ଉଦ୍ଦେଶ୍ୟରେ ପ୍ରାପ୍ତ ହୁଏ କିମ୍ବା

- ✓ ଏକ ପ୍ରତିଫଳ ବଦଳରେ କୌଣସି ସେବାକୁ ଭଡାରେ ପ୍ରାପ୍ତ ହୁଏ କିମ୍ବା ଏହାର ଲାଭ ଉଠାଏ ଏବଂ ସେଭଳି ସେବାଗୁଡିକର ଲାଭଗ୍ରାହୀକୁ ଅନ୍ତର୍ଭୁକ୍ତ କରେ ।

"ତ୍ରୁଟି" ର ଅର୍ଥ ହେଉଛି କୌଣସି ଦୋଷ, ଅପୂର୍ଣ୍ଣତା, ପ୍ରଦର୍ଶନର ଗୁଣବତ୍ତା, ପ୍ରକୃତି ଓ ରୀତିରେ ଲଘୁ ଅପ୍ରାଚୁର୍ଯ୍ୟ ଯାହାକୁ କୌଣସି ଆଇନ ଦ୍ୱାରା କିମ୍ବା ତା' ଅନ୍ତର୍ଗତ ବଜାୟ ରଖିବା ଆବଶ୍ୟକ ଅଟେ କିମ୍ବା କୌଣସି ସେବା ସମ୍ବନ୍ଧୀୟ ଏକ ଚୁକ୍ତି କିମ୍ବା ଅନ୍ୟଥା ଅନୁଯାୟୀ ଏକ ବ୍ୟକ୍ତି ଦ୍ୱାରା ସଂପାଦିତ କରିବା ପାଇଁ ନିଆଯାଇଥିବ ।

"ଅଭିଯୋଗ"ର ଅର୍ଥ ଏକ ଅଭିଯୋଗକାରୀ ଦ୍ୱାରା ଲିଖିତ ଆକାରରେ କରାଯାଇଥିବା କୌଣସି ଆରୋପ ଯେ :

- ✓ ଏକ ଅନୁଚିତ ବ୍ୟାପାର ଆଚରଣ କିମ୍ବା ନିଷିଦ୍ଧ ବ୍ୟାପାର ଆଚରଣ ଗ୍ରହଣ କରାଯାଇଛି
- ✓ ତା' ଦ୍ୱାରା କିଣାଯାଇଥିବା ଗୃହୋପକରଣ ସାମଗ୍ରୀ ଗୋଟିଏ କିମ୍ବା ଅଧିକ ତ୍ରୁଟି ଦ୍ୱାରା ଆକ୍ରାନ୍ତ ହୋଇଛି
- ✓ ତା' ଦ୍ୱାରା ଭଡାରେ ନିଆଯାଇଥିବା କିମ୍ବା ଲାଭ ଉଠାଯାଇଥିବା ସେବାଗୁଡିକ କୌଣସି ଦୃଷ୍ଟିରୁ ନ୍ୟୁନତାରେ ଆକ୍ରାନ୍ତ ହୋଇଛନ୍ତି
- ✓ ଚାର୍ଜ କରାଯାଇଥିବା ମୂଲ୍ୟ ଆଇନ ଦ୍ୱାରା ନିର୍ଦ୍ଧାରିତ କିମ୍ବା ପ୍ୟାକେଜରେ ପ୍ରଦର୍ଶିତ କରାଯାଇଥିବା ମୂଲ୍ୟଠାରୁ ବହୁତ ଅଧିକ ଅଟେ
- ✓ ଗୃହୋପକରଣ ସାମଗ୍ରୀ ଯେଉଁଗୁଡିକ ବ୍ୟବହାର କରିବା ସମୟରେ ଜୀବନ ଏବଂ ନିରାପତ୍ତା ପାଇଁ ବିପଦସଂକୁଳ ହେବ, ସେଗୁଡିକ ଜନସାଧାରଣଙ୍କୁ ବିକ୍ରୟ ପାଇଁ ପ୍ରଦାନ କରାଯାଏ, ଯାହା ସେହି ଆଇନର ପ୍ରାବଧାନଗୁଡିକର ଉଲଘଂନ ଅଟେ ଯାହା ସେଭଳି ଗୃହୋପକରଣ ସାମଗ୍ରାଗୁଡିକର ଉପଯୋଗର ବିଷୟ, ରୀତି ଓ ପ୍ରଭାବ ସମ୍ବନ୍ଧୀୟ ସୂଚନା ପ୍ରଦର୍ଶନ କରିବା ବ୍ୟବସାୟୀ ପକ୍ଷେ ଆବଶ୍ୟକ ଅଟେ

"ଉପଭୋକ୍ତା ବିବାଦ" ***ର ଅର୍ଥ ହେଉଛି ଏକ ବିବାଦ ଯେଉଁଠି ସେହି ବ୍ୟକ୍ତି ଯାହା ବିରୁଦ୍ଧରେ ଏକ ଅଭିଯୋଗ କରାଯାଇଥିବ, ଅଭିଯୋଗରେ ଅନ୍ତର୍ଭୁକ୍ତ ଆରୋପଗୁଡିକୁ ଅସ୍ୱୀକାର ଓ ଖଣ୍ଡନ କରେ ।***

a) ଉପଭୋକ୍ତା ବିବାଦ ନିବାରଣ ମାଧ୍ୟମ/ଶାଖା

"ଉପଭୋକ୍ତା ବିବାଦ ନିବାରଣ ମାଧ୍ୟମଗୁଡିକ" ପ୍ରତ୍ୟେକ ଜିଲ୍ଲା ଓ ରାଜ୍ୟ ଏବଂ ଜାତୀୟ ସ୍ତରରେ ସ୍ଥାପିତ କରାଯାଇଛି ।

i. ଜିଲ୍ଲା ଫୋରମ୍

- ✓ ଏହି ଫୋରମର ନ୍ୟାୟାଧିକାର ସୀମା ହେଉଛି ସେହି ଅଭିଯୋଗଗୁଡିକୁ ବିଚାର କରିବା ଯେଉଁଠି ଗୃହୋପକରଣ କିମ୍ବା ସେବା ଏବଂ ଦାବୀ କରାଯାଇଥିବା କ୍ଷତିପୂରଣର ମୂଲ୍ୟ ଟ. 20 ଲକ୍ଷ ପର୍ଯ୍ୟନ୍ତ ଅଟେ ।
- ✓ ଜିଲ୍ଲା ଫୋରମ୍ ଏହାର ଆଦେଶ/ନିଷ୍ପତ୍ତିର ନିଷ୍ପାଦନ ପାଇଁ ଏହାକୁ ଉପଯୁକ୍ତ ସିଭିଲ ନ୍ୟାୟାଳୟକୁ ପଠାଇବା ପାଇଁ କ୍ଷମତାପ୍ରାପ୍ତ ଅଟେ ।

ii. ରାଜ୍ୟ ଆୟୋଗ

- ✓ ଏହି ନିବାରଣ ପ୍ରାଧିକାରୀଙ୍କ ପାଖରେ ମୂଳ, ଅପିଲ ସମ୍ବନ୍ଧୀୟ ଏବଂ ନିରୀକ୍ଷଣାତ୍ମକ ନ୍ୟାୟାଧିକାର ରହିଛି ।
- ✓ ଏହା ଜିଲ୍ଲା ଫୋରମ୍ ପାଖରୁ ଅପିଲଗୁଡିକର ବିଚାର କରନ୍ତି ।

- ✓ ଏହା ନିକଟରେ ସେହିସବୁ ଅଭିଯୋଗର ବିଚାର କରିବାର ମଧ୍ୟ ମୂଳ ନ୍ୟାୟାଧିକାର ରହିଛି ଯେଉଁଠି ଗୃହୋପକରଣ/ସେବାର ମୂଲ୍ୟ ଏବଂ କ୍ଷତିପୂରଣ, ଯଦି କିଛି ଦାବୀ କରାଯାଇଥାଏ ଟ. 20 ଲକ୍ଷଠାରୁ ଅଧିକ ହୁଏ କିନ୍ତୁ ଟ 100 ଲକ୍ଷଠାରୁ ଅଧିକ ହୋଇ ନ ଥାଏ ।
- ✓ ଅନ୍ୟାନ୍ୟ କ୍ଷମତା ଓ ବୈଧାନିକ ଅଧିକାର ଜିଲ୍ଲା ଫୋରମ୍ ସଦୃଶ ଅଟେ ।

iii. ଜାତୀୟ ଆୟୋଗ

- ✓ ଏହି ଆଇନ ଅନ୍ତର୍ଗତ ପ୍ରତିଷ୍ଠିତ ହୋଇଥିବା ଅନ୍ତିମ ବୈଧାନିକ ପ୍ରାଧିକାରୀ ଜାତୀୟ ଆୟୋଗ ଅଟନ୍ତି ।
- ✓ ଏହା ନିକଟରେ ମୂଳ, ଅପିଲ ସମ୍ବନ୍ଧୀୟ ଏବଂ ନିରୀକ୍ଷଣାତ୍ମକ ନ୍ୟାୟାଧିକାର ରହିଛି ।
- ✓ ଏହା ରାଜ୍ୟ ଆୟୋଗଙ୍କ ଦ୍ୱାରା ଦିଆଯାଇଥିବା ଆଦେଶଠାରୁ ଅପିଲସବୁର ଶୁଣାଣୀ କରିପାରନ୍ତି ଏବଂ ଏହାଙ୍କ ମୂଳ ନ୍ୟାୟାଧିକାରରେ ସେହି ବିବାଦ, ଯେଉଁଠି ଗୃହୋପକରଣ/ସେବା ଏବଂ ଦାବୀ କରାଯାଇଥିବା କ୍ଷତିପୂରଣ ଟ. 100 ଲକ୍ଷଠାରୁ ଅଧିକ ଥାଏ
- ✓ ଏହା ନିକଟରେ ରାଜ୍ୟ ଆୟୋଗଙ୍କ ଉପରେ ନିରୀକ୍ଷଣାତ୍ମକ ନ୍ୟାୟାଧିକାର ରହିଛି ।

ସମସ୍ତ ତିନି ମାଧ୍ୟମଙ୍କ ନିକଟରେ ଏକ ସିଭିଲ ନ୍ୟାୟାଳୟର କ୍ଷମତାସବୁ ରହିଛି ।

ଚିତ୍ର 1: ଅଭିଯୋଗ ନିବାରଣ ପାଇଁ ପ୍ରଣାଳୀ/ମାଧ୍ୟମ



b) ଏକ ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା/ପ୍ରଣାଳୀ

ଉପରୋକ୍ତ ସମସ୍ତ ତିନି ନିବାରଣ ମାଧ୍ୟମରେ ଏକ ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା ବହୁତ ସରଳ ଅଟେ । ରାଜ୍ୟ ଆୟୋଗ ପାଖରେ ହେଉ ଅଥବା ଜାତୀୟ ଆୟୋଗ ପାଖରେ ହେଉ, ଏକ ଅଭିଯୋଗ ଦାଖଲ କରିବା କିମ୍ବା ଏକ ଅପିଲ (ପୁନର୍ବିଚାର ପାଇଁ ପ୍ରାର୍ଥନା) ଦାଖଲ କରିବା ପାଇଁ କୌଣସି ଶୁଳ୍କ ନାହିଁ । ଅଭିଯୋଗକୁ ନିଜେ ଅଭିଯୋଗକାରୀ ଦ୍ୱାରା କିମ୍ବା ତାଙ୍କ ଅଧିକାରପ୍ରାପ୍ତ ପ୍ରତିନିଧି ଦ୍ୱାରା ଦାଖଲ କରାଯାଇପାରିବ । ଏହାକୁ ବ୍ୟକ୍ତିଗତ ରୂପେ ଦାଖଲ କରାଯାଇପାରିବ କିମ୍ବା ଏପରିକି ଡାକ ଦ୍ୱାରା ପଠାଯାଇପାରିବ । ଏହା ଧ୍ୟାନରେ ରଖାଯାଇ ପାରେ ଯେ ଏକ ଅଭିଯୋଗ ଦାଖଲ କରିବା ଉଦ୍ଦେଶ୍ୟରେ କୌଣସି ଓକିଲର ଆବଶ୍ୟକତା ନାହିଁ ।

c) ଉପଭୋକ୍ତା ଫୋରମର ଆଦେଶଗୁଡିକ

ଯଦି ଫୋରମ୍ ସନ୍ତୁଷ୍ଟ ହୁଅନ୍ତି ଯେ ଯଦି ଅଭିଯୁକ୍ତ ଗୃହୋପକରଣ/ସାମଗ୍ରୀ ଅଭିଯୋଗରେ ଉଲ୍ଲେଖ ହୋଇଥିବା କୌଣସି ବି ତ୍ରୁଟି ଦ୍ୱାରା ଆକ୍ରାନ୍ତ ହୋଇଥାଏ କିମ୍ବା ସେବା ସମ୍ବନ୍ଧରେ ଅଭିଯୋଗରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ବି ଆରୋପ ପ୍ରମାଣିତ ହୋଇଯାଏ, ଫୋରମ୍ ବିରୋଧୀ ପକ୍ଷକୁ ନିମ୍ନଲିଖିତ ମଧ୍ୟରୁ ଗୋଟିଏ କିମ୍ବା ଅଧିକ କରିବା ପାଇଁ ନିର୍ଦ୍ଦେଶିତ କରି ଆଦେଶ ଜାରୀ କରିପାରନ୍ତି, ଉଦାହରଣ ସ୍ୱରୂପ,

i. ଅଭିଯୋଗକାରୀଙ୍କୁ ମୂଲ୍ୟ, (କିମ୍ବା ବୀମା ପରିପ୍ରେକ୍ଷୀରେ ପ୍ରିମିୟମ), ଅଭିଯୋଗକାରୀଙ୍କ ଦ୍ୱାରା ଦିଆଯାଇଥିବା ଶୁଳ୍କକୁ ଫେରସ୍ତ ଦେବାକୁ
ii. ବିରୋଧୀ ପକ୍ଷର ଅବହେଳା ଯୋଗୁଁ ଉପଭୋକ୍ତା ଦ୍ୱାରା ବହନ କରାଯାଇଥିବା କୌଣସି ହାନି କିମ୍ବା କ୍ଷତି ପାଇଁ ଉପଭୋକ୍ତାମାନଙ୍କୁ କ୍ଷତିପୂରଣ ଆକାରରେ ଏଭଳି ରାଶିକୁ ପ୍ରଦାନ କରିବାକୁ
iii. ପ୍ରଶ୍ନ ଉଠାଯାଇଥିବା ସେବାରେ ଥିବା ତ୍ରୁଟି କିମ୍ବା ଅଭାବଗୁଡିକୁ ଦୂର କରିବାକୁ
iv. ଅନୁଚିତ ବ୍ୟାପାର ଆଚରଣ କିମ୍ବା ନିଷିଦ୍ଧ ବ୍ୟାପାର ଆଚରଣ ନିବୃତ୍ତ କରିବାକୁ କିମ୍ବା ସେଗୁଡିକୁ ପୁନର୍ବାର ନ କରିବାକୁ
v. ପକ୍ଷମାନଙ୍କୁ ପର୍ଯ୍ୟାପ୍ତ ମୂଲ୍ୟ ପ୍ରଦାନ କରିବାକୁ

d) ଅଭିଯୋଗଗୁଡିକର ସ୍ୱରୂପ

ବୀମା ବ୍ୟବସାୟ ପରିପ୍ରେକ୍ଷୀରେ ତିନି ଫୋରମ୍ ଅନ୍ତର୍ଗତ ଉପଭୋକ୍ତା ବିବାଦଗୁଡିକ ମଧ୍ୟରୁ ଅଧିକାଂଶ ନିମ୍ନଲିଖିତ ମୁଖ୍ୟ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୁଅନ୍ତି

i. ଦାବୀ ଗୁଡିକର ନିଷ୍ପତିରେ ବିଳମ୍ବ
ii. ଦାବୀ ଗୁଡିକର ଅବ୍ୟବସ୍ଥା/ଅନିଷ୍ପତ୍ତି
iii. ଦାବୀ ଗୁଡିକର ପ୍ରତ୍ୟାଖ୍ୟାନ
iv. କ୍ଷତିର ପରିମାଣ/ମାତ୍ରା
v. ପଲିସୀ ଅବଧି/ସର୍ତ୍ତାବଳୀ, ପ୍ରତିବନ୍ଧ ଇତ୍ୟାଦି ।

3. ବୀମା ଲୋକପାଳ

ବୀମା ଅଧିନିୟମ , 1938 ର କ୍ଷମତା ଅନ୍ତର୍ଗତ କେନ୍ଦ୍ର ସରକାର ନଭେମ୍ବର 11, 1998 ରେ ରାଜକୀୟ ଗ୍ୟାଜେଟ୍ରେ ପ୍ରକାଶିତ ଏକ ବିଜ୍ଞପ୍ତି ଦ୍ୱାରା ସାର୍ବଜନୀନ ଅଭିଯୋଗ ନିବାରଣ ନିୟମାବଳୀ, 1998 ପ୍ରସ୍ତୁତ କଲେ । ଏହି ନିୟମଗୁଡିକ ଜୀବନ ଓ ଅଣ-ଜୀବନ ବୀମା, ସମସ୍ତ ବ୍ୟକ୍ତିଗତ ପ୍ରକାରର ବୀମାଗୁଡିକ ପାଇଁ, ଅର୍ଥାତ୍, ବ୍ୟକ୍ତିଗତ କ୍ଷମତାରେ ନିଆଯାଇଥିବା ବୀମାପାଇଁ ପ୍ରଯୁଜ୍ୟ ।

ଲୋକପାଳ, ବୀମିତ ଏବଂ ବୀମା କର୍ତ୍ତାଙ୍କ ପାରସ୍ପରିକ ସମ୍ମତି ଦ୍ୱାରା, କାର୍ଯ୍ୟକ୍ଷେତ୍ର ମଧ୍ୟରେ ଏକ ମଧ୍ୟସ୍ଥ ଏବଂ ଉପଦେଷ୍ଟା ରୂପେ କାର୍ଯ୍ୟ କରିପାରିବେ ।

ଲୋକପାଳଙ୍କ ନିଷ୍ପତ୍ତି, ଅଭିଯୋଗକୁ ଗ୍ରହଣ କରାଯିବ କି ଅସ୍ୱୀକାର କରାଯିବ, ଅନ୍ତିମ ଅଟେ ।

a) ଲୋକପାଳଙ୍କ ନିକଟରେ ଅଭିଯୋଗ

ଲୋକପାଳଙ୍କ ନିକଟରେ କରାଯାଉଥିବା କୌଣସି ବି ଅଭିଯୋଗ ଲିଖିତ ଆକାରରେ ଥିବା ଉଚିତ୍, ଯାହା ବୀମିତ କିମ୍ବା ତାଙ୍କ ବୈଧିକ ଉତ୍ତରାଧିକାରୀ ଦ୍ୱାରା ସ୍ୱାକ୍ଷରିତ ହୋଇ, ଏକ ଲୋକପାଳଙ୍କୁ ସମ୍ବୋଧିତ କରାଯାଏ ଯାହାଙ୍କ ଅଧିକାର କ୍ଷେତ୍ର ମଧ୍ୟରେ, ବୀମାକର୍ତ୍ତାଙ୍କ ଶାଖା/କାର୍ଯ୍ୟାଳୟ ଥାଏ, ଯାହା ଅଭିଯୋଗକାରୀଙ୍କୁ ହୋଇଥିବା ହାନିର ସ୍ୱରୂପ ଓ ମାତ୍ରା ଏବଂ ମାଗୁଥିବା ସହାୟତା ସହିତ, ଦସ୍ତାବିଜଗୁଡିକ ଦ୍ୱାରା ସମର୍ଥିତ ହୋଇଥାଏ, ଯଦି କିଛି ଥାଏ ।

ଲୋକପାଳଙ୍କୁ ଅଭିଯୋଗସବୁ କରାଯାଇପାରିବ ଯଦି:

i. ଅଭିଯୋଗକାରୀ ବୀମା କମ୍ପାନୀଙ୍କୁ ପୂର୍ବରୁ ଏକ ଲିଖିତ ଅଭିଯୋଗପତ୍ର ଦେଇଥିଲେ ଏବଂ ବୀମା କମ୍ପାନୀ:

   - ✓ ଅଭିଯୋଗକୁ ଅସ୍ୱୀକାର କରିଥିଲେ କିମ୍ବା
   - ✓ ବୀମାକର୍ତ୍ତା ଦ୍ୱାରା ଅଭିଯୋଗ ପ୍ରାପ୍ତିର ଗୋଟିଏ ମାସ ମଧ୍ୟରେ ଅଭିଯୋଗକାରୀ କୌଣସି ଉତ୍ତର ପ୍ରାପ୍ତି କରି ନ ଥିଲେ

ii. ବୀମାକର୍ତ୍ତା ଦ୍ୱାରା ଦିଆଯାଇଥିବା ଉତ୍ତରରେ ଅଭିଯୋଗକାରୀ ସନ୍ତୁଷ୍ଟ ନୁହନ୍ତି

iii. ବୀମା କମ୍ପାନୀ ଦ୍ୱାରା ହୋଇଥିବା ଅସ୍ୱୀକାରର ତାରିଖଠାରୁ ଏକ ବର୍ଷ ମଧ୍ୟରେ ଅଭିଯୋଗ କରାଯାଏ

iv. ଅଭିଯୋଗଟି କୌଣସି ନ୍ୟାୟାଳୟ କିମ୍ବା ଉପଭୋକ୍ତା ଫୋରମ୍ କିମ୍ବା ମଧ୍ୟସ୍ଥତାରେ ଅମୀମାଂସିତ ହୋଇ ରହି ନାହିଁ

b) ଲୋକପାଳ ଦ୍ୱାରା ସୁପାରିଶ

କେତେକ କର୍ତ୍ତବ୍ୟ/ବିଧି ରହିଛି ଯାହାକୁ ଲୋକପାଳ ଅନୁସରଣ କରିବା ଆଶା କରାଯାଏ:

i. ସେଭଳି ଏକ ଅଭିଯୋଗ ପ୍ରାପ୍ତିର ଗୋଟିଏ ମାସ ମଧ୍ୟରେ ସୁପାରିଶ ଗୁଡିକ କରାଯିବା ଉଚିତ୍

ii. ପ୍ରତିଲିପିଗୁଡିକ ଉଭୟ ଅଭିଯୋଗକାରୀ ଏବଂ ବୀମା କମ୍ପାନୀଙ୍କୁ ପଠାଯିବା ଉଚିତ୍

iii. ସେଭଳି ସୁପାରିଶ ପ୍ରାପ୍ତିର 15 ଦିନ ମଧ୍ୟରେ ସୁପାରିଶଗୁଡିକ ଅଭିଯୋଗକାରୀ ଦ୍ୱାରା ଲିଖିତରେ ଗ୍ରହଣ କରିବାକୁ ପଡିବ

iv. ବୀମିତ ଦ୍ୱାରା ସ୍ୱୀକୃତି ପତ୍ରର ଏକ ପ୍ରତିଲିପି ବୀମାକର୍ତ୍ତା ପାଖକୁ ପଠାଇବା ଉଚିତ୍ ଏବଂ ସେହି ସ୍ୱୀକୃତି ପତ୍ର ପ୍ରାପ୍ତ ହେବାର 15 ଦିନ ମଧ୍ୟରେ ତାଙ୍କ ଲିଖିତ ପୁଷ୍ଟିକରଣ ମଗାଯିବା ଉଚିତ୍

c) ନିଷ୍ପତ୍ତି

ଯଦି ବିବାଦର ସମାଧାନ ମଧ୍ୟସ୍ଥି ଦ୍ୱାରା ନ ହୁଏ, ଲୋକପାଳ ବୀମିତଙ୍କୁ ଏକ ନିଷ୍ପତ୍ତି ପ୍ରଦାନ କରିବେ ଯାହା ସେ ନ୍ୟାୟୋଚିତ ବୋଲି ବିଚାର କରିବେ, ଏବଂ ଯାହା ବୀମିତର ହାନିର ପ୍ରତି ପ୍ରତିପୂର୍ତ୍ତି କରିବା ପାଇଁ ଯେତିକି ଆବଶ୍ୟକ, ତା'ଠାରୁ ଅଧିକ ହେବ ନାହିଁ ।

ଲୋକପାଳଙ୍କ ଦ୍ୱାରା ଦିଆଯାଉଥିବା ନିଷ୍ପତ୍ତିଗୁଡିକ ନିମ୍ନ ନିୟମଗୁଡିକ ଦ୍ୱାରା ପରିଚାଳିତ ହୁଅନ୍ତି:

i. ନିଷ୍ପତ୍ତି ଟ. 20 ଲକ୍ଷ (ଅନୁଗ୍ରହ ରାଶି ଦେୟ ଓ ଅନ୍ୟାନ୍ୟ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ଠାରୁ ଅଧିକ ହେବା ଉଚିତ୍ ନୁହେଁ

ii. ଏଭଳି ଏକ ଅଭିଯୋଗ ପ୍ରାପ୍ତି ତାରିଖଠାରୁ 3 ମାସର ଅବଧି ମଧ୍ୟରେ ନିଷ୍ପତ୍ତି ଦିଆ ଯିବା ଉଚିତ, ଏବଂ ବୀମିତ ଏଭଳି ନିଷ୍ପତ୍ତି ପ୍ରାପ୍ତିର ଗୋଟିଏ ମାସ ମଧ୍ୟରେ ଅନ୍ତିମ ସମାଧାନ ହିସାବରେ ସଂପୂର୍ଣ୍ଣ ରୂପେ ନିଷ୍ପତ୍ତି ପ୍ରାପ୍ତିର ସ୍ୱୀକୃତି ଦେବା ଉଚିତ୍

iii. ବୀମାକର୍ତ୍ତା ନିଷ୍ପତ୍ତିର ଅନୁପାଳନ କରିବ ଏବଂ ସେଭଳି ସ୍ୱୀକୃତି ପତ୍ରର ପ୍ରାପ୍ତିର 15 ଦିନ ମଧ୍ୟରେ ଲୋକପାଳଙ୍କ ପାଖକୁ ଏକ ଲିଖିତ ସୂଚନା ପଠାଇବେ

iv. ଯଦି ବୀମିତ ସେଭଳି ନିଷ୍ପତ୍ତି ର ସ୍ୱୀକୃତି ଲିଖିତ ଆକାରରେ ସୂଚୀତ ନ କରେ, ବୀମାକର୍ତ୍ତା ନିଷ୍ପତ୍ତିକୁ ଲାଗୁ ନ କରି ପାରନ୍ତି

ସ୍ୱତଃ ପରୀକ୍ଷା କରନ୍ତୁ 1

___________ପାଖରେ ନ୍ୟାୟାଧିକାର ସୀମା ହେଉଛି ସେହି ଅଭିଯୋଗଗୁଡ଼ିକର ବିଚାର କରିବା, ଯେଉଁଠି ଗୃହୋପକରଣ କିମ୍ବା ସେବା ଏବଂ ଦାବୀ କରାଯାଇଥିବା କ୍ଷତିପୂରଣର ମୂଲ୍ୟ ଟ. 20 ଲକ୍ଷ ପର୍ଯ୍ୟନ୍ତ ଅଟେ ।

I. ଜିଲ୍ଲା ଫୋରମ୍

II. ରାଜ୍ୟ ଆୟୋଗ

III. ଜିଲ୍ଲା ପରିଷଦ

IV. ଜାତୀୟ ଆୟୋଗ

ସାରାଂଶ

- ଆଇ ଆର ଡି ଏ ଏକ ସମନ୍ୱିତ ଅଭିଯୋଗ ପରିଚାଳନା ପ୍ରଣାଳୀ (ଆଇ ଜି ଏମ୍ ଏସ୍) ର ପ୍ରବର୍ତ୍ତନ କରିଛନ୍ତି ଯାହା ବୀମା ଅଭିଯୋଗ ତଥ୍ୟର ଏକ କେନ୍ଦ୍ରୀୟ ଭଣ୍ଡାର ଏବଂ ଉଦ୍ୟୋଗରେ ଅଭିଯୋଗ ନିବାରଣକୁ ନିରୀକ୍ଷଣ କରିବା ପାଇଁ ଏକ ଉପକରଣ ରୂପେ କାର୍ଯ୍ୟ କରେ ।
- ଉପଭୋକ୍ତା ବିବାଦ ନିବାରଣ ମାଧ୍ୟମଗୁଡ଼ିକ ପ୍ରତ୍ୟେକ ଜିଲ୍ଲା ଓ ରାଜ୍ୟ ଏବଂ ଜାତୀୟ ସ୍ତରରେ ସ୍ଥାପିତ କରାଯାଇଛି ।
- ବୀମା ବ୍ୟବସାୟ ପରିପ୍ରେକ୍ଷୀରେ ଉପଭୋକ୍ତା ବିବାଦଗୁଡ଼ିକ ମଧ୍ୟରୁ ଅଧିକାଂଶ ଏହି ସବୁ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୁଅନ୍ତି ଯଥା: ଦାବୀସବୁର ନିଷ୍ପତ୍ତିରେ ବିଳମ୍ବ, ଦାବୀସବୁର ଅନିଷ୍ପତ୍ତି, ଦାବୀଗୁଡ଼ିକର ପ୍ରତ୍ୟାଖ୍ୟାନ, କ୍ଷତିର ମାତ୍ରା ଏବଂ ପଲିସୀ ଅବଧି/ସର୍ତ୍ତାବଳୀ, ପ୍ରତିବନ୍ଧ ଇତ୍ୟାଦି ।
- ଲୋକପାଳ, ବୀମିତ ଏବଂ ବୀମାକର୍ତ୍ତାଙ୍କ ପାରସ୍ପରିକ ସମ୍ମତି ଦ୍ୱାରା, କାର୍ଯ୍ୟକ୍ଷେତ୍ର ମଧ୍ୟରେ ଏକ ମଧ୍ୟସ୍ଥ ଏବଂ ଉପଦେଷ୍ଟା ରୂପେ କାର୍ଯ୍ୟ କରିପାରିବେ ।
- ***ଯଦି ବିବାଦର ସମାଧାନ ମଧ୍ୟସ୍ଥି ଦ୍ୱାରା ନ ହୁଏ, ଲୋକପାଳ ବୀମିତକୁ ଏକ ନିଷ୍ପତ୍ତି ପ୍ରଦାନ କରିବେ ଯାହା ସେ ନ୍ୟାୟୋଚିତ ବୋଲି ବିଚାର କରିବେ, ଏବଂ ଯାହା ବୀମିତର ହାନିର ପ୍ରତିପୂର୍ତ୍ତି କରିବା ପାଇଁ ଯେତିକି ଆବଶ୍ୟକ, ତା' ଠାରୁ ଅଧିକ ହେବ ନାହିଁ।***

ମୁଖ୍ୟ ପଦାବଳୀ

1. ସମନ୍ୱିତ ଅଭିଯୋଗ ପରିଚାଳନା ପ୍ରଣାଳୀ (ଆଇ ଜି ଏମ୍ ଏସ୍)
2. ଉପଭୋକ୍ତା ସୁରକ୍ଷା ଆଇନ, 1986
3. ଜିଲ୍ଲା ଫୋରମ୍
4. ରାଜ୍ୟ ଆୟୋଗ

5. ଜାତୀୟ ଆୟୋଗ

6. ବୀମା ଲୋକପାଳ

ସ୍ୱତଃ ପରୀକ୍ଷଣ କରନ୍ତୁର ଉତ୍ତର

ଉତ୍ତର 1

ସଠିକ୍ ଉତ୍ତର ହେଉଛି I ।

ଜିଲ୍ଲା ଫୋରମ୍ ପାଖରେ ନ୍ୟାୟାଧିକାର ସୀମା ହେଉଛି ସେହି ଅଭିଯୋଗଗୁଡ଼ିକର ବିଚାର କରିବା,.ଯେଉଁଠି ଗୃହୋପକରଣ କିମ୍ବା ସେବା ଏବଂ ଦାବୀ କରାଯାଇଥିବା କ୍ଷତିପୂରଣର ମୂଲ୍ୟ ଟ. 20 ଲକ୍ଷ ପର୍ଯ୍ୟନ୍ତ ଅଟେ ।

ସ୍ୱ - ପରୀକ୍ଷଣ ପ୍ରଶ୍ନାବଳୀ

ପ୍ରଶ୍ନ 1

'ଆଇ ଜି ଏମ୍ ଏସ୍' ପଦ ର ସମ୍ପ୍ରସାରଣ କରନ୍ତୁ ।

I. ଇନ୍ସୁରାନ୍ସ ଜେନେରାଲ୍ ମ୍ୟାନେଜମେଣ୍ଟ ସିଷ୍ଟମ୍

II. ଇଣ୍ଡିଆନ୍ ଜେନେରାଲ୍ ମ୍ୟାନେଜମେଣ୍ଟ ସିଷ୍ଟମ

III. ଇଣ୍ଟିଗ୍ରେଟେଡ୍ ଗ୍ରିୱାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ

IV. ଇଣ୍ଟେଲିଜେଣ୍ଟ ଗ୍ରିୱାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ

ପ୍ରଶ୍ନ 2

ନିମ୍ନ ଲିଖିତ ଉପଭୋକ୍ତା ଅଭିଯୋଗ ନିବାରଣ ମାଧ୍ୟମଗୁଡ଼ିକ ମଧ୍ୟରୁ କିଏ ଟ. 20 ଲକ୍ଷ ଏବଂ ଟ. 100 ଲକ୍ଷ ମଧ୍ୟରେ ଥିବା ମୂଲ୍ୟର ଉପଭୋକ୍ତା ବିବାଦକୁ ସମ୍ଭାଳି ପାରିବେ ?

I. ଜିଲ୍ଲା ଫୋରମ୍

II. ରାଜ୍ୟ ଆୟୋଗ

III. ଜାତୀୟ ଆୟୋଗ

IV. ଜିଲ୍ଲାପରିଷଦ

ପ୍ରଶ୍ନ 3

ନିମ୍ନ ଲିଖିତ ମଧ୍ୟରୁ କେଉଁଟା ଏକ ବୈଧ ଉପଭୋକ୍ତା ଅଭିଯୋଗ ପାଇଁ ଆଧାର ହୋଇ ପାରିବ ନାହିଁ ?

I. I.ଦୋକାନୀ ଗୋଟିଏ ଉତ୍ପାଦ ପାଇଁ ଏମଆରପି ଠାରୁ ଅଧିକ ମୂଲ୍ୟ ଲାଗୁ କରିବା

II. ଦୋକାନୀ ଗୋଟିଏ ବର୍ଗରେ ଥିବା ସର୍ବୋତ୍ତମ ଉତ୍ପାଦ ବିଷୟରେ ଗ୍ରାହକ କୁ ଉପଦେଶ ନ ଦେବା

III. ଗୋଟିଏ ଔଷଧ ବୋତଲ ଉପରେ ପ୍ରତ୍ୟୁର୍ଜତା ଚେତାବନୀ ଦିଆ ଯାଇ ନ ଥିବା

IV. ତ୍ରୁଟିଯୁକ୍ତ ଉତ୍ପାଦ ଗୁଡ଼ିକ

ପ୍ରଶ୍ନ 4

ନିମ୍ନଲିଖିତ ମଧ୍ୟରୁ କେଉଁଟା ଗୋଟିଏ ଗ୍ରାହକ ପାଇଁ ଏକ ବୀମା ପଲିସୀ ସମ୍ବନ୍ଧୀୟ ଅଭିଯୋଗ ଦାଖଲ କରିବା ପାଇଁ ସବୁଠାରୁ ଉପଯୁକ୍ତ ବିକଳ୍ପ ହେବ ?

I. ପୋଲିସ
II. ଉଚ୍ଚତମ ନ୍ୟାୟାଳୟ
III. ବୀମା ଲୋକପାଳ
IV. ଜିଲ୍ଲା ନ୍ୟାୟାଳୟ

ପ୍ରଶ୍ନ 5

ନିମ୍ନ ଲିଖିତ ମଧ୍ୟରୁ କେଉଁ ଉକ୍ତି ବୀମା ଲୋକପାଳର ପ୍ରାଦେଶିକ ନ୍ୟାୟାଧିକାର ସଂବନ୍ଧରେ ସଠିକ ଅଟେ ?

I. ବୀମା ଲୋକପାଳଙ୍କ ଜାତୀୟ ନ୍ୟାୟାଧିକାର ଅଛି
II. ବୀମା ଲୋକପାଳଙ୍କ ରାଜ୍ୟ ନ୍ୟାୟାଧିକାର ଅଛି
III. ବୀମା ଲୋକପାଳଙ୍କ ଜିଲ୍ଲା ନ୍ୟାୟାଧିକାର ଅଛି
IV. ବୀମା ଲୋକପାଳ କେବଳ ନିର୍ଦ୍ଦିଷ୍ଟ କ୍ଷେତ୍ରିୟ ସୀମା ଭିତରେ କାର୍ଯ୍ୟ କରନ୍ତି

ପ୍ରଶ୍ନ 6

ଏକ ବୀମା ଲୋକପାଳ ନିକଟରେ କିପରି ଅଭିଯୋଗ ଦାଖଲ କରାଯାଏ ?

I. ଅଭିଯୋଗ ଲିଖିତ ଆକାରରେ କରିବାକୁ ପଡେ
II. ଅଭିଯୋଗ ଫୋନ୍ ଦ୍ୱାରା ମୌଖିକ ରୂପେ କରିବାକୁ ପଡେ
III. ଅଭିଯୋଗ ମୌଖିକ ରୂପେ ସାମନା ସାମନି କରିବାକୁ ପଡେ
IV. ଅଭିଯୋଗ ଖବରକାଗଜ ବିଜ୍ଞାପନ ଜରିଆରେ କରିବାକୁ ପଡେ

ପ୍ରଶ୍ନ 7

ଏକ ବୀମା ଲୋକପାଳ ନିକଟକୁ ପହଞ୍ଚିବା ପାଇଁ ସମୟ ସୀମା କଣ ଅଟେ ?

I. ବୀମା କର୍ତ୍ତା ଦ୍ୱାରା ଅଭିଯୋଗର ଅସ୍ୱୀକୃତିର ଦୁଇ ବର୍ଷ ମଧ୍ୟରେ
II. ବୀମା କର୍ତ୍ତା ଦ୍ୱାରା ଅଭିଯୋଗର ଅସ୍ୱୀକୃତିର ତିନି ବର୍ଷ ମଧ୍ୟରେ
III. ବୀମା କର୍ତ୍ତା ଦ୍ୱାରା ଅଭିଯୋଗ ର ଅସ୍ୱୀକୃତିର ଗୋଟିଏ ବର୍ଷ ମଧ୍ୟରେ
IV. ବୀମା କମ୍ପାନୀ ଦ୍ୱାରା ଅଭିଯୋଗର ଅସ୍ୱୀକୃତିର ଗୋଟିଏ ମାସ ମଧ୍ୟରେ

ପ୍ରଶ୍ନ 8

ନିମ୍ନଲିଖିତ ମଧ୍ୟରୁ କେଉଁଟା ଲୋକପାଳ ନିକଟରେ ଗୋଟିଏ ଅଭିଯୋଗ ଦାଖଲ କରିବା ପାଇଁ ପୂର୍ବ-ଆବଶ୍ୟକତା ନୁହେଁ ?

I. ଅଭିଯୋଗ ଏକ 'ବ୍ୟକ୍ତିଗତ ପଙ୍କ୍ତି' ବୀମା ଉପରେ ଏକ ବ୍ୟକ୍ତି ଦ୍ୱାରା ନିଶ୍ଚିତ ରୂପେ ହେବା ଉଚିତ
II. ବୀମା କର୍ତ୍ତା ଅଭିଯୋଗ ଅସ୍ୱୀକାର କରିବାର ଗୋଟିଏ ବର୍ଷ ଭିତରେ ଅଭିଯୋଗ ନିଶ୍ଚୟ ଦାଖଲ କରିବା ଉଚିତ
III. ଅଭିଯୋଗକାରୀକୁ ଲୋକପାଳ ପୂର୍ବରୁ ଏକ ଉପଭୋକ୍ତା ଫୋରମ୍ ନିକଟକୁ ଯିବାକୁ ପଡିବ

IV. ମାଗୁଥିବା ମୋଟ ସହାୟତା ଟ. 20 ଲକ୍ଷ ମୂଲ୍ୟ ଭିତରେ ନିଶ୍ଚୟ ରହିବା ଉଚିତ

ପ୍ରଶ୍ନ 9

ଲୋକପାଳ ନିକଟରେ ଅଭିଯୋଗ ଦାଖଲ ପାଇଁ କୌଣସି ଶୁଳ୍କ/ଚାର୍ଜ ଦେବା ଆବଶ୍ୟକ ଅଛି କି ?

I. ଟ. 100 ର ଶୁଳ୍କ ଦେବା ଆବଶ୍ୟକ

II. କୌଣସି ଶୁଳ୍କ/ଚାର୍ଜ ଦେବା ଆବଶ୍ୟକ ନୁହେଁ

III. ମଗାଯାଇଥିବା ସହାୟତା ରାଶିର 20% ଶୁଳ୍କ ଆକାରରେ ନିଶ୍ଚୟ ଦେବା ଉଚିତ

IV. ମଗାଯାଇଥିବା ସହାୟତା ରାଶିର 10% ଶୁଳ୍କ ଆକାରରେ ନିଶ୍ଚୟ ଦେବା ଉଚିତ

ପ୍ରଶ୍ନ 10

ଏକ ନିଜସ୍ୱ ବୀମା କର୍ତ୍ତା ବିପକ୍ଷରେ ଅଭିଯୋଗ ଦାଖଲ କରାଯାଇପାରିବ କି ?

I. ଅଭିଯୋଗ ଗୁଡିକ କେବଳ ସାର୍ବଜନୀନ ବୀମା କର୍ତ୍ତାମାନଙ୍କ ବିପକ୍ଷରେ ଦାଖଲ କରାଯାଇ ପାରିବ

II. ହଁ, ନିଜସ୍ୱ ବୀମା କର୍ତ୍ତାମାନଙ୍କ ବିପକ୍ଷରେ ଅଭିଯୋଗ ଦାଖଲ କରାଯାଇ ପାରିବ

III. ଜୀବନ ବିଭାଗରେ କେବଳ ନିଜସ୍ୱ ବୀମା କର୍ତ୍ତାମାନଙ୍କ ବିପକ୍ଷରେ ଅଭିଯୋଗ ଦାଖଲ କରାଯାଇପାରିବ

IV. ଅଣ-ଜୀବନ ବିଭାଗରେ କେବଳ ନିଜସ୍ୱ ବୀମା କର୍ତ୍ତାମାନଙ୍କ ବିପକ୍ଷରେ ଅଭିଯୋଗ ଦାଖଲ କରାଯାଇ ପାରିବ

ସ୍ୱ-ପରୀକ୍ଷଣ ପ୍ରଶ୍ନଗୁଡିକର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି III ।

ଆଇଜିଏମ୍ଏସ୍ ଇଣ୍ଟିଗ୍ରେଟେଡ୍ ଗ୍ରିଭାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍ ବଦଳରେ ଉପଯୋଗ ହୁଏ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି II ।

ରାଜ୍ୟ ଆୟୋଗ ଟ. 20 ଲକ୍ଷ ଏବଂ ଟ.100 ଲକ୍ଷ ମଧ୍ୟରେ ଥିବା ମୂଲ୍ୟର ଉପଭୋକ୍ତା ବିବାଦକୁ ସମ୍ଭାଳି ପାରିବେ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି II ।

ଦୋକାନୀ ଗୋଟିଏ ବର୍ଗରେ ଥିବା ସର୍ବୋତ୍ତମ ଉତ୍ପାଦ ବିଷୟରେ ଉପଦେଶ ନ ଦେବା ଗୋଟିଏ ବୈଧ ଉପଭୋକ୍ତା ଅଭିଯୋଗ ପାଇଁ ଆଧାର ହୋଇ ପାରିବ ନାହିଁ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି III ।

ଅଭିଯୋଗ ସେହି ବୀମା ଲୋକପାଳ ନିକଟରେ ଦାଖଲ କରିବାକୁ ପଡ଼େ ଯାହାଙ୍କ କ୍ଷେତ୍ରୀୟ ସୀମା ଅନ୍ତର୍ଗତ ବୀମାକର୍ତ୍ତାଙ୍କ କାର୍ଯ୍ୟାଳୟ ଥାଏ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି IV ।

ବୀମା ଲୋକପାଳ କେବଳ ନିର୍ଦ୍ଦିଷ୍ଟ କ୍ଷେତ୍ରୀୟ ସୀମା ଭିତରେ କାର୍ଯ୍ୟ କରନ୍ତି ।

ଉତ୍ତର 6

ସଠିକ୍ ବିକଳ୍ପ ହେଉଛି I ।

ଲୋକପାଳ ନିକଟରେ ଅଭିଯୋଗ ଲିଖିତ ଆକାରରେ କରିବାକୁ ପଡ଼େ ।

ଉତ୍ତର 7

ସଠିକ୍ ବିକଳ୍ପ ହେଉଛି III ।

ଅଭିଯୋଗକାରୀ ଲୋକପାଳ ନିକଟକୁ ବୀମା କର୍ତ୍ତା ଦ୍ୱାରା ଅଭିଯୋଗର ଅସ୍ୱୀକୃତିର ଗୋଟିଏ ବର୍ଷ ମଧ୍ୟରେ ନିଶ୍ଚୟ ପହଞ୍ଚିବା ଉଚିତ୍ ।

ଉତ୍ତର 8

ସଠିକ୍ ବିକଳ୍ପ ହେଉଛି III ।

ଅଭିଯୋଗକାରୀକୁ ଲୋକପାଳ ପୂର୍ବରୁ ଏକ ଉପଭୋକ୍ତା ଫୋରମ୍ ନିକଟକୁ ପହଞ୍ଚିବା ଆବଶ୍ୟକ ନାହିଁ ।

ଉତ୍ତର 9

ସଠିକ୍ ବିକଳ୍ପ ହେଉଛି II ।

ଲୋକପାଳ ନିକଟରେ ଅଭିଯୋଗ ଦାଖଲ ପାଇଁ କୌଣସି ଶୁଳ୍କ/ ଚାର୍ଜ ଦେବା ଆବଶ୍ୟକ ନାହିଁ ।

ଉତ୍ତର 10

ସଠିକ୍ ବିକଳ୍ପ ହେଉଛି II ।

ହଁ, ନିଜସ୍ୱ ବୀମାକର୍ତ୍ତା ମାନଙ୍କ ବିପକ୍ଷରେ ଅଭିଯୋଗ ଦାଖଲ କରାଯାଇପାରିବ ।

ଅଧ୍ୟାୟ 4

କର୍ପୋରେଟ ଅଭିକର୍ତ୍ତା

A.	*କର୍ପୋରେଟ ଅଭିକର୍ତ୍ତା*

କର୍ପୋରେଟ ଅଭିକର୍ତ୍ତା ବିନିୟମାବଳୀ ଅଗଷ୍ଟ, 2015 ରେ ସଂଶୋଧିତ ହେଲା ଏବଂ 1 ଏପ୍ରିଲ, 2016 ଠାରୁ ଲାଗୁ ହେବ ।

ନିମ୍ନ ପରିଭାଷାଗୁଡିକ ପ୍ରାସଙ୍ଗିକ ଅଟନ୍ତି ।

1. ପରିଭାଷା :

(a) **"ଅଧିନିୟମ"** ର ଅର୍ଥ ହେଉଛି ସମୟ ସମୟରେ ସଂଶୋଧିତ ହେଉଥିବା ବୀମା ଅଧିନିୟମ, 1938 (1938 ର 4)

(b) **"ଆବେଦକ"** ର ଅର୍ଥ ହେଉଛି -

(i) ଏକ କମ୍ପାନୀ ଯାହା କମ୍ପାନୀ ଆଇନ, 2013 (2013 ର 18) କିମ୍ବା ସେଥିରେ ଥିବା କୌଣସି ଅଧିନିୟମ ଅନ୍ତର୍ଗତ କିମ୍ବା

କୌଣସି ପୂର୍ବବର୍ତ୍ତୀ କମ୍ପାନୀ ଆଇନ ଯାହା ବଳବତ୍ତର ଥିଲା; ତା' ଅନ୍ତର୍ଗତ ଗଠିତ ହୋଇଥିଲା; କିମ୍ବା

(ii) ସୀମିତ ଦାୟିତ୍ୱ ଭାଗିଦାରୀ ଆଇନ, 2008 ଅନ୍ତର୍ଗତ ଗଠିତ ଏବଂ ପଞ୍ଜିକୃତ ଏକ ସୀମିତ ଦାୟିତ୍ୱ ଭାଗିଦାରୀ; କିମ୍ବା

(iii) ସହକାରୀ ସଂସ୍ଥା ଆଇନ, 1912 ଅନ୍ତର୍ଗତ କିମ୍ବା ସହକାରୀ ସଂସ୍ଥାଗୁଡିକର ପଞ୍ଜିକରଣ ପାଇଁ ଥିବା କୌଣସି ଆଇନ

ଅନ୍ତର୍ଗତ ପଞ୍ଜିକୃତ ଏକ ସହକାରୀ ସଂସ୍ଥା, କିମ୍ବା

(iv) ଅଧିନିୟମର ଅନୁଭାଗ 2 ର ଧାରା (4A) ରେ ପରିଭାଷିତ ହୋଇଥିବା ଅନୁସାରେ ଏକ ବ୍ୟାଙ୍କିଂ କମ୍ପାନୀ

(V) ବ୍ୟାଙ୍କିଂ କମ୍ପାନୀ ଆଇନ, 1949 (1949 ର 10) ଅନୁଭାଗ 5 ର ଉପ-ଅନୁଭାଗ(1) ର ଧାରା (da) ଅନ୍ତର୍ଗତ

ପରିଭାଷିତ ହୋଇଥିବା ଅନୁସାରେ ଏକ ଅନୁରୂପ ନୂତନ ବ୍ୟାଙ୍କ

(vi) କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କ ଆଇନ, 1976 (1976 ର 21) ର ଅନୁଭାଗ 3 ଅନ୍ତର୍ଗତ ସ୍ଥାପିତ ଏକ କ୍ଷେତ୍ରୀୟ ଗ୍ରାମୀଣ

ବ୍ୟାଙ୍କ : କିମ୍ବା

(vii) ସହକାରୀ ସଂସ୍ଥା ଆଇନ, 1912 କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ ସହିତ ପଞ୍ଜିକୃତ ଏକ ଅଣ-ବ୍ୟାଙ୍କିଂ ବିତ୍ତୀୟ କମ୍ପାନୀ

ଅନ୍ତର୍ଗତ ସମ୍ମିଳିତ ଏକ ଅଣ-ସରକାରୀ ସଂଗଠନ କିମ୍ବା ଏକ ସୂକ୍ଷ୍ମ ଋଣଦାତା ଆର୍ଥିକ ସଂଗଠନ : କିମ୍ବା

(viii) ଏକ କର୍ପୋରେଟ ଅଭିକର୍ତ୍ତାରୂପେ କାର୍ଯ୍ୟ କରିବା ପାଇଁ ପ୍ରାଧିକରଣ ଦ୍ୱାରା ମାନ୍ୟତାପ୍ରାପ୍ତ କୌଣସି ଅନ୍ୟ ବ୍ୟକ୍ତି ।

(c) **"ସ୍ୱୀକୃତ ସଂସ୍ଥାନ"** ର ଅର୍ଥ ହେଉଛି ସମୟ ସମୟରେ ପ୍ରାଧିକରଣ ଦ୍ୱାରା ସ୍ୱୀକୃତ ଓ ଅଧିସୂଚୀତ ହୋଇଥିବା ବିଶେଷ ରୂପେ ବୀମା

ବିକ୍ରୟ, ସେବା ଓ ବିପଣନ କ୍ଷେତ୍ରରେ ଶିକ୍ଷା ଏବଂ/କିମ୍ବା ପ୍ରଶିକ୍ଷଣରେ ସଂଲଗ୍ନ କୌଣସି ସଂସ୍ଥାନ/ଅନୁଷ୍ଠାନ, ଏବଂ ଏଥିରେ

ଭାରତୀୟ ବୀମା ସଂସ୍ଥାନ, ମୁମ୍ବାଇ ଅନ୍ତର୍ଭୁକ୍ତ ଅଟେ ।

(d) “ପ୍ରାଧିକୃତ ସତ୍ୟାପକ” ର ଅର୍ଥ ହେଉଛି ଏକ ବ୍ୟକ୍ତି ଯିଏ ଦୂରଭାଷୀ ମୋଡରେ ଯାଚନା କିମ୍ବା ବିକ୍ରୟ ଉଦ୍ଦେଶ୍ୟ ନେଇ ଏକ ଟେଲି

ମାର୍କେଟର ଦ୍ୱାରା ନିଯୁକ୍ତ ହୋଇଥାଏ ଏବଂ ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ପାଇଁ ଏହି ବିନିୟମାବଳୀର ବିନିୟମ 7(3) ଅନ୍ତର୍ଗତ ବିନିର୍ଦ୍ଦିଷ୍ଟ

ହୋଇଥିବା ଅନୁସାରେ ଆବଶ୍ୟକତାଗୁଡିକୁ ପୂରଣ କରିବ;

(e) “ପ୍ରାଧିକରଣ” ର ଅର୍ଥ ହେଉଛି ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ, 1999 (1999 ର 41) ର ଅନୁଭାଗ 3

ର ପ୍ରାବଧାନ ଅନ୍ତର୍ଗତ ସଂସ୍ଥାପିତ ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ ।

(f) “କର୍ପୋରେଟ ଅଭିକର୍ତ୍ତା” ର ଅର୍ଥ ହେଉଛି ଉପରୋକ୍ତ ଧାରା (ଖ) ରେ ବିନିର୍ଦ୍ଦିଷ୍ଟ କୌଣସି ବ୍ୟକ୍ତି ଯିଏ ଜୀବନ, ସାଧାରଣ ଓ

ସ୍ୱାସ୍ଥ୍ୟ ର କୌଣସି ବି ବିନିର୍ଦ୍ଦିଷ୍ଟ ବର୍ଗ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ସେବା ସକାଶେ ଏହି ବିନିୟାମାବଳୀ ଅନ୍ତର୍ଗତ

ପ୍ରାଧିକରଣଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ କରିଥାଏ ।

(g) “କର୍ପୋରେଟ ଅଭିକର୍ତ୍ତା(ଜୀବନ)” ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ଏହି ବିନିୟମାବଳୀରେ ବିନିର୍ଦ୍ଦିଷ୍ଟ କରାଯାଇ

ଥିବା ଅନୁସାରେ ଜୀବନ ବୀମାକର୍ତ୍ତାମାନଙ୍କ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ସେବା ସକାଶେ, ସେଭଳି କାର୍ଯ୍ୟ କରିବାପାଇଁ,

ଏହି ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ କରିଥାଏ ।

(h) “କର୍ପୋରେଟ ଅଭିକର୍ତ୍ତା (ସାଧାରଣ)”ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ଏହି ବିନିୟମାବଳୀରେ ବିନିର୍ଦ୍ଦିଷ୍ଟ

କରାଯାଇ ଥିବା ଅନୁସାରେ ସାଧାରଣ ବୀମାକର୍ତ୍ତାମାନଙ୍କ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ସେବା ସକାଶେ, ସେଭଳି କାର୍ଯ୍ୟ

କରିବାପାଇଁ, ଏହି ବିନିୟାମାବଳୀ ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ

କରିଥାଏ ।

(i) “କର୍ପୋରେଟ ଅଭିକର୍ତ୍ତା(ସ୍ୱାସ୍ଥ୍ୟ)” ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ଏହି ବିନିୟମାବଳୀରେ ବିନିର୍ଦ୍ଦିଷ୍ଟ କରାଯାଇ

ଥିବା ଅନୁସାରେ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନଙ୍କ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ସେବା ସକାଶେ, ସେଭଳି କାର୍ଯ୍ୟ କରିବାପାଇଁ,

ଏହି ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ କରିଥାଏ ।

(j) “କର୍ପୋରେଟ ଅଭିକର୍ତ୍ତା (ସଂଯୁକ୍ତ)” ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ଉପରୋକ୍ତ ଧାରା (f) ରେ ବିନିର୍ଦ୍ଦିଷ୍ଟ କରା

ଯାଇଥିବା ଅନୁସାରେ ଜୀବନ ବୀମାକର୍ତ୍ତା, ସାଧାରଣ ବୀମାକର୍ତ୍ତା ଏବଂ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନଙ୍କ ପାଇଁ କିମ୍ବା କୌଣସି ଦୁଇ କିମ୍ବା

ସମସ୍ତ ତିନୋଟିର ସଂଯୁକ୍ତ ପାଇଁ ବୀମା ବ୍ୟବସାୟର ଯାଚନା ଏବଂ ପ୍ରାପ୍ତି ସକାଶେ, ସେ ଭଳି କାର୍ଯ୍ୟ କରିବା ପାଇଁ ଏହି

ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜିକରଣ ପ୍ରମାଣପତ୍ର ଧାରଣ କରିଥାଏ ।

(k) ଏହି ବିନିୟମାବଳୀର ଉଦ୍ଦେଶ୍ୟ ପାଇଁ "ପରୀକ୍ଷା ସମିତି" ହେଉଛି ଭାରତୀୟ ବୀମା ସଂସ୍ଥାନ, ମୁମ୍ବାଇ କିମ୍ବା କର୍ପୋରେଟ ଅଭିକର୍ତ୍ତା

ମାନଙ୍କ ପ୍ରଧାନ ଅଧିକାରୀ ଓ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ପାଇଁ ପ୍ରମାଣପତ୍ର ପରୀକ୍ଷା ଆୟୋଜିତ କରିବା ପାଇଁ ପ୍ରାଧିକରଣଦ୍ୱାରା ସ୍ୱୀକୃତ

ଏବଂ ଅଧିସୂଚୀତ କୌଣସି ଅନ୍ୟ ସମିତି ।

(l) କର୍ପୋରେଟ ଅଭିକର୍ତ୍ତା ରୂପେ କାର୍ଯ୍ୟ କରିବା ପାଇଁ ତାହାର ପ୍ରଧାନ ଅଧିକାରୀ, ନିର୍ଦ୍ଦେଶକ କିମ୍ବା ଅଂଶୀଦାର କିମ୍ବା କୌଣସି ଅନ୍ୟ

କର୍ମଚାରୀମାନଙ୍କ ସମେତ ଏକ ଆବେଦକକୁ ପଞ୍ଜିକୃତ କରିବା ପାଇଁ ଉପଯୁକ୍ତତା ନିର୍ଦ୍ଧାରିତ କରିବା ସକାଶେ "ଯୋଗ୍ୟ ଏବଂ

ସମୁଚିତ" ହେଉଛି ମାପଦଣ୍ଡ ।

(m) ଏକ କର୍ପୋରେଟ ଅଭିକର୍ତ୍ତାର "ପ୍ରଧାନ ଅଧିକାରୀ" ର ଅର୍ଥ ହେଉଛି କର୍ପୋରେଟ ଅଭିକର୍ତ୍ତାର କାର୍ଯ୍ୟକଳାପଗୁଡିକୁ ନିରୀକ୍ଷଣ କରି

ବାକୁ କେବଳ ନିଯୁକ୍ତ ହୋଇଥିବା, ଏକ ନିର୍ଦ୍ଦେଶକ କିମ୍ବା ଏକ ଅଂଶୀଦାର କିମ୍ବା ଏହାଦ୍ୱାରା ପଦବୀ ପ୍ରାପ୍ତ, ଏବଂ ପ୍ରାଧିକରଣ ଦ୍ୱାରା

ସ୍ୱୀକୃତ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଏବଂ ଯିଏ ଆବଶ୍ୟକୀୟ ଯୋଗ୍ୟତା ଓ ବ୍ୟବସାୟିକ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବ ତଥା

ଏହି ବିନିୟମାବଳୀ ଅନ୍ତର୍ଗତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବ ।

(n) "ପଞ୍ଜୀକରଣ" ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତା ରୂପେ କାର୍ଯ୍ୟ କରିବାକୁ ଏହି ବିନିୟମାବଳୀ ଅନ୍ତର୍ଗତ ଜାରୀ କରା

ଯାଇଥିବା ଏକ ପଞ୍ଜୀକରଣ ପ୍ରମାଣପତ୍ର ।

(o) "ବିନିୟମାବଳୀ" ର ଅର୍ଥ ହେଉଛି ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (କର୍ପୋରେଟ ଅଭିକର୍ତ୍ତା ପଞ୍ଜୀକରଣ)

ବିନିୟମାବଳୀ, 2015 ।

(p) "ବିନିର୍ଦ୍ଦିଷ୍ଟ ବ୍ୟକ୍ତି" ର ଅର୍ଥ ହେଉଛି ଏକ କର୍ପୋରେଟ ଅଭିକର୍ତ୍ତାର ଜଣେ କର୍ମଚାରୀ ଯିଏ କର୍ପୋରେଟ ଅଭିକର୍ତ୍ତା ତରଫରୁ ବୀମା

ବ୍ୟବସାୟ ଯାଚିବା ଓ ପ୍ରାପ୍ତ କରିବା ପାଇଁ ଦାୟୀ ହୋଇଥାଏ ଏବଂ ଏହି ବିନିୟମାବଳୀରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ

ଯୋଗ୍ୟତା, ପ୍ରଶିକ୍ଷଣ ଓ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତାସବୁକୁ ପୂରଣ କରିଥିବ;

(q) “ଟେଲିମାର୍କେଟର” ର ଅର୍ଥ ହେଉଛି ବାଣିଜ୍ୟିକ ସୂଚନା ପ୍ରେରଣ କରିବାର କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ଟେଲିକମ୍ କମର୍ସିଆଲ

କମ୍ୟୁନିକେଶନ୍ସ କଷ୍ଟମର ପ୍ରିଫରେନ୍ସ ରେଗୁଲେଶନ୍ସ, 2010 (ଟେଲିକମ୍ ବାଣିଜ୍ୟିକ ସଂଚାର ଗ୍ରାହକ ପସନ୍ଦ ବିନିୟମାବଳୀ,

2010) ର ଅଧ୍ୟାୟ III ଅନ୍ତର୍ଗତ ଭାରତୀୟ ଟେଲିକମ୍ ବିନିୟାମକ ପ୍ରାଧିକରଣ ସହିତ ପଞ୍ଜିକୃତ ଏକ ସତ୍ତା ।

(r) ଏହି ବିନିୟମାବଳୀରେ ବ୍ୟବହୃତ ହୋଇଥିବା ଏବଂ ପରିଭାଷିତ ହୋଇ ନ ଥିବା କିନ୍ତୁ ସମୟ ସମୟରେ ସଂଶୋଧିତ ହୋଇଥିବା ଅନୁରୂପ, ଅଧିନିୟମ, ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ, 1999 କିମ୍ବା ତା' ଅନ୍ତର୍ଗତ କୌଣସି ବିନିୟମାବଳୀ/ ମାର୍ଗଦର୍ଶିକାରେ ପରିଭାଷିତ ହୋଇଥିବା ଶବ୍ଦାବଳୀ ତଥା ଉକ୍ତିଗୁଡ଼ିକର ଅର୍ଥ ଯଥାକ୍ରମେ ସେହି ଅଧିନିୟମ/ ବିନିୟମାବଳୀ / ମାର୍ଗଦର୍ଶିକାରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ରୂପେ ହେବ ।

2. ଏହି ବିନିୟମାବଳୀର ପରିସର ଏବଂ ପ୍ରଯୁଜ୍ୟତା :

(1) ଏହି ବିନିୟମାବଳୀ ନିମ୍ନ ରୂପେ ପଞ୍ଜିକରଣ ପ୍ରମାଣପତ୍ରର ବୈଧତା ସମୟାବଧିରେ ଜୀବନ ବୀମାକର୍ତ୍ତା, ସାଧାରଣ ବୀମାକର୍ତ୍ତା

ଓ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନଙ୍କ ବୀମା ବ୍ୟବସାୟର ଯାଚନା, ପ୍ରାପ୍ତି ଏବଂ ସେବା ଉଦ୍ଦେଶ୍ୟରେ କର୍ପୋରେଟ ଅଭିକର୍ତ୍ତାମାନଙ୍କ ପଞ୍ଜି

କରଣକୁ ସମ୍ମିଳିତ କରେ ।

(a) ସେମାନଙ୍କ ବୀମା ଉତ୍ପାଦଗୁଡ଼ିକୁ ଯାଚିବା, ପ୍ରାପ୍ତ କରିବା ଓ ସେବା ଦେବାପାଇଁ ଏକ କର୍ପୋରେଟ ଅଭିକର୍ତ୍ତା (ଜୀବନ) ର

ସର୍ବାଧିକ ତିନୋଟି ଜୀବନ ବୀମାକର୍ତ୍ତା ସହିତ ବ୍ୟବସ୍ଥା ହୋଇପାରେ ।

(b) ସେମାନଙ୍କ ବୀମା ଉତ୍ପାଦଗୁଡ଼ିକୁ ଯାଚିବା, ପ୍ରାପ୍ତ କରିବା ଓ ସେବା ଦେବାପାଇଁ ଏକ କର୍ପୋରେଟ ଅଭିକର୍ତ୍ତା (ସାଧାରଣ)

ର ସର୍ବାଧିକ ତିନୋଟି ସାଧାରଣ ବୀମାକର୍ତ୍ତା ସହିତ ବ୍ୟବସ୍ଥା ହୋଇପାରେ । ଆହୁରି କର୍ପୋରେଟ ଅଭିକର୍ତ୍ତା (ସାଧାରଣ)

ଏକତ୍ର ସମସ୍ତ ବୀମା ପାଇଁ ପ୍ରତି ସଙ୍କଟ ସକାଶେ ପାଞ୍ଚ କୋଟି ଟଙ୍କାରୁ ଅଧିକ ହେଉ ନ ଥିବା ମୋଟ ବୀମା ରାଶି ଥିବା

ସେଭଳି ବୀମାକର୍ତ୍ତାମାନଙ୍କ ଖୁଚୁରା ପ୍ରକାରର ସାଧାରଣ ବୀମା ଉତ୍ପାଦ ଓ ବାଣିଜ୍ୟିକ ପ୍ରକାରର ଉତ୍ପାଦସବୁକୁ ଯାଚିବ,

ପ୍ରାପ୍ତ କରିବ ଓ ଏସବୁର ସେବା ପ୍ରଦାନ କରିବ ।

(c) ସେମାନଙ୍କ ବୀମା ଉତ୍ପାଦଗୁଡ଼ିକୁ ଯାଚିବା, ପ୍ରାପ୍ତ କରିବା ଓ ସେବା ଦେବାପାଇଁ ଏକ କର୍ପୋରେଟ ଅଭିକର୍ତ୍ତା (ସ୍ୱାସ୍ଥ୍ୟ) ର

ସର୍ବାଧିକ ତିନୋଟି ସ୍ୱାସ୍ଥ୍ୟ ବୀମାକର୍ତ୍ତା ସହିତ ବ୍ୟବସ୍ଥା ହୋଇପାରେ ।

(d) କର୍ପୋରେଟ ଅଭିକର୍ତ୍ତା (ସଂଯୁକ୍ତ) କ୍ଷେତ୍ରରେ, ଧାରା (a) ଠାରୁ (c) ରେ ବିନିର୍ଦ୍ଦିଷ୍ଟ ସର୍ତ୍ତଗୁଡ଼ିକ ଲାଗୁ ହେବ ।

(e) ବୀମା କମ୍ପାନୀମାନଙ୍କ ସହିତ ବ୍ୟବସ୍ଥାରେ କୌଣସି ବି ପରିବର୍ତ୍ତନ କେବଳ ପ୍ରାଧିକରଣର ପୂର୍ବ ସ୍ୱୀକୃତି ଦ୍ୱାରା ଏବଂ
ସେବା ପ୍ରଦାନ କରୁଥିବା ବିଦ୍ୟମାନ ପଲିସୀଧାରକମାନଙ୍କ ପାଇଁ ଉଚିତ୍ ବ୍ୟବସ୍ଥା ସହିତ ହିଁ କରାଯିବ ।

3. ଆବେଦନର ବିଚାର -

(1)ପଞ୍ଜିକରଣର ସ୍ୱୀକୃତି ପାଇଁ ଏକ ଆବେଦନକୁ ବିଚାର କରିବା ସମୟରେ ପ୍ରାଧିକରଣ ଏକ କର୍ପୋରେଟ ଅଭିକର୍ତ୍ତାର କାର୍ଯ୍ୟକଳାପ
କୁ ସଂପାଦନ କରିବା ପାଇଁ ଆବଶ୍ୟକ ସମସ୍ତ ବିଷୟକୁ ବିଚାରକୁ ନେବ ।

(2) ଉପରୋକ୍ତ ବିଷୟରେ ପକ୍ଷପାତ କରିବା ବିନା, ବିଶେଷ ରୂପେ ପ୍ରାଧିକରଣ, ନିମ୍ନସବୁକୁ ବିଚାରକୁ ନେବ, ଯେପରିକି -

(a) ଆବେଦକ ଅଧିନିୟମର ଅନୁଭାଗ 42D ର ଉପ-ଅନୁଭାଗ (5) ଅନ୍ତର୍ଗତ ବିନିର୍ଦ୍ଦିଷ୍ଟ ଅଯୋଗ୍ୟତାଗୁଡିକ ମଧ୍ୟରୁ କୌଣସି
ଗୋଟିକର ବି ଶୀକାର ହୋଇଛି କି ;

(b) ଆବେଦକ ପାଖରେ ଆବଶ୍ୟକୀୟ ଇନଫ୍ରାଷ୍ଟ୍ରକଚର, ଯଥା; ଆବଶ୍ୟକ କାର୍ଯ୍ୟାଳୟ ଖାଲି ସ୍ଥାନ, ଉପକରଣ ଏବଂ ଏହାର
କାର୍ଯ୍ୟକଳାପଗୁଡିକୁ ସଫଳତାପୂର୍ବକ ସଂପାଦନ କରିବା ପାଇଁ ସେମାନଙ୍କ ଉପସ୍ଥିତି ପଞ୍ଜିକାରେ ପ୍ରଶିକ୍ଷିତ ବ୍ୟକ୍ତି ଅଛନ୍ତି କି ;

(c) ଆବେଦକ ସହିତ ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ରୂପେ ସମ୍ବନ୍ଧିତ କୌଣସି ବି ବ୍ୟକ୍ତିକୁ ଅତୀତରେ ପ୍ରାଧିକରଣ ଲାଇସେନ୍ସ/
ପଞ୍ଜିକରଣର ସ୍ୱୀକୃତି ପାଇଁ ମନା କରିଥିଲା କି ?

a. ସ୍ପଷ୍ଟୀକରଣ - ଏହି ଉପ-ଧାରାର ଉଦ୍ଦେଶ୍ୟରେ, ଉକ୍ତି "ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ରୂପେ ସମ୍ବନ୍ଧିତ" ର ଅର୍ଥ ଏକ ଫାର୍ମ କିମ୍ବା
ଏକ କମ୍ପାନୀ କିମ୍ବା ଏକ ସଂସ୍ଥା କର୍ପୋରେଟ କ୍ଷେତ୍ରରେ ହେଉଛି ଏକ ସହଯୋଗୀ, ଏକ ସହାୟକ କମ୍ପାନୀ, ଏକ ପରସ୍ପର ସମ୍ବନ୍ଧିତ ସଂସ୍ଥାନ କିମ୍ବା ଆବେଦକର ଏକ ସମୂହ କମ୍ପାନୀ। ଏତଦ୍ଦ୍ୱାରା ଏହା ସ୍ପଷ୍ଟ କରାଯାଉଛି ଯେ ଏହି ପଦଗୁଡିକ ସେହି ସମାନ ଅର୍ଥ ରହିବ ଯାହା ସେମାନଙ୍କୁ କମ୍ପାନୀ ଆଇନ, 2013 କିମ୍ବା ପ୍ରତିଯୋଗିତା ଆଇନ, 2002, ପ୍ରକରଣ ଯାହା ବି ହେଉ, ସେଥିରେ ଦିଆଯାଇଛି।

(d) ଆବେଦକର ପ୍ରଧାନ ଅଧିକାରୀ ଏକ ସ୍ନାତକ ଅଟେ କି ଏବଂ ପ୍ରାଧିକରଣଦ୍ୱାରା ସ୍ୱୀକୃତ ପାଠ୍ୟକ୍ରମ ଅନୁସାରେ ଏକ ସ୍ୱୀକୃତ .ସଂସ୍ଥାନରୁ ଅନ୍ୟୁନ 50 ଘଣ୍ଟାର ସୈଦ୍ଧାନ୍ତିକ ଓ ବ୍ୟବହାରିକ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛି, ଏବଂ ପରୀକ୍ଷା ସମିତି ଦ୍ୱାରା ଆୟୋଜିତ . ଉପରୋକ୍ତ ପ୍ରଶିକ୍ଷଣ ଅବଧି ଶେଷରେ ଏକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି କି ? ସର୍ତ୍ତ ଏହି କି ଯେ ଯେଉଁଠି ଆବେଦକର ପ୍ରଧାନ ଅଧିକାରୀ ଭାରତୀୟ ବୀମା ସଂସ୍ଥାନ, ମୁମ୍ବାଇର ଏକ ସହଯୋଗୀ/ସଦସ୍ୟ; କିମ୍ବା ସି.ଆଇ.ଆଇ., ଲଣ୍ଡନର ସହଯୋଗୀ/ସଦସ୍ୟ; କିମ୍ବା ଭାରତୀୟ ବୀମାଙ୍କକ ସଂସ୍ଥାନ ର ସହଯୋଗୀ/ସଦସ୍ୟ. ହୋଇଥାଏ; କିମ୍ବା ବୀମା ଏବଂ ସଙ୍କଟ ପ୍ରବନ୍ଧନ ସଂସ୍ଥାନ, ହାଇଦ୍ରାବାଦ (ଇନ୍ଷ୍ଟିଚ୍ୟୁଟ ଅଫ୍ ଇନ୍ସ୍ୟୁରାନ୍ସ ଏଣ୍ଡ ରିସ୍କ .ମ୍ୟାନେଜମେଣ୍ଟ, ହାଇଦ୍ରାବାଦ) ର କୌଣସି ସ୍ନାତକୋତ୍ତର ଯୋଗ୍ୟତା ଧାରଣ କରିଥାଏ, ସେଇଠି ସୈଦ୍ଧାନ୍ତିକ ଓ ବ୍ୟବହାରିକ
ପ୍ରଶିକ୍ଷଣ ପଚିଶ ଘଣ୍ଟା ହେବ ।

(e) ଆବେଦକର ପ୍ରଧାନ ଅଧିକାରୀ, ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଗତ ତିନି ବର୍ଷର ଅବଧିରେ ଏହି ବିନିୟମାବଳୀ

ସ୍ଥିତ ଅନୁସୂଚୀ III ରେ ବିନିର୍ଦ୍ଦିଷ୍ଟ ଆଚାର ସଂହିତାର ଉଲ୍ଲଘଂନ କରି ନାହାନ୍ତି କି ;

(f) ଆବେଦକ, ଯଦି ଆବେଦକର ମୂଖ୍ୟ ବ୍ୟବସାୟ ବୀମାଠାରୁ ଅନ୍ୟ କିଛି ହୋଇଥାଏ, କର୍ପୋରେଟ ଅଭିକର୍ତ୍ତାରୂପେ ଏହାର

କାର୍ଯ୍ୟକଳାପ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ମଧ୍ୟରେ ଆର୍ଥିକ ମାମଲାରେ ଏକ ହାତ-ଦୂରୀ ସମ୍ବନ୍ଧ ରକ୍ଷା କରେ କି;

(g) ପ୍ରଧାନ ଅଧିକାରୀ/ନିର୍ଦ୍ଦେଶକ(ମାନେ)/ଅଂଶୀଦାର(ମାନେ)/ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ଏହି ବିନିୟମାବଳୀର ସଂଲଗ୍ନ । ରେ ଦିଆ

ଯାଇଥିବା ବିବରଣ ଆଧାରରେ ଯୋଗ୍ୟ/ଯଥୋଚିତ ଅଟେ/ଅଟନ୍ତି କି ; ଏବଂ

(h) ପ୍ରାଧିକରଣର ଏହି ମତ ଅଟେ ଯେ ପଞ୍ଜିକରଣର ସ୍ଵୀକୃତି ପଲିସୀଧାରକମାନଙ୍କ ହିତରେ ଥିବ ।

(3) ଆବେଦକର ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ନିମ୍ନଲିଖିତ ଆବଶ୍ୟକତାଗୁଡିକୁ ପୂରଣ କରିବେ -

a. ଏକ ମାନ୍ୟତାପ୍ରାପ୍ତ ବୋର୍ଡ/ଅନୁଷ୍ଠାନ (ସଂସ୍ଥାନ) ରୁ ଅନ୍ୟୂନ 12ଶ ଶ୍ରେଣୀ କିମ୍ବା ତସମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ

b. (i) ବିନିର୍ଦ୍ଦିଷ୍ଟ ବ୍ୟକ୍ତି ବିନିର୍ଦ୍ଦିଷ୍ଟ ବର୍ଗର ଜୀବନ, ସାଧାରଣ, ସ୍ୱାସ୍ଥ୍ୟ, ଯାହା ପାଇଁ ପଞ୍ଜିକରଣ ଚାହେଁ, ସେଥିପାଇଁ ଏକ ସ୍ଵୀକୃତ ସଂସ୍ଥାନରୁ ଅନ୍ୟୂନ ପଚାଶ ଘଣ୍ଟାର ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବ ଏବଂ ପରୀକ୍ଷା ସମିତି ଦ୍ୱାରା ଆୟୋଜିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବ;

(ii) କର୍ପୋରେଟ ଅଭିକର୍ତ୍ତା (ସଂଯୁକ୍ତ)ର ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏକ ସ୍ଵୀକୃତ ସଂସ୍ଥାନଠାରୁ ଅନ୍ୟୂନ ପଞ୍ଚସ୍ତରୀ ଘଣ୍ଟାର ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବ ଏବଂ ପରୀକ୍ଷା ସମିତିଦ୍ୱାରା ଆୟୋଜିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବ;

c. ବୀମା ବ୍ୟବସାୟ ଯାଚିବା ଓ ପ୍ରାପ୍ତ କରିବାପାଇଁ କର୍ପୋରେଟ ଅଭିକର୍ତ୍ତାଦ୍ୱାରା ନିୟୋଜିତ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ପାଖରେ ଏହି ବିନିୟମାବଳୀରେ ବିନିର୍ଦ୍ଦିଷ୍ଟ ହୋଇଥିବା ରୂପେ, ପ୍ରାଧିକରଣଦ୍ୱାରା ଜାରୀ କରାଯାଇଥିବା ବୈଧ ପ୍ରମାଣପତ୍ର ରହିଥିବ । କର୍ପୋରେଟ ଅଭିକର୍ତ୍ତାର ବୈଧ ପଞ୍ଜିକରଣ ଅନ୍ତର୍ଗତ ପ୍ରମାଣପତ୍ର ଜାରୀ ତାରିଖଠାରୁ ତିନି ବର୍ଷର ସମୟାବଧି ପର୍ଯ୍ୟନ୍ତ ମାନ୍ୟ ରହିବ;

ବିନିର୍ଦ୍ଦିଷ୍ଟ ବ୍ୟକ୍ତି ପ୍ରମାଣପତ୍ରର ଜାରୀ ପାଇଁ ଏହି ବିନିୟମାବଳୀର ସଂଲଗ୍ନ 3 ରେ ଥିବା ବିନିର୍ଦ୍ଦିଷ୍ଟ ପ୍ରାରୂପରେ କର୍ପୋରେଟ ଅଭିକର୍ତ୍ତାର ପ୍ରଧାନ ଅଧିକାରୀ ମାଧ୍ୟମରେ ପ୍ରାଧିକରଣକୁ ଆବେଦନ କରିବ ।

d. କର୍ପୋରେଟ ଅଭିକର୍ତ୍ତାର ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି, ଯିଏ ଅନ୍ୟ କୌଣସି କର୍ପୋରେଟ ଅଭିକର୍ତ୍ତା ପାଖକୁ ପରିବର୍ତ୍ତିତ ହେବା ପାଇଁ ଚାହିଁବ, ସେ ବର୍ତ୍ତମାନର କର୍ପୋରେଟ ଅଭିକର୍ତ୍ତାଦ୍ୱାରା ଜାରୀ କରାଯାଇଥିବା ଏକ ଅଣ ଆପତ୍ତି ପ୍ରମାଣପତ୍ର ସହିତ ନୂତନ କର୍ପୋରେଟ ଅଭିକର୍ତ୍ତା ମାଧ୍ୟମରେ ପ୍ରାଧିକରଣକୁ ଆବେଦନ କରି ତାହା କରି ପାରିବ ।

ଯଦି, ବର୍ତ୍ତମାନର କର୍ପୋରେଟ ଅଭିକର୍ତ୍ତା 30 ଦିନ ମଧ୍ୟରେ ଏକ ଅଣ ଆପତ୍ତି ପ୍ରମାଣପତ୍ର ଜାରୀ ନ କରେ, ଏହା ମାନି ନେବାକୁ ହେବ ଯେ ତାର ପରିବର୍ତ୍ତନ କରିବାରେ କଥିତ କର୍ପୋରେଟ ଅଭିକର୍ତ୍ତାର କୌଣସି ଆପତ୍ତି ନାହିଁ । କର୍ପୋରେଟ ଅଭିକର୍ତ୍ତାଠାରୁ ଅନୁରୋଧର ପ୍ରାପ୍ତି ପରେ ପ୍ରାଧିକରଣ ପରିବର୍ତ୍ତନକୁ ସୂଚୀତ କରି କର୍ପୋରେଟ ଅଭିକର୍ତ୍ତାର ନାମ ପରିବର୍ତ୍ତନ କରି ଏକ ସଂଶୋଧିତ ପ୍ରମାଣପତ୍ର ଜାରୀ କରିବ ।

e. ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ/କିମ୍ବା ମୁଖ୍ୟ ବୀମା କାର୍ଯ୍ୟକାରୀ ଅଧିକାରୀ ଯେଉଁମାନେ ଯୋଗ୍ୟତାପ୍ରାପ୍ତ ଅଟନ୍ତି ଏବଂ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (କର୍ପୋରେଟ ଅଭିକର୍ତ୍ତାମାନଙ୍କ ଲାଇସେନ୍ସିଂ) ବିନିୟମ, 2002 ଅନ୍ତର୍ଗତ ଲାଇସେନ୍ସପ୍ରାପ୍ତ ଏକ କର୍ପୋରେଟ ଅଭିକର୍ତ୍ତା ସହିତ ପୂର୍ବରୁ କାର୍ଯ୍ୟରତ ଅଟନ୍ତି । ସେମାନେ ଏହି ବିନିୟମାବଳୀ ଅନ୍ତର୍ଗତ ପଞ୍ଜିକୃତ କର୍ପୋରେଟ ଅଭିକର୍ତ୍ତାମାନଙ୍କ ସହିତ କାର୍ଯ୍ୟ କରିବା ଚାଲୁ ରଖିପାରନ୍ତି । ଅବଶ୍ୟ, ସେଭଳି ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ/କିମ୍ବା ମୁଖ୍ୟ ବୀମା କାର୍ଯ୍ୟକାରୀ ଅଧିକାରୀମାନଙ୍କ ବିବରଣୀ ପଞ୍ଜିକରଣ ସ୍ୱୀକୃତି ପାଇଁ ଆବେଦନ କରିବା ସମୟରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ହିସାବରେ କିମ୍ବା ସେମାନଙ୍କ ପଞ୍ଜିକରଣ ତାରିଖଠାରୁ ଛଅ ମାସ ମଧ୍ୟରେ ପ୍ରାଧିକରଣକୁ ପ୍ରଦାନ କରାଯିବ । ବିବରଣୀସବୁର ପ୍ରାପ୍ତି ପରେ ପ୍ରାଧିକରଣ ଉପରୋକ୍ତ ଉପ-ବିନିୟମ (c) ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ହିସାବରେ ସେହି ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ/କିମ୍ବା ମୁଖ୍ୟ ବୀମା କାର୍ଯ୍ୟକାରୀ ଅଧିକାରୀମାନଙ୍କୁ ଏକ ପ୍ରମାଣପତ୍ର ଜାରୀ କରିବ ।

4. ପଞ୍ଜିକରଣର ନୂତନୀକରଣ -(1) ଏକ କର୍ପୋରେଟ ଅଭିକର୍ତ୍ତା, ପଞ୍ଜିକରଣ ସମାପ୍ତି ପୂର୍ବରୁ ତିରିଶ ଦିନ ମଧ୍ୟରେ, ପ୍ରାଧିକରଣଠାରେ ଆବଶ୍ୟକୀୟ ଶୁଳ୍କ ସହିତ ଫର୍ମ A ରେ ଏକ ଆବେଦନ କରିପାରେ ।

ଅବଶ୍ୟ ସର୍ତ୍ତ ଏହି କି ଯେ ଯଦି ଆବେଦନ ପ୍ରାଧିକରଣ ପାଖକୁ ସେହି ଅବଧି ପରେ କିନ୍ତୁ ଚଳିତ ପଞ୍ଜିକରଣର ବାସ୍ତବ ସମାପ୍ତିର ପୂର୍ବରୁ ପହଞ୍ଚି ଥାଏ, ଏକ ଶହ ଟଙ୍କାର ଅତିରିକ୍ତ ଶୁଳ୍କ ସହିତ ପ୍ରଯୁଜ୍ୟ କର, ପ୍ରାଧିକରଣକୁ ଦେୟ ହେବ ।

ଆହୁରି ସର୍ତ୍ତ ଏହି କି ଯେ ପୂର୍ବ ପ୍ରାବଧାନ ଦ୍ୱାରା ସମ୍ମିଳିତ ହୋଇ ନ ଥିବା କୌଣସି ବିଳମ୍ବ ସକାଶେ ଆବେଦକ ଦ୍ୱାରା ଲିଖିତ ରୂପେ ପ୍ରଦାନ କରାଯାଇଥିବା ଯଥେଷ୍ଟ କାରଣ ପାଇଁ, ପ୍ରାଧିକରଣ ଆବେଦକ ଦ୍ୱାରା ସାତ ଶହ ପଚାଶ ଟଙ୍କାର ଅତିରିକ୍ତ ଶୁଳ୍କ ସହିତ ପ୍ରଯୁଜ୍ୟ କର ସବୁର ପ୍ରଦାନ ପରେ ପଞ୍ଜିକରଣ ସମାପ୍ତି ତାରିଖ ପରେ ନୂତନୀକରଣ ପାଇଁ ଆବେଦନ ସ୍ୱୀକାର କରିପାରେ ।

ଧ୍ୟାନ ଦିଅନ୍ତୁ : ଏକ କର୍ପୋରେଟ ଅଭିକର୍ତ୍ତାକୁ ପଞ୍ଜିକରଣ ସମାପ୍ତିର ନବେ ଦିନ ପୂର୍ବରୁ ପଞ୍ଜିକରଣର ନୂତନୀକରଣ ପାଇଁ ଆବେଦନ ଦାଖଲ କରିବା ପାଇଁ ଅନୁମତି ଦିଆଯାଏ ।

(2) ପଞ୍ଜିକରଣର ନୂତନୀକରଣ ଚାହିଁବା ପୂର୍ବରୁ ପ୍ରଧାନ ଅଧିକାରୀ ଏବଂ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ, ଏକ ସ୍ୱୀକୃତ ସଂସ୍ଥାନ ଦ୍ୱାରା ଦିଆଯାଇଥିବା, ଅନ୍ୟୂନ ପଚିଶ ଘଣ୍ଟାର ସୈଦ୍ଧାନ୍ତିକ ଓ ବ୍ୟବହାରିକ ପ୍ରଶିକ୍ଷଣ ସଂପୂର୍ଣ୍ଣ କରିଥିବେ ।

(3) ଉପ-ବିନିୟମ (I) ଅନ୍ତର୍ଗତ ନୂତନୀକରଣ ପାଇଁ ଏକ ଆବେଦନକୁ ବିନିୟମ 7 ଅନ୍ତର୍ଗତ ବିନିର୍ଦ୍ଦିଷ୍ଟ ହୋଇଥିବା ଭଳି ସମାନ ପ୍ରକାରେ ବିଚାର କରାଯିବ ।

(4) ଆବେଦକ ପଞ୍ଜିକରଣର ନୂତନୀକରଣ ପାଇଁ ବିନିର୍ଦ୍ଦିଷ୍ଟ ସମସ୍ତ ସର୍ତ୍ତକୁ ପୂରଣ କରିଛି ବୋଲି ପ୍ରାଧିକରଣ ସନ୍ତୁଷ୍ଟ ହେବା ପରେ, ତିନି ବର୍ଷର ଅବଧି ପାଇଁ ଫର୍ମ C ରେ ପଞ୍ଜିକରଣର ନୂତନୀକରଣ କରିବ ଏବଂ ଆବେଦକ ପାଖକୁ ସୂଚନା ପଠାଇବ ।

5. ପ୍ରକ୍ରିୟା ଯେଉଁଠି ଏକ ପଞ୍ଜିକରଣର ସ୍ୱୀକୃତି ଦିଆଯାଏ ନାହିଁ -

(1) ଯେଉଁଠି ବିନିୟମ 4 ଅନ୍ତର୍ଗତ ଏକ ପଞ୍ଜିକରଣ କିମ୍ବା ବିନିୟମ 11 ଅନ୍ତର୍ଗତ ନୂତନୀକରଣର ସ୍ୱୀକୃତି ପାଇଁ ଏକ ଆବେଦନ ବିନିୟମ 7 ରେ ଦିଆଯାଇଥିବା ସର୍ତ୍ତାବଳୀକୁ ପୂରଣ କରେ ନାହିଁ, ପ୍ରାଧିକରଣ ପଞ୍ଜିକରଣ ପ୍ରମାଣପତ୍ରର ସ୍ୱୀକୃତି ଦେବାପାଇଁ କିମ୍ବା ତାକୁ ନୂତନୀକରଣ କରିବା ପାଇଁ ମନା କରିଦେଇପାରେ ।

ସର୍ତ୍ତ ଏହି କି ଯେ କୌଣସି ଆବେଦନକୁ ଅସ୍ୱୀକାର କରାଯିବ ନାହିଁ ଯଦି ଆବେଦକକୁ ଶୁଣିବା ପାଇଁ ତାକୁ ଉପଯୁକ୍ତ ସୁଯୋଗ ଦିଆଯାଇ ନାହିଁ ।

(2) ପଞ୍ଜିକରଣ ପ୍ରମାଣପତ୍ରର ସ୍ୱୀକୃତି ଦେବାରେ କିମ୍ବା ନୂତନୀକରଣ କରିବାରେ ଅଗ୍ରାହ୍ୟତାକୁ ପ୍ରାଧିକରଣଦ୍ୱାରା ସେଭଳି ଅଗ୍ରାହ୍ୟତାର ତିରିଶ ଦିନ ମଧ୍ୟରେ, କେଉଁ କାରଣରୁ ଆବେଦନକୁ ଅଗ୍ରାହ୍ୟ କରାଯାଇଛି, ତାହା ଉଲ୍ଲେଖ କରି ଆବେଦକକୁ ସୂଚୀତ କରାଯିବ ।

(3) ପ୍ରାଧିକରଣର ନିର୍ଣ୍ଣୟରେ ପୀଡିତ ହୋଇଥିବା କୌଣସି ଆବେଦକ, ଉପରୋକ୍ତ ଉପ-ବିନିୟମ (2) ଅନ୍ତର୍ଗତ ପ୍ରାଧିକରଣ ଦ୍ୱାରା ଦିଆଯାଇଥିବା ଆଦେଶର ଏକ ପ୍ରତିଲିପି ପ୍ରାପ୍ତିର ତାରିଖଠାରୁ ପଇଁଚାଳିଶ ଦିନର ସମୟାବଧି ମଧ୍ୟରେ, ସେଭଳି ଏକ ଅପିଲ ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ, ସୁରକ୍ଷା ଅପିଲୀୟ ଟ୍ରିବ୍ୟୁନାଲରେ ଏକ ଅପିଲ କରିପାରେ ।

6. ପଞ୍ଜିକରଣ ସ୍ୱୀକୃତି ଦେବାରେ ଅଗ୍ରାହ୍ୟତାର ପ୍ରଭାବ - ଏକ ଆବେଦକ, ଯାହାର ବିନିୟମ 4 ଅନ୍ତର୍ଗତ ପଞ୍ଜିକରଣର ସ୍ୱୀକୃତି ପାଇଁ କିମ୍ବା ବିନିୟମ **11** ଅନ୍ତର୍ଗତ ତାହାର ନୂତନୀକରଣ ପାଇଁ ଦିଆଯାଇଥିବା ଆବେଦନକୁ ମନା କିମ୍ବା ଅଗ୍ରାହ୍ୟ କରାଯାଇଥିବ, ସେ ବିନିୟମ 12 (2) ଅନ୍ତର୍ଗତ ସୂଚନା ପ୍ରାପ୍ତିର ତାରିଖରେ କିମ୍ବା ତାରିଖଠାରୁ ଏକ କର୍ପୋରେଟ ଅଭିକର୍ତ୍ତାର କାର୍ଯ୍ୟ କରିବା ବନ୍ଦ କରିବ । ସେ, ଅବଶ୍ୟ, ତା' ଜରିଆରେ ପୂର୍ବରୁ ପ୍ରବିଷ୍ଟ କରାଯାଇଥିବା ଚୁକ୍ତିଗୁଡିକ ସମ୍ବନ୍ଧରେ ସେବା ପ୍ରଦାନ କରିବାକୁ ଦାୟୀ ରହିବା ଚାଲୁ ରଖିବ । ସେଭଳି ସେବା ସେହି ବିଦ୍ୟମାନ ଚୁକ୍ତିଗୁଡିକର ସମାପ୍ତି ଅବଧି ପର୍ଯ୍ୟନ୍ତ ଚାଲୁ ରହିବ, ଯେଉଁଗୁଡିକ ପୂର୍ବରୁ ବନ୍ଦ ହୋଇଯାଇଥିବ, କିମ୍ବା ଛଅ ମାସର ଅବଧି ପାଇଁ, ଯେଉଁଟା ବି ପ୍ରଥମେ ଆସିବ ଯେଉଁ ସମୟ ମଧ୍ୟରେ ସେମାନେ ସମ୍ବନ୍ଧିତ ବୀମାକର୍ତ୍ତା ସହିତ ଉପଯୁକ୍ତ ବ୍ୟବସ୍ଥା କରିବେ ।

7. କର୍ପୋରେଟ ଅଭିକର୍ତ୍ତା ପାଇଁ ପଞ୍ଜିକରଣର ସ୍ୱୀକୃତିର ସର୍ତ୍ତାବଳୀ :

ବିନିୟମ 9 ଅନ୍ତର୍ଗତ ସ୍ୱୀକୃତି ପଞ୍ଜିକରଣ କିମ୍ବା ବିନିୟମ 11 ଅନ୍ତର୍ଗତ ସ୍ୱୀକୃତ ନୂତନୀକରଣ, ବସ୍ତୁତଃ, ନିମ୍ନଲିଖିତ ସର୍ତ୍ତାବଳୀର ଅଧୀନ ହେବ:-

(i) ଏହି ବିନିୟମାବଳୀ ଅନ୍ତର୍ଗତ ପଞ୍ଜୀକୃତ କର୍ପୋରେଟ ଅଭିକର୍ତ୍ତାଙ୍କୁ ଉପରୋକ୍ତ ବିନିୟମ (3) ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଭଳି କେବଳ ବୀମା ବ୍ୟବସାୟକୁ ଯାଚନା ଓ ସେବା ଦେବାପାଇଁ ଅନୁମତି ଦିଆଯିବ;

(ii) କର୍ପୋରେଟ ଅଭିକର୍ତ୍ତା ଅଧିନିୟମର ପ୍ରାବଧାନସବୁର, ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ, 1999 ଏବଂ ବିନିୟମାବଳୀ, ପରିପତ୍ର, ମାର୍ଗଦର୍ଶିକା ଓ ପ୍ରାଧିକରଣଦ୍ୱାରା ସମୟ ସମୟରେ ତା' ମଧ୍ୟରେ ଜାରୀକରାଯାଉଥିବା ଅନ୍ୟ କୌଣସି ନିର୍ଦ୍ଦେଶଗୁଡିକର ଅନୁପାଳନ କରିବ;

(iii) ଯଦି ତାଙ୍କ ପ୍ରାଧିକରଣ ନିକଟରେ ସେମାନେ ପୂର୍ବରୁ ଦାଖଲ କରିଥିବା କୌଣସି ତଥ୍ୟ କିମ୍ବା ବିବରଣୀଗୁଡିକରେ କୌଣସି ଆବଶ୍ୟକ ବିବରଣୀ ସମ୍ବନ୍ଧରେ ମିଥ୍ୟା କିମ୍ବା ବିପଥଗାମୀ ମିଳେ କିମ୍ବା ପୂର୍ବରୁ ଦାଖଲ କରାଯାଇଥିବା ତଥ୍ୟରେ କୌଣସି

ଆବଶ୍ୟକ ପରିବର୍ତ୍ତନ କରାଯାଇଥାଏ, ତା ହେଲେ କର୍ପୋରେଟ ଅଭିକର୍ତ୍ତା ପ୍ରାଧିକରଣକୁ ସୂଚୀତ କରିବ ;

(iv) ଏହାର ଗ୍ରାହକମାନଙ୍କ ଅଭିଯୋଗସବୁର ନିବାରଣ ପାଇଁ ସେଭଳି ଅଭିଯୋଗ ପ୍ରାପ୍ତିର 14 ଦିନ ମଧ୍ୟରେ କର୍ପୋରେଟ ଅଭିକର୍ତ୍ତା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ଏବଂ ସେଭଳି ଗ୍ରାହକମାନଙ୍କଠାରୁ ପ୍ରାପ୍ତ ହୋଇଥିବା ଅଭିଯୋଗଗୁଡିକର ସଂଖ୍ୟା, ସ୍ୱରୂପ ଏବଂ ଅନ୍ୟାନ୍ୟ ବିବରଣୀ ସମ୍ବନ୍ଧରେ ପ୍ରାଧିକରଣଦ୍ୱାରା ବିନିର୍ଦ୍ଦିଷ୍ଟ କରାଯାଇଥିବା ପ୍ରାରୂପରେ ଓ ପ୍ରକାରେ ପ୍ରାଧିକରଣକୁ ସୂଚୀତ କରି ରଖିବ;

(v) କର୍ପୋରେଟ ଅଭିକର୍ତ୍ତା ସେମାନଙ୍କ ସଂସାଧନ ଏବଂ ସେମାନେ ନିଯୁକ୍ତ କରିଥିବା ବିନିର୍ଦ୍ଦିଷ୍ଟ ବ୍ୟକ୍ତି ସଂଖ୍ୟା ଅନୁରୂପ ଉଚିତ୍ ସଂଖ୍ୟକ ବୀମା ପଲିସୀର ଯାଚନା ଓ ପ୍ରାପ୍ତ କରିବ ।

(vi) କର୍ପୋରେଟ ଅଭିକର୍ତ୍ତା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ପ୍ରାରୂପରେ ରେକର୍ଡସବୁ ରଖିବ ଯାହା ପଲିସୀ ଅନୁଯାୟୀ ଓ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଅନୁଯାୟୀ ବିବରଣୀସବୁ ଧରି ରଖିବ ଯେଉଁଥିରେ ସେହି ଉତ୍ପାଦ ଯେଉଁଗୁଡିକ ସରଳ ଅଟନ୍ତି, କାଉଣ୍ଟରରେ ବିକ୍ରୟ ହୋଇ ସାରିଛନ୍ତି ଏବଂ ପ୍ରାଧିକରଣ ଦ୍ୱାରା ବିଶେଷରୂପେ ସ୍ୱୀକୃତ ହୋଇଛନ୍ତି ; ସେଗୁଡିକ ବ୍ୟତୀତ କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ଯାଚିତ ହୋଇଥିବା ପ୍ରତ୍ୟେକ ପଲିସୀକୁ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ସହିତ ସଂଲଗ୍ନ କରାହୁଏ । କର୍ପୋରେଟ ଅଭିକର୍ତ୍ତା ସିଷ୍ଟମଗୁଡିକ ଠିକ୍ ହିସାବରେ ରଖିବ ଯାହା ପ୍ରାଧିକରଣକୁ ସେହି ରେକର୍ଡ ଓ ବିବରଣୀସବୁକୁ ନିୟମିତରୂପେ ଦେଖିବାକୁ ସ୍ୱୀକୃତି ଦେବ ।

(vii) କୌଣସି ବି ପରିସ୍ଥିତିରେ କର୍ପୋରେଟ ଅଭିକର୍ତ୍ତା ବୀମା ଉତ୍ପାଦଗୁଡିକର ଯାଚନା ପାଇଁ ବହୁ-ସ୍ତରୀୟ ବିପଣନ କରିବ ନାହିଁ;

(viii) କର୍ପୋରେଟ ଅଭିକର୍ତ୍ତା ଏହାର ନିର୍ଦ୍ଦେଶକ, ପ୍ରଧାନ ଅଧିକାରୀ ଓ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ପାଇଁ ପ୍ରଯୁଜ୍ୟ ଆଚାର ସଂହିତାର ଅନୁପାଳନ ସୁନିଶ୍ଚିତ କରିବ;

(ix) କର୍ପୋରେଟ ଅଭିକର୍ତ୍ତା ବିନିୟମ 31 ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଅନୁରୂପ ସେମାନଙ୍କ କର୍ପୋରେଟ ପ୍ରତିନିଧିତ୍ୱ କାର୍ଯ୍ୟ ପାଇଁ ଅଲଗା ଆକାଉଣ୍ଟ ଖାତା ରଖିବ ।

8. ଶୁଳ୍କ ପ୍ରଦାନ ଏବଂ ଶୁଳ୍କପ୍ରଦାନ କରିବାରେ ବିଫଳ ହେବାର ପରିଣାମ-

(1) ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା ପଞ୍ଜିକରଣର ଆବେଦନ ତଥା ତାହାର ନୂତନୀକରଣ ସମୟରେ ଟ. 10,000/-ର ଅଣ ଫେରସ୍ତଯୋଗ୍ୟ ଶୁଳ୍କଯୁକ୍ତ ପ୍ରଯୁଜ୍ୟ କରସବୁ ପ୍ରଦାନ କରିବ । ଶୁଳ୍କକୁ "ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ" ପକ୍ଷରେ, ଦେୟ ହାଇଦ୍ରାବାଦରେ, ଏହି ନାମ ଆକାଉଣ୍ଟ ପେୟୀ ଡ୍ରାଫ୍ଟ ଦ୍ୱାରା କିମ୍ବା ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣକୁ ମାନ୍ୟତାପ୍ରାପ୍ତ ଇଲେକ୍ଟ୍ରୋନିକ୍ ଫଣ୍ଡ ଟ୍ରାନ୍ସଫର ଦ୍ୱାରା ଦେୟ ହେବ । ଆବେଦକ ଶୁଳ୍କ ବିନା କୌଣସି ଆବେଦନର ପ୍ରକ୍ରିୟା ଆରମ୍ଭ କରାଯିବ ନାହିଁ ।

(2) ପ୍ରାଧିକରଣଠାରୁ ପଞ୍ଜିକରଣର ମଞ୍ଜୁରୀ ପାଇଁ ସୂଚନା ପ୍ରାପ୍ତ ହେବାପରେ, ଆବେଦକ ସେଭଳି ସୂଚନା ପ୍ରାପ୍ତିର 15 ଦିନ ମଧ୍ୟରେ, ଟ.25,000 ର ଶୁଳ୍କଯୁକ୍ତ ପ୍ରଯୁଜ୍ୟ କର ପ୍ରଦାନ କରିବ । ଶୁଳ୍କର ପ୍ରାପ୍ତିପରେ ଏବଂ ପଞ୍ଜିକରଣର ମଞ୍ଜୁରୀ ପାଇଁ ସର୍ତ୍ତ ଓ ଅନୁବନ୍ଧର ସନ୍ତୋଷଜନକ ଅନୁପାଳନ ପରେ, ପ୍ରାଧିକରଣ ସେହି ବର୍ଗ ଯେଉଁଥିପାଇଁ ଆବେଦନ କରାଯାଇଛି, ତା' ଅନ୍ତର୍ଗତ ଏକ କର୍ପୋରେଟ ଅଭିକର୍ତ୍ତା ରୂପେ କାର୍ଯ୍ୟ କରିବା ପାଇଁ ପଞ୍ଜିକରଣ ମଞ୍ଜୁର କରିବ ।

(3) ନୂତନୀକରଣ ପାଇଁ ଆବେଦନ କରିବାକୁ ଚାହୁଁଥିବା ଏକ କର୍ପୋରେଟ ଅଭିକର୍ତ୍ତା ନିର୍ଦ୍ଧାରିତ ପ୍ରାରୂପରେ ଟ.25,000/-ର ଶୁଳ୍କ ଯୁକ୍ତ ପ୍ରଯୁଜ୍ୟ କର ସହିତ ଆବେଦନ କରିବ ।

9. ପାରିଶ୍ରମିକ -

(1) ଏକ କର୍ପୋରେଟ ଅଭିକର୍ତ୍ତାକୁ ପାରିଶ୍ରମିକ ପ୍ରଦାନ କିମ୍ବା ତା' ଦ୍ୱାରା ପାରିଶ୍ରମିକ ପ୍ରାପ୍ତି ସମୟ ସମୟରେ ପ୍ରାଧିକରଣଦ୍ୱାରା ଏହା ତରଫରୁ ଅନୁସୂଚୀତ ବିନିୟମାବଳୀ ଦ୍ୱାରା ପରିଚାଳିତ ହେବ ।

(2) ସେହି କର୍ପୋରେଟ ଅଭିକର୍ତ୍ତା ଯେଉଁମାନେ ଆଇଆରଡିଏ (କର୍ପୋରେଟ ଅଭିକର୍ତ୍ତାମାନଙ୍କ ଲାଇସେନ୍ସିଂ) ବିନିୟମାବଳୀ, 2002 ଅନ୍ତର୍ଗତ ଲାଇସେନ୍ସପ୍ରାପ୍ତ ହୋଇଥିଲେ, ସେମାନଙ୍କୁ ସେହି ବିନିୟମାବଳୀ ଅନ୍ତର୍ଗତ ସେମାନେ ଉତ୍ପତ୍ତି କରିଥିବା ଓ ପ୍ରାପ୍ତ କରିଥିବା ବ୍ୟବସାୟ ପାଇଁ ପାରିଶ୍ରମିକ ପ୍ରାପ୍ତ କରିବାପାଇଁ ସ୍ୱୀକୃତି ଦିଆଯାଇପାରେ ଏହି ସର୍ତ୍ତରେ ଯେ ସେମାନେ ଏହି ବିନିୟମାବଳୀର ବିନିୟମ 24(2) ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଅନୁରୂପ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବା ଚାଲୁ ରଖିବେ । ଯଦି ସେଭଳି କର୍ପୋରେଟ ଅଭିକର୍ତ୍ତାମାନେ ଏହି ବିନିୟମାବଳୀ ଅନ୍ତର୍ଗତ ପଞ୍ଜିକୃତ ହେବାପାଇଁ ଚାହାଁନ୍ତି, ସେମାନେ ବିନିୟମ 31 ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଅନୁରୂପ ସେମାନଙ୍କ ଆକାଉଣ୍ଟ ଖାତାରେ ପୁରୁଣା ଚୁକ୍ତି ଓ ନୂତନ ଚୁକ୍ତି ଅନ୍ତର୍ଗତ ପ୍ରାପ୍ତ କରୁଥିବା ପାରିଶ୍ରମିକକୁ ଅଲଗା ଅଲଗା ପ୍ରକଟ କରିବେ ।

10. ଲାଭର ଦ୍ୱନ୍ଦ -

ବୀମା ବ୍ୟବସାୟ ଯାଚିବା ଓ ପ୍ରାପ୍ତ କରିବା ସମୟରେ, କର୍ପୋରେଟ ଅଭିକର୍ତ୍ତା ନିମ୍ନଲିଖିତର ଅନୁପାଳନ କରିବ:

(i)ଏକ ବିଶେଷ ପ୍ରକାରର ବ୍ୟବସାୟରେ ଏକାଧିକ ବୀମାକର୍ତ୍ତା ସହିତ କର୍ପୋରେଟ ଅଭିକର୍ତ୍ତାର ସମ୍ବନ୍ଧ ଥିଲେ, ସେ ସମ୍ଭାବ୍ୟ ଗ୍ରାହକକୁ ସେହି ବୀମାକର୍ତ୍ତାମାନଙ୍କ ତାଲିକାର ପ୍ରକଟୀକରଣ କରିବ, ଯାହା ସହିତ ଉତ୍ପାଦଗୁଡିକୁ

ବିତରଣ କରିବାପାଇଁ ସେମାନଙ୍କ ବ୍ୟବସ୍ଥା ଅଛି ଏବଂ ସେମାନଙ୍କୁ ସେହିସବୁ ବିବରଣୀ ପ୍ରଦାନ କରିବ ଯେପରିକି ବୀମାର ପରିସର, ପଲିସୀର ସର୍ତ୍ତ, ଦେୟଯୋଗ୍ୟ ପ୍ରିମିୟମ, ପ୍ରିମିୟମ ସର୍ତ୍ତାବଳୀ ଏବଂ ଅନ୍ୟ କୌଣସି ତଥ୍ୟ ଯାହା ସେମାନଙ୍କ ପାଖରେ ଉପଲବ୍ଧ ସମସ୍ତ ଉତ୍ପାଦ ସମ୍ବନ୍ଧରେ ଗ୍ରାହକ ଜାଣିବାକୁ ଚାହେଁ । ଆହୁରି ମଧ୍ୟ, ସେ ପ୍ରଦାନ କରାଯାଉଥିବା ବୀମା ଉତ୍ପାଦ ସମ୍ବନ୍ଧିତ କମିଶନର ସ୍କେଲକୁ ପ୍ରକଟ କରିବ, ଯଦି ସମ୍ଭାବ୍ୟ ଗ୍ରାହକ ଦ୍ୱାରା ପଚରାଯାଏ;

(ii) ଯେଉଁଠି ବୀମାକୁ ଏକ ମୁଖ୍ୟ ବ୍ୟବସାୟ ଉତ୍ପାଦ ସହିତ ଏକ ଆନୁଷଙ୍ଗିକ ଉତ୍ପାଦ ରୂପେ ବିକ୍ରି କରାଯାଏ, କର୍ପୋରେଟ ଅଭିକର୍ତ୍ତା କିମ୍ବା ଏହାର ଅଂଶୀଦାର କିମ୍ବା ଏହା ସହଯୋଗୀମାନେ ମୁଖ୍ୟ ବ୍ୟବସାୟ ଉତ୍ପାଦର କ୍ରେତାକୁ ଏହା ଜରିଆରେ ଆବଶ୍ୟକ ରୂପେ ବୀମା ଉତ୍ପାଦକୁ କ୍ରୟ କରିବା ପାଇଁ ବାଧ୍ୟ କରିବେ ନାହିଁ । କର୍ପୋରେଟ ଅଭିକର୍ତ୍ତାର ପ୍ରଧାନ ଅଧିକାରୀ ଏବଂ ସି.ଏଫ୍.ଓ (କିମ୍ବା ଏହାର ସମତୁଲ୍ୟ) ଅର୍ଦ୍ଧ-ବାର୍ଷିକ ଆଧାରରେ ଅନୁସୂଚୀ VIII ରେ ଦିଆଯାଇଥିବା ପ୍ରାରୂପରେ ପ୍ରାଧିକରଣ ନିକଟରେ ଏକ ପ୍ରମାଣପତ୍ର ଦାଖଲ କରିବେ, ଏହା ପ୍ରମାଣିତ କରି ଯେ କୌଣସି ବି ସମ୍ଭାବ୍ୟ ଗ୍ରାହକକୁ ଏକ ବୀମା ଉତ୍ପାଦର ବାଧ୍ୟତାମୂଳକ ବିକ୍ରୟ ନାହିଁ ।

(iii) କୌଣସି ବି ବୀମାକର୍ତ୍ତା ଏହା ଆବଶ୍ୟକ କରିବ ନାହିଁ ଯେ କର୍ପୋରେଟ ଅଭିକର୍ତ୍ତା ତାହା ସହିତ ପ୍ରତ୍ୟେକ ଗ୍ରାହକକୁ ବୀମିତ କରୁ ।

11. ପ୍ରାଧିକରଣ ନିକଟରେ ପ୍ରକଟୀକରଣ -

(1) ଏକ ଆବେଦକ ଯିଏ ଏକ କର୍ପୋରେଟ ଅଭିକର୍ତ୍ତା ହେବାପାଇଁ ଇଚ୍ଛା କରେ, ସେ ଆବେଦନ ଦାଖଲ କରିବା ସମୟରେ ନିଜେ, ଆବେଦନର ବିଚାର ପାଇଁ ଆବଶ୍ୟକ ସମସ୍ତ ଆବଶ୍ୟକୀୟ ତଥ୍ୟକୁ ପ୍ରାଧିକରଣ ନିକଟରେ ପ୍ରକଟ କରିବ । ଯଦି ସେମାନଙ୍କ ଆବେଦନର ବିଚାର ପାଇଁ ପ୍ରଦାନ କରାଯାଇଥିବା ତଥ୍ୟରେ କୌଣସି ପରିବର୍ତ୍ତନ ଥାଏ, ଆବେଦନ ଦାଖଲ କରିବା ପରେ କିମ୍ବା ଆବେଦକ ସ୍ୱେଚ୍ଛାକୃତ ରୂପେ, ପ୍ରାଧିକରଣ ନିକଟରେ ସେହି ପରିବର୍ତ୍ତନକୁ ପ୍ରକଟ କରିବ ।

(2) ଠିକ୍ ସେଭଳି, ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ଏକ ବୈଧ ପଞ୍ଜୀକରଣ ଧାରଣ କରେ, ପଞ୍ଜୀକରଣର ଜାରୀ ପରେ, ସ୍ୱେଚ୍ଛାକୃତ ରୂପେ ପ୍ରାଧିକରଣ ନିକଟରେ, ସେହି ଆବଶ୍ୟକୀୟ ତଥ୍ୟରେ ଥିବା କୌଣସି ପରିବର୍ତ୍ତନ, ଯାହା ଆଧାରରେ ପଞ୍ଜୀକରଣ କରା ହୋଇଥିଲା, ତାହାକୁ ଉଚିତ୍ ସମୟ କିନ୍ତୁ ସେହି ପରିବର୍ତ୍ତନ ଘଟିବାର 30 ଦିନରୁ ଅଧିକ ହୋଇ ନ ଥିବ, ତା ମଧ୍ୟରେ ପ୍ରକଟ କରିବ । ସେହି ସୂଚନା ପ୍ରାପ୍ତି ପରେ ପ୍ରାଧିକରଣ, କୌଣସି ସ୍ପଷ୍ଟୀକରଣ ମାଗି ପାରେ କିମ୍ବା ସେଭଳି ନିର୍ଦ୍ଦେଶାବଳୀ ଜାରୀ କରିପାରେ ଯାହା ସେ ଉପଯୁକ୍ତ ବୋଲି ମନେ କରିବ ।

(3) ଏକ କର୍ପୋରେଟ ପ୍ରାଧିକରଣ ନିକଟରେ ଅନ୍ୟ ବିନିୟାମକ କିମ୍ବା ସରକାରୀ ସଂସ୍ଥାଦ୍ୱାରା ସେମାନଙ୍କ ବିରୁଦ୍ଧରେ ଆରମ୍ଭ କରାଯାଇଥିବା କାନୁନୀ ପ୍ରକ୍ରିୟା ବିଷୟରେ, ଉଚିତ୍ ସମୟ କିନ୍ତୁ ସେଭଳି ପ୍ରକ୍ରିୟା ଆରମ୍ଭ କରାଯିବାର 30 ଦିନରୁ ଅଧିକ ହୋଇ ନ ଥିବ, ତା ମଧ୍ୟରେ ପ୍ରକଟ କରିବ । ସେହି ଅନ୍ୟାନ୍ୟ ସଂସ୍ଥାଦ୍ୱାରା ଜାରୀ କରାଯାଇଥିବା କୌଣସି ପଦକ୍ଷେପ କିମ୍ବା ନିର୍ଦ୍ଦେଶସବୁକୁ ମଧ୍ୟ ଉପରୋକ୍ତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରାଧିକରଣ ନିକଟରେ ପ୍ରକଟ କରାଯିବ ।

(4) କର୍ପୋରେଟ ଅଭିକର୍ତ୍ତା ସେଭଳି ତଥ୍ୟ କିମ୍ବା ରିଟର୍ଣ୍ଣ, ଯାହାକୁ ଯଥାର୍ଥ ବୋଲି ମନେକରିବ, ତାହାକୁ ପ୍ରଦାନ କରିବାପାଇଁ ପ୍ରାଧିକରଣ ସମୟ ସମୟରେ ଆବଶ୍ୟକ କରିପାରେ ।

(5) କର୍ପୋରେଟ ଅଭିକର୍ତ୍ତା ପ୍ରାଧିକରଣ ନିକଟରେ ତାହାର କାର୍ଯ୍ୟାଳୟଗୁଡ଼ିକର ବିବରଣୀ ଯାହା ମଧ୍ୟରେ ସେମାନେ ବୀମା ଉତ୍ପାଦଗୁଡ଼ିକ ବିତରଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି ଏବଂ ପ୍ରାଧିକରଣଦ୍ୱାରା ସେମାନଙ୍କୁ ଜାରୀ କରାଯାଇଥିବା ପ୍ରମାଣପତ୍ର ସଂଖ୍ୟା ସହିତ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ବିବରଣୀ ପ୍ରକଟ କରିବ । ଆହୁରି, ଏକ କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ଏକ କାର୍ଯ୍ୟାଳୟ ଖୋଲିବା କିମ୍ବା ବନ୍ଦକରିବାର ସୂଚନା ମଧ୍ୟ ପ୍ରାଧିକରଣକୁ ଦିଆଯିବ । ପ୍ରାଧିକରଣ ଆହୁରି ସୂଚନା ମଧ୍ୟ ମାଗିପାରେ ଯାହାକୁ ସେ ଯଥାର୍ଥ ବୋଲି ମନେକରିବ ।

(6) ଉପରେ ଦିଆଯାଇଥିବା ସର୍ତ୍ତାବଳୀର ଅନୁପାଳନରେ ବିଫଳତା କାନୁନୀ ପଦକ୍ଷେପକୁ ଆମନ୍ତ୍ରଣ ଦେବ ଯେପରିକି ପଞ୍ଜିକରଣର ନିଲମ୍ବନ କିମ୍ବା ରଦ୍ଦକରଣ, ଆର୍ଥିକ ଦଣ୍ଡ ଲାଗୁକରିବା କିମ୍ବା ଅନ୍ୟ କୌଣସି ଦଣ୍ଡ ଯାହା ପ୍ରାଧିକରଣ ଯୋଗ୍ୟ ବୋଲି ବିଚାର କରିପାରେ ।

12. ଉତ୍ପାଦଗୁଡ଼ିକର ବିତରଣ ପାଇଁ ବୀମାକର୍ତ୍ତାମାନଙ୍କ ସହିତ ବ୍ୟବସ୍ଥା

a) ଏହି ବିନିୟମାବଳୀ ଅନ୍ତର୍ଗତ କର୍ପୋରେଟ ଅଭିକର୍ତ୍ତାମାନଙ୍କୁ ଉତ୍ପାଦଗୁଡ଼ିକର ବିତରଣ ପାଇଁ ବୀମାକର୍ତ୍ତାମାନଙ୍କ ସହିତ ବ୍ୟବସ୍ଥାରେ ପ୍ରବେଶ କରିବାକୁ ପଡ଼ିବ । ଏହି ବ୍ୟବସ୍ଥାଗୁଡ଼ିକୁ ପ୍ରାଧିକରଣ ପାଖରେ ସେଭଳି ବ୍ୟବସ୍ଥାରେ ପ୍ରବେଶ କରିବାର 30 ଦିନ ମଧ୍ୟରେ ପ୍ରକଟ କରିବାକୁ ପଡ଼ିବ । ସେଭଳି ବ୍ୟବସ୍ଥାର ସର୍ବନିମ୍ନ ସମୟାବଧି ଏକ ବର୍ଷ ପାଇଁ ହେବ ;

(b) ସେଭଳି ବ୍ୟବସ୍ଥାରେ ପ୍ରବେଶ କରିବା ସମୟରେ, ଏକ ବିଶେଷ ବୀମାକର୍ତ୍ତାଙ୍କ ଉତ୍ପାଦଗୁଡ଼ିକୁ ବିତରଣ କରିବା ପାଇଁ କୌଣସି କର୍ପୋରେଟ ଅଭିକର୍ତ୍ତା ପ୍ରତିଶ୍ରୁତି ଦେବ ନାହିଁ କିମ୍ବା କୌଣସି ବୀମାକର୍ତ୍ତା କର୍ପୋରେଟ ଅଭିକର୍ତ୍ତାଙ୍କୁ ବାଧ୍ୟ କରିବେ ନାହିଁ;

(c) ବ୍ୟବସ୍ଥାସବୁରେ ପଲିସୀଧାରକମାନଙ୍କ ପ୍ରତି କର୍ପୋରେଟ ଅଭିକର୍ତ୍ତାମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ, ବୀମାକର୍ତ୍ତା ଓ କର୍ପୋରେଟ ଅଭିକର୍ତ୍ତାମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ, ବ୍ୟବସ୍ଥାଗୁଡ଼ିକର ସମାପ୍ତି ପାଇଁ ସର୍ତ୍ତ ଓ ପ୍ରତିବନ୍ଧକୁ ସମ୍ମିଳିତ କରିବାର ପ୍ରାବଧାନ ରହିବ;

(d) ପଲିସୀଧାରକମାନଙ୍କ ହିତ ବିରୁଦ୍ଧରେ କୌଣସି ବ୍ୟବସ୍ଥା କରାଯିବ ନାହିଁ;

(e) ଯଦି ଏକ କର୍ପୋରେଟ ଅଭିକର୍ତ୍ତା କୌଣସି ବୀମାକର୍ତ୍ତା ସହିତ ଥିବା ବ୍ୟବସ୍ଥାକୁ ସମାପ୍ତ କରିବା ପାଇଁ ଚାହେଁ, ସେମାନେ ବୀମାକର୍ତ୍ତା ଓ ପ୍ରାଧିକରଣକୁ ସୂଚୀତ କରି ତାହା କରିପାରନ୍ତି । ସେଭଳି କ୍ଷେତ୍ରରେ, ସେମାନେ ସୁନିଶ୍ଚିତ କରିବେ ଯେ ବୀମାକର୍ତ୍ତା ସହିତ ଯାଚିତ ଓ ରଖାଯାଇଥିବା ପଲିସୀଗୁଡ଼ିକୁ ସେଗୁଡ଼ିକର ସମାପ୍ତି କିମ୍ବା ଛଅ ମାସର ଅବଧି, ଯେଉଁଟା ବି ପ୍ରଥମେ ଆସିବ, ସେ ପର୍ଯ୍ୟନ୍ତ ସେବା ପ୍ରଦାନ କରାଯାଉଛି ଯେଉଁ ସମୟ ମଧ୍ୟରେ ସେମାନେ ସମ୍ବନ୍ଧିତ ବୀମାକର୍ତ୍ତା ସହିତ ଉଚିତ୍ ବ୍ୟବସ୍ଥା କରିବେ;

(f) ଯଦି ଏକ ବୀମାକର୍ତ୍ତା କୌଣସି କର୍ପୋରେଟ ଅଭିକର୍ତ୍ତା ସହିତ ଥିବା ବ୍ୟବସ୍ଥାକୁ ସମାପ୍ତ କରିବା ପାଇଁ ଚାହେଁ, ସେମାନେ କର୍ପୋରେଟ ଅଭିକର୍ତ୍ତା ଓ ପ୍ରାଧିକରଣକୁ ସୂଚୀତ କରି ତାହା କରିପାରନ୍ତି । ସେଭଳି କ୍ଷେତ୍ରରେ, ସମ୍ବନ୍ଧିତ ବୀମାକର୍ତ୍ତା କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ପ୍ରାପ୍ତ କରାଯାଇଥିବା ପଲିସୀଗୁଡ଼ିକର ସେବାପ୍ରଦାନର ଦାୟିତ୍ୱ ନେବେ । ଏଭଳି ସବୁ କ୍ଷେତ୍ରରେ, ବୀମାକର୍ତ୍ତା ସମ୍ବନ୍ଧିତ ପଲିସୀଧାରକକୁ ସେବା ବ୍ୟବସ୍ଥାରେ କରାଯାଇଥିବା ପରିବର୍ତ୍ତନଗୁଡ଼ିକ ସମ୍ବନ୍ଧରେ ସୂଚୀତ କରିବେ;

(g) ଏହାର କର୍ପୋରେଟ ଅଭିକର୍ତ୍ତା ହେବାପାଇଁ, ଆବଶ୍ୟକ ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣଦ୍ୱାରା ସ୍ୱୀକୃତ ଶୁଳ୍କ କିମ୍ବା ଚାର୍ଜ ବ୍ୟତୀତ, କୌଣସି ଦସ୍ତଖତ କରିବା ଶୁଳ୍କ କିମ୍ବା ଅନ୍ୟ କୌଣସି ଚାର୍ଜ ଯେଉଁ ନାମରେ ବି ପରିଚିତ

ହୋଇଥାଉ, ଏହାକୁ କୌଣସି ବୀମାକର୍ତ୍ତା ପ୍ରଦାନ କରିବ ନାହିଁ ଏବଂ କୌଣସି କର୍ପୋରେଟ ଅଭିକର୍ତ୍ତା ପ୍ରାପ୍ତ କରିବ ନାହିଁ ;

(h) କୌଣସି ବି ବୀମାକର୍ତ୍ତା କର୍ପୋରେଟ ଅଭିକର୍ତ୍ତାମାନଙ୍କ ପ୍ରଧାନ ଅଧିକାରୀ, ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ପ୍ରତ୍ୟକ୍ଷରୂପେ ପ୍ରୋତ୍ସାହନ (ନଗଦ କିମ୍ବା ଅଣ-ନଗଦ) ପ୍ରଦାନ କରିବ ନାହିଁ;

(i) ପ୍ରାଧିକରଣ, କୌଣସି ସମୟରେ ବି, ବୀମାକର୍ତ୍ତା କିମ୍ବା କର୍ପୋରେଟ ଅଭିକର୍ତ୍ତାଙ୍କୁ କାରଣ ଉଲ୍ଲେଖ କରି ବିତରଣ ବ୍ୟବସ୍ଥାକୁ ସମାପ୍ତ କରିବାପାଇଁ ନିର୍ଦ୍ଦେଶ ଦେଇପାରେ ।

13. ପଲିସୀଧାରକମାନଙ୍କୁ ସେବାପ୍ରଦାନ -

(1) ଏହି ନିୟମାବଳୀ ଅନ୍ତର୍ଗତ ସଂପୂର୍ଣ୍ଣ ଚୁକ୍ତି ସମୟାବଧି ମଧ୍ୟରେ ଏହାର ପଲିସୀଧାରକମାନଙ୍କ ସେବାପ୍ରଦାନ କରିବାର କର୍ତ୍ତବ୍ୟ ଏକ ପଞ୍ଜିକୃତ କର୍ପୋରେଟ ଅଭିକର୍ତ୍ତାର ରହିବ । ସେବାପ୍ରଦାନ ସମ୍ମିଳିତ କରେ ଅଧିନିୟମର ଅନୁଭାଗ 64VB ଅନ୍ତର୍ଗତ ଆବଶ୍ୟକୀୟ ପ୍ରିମିୟମର ପ୍ରଦାନରେ ସହାୟତା ପ୍ରଦାନ କରିବା, ଏକ ଦାବୀ ପରିପ୍ରେକ୍ଷୀରେ ଆବଶ୍ୟକ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବା, ସେହି ବିଷୟଗୁଡ଼ିକ ଉପରେ ଅନ୍ୟସବୁ ସେବା ଓ ମାର୍ଗଦର୍ଶନ ପ୍ରଦାନ କରିବା ଯାହା ଏକ ବୀମା ଚୁକ୍ତିର ସମୟାବଧିରେ ଉତ୍ପନ୍ନ ହୋଇଥାନ୍ତି ।

(2) ଆଇଆରଡିଏ (କର୍ପୋରେଟ ଅଭିକର୍ତ୍ତାମାନଙ୍କ ଲାଇସେନ୍ସିଂ) ବିନିୟମାବଳୀ, 2002 ଅନ୍ତର୍ଗତ ଲାଇସେନ୍ସପ୍ରାପ୍ତ ଏକ କର୍ପୋରେଟ ଅଭିକର୍ତ୍ତା କ୍ଷେତ୍ରରେ, ସେମାନେ ଏହି ବିନିୟମାବଳୀର ବିନିୟମ 1(3) ର ଅନୁପାଳନ କରିବେ । ଅବଶ୍ୟ, ସେମାନେ ଏହି ବିନିୟମର ଉପ-ଧାରା (1) ଅନ୍ତର୍ଗତ ଆବଶ୍ୟକ ହେଉଥିବା ଅନୁଯାୟୀ, ସେସବୁ ପଲିସୀର ଅବଧିର ସମାପ୍ତି କିମ୍ବା ଛଅ ମାସର ସମୟାବଧି ପାଇଁ, ଯେଉଁଟା ବି ପ୍ରଥମେ ଆସିବ, ସେ ପର୍ଯ୍ୟନ୍ତ ବିଦ୍ୟମାନ ପଲିସୀଧାରକମାନଙ୍କୁ ସେବା ପ୍ରଦାନ କରିବା ଚାଲୁ ରଖିବେ, ଯେଉଁ ସମୟ ମଧ୍ୟରେ ଚୁକ୍ତିଗୁଡ଼ିକୁ ସେବାପ୍ରଦାନ କରିବାପାଇଁ ସମ୍ବନ୍ଧିତ ବୀମାକର୍ତ୍ତା ସହିତ ଉଚିତ୍ ବ୍ୟବସ୍ଥା କରିବେ । ବ୍ୟବସ୍ଥାଗୁଡ଼ିକ ସହିତ ସେଭଳି ଚୁକ୍ତିଗୁଡ଼ିକର ବିବରଣୀଗୁଡ଼ିକୁ ସେଭଳି ବ୍ୟବସ୍ଥାଗୁଡ଼ିକର ତିରିଶ ଦିନ ମଧ୍ୟରେ ପ୍ରାଧିକରଣ ନିକଟରେ ପ୍ରକଟ କରାଯିବ ।

14. ଏକ କର୍ପୋରେଟ ଅଭିକର୍ତ୍ତାର ଟେଲି-ମାର୍କେଟିଙ୍ଗ୍ ମୋଡ ଏବଂ ଦୂରବର୍ତ୍ତୀ ବିପଣନ କାର୍ଯ୍ୟକଳାପଦ୍ୱାରା ବୀମା ବିକ୍ରୟ -

(1) ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ବୀମା ଉତ୍ପାଦଗୁଡ଼ିକର ବିତରଣ ଉଦ୍ଦେଶ୍ୟରେ ଏକ ଟେଲିମାର୍କେଟରର ସେବାର ଉପଯୋଗ କରିବା ପାଇଁ କିମ୍ବା ଦୂରବର୍ତ୍ତୀ ବିପଣନ କାର୍ଯ୍ୟକଳାପରେ ନିଯୁକ୍ତ ରହିବା ପାଇଁ ଇଚ୍ଛା କରେ, ତାକୁ ଅନୁସୂଚୀ VII ରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ ନିର୍ଦ୍ଦେଶଗୁଡ଼ିକୁ ଅନୁପାଳନ କରିବ ।

(2) ଉପରୋକ୍ତ ଉପ-ବିନିୟମ (1) ର ପକ୍ଷପାତିତା ନ କରି, ଏକ କର୍ପୋରେଟ ଅଭିକର୍ତ୍ତାକୁ ଏକ ଟେଲିମାର୍କେରର ସେବାର ଉପଯୋଗ କରିବା ପାଇଁ ନିମ୍ନଲିଖିତ ଅତିରିକ୍ତ ସର୍ତ୍ତାବଳୀର ଅନୁପାଳନ କରିବାକୁ ପଡ଼ିବ :

a. କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ନିଯୁକ୍ତ ଟେଲିମାର୍କେଟର ଉକ୍ତ ବିଷୟରେ ଭାରତୀୟ ଟେଲିକମ ବିନିୟାମକ ପ୍ରାଧିକରଣ ଦ୍ୱାରା

ଜାରୀକରାଯାଇଥିବା ବିଭିନ୍ନ ପରିପତ୍ର ଏବଂ/କିମ୍ବା ମାର୍ଗଦର୍ଶିକା କିମ୍ବା କୌଣସି ଅନ୍ୟ ନିର୍ଦ୍ଦେଶର ଅନୁପାଳନ କରିବ;

b. ଏକ କର୍ପୋରେଟ ଅଭିକର୍ତ୍ତା ଯିଏ ବୀମା ମଧ୍ୟସ୍ଥତା ପାଇଁ ଦୂରବିପଣନ କାର୍ଯ୍ୟକଳାପଗୁଡିକୁ ସଂପାଦନ କରିବାକୁ ଇଚ୍ଛା କରେ, ସେ ଏହି ବିନିୟମାବଳୀର ସଂଲଗ୍ନ 4 ରେ ପ୍ରାଧିକରଣଦ୍ୱାରା ବିନିର୍ଦ୍ଦିଷ୍ଟ ଫର୍ମରେ ପ୍ରାଧିକରଣର ପୂର୍ବ ସ୍ୱୀକୃତ ମାଗିବ । ଏହାର ସତ୍ୟାପନ କରିବା ପରେ ପ୍ରାଧିକରଣ ଟେଲିମାର୍କେଟରକୁ ଏକ ପ୍ରମାଣପତ୍ର ପ୍ରଦାନ କରିବ;

c. ଆହୁରି, କର୍ପୋରେଟ ଅଭିକର୍ତ୍ତା ପ୍ରାଧିକରଣ ନିକଟରେ ନିଯୁକ୍ତ କରାଯାଇଥିବା ପ୍ରାଧିକୃତ ସତ୍ୟାପକମାନଙ୍କ ନାମ/

d. ଟେଲିମାର୍କେଟର ଦ୍ୱାରା ନିଯୁକ୍ତ କରିବାକୁ ପ୍ରସ୍ତାବିତ ନାମ ଯାହାକୁ ଏହି ବିନିୟମାବଳୀର ସଂଲଗ୍ନ 5 ରେ ବିନିର୍ଦ୍ଦିଷ୍ଟ ଫର୍ମରେ ଦାଖଲ କରିବ I ଏହାର ସତ୍ୟାପନ କରିବା ପରେ ପ୍ରାଧିକରଣ ପ୍ରାଧିକୃତ ସତ୍ୟାପକକୁ ଏକ ପ୍ରମାଣପତ୍ର ପ୍ରଦାନ କରିବ ।

e. ଯଦି ଏକ ପ୍ରାଧିକୃତ ସତ୍ୟାପକ ଅନ୍ୟ ଏକ ଟେଲିମାର୍କେଟର ପାଖକୁ ପରିବର୍ତ୍ତନ କରିବାକୁ ଇଚ୍ଛା କରେ ଯିଏ ମଧ୍ୟ ବୀମା ମଧ୍ୟସ୍ଥତା ସମ୍ବନ୍ଧରେ କାରବାର କରୁଛି, ସେମାନେ ସେ ସମୟର ଟେଲିମାର୍କେଟରଠାରୁ ଏକ ଅଣ-ଆପତ୍ତି ପ୍ରମାଣପତ୍ର ପ୍ରାପ୍ତ କରିବେ ଏବଂ ଏକ ନୂତନ ପ୍ରମାଣପତ୍ରର ଜାରୀ ପାଇଁ ପ୍ରାଧିକରଣ ନିକଟରେ ତାକୁ ଜମା କରିବେ । ଯଦି ଏଥିପାଇଁ କରାଯାଇ ଥିବା ଆବେଦନ ତାରିଖଠାରୁ 30 ଦିନ ମଧ୍ୟରେ ବର୍ତ୍ତମାନର ଟେଲିମାର୍କେଟରଏକ ଅଣ-ଆପତ୍ତି ପ୍ରମାଣପତ୍ର ଜାରୀ ନ କରେ,ଏହା ମନେ କରିବାକୁ ହେବ ଯେ ତାର ପରିବର୍ତ୍ତନ କରିବାରେ ଟେଲିମାର୍କେଟରର କୌଣସି ଆପତ୍ତି ନାହିଁ;

f. ପ୍ରାଧିକୃତ ସତ୍ୟାପକମାନଙ୍କ ନିଷ୍କାସନ କିମ୍ବା ସଂଯୋଜନ ପାଇଁ ଆବେଦନ କର୍ପୋରେଟ ଅଭିକର୍ତ୍ତାଦ୍ୱାରା ପ୍ରଧାନ ଅଧିକାରୀ ମାଧ୍ୟମରେ କରାଯିବ;

g. ଯଦି କର୍ପୋରେଟ ଅଭିକର୍ତ୍ତା TRAI ସହିତ ଟେଲିମାର୍କେଟର ରୂପେ ପଞ୍ଜିକରଣ କରେ, କର୍ପୋରେଟ ଅଭିକର୍ତ୍ତା କେବଳ ସେହି ବୀମାକର୍ତ୍ତାମାନଙ୍କ ପାଇଁ କାର୍ଯ୍ୟ କରିବ ଯାହା ସହିତ ତାହାର ବ୍ୟବସ୍ଥା ରହିଛି;

h. କୌଣସି ବି କର୍ପୋରେଟ ଅଭିକର୍ତ୍ତା କିମ୍ବା ଏହାର ଟେଲିମାର୍କେଟର କୌଣସି ବ୍ୟକ୍ତିକୁ ବିଦେଶକୁ ଯାଉଥିବା କଲ୍ କରିବ ନାହିଁ ଯଦି ସେ ପ୍ରଭାବୀ ରୂପେ ଅନୁସନ୍ଧାନ କରି ଏକ ବୀମା ପଲିସୀ କ୍ରୟ କରିବାରେ ଆଗ୍ରହ ଦେଖାଇ ନ ଥିବ । ସେମାନେ ପ୍ରାଧିକରଣ କିମ୍ବା ଏହା ଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତି ଦ୍ୱାରା ସତ୍ୟାପନ ଓ ଯାଞ୍ଚ କରିବା ପାଇଁ ସେଭଳି ବ୍ୟକ୍ତିମାନଙ୍କ ଡାଟାବେସ୍ ରଖିବେ ଏବଂ ଅନୁସନ୍ଧାନ କରିଥିବେ ।

i. ଟେଲିମାର୍କେଟର ସମ୍ଭାବ୍ୟ ଗ୍ରାହକକୁ ନିମ୍ନଲିଖିତ ତଥ୍ୟସବୁକୁ ପ୍ରକଟ କରିବ
   (a) ସେମାନେ ପ୍ରତିନିଧିତ୍ୱ କରୁଥିବା କର୍ପୋରେଟ ଅଭିକର୍ତ୍ତାର ନାମ;
   (b) କର୍ପୋରେଟ ଅଭିକର୍ତ୍ତାର ପଞ୍ଜିକରଣ ସଂଖ୍ୟା;
   (c) ଟେଲିମାର୍କେଟର ଏବଂ/କିମ୍ବା କର୍ପୋରେଟ ଅଭିକର୍ତ୍ତାର ସଂପର୍କ ସଂଖ୍ୟା (ଟେଲିଫୋନ ନମ୍ବର) ଯଦି ଗ୍ରାହକ ତାକୁ ଫୋନ କରିବାପାଇଁ କିମ୍ବା ଦୂର ବିକ୍ରୟ ତଥ୍ୟକୁ ଯାଞ୍ଚ କରିବା ପାଇଁ ଇଚ୍ଛା କରେ;
   (d) ଟେଲି-କଲ୍ କରୁଥିବା ବ୍ୟକ୍ତି (ପ୍ରାଧିକୃତ ସତ୍ୟାପକ) ର ନାମ ଏବଂ ପରିଚୟ ସଂଖ୍ୟା ;

j. ଏକ ଟେଲିମାର୍କେଟର ନିଯୁକ୍ତ କରୁଥିବା କର୍ପୋରେଟ ଅଭିକର୍ତ୍ତା ଟେଲିମାର୍କେଟର ସହିତ ଏକ ଚୁକ୍ତିନାମାରେ ପ୍ରବେଶ କରିବ ଏବଂ ଚୁକ୍ତିନାମା ସମସ୍ତ ବିବରଣୀ ପ୍ରଦାନ କରିବ ଯଥା: ଡାଟାବେସର ଉତ୍ସ, କର୍ତ୍ତବ୍ୟ ଓ ଦାୟିତ୍ୱ, ରାଶିପ୍ରଦାନ ବିବରଣୀ, ଚୁକ୍ତି

ନାମାର ଅବଧି, ଅଧିନିୟମର ଉଲ୍ଲଘଂନ ପରିପ୍ରେକ୍ଷୀରେ ନେବାକୁ ଥିବା ପଦକ୍ଷେପ, ବିନିୟମାବଳୀ, ମାର୍ଗଦର୍ଶିକା, ପରିପତ୍ର,
ପ୍ରାଧିକରଣଦ୍ୱାରା ଜାରୀ କରାଯାଇଥିବା ନିର୍ଦ୍ଦେଶାବଳୀ, ପ୍ରାଧିକୃତ ସତ୍ୟାପକମାନଙ୍କ ଆଚାର ସଂହିତା । ଯେତେବେଳେ ବି
ଆବଶ୍ୟକ ସତ୍ୟାପନ ପାଇଁ ଚୁକ୍ତିନାମାକୁ ପ୍ରାଧିକରଣ କିମ୍ବା ପ୍ରାଧିକରଣଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତିକୁ ଉପଲବ୍ଧ କରାଯିବ;

k. ପ୍ରତ୍ୟେକ ଟେଲିମାର୍କେଟର ଏବଂ ପ୍ରାଧିକୃତ ସତ୍ୟାପକ ଏହି ବିନିୟମାବଳୀର ଅନୁସୂଚୀ III ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଅନୁରୂପ କର୍ପୋରେଟ ଅଭିକର୍ତ୍ତାମାନଙ୍କ ପାଇଁ ପ୍ରଯୁଜ୍ୟ ଆଚାର ସଂହିତାର ଅନୁପାଳନ କରିବ ।

l. ଟେଲିମାର୍କେଟରର ପରିସର କିମ୍ବା କୌଣସି ଅନ୍ୟ ପରିସରସବୁ, ଯାହାକୁ ପ୍ରାଧିକରଣ ରେକର୍ଡ/ଦସ୍ତାବିଜଗୁଡିକର ସତ୍ୟାପନ
ପାଇଁ, ଆବଶ୍ୟକ ବୋଲି ଅନୁଭବ କରିବ, ସେସବୁକୁ ନିରୀକ୍ଷଣ କରିବାପାଇଁ,ଏବଂ କୌଣସି ଦସ୍ତାବିଜ/ରେକର୍ଡ ପ୍ରାପ୍ତ କରିବା
ପାଇଁ, ଟେଲିମାର୍କେଟରର କୌଣସି କର୍ମଚାରୀର ବକ୍ତବ୍ୟକୁ ରେକର୍ଡ କରିବାପାଇଁ କିମ୍ବା ତାହାର ସ୍ୱେଚ୍ଛାରେ କୌଣସି ଦସ୍ତାବିଜ
/ରେକର୍ଡର ପ୍ରତିଲିପି ପ୍ରସ୍ତୁତ କରିବାପାଇଁ ପ୍ରାଧିକରଣର କ୍ଷମତା ରହିବ:

m. ଟେଲିମାର୍କେଟରକୁ ଏହି ବିଷୟରେ ସମୟ ସମୟରେ ପ୍ରାଧିକରଣଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା କୌଣସି ଅନ୍ୟ ସର୍ତ୍ତ ଓ ପ୍ରତି ବନ୍ଧଗୁଡିକର ଅନୁପାଳନ କରିବାକୁ ପଡିବ ।

(3) ଏକ ଟେଲିମାର୍କେଟରକୁ ତିନୋଟି ବୀମାକର୍ତ୍ତା କିମ୍ବା ବୀମା ସମ୍ବନ୍ଧିତ ସତ୍ତାଠାରୁ ଅଧିକ ସହିତ ନିଯୁକ୍ତ କରାଯିବ ନାହିଁ ।

15. କର୍ପୋରେଟ ଅଭିକର୍ତ୍ତାମାନଙ୍କ ପାଇଁ ଆଚାର ସଂହିତା -

(1) ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା ଏହି ବିନିୟମାବଳୀର ଅନୁସୂଚୀ III ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଅନୁରୂପ ଆଚାର ସଂହିତାର ଅନୁପାଳନ କରିବ,

(2) କର୍ପୋରେଟ ଅଭିକର୍ତ୍ତା ଏହାର ପ୍ରଧାନ ଅଧିକାରୀ, ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସମସ୍ତ କାର୍ଯ୍ୟ ତଥା ଲୋପପାଇଁ ଦାୟୀ ରହିବ ଯାହୀ ଏହି ବିନିୟମାବଳୀ ଅନ୍ତର୍ଗତ ବିନିର୍ଦ୍ଦିଷ୍ଟ ଆଚାର ସଂହିତାର ଉଲ୍ଲଘଂନକୁ ସମ୍ମିଳିତ କରେ ଏବଂ ଅଧିନିୟମର ଅନୁଭାଗ 102 ର ପ୍ରାବଧାନ ଅନ୍ତର୍ଗତ ଏକ ଦଣ୍ଡର ପାତ୍ର ହେବ ଯାହା ଏକ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇପାରେ ।

16. ରେକର୍ଡଗୁଡିକର ରକ୍ଷଣାବେକ୍ଷଣ

ଏକ କର୍ପୋରେଟ ଅଭିକର୍ତ୍ତା ନିମ୍ନଲିଖିତ ରେକର୍ଡଗୁଡିକର ଇଲେକ୍ଟ୍ରୋନିକ ରୂପ ସହିତ ସେସବୁକୁ ରଖିବ ଏବଂ ଯେତେବେଳେ ବି ପ୍ରାଧିକରଣଦ୍ୱାରା ଆବଶ୍ୟକ ହେବ, ଏସବୁକୁ ଉପଲବ୍ଧ କରାଇବ -

(i) 'ଗ୍ରାହକର ଆପଣଙ୍କ ଗ୍ରାହକକୁ ଜାଣନ୍ତୁ' (KYC) ରେକର୍ଡ, ଯାହାକୁ ମନି ଲଣ୍ଡରିଙ୍ଗ୍ ନିବାରଣ ଆଇନର ଉଚିତ୍ ପ୍ରାଧିକରଣର
ମାର୍ଗଦର୍ଶିକା ଏବଂ ପ୍ରାବଧାନ ଅନ୍ତର୍ଗତ ଆବଶ୍ୟକ ହୋଇଥାଏ;

(ii) ଗ୍ରାହକଦ୍ୱାରା ହସ୍ତାକ୍ଷରିତ ଓ ବୀମାକର୍ତ୍ତା ପାଖରେ ଜମା କରାଯାଇଥିବା ପ୍ରସ୍ତାବ ଫର୍ମର ପ୍ରତିଲିପି ଏବଂ ଏହା ସହିତ
କର୍ପୋରେଟ ଅଭିକର୍ତ୍ତାର ବିନିର୍ଦ୍ଦିଷ୍ଟ ବ୍ୟକ୍ତିଦ୍ୱାରା ହସ୍ତାକ୍ଷରିତ ACR ;

(iii) ଏକ ପଞ୍ଜିକା ଯେଉଁଥିରେ ଗ୍ରାହକ ସୂଚୀ, ପଲିସୀର ବିବରଣୀ ଯେପରିକି ପଲିସୀପ୍ରକାର, ପ୍ରିମିୟମ ରାଶି, ପଲିସୀ ଜାରୀ
ତାରିଖ, ପ୍ରାପ୍ତ ହୋଇଥିବା ଚାର୍ଜ କିମ୍ବା ଶୁଳ୍କ ସମ୍ମିଳିତ ଥାଏ;

(iv) ଏକ ପଞ୍ଜିକା, ଯେଉଁଥିରେ ପ୍ରାପ୍ତ ହୋଇଥିବା ଅଭିଯୋଗଗୁଡ଼ିକର ବିବରଣୀ, ଯାହା ଅଭିଯୋଗକାରୀର ନାମ, ଅଭିଯୋଗର
ସ୍ୱରୂପ, ଜାରୀ କରାଯାଇଥିବା/ଯାଚିତ ପଲିସୀର ବିବରଣୀ ଏବଂ ତା' ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ତର୍ଭୁକ୍ତ ଥାଏ,
ଏସବୁ ସମ୍ମିଳିତ ଥାଏ ;

(v) ଏକ ପଞ୍ଜିକା, ଯେଉଁଥିରେ ନାମ, ଠିକଣା, ଟେଲିଫୋନ ନମ୍ବର, ଫଟୋଗ୍ରାଫ, ନିଯୁକ୍ତିର ଆରମ୍ଭ ତାରିଖ, ସେବା ତ୍ୟାଗ
କରିବାର ତାରିଖ, ଯଦି କିଛି ଥାଏ, ବିନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ପ୍ରଦାନ କରାଯାଉଥିବା ମାସିକ ପାରିଶ୍ରମିକ, ସମ୍ମିଳିତ ଥାଏ;

(vi) ପ୍ରାଧିକରଣ ସହିତ ବିନିମୟ ହୋଇଥିବା ପତ୍ରାଚାରର ପ୍ରତିଲିପି

(vii) ଅନ୍ୟ କୌଣସି ରେକର୍ଡ ଯାହାକୁ ପ୍ରାଧିକରଣଦ୍ୱାରା ସମୟ ସମୟରେ ବିନିର୍ଦ୍ଦିଷ୍ଟ କରାଯାଇଥାଇ ପାରେ ।

17. ଆକାଉଣ୍ଟ ଖାତା, ରେକର୍ଡ, ଇତ୍ୟାଦିର ରକ୍ଷଣାବେକ୍ଷଣ -

(1) ଏକ କର୍ପୋରେଟ ଅଭିକର୍ତ୍ତା, ଯାହାକୁ ବୀମା ମଧ୍ୟସ୍ଥତାର ଉଦ୍ଦେଶ୍ୟରେ ହିଁ କେବଳ ସମ୍ମିଳିତ କରାହୋଇଥାଏ, ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ନିମ୍ନଲିଖିତ ଆକାଉଣ୍ଟସବୁର ଖାତା ପ୍ରସ୍ତୁତ କରି ରଖିବ -

(i) ପ୍ରତ୍ୟେକ ଆକାଉଣ୍ଟିଂ ସମୟାବଧିର ସମାପ୍ତି ପର୍ଯ୍ୟନ୍ତ ହୋଇଥିବା ମାମଲାଗୁଡ଼ିକର ଏକ ବାଲାନ୍ସ ଶୀଟ୍ କିମ୍ବା ଏକ ବିବରଣ;

(ii) ସେହି ସମୟାବଧି ପାଇଁ ଏକ ଲାଭ ଏବଂ କ୍ଷତି ଖାତା

(iii) ନଗଦ/ନିଧି ଗମନ-ଆଗମନର ଏକ ବିବରଣ

(iv) ସମୟ ସମୟରେ ପ୍ରାଧିକରଣଦ୍ୱାରା ଆବଶ୍ୟକ ହେଉଥିବା ଅନୁସାରେ ଅତିରିକ୍ତ ବିବରଣସବୁ ।

ଧ୍ୟାନ ଦିଅନ୍ତୁ.1: ଏହି ବିନିୟମ ଉଦ୍ଦେଶ୍ୟରେ, ଆର୍ଥିକ ବର୍ଷ 12 ମାସ (କିମ୍ବା କମ୍ ଯେଉଁଠି ଏକ ବ୍ୟବସାୟକୁ 1 ଏପ୍ରିଲ ପରେ ଆରମ୍ଭ କରାଯାଏ) ସମୟାବଧିର ହେବ ଯାହା ବର୍ଷର ଏପ୍ରିଲର ପ୍ରଥମ ଦିନ ଆରମ୍ଭ ହୁଏ ଓ ପରବର୍ତ୍ତୀ ବର୍ଷର ମାର୍ଚ୍ଚର 31ଶ ଦିନ ସମାପ୍ତ ହୁଏ ଏବଂ ଖାତାଗୁଡ଼ିକ ଅଧିବୃଦ୍ଧି ଆଧାରରେ ରଖାଯିବ ।

ଧ୍ୟାନ ଦିଅନ୍ତୁ 2 : *ସେମାନଙ୍କ ଆର୍ଥିକ ବିବରଣସବୁ ପାଇଁ କିମ୍ବା ବୀମାକର୍ତ୍ତା ଓ ବୀମାକର୍ତ୍ତାର ସମୂହ କମ୍ପାନୀମାନଙ୍କ ଠାରୁ, ବୀମାକର୍ତ୍ତା-ଆଧାରରେ, କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ପ୍ରାପ୍ତ ହୋଇଥିବା ସମସ୍ତ ଆୟର ବିବରଣୀ, ଏବଂ ଆହୁରି ମଧ୍ୟ କୌଣସି ବୀମାକର୍ତ୍ତାଠାରୁ କର୍ପୋରେଟ ଅଭିକର୍ତ୍ତାର ସମୂହ କମ୍ପାନୀ ଏବଂ/ କିମ୍ବା ସହଯୋଗୀ ଦ୍ୱାରା ପ୍ରାପ୍ତ ହୋଇଥିବା ବିବରଣୀ ଏବଂ ସେଗୁଡିକର ବିବରଣୀସବୁ ପ୍ରଦାନ କରିବାର ଏକ ଅନୁସୂଚୀ ରହିବ।*

(a) ଅଡିଟରର ରିପୋର୍ଟ ସହିତ ଉପ-ବିନିୟମ (1) ରେ ଉଲ୍ଲେଖ କରାଯାଇଥିବା ଅନୁରୂପ ଅଡିଟ କରାଯାଇଥିବା ଆର୍ଥିକ ବିବରଣଗୁଡିକର ଏକ ପ୍ରତିଲିପିକୁ, ପ୍ରତିବର୍ଷ 30 ସେପ୍ଟେମ୍ବର ପୂର୍ବରୁ ପ୍ରାଧିକରଣ ପାଖରେ ଦାଖଲ କରାଯିବ ଯାହା ସହିତ ଯଦି କିଛି ଥାଏ, ବ୍ୟବସାୟ ପରିଚାଳନା, ଆକାଉଣ୍ଟସ୍ ର ସ୍ଥିତି, ଇତ୍ୟାଦି ଉପରେ ଅଡିଟରମାନଙ୍କ ଟିପ୍ପଣୀ କିମ୍ବା ଅବଲୋକନ/ବିଚାର, ଏବଂ ପ୍ରାଧିକରଣ ପାଖରେ ଦାଖଲ କରାଯାଇଥିବା ସେଭଳି ଆକାଉଣ୍ଟ୍ସରେ ସେଭଳି ଅବଲୋକନ ଉପରେ ଏକ ଉଚିତ୍ ସ୍ପଷ୍ଟୀକରଣକୁ ସଂଲଗ୍ନ କରାଯିବ ।

(b) ଅଡିଟରର ରିପୋର୍ଟର ତାରିଖଠାରୁ ନବେ ଦିନ ମଧ୍ୟରେ, ଅଡିଟରର ରିପୋର୍ଟରେ ଦର୍ଶାଯାଇଥିବା କୌଣସି ନ୍ୟୂନତା/ଅପୂର୍ଣ୍ଣତାକୁ ସଂଶୋଧନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ଏବଂ ପ୍ରାଧିକରଣକୁ ସୂଚୀତ କରାଯିବ ।

(c) ସମସ୍ତ ଆକାଉଣ୍ଟ ଖାତା, ବିବରଣ, ଦସ୍ତାବିଜ, ଇତ୍ୟାଦିକୁ କର୍ପୋରେଟ ଅଭିକର୍ତ୍ତାର ମୂଖ୍ୟ କାର୍ଯ୍ୟାଳୟ କିମ୍ବା ପ୍ରାଧିକରଣ ନିକଟରେ ନାମାଙ୍କିତ ଓ ସୂଚୀତ କରାଯାଇଥିବା ସେଭଳି ଅନ୍ୟ ଶାଖା କାର୍ଯ୍ୟାଳୟରେ ସମ୍ଭାଳି ରଖାଯିବ, ଏବଂ ନିରୀକ୍ଷଣ ସକାଶେ ପ୍ରାଧିକରଣର ଓ ଏହା ତରଫରୁ ପ୍ରାଧିକୃତ ସେଭଳି ଅଧିକାରୀମାନଙ୍କୁ ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ କରାଯିବ ।

(d) ଏହି ବିନିୟମରେ ସୂଚୀତ କରାଯାଇଥିବା ଏବଂ କର୍ପୋରେଟ ଅଭିକର୍ତ୍ତା ଦ୍ୱାରା ରଖାଯାଇଥିବା ସମସ୍ତ ଖାତା, ଦସ୍ତାବିଜ, ବିବରଣ, ଚୁକ୍ତି ନୋଟ୍ ଇତ୍ୟାଦିକୁ ସେମାନେ ସମ୍ବନ୍ଧ ରଖୁଥିବା ବର୍ଷର ସମାପ୍ତିଠାରୁ ଅନ୍ୟୁନ ଦଶ ବର୍ଷର ସମୟାବଧି ପର୍ଯ୍ୟନ୍ତ ସଂରକ୍ଷିତ କରାଯିବ । ଅବଶ୍ୟ, ସେହି ପ୍ରକରଣ ସମ୍ବନ୍ଧୀୟ ଦସ୍ତାବିଜ ଯେଉଁଠି ଦାବୀର ରିପୋର୍ଟ କରାଯାଇଛି ଏବଂ ସମାଧାନ ନ୍ୟାୟାଳୟର ନିଷ୍ପତ୍ତି ପାଇଁ ବିଚାରଧୀନ ଅଛି, ନ୍ୟାୟାଳୟ ଦ୍ୱାରା କେସଗୁଡିକର ସମାଧାନ ପର୍ଯ୍ୟନ୍ତ ଦସ୍ତାବିଜଗୁଡିକୁ ସଂରକ୍ଷିତ ରଖିବାର ଆବଶ୍ୟକତା ହୋଇଥାଏ ।

(2) ସେହି କର୍ପୋରେଟ ଅଭିକର୍ତ୍ତାମାନଙ୍କ କ୍ଷେତ୍ରରେ ଯେଉଁଠି ମୂଖ୍ୟ ବ୍ୟବସାୟ ବୀମା ମଧ୍ୟସ୍ଥତା ଭିନ୍ନ ଅନ୍ୟ କିଛି ହୋଇଥାଏ, ସେମାନେ ବୀମା ମଧ୍ୟସ୍ଥତା ପାଇଁ ଏବଂ ବୀମାକର୍ତ୍ତାମାନଙ୍କଠାରୁ ପ୍ରାପ୍ତ ହୋଇଥିବା ରାଜସ୍ୱ କୁ ଧରିରଖି ଅଂଶ ଆକାରରେ ରିପୋର୍ଟ କରି ରଖିବେ ।

(3) ପ୍ରତ୍ୟେକ ବୀମାକର୍ତ୍ତା ଯିଏ ଏକ କର୍ପୋରେଟ ଅଭିକର୍ତ୍ତାର ସେବାକୁ ନିଯୁକ୍ତ କରୁଛି । ସେ ପ୍ରାଧିକରଣ ନିକଟରେ CEO ଏବଂ CFO ଦ୍ୱାରା ସ୍ୱାକ୍ଷରିତ କରିବାପାଇଁ, ଅନୁସୂଚୀ VIA ରେ ଦିଆଯାଇଥିବା ପ୍ରାରୂପରେ, ସେଭଳି ସମସ୍ତ କର୍ପୋରେଟ ଅଭିକର୍ତ୍ତା ପାଇଁ ଅଲଗା ଅଲଗା ପ୍ରମାଣପତ୍ର ଦାଖଲ କରିବେ । ବୀମାକର୍ତ୍ତାଠାରୁ ପ୍ରାପ୍ତ ହେଉଥିବା କମିଶନ/ପାରଶ୍ରମିକକୁ ବିନିର୍ଦ୍ଦିଷ୍ଟ କରି କର୍ପୋରେଟ ଅଭିକର୍ତ୍ତାର ପ୍ରଧାନ ଅଧିକାରୀ ଏବଂ CFO(କିମ୍ବା ଏହାର ସମତୁଲ୍ୟ) ଠାରୁ ସେ ସଦୃଶ ଏକ ପ୍ରମାଣପତ୍ର ଅନୁସୂଚୀ VIB ରେ ଦିଆଯାଇଥିବା ଅନୁରୂପ ପ୍ରାଧିକରଣ ନିକଟରେ ଦାଖଲ କରାଯିବ ।

18. ସାଧାରଣ:

(1) ଏହି ବିନିୟମାବଳୀର ବିଜ୍ଞପ୍ତି ତାରିଖଠାରୁ, ଏହି ବିନିୟମାବଳୀର ବିନିୟମ 1 (3) ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଅନୁରୂପ ପ୍ରକରଣଗୁଡିକ ବ୍ୟତୀତ, କୌଣସି ବ୍ୟକ୍ତି ଏକ କର୍ପୋରେଟ ଅଭିକର୍ତ୍ତା ରୂପେ କାର୍ଯ୍ୟ କରିପାରିବ ନାହିଁ, ଯଦି ଏହି ବିନିୟମାବଳୀ ଅନ୍ତର୍ଗତ ପ୍ରାଧିକରଣଦ୍ୱାରା ତାହାକୁ ଏକ ପଞ୍ଜିକରଣର ମଞ୍ଜୁରୀ ଦିଆଯାଇ ନ ଥିବ ।

(2) ଏକ କର୍ପୋରେଟ ଅଭିକର୍ତ୍ତା ରୂପେ ତାର ନିଯୁକ୍ତିର ସମୟାବଧିରେ କିମ୍ବା ଅନ୍ୟଥା, ଏକ କର୍ପୋରେଟ ଅଭିକର୍ତ୍ତା ଏବଂ ଏକ ବୀମାକର୍ତ୍ତା କିମ୍ବା ଅନ୍ୟ କୌଣସି ବ୍ୟକ୍ତି ମଧ୍ୟରେ ଉପୁଜିଥିବା କୌଣସି ବିବାଦକୁ, ସେଥିରେ ପ୍ରଭାବିତ ହୋଇଥିବା ବ୍ୟକ୍ତିଦ୍ୱାରା ପ୍ରାଧିକରଣକୁ ସୂଚୀତ କରାଯାଇପାରେ; ଏବଂ ଅଭିଯୋଗ କିମ୍ବା ବିରୋଧ ପତ୍ରର ପ୍ରାପ୍ତି ପରେ, ପ୍ରାଧିକରଣ ଅଭିଯୋଗର ଯାଞ୍ଚ କରିପାରେ ଏବଂ ଯଦି ଆବଶ୍ୟକ ହୁଏ, ଏହି ବିନିୟମାବଳୀ ହିସାବରେ ଏକ ଯାଞ୍ଚ କିମ୍ବା ଏକ ନିରୀକ୍ଷଣ କିମ୍ବା ଏକ ଅନୁସନ୍ଧାନ ଆୟୋଜନ କରିବାର ପ୍ରକ୍ରିୟା ଆରମ୍ଭ କରିପାରେ ।

ଆଚାର ସଂହିତା

I. ସାଧାରଣ ଆଚାର ସଂହିତା

1. ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା ମାନ୍ୟତାପ୍ରାପ୍ତ ମାନଦଣ୍ଡର ବ୍ୟବସାୟିକ ଆଚାରର ଅନୁପାଳନ କରିବ ଏବଂ ପଲିସୀଧାରକମାନଙ୍କ
ହିତରେ ସେମାନଙ୍କ କର୍ତ୍ତବ୍ୟର ପାଳନ କରିବେ । ତାହା କରିବା ସମୟରେ ସେମାନେ -

a) ସବୁ ସମୟରେ ପରମ ସଦ୍ଭାବ ଓ ସତ୍ୟନିଷ୍ଠା ସହିତ ଗ୍ରାହକମାନଙ୍କ ସହିତ କାରବାର କରିବେ ;
b) ଯତ୍ନ ଓ ଅଧ୍ୟବସାୟ ସହିତ କାର୍ଯ୍ୟ କରିବେ ;
c) ଏହା ସୁନିଶ୍ଚିତ କରିବେ ଯେ ଗ୍ରାହକ କର୍ପୋରେଟ ଅଭିକର୍ତ୍ତା ଏବଂ ଯାହା ତରଫରୁ କର୍ପୋରେଟ ଅଭିକର୍ତ୍ତା କାର୍ଯ୍ୟ କରୁଛି, ତା'
ସହିତ ତାହାର ସମ୍ବନ୍ଧକୁ ବୁଝିଛି ;
d) ସମ୍ଭାବ୍ୟ ଗ୍ରାହକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ତଥ୍ୟକୁ ସେମାନଙ୍କ ନିଜ ଓ ବୀମାକର୍ତ୍ତା(ମାନଙ୍କ), ଯାହାକୁ
ବ୍ୟବସାୟ ପ୍ରଦାନ କରାଯାଇଛି, ସେମାନଙ୍କ ମଧ୍ୟରେ ସଂପୂର୍ଣ୍ଣରୂପେ ଗୋପନୀୟ ରଖିବେ ;
e) ସେମାନଙ୍କ ପାଖରେ ଥିବା ଗୋପନୀୟ ଦସ୍ତାବିଜଗୁଡିକୁ ସୁରକ୍ଷା ପ୍ରଦାନ କରିବାପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ;
f) ଏକ କମ୍ପାନୀର କୌଣସି ନିର୍ଦ୍ଦେଶକ କିମ୍ବା ଏକ ଫାର୍ମର ଅଂଶୀଦାର କିମ୍ବା ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ କିମ୍ବା ପ୍ରଧାନ ଅଧିକାରୀ କିମ୍ବା ବିନିର୍ଦ୍ଦିଷ୍ଟ ବ୍ୟକ୍ତି ଅନ୍ୟ ଏକ କର୍ପୋରେଟ ଅଭିକର୍ତ୍ତାଠାରେ ସେହି ସମାନ ପଦବୀ ଧାରଣ କରିବେ ନାହିଁ ।

2. ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା

a) ଏହାର ପ୍ରଧାନ ଅଧିକାରୀ ତଥା ପ୍ରତ୍ୟେକ ବିନିର୍ଦ୍ଦିଷ୍ଟ ବ୍ୟକ୍ତିର ସମସ୍ତ ଲୁପ୍ତ ଓ କୃତ୍ୟର କାର୍ଯ୍ୟ ପାଇଁ ଦାୟୀ ରହିବ ;
b) ଏହା ସୁନିଶ୍ଚିତ କରିବ ଯେ ପ୍ରଧାନ ଅଧିକାରୀ ଏବଂ ସମସ୍ତ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ସେମାନେ ବିପଣନ କରୁଥିବା ବୀମା
ଉତ୍ପାଦଗୁଡିକ ବିଷୟରେ ଉଚିତ୍ ରୂପେ ପ୍ରଶିକ୍ଷିତ, କୁଶଳୀ ଏବଂ ଜ୍ଞାନୀ ହୋଇଛନ୍ତି ;

c) ଏହା ସୁନିଶ୍ଚିତ କରିବ ଯେ ପ୍ରଧାନ ଅଧିକାରୀ ଏବଂ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ସମ୍ଭାବ୍ୟ ଗ୍ରାହକ ନିକଟରେ ପଲିସୀ ଲାଭସବୁ ଉପରେ
ଏବଂ ପଲିସୀ ଅନ୍ତର୍ଗତ ଉପଲବ୍ଧ ଥିବା ପ୍ରତିଲାଭ ଉପରେ ଭୁଲ ଉପସ୍ଥାପନା କରିବେ ନାହିଁ ;

d) ଏହା ସୁନିଶ୍ଚିତ କରିବ ଯେ କୌଣସି ବି ସମ୍ଭାବ୍ୟ ଗ୍ରାହକକୁ ବୀମା ଉତ୍ପାଦ କିଣିବା ପାଇଁ ବାଧ କରାଯାଉ ନାହିଁ ;

e) ବୀମା ଉତ୍ପାଦ ସମ୍ବନ୍ଧରେ ବୀମିତକୁ ଆବଶ୍ୟକ ବିକ୍ରୟ ପୂର୍ବବର୍ତ୍ତୀ ଓ ବିକ୍ରୟ ପରବର୍ତ୍ତୀ ପରାମର୍ଶ ଦେବ ;

f) ଏକ ଦାବୀ ପରିପ୍ରେକ୍ଷୀରେ ସମସ୍ତ ଔପଚାରିକତା ଓ ଦଲିଲୀକରଣକୁ ସଂପୂର୍ଣ୍ଣ କରିବାରେ ଏକ ବୀମିତକୁ ସବୁ ପ୍ରକାରର
ସମ୍ଭବ ସହାୟତା ଓ ସହଯୋଗ ପ୍ରଦାନ କରିବ ;

g) କର୍ପୋରେଟ ଅଭିକର୍ତ୍ତା ସଙ୍କଟର ବୀମା କରୁ ନାହିଁ କିମ୍ବା ଏକ ବୀମାକର୍ତ୍ତା ରୂପେ କାର୍ଯ୍ୟ କରୁନାହିଁ, ଏହି ତଥ୍ୟର ଉଚିତ୍ ପ୍ରଚାର
କରିବ ;

h) ବୀମାକର୍ତ୍ତାମାନଙ୍କ ସହିତ ସେହି ଚୁକ୍ତିନାମାସବୁରେ ପ୍ରବେଶ କରିବ ଯେଉଁଥିରେ ଉଭୟଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱସବୁକୁ ପରିଭାଷିତ କରାଯାଇଥାଏ ।

II. ବିକ୍ରୟ-ପୂର୍ବ ଆଚାର ସଂହିତା

3. ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା କିମ୍ବା ପ୍ରଧାନ ଅଧିକାରୀ କିମ୍ବା ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ମଧ ନିମ୍ନରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଆଚାର ସଂହିତାର ଅନୁପାଳନ କରିବ**:**

i) ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା/ପ୍ରଧାନ ଅଧିକାରୀ/ବିନିର୍ଦ୍ଦିଷ୍ଟ ବ୍ୟକ୍ତି -

a) ଦାବୀ କରାଗଲେ ସମ୍ଭାବ୍ୟ ଗ୍ରାହକ ନିକଟରେ ନିଜର ପରିଚୟ ଦେବ ଏବଂ ତାହାର ପଞ୍ଜିକରଣ/ପ୍ରମାଣପତ୍ରର ପ୍ରକଟୀକରଣ
କରିବ ;

b) ସେହି ବୀମାକର୍ତ୍ତା ଯାହା ସହିତ ସେମାନଙ୍କ ବ୍ୟବସ୍ଥା ଅଛି, ସେମାନଙ୍କ ଦ୍ୱାରା ବିକ୍ରୟ ପାଇଁ ପ୍ରଦାନ କରାଯାଇଥିବା ବୀମା
ଉତ୍ପାଦଗୁଡିକ ସମ୍ବନ୍ଧରେ ଆବଶ୍ୟକୀୟ ସୂଚନା ପ୍ରସାର କରିବ ଏବଂ ଏକ ବିଶେଷ ବୀମା ଯୋଜନାକୁ ସୁପାରିଶ କରିବା
ସମୟରେ ସମ୍ଭାବ୍ୟ ଗ୍ରାହକମାନଙ୍କ ଆବଶ୍ୟକତାସବୁକୁ ବିଚାରକୁ ନେବ ;

c) ଯଦି ସମ୍ଭାବ୍ୟ ଗ୍ରାହକଦ୍ୱାରା ପଚରାଯାଏ, ବିକ୍ରୟ ପାଇଁ ପ୍ରସ୍ତାବ ଦିଆଯାଇଥିବା ବୀମା ଉତ୍ପାଦ ପରିପ୍ରେକ୍ଷୀରେ କମିଶନର
ସ୍କେଲକୁ ପ୍ରକଟ କରିବ ;

d) ବିକ୍ରୟ ପାଇଁ ପ୍ରସ୍ତାବ ଦିଆଯାଇଥିବା ବୀମା ଉତ୍ପାଦ ପାଇଁ ବୀମାକର୍ତ୍ତାଦ୍ୱାରା ଲାଗୁ କରାଯାଇଥିବା ପ୍ରିମିୟମକୁ ସୂଚୀତ
କରିବ ;

e) ବୀମାକର୍ତ୍ତାଦ୍ୱାରା ପ୍ରସ୍ତାବ ଫର୍ମରେ ଆବଶ୍ୟକ ହେଉଥିବା ତଥ୍ୟର ସ୍ୱରୂପ, ଏବଂ ଏକ ବୀମା ଉତ୍ପାଦର କ୍ରୟରେ ଆବଶ୍ୟକୀୟ
 ତଥ୍ୟ/ସୂଚନାର ପ୍ରକଟୀକରଣର ମହତ୍ତ୍ୱ ବିଷୟରେ ମଧ୍ୟ ସମ୍ଭାବ୍ୟ ଗ୍ରାହକକୁ ବ୍ୟାଖ୍ୟା କରିବ;

f) ସମ୍ଭାବ୍ୟ ଗ୍ରାହକ ସମ୍ବନ୍ଧରେ ସମସ୍ତ ଯଥାର୍ଥ ଯାଞ୍ଚ କରି, ବୀମାକର୍ତ୍ତା ନିକଟରେ ଦାଖଲ କରାଯାଉଥିବା ପ୍ରତ୍ୟେକ ପ୍ରସ୍ତାବ ସହିତ
 ଥିବା ଏକ ଗୋପନୀୟ ରିପୋର୍ଟ ରୂପେ, ସମ୍ଭାବ୍ୟ ଗ୍ରାହକର କୌଣସି ଖରାପ ଅଭ୍ୟାସ କିମ୍ବା ଆୟ ବିସଙ୍ଗତି, ଏବଂ କୌଣସି
 ଆବଶ୍ୟକୀୟ ତଥ୍ୟ ଯାହା ପ୍ରସ୍ତାବର ସ୍ୱୀକୃତି ପରିପ୍ରେକ୍ଷୀରେ ବୀମାକର୍ତ୍ତାର ସଙ୍କଟାଙ୍କନ ନିଷ୍ପତ୍ତିକୁ ପ୍ରତିକୂଳଭାବେ ପ୍ରଭାବିତ
 କରିପାରେ, ଏ ସବୁକୁ ବୀମାକର୍ତ୍ତାର ଦୃଷ୍ଟିକୁ ଆଣିବ ;

g) ବୀମାକର୍ତ୍ତାଦ୍ୱାରା ପ୍ରସ୍ତାବର ସ୍ୱୀକୃତି କିମ୍ବା ଅଗ୍ରାହ୍ୟତା ସମ୍ବନ୍ଧରେ ସମ୍ଭାବ୍ୟ ଗ୍ରାହକକୁ ତୁରନ୍ତ ସୂଚୀତ କରିବ;

h) ବୀମାକର୍ତ୍ତା ପାଖରେ ପ୍ରସ୍ତାବ ଫର୍ମକୁ ଦାଖଲ କରିବା ସମୟରେ ଆବଶ୍ୟକୀୟ ଦସ୍ତାବିଜ, ଏବଂ ପ୍ରସ୍ତାବର ପୂର୍ଣ୍ଣତା ପାଇଁ
 ବୀମାକର୍ତ୍ତାଦ୍ୱାରା ପରେ ପରେ ମଗାଯାଇଥିବା ଅନ୍ୟାନ୍ୟ ଦସ୍ତାବିଜଗୁଡିକୁ ପ୍ରାପ୍ତ କରିବ ।

ii) କୌଣସି କର୍ପୋରେଟ ଅଭିକର୍ତ୍ତା/ପ୍ରଧାନ ଅଧିକାରୀ/ବିନିର୍ଦ୍ଦିଷ୍ଟ ବ୍ୟକ୍ତି, -----

a) ଏକ ବୈଧ ପଞ୍ଜିକରଣ/ପ୍ରମାଣପତ୍ର ଧାରଣ କରିବା ବିନା ବୀମା ବ୍ୟବସାୟର ଯାଚନା କିମ୍ବା ପ୍ରାପ୍ତି କରିବ ନାହିଁ ;

b) ପ୍ରସ୍ତାବ ଫର୍ମରେ କୌଣସି ଆବଶ୍ୟକୀୟ ତଥ୍ୟ/ସୂଚନାକୁ ଲୋପ କରିବା ପାଇଁ ସମ୍ଭାବ୍ୟ ଗ୍ରାହକକୁ ଉତ୍ ପ୍ରେରିତ କରିବ ନାହିଁ;

c) ପ୍ରସ୍ତାବର ସ୍ୱୀକୃତି ପାଇଁ ବୀମାକର୍ତ୍ତା ପାଖରେ ଜମା କରାଯାଇଥିବା ପ୍ରସ୍ତାବ ଫର୍ମ କିମ୍ବା ଦସ୍ତାବିଜଗୁଡିକରେ ଭୁଲ ତଥ୍ୟ ପ୍ରଦାନ
 କରିବାକୁ ସମ୍ଭାବ୍ୟ ଗ୍ରାହକକୁ ଉତ୍ ପ୍ରେରିତ କରିବ ନାହିଁ ;

d) ସମ୍ଭାବ୍ୟ ଗ୍ରାହକ ସହିତ ଅଭଦ୍ର ବ୍ୟବହାର କରିବ ନାହିଁ ;

e) ଅନ୍ୟ କୌଣସି ବିନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା କୌଣସି ବୀମା ମଧ୍ୟସ୍ଥ ଦ୍ୱାରା ପ୍ରସ୍ତାବିତ କୌଣସି ପ୍ରସ୍ତାବରେ ହସ୍ତକ୍ଷେପ କରିବ ନାହିଁ;

f) ବୀମାକର୍ତ୍ତା ଦ୍ୱାରା ପ୍ରସ୍ତାବିତ ହାର, ସୁବିଧା, ସର୍ତ୍ତ ଓ ପ୍ରତିବନ୍ଧଠାରୁ ଅନ୍ୟ କିଛିର ପ୍ରସ୍ତାବ ଦେବ ନାହିଁ;

g) ଏକ ପଲିସୀଧାରକକୁ ବିଦ୍ୟମାନ ପଲିସୀକୁ ସମାପ୍ତ କରିବାପାଇଁ ଏବଂ ସେଭଳି ସମାପ୍ତି ତାରିଖଠାରୁ ତିନି ବର୍ଷ ମଧ୍ୟରେ
 ତା'ଠାରୁ ଏକ ନୂତନ ପ୍ରସ୍ତାବକୁ ଲାଗୁ କରିବା ପାଇଁ ବାଧ୍ୟ କରିବ ନାହିଁ;

h) କୌଣସି କର୍ପୋରେଟ ଅଭିକର୍ତ୍ତା ପାଖରେ ଜଣେ ବ୍ୟକ୍ତି କିମ୍ବା ଗୋଟିଏ ସଂଗଠନ କିମ୍ବା ଗୋଟିଏ ସଂଗଠନ ସମୂହଠାରୁ ବୀମା
 ବ୍ୟବସାୟର ପୋର୍ଟଫୋଲିଓ ରହିବ ନାହିଁ ଯାହା ଅନ୍ତର୍ଗତ ପ୍ରିମିୟମ ଗୋଟିଏ ବର୍ଷରେ ପ୍ରାପ୍ତ ହେଉଥିବା ମୋଟ ପ୍ରିମିୟମର

ପଚାଶ ପ୍ରତିଶତଠାରୁ ଅଧିକ ହୋଇଥିବ;

i) ପ୍ରାଧିକରଣର ପୂର୍ବ ସ୍ୱୀକୃତି ବିନା, କୌଣସି ବୀମା କମ୍ପାନୀର ନିର୍ଦ୍ଦେଶକ ହେବ କିମ୍ବା ରହିବ ନାହିଁ;

j) କୌଣସି ପ୍ରକାରର ଟଙ୍କା ହେରଫେର କାର୍ଯ୍ୟକଳାପରେ ଜଡ଼ିତ ହେବ ନାହିଁ;

k) ସେମାନଙ୍କ ଦ୍ୱାରା କିମ୍ବା କଲ ସେଣ୍ଟର ଜରିଆରେ ବିପଥଗାମୀ କଲ୍ କିମ୍ବା ନକଲି କଲ୍ ସାହାଯ୍ୟରେ ବ୍ୟବସାୟ ପ୍ରାପ୍ତ

ହେବାରେ ଜଡ଼ିତ ହେବ ନାହିଁ;

l) ବୀମା ଉତ୍ପାଦଗୁଡିକର ଯାଚନା ଏବଂ ପ୍ରାପ୍ତ କରିବା ପାଇଁ ବହୁ ସ୍ତରୀୟ ବିପଣନ କରିବ ନାହିଁ ;

m) ବ୍ୟବସାୟ ଆଣିବା ପାଇଁ ଅଣପ୍ରଶିକ୍ଷିତ ଏବଂ ଅଣପ୍ରାଧିକୃତ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିବ ନାହିଁ ;

n) ପଞ୍ଜିକରଣ ପ୍ରମାଣପତ୍ର ଅନୁସାରେ ବୀମା ଉତ୍ପାଦଗୁଡ଼ିକର ଯାଚନା ଓ ସେବାପ୍ରଦାନ କରିବା ବ୍ୟତୀତ ବୀମା ପରାମର୍ଶ କାର୍ଯ୍ୟ କିମ୍ବା ଦାବୀ ପରାମର୍ଶ କାର୍ଯ୍ୟ କିମ୍ବା ଅନ୍ୟ କୌଣସି ବୀମା ସମ୍ବନ୍ଧୀୟ ସେବା ପ୍ରଦାନ କରିବ ନାହିଁ; ବୀମା ଉତ୍ପାଦର ବିତରଣକୁ ଆଗକୁ ବଢ଼ାଇବାରେ ସମ୍ଭାବ୍ୟ ପଲିସୀଧାରକମାନଙ୍କ ସଂପର୍କ ବିବରଣୀସବୁକୁ ସୂଚୀତ, ଯାଚନା, ନେତୃତ୍ୱ ଜାତ, ପରାମର୍ଶ, ଆରମ୍ଭ, ପ୍ରାପ୍ତ କିମ୍ବା ପ୍ରାପ୍ତ କରିବା ପାଇଁ ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ବ୍ୟତୀତ ଅନ୍ୟ ବ୍ୟକ୍ତିକୁ ନିଯୁକ୍ତ, ପ୍ରୋତ୍ସାହିତ କରିବ ନାହିଁ, ତା' ସହିତ ଏକ ଚୁକ୍ତିରେ ଆବଦ୍ଧ ହେବ ନାହିଁ କିମ୍ବା କୌଣସି ପ୍ରକାରର ବ୍ୟବସ୍ଥା ରହିବ ନାହିଁ;

o) ବୀମା ଉତ୍ପାଦର ବିତରଣକୁ ଆଗକୁ ବଢ଼ାଇବାରେ ସମ୍ଭାବ୍ୟ ପଲିସୀଧାରକମାନଙ୍କ ସଂପର୍କ ବିବରଣୀସବୁକୁ ସୂଚୀତ, ଯାଚନା,ନେତୃତ୍ୱ ଜାତ, ପରାମର୍ଶ, ଆରମ୍ଭ, ପ୍ରାପ୍ତ କିମ୍ବା ପ୍ରାପ୍ତ କରିବା ପାଇଁ ଏକ ବିନିର୍ଦ୍ଦିଷ୍ଟ ବ୍ୟକ୍ତି ବ୍ୟତୀତ ଅନ୍ୟ ବ୍ୟକ୍ତିକୁ ନିଯୁକ୍ତ, ପ୍ରୋତ୍ସାହିତ କରିବ ନାହିଁ, ତା' ସହିତ ଏକ ଚୁକ୍ତିରେ ଆବଦ୍ଧ ହେବ ନାହିଁ କିମ୍ବା କୌଣସି ପ୍ରକାରର ବ୍ୟବସ୍ଥା ରହିବ ନାହିଁ;

p) ବିକ୍ରୟ, ପ୍ରବର୍ତ୍ତନ, ନେତୃତ୍ୱ ଜାତ, କୌଣସି ବ୍ୟକ୍ତି କିମ୍ବା ସତ୍ତାକୁ ସୂଚୀତ କରିବା କିମ୍ବା ପାଇବା ଉଦ୍ଦେଶ୍ୟରେ କୌଣସି ଶୁଳ୍କ, କମିଶନ, କୌଣସି ବି ନାମରେ ହେଉ ତା' ଦ୍ୱାରା ପ୍ରୋତ୍ସାହନ ପ୍ରଦାନ କରିବ ନାହିଁ କିମ୍ବା ପ୍ରଦାନର ସ୍ୱୀକୃତି ଦେବ ନାହିଁ।

III. ବିକ୍ରୟ-ପରବର୍ତ୍ତୀ ଆଚାର ସଂହିତା 4

ପ୍ରତ୍ୟେକ କର୍ପୋରେଟ ଅଭିକର୍ତ୍ତା-

a) ପ୍ରତ୍ୟେକ ବୈୟକ୍ତିକ ପଲିସୀଧାରକକୁ ନାମିତୀକରଣ କିମ୍ବା ସମନୁଦେଶନ କିମ୍ବା ଠିକଣାରେ ପରିବର୍ତ୍ତନ କିମ୍ବା ବିକଳ୍ପର ଚୟନ, ଯେଉଁ ପ୍ରକରଣ ବି ହୋଇଥାଉ, ତାହାକୁ ପ୍ରଭାବୀ କରିବା ପାଇଁ, ଏବଂ ଯେତେବେଳେ ଆବଶ୍ୟକ, ଏହା ତରଫରୁ ଆବଶ୍ୟକ

ସହାୟତା ପ୍ରଦାନ କରିବ;

b) ତା' ମାଧମରେ ପୂର୍ବରୁ ପ୍ରାପ୍ତ ହୋଇଥିବା ବୀମା ବ୍ୟବସାୟକୁ ସଂରକ୍ଷିତ କରିବା ଉଦ୍ଦେଶ୍ୟ ନେଇ, ପଲିସୀଧାରକକୁ ମୌଖିକ ରୂପେ କିମ୍ବା ଲିଖିତ ରୂପେ ସୂଚନା ଦେଇ, ନିର୍ଦ୍ଧାରିତ ସମୟ ମଧରେ ପଲିସୀଧାରକମାନଙ୍କ ଦ୍ୱାରା ପ୍ରିମିୟମ ପ୍ରଦାନକୁ ସୁନିଶ୍ଚିତ

କରିବାର ସମସ୍ତ ପ୍ରୟାସ କରିବ;

ଯେତେବେଳେ ସରକାର ସ୍ୱାସ୍ଥ୍ୟସେବା ଉପରେ ତାଙ୍କ ନିଷ୍ପତ୍ତିସବୁ ସହିତ ବ୍ୟସ୍ତ ଥିଲେ, ଏହା ସ୍ୱାସ୍ଥ୍ୟ ବୀମା ଯୋଜନାଗୁଡ଼ିକର ମହତ୍ତ୍ୱ ମଧ୍ୟ ସୂଚୀତ କଲେ । ବୀମା କମ୍ପାନୀ ମାନେ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ପଲିସୀଗୁଡ଼ିକୁ କେବଳ ପରେ ପରେ ଆଣିଲେ । ଭାରତରେ ସ୍ୱାସ୍ଥ୍ୟ ବୀମା କିପରି ବିକଶିତ ହେଲା, ତାର ବିବରଣ ଏଠି ଦିଆଯାଇଛି:

a) କର୍ମଚାରୀ ରାଷ୍ଟ୍ର ବୀମା ଯୋଜନା

ଭାରତରେ ସ୍ୱାସ୍ଥ୍ୟ ବୀମା ଔପଚାରିକ ରୂପେ କର୍ମଚାରୀ ରାଷ୍ଟ୍ର ବୀମା ଯୋଜନାର ଆରମ୍ଭ ହେବା ସହିତ ପ୍ରାରମ୍ଭ ହୋଇଥିଲା, ଯାହାକୁ 1947 ରେ ଦେଶର ସ୍ୱାଧୀନତାର କିଛି ସମୟ ପରେ, ଇ.ଏସ୍. ଆଇ. ଅଧିନିୟମ, 1948 ଅନୁଯାୟୀ ପ୍ରବର୍ତ୍ତନ କରାଯାଇଥିଲା । ଏହି ଯୋଜନା ଔପଚାରିକ ବେସରକାରୀ କ୍ଷେତ୍ର ରେ ନିଯୁକ୍ତ ବ୍ଲୁ-କଲାର କର୍ମଚାରୀମାନଙ୍କ ପାଇଁ ଲାଗୁ କରାଯାଇଥିଲା ଏବଂ ଏହାର ନିଜସ୍ୱ ଡିସ୍ପେନ୍ସାରୀ ଓ ଡାକ୍ତରଖାନା ର ନେଟୱର୍କ ଜରିଆରେ ବ୍ୟାପକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରେ ।

ESIC (କର୍ମଚାରୀ ରାଷ୍ଟ୍ର ବୀମା ନିଗମ) ହେଉଛି ପ୍ରୟୋଗ କରିବା ଏଜେନ୍ସି ଯିଏ ଏହାର ନିଜ ଡାକ୍ତରଖାନା ଓ ଡିସ୍ପେନ୍ସାରୀଗୁଡ଼ିକ ଚଳାଏ ଏବଂ ସରକାରୀ/ବେସରକାରୀ ପ୍ରଦାନକାରୀମାନଙ୍କ ସହିତ ମଧ୍ୟ ଚୁକ୍ତି କରେ ଯେଉଁଠି ଏହାର ନିଜ ସୁବିଧାଗୁଡ଼ିକ ଅଯଥେଷ୍ଟ ହୋଇଥାଏ ।

ଟ. 15,000 ପର୍ଯ୍ୟନ୍ତ ମଜୁରୀ ଅର୍ଜନ କରୁଥିବା ସମସ୍ତ କର୍ମଚାରୀଙ୍କୁ ଅଂଶଦାୟୀ ଯୋଜନା ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଏ ଯେଉଁଠି କର୍ମଚାରୀ ଓ ନିଯୁକ୍ତିଦାତା ଯଥାକ୍ରମେ ଦେୟ ରୋଲ ର 1.75% ଓ 4.75% ଅଂଶଦାନ କରନ୍ତି; ରାଜ୍ୟ ସରକାରମାନେ ମେଡିକାଲ ଖର୍ଚ୍ଚ ର 12.5% ଅଂଶଦାନ କରନ୍ତି ।

ସୁରକ୍ଷା ପ୍ରଦାନ କରାଯାଉଥିବା ସୁବିଧାସବୁରେ ଅନ୍ତର୍ଭୁକ୍ତ ହୁଅନ୍ତି :

a) ESIS ସୁବିଧାରେ ମୁକ୍ତି ବ୍ୟାପକ ସ୍ୱାସ୍ଥ୍ୟ ସେବା

b) ଗର୍ଭାବସ୍ଥା ଲାଭ

c) ବିକଳାଙ୍ଗତା ଲାଭ

d) ରୋଗ ଓ ଉତ୍ତରଜୀବିତା କାରଣରୁ ହୋଇଥିବା ମଜୁରୀ ରେ ହାନି ପାଇଁ ନଗଦ କ୍ଷତିପୂରଣ ଏବଂ

e) କର୍ମଚାରୀର ମୃତ୍ୟୁ ପରିପ୍ରେକ୍ଷୀରେ ଅନ୍ତିମ ସଂସ୍କାର/ଅନ୍ତ୍ୟେଷ୍ଟି କ୍ରିୟା ସମ୍ବନ୍ଧୀୟ ଖର୍ଚ୍ଚ

ଏହା ବ୍ୟତୀତ ପ୍ରାଧିକୃତ ମେଡିକାଲ ଏଟେଣ୍ଡାଣ୍ଟ ଏବଂ ବେସରକାରୀ ଡାକ୍ତରଖାନାଗୁଡ଼ିକ ଠାରୁ କ୍ରୟ କରାଯାଇଥିବା ସେବାଗୁଡ଼ିକ ମଧ୍ୟ ଉପଲବ୍ଧ କରାଯାଏ । ମାର୍ଚ୍ଚ 2012 ପର୍ଯ୍ୟନ୍ତ ESIS 65.5 ନିୟୁତ ଲାଭଗ୍ରାହୀମାନଙ୍କୁ ସୁରକ୍ଷା ପ୍ରଦାନ କରିଛି ।

b) କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ଯୋଜନା

ESIS ର ଠିକ୍ ପରେ ପରେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ଯୋଜନା (CGHS) ଆସିଲା, ଯାହାକୁ କେନ୍ଦ୍ର ସରକାର କର୍ମଚାରୀମାନଙ୍କ ପାଇଁ 1954 ରେ ଲାଗୁ କରାଗଲା । ଯାହା ପେନଶନ ପ୍ରାପ୍ତକାରୀ ତଥା ସିଭିଲିଏନ୍ କାର୍ଯ୍ୟରେ ନିଯୁକ୍ତ ଥିବା ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ମଧ୍ୟ ସମ୍ମିଳିତ କରେ । ଏହାର ଲକ୍ଷ୍ୟ କର୍ମଚାରୀ ଓ ସେମାନଙ୍କ ପରିବାରଙ୍କୁ ବ୍ୟାପକ

ମେଡିକାଲ ସେବା ଯୋଗାଇଦେବା ଏବଂ ଆଂଶିକରୂପେ ଏହାର ନିଧି କର୍ମଚାରୀମାନଙ୍କ ଦ୍ୱାରା ଆଂଶିକ ରୂପେ ଓ ଅଧିକାଂଶ ରୂପେ ନିଯୁକ୍ତିଦାତା (କେନ୍ଦ୍ର ସରକାର) ଦ୍ୱାରା ଦିଆଯାଏ ।

CGHS ର ନିଜସ୍ୱ ଡିସ୍ପେନ୍ସାରୀ, ପୋଲିକ୍ଲିନିକ୍ ଓ ସୂଚୀଭୁକ୍ତ ବେସରକାରୀ ଡାକ୍ତରଖାନା ମାଧ୍ୟମରେ ସେବାଗୁଡିକ ପ୍ରଦାନ କରାଯାଏ ।

ଏହା ସବୁ ପ୍ରଣାଳୀର ଔଷଧ, ଏଲୋପ୍ୟାଥିକ ସିଷ୍ଟମ ରେ ଜରୁରୀକାଳୀନ ସେବା, ମୁକ୍ତ ଡ୍ରଗ୍ସ, ପ୍ୟାଥୋଲୋଜି ଓ ରେଡିଓଲୋଜି, ଗମ୍ଭୀରରୂପେ ଅସୁସ୍ଥ ରୋଗୀମାନଙ୍କ ପାଇଁ ନିବାସ ସ୍ଥାନୀୟ ଦର୍ଶନ, ବିଶେଷଜ୍ଞ ପରାମର୍ଶ ଇତ୍ୟାଦି କୁ ସୁରକ୍ଷା ପ୍ରଦାନ କରେ ।

କର୍ମଚାରୀମାନଙ୍କ ଠାରୁ ଅଂଶଦାନ ଅତି ନାମମାତ୍ର ଅଟେ ଯଦିଓ ଉତ୍ତରୋତ୍ତର ଏହାକୁ ବେତନ ମାନ ସହିତ ସଂଯୁକ୍ତ କରାଯାଏ – ଟ. 15 ପ୍ରତିମାସ ଠାରୁ ଟ. 150 ପ୍ରତିମାସ ପର୍ଯ୍ୟନ୍ତ ।

2010 ରେ, CGHS ରେ 3 ନିୟୁତ ଲାଭଗ୍ରାହୀ ଠାରୁ ଅଧିକ କୁ ପ୍ରତିନିଧିତ୍ୱ କରୁଥିବା ୫ 00,000 ପରିବାର ଠାରୁ ଉର୍ଦ୍ଧ୍ୱର ଏକ ସଦସ୍ୟତା ଆଧାର ରହିଥିଲା ।

c) ବାଣିଜ୍ୟିକ ସ୍ୱାସ୍ଥ୍ୟ ବୀମା

ବୀମା ଉଦ୍ୟୋଗ ର ଜାତୀୟ କରଣ ପୂର୍ବରୁ ତଥା ପରେ ମଧ୍ୟ ବାଣିଜ୍ୟିକ ସ୍ୱାସ୍ଥ୍ୟ ବୀମା କୁ କେତେକ ଅଣ-ଜୀବନ ବୀମାକର୍ତ୍ତା ଦ୍ୱାରା ପ୍ରଦାନ କରାଯାଇଥିଲା । କିନ୍ତୁ, ଯେହେତୁ ଏହା ଅଧିକାଂଶ ଭାବେ ବୀମାକର୍ତ୍ତାମାନଙ୍କ ପାଇଁ ହାନି କାରକ ଥିଲା, ଆରମ୍ଭ ରେ, ଏହା ବ୍ୟାପକ ରୂପେ କେବଳ କର୍ପୋରେଟ କ୍ଲାଏଣ୍ଟମାନଙ୍କ ପାଇଁ ଏବଂ ତାହା ମଧ୍ୟ ଏକ ସୀମିତ ମାତ୍ରାରେ ଉପଲବ୍ଧ ଥିଲା ।

1986 ରେ, ବ୍ୟକ୍ତି ଏବଂ ସେମାନଙ୍କ ପରିବାରମାନଙ୍କ ପାଇଁ ପ୍ରଥମ ମାନକୀକୃତ ସ୍ୱାସ୍ଥ୍ୟ ବୀମା ଉତ୍ପାଦ କୁ ସମସ୍ତ ଚାରି ଜାତୀୟକୃତ ଅଣ-ଜୀବନ ବୀମା କମ୍ପାନୀଙ୍କ ଦ୍ୱାରା ଭାରତୀୟ ବଜାରରେ ପ୍ରାରମ୍ଭ କରାଗଲା । (ଏମାନେ ସେତେବେଳେ ଭାରତୀୟ ସାଧାରଣ ବୀମା ନିଗମର ସହାୟକ କମ୍ପାନୀ ଥିଲେ)। ଏହି ଉତ୍ପାଦ, ମେଡିକ୍ଲେମ୍ କୁ କ୍ଷତିପୂର୍ତ୍ତି ର ଏକ ନିର୍ଦ୍ଦିଷ୍ଟ ବାର୍ଷିକ ସୀମା ପର୍ଯ୍ୟନ୍ତ ଡାକ୍ତରଖାନା ଭର୍ତ୍ତିକରଣ ଖର୍ଚ୍ଚ ପାଇଁ ସୁରକ୍ଷା ପ୍ରଦାନ କରିବାକୁ ଲାଗୁ କରାଗଲା, ଯେଉଁଥିରେ ଗର୍ଭାଧାନ, ପୂର୍ବ-ବିଦ୍ୟମାନ ରୋଗ ଇତ୍ୟାଦି ଭଳି କେତେକ ଅପବର୍ଜନ ଅନ୍ତର୍ଭୁକ୍ତ । ବଜାର ବିକଶିତ ହେବା ସହିତ ଏହା ସଂଶୋଧନର ଅନେକ ଚକ୍ର ଦେଇ ଗତି କରିଛି, ଅନ୍ତିମ ଗୋଟିକ 2012 ରେ ହୋଇଥିଲା ।

ଅବଶ୍ୟ, ଅନେକ ସଂଶୋଧନ ଦେଇ ଗତି କଲାପରେ ମଧ, ଡାକ୍ତରଖାନା ଭର୍ତ୍ତିକରଣ କ୍ଷତିପୂର୍ତ୍ତି-ଆଧାରିତ ବାର୍ଷିକ ଚୁକ୍ତି ମେଡିକ୍ଲେମ୍ ର ଚଳିତ ସଂସ୍କରଣ ଦ୍ୱାରା ପରିଚାଳିତ ହୋଇ ବର୍ତ୍ତମାନ ଭାରତରେ ସର୍ବାଧିକ ଲୋକପ୍ରିୟ ପ୍ରକାରର ବେସରକାରୀ ସ୍ୱାସ୍ଥ୍ୟ ବୀମା ରୂପେ ରହି ଆସିଛି । ଏହି ଉତ୍ପାଦ ଏତେ ଲୋକପ୍ରିୟ ହୋଇଛି ଯେ ବେସରକାରୀ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ଅର୍ପିତ ଏକ ବିଶେଷ ଉତ୍ପାଦ ଅପେକ୍ଷା ଏକ ଉତ୍ପାଦ ଶ୍ରେଣୀ ରେ ବିଚାର କରି, ବାରମ୍ବାର ଅନେକ ଲୋକଙ୍କ ଦ୍ୱାରା 'ମେଡିକ୍ଲେମ୍ କଭର' ରୂପେ ନାମିତ କରାଯାଏ ।

2001 ରେ ବୀମା କ୍ଷେତ୍ର କୁ ବେସକାରୀ ବ୍ୟବସାୟୀମାନେ ଆସିବା ପରେ, ସ୍ୱାସ୍ଥ୍ୟ ବୀମା ବହୁମାତ୍ରାରେ ବୃଦ୍ଧି ପାଇଛି କିନ୍ତୁ ଆଜି ମଧ୍ୟ ଏକ ବୃହତ୍ ଅଛୁଆଁ ବଜାର ରହିଯାଇଛି । କଭର, ଅପବର୍ଜନ ଏବଂ ନୂତନତର ଆଡ-ଅନ୍ କଭର ଗୁଡିକରେ ମହତ୍ତ୍ୱପୂର୍ଣ୍ଣ ଭିନ୍ନତାସବୁ ଲାଗୁ କରାଯାଇଛି ଯାହା ବିଷୟରେ ପରବର୍ତ୍ତୀ ଅଧ୍ୟାୟ ଗୁଡିକରେ ଆଲୋଚନା କରାଯିବ ।

ଆଜି, ଭାରତୀୟ ବଜାରରେ 300 ଠାରୁ ଅଧିକ ସ୍ୱାସ୍ଥ୍ୟ ବୀମା ଉତ୍ପାଦ ଉପଲବ୍ଧ ଅଛି ।

F. *ସ୍ୱାସ୍ଥ୍ୟ ବୀମା ବଜାର*

ଆଜିକାଲି ସ୍ୱାସ୍ଥ୍ୟ ବୀମା ବଜାରରେ ଅନେକ ସଂଖ୍ୟକ ଖେଳାଳୀ ସମ୍ମିଳିତ ଅଛନ୍ତି, କେତେକ ସ୍ୱାସ୍ଥ୍ୟ ସେବା ସୁବିଧା ପ୍ରଦାନ କରନ୍ତି ଯାହାଙ୍କୁ ପ୍ରାବଧାନକର୍ତ୍ତା କୁହାଯାଏ, ଅନ୍ୟମାନେ ବୀମା ସେବା ପ୍ରଦାନ କରନ୍ତି ଏବଂ ଅନେକ ମଧ୍ୟସ୍ଥ ମଧ୍ୟ ଅଛନ୍ତି । କେତେକ ମୂଳଭୂତ ଆଧାରି ସଂରଚନା ହୋଇଥାନ୍ତି ଯେତେବେଳେ କି ଅନ୍ୟମାନେ ସହାୟତା ସୁବିଧା ପ୍ରଦାନ କରନ୍ତି । କେତେକ ସରକାରୀ କ୍ଷେତ୍ରରେ ଅଛନ୍ତି ଯେତେବେଳେ କି ଅନ୍ୟମାନେ ବେସରକାରୀ କ୍ଷେତ୍ରରେ ଅଛନ୍ତି । ଏଗୁଡିକ ବିଷୟରେ ନିମ୍ନରେ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରାଯାଇଛି :

A. ଆଧାରିକ ସଂରଚନା :

1. *ସାର୍ବଜନିକ ସ୍ୱାସ୍ଥ୍ୟ କ୍ଷେତ୍ର*

ସାର୍ବଜନିକ ସ୍ୱାସ୍ଥ୍ୟ ପ୍ରଣାଳୀ ଜାତୀୟ ସ୍ତର, ରାଜ୍ୟ ସ୍ତର, ଜିଲ୍ଲା ସ୍ତର ଏବଂ ଏକ ସୀମିତ ମାତ୍ରାରେ ଗ୍ରାମ୍ୟ ସ୍ତରରେ କାର୍ଯ୍ୟ କରେ ଯେଉଁଠି, ଜାତୀୟ ସ୍ୱାସ୍ଥ୍ୟ ପଲିସୀସବୁ କୁ ଗ୍ରାମ ଗୁଡିକରେ ଲାଗୁ କରିବା ପାଇଁ, ଗ୍ରାମ୍ୟ ସମୁଦାୟ ଓ ସରକାରୀ ଇନ୍ଫ୍ରାଷ୍ଟ୍ରକ୍ଚର ମଧ୍ୟରେ ସଂପର୍କ ରୂପେ କାର୍ଯ୍ୟ କରିବାକୁ ସାମୁଦାୟିକ ସ୍ୱେଚ୍ଛାସେବୀ ମାନଙ୍କୁ ସଂପୃକ୍ତ କରାଯାଇଥାଏ । ଏସବୁରେ ସମ୍ମିଳିତ ହୁଅନ୍ତି :

a) ଆଙ୍ଗନବାଡି କର୍ମଚାରୀ (ପ୍ରତି 1000 ଲୋକସଂଖ୍ୟା ପାଇଁ 1) ଯେଉଁମାନଙ୍କୁ ମାନବ ସଂସାଧନ ବିକାଶ ମନ୍ତ୍ରାଳୟ ର ପୋଷଣ ପରିପୂରକତା କାର୍ଯ୍ୟକ୍ରମ ଏବଂ ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା (ICDS) ଅନ୍ତର୍ଗତ ନାମାଙ୍କିତ କରାଯାଇଥାଏ ।

b) ପ୍ରଶିକ୍ଷିତ ଜନ୍ମ ପରିଚାରକ (TBA) ଏବଂ ଗ୍ରାମ୍ୟ ସ୍ୱାସ୍ଥ୍ୟ ଗାଇଡ (ରାଜ୍ୟ ଗୁଡିକ ର ସ୍ୱାସ୍ଥ୍ୟ ବିଭାଗଗୁଡିକର ପୂର୍ବର ଏକ ଯୋଜନା) ।

c) ଆଶା **(ASHA) (**ଅଧିକୃତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା) ସ୍ୱେଚ୍ଛାସେବୀମାନେ, ଯେଉଁମାନେ **NRHM (**ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ) କାର୍ଯ୍ୟକ୍ରମ ଅନ୍ତର୍ଗତ ସମୁଦାୟ ଦ୍ୱାରା ଚୟନିତ ହୋଇଥାନ୍ତି ଏବଂ ଗ୍ରାମୀଣ କ୍ଷେତ୍ରଗୁଡିକରେ ସ୍ୱାସ୍ଥ୍ୟ ବିଭାଗର ସଂପର୍କ ରୂପେ ସେବା ଦେବା ପାଇଁ ପ୍ରଶିକ୍ଷିତ ନୂତନ, ଗ୍ରାମ୍ୟ-ସ୍ତରର, ସ୍ୱେଚ୍ଛାସେବୀ ସ୍ୱାସ୍ଥ୍ୟ କର୍ମକର୍ତ୍ତା ହୋଇଥାନ୍ତି ।

ଉପ-କେନ୍ଦ୍ର ଗୁଡିକ ପ୍ରତି 5000 ଜନସଂଖ୍ୟା (ପାହାଡି, ଆଦିବାସୀ ଓ ପଛୁଆ କ୍ଷେତ୍ରଗୁଡିକରେ 3000) ପାଇଁ ସ୍ଥାପିତ କରାଯାଏ ଏବଂ ଏକ ମହିଳା ସ୍ୱାସ୍ଥ୍ୟ କର୍ମକର୍ତ୍ତା, ଯାହାକୁ ଅକ୍ସିଲିଆରୀ ନର୍ସ ମିଡ୍-ୱାଇଫ୍ (ANM) ମଧ୍ୟ କୁହାଯାଏ ଏବଂ ଏକ ପୁରୁଷ ସ୍ୱାସ୍ଥ୍ୟ କର୍ମକର୍ତ୍ତା ଦ୍ୱାରା ପରିଚାଳିତ ହୋଇଥାନ୍ତି ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଯେଉଁଗୁଡିକ ପ୍ରାୟ ଛଅ ଉପ-କେନ୍ଦ୍ରଗୁଡିକର ରେଫରାଲ ୟୁନିଟ ହୋଇଥାନ୍ତି, ସେଗୁଡିକ 30,000 ଜନସଂଖ୍ୟା (ପାହାଡି, ଆଦିବାସୀ ଓ ପଛୁଆ କ୍ଷେତ୍ରଗୁଡିକରେ 20,000) ପାଇଁ ସ୍ଥାପିତ କରାଯାଏ । ସମସ୍ତ PHC ବାହ୍ୟରୋଗୀ ଚିକିତ୍ସା ପ୍ରଦାନ କରନ୍ତି, ଏବଂ ଅଧିକାଂଶ ସ୍ଥାନରେ ଚାରି ଠାରୁ ଛଅ ଆନ୍ତଃ-ରୋଗୀ ଶଯ୍ୟା ମଧ୍ୟ ଥାଏ । ସେମାନଙ୍କ ଷ୍ଟାଫ୍ ଜଣେ ମେଡିକଲ ଅଫିସର ଓ 14 ପାରା-ମେଡିକଲ କର୍ମକର୍ତ୍ତା (ଯେଉଁଥିରେ ଏକ ପୁରୁଷ ଓ ଏକ ମହିଳା ସ୍ୱାସ୍ଥ୍ୟ ସହାୟକ, ଏକ ନର୍ସ ମିଡ-ୱାଇଫ୍, ଏକ ଲାବୋରେଟରୀ ଟେକନିସିଆନ୍, ଏକ ଫାର୍ମାସିଷ୍ଟ ଏବଂ ଅନ୍ୟାନ୍ୟ ସହାୟକ ଷ୍ଟାଫ୍ ଅନ୍ତର୍ଭୁକ୍ତ ଥାଆନ୍ତି), ଏମାନଙ୍କୁ ନେଇ ଗଠିତ ।

କମ୍ୟୁନିଟ୍ ହେଲଥ ସେଣ୍ଟର ଗୁଡିକ ଚାରି PHC ପାଇଁ ପ୍ରଥମ ରେଫରାଲ ୟୁନିଟ୍ ହୋଇଥାନ୍ତି ଏବଂ ବିଶେଷଜ୍ଞ ସେବା ମଧ୍ୟ ପ୍ରଦାନ କରିଥାନ୍ତି । ନିୟମ ଅନୁସାରେ ପ୍ରତ୍ୟେକ CHC (ପ୍ରତି 1 ଲକ୍ଷ ଜନସଂଖ୍ୟା ପାଇଁ) ରେ ଅନ୍ୟୂନ 30 ଶଯ୍ୟା, ଗୋଟିଏ ଅପରେଶନ ଥିଏଟର, ଏକ୍ସ-ରେ ମେସିନ, ପ୍ରସୂତି ପ୍ରକୋଷ୍ଠ ଏବଂ ଲେବୋରେଟରୀ ସୁବିଧା ଥିବା ଉଚିତ୍ ଏବଂ ଅନ୍ୟୂନ ଚାରି ବିଶେଷଜ୍ଞ ଅର୍ଥାତ୍ ଏକ ସର୍ଜନ, ଏକ ଫିଜିସିଆନ୍, ଏକ ଗାଇନେକୋଲୋଜିଷ୍ଟ (ପ୍ରସୂତିଶାସ୍ତ୍ରୀ) ଏବଂ ଏକ ଶିଶୁ ଚିକିତ୍ସକ ଥିବା ଉଚିତ୍ ଯେଉଁମାନେ 21 ପାରା-ମେଡିକଲ ଓ ଅନ୍ୟାନ୍ୟ ଷ୍ଟାଫ୍ ଦ୍ୱାରା ସହାୟତାପ୍ରାପ୍ତ ହୋଇଥାନ୍ତି ।

ଗ୍ରାମ୍ୟ ଡାକ୍ତରଖାନାଗୁଡିକ ମଧ୍ୟ ସ୍ଥାପିତ କରାଯାଇଛି ଏବଂ ଏଗୁଡିକ ରେ ଅନ୍ତର୍ଭୁକ୍ତ ହୁଅନ୍ତି ଉପ-ମଣ୍ଡଳୀୟ/ତାଲୁକ (ତହସିଲ) ଡାକ୍ତରଖାନା/ ବିଶେଷତା ଡାକ୍ତରଖାନା (ଦେଶର ପ୍ରାୟ 2000 ଥିବା ଆକଳିତ) ରୂପେ କୁହାଯାଉଥିବା ଉପ-ଜିଲ୍ଲା ଡାକ୍ତରଖାନାଗୁଡିକ;

ବିଶେଷତା ଏବଂ ଶିକ୍ଷଣ ଡାକ୍ତରଖାନାଗୁଡିକ ଅପେକ୍ଷାକୃତ କମ୍ ଥାଆନ୍ତି ଏବଂ ଏସବୁରେ ଅନ୍ତର୍ଭୁକ୍ତ ହୁଅନ୍ତି ମେଡିକଲ କଲେଜ (ବର୍ତ୍ତମାନ ସଂଖ୍ୟା ପ୍ରାୟ 300) ଏବଂ ଅନ୍ୟାନ୍ୟ ତୃତୀୟକ ରେଫରଲ କେନ୍ଦ୍ରଗୁଡିକ । ଏଗୁଡିକ ମୂଖ୍ୟତଃ ଜିଲ୍ଲା ସହର ଓ ସହରୀ କ୍ଷେତ୍ରରେ ରହିଥାନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ଅତି ବିଶେଷଜ୍ଞତାପ୍ରାପ୍ତ ଓ ଉନ୍ନତ ମେଡିକଲ ସେବା ପ୍ରଦାନ କରିଥାନ୍ତି ।

ସରକାର ଅଧୀନରେ ଥିବା ଅନ୍ୟାନ୍ୟ ଏଜେନ୍ସି, ଯଥା: ରେଲୱେ ସୁରକ୍ଷା ଓ ସେଭଳି ବଡ଼ ବଡ଼ ବିଭାଗ(ବନ୍ଦର/ଖଣି ଇତ୍ୟାଦି) ଓ ଡିସ୍ପେନ୍ସରୀଗୁଡିକ ମଧ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଏକ ଭୂମିକା ଗ୍ରହଣ କରନ୍ତି । ଅବଶ୍ୟ, ସେମାନଙ୍କ ସେବାଗୁଡିକ ଅନେକ ସମୟରେ ସମ୍ବନ୍ଧୀୟ ସଂଗଠନ ର କର୍ମଚାରୀ ଓ ସେମାନଙ୍କ ଆଶ୍ରିତମାନଙ୍କ ପର୍ଯ୍ୟନ୍ତ ସୀମିତ ଥାଏ ।

2. ବେସରକାରୀ କ୍ଷେତ୍ର ପ୍ରାବଧାନ କର୍ତ୍ତା

ଭାରତରେ ଏକ ବହୁତ ବଡ ପ୍ରାଇଭେଟ/ବେସରକାରୀ ସ୍ୱାସ୍ଥ୍ୟ କ୍ଷେତ୍ର ଅଛି ଯାହା ସମସ୍ତ ତିନି ପ୍ରକାରର ସ୍ୱାସ୍ଥ୍ୟସେବା-ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟକ ପ୍ରଦାନ କରେ । ଏଗୁଡିକର ଶ୍ରେଣୀ ସ୍ୱେଚ୍ଛାସେବୀ, ଅଣ-ଲାଭ ସଂଗଠନ ଓ ବ୍ୟକ୍ତିମାନଙ୍କ ଠାରୁ ଲାଭଥିବା କର୍ପୋରେଟ, ଟ୍ରଷ୍ଟ, ସୋଲୋ ପ୍ରାକ୍ଟିଶନ୍ ର, ସ୍ୱତନ୍ତ୍ର ବିଶେଷଜ୍ଞ ସେବା, ଡାଏଗ୍ନୋଷ୍ଟିକ୍ ଲାବୋରେଟୋରୀ, ଫର୍ମାସୀ ଦୋକାନ, ଏବଂ ଅଣଯୋଗ୍ୟତାପ୍ରାପ୍ତ ପ୍ରାବଧାନକର୍ତ୍ତା (ଠକ ଚିକିତ୍ସକ) ପର୍ଯ୍ୟନ୍ତ ବିସ୍ତାରିତ । ଭାରତରେ ଏଲୋପ୍ୟାଥିକ (ଏମ୍.ବି.ବି.ଏସ୍ ଏବଂ ଊର୍ଦ୍ଧ୍ୱ) ଡାକ୍ତରଙ୍କ ପ୍ରାୟ 77% ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ପ୍ରାଇଭେଟ ସ୍ୱାସ୍ଥ୍ୟ ଖର୍ଚ୍ଚ ଭାରତ ରେ ସମସ୍ତ ସ୍ୱାସ୍ଥ୍ୟ ଖର୍ଚ୍ଚର 75% ରୁ ଅଧିକ ଅଟେ । ପ୍ରାଇଭେଟ କ୍ଷେତ୍ରରେ ଖର୍ଚ୍ଚ ସମସ୍ତ ବାହ୍ୟରୋଗୀ ଆଗମନ ର 82% ଏବଂ ସମଗ୍ର ଭାରତ ସ୍ତରରେ ଡାକ୍ତରଖାନା ଭର୍ତ୍ତିକରଣର 52% ଅଟେ ।

ଭାରତରେ ଡାକ୍ତରୀ ବିଦ୍ୟାର ଅନ୍ୟାନ୍ୟ ପ୍ରଣାଳୀ (ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପାଥି) ରେ ବହୁତ ଅଧିକ ସଂଖ୍ୟାରେ ଯୋଗ୍ୟତାପ୍ରାପ୍ତ ପ୍ରାକ୍ଟିଶନର ଅଛନ୍ତି ଯାହାର ସଂଖ୍ୟା 7 ଲକ୍ଷଠାରୁ ଅଧିକ ଅଟେ । ଏଗୁଡିକ ସାର୍ବଜନିକ ତଥା ବେସରକାରୀ କ୍ଷେତ୍ରରେ ଅବସ୍ଥିତ ।

ସ୍ୱାସ୍ଥ୍ୟ ସେବାର ଲାଭ-ସକାଶେ ପ୍ରାଇଭେଟ୍ ପ୍ରାବଧାନକର୍ତ୍ତା ବ୍ୟତୀତ, NGO ଏବଂ ସ୍ୱେଚ୍ଛାସେବୀ କ୍ଷେତ୍ର କୁ ବି ଜନସମୁଦାୟ କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ନିଯୁକ୍ତ କରାଯାଇଛି ।

ଏହା ଆକଳନ କରାଯାଇଛି ଯେ 7,000 ରୁ ଅଧିକ ସ୍ୱେଚ୍ଛାସେବୀ ଏଜେନ୍ସିମାନେ ସ୍ୱାସ୍ଥ୍ୟ-ସମ୍ବନ୍ଧୀୟ କାର୍ଯ୍ୟକଳାପରେ ସଂପୃକ୍ତ ଅଛନ୍ତି । ବହୁତ ଅଧିକ ସଂଖ୍ୟକ ମାଧ୍ୟମିକ ଓ ତୃତୀୟକ ଡାକ୍ତରଖାନାଗୁଡିକୁ ମଧ୍ୟ ଅଣ-ଲାଭ ସଂସ୍ଥା କିମ୍ବା ଟ୍ରଷ୍ଟ ରୂପେ ପଞ୍ଜିକୃତ କରାଯାଇଛି, ଏବଂ ବୀମିତ ବ୍ୟକ୍ତିମାନଙ୍କ ପାଇଁ ଆନ୍ତଃରୋଗୀ ସେବାସବୁର ପ୍ରାବଧାନରେ ମହତ୍ୱପୂର୍ଣ୍ଣ ରୂପେ ଯୋଗଦାନ ଦିଅନ୍ତି ।

3. ଫାର୍ମାସ୍ୟୁଟିକଲ ଉଦ୍ୟୋଗ

ଔଷଧ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଉତ୍ପାଦର ପ୍ରାବଧାନକର୍ତ୍ତା ସମ୍ବନ୍ଧରେ କହିବାକୁ ଗଲେ, ଭାରତରେ ଏକ ବୃହତ୍ ଫାର୍ମାସ୍ୟୁଟିକଲ ଉଦ୍ୟୋଗ ରହିଛି, ଯାହା 1950 ରେ ଟ. 10 କୋଟି ର ଉଦ୍ୟୋଗ ଠାରୁ ଆଜି ଟ.55,000 କୋଟି ର ବ୍ୟବସାୟ (ରପ୍ତାନୀ କୁ ସମ୍ମିଳିତ କରି) କୁ ବୃଦ୍ଧି ପାଇଛି । ଏହା ପ୍ରାୟ 5 ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଛି, ଏବଂ ଉତ୍ପାଦନ 6000 ଊର୍ଦ୍ଧ୍ୱ ୟୁନିଟ୍ ରେ ଚାଲୁ ରହିଛି ।

ଉଦ୍ୟୋଗ ପାଇଁ କେନ୍ଦ୍ରୀୟ ସ୍ତରର ମୂଲ୍ୟ ନିୟନ୍ତ୍ରକ ହେଉଛି ନ୍ୟାଶନଲ ଫର୍ମାସ୍ୟୁଟିକଲ୍ସ ପ୍ରାଇସିଙ୍ଗ୍ ଅଥରିଟୀ (NPPA), ଯେତେବେଳେ କି ଫାର୍ମା କ୍ଷେତ୍ର ରସାୟନ ମନ୍ତ୍ରାଳୟ ଅଧୀନରେ ଅଛି । କେବଳ ଏକ ଅଳ୍ପ ସଂଖ୍ୟକ ଡ୍ରଗ୍ସ/ଔଷଧ (500 କିମ୍ବା ସେଭଳି ବଲ୍କ ଡ୍ରଗ୍ସ ମଧ୍ୟରୁ 76) ମୂଲ୍ୟ ନିୟନ୍ତ୍ରଣ ଅଧୀନରେ ଅଛନ୍ତି, ଯେତେବେଳେ କି ଅବଶିଷ୍ଟ ଡ୍ରଗ୍ସ ଓ ଉତ୍ପାଦନ ମୁକ୍ତ-ମୂଲ୍ୟ ନିର୍ଦ୍ଧାରଣ ପ୍ରଶାସନ ଅଧୀନରେ ଅଛନ୍ତି । ଯାହା ଉପରେ ମୂଲ୍ୟ ନିୟନ୍ତ୍ରକ ଙ୍କ ସତର୍କ ଦୃଷ୍ଟି ଥାଏ । ରାଜ୍ୟମାନଙ୍କ ଡ୍ରଗ୍ ନିୟନ୍ତ୍ରକମାନେ କ୍ଷେତ୍ର ବଳ ର ବ୍ୟବସ୍ଥା କରନ୍ତି ଯିଏ ଡ୍ରଗ୍ ଗୁଡିକର ଗୁଣ ଓ ମୂଲ୍ୟନିର୍ଦ୍ଧାରଣ ଏବଂ ସେମାନଙ୍କ ସମ୍ବନ୍ଧୀୟ କ୍ଷେତ୍ରଗୁଡିକରେ ନିୟମ/ସୂତ୍ରୀକରଣ ର ଦେଖାରେଖା କରନ୍ତି ।

B. ବୀମା ପ୍ରଦାନକାରୀ :

ବୀମା କମ୍ପାନୀମାନେ ବିଶେଷରୂପେ ସାଧାରଣ ବୀମା କ୍ଷେତ୍ରରେ ସ୍ୱାସ୍ଥ୍ୟ ବୀମା ସେବାର ସମୂହ ପ୍ରଦାନ କରନ୍ତି । ଏଗୁଡିକୁ ପୂର୍ବରୁ ତାଲିକାଭୁକ୍ତ କରାଯାଇଛି । ଯାହା ସବୁଠାରୁ ଉତ୍ସାହଜନକ ଅଟେ, ତାହା ହେଉଛି ସ୍ୱତନ୍ତ୍ର/ଅନାଶ୍ରିତ ସ୍ୱାସ୍ଥ୍ୟ ବୀମା କମ୍ପାନୀମାନଙ୍କ ଉପସ୍ଥିତି – ଆଦି ତାରିଖ ପର୍ଯ୍ୟନ୍ତ ପାଞ୍ଚୋଟି – ସ୍ୱାସ୍ଥ୍ୟ ବୀମା ପ୍ରଦାନକାରୀ ନେଟୱର୍କ ବୃଦ୍ଧି କରିବାକୁ କିଛି ଅଧିକ ଆସିବାର ସମ୍ଭାବନା ଥାଇ ।

C. ମଧ୍ୟସ୍ଥ :

ବୀମା ଉଦ୍ୟୋଗର ଅଂଶ ରୂପେ ସେବା ପ୍ରଦାନ କରୁଥିବା ଅନେକ ସଂଖ୍ୟକ ଲୋକ ଏବଂ ସଂଗଠନ ମଧ୍ୟ ସ୍ୱାସ୍ଥ୍ୟ ବୀମା ବଜାରର ଅଂଶ ଅଟନ୍ତି । ସେଭଳି ସମସ୍ତ ମଧ୍ୟସ୍ଥମାନେ ଆଇ.ଆର.ଡି.ଏ. ଦ୍ୱାରା ପରିଚାଳିତ ହୁଅନ୍ତି । ଏମାନଙ୍କ ମଧ୍ୟରେ ସମ୍ମିଳିତ ହୁଅନ୍ତି :

1. **ବୀମା ବ୍ରୋକର (ଦଲାଲ) ଯେଉଁମାନେ ବ୍ୟକ୍ତି କିମ୍ବା କର୍ପୋରେଟ ହୋଇପାରନ୍ତି ଏବଂ ବୀମା କମ୍ପାନୀମାନଙ୍କ ଠାରୁ ସ୍ୱତନ୍ତ୍ର ରୂପେ କାର୍ଯ୍ୟ କରନ୍ତି ।** ସେମାନେ ସେହି ଲୋକମାନଙ୍କୁ ପ୍ରତିନିଧିତ୍ୱ କରନ୍ତି ଯେଉଁମାନେ ବୀମା ଚାହାଁନ୍ତି ଏବଂ ସେମାନଙ୍କୁ ବୀମା କମ୍ପାନୀମାନଙ୍କ ସହିତ ସଂଯୁକ୍ତ କରନ୍ତି ତଥା ସର୍ବୋତ୍ତମ ସମ୍ଭବ ପ୍ରିମିୟମ ହାରରେ ସର୍ବୋତ୍ତମ ସମ୍ଭବ ବୀମା ସୁରକ୍ଷା ପ୍ରାପ୍ତ କରାନ୍ତି । ସେମାନେ ବୀମା କରୁଥିବା ବ୍ୟକ୍ତିମାନଙ୍କୁ ହାନିର ସମୟରେ ଏବଂ ବୀମା ଦାବୀ କରିବାରେ ବି ସହାୟତା ଦିଅନ୍ତି । ବ୍ରୋକରମାନେ ବୀମା ବ୍ୟବସାୟ ସମ୍ଭାଳୁଥିବା କୌଣସି ବି ବୀମା କମ୍ପାନୀ ସହିତ ସେହି ବ୍ୟବସାୟ ରଖିପାରନ୍ତି । ବୀମା କମିଶନ ହିସାବରେ ବୀମା କମ୍ପାନୀମାନଙ୍କ ଦ୍ୱାରା ସେମାନଙ୍କୁ ପାରିଶ୍ରମିକ ଦିଆଯାଏ ।

2. **ବୀମା ଅଭିକର୍ତ୍ତାମାନେ ସାଧାରଣତଃ ବ୍ୟକ୍ତି ହୋଇଥାଆନ୍ତି କିନ୍ତୁ କେତେକ କର୍ପୋରେଟ ଅଭିକର୍ତ୍ତା ମଧ୍ୟ ହୋଇପାରନ୍ତି ।** ବ୍ରୋକରମାନଙ୍କ ବିପରୀତ, ଅଭିକର୍ତ୍ତାମାନେ କୌଣସି ବି କମ୍ପାନୀ ସହିତ ବୀମା ରଖିପାରିବେ ନାହିଁ କିନ୍ତୁ କେବଳ ସେହି କମ୍ପାନୀ ସହିତ ରଖିପାରିବେ ଯାହା ପାଇଁ ସେମାନଙ୍କୁ ଅଭିକର୍ତ୍ତବ୍ୟ ର ସ୍ୱୀକୃତି ଦିଆଯାଇଛି । ଚଳିତ ବିନିୟମନ ଅନୁସାରେ, ଏକ ଅଭିକର୍ତ୍ତା ସର୍ବାଧିକ କେବଳ ଗୋଟିଏ ସାଧାରଣ ବୀମା କମ୍ପାନୀ ଓ ଗୋଟିଏ ଜୀବନ ବୀମା କମ୍ପାନୀ, ଗୋଟିଏ ସ୍ୱାସ୍ଥ୍ୟ ବୀମାକର୍ତ୍ତା ଏବଂ ପ୍ରତ୍ୟେକ ମୋନୋ ଲାଇନ ବୀମାକର୍ତ୍ତା ମଧ୍ୟରୁ ଗୋଟିଏ ଲେଖାଏଁ ପକ୍ଷରୁ କାର୍ଯ୍ୟ କରିପାରେ । ସେମାନଙ୍କୁ ମଧ୍ୟ ବୀମା କମିଶନ ହିସାବରେ ବୀମା କମ୍ପାନୀମାନଙ୍କ ଦ୍ୱାରା ପାରିଶ୍ରମିକ ଦିଆଯାଏ ।

3. **ତୃତୀୟ ପକ୍ଷ ପ୍ରଶାସକମାନେ ହେଉଛନ୍ତି ଏକ ନୂତନ ପ୍ରକାରର ସେବା ପ୍ରଦାନକାରୀ ଯେଉଁମାନେ ବ୍ୟବସାୟରେ 2001 ଠାରୁ ଆସିଛନ୍ତି ।** ସେମାନଙ୍କୁ ବୀମା ବିକ୍ରି କରିବାପାଇଁ ଅଧିକାର ଦିଆଯାଇନାହିଁ କିନ୍ତୁ ସେମାନେ ବୀମା କମ୍ପାନୀମାନଙ୍କୁ ପ୍ରଶାସନିକ ସେବା ପ୍ରଦାନ କରନ୍ତି । ଥରେ ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ବିକ୍ରି ହୋଇଗଲେ, ବୀମିତ ବ୍ୟକ୍ତିଙ୍କ ବିବରଣୀସବୁକୁ ଏକ ନିଯୁକ୍ତ ଟି.ପି.ଏ. ସହିତ ଆବଣ୍ଟିତ କରାଯାଏ ଯିଏ ତାପରେ ଡାଟା ବେସ୍ (ତଥ୍ୟ ଆଧାର) ପ୍ରସ୍ତୁତ କରେ ଏବଂ ବୀମିତ ବ୍ୟକ୍ତିମାନଙ୍କୁ ହେଲଥ୍ କାର୍ଡ ପ୍ରଦାନ କରେ । ସେଭଳିଆ ହେଲଥ କାର୍ଡ ବୀମିତ ବ୍ୟକ୍ତି କୁ ଡାକ୍ତରଖାନା ଓ କ୍ଲିନିକ ଗୁଡିକରେ ନଗଦହୀନ ମେଡିକଲ ସୁବିଧା (ତୁରନ୍ତ ନଗଦ ପ୍ରଦାନ ନ କରି ଚିକିତ୍ସା) ର ଲାଭ ଉଠାଇବାରେ ସକ୍ଷମ କରେ । ଯଦିଓ ବୀମିତ ବ୍ୟକ୍ତି ନଗଦହୀନ ଚିକିତ୍ସା ର ଉପଯୋଗ ନ କରେ, ସେ ବିଲଗୁଡିକ ର ଦେୟ ପ୍ରଦାନ କରିପାରେ ଏବଂ ନିଯୁକ୍ତ ଟି.ପି.ଏ. ଠାରୁ ପ୍ରତିପୂର୍ତ୍ତି ପାଇପାରେ । ଟି.ପି.ଏ. ମାନଙ୍କୁ ସେମାନଙ୍କ ସମ୍ବନ୍ଧିତ ଦାବୀସବୁ ପାଇଁ ବୀମା କମ୍ପାନୀମାନଙ୍କ ଦ୍ୱାରା ଫଣ୍ଡ ଦିଆଯାଏ ଏବଂ ଶୁଳ୍କ ହିସାବରେ ସେମାନଙ୍କୁ ପାରିଶ୍ରମିକ ଦିଆଯାଏ ଯାହା ପ୍ରିମିୟମର କିଛି ପ୍ରତିଶତ ହୋଇଥାଏ ।

4. ବୀମା ୱେବ ଏଗ୍ରିଗେଟରଗୁଡିକ IRDAI ବିନିୟାମକ ଦ୍ୱାରା ପରିଚାଳିତ ହେଉଥିବା ସର୍ବପୁରାତନ ପ୍ରକାରର ସେବା ପ୍ରଦାନକାରୀମାନଙ୍କ ମଧ୍ୟରେ ଗୋଟିଏ ଅଟେ । ସେମାନଙ୍କ ୱେବ ସାଇଟ୍ ଏବଂ/କିମ୍ବା ଟେଲିମାର୍କେଟିଙ୍ଗ୍ ମାଧ୍ୟମରେ, ସମ୍ଭାବ୍ୟ ଗ୍ରାହକର ସମ୍ମୁଖକୁ ନ ଆସି ଦୂର ବିପଣନ ମାଧ୍ୟମରେ ସେମାନେ ବୀମା ବ୍ୟବସାୟ ଅର୍ପିତ କରିଥାନ୍ତି ଏବଂ ଆଗ୍ରହୀ ସମ୍ଭାବ୍ୟ ଗ୍ରାହକମାନଙ୍କ ଅଗ୍ରଣୀମାନଙ୍କୁ ବୀମାକର୍ତ୍ତାମାନଙ୍କ ପାଇଁ ଜାତ କରିଥାନ୍ତି ଯାହା ସହିତ ସେମାନଙ୍କ ଚୁକ୍ତିନାମା ହୁଏ । ସେମାନେ ତୁଳନା ପାଇଁ ସେଭଳି ବୀମା କମ୍ପାନୀ ମାନଙ୍କ ଉତ୍ପାଦଗୁଡିକୁ ପ୍ରଦର୍ଶିତ ମଧ୍ୟ କରନ୍ତି । ସେମାନେ ବୀମାକର୍ତ୍ତାମାନଙ୍କ ପାଇଁ ଟେଲିମାର୍କେଟିଙ୍ଗ୍ ଏବଂ ଅନଲାଇନ ପୋର୍ଟଲ ମାଧ୍ୟମରେ ପ୍ରିମିୟମ ସଂଗ୍ରହ, ପ୍ରିମିୟମ ଅନୁସ୍ମାରକ ପ୍ରେରଣ ଏବଂ ବିଭିନ୍ନ ପ୍ରକାରର ପଲିସୀ ସମ୍ବନ୍ଧୀୟ ସେଗୁଡିକୁ ଭଳି ଆଉଟସୋର୍ସିଙ୍ଗ୍ କାର୍ଯ୍ୟ ସମ୍ପାଦିତ କରିବା ପାଇଁ IRDAI ଙ୍କ ଅନୁଜ୍ଞା ମଧ୍ୟ ଚାହିଁଥାନ୍ତି । ଅଗ୍ରଣୀମାନେ ବ୍ୟବସାୟରେ ପରିବର୍ତ୍ତିତ ହେବା, ବୀମା ଉତ୍ପାଦସବୁର ପ୍ରଦର୍ଶନ ଏବଂ ସେମାନଙ୍କ ଦ୍ୱାରା ସମ୍ପାଦିତ କରାଯାଉଥିବା ଆଉଟସୋର୍ସିଙ୍ଗ୍ ସେବାଗୁଡିକର ଆଧାରରେ ସେମାନଙ୍କୁ ବୀମା କମ୍ପାନୀମାନଙ୍କ ଦ୍ୱାରା ପାରଶ୍ରମିକ ଦିଆଯାଇଥାଏ ।

5. ବୀମା ବିପଣନ ଫାର୍ମଗୁଡିକ IRDAI ଦ୍ୱାରା ପରିଚାଳିତ ହେଉଥିବା ସର୍ବାଧୁନିକ ପ୍ରକାରର ମଧ୍ୟସ୍ଥ ଅଟନ୍ତି । ସେମାନେ ସେହି ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେଇ ନିମ୍ନ କାର୍ଯ୍ୟକଳାପଗୁଡିକୁ ସମ୍ପାଦିତ କରନ୍ତି ଯେଉଁମାନଙ୍କୁ ସେଭଳି ଉତ୍ପାଦଗୁଡିକର ବିପଣନ, ବିତରଣ ଏବଂ ସେବା ଦେବା ପାଇଁ ଲାଇସେନ୍ସ ପ୍ରାପ୍ତ ହୋଇଥାନ୍ତି ।

   ବୀମା ବିକ୍ରୟ କାର୍ଯ୍ୟକଳାପ: ବୀମା ସେଲ୍ସ ବ୍ୟକ୍ତି (ISP) ନିଯୁକ୍ତ କରି, ଅଧିକାରୀଙ୍କୁ ସୂଚୀତ କରି, କୌଣସି ବି ସମୟରେ ଦୁଇଟି ବୀମା, ଦୁଇଟି ସାଧାରଣ ଏବଂ ଦୁଇଟି ସ୍ୱାସ୍ଥ୍ୟ ବୀମା କମ୍ପାନୀଙ୍କ ବୀମା ଉତ୍ପାଦଗୁଡିକୁ ବିକ୍ରି କରିବା । ସାଧାରଣ ବୀମା ସମ୍ବନ୍ଧରେ, IMF କୁ ମୋଟର, ସ୍ୱାସ୍ଥ୍ୟ, ବ୍ୟକ୍ତିଗତ ଦୁର୍ଘଟଣା, ଗୃହମାଲିକ ଏବଂ ବିଭିନ୍ନ ସମୟରେ ପ୍ରାଧିକାରୀଙ୍କ ଦ୍ୱାରା ସ୍ୱୀକୃତ ସେଭଳି ଅନ୍ୟାନ୍ୟ ବୀମା ଉତ୍ପାଦ ଭଳି ଫାଇଲ ଏବଂ ଉପଯୋଗ ମାର୍ଗଦର୍ଶିକାରେ ଦିଆଯାଇଥିବା ଅନୁରୂପ କେବଳ ଖୁଚୁରା ପ୍ରକାରର ବୀମା ଉତ୍ପାଦଗୁଡିକୁ ଅର୍ପଣ କିମ୍ବା ପ୍ରାପ୍ତ କରିବା ପାଇଁ ସ୍ୱୀକୃତି ଦିଆଯାଇଥାଏ । ବୀମା କମ୍ପାନୀ ସହିତ ହୋଇଥିବା କୌଣସି ବି ବଚନବଦ୍ଧତା କୁ କେବଳ ପ୍ରାଧିକାରୀଙ୍କ ପୂର୍ବ ସ୍ୱୀକୃତି ଏବଂ ସେବା ଦେଉଥିବା ବିଦ୍ୟମାନ ପଲିସୀଧାରୀମାନଙ୍କ ପାଇଁ କରାଯାଉଥିବା ଉପଯୁକ୍ତ ବ୍ୟବସ୍ଥା ଦ୍ୱାରା ପରିବର୍ତ୍ତନ କରାଯାଇପାରେ ।

   ବୀମା ସେବା କାର୍ଯ୍ୟକଳାପ: ଏହି ସେବା କାର୍ଯ୍ୟକଳାପଗୁଡିକ କେବଳ ସେହି ବୀମା କମ୍ପାନୀମାନଙ୍କ ପାଇଁ ହେବ ଯାହା ସହିତ ବୀମା ଉତ୍ପାଦ ଅର୍ପଣ କରିବା ପାଇଁ କିମ୍ବା ପ୍ରାପ୍ତ କରିବା ପାଇଁ ସେମାନଙ୍କ ଚୁକ୍ତିନାମା ହୋଇଥିବ ଏବଂ ସେଗୁଡିକର ତାଲିକା ନିମ୍ନରେ ଦିଆଯାଇଛି :

a. ପ୍ରାଧିକାରୀଙ୍କ ଦ୍ୱାରା ଜାରୀ କରାଯାଇଥିବା ବୀମା କମ୍ପାନୀମାନଙ୍କ ଦ୍ୱାରା ଆଉଟସୋର୍ସିଙ୍ଗ୍ କାର୍ଯ୍ୟକଳାପ ଉପରେ ମାର୍ଗଦର୍ଶିକା ରେ ସ୍ୱୀକୃତି ଦିଆଯାଇଥିବା ଅନୁଯାୟୀ ବୀମାକର୍ତ୍ତାମାନଙ୍କ ର ବ୍ୟାକ୍ ଅଫିସ୍ କାର୍ଯ୍ୟକଳାପଗୁଡିକୁ ହାତକୁ ନେବା;

b. ବୀମା ଭଣ୍ଡାର ଗୁଡିକର ସ୍ୱୀକୃତ ବ୍ୟକ୍ତ ହେବା;

c. ସେମାନଙ୍କ ନାମାଙ୍କନ ରେ ଲାଇସେନ୍ସପ୍ରାପ୍ତ ସର୍ବେକ୍ଷକ ଓ ହାନି ମୂଲ୍ୟାଙ୍କକମାନଙ୍କୁ ନିଯୁକ୍ତି ଦେଇ ସର୍ବେକ୍ଷଣ ଓ ହାନି ମୂଲ୍ୟାଙ୍କନ କାର୍ଯ୍ୟକୁ ହାତକୁ ନେବା;

d. ସମୟ ସମୟରେ ପ୍ରାଧିକାରୀଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଅନ୍ୟ କୌଣସି ବୀମା ସମ୍ବନ୍ଧୀୟ କାର୍ଯ୍ୟକଳାପ ।

ଆର୍ଥିକ ଉତ୍ପାଦ ବିତରଣ : ଆର୍ଥିକ ସେବା ଏକଜିକ୍ୟୁଟିଭ (FSE) ନିଯୁକ୍ତ କରି ବିତରଣ କରିବା ଯେଉଁମାନେ ନିମ୍ନ ଆର୍ଥିକ ଉତ୍ପାଦଗୁଡିକର ବିପଣନ, ବିତରଣ ଏବଂ ସେବା କରିବା ପାଇଁ ଲାଇସେନ୍ସପ୍ରାପ୍ତ ବ୍ୟକ୍ତି ହୋଇଥାନ୍ତି :

a. SEBI ଦ୍ୱାରା ନିୟନ୍ତ୍ରିତ ମ୍ୟୁଚୁଆଲ ଫଣ୍ଡ କମ୍ପାନୀମାନଙ୍କ ମ୍ୟୁଚୁଆଲ ଫଣ୍ଡ;
b. PFRDA ଦ୍ୱାରା ନିୟନ୍ତ୍ରିତ ପେନଶନ ଉତ୍ପାଦ;
c. SEBI ଲାଇସେନ୍ସ ପ୍ରାପ୍ତ ପରାମର୍ଶଦାତାମାନଙ୍କ ଦ୍ୱାରା ବିତରଣ କରାଯାଉଥିବା ଅନ୍ୟାନ୍ୟ ଆର୍ଥିକ ଉତ୍ପାଦ;
d. RBI ଦ୍ୱାରା ନିୟନ୍ତ୍ରିତ ବ୍ୟାଙ୍କ/NBFC ର ବ୍ୟାଙ୍କିଙ୍ଗ୍ /ଆର୍ଥିକ ଉତ୍ପାଦ;
e. ଭାରତ ସରକାରଙ୍କ ଡାକ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଅଣ-ବୀମା ଉତ୍ପାଦ;
f. ସମୟ ସମୟରେ ପ୍ରାଧିକାରୀଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଅନ୍ୟ କୌଣସି ଆର୍ଥିକ ଉତ୍ପାଦ କିମ୍ବା କାର୍ଯ୍ୟକଳାପ ।

D. ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ସଂଗଠନ

କିଛି ଅଧିକ ତତ୍ତ୍ୱ ଅଛନ୍ତି ଯେଉଁମାନେ ସ୍ୱାସ୍ଥ୍ୟ ବୀମା ବଜାର ର ଅଂଶ ଅଟନ୍ତି ଏବଂ ଏଥିରେ ଅନ୍ତର୍ଭୁକ୍ତ ହୁଅନ୍ତି :

1. **ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇ.ଆର.ଡି.ଏ.ଆଇ.) ଯାହା ହେଉଛି ପାର୍ଲିଆମେଣ୍ଟର ଏକ ଆଇନ ଦ୍ୱାରା ଗଠିତ ବୀମା ବିନିୟାମକ ଯାହା ବୀମା ବଜାରରେ ସମସ୍ତ ବ୍ୟବସାୟ ଓ ବ୍ୟବସାୟୀମାନଙ୍କୁ ନିୟନ୍ତ୍ରିତ କରେ ।** ଏହା 2000 ରେ ସ୍ଥାପିତ ହେଲା ଏବଂ ନା କେବଳ ବୀମା ବ୍ୟବସାୟକୁ ନିୟନ୍ତ୍ରିତ କରିବା ପାଇଁ ଅପିତୁ ଏହାକୁ ବିକଶିତ କରିବା ପାଇଁ ମଧ୍ୟ ଏହା ଉପରେ କାର୍ଯ୍ୟ ଭାର ନ୍ୟସ୍ତ କରାଯାଇଛି ।

2. **ସାଧାରଣ ବୀମା ଏବଂ ଜୀବନ ବୀମା ପରିଷଦ ।** ଯେଉଁମାନେ ସେମାନଙ୍କ ସମ୍ବନ୍ଧିତ ଜୀବନ କିମ୍ବା ସାଧାରଣ ବୀମା ବ୍ୟବସାୟକୁ ପରିଚାଳିତ କରିବା ପାଇଁ ଆଇ.ଆର.ଡି.ଏ. ଆଇ. କୁ ସୁପାରିଶ ମଧ୍ୟ କରିଥାନ୍ତି ।

3. ଭାରତୀୟ ବୀମା ସୂଚନା ବ୍ୟୁରୋକୁ ଆଇଆରଡିଏ ଦ୍ୱାରା ବର୍ଷ 2009 ରେ ପ୍ରୋତ୍ସାହିତ କରାଯାଇଥିଲା ଏବଂ ମୁଖ୍ୟତଃ ବୀମା କ୍ଷେତ୍ରରୁ ଆସିଥିବା 20 ସଦସ୍ୟ ବିଶିଷ୍ଟ ଏକ ପରିଚାଳନା ପରିଷଦ ଥିବା ଏକ ପଞ୍ଜିକୃତ ସଂସ୍ଥା ଅଟେ । ଏହା ମୂଲ୍ୟ ନିର୍ଦ୍ଧାରଣ ଓ ବ୍ୟବସାୟ ରଣନୀତି ଗଠନ ସମେତ ତଥ୍ୟ – ଆଧାରିତ ଓ ବୈଜ୍ଞାନିକ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିବାକୁ ବୀମା କ୍ଷେତ୍ର ପାଇଁ ବିଭିନ୍ନ କ୍ଷେତ୍ର – ସ୍ତରୀୟ ରିପୋର୍ଟଗୁଡିକୁ ସଂଗ୍ରହ, ବିଶ୍ଳେଷଣ ଏବଂ ସୃଷ୍ଟି କରେ । ଏହା ବିନିୟାମକ ଏବଂ ସରକାରଙ୍କୁ, ସେମାନଙ୍କ ନୀତି ପ୍ରସ୍ତୁତିକରଣ ରେ ସହାୟତା ଦେବା ପାଇଁ, ମୁଖ୍ୟ ଇନପୁଟସବୁ ମଧ୍ୟ ପ୍ରଦାନ କରେ । ଉଦ୍ୟୋଗର ଲାଭ ପାଇଁ, ବ୍ୟୁରୋ ଅନେକ ରିପୋର୍ଟ, ଉଭୟ ଆବର୍ତ୍ତକ ଏବଂ ଥରକ ପାଇଁ, ଜାତ କରିଛି ।

IIB କେନ୍ଦ୍ରୀୟ ଇଣ୍ଡେକ୍ସ ସର୍ଭର କୁ ସଂଚାଳିତ କରେ ଯାହା ବିଭିନ୍ନ ବୀମା ଭଣ୍ଡାର ମଧ୍ୟରେ ଏକ ପ୍ରଧାନ ବିନ୍ଦୁ ରୂପେ କାର୍ଯ୍ୟ କରେ ଏବଂ ଏକ ନୂତନ ଆକାଉଣ୍ଟ ସୃଷ୍ଟି କରିବା ଅବସ୍ଥାରେ ଡିମାଟ୍ ଆକାଉଣ୍ଟଗୁଡିକର ଅଣ-ପ୍ରତିରୂପ କରଣରେ ସାହାଯ୍ୟ

କରେ । କେନ୍ଦ୍ରୀୟ ଇଣ୍ଡେକ୍ସ ସର୍ଭର ଏକ ବୀମାକର୍ତ୍ତା ଓ ବୀମା ଭଣ୍ଡାର ମଧ୍ୟରେ ଥିବା ପ୍ରତ୍ୟେକ ପଲିସୀ ଉପରେ କାରବାର ସମ୍ବନ୍ଧୀୟ ସୂଚନାର ପ୍ରସାରଣ/ରାଉଟିଙ୍ଗ୍ ପାଇଁ ଏକ ବିନିମୟ କେନ୍ଦ୍ର ରୂପେ ମଧ୍ୟ କାର୍ଯ୍ୟ କରେ ।

IIB ଡାକ୍ତରଖାନାଗୁଡିକୁ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରକୁ ସେବା ପ୍ରଦାନ କରୁଥିବା ଚୟନିତ ପ୍ରାବଧାନକର୍ତ୍ତା ନେଟୱର୍କ' ରେ ତାଲିକାଭୁକ୍ତ କରି, ଏହାର ହସ୍ପିଟଲ ୟୁନିକ୍ ଆଇଡି. ମାଷ୍ଟର କାର୍ଯ୍ୟକ୍ରମ ପ୍ରାରମ୍ଭ କରି ସାରିଛି ।

IIB ର ସର୍ବାଧୁନିକ ସୂତ୍ରପାତ ହୋଇପାରେ TPA, ବୀମାକର୍ତ୍ତା ଓ ଡାକ୍ତରଖାନାମାନଙ୍କୁ ସଂଯୁକ୍ତ କରୁଥିବା ଏକ ସ୍ୱାସ୍ଥ୍ୟ ବୀମା ଗ୍ରୀଡ୍ ର ଦେଖାରେଖା କରିବା । ସୂତ୍ରପାତର ଲକ୍ଷ୍ୟ ହେଉଛି ଚିକିତ୍ସା ମୂଲ୍ୟରେ ପାରଦର୍ଶୀତା ଏବଂ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକର ସୁଦକ୍ଷ ମୂଲ୍ୟ ନିର୍ଦ୍ଧାରଣ ସହିତ ବୀମା ଦାବୀ ପରିଚାଳନର ଏକ ପ୍ରଣାଳୀ ଆଣିବାରେ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରକୁ ସହାୟତା ପ୍ରଦାନ କରିବା ।

4. ଶିକ୍ଷା ସଂସ୍ଥାନ ଯେପରିକି ଭାରତୀୟ ବୀମା ସଂସ୍ଥାନ ଏବଂ ଜାତୀୟ ବୀମା ଏକାଡେମୀ ଯିଏ ବିସ୍ତୃତ ପ୍ରକାରର ବୀମା ଓ ପ୍ରବନ୍ଧନ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରନ୍ତି ଏବଂ ବେସରକାରୀ ପ୍ରଶିକ୍ଷଣ ସଂସ୍ଥାନଗୁଡିକର ଏକ ସମୂହ ଯିଏ ସମ୍ଭାବ୍ୟ ଅଭିକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରନ୍ତି ।

5. ମେଡିକଲ ପ୍ରାକ୍ଟିଶନରମାନେ ମଧ୍ୟ ସଂକଟଗୁଡିକର ସ୍ୱୀକୃତି ସମୟରେ ପ୍ରତ୍ୟାଶିତ କ୍ଲାଏଣ୍ଟମାନଙ୍କ ସ୍ୱାସ୍ଥ୍ୟ ବୀମା ସଂକଟସବୁର ମୂଲ୍ୟାଙ୍କନ କରିବାରେ ବୀମା କମ୍ପାନୀ ଓ ଟି.ପି.ଏ. ମାନଙ୍କୁ ସହାୟତା ପ୍ରଦାନ କରନ୍ତି ଏବଂ କଷ୍ଟସାଧ୍ୟ ଦାବୀଗୁଡିକ ପରିପ୍ରେକ୍ଷୀରେ ବୀମା କମ୍ପାନୀମାନଙ୍କୁ ପରାମର୍ଶ ମଧ୍ୟ ଦିଅନ୍ତି ।

6. ବୈଧାନିକ ତତ୍ତ୍ୱ ଯେପରିକି ବୀମା ଲୋକପାଳ, ଉପଭୋକ୍ତା ନ୍ୟାୟାଳୟ ଏବଂ ସିଭିଲ କୋର୍ଟମାନେ ମଧ୍ୟ ସ୍ୱାସ୍ଥ୍ୟ ବୀମା ବଜାରରେ ଏକ ଭୂମିକା ଗ୍ରହଣ କରନ୍ତି ଯେତେବେଳେ ଉପଭୋକ୍ତା ଅଭିଯୋଗ ନିବାରଣ ର ସମସ୍ୟା ଆସିଥାଏ ।

ସାରାଂଶ

a) ବୀମା କୌଣସି ନା କୌଣସି ରୂପେ ଅନେକ ଶତାବ୍ଦୀ ପୂର୍ବରୁ ବିଦ୍ୟମାନ ଥିଲା କିନ୍ତୁ ଏହାର ଆଧୁନିକ ସ୍ୱରୂପ କେବଳ କିଛି ଶତାବ୍ଦୀ ପୁରାତନ । ଭାରତରେ ବୀମା ସରକାରୀ ନିୟମନ ସହିତ ଅନେକ ଅବସ୍ଥା ଦେଇ ଗତି କରିଛି ।

b) ଏହାର ନାଗରିକମାନଙ୍କ ସ୍ୱାସ୍ଥ୍ୟ ଅତି ମହତ୍ୱପୂର୍ଣ୍ଣ ହୋଇଥିବାରୁ, ଏକ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରଣାଳୀ ସୃଷ୍ଟି କରିବାରେ ସରକାର ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ।

c) ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବାର ସ୍ତର ଏକ ଦେଶର ଲୋକସଂଖ୍ୟା ସମ୍ବନ୍ଧୀୟ ଅନେକ କାରକ ଉପରେ ନିର୍ଭର କରେ ।

d) ତିନି ପ୍ରକାରର ସ୍ୱାସ୍ଥ୍ୟସେବା ହେଉଛନ୍ତି ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟକ, ଯାହା ଆବଶ୍ୟକୀୟ ମେଡିକାଲ ଧ୍ୟାନ ଦେବା ଉପରେ ନିର୍ଭର କରେ । ପ୍ରତ୍ୟେକ ସ୍ତରରେ ସ୍ୱାସ୍ଥ୍ୟସେବାର ଖର୍ଚ୍ଚ ବଢ଼ି ଥାଏ ଯାହା ମଧ୍ୟରେ ତୃତୀୟକ ସେବା ସର୍ବାଧିକ ମହଙ୍ଗା ହୋଇଥାଏ ।

e) ଭାରତର ନିଜର ବିଶେଷ ଚ୍ୟାଲେଙ୍ଗସବୁ ରହିଛି ଯେପରିକି ଜନସଂଖ୍ୟା ବୃଦ୍ଧି ଏବଂ ସହରୀକରଣ ଯେଉଁଗୁଡିକ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଆବଶ୍ୟକ କରନ୍ତି ।

f) ସରକାର ବି ସ୍ୱାସ୍ଥ୍ୟ ବୀମା ପାଇଁ ଯୋଜନାଗୁଡିକ ଆଣିବାରେ ପ୍ରଥମ ଥିଲେ ଯାହାଙ୍କୁ ପରେ ପରେ ବେସରକାରୀ ବୀମା କମ୍ପାନୀମାନଙ୍କ ଦ୍ୱାରା ବାଣିଜ୍ୟିକ ବୀମା ଅନୁସରଣ କଲା ।

g) ସ୍ୱାସ୍ଥ୍ୟ ବୀମା ବଜାର ଅନେକ ଖେଳାଳୀଙ୍କ ଦ୍ୱାରା ଗଠିତ, କେତେକ ପୂର୍ବାବଶ୍ୟକ/ଆଧାରିକ ସଂରଚନା (ଇନ୍ଫ୍ରାଷ୍ଟ୍ରକଚର) ପ୍ରଦାନ କରନ୍ତି, ଅନ୍ୟମାନେ ବୀମା ସେବା ପ୍ରଦାନ କରନ୍ତି, ବ୍ରୋକର, ଅଭିକର୍ତ୍ତା ଓ ତୃତୀୟ ପକ୍ଷ ପ୍ରଶାସକ ଭଳି ମଧ୍ୟସ୍ଥମାନେ ସ୍ୱାସ୍ଥ୍ୟ ବୀମା ବ୍ୟବସାୟ ସେବା ପ୍ରଦାନ କରନ୍ତି ଏବଂ ଅନ୍ୟ ବିନିୟାମକ, ଶିକ୍ଷଣ ତଥା ବୈଧାନିକ ତତ୍ତ୍ୱମାନେ ମଧ୍ୟ ନିଜ ନିଜ ଭୂମିକା ସଂପାଦିତ କରନ୍ତି ।

ମୁଖ୍ୟ ପଦାବଳୀ

a) ସ୍ୱାସ୍ଥ୍ୟ ସେବା
b) ବାଣିଜ୍ୟିକ ବୀମା
c) ଜାତୀୟକରଣ
d) ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟକ ସ୍ୱାସ୍ଥ୍ୟସେବା
e) ମେଡିକ୍ଲେମ୍
f) ବ୍ରୋକର (ଦଲାଲ)
g) ଅଭିକର୍ତ୍ତା

h) ତୃତୀୟ ପକ୍ଷ ପ୍ରଶାସକ

i) ଆଇ. ଆର. ଡି.ଏ.

j) ଲୋକପାଳ

ଅଧ୍ୟାୟ 7

ବୀମା ଦଲିଲୀକରଣ

ଅଧ୍ୟାୟ ପରିଚୟ

ବୀମା ଉଦ୍ୟୋଗରେ, ଆମେମାନେ ଅନେକ ସଂଖ୍ୟକ ଫର୍ମ, ଦସ୍ତାବିଜ ଇତ୍ୟାଦି ସହିତ କାରବାର କରୁ । ଏହି ଅଧ୍ୟାୟ ବିଭିନ୍ନ ଦସ୍ତାବିଜ /କାଗଜପତ୍ର ଏବଂ ଏକ ବୀମା ଚୁକ୍ତିରେ ସେସବୁର ମହତ୍ୱ ମଧ୍ୟ ଦେଇ ଆମକୁ ନେଇଯାଏ । ପ୍ରତ୍ୟେକ ଫର୍ମର ସଠିକ୍ ସ୍ୱରୂପ, ଏହାକୁ କିପରି ପୂରଣ କରିବାକୁ ପଡିବ ଏବଂ ବିଶେଷ ତଥ୍ୟ /ସୂଚନା ମାଗିବାର କାରଣ ସମ୍ବନ୍ଧରେ ମଧ୍ୟ ଏହା ଅନ୍ତର୍ଜ୍ଞାନ ପ୍ରଦାନ କରେ ।

ଅଧ୍ୟୟନ ପରିଣାମ

A. ପ୍ରସ୍ତାବ ଫର୍ମ
B. ପ୍ରସ୍ତାବ (ସଙ୍କଟାଙ୍କନ) ର ସ୍ୱୀକୃତି
C. ବିବରଣୀ ପୁସ୍ତିକା
D. ପ୍ରିମୟମ ରସିଦ
E. ପଲିସୀ ଦସ୍ତାବିଜ
F. ସର୍ତ୍ତାବଳୀ ଏବଂ ୱାରେଣ୍ଟି
G. ପୃଷ୍ଠାଙ୍କନ
H. ପଲିସୀଗୁଡିକର ବ୍ୟାଖ୍ୟା
I. ନୂତନୀକରଣ ସୂଚନା
J. ଆଣ୍ଟି-ମନି ଲଣ୍ଡରିଙ୍ଗ୍ ଏବଂ 'ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ'ମାର୍ଗଦର୍ଶିକା

ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଆପଣ ନିମ୍ନ ମତେ ସକ୍ଷମ ହେବେ :

a) ପ୍ରସ୍ତାବ ଫର୍ମ ର ବିଷୟବସ୍ତୁ କୁ ବ୍ୟାଖ୍ୟା କରିବାରେ ।
b) ବିବରଣୀ ପୁସ୍ତିକାର ମହତ୍ୱ ଉପରେ ବର୍ଣ୍ଣନା କରିବାରେ
c) ପ୍ରିମିୟମ ରସିଦ ଏବଂ ବୀମା ଅଧିନିୟମ, 1938 ର ଅନୁଭାଗ 64VB କୁ ବ୍ୟାଖ୍ୟା କରିବାରେ ।
d) ବୀମା ପଲିସୀ ଦସ୍ତାବିଜ ରେ ଥିବା ପଦାବଳୀ ଓ ଶବ୍ଦାବଳୀକୁ ବ୍ୟାଖ୍ୟା କରିବାରେ ।
e) ପଲିସୀ ସର୍ତ୍ତାବଳୀ, ୱାରେଣ୍ଟି ଏବଂ ପୃଷ୍ଠାଙ୍କନ ସମ୍ବନ୍ଧରେ ଆଲୋଚନା କରିବାରେ ।
f) ପୃଷ୍ଠାଙ୍କନଗୁଡିକ କାହିଁକି ଜାରୀ କରାଯାଏ, ଏହାର ମୂଲ୍ୟାଙ୍କନ କରିବାରେ ।
g) ପଲିସୀ ଶବ୍ଦାବଳୀକୁ ଆଇନ ନ୍ୟାୟାଳୟରେ କେଉଁ ଦୃଷ୍ଟିରେ ଦେଖାଯାଏ, ଏହାକୁ ବୁଝିବାରେ ।
h) ନୂତନୀକରଣ ସୂଚନା କାହିଁକି ଜାରୀ କରାଯାଏ, ଏହାର ମୂଲ୍ୟାଙ୍କନ କରିବାରେ ।
i) ମନି ଲଣ୍ଡରିଙ୍ଗ୍ କ'ଣ ଅଟେ ଏବଂ ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ ମାର୍ଗଦର୍ଶିକା ସମ୍ବନ୍ଧରେ ଏକ ଅଭିକର୍ତ୍ତା କ'ଣ କରିବା ଆବଶ୍ୟକ, ଏହାକୁ ଜାଣିବାରେ ।

A. ପ୍ରସ୍ତାବ ଫର୍ମ

ଯେପରିକି ପୂର୍ବେ କୁହାଯାଇଛି, ବୀମା ଏକ ଚୁକ୍ତି ଅଟେ ଯାହାକୁ ଲିଖିତ ରୂପେ ଏକ ପଲିସୀରେ ହ୍ରାସ କରାଯାଇଥାଏ । ବୀମା ଦଲିଲୀକରଣ ପଲିସୀର ନିର୍ଗମ ପର୍ଯ୍ୟନ୍ତ ସୀମିତ ନୁହେଁ । ଯେହେତୁ ବ୍ରୋକର ଓ ଅଭିକର୍ତ୍ତା ଭଳି ଅନେକ ମଧ୍ୟସ୍ଥ ଥାଆନ୍ତି ଯେଉଁମାନେ ସେମାନଙ୍କ ମଝିରେ କାର୍ଯ୍ୟ କରନ୍ତି, ଏହା ସମ୍ଭବ ଅଟେ ଯେ ବୀମିତ ଏବଂ ବୀମାକର୍ତ୍ତା କେବେ ବି ସାକ୍ଷାତ କରି ନ ପାରନ୍ତି ।

ବୀମା କମ୍ପାନୀ ଗ୍ରାହକ ଓ ତାର ବୀମା ଆବଶ୍ୟକତା ସମ୍ବନ୍ଧରେ କେବଳ ସେହି ଦସ୍ତାବିଜ ଗୁଡିକଠାରୁ ଜାଣିବାକୁ ପାଏ ଯାହାକୁ ଗ୍ରାହକ ଦ୍ୱାରା ଉପସ୍ଥାପିତ କରାଯାଇଥାଏ । ସେଭଳି ଦସ୍ତାବିଜସବୁ ସଙ୍କଟକୁ ଅଧିକ ଭଲ ଭାବେ ବୁଝିବା ପାଇଁ ମଧ୍ୟ ବୀମାକର୍ତ୍ତାଙ୍କୁ ସାହାଯ୍ୟ କରିଥାନ୍ତି । ଏପ୍ରକାରେ, ଦଲିଲୀକରଣ ବୀମିତ ଓ ବୀମାକର୍ତ୍ତା ମଧ୍ୟରେ ବୁଝାମଣା ଓ ସ୍ୱଷ୍ଟତା ଆଣିବା ପାଇଁ ଆବଶ୍ୟକ ହୋଇଥାଏ । କେତେକ ଦସ୍ତାବିଜ ଅଛି ଯାହା ପ୍ରଥାଗତ ରୂପେ ବୀମା ବ୍ୟବସାୟରେ ବ୍ୟବହୃତ ହୋଇଥାଏ ।

ବୀମା ଅଭିକର୍ତ୍ତାଙ୍କୁ, ଗ୍ରାହକର ନିକଟତମ ବ୍ୟକ୍ତି ହୋଇଥିବାରୁ, ଗ୍ରାହକର ସମ୍ମୁଖୀନ ହେବାକୁ ଏବଂ ସଂପୃକ୍ତ ଦସ୍ତାବିଜଗୁଡିକ ବିଷୟରେ ସମସ୍ତ ସନ୍ଦେହ ସ୍ୱଷ୍ଟ କରିବାକୁ ଓ ସେଗୁଡିକ ପୂରଣ କରିବାରେ ସାହାଯ୍ୟ କରିବାକୁ ପଡ଼ିଥାଏ । ଅଭିକର୍ତ୍ତାମାନେ ସମ୍ବନ୍ଧିତ ପ୍ରତ୍ୟେକ ଦସ୍ତାବିଜର ଉଦ୍ଦେଶ୍ୟ ଏବଂ ବୀମାରେ ଉପଯୋଗ କରାଯାଉଥିବା ଦସ୍ତାବିଜଗୁଡିକରେ ଥିବା ତଥ୍ୟ/ସୂଚନାର ମହତ୍ୱ ଓ ଆବଶ୍ୟକତାକୁ ବୁଝିବା ଉଚିତ୍ ।

1. ପ୍ରସ୍ତାବ ଫର୍ମ

ଦଲିଲୀକରଣର ପ୍ରଥମ ଅବସ୍ଥା ମୂଳତଃ ପ୍ରସ୍ତାବ ଫର୍ମ ଅଟେ ଯାହା ମାଧ୍ୟମରେ ବୀମିତ ସୂଚୀତ କରେ :

- ✓ ସେ କିଏ ଅଟେ
- ✓ କେଉଁ ପ୍ରକାରର ବୀମା ସେ ଆବଶ୍ୟକ କରେ
- ✓ ସେ କ'ଣ ବୀମିତ କରିବାକୁ ଚାହେଁ, ତାହାର ବିବରଣୀ ଏବଂ
- ✓ କେତେ ସମୟାବଧି ପାଇଁ

ସଂପୂର୍ଣ୍ଣ ବିବରଣୀର ଅର୍ଥ ହେଉଛି ବୀମାର ବିଷୟବସ୍ତୁର ମୌଦ୍ରିକ ମୂଲ୍ୟ ଏବଂ ପ୍ରସ୍ତାବିତ ବୀମା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ/ସୂଚନା ।

a) ବୀମାକର୍ତ୍ତା ଦ୍ୱାରା ସଙ୍କଟ ମୂଲ୍ୟାଙ୍କନ

i. ବୀମାକର୍ତ୍ତା ଦ୍ୱାରା ଏକ ସଙ୍କଟ ସମ୍ବନ୍ଧୀୟ ଆବଶ୍ୟକ ସମସ୍ତ ଆବଶ୍ୟକୀୟ ତଥ୍ୟ/ସୂଚନା କୁ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଫର୍ମକୁ ପ୍ରସ୍ତାବକ ଦ୍ୱାରା ପୂରଣ କରିବାକୁ ପଡ଼େ, ବୀମାକର୍ତ୍ତାଙ୍କୁ ନିମ୍ନ ବିଷୟରେ ନିଷ୍ପତ୍ତି ନେବାପାଇଁ ସକ୍ଷମ କରେ :

- ✓ ବୀମା ଦେବା ପାଇଁ ସ୍ୱୀକୃତି ଦେବା କିମ୍ବା ଅଗ୍ରାହ୍ୟ କରିବା ଏବଂ
- ✓ ସଙ୍କଟର ସ୍ୱୀକୃତିର ପ୍ରସଙ୍ଗରେ, ଦିଆଯିବାକୁ ଥିବା ସୁରକ୍ଷାର ହାର, ସର୍ତ୍ତ ଓ ପ୍ରତିବନ୍ଧ ନିର୍ଦ୍ଧାରିତ କରିବା

ପ୍ରସ୍ତାବ ଫର୍ମ ସେହି ତଥ୍ୟଗୁଡିକୁ ଅନ୍ତର୍ଭୁକ୍ତ କରେ ଯେଉଁଗୁଡିକ ବୀମା ପାଇଁ ପ୍ରଦାନ କରାଯାଉଥିବା ସଙ୍କଟକୁ ସ୍ୱୀକାର କରିବା ପାଇଁ ବୀମା କମ୍ପାନୀ ପାଇଁ ଉପଯୋଗ ହୋଇଥାଆନ୍ତି । ପରମ ସଦ୍ଭାବର ସିଦ୍ଧାନ୍ତ ଏବଂ ଆବଶ୍ୟକ ତଥ୍ୟ /ସୂଚନାର ପ୍ରକଟୀକରଣ ର କର୍ତ୍ତବ୍ୟ ବୀମା ପାଇଁ ପ୍ରସ୍ତାବ ଫର୍ମରେ ଆରମ୍ଭ ହୁଅନ୍ତି ।

ଆବଶ୍ୟକ ତଥ୍ୟ/ସୂଚନା ର ପ୍ରକଟୀକରଣର କର୍ତ୍ତବ୍ୟ ପଲିସୀର ପ୍ରାରମ୍ଭ ର ପୂର୍ବରୁ ପ୍ରକଟ ହୁଏ ଏବଂ ବୀମାର ଅବଧି ସାରା ଓ ଏପରିକି ଚୁକ୍ତିର ସମାପ୍ତି ପରେ ମଧ୍ଯ ଚାଲୁ ରହିଥାଏ ।

ଉଦାହରଣ

ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ ପରିପ୍ରେକ୍ଷୀରେ, ଯଦି ବୀମିତ ପ୍ରସ୍ତାବ ଫର୍ମରେ ଘୋଷଣା କରିଛି ଯେ ସେ ମୋଟର ସ୍ପୋର୍ଟସ କିମ୍ବା ଅଶ୍ୱାରୋହଣ ରେ ସଂଲଗ୍ନ ରହେ ନାହିଁ , ତାକୁ ସୁନିଶ୍ଚିତ କରିବାକୁ ପଡ଼ିବ ଯେ ପଲିସୀ ଅବଧି ସାରା ସେ ସେଭଳି ଧନ୍ଦାରେ ସଂଲଗ୍ନ ରହିବ ନାହିଁ । ଏହା ବୀମାକର୍ତ୍ତା ପାଇଁ ଏକ ଆବଶ୍ୟକ ତଥ୍ୟ ଅଟେ ଯିଏ ଏହି ସବୁ ତଥ୍ୟ ଉପରେ ଆଧାର କରି ପ୍ରସ୍ତାବକୁ ସ୍ୱୀକାର କରିବ ଏବଂ ତଦନୁସାରେ ସଙ୍କଟର ମୂଲ୍ୟ ନିର୍ଦ୍ଧାରଣ କରିବ ।

ପ୍ରସ୍ତାବ ଫର୍ମଗୁଡିକ ସାଧାରଣତଃ ବୀମା କମ୍ପାନୀର ନାମ, ଲୋଗୋ, ଠିକଣା ଏବଂ ଏହାର ଉପଯୋଗ କରାଯାଉଥିବା ବୀମା/ଉତ୍ପାଦର ବର୍ଗ/ପ୍ରକାର ବୀମାକର୍ତ୍ତା ଦ୍ଵାରା ପ୍ରିଣ୍ଟ କରାଯାଇଥାଏ । ପ୍ରସ୍ତାବ ଫର୍ମରେ ପ୍ରିଣ୍ଟକରାଯାଇଥିବା ଏକ ଟିପ୍ପଣୀ ଯୋଡ଼ିବା ବୀମା କମ୍ପାନୀମାନଙ୍କ ପାଇଁ ପ୍ରଥାଗତ ଅଟେ, ଯଦି ଏହି ସମ୍ବନ୍ଧରେ କୌଣସି ଆଦର୍ଶ ଫର୍ମାଟ୍ କିମ୍ବା ପ୍ରଥା ନାହିଁ ।

ଉଦାହରଣ

ସେଭଳି ଟିପ୍ପଣୀ ର କେତେକ ଉଦାହରଣ ହେଉଛି:

'ସଙ୍କଟ ର ମୂଲ୍ୟାଙ୍କନ ପାଇଁ ଆବଶ୍ୟକ ତଥ୍ୟସବୁର ଅଣ-ପ୍ରକଟୀକରଣ, ବିପଥଗାମୀ କରୁଥିବା ସୂଚନା ପ୍ରଦାନ କରିବା, ବୀମିତ ଦ୍ଵାରା କପଟ କିମ୍ବା ଅସହଯୋଗ ଜାରୀ କରାଯାଇଥିବା ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷା କୁ ଅମାନ୍ୟ କରିଦେବ',

'କମ୍ପାନୀ ସଙ୍କଟରେ ରହିବ ନାହିଁ ଯେ ପର୍ଯ୍ୟନ୍ତ ପ୍ରସ୍ତାବକୁ କମ୍ପାନୀ ଦ୍ଵାରା ସ୍ୱୀକାର କରାଯାଇ ନାହିଁ ଏବଂ ସଂପୂର୍ଣ୍ଣ ପ୍ରିମିୟମ ପ୍ରଦାନ କରାଯାଇ ନାହିଁ'।

ପ୍ରସ୍ତାବ ଫର୍ମରେ ଘୋଷଣାପତ୍ର : ବୀମା କମ୍ପାନୀମାନେ ସାଧାରଣତଃ ପ୍ରସ୍ତାବ ଫର୍ମର ଶେଷରେ ଏକ ଘୋଷଣାପତ୍ର ଯୋଡ଼ିଥାନ୍ତି ଯାହା ଉପରେ ପ୍ରସ୍ତାବକ ସ୍ୱାକ୍ଷର କରିଥାଏ । ଏହା ସୁନିଶ୍ଚିତ କରେ ଯେ ବୀମିତ ଫର୍ମକୁ ସଠିକ୍ ରୂପେ ପୂରଣ କରିବାର କଷ୍ଟ ଉଠାଇଛି ଏବଂ ସେଥିରେ ଦିଆଯାଇଥିବା ତଥ୍ୟ ସବୁକୁ ବୁଝିଛି, ଯାହା ଦ୍ଵାରା ଏକ ଦାବୀ ସମୟରେ ତଥ୍ୟର ଭୁଲ ଚିତ୍ରଣ କାରଣରୁ ଅସମ୍ମତି ପାଇଁ କୌଣସି ଅବସର ରହିବ ନାହିଁ ।

ଏହା ପରମ ସଦ୍ଭାବର ମୂଖ୍ୟ ସିଦ୍ଧାନ୍ତ ଏବଂ ବୀମିତ ପକ୍ଷରେ ସମସ୍ତ ଆବଶ୍ୟକ ତଥ୍ୟର ପ୍ରକଟୀକରଣ ଉପରେ ଗୁରୁତ୍ୱ ଦେବାର ଉଦ୍ଦେଶ୍ୟ ସାଧିତ କରେ ।

ଏହି ଘୋଷଣାପତ୍ର ପରମ ସଦ୍ଭାବର ସାଧାରଣ ନିୟମ ସିଦ୍ଧାନ୍ତକୁ ପରମ ସଦ୍ଭାବର ଚୁକ୍ତିୟ କର୍ତ୍ତବ୍ୟରେ ପରିବର୍ତ୍ତିତ କରେ ।

ଘୋଷଣାପତ୍ରର ଆଦର୍ଶ ଫର୍ମ

IRDAI ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ ସ୍ଥିତ ଆଦର୍ଶ ଘୋଷଣାପତ୍ରର ଫର୍ମାଟ ନିମ୍ନ ରୂପେ ନିର୍ଦ୍ଧାରିତ କରିଛନ୍ତି :

1. ମୁଁ/ଆମେ ଏତଦ୍ଦ୍ୱାରା ଘୋଷଣା କରୁଛି/କରୁଛୁ, ମୋ ତରଫରୁ ଏବଂ ବୀମିତ କରିବାକୁ ପ୍ରସ୍ତାବିତ ସମସ୍ତ ବ୍ୟକ୍ତି ତରଫରୁ, ଯେ ମୋ/ଆମ ଦ୍ଵାରା ଦିଆଯାଇଥିବା ଉପରୋକ୍ତ ବକ୍ତବ୍ୟ, ଉତ୍ତର ଏବଂ/କିମ୍ବା ବିବରଣୀ, ମୋର ସର୍ବଶ୍ରେଷ୍ଠ ଜ୍ଞାନ ହିସାବରେ ସତ୍ୟ ଏବଂ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ଅଟନ୍ତି ଏବଂ ଯେ ଏହି ଅନ୍ୟ ବ୍ୟକ୍ତିମାନଙ୍କ ତରଫରୁ ମୁଁ/ଆମେ ପ୍ରସ୍ତାବ ଦେବାକୁ ପ୍ରାଧିକୃତ ଅଟେ /ଅଟୁ ।

2. ମୁଁ ବୁଝୁଛି ଯେ ମୋ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ/ସୂଚନା ବୀମା ପଲିସୀ ର ଆଧାର ହେବ, ବୀମା କମ୍ପାନୀର ବୋର୍ଡ ସ୍ୱୀକୃତ ସଙ୍କଟ ପଲିସୀ ଅନ୍ତର୍ଗତ ଥାଏ ଏବଂ ପଲିସୀ ଲାଗୁ କରାଯାଇଥିବା ପ୍ରିମିୟମର ସଂପୂର୍ଣ୍ଣ ପ୍ରାପ୍ତି ପରେ କେବଳ ପ୍ରଭାବୀ ହେବ ।

3. ମୁଁ/ଆମେ ଆହୁରି ଘୋଷଣା କରୁଛି/କରୁଛୁ ଯେ ପ୍ରସ୍ତାବଟି ଉପସ୍ଥାପିତ କରି ସାରିଲା ପରେ କିନ୍ତୁ କମ୍ପାନୀ ଦ୍ୱାରା ସଙ୍କଟ ସ୍ୱୀକୃତିର ସୂଚନା ପୂର୍ବରୁ ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକ ର ବ୍ୟବସାୟ କିମ୍ବା ସାମାନ୍ୟ ସ୍ୱାସ୍ଥ୍ୟରେ ହେଉଥିବା କୌଣସି ପରିବର୍ତ୍ତନ ବିଷୟରେ ଲିଖିତ ରୂପେ ସୂଚୀତ କରିବି /କରିବୁ ।

4. ମୁଁ/ଆମେ ଘୋଷଣା କରୁଛି/କରୁଛୁ ଏବଂ ସେହି କମ୍ପାନୀ ସହିତ ସମ୍ମତ ହେଉଛି/ହେଉଛୁ ଯିଏ କୌଣସି ଡାକ୍ତର କିମ୍ବା ଡାକ୍ତରଖାନାଠାରୁ ମେଡିକଲ ତଥ୍ୟ ଚାହେଁ ଯିଏ କୌଣସି ସମୟରେ ବି ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକକୁ ସେବା ପ୍ରଦାନ କରିଥିବ ଅଥବା କୌଣସି ଅତୀତ କିମ୍ବା ବର୍ତ୍ତମାନର ନିଯୁକ୍ତିଦାତାଠାରୁ କୌଣସି ବିଷୟ ସମ୍ବନ୍ଧରେ ତଥ୍ୟ ଚାହେଁ ଯାହା ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକର ଶାରୀରିକ କିମ୍ବା ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ଏବଂ ଯିଏ କୌଣସି ବୀମା କମ୍ପାନୀଠାରୁ ସୂଚନା ଚାହେଁ ଯାହା ପାଖରେ ପ୍ରସ୍ତାବର ସଙ୍କଟାଙ୍କନ ଏବଂ/କିମ୍ବା ଦାବୀ ସମାଧାନ ଉଦ୍ଦେଶ୍ୟରେ, ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକ ଉପରେ ବୀମା ପାଇଁ ଆବେଦନ କରାଯାଇଥିବ ।

5. ମୁଁ/ଆମେ କମ୍ପାନୀକୁ କୌଣସି ସରକାରୀ ଏବଂ /କିମ୍ବା ବିନିୟାମକ ପ୍ରାଧିକରଣ ସହିତ ପ୍ରସ୍ତାବ ସଙ୍କଟାଙ୍କନ ଏବଂ/କିମ୍ବା ଦାବୀ ସମାଧାନ ପାଇଁ ମେଡିକଲ ରେକର୍ଡ ସହିତ ମୋର ପ୍ରସ୍ତାବ ସମ୍ବନ୍ଧୀୟ ତଥ୍ୟକୁ ଆବର୍ଣ୍ଟିତ କରିବା ପାଇଁ ପ୍ରାଧିକୃତ କରୁଛି/କରୁଛୁ ।

b) ଏକ ପ୍ରସ୍ତାବ ଫର୍ମରେ ପ୍ରଶ୍ନଗୁଡିକର ସ୍ୱରୂପ

ଏକ ପ୍ରସ୍ତାବ ଫର୍ମରେ ପ୍ରଶ୍ନଗୁଡିକର ସଂଖ୍ୟା ଓ ସ୍ୱରୂପ ସମ୍ବନ୍ଧିତ ବୀମାର ବର୍ଗ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ ।

ବ୍ୟକ୍ତିଗତ ପ୍ରକାର ଯେପରିକି ସ୍ୱାସ୍ଥ୍ୟ, ବ୍ୟକ୍ତିଗତ ଦୁର୍ଘଟଣା ଏବଂ ଯାତ୍ରା ବୀମାରେ,. ପ୍ରସ୍ତାବ ଫର୍ମଗୁଡିକ ପ୍ରସ୍ତାବକର ସ୍ୱାସ୍ଥ୍ୟ, ଜୀବନ ଶୈଳୀ ଓ ଅଭ୍ୟାସ, ପୂର୍ବ-ବିଦ୍ୟମାନ ସ୍ୱାସ୍ଥ୍ୟ ସ୍ଥିତି, ମେଡିକଲ ଇତିହାସ, ଆନୁବଂଶିକ ଗୁଣ, ଅତୀତ ବୀମା ଅନୁଭୂତି ଇତ୍ୟାଦି ବିଷୟରେ ସୂଚନା ପ୍ରାପ୍ତ ହେବା ପାଇଁ ଡିଜାଇନ କରାଯାଇଥାଏ ।

ଏକ ପ୍ରସ୍ତାବର ତତ୍ତ୍ୱ

i. ସଂପୂର୍ଣ୍ଣ ରୂପେ ପ୍ରସ୍ତାବକର ନାମ

ପ୍ରସ୍ତାବକ ନିଜର ପରିଚୟ ସ୍ପଷ୍ଟ ରୂପେ ଦେବାରେ ସମର୍ଥ ହେବା ଉଚିତ୍ । ବୀମାକର୍ତ୍ତା ପାଇଁ ଏହା ଜାଣିବା ମହତ୍ୱପୂର୍ଣ୍ଣ ଅଟେ ଯେ କାହା ସହିତ ଚୁକ୍ତିରେ ପ୍ରବେଶ କରାଯାଇଛି, ଯାହା ଦ୍ୱରା ପଲିସୀ ଅନ୍ତର୍ଗତ ଥିବା ଲାଭସବୁ କେବଳ ବୀମିତ ପ୍ରାପ୍ତ କରିପାରିବ । ପରିଚୟ ସ୍ଥାପିତ କରିବା ସେହିସବୁ କ୍ଷେତ୍ରରେ ମଧ୍ୟ ମହତ୍ୱପୂର୍ଣ୍ଣ ଅଟେ ଯେଉଁଠି କେହି ଅନ୍ୟ ଜଣେ (ମୃତ୍ୟୁ କ୍ଷେତ୍ରରେ ବୈଧିକ ଉତ୍ତରାଧିକାରୀ ଭଳି) ସଙ୍କଟ ବୀମିତରେ ଏକ ହିତ ହାସଲ କରିଥାଇ ପାରେ ଏବଂ ଏକ ଦାବୀ ପ୍ରସ୍ତୁତ କରି ଥାଇ ପାରେ ।

ii. ପ୍ରସ୍ତାବକର ଠିକଣା ଏବଂ ସଂପର୍କ ବିବରଣୀ

ଉପରେ ଉଲ୍ଲିଖିତ କାରଣସବୁ ପ୍ରସ୍ତାବକର ଠିକଣା ଏବଂ ସଂପର୍କ ବିବରଣୀ ଏକତ୍ରିତ କରିବାରେ ମଧ୍ୟ ପ୍ରଯୁଜ୍ୟ ହୁଏ ।

iii. ପ୍ରସ୍ତାବକର ପେଶା, ଜୀବିକା କିମ୍ବା ବ୍ୟବସାୟ

ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଭଳି କେତେକ କ୍ଷେତ୍ରରେ, ପ୍ରସ୍ତାବକର ପେଶା/ବୃତ୍ତି, ଜୀବିକା କିମ୍ବା ବ୍ୟବସାୟ ମହତ୍ତ୍ୱପୂର୍ଣ୍ଣ ଅଟେ ଯେହେତୁ ସଙ୍କଟ ସହିତ ସେଗୁଡିକର ଆବଶ୍ୟକ ସମ୍ବନ୍ଧ ଥାଇପାରେ ।

ଉଦାହରଣ

ଫାଷ୍ଟ ଫୁଡ୍ ରେଷ୍ଟୁରାଣ୍ଟର ଏକ ଡେଲିଭରୀ ମ୍ୟାନ୍, ଯାହାକୁ ତା' ଗ୍ରାହକମାନଙ୍କୁ ଖାଦ୍ୟ ବିତରଣ ପାଇଁ ଉଚ୍ଚ ବେଗରେ ମୋଟର ବାଇକ୍ ରେ ବାରମ୍ବାର ଯାତ୍ରା କରିବାକୁ ପଡ଼ିଥାଏ, ତାହା ପାଇଁ ସେହି ରେଷ୍ଟୁରାଣ୍ଟର ଆକାଉଣ୍ଟେଣ୍ଟ ଅପେକ୍ଷା ଦୁର୍ଘଟଣାର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ରହେ ।

---

iv. ବୀମାର ବିଷୟବସ୍ତୁର ବିବରଣୀ ଏବଂ ପରିଚୟ

ପ୍ରସ୍ତାବକକୁ ସେହି ବିଷୟ ବସ୍ତୁକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରିବା ଆବଶ୍ୟକ ଯାହାକୁ ବୀମା ପାଇଁ ପ୍ରସ୍ତାବ ଦିଆଯାଏ ।

ଉଦାହରଣ

ପ୍ରସ୍ତାବକକୁ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଏହା :

- **i.** ଏକ ସମୁଦ୍ରପାରୀ/ବିଦେଶଯାତ୍ରା (କାହା ଦ୍ୱାରା, କେତେବେଳେ, କେଉଁ ଦେଶକୁ, କେଉଁ ଉଦ୍ଦେଶ୍ୟ ରେ) ଅଟେ ଅଥବା
- **ii.** ଏକ ବ୍ୟକ୍ତିର ସ୍ୱାସ୍ଥ୍ୟ (ବ୍ୟକ୍ତିର ନାମ, ଠିକଣା ଏବଂ ପରିଚୟ/ଚିହ୍ନଟ ସହିତ) ଇତ୍ୟାଦି ଅଟେ, ପ୍ରକରଣ ଉପରେ ଆଧାର କରି

---

v. ବୀମା ରାଶି ପଲିସୀ ଅନ୍ତର୍ଗତ ବୀମାକର୍ତ୍ତାର ଦାୟିତ୍ୱ ର ସୀମା କୁ ସୂଚୀତ କରେ ଏବଂ ଏହାକୁ ସବୁ ପ୍ରସ୍ତାବ ଫର୍ମରେ ସୂଚୀତ କରିବାକୁ ପଡ଼େ ।

ଉଦାହରଣ

ସ୍ୱାସ୍ଥ୍ୟ ବୀମା ପରିପ୍ରେକ୍ଷୀରେ, ଏହା ଡାକ୍ତରଖାନା ଚିକିତ୍ସାର ମୂଲ୍ୟ ହୋଇପାରେ, ଯେତେବେଳେ କି ବ୍ୟକ୍ତିଗତ ଦୁର୍ଘଟଣା ବୀମା ପାଇଁ ଏହା ଏକ ଦୁର୍ଘଟଣା କାରଣରୁ ଜୀବନ ହାନି, ଏକ ଅଙ୍ଗ ହାନି, କିମ୍ବା ଦୃଷ୍ଟି ହାନି ପାଇଁ ଏକ ନିଶ୍ଚିତ ରାଶି ପରିମାଣ ହୋଇପାରେ ।

---

vi. ପୂର୍ବବର୍ତ୍ତୀ ଏବଂ ବର୍ତ୍ତମାନ ର ବୀମା

ପ୍ରସ୍ତାବକକୁ ତାର ପୂର୍ବବର୍ତ୍ତୀ ବୀମା ସମ୍ବନ୍ଧୀୟ ବିବରଣୀର ସୂଚନା ବୀମାକର୍ତ୍ତାକୁ ପ୍ରଦାନ କରିବାର ଆବଶ୍ୟକତା ଅଛି । ଏହା ତାର ବୀମା ଇତିହାସକୁ ବୁଝିବା ପାଇଁ ଅଟେ । କେତେକ ବଜାରରେ ସିଷ୍ଟମସବୁ ରହିଛି ଯାହା ଦ୍ୱାରା ବୀମାକର୍ତ୍ତାମାନେ ବୀମିତ ସମ୍ବନ୍ଧୀୟ ତଥ୍ୟ ଗୋପନୀୟ ରୂପେ ଆବଣ୍ଟିତ କରନ୍ତି ।

ପ୍ରସ୍ତାବକକୁ ଏହା ମଧ୍ୟ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି ଯେ କୌଣସି ବୀମାକର୍ତ୍ତା ତାର ପ୍ରସ୍ତାବକୁ ଅଗ୍ରାହ୍ୟ କରିଛି, ବିଶେଷ ସର୍ତ୍ତ ଲାଗୁ କରିଛି, ନୂତନୀକରଣ ସମୟରେ ବର୍ଦ୍ଧିତ ପ୍ରିମିୟମ ଆବଶ୍ୟକ କରିଛି କିମ୍ବା ପଲିସୀକୁ ନୂତନୀକରଣ କରିବାରେ ମନା କରିଛି କିମ୍ବା ତାକୁ ରଦ୍ଦ କରିଛି କି ।

କୌଣସି ଅନ୍ୟ ବୀମାକର୍ତ୍ତା ସହିତ ଚଳିତ ବୀମାର ବିବରଣୀ ଯେଉଁଥିରେ ବୀମାକର୍ତ୍ତାଙ୍କ ନାମ ସମ୍ମିଳିତ ଥିବ, ଏଗୁଡ଼ିକ ମଧ୍ଯ ପ୍ରକଟ କରିବା ଆବଶ୍ୟକ ଅଟେ । ବିଶେଷ ରୂପେ ସମ୍ପତ୍ତି ବୀମାରେ ଏକ ସମ୍ଭାବନା ରହେ ଯେ ବୀମିତ ବିଭିନ୍ନ ବୀମାକର୍ତ୍ତାଠାରୁ ପଲିସୀ ନେଇ ଥାଇ ପାରେ ଏବଂ ଯେତେବେଳେ ଏକ ହାନି ଘଟେ, ଏକାଧିକ ବୀମାକର୍ତ୍ତା ଠାରୁ ଦାବୀ କରନ୍ତି । ଏହି ସୂଚନା ଏହା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ଅଟେ ଯେ ଅଂଶଦାନର ସିଦ୍ଧାନ୍ତ ଲାଗୁ କରାଯାଉଛି ଯାହା ଦ୍ୱାରା ବୀମିତକୁ କ୍ଷତିପୂର୍ତ୍ତି କରାଯାଉଛି ଏବଂ ସେହି ଗୋଟିଏ ସଙ୍କଟ ପାଇଁ ବହୁବିଧ ପଲିସୀ କାରଣରୁ ଲାଭ ପ୍ରାପ୍ତ ହେଉ ନାହିଁ ।

ପୁନଶ୍ଚ, ବ୍ୟକ୍ତିଗତ ଦୁର୍ଘଟଣା ବୀମାରେ ସେହି ଜଣେ ବୀମିତ ଦ୍ୱାରା ନିଆଯାଇଥିବା ଅନ୍ୟାନ୍ୟ PA ପଲିସୀ ଅନ୍ତର୍ଗତ ବୀମା ରାଶି ଆଧାରରେ ଏକ ବୀମାକର୍ତ୍ତା ସୁରକ୍ଷାର ରାଶି (ବୀମା ରାଶି) କୁ ନିୟନ୍ତ୍ରିତ କରିବା ପାଇଁ ଚାହିଁବ ।

vii. ହାନି ଅନୁଭୂତି

ପ୍ରସ୍ତାବକ କୁ ସେ ଆକ୍ରାନ୍ତ ହୋଇଥିବା ସମସ୍ତ ହାନିର ସଂପୂର୍ଣ୍ଣ ବିବରଣୀ ଘୋଷିତ କରିବା ପାଇଁ କୁହାଯାଏ, ସେଗୁଡ଼ିକ ବୀମିତ ହୋଇଥାଆନ୍ତୁ ଅଥବା ହୋଇ ନ ଥାନ୍ତୁ, ଏହା ବୀମାକର୍ତ୍ତା କୁ ବୀମାର ବିଷୟବସ୍ତୁ ସମ୍ବନ୍ଧୀୟ ଏବଂ ବୀମିତ ଅତୀତରେ କିପରି ସଙ୍କଟକୁ ସଞ୍ଚାଳିତ କରିଥିଲା, ଏହାର ସୂଚନା ପ୍ରଦାନ କରିବ । ସଙ୍କଟାଙ୍କକମାନେ ସେସବୁ ଉତ୍ତରଠାରୁ ସଙ୍କଟକୁ ଅଧିକ ଭଲଭାବେ ବୁଝି ପାରିବେ ଏବଂ ଡାକ୍ତରୀ ପରୀକ୍ଷା ଆୟୋଜିତ କରିବା କିମ୍ବା ଆହୁରି ଅଧିକ ବିବରଣୀ ଏକତ୍ରିତ କରିବା ଉପରେ ନିଷ୍ପତ୍ତି ନିଅନ୍ତି ।

viii.ବୀମିତ ଦ୍ୱାରା ଘୋଷଣାପତ୍ର

ଯେହେତୁ ପ୍ରସ୍ତାବ ଫର୍ମର ଉଦ୍ଦେଶ୍ୟ ବୀମାକର୍ତ୍ତାମାନଙ୍କୁ ସମସ୍ତ ଆବଶ୍ୟକୀୟ ତଥ୍ୟ/ସୂଚନା ପ୍ରଦାନ କରିବା ଅଟେ, ଫର୍ମରେ ବୀମିତ ଦ୍ୱାରା ଏକ ଘୋଷଣାପତ୍ର ସମ୍ମିଳିତ କରାଯାଏ ଯେ ଉତ୍ତରଗୁଡ଼ିକ ସତ୍ୟ ଓ ସଠିକ୍ ଅଟେ ଏବଂ ସେ ସମ୍ମତି ପ୍ରଦାନ କରୁଛି ଯେ ଏହି ଫର୍ମ ବୀମା ଚୁକ୍ତିର ଆଧାର ହେବ । କୌଣସି ବି ଭୁଲ ଉତ୍ତର ବୀମାକର୍ତ୍ତାମାନଙ୍କୁ ଚୁକ୍ତିକୁ ଅବଜ୍ଞା କରିବାର ଅଧିକାର ଦେବ । ଅନ୍ୟାନ୍ୟ ଅନୁଭାଗ ଯାହା ସବୁ ପ୍ରସ୍ତାବ ଫର୍ମରେ ସାଧାରଣ ହୋଇଥାଏ, ସେସବୁ ସ୍ୱାକ୍ଷର, ତାରିଖ ଏବଂ କେତେକ କ୍ଷେତ୍ରରେ, ଅଭିକର୍ତ୍ତାର ସୁପାରିଶ ଅଟେ ।

ix. ଯେଉଁଠି ଏକ ପ୍ରସ୍ତାବ ଫର୍ମର ଉପଯୋଗ କରା ନ ଯାଏ, ବୀମାକର୍ତ୍ତା ମୌଖିକ ରୂପେ ଅଥବା ଲିଖିତ ରୂପେ ପ୍ରାପ୍ତ ସୂଚନାକୁ ରେକର୍ଡ କରିବ, ଏବଂ ଏହାକୁ ପ୍ରସ୍ତାବକ ପାଖରୁ 15 ଦିନର ଅବଧି ମଧ୍ୟରେ ପୁଷ୍ଟି କରିବ ଏବଂ ସୂଚନା/ତଥ୍ୟକୁ ଏହାର ପଲିସୀରେ ସମ୍ମିଳିତ କରିବ । ଯେଉଁଠି ବୀମାକର୍ତ୍ତା ପରେ ଦାବୀ କରେ ଯେ ପ୍ରସ୍ତାବକ କୌଣସି ଆବଶ୍ୟକୀୟ ତଥ୍ୟ/ସୂଚନାକୁ ପ୍ରକଟ କରି ନାହିଁ ଅଥବା ଏକ ବୀମା ସୁରକ୍ଷାର ସ୍ୱୀକୃତି ଦେବାପାଇଁ ଆବଶ୍ୟକ ଥିବା କୌଣସି ବିଷୟ ସମ୍ବନ୍ଧରେ ଭ୍ରମାତ୍ମକ କିମ୍ବା ମିଥ୍ୟା ସୂଚନା ପ୍ରଦାନ କରିଛି, ଏହାକୁ ପ୍ରମାଣିତ କରିବାର ଭାର ବୀମାକର୍ତ୍ତା ଉପରେ ପଡ଼େ ।

ଏହାର ଅର୍ଥ ହେଉଛି ଯେ ଏପରିକି ମୌଖିକ ରୂପେ ପ୍ରାପ୍ତ ସମସ୍ତ ତଥ୍ୟ/ସୂଚନା କୁ ରେକର୍ଡ କରିବା ବୀମା କମ୍ପାନୀର କର୍ତ୍ତବ୍ୟ ରହିଛି । ଯାହାକୁ ଫଲୋ-ଅପ୍ ଜରିଆରେ ଅଭିକର୍ତ୍ତାକୁ ଧ୍ୟାନ ଦେବାକୁ ପଡ଼ିବ ।

ମହତ୍ତ୍ୱପୂର୍ଣ୍ଣ

ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ର ପ୍ରସ୍ତାବ ଫର୍ମର କେତେକ ବିବରଣୀ ନିମ୍ନରେ ଦିଆଯାଇଛି :

1. ପ୍ରସ୍ତାବଫର୍ମ ଏକ ବିବରଣୀ ପୁସ୍ତିକା ସମ୍ମିଳିତ କରେ ଯାହା ବୀମା ସୁରକ୍ଷାର ବିବରଣୀ ପ୍ରଦାନ କରେ, ଯେପରି କି ସୁରକ୍ଷା, ଅପବର୍ଜନ, ପ୍ରାବଧାନ ଇତ୍ୟାଦି । ବିବରଣୀ ପୁସ୍ତିକା ପ୍ରସ୍ତାବ ଫର୍ମର ଏକ ଅଂଶ ହୋଇଥାଏ ଏବଂ ପ୍ରସ୍ତାବକକୁ ଏହାର ବିଷୟବସ୍ତୁ କୁ ଜାଣିଛି ବୋଲି ଏହା ଉପରେ ହସ୍ତାକ୍ଷର କରିବାକୁ ପଡ଼େ ।

2. ପ୍ରସ୍ତାବ ଫର୍ମ ନାମ, ଠିକଣା, ବ୍ୟବସାୟ, ଜନ୍ମ ତାରିଖ, ଲିଙ୍ଗ, ଏବଂ ପ୍ରତ୍ୟେକ ବୀମିତ ବ୍ୟକ୍ତିର ପ୍ରସ୍ତାବକ ସହିତ ସମ୍ବନ୍ଧ, ହାରାହାରି ମାସିକ ଆୟ ଏବଂ ଆୟ କର ପ୍ୟାନ୍ ନଂ, ମେଡିକଲ ପ୍ରାକ୍ଟିଶନର ଙ୍କ ନାମ ଓ ଠିକଣା, ତାଙ୍କ ଯୋଗ୍ୟତା ଓ ପଞ୍ଜିକରଣ ନମ୍ବର ସମ୍ବନ୍ଧୀୟ ତଥ୍ୟ/ସୂଚନା ଏକତ୍ରିତ କରେ । ଦାବୀ ଟଙ୍କାର ଦେୟ ପ୍ରଦାନ ପ୍ରତ୍ୟକ୍ଷ ଭାବେ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ କରିବା ପାଇଁ ଆଜିକାଲି ବୀମିତର ବ୍ୟାଙ୍କ ବିବରଣୀକୁ ମଧ୍ୟ ଏକତ୍ରିତ କରାଯାଏ ।

3. ଏହା ଅତିରିକ୍ତ, ବୀମିତ ବ୍ୟକ୍ତିର ମେଡିକଲ ସ୍ଥିତି ସମ୍ବନ୍ଧୀୟ ପ୍ରଶ୍ନସବୁ ଥାଏ । ଫର୍ମରେ ଥିବା ଏହି ବିସ୍ତୃତ ପ୍ରଶ୍ନାବଳୀ ଅତୀତ ଦାବୀ ଅନୁଭୂତି ଉପରେ ଆଧାରିତ ଏବଂ ସେଗୁଡିକ ସଙ୍କଟର ଯଥାର୍ଥ ସଙ୍କଟାଙ୍କନ ପ୍ରାପ୍ତ କରିବା ପାଇଁ ଥାଏ ।

4. ସେ ଫର୍ମରେ ବିନିର୍ଦ୍ଦିଷ୍ଟ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲା କି ନାହିଁ ବୀମିତ ବ୍ୟକ୍ତିକୁ ଏହାର ସଂପୂର୍ଣ୍ଣ ବିବରଣୀ ଉଲ୍ଲେଖ କରିବା ଆବଶ୍ୟକ ହୁଏ ।

5. ପୁନଶ୍ଚ, ପୀଡ଼ିତ ହୋଇଥିବା କୌଣସି ଅନ୍ୟ ରୋଗ କିମ୍ବା ବ୍ୟାଧି ଅଥବା ସମ୍ମୁଖୀନ ହୋଇଥିବା ଦୁର୍ଘଟଣାର ବିବରଣୀସବୁକୁ ନିମ୍ନ ପ୍ରକାରେ ମଗାଯାଇଥାଏ :

    a. ରୋଗ/କ୍ଷତ ର ସ୍ୱରୂପ ଏବଂ ଚିକିତ୍ସା
    b. ପ୍ରଥମ ଚିକିତ୍ସା ର ତାରିଖ
    c. ଯତ୍ନ କରୁଥିବା ଡାକ୍ତରଙ୍କ ନାମ ଏବଂ ଠିକଣା
    d. ସଂପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରିଛି କି

6. ବୀମିତ ବ୍ୟକ୍ତିକୁ କୌଣସି ଅତିରିକ୍ତ ତଥ୍ୟକୁ ଉଲ୍ଲେଖ କରିବାକୁ ପଡ଼େ ଯାହାକୁ ବୀମାକର୍ତ୍ତା ପାଖରେ ପ୍ରକଟ କରିବା ଉଚିତ୍ ଏବଂ ତାର ଜ୍ଞାତସାରରେ କୌଣସି ରୋଗ କିମ୍ବା କ୍ଷତ ର କୌଣସି ନିଶ୍ଚିତ ବିଦ୍ୟମାନତା କିମ୍ବା ଉପସ୍ଥିତି ଅଛି କି ଯାହା ପାଇଁ ଡାକ୍ତରୀ ଧ୍ୟାନ ଆବଶ୍ୟକ ହୋଇପାରେ ।

7. ଫର୍ମ ଅତୀତ ବୀମା ଓ ଦାବୀ ଇତିହାସ ଏବଂ କୌଣସି ଅନ୍ୟ ବୀମାକର୍ତ୍ତା ସହିତ ଅତିରିକ୍ତ ବର୍ତ୍ତମାନ ର ବୀମା ସମ୍ବନ୍ଧୀୟ ପ୍ରଶ୍ନସବୁ ମଧ୍ୟ ଅନ୍ତର୍ଭୁକ୍ତ କରେ ।

8. ପ୍ରସ୍ତାବକ ଦ୍ୱାରା ସ୍ୱାକ୍ଷରିତ ହେବାକୁ ଥିବା ଘୋଷଣାପତ୍ର ର ବିଶେଷ ଲକ୍ଷଣ ଗୁଡିକୁ ନିଶ୍ଚିତ ଭାବେ ଧ୍ୟାନ ଦେବା ଉଚିତ୍ ।

9. ବୀମିତ ବ୍ୟକ୍ତି ସମ୍ମତି ପ୍ରଦାନ କରେ ଏବଂ ବୀମାକର୍ତ୍ତାକୁ ସେହି ଡାକ୍ତରଖାନା/ମେଡିକଲ ପ୍ରାକ୍ଟିଶନରଠାରୁ ମେଡିକଲ ତଥ୍ୟ/ସୂଚନା ମାଗିବା ପାଇଁ ଅଧିକାର ଦେଇଥାଏ ଯିଏ କୌଣସି ବି ସମୟରେ ସେହି ରୋଗ ସମ୍ବନ୍ଧରେ ସେବା ପ୍ରଦାନ କରିଛନ୍ତି କିମ୍ବା କରିପାରନ୍ତି ଯାହା ତାର ଶାରୀରିକ କିମ୍ବା ମାନସିକ ସ୍ୱାସ୍ଥ୍ୟ କୁ ପ୍ରଭାବିତ କରିଥାଏ ।

10. ବୀମିତ ବ୍ୟକ୍ତି ପୁଷ୍ଟି କରେ ଯେ ସେ ଫର୍ମର ଏକ ଅଂଶ ରୂପେ ରହିଥିବା ବିବରଣୀ ପୁସ୍ତିକାକୁ ପାଠ କରିଛି ଏବଂ ସର୍ତ୍ତ ଓ ପ୍ରତିବନ୍ଧ କୁ ସ୍ୱୀକାର କରିବା ପାଇଁ ଇଚ୍ଛୁକ ଅଟେ ।

11. ଘୋଷଣାପତ୍ର ଚୁକ୍ତିର ଆଧାର ସ୍ୱରୂପ ବକ୍ତବ୍ୟ ଗୁଡିକର ଓ ପ୍ରସ୍ତାବ ଫର୍ମର ସତ୍ୟତା ସମ୍ବନ୍ଧରେ ସାଧାରଣ ୱାରେଣ୍ଟି କୁ ଅନ୍ତର୍ଭୁକ୍ତ କରେ ।

ମେଡିକଲ ପ୍ରଶ୍ନାବଳୀ

ପ୍ରସ୍ତାବ ଫର୍ମରେ ପ୍ରତିକୂଳ ମେଡିକଲ ଇତିହାସ ପରିପ୍ରେକ୍ଷୀରେ, ବୀମିତ ବ୍ୟକ୍ତିକୁ ମଧୁମେହ, ଉଚ୍ଚ ରକ୍ତଚାପ, ଛାତି ଦରଜ କିମ୍ବା କରୋନରୀ ଅଯଥେଷ୍ଟତା କିମ୍ବା ମାୟୋକାର୍ଡିନଲ ଇନ୍ଫାର୍କଶନ ଭଳି ରୋଗ ସମ୍ବନ୍ଧୀୟ ଏକ ବିସ୍ତୃତ ପ୍ରଶ୍ନାବଳୀ କୁ ପୂରଣ କରିବାକୁ ପଡ଼େ ।

ଏଗୁଡିକ ଏକ ଫର୍ମ ଦ୍ୱାରା ସମର୍ଥିତ ହେବାକୁ ପଡ଼େ ଯାହାକୁ କନସଲ୍ଟିଙ୍ଗ୍ ଫିଜିସିଆନ୍ ଦ୍ୱାରା ପୂରଣ କରାଯାଇଥାଏ । ଏହି ଫର୍ମକୁ କମ୍ପାନୀର ପ୍ୟାନେଲ ଡାକ୍ତରଙ୍କ ଦ୍ୱାରା ଯାଞ୍ଚ କରାଯାଇଥାଏ, ଯାହାର ମତ ଉପରେ ଆଧାର କରି, ସ୍ୱୀକୃତି, ଅପବର୍ଜନ, ଇତ୍ୟାଦି ର ନିଷ୍ପତ୍ତି ନିଆଯାଇଥାଏ ।

IRDAI ଅନୁବନ୍ଧ ଲଗାଇଛନ୍ତି ଯେ ପଲିସୀ ଦସ୍ତାବିଜ ସହିତ ପ୍ରସ୍ତାବ ଫର୍ମର ଏକ ପ୍ରତିଲିପି ଓ ତାର ପରିଶିଷ୍ଟ ଗୁଡିକୁ ସଂଲଗ୍ନ କରିବାକୁ ପଡିବ ଏବଂ ତାହାକୁ ବୀମିତ ପାଖକୁ ତାର ରେକର୍ଡ ପାଇଁ ପଠାଇ ଦିଆଯିବା ଉଚିତ୍ ।

2. ମଧ୍ୟସ୍ଥର ଭୂମିକା

ଉଭୟ ପକ୍ଷ ଅର୍ଥାତ୍ ବୀମିତ ଏବଂ ବୀମାକର୍ତ୍ତା ପ୍ରତି ମଧ୍ୟସ୍ଥର ଦାୟିତ୍ୱ ରହିଥାଏ ।

ଏକ ଅଭିକର୍ତ୍ତା କିମ୍ବା ଏକ ବ୍ରୋକର, ଯିଏ ବୀମା କମ୍ପାନୀ ଏବଂ ବୀମିତ ମଧ୍ୟରେ ମଧ୍ୟସ୍ଥ ରୂପେ କାର୍ଯ୍ୟ କରେ, ତାର ଏହା ସୁନିଶ୍ଚିତ କରିବାର ଦାୟିତ୍ୱ ରହିଛି ଯେ ସଙ୍କଟ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ/ସୂଚନା କୁ ବୀମିତ ଦ୍ୱାରା ବୀମାକର୍ତ୍ତାକୁ ପ୍ରଦାନ କରାଯାଇଛି ।

IRDAI ବିନିୟମନ ପ୍ରାବଧାନ ରଖେ ଯେ ମଧ୍ୟସ୍ଥର କ୍ଲାଏଣ୍ଟ ପ୍ରତି ଦାୟିତ୍ୱ ରହିଛି ।

ମହତ୍ୱପୂର୍ଣ୍ଣ

ସମ୍ଭାବ୍ୟ ଗ୍ରାହକ (କ୍ଲାଏଣ୍ଟ) ପ୍ରତି ଏକ ମଧ୍ୟସ୍ଥର କର୍ତ୍ତବ୍ୟ

IRDAI ବିନିୟମନ ଉଲ୍ଲେଖ କରେ ଯେ "ଏକ ବୀମାକର୍ତ୍ତା ଅଥବା ଏହାର ଅଭିକର୍ତ୍ତା ଅଥବା ଅନ୍ୟ ମଧ୍ୟସ୍ଥ ସର୍ବଶ୍ରେଷ୍ଠ ସୁରକ୍ଷା ଯାହା ସମ୍ଭାବ୍ୟ ଗ୍ରାହକର ହିତରେ ହେବ, ତାହା ଉପରେ ନିଷ୍ପତ୍ତି ନେବାରେ ତାକୁ ସକ୍ଷମ କରିବା ପାଇଁ ସମ୍ଭାବ୍ୟ ଗ୍ରାହକ ସକାଶେ ଏକ ପ୍ରସ୍ତାବିତ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ /ସୂଚନା ପ୍ରା ଦାନ କରିବ"।

ଯେଉଁଠି ସମ୍ଭାବ୍ୟ ଗ୍ରାହକ ବୀମାକର୍ତ୍ତା ଅଥବା ତାର ଅଭିକର୍ତ୍ତା ଅଥବା ଏକ ବୀମା ମଧ୍ୟସ୍ଥର ପରାମର୍ଶ ଉପରେ ନିର୍ଭର କରେ , ସେଭଳି ବ୍ୟକ୍ତି ଉତ୍ତମ ପ୍ରକାରେ ସମ୍ଭାବ୍ୟ ଗ୍ରାହକକୁ ନିଷ୍ଠିତ ରୂପେ ପରାମର୍ଶ ଦେବା ଉଚିତ୍ ।

ଯେଉଁଠି, କୌଣସି ବି କାରଣରୁ ହେଉ, ପ୍ରସ୍ତାବ ଓ ଅନ୍ୟାନ୍ୟ ସମ୍ବନ୍ଧିତ କାଗଜପତ୍ରଗୁଡିକ ଗ୍ରାହକ ଦ୍ୱାରା ପୂରଣ କରାଯାଇନାହିଁ, ପ୍ରସ୍ତାବ ଫର୍ମର ଶେଷରେ ଗ୍ରାହକଠାରୁ ଏକ ପ୍ରମାଣପତ୍ରକୁ ସମାବିଷ୍ଟ କରାଯାଇପାରେ ଯେ ଫର୍ମ ଓ ଦସ୍ତାବିଜ ଗୁଡିକର ବିଷୟବସ୍ତୁ ସମ୍ବନ୍ଧରେ ତାହାକୁ ସଂପୂର୍ଣ୍ଣ ରୂପେ ବ୍ୟାଖ୍ୟା କରାଯାଇଛି ଏବଂ ଯେ ସେ ପ୍ରସ୍ତାବିତ ଚୁକ୍ତିର ମହତ୍ୱକୁ ସଂପୂର୍ଣ୍ଣ ରୂପେ ବୁଝିଛି ।

B. ପ୍ରସ୍ତାବ (ସଙ୍କଟାଙ୍କନ) ର ସ୍ୱୀକୃତି

ଆମେ ଦେଖିଛୁ ଯେ ଏକ ସଂପୂର୍ଣ୍ଣ ପ୍ରସ୍ତାବ ଫର୍ମ ମୋଟାମୋଟି ରୂପେ ନିମ୍ନ ସୂଚନା ପ୍ରଦାନ କରେ :

- ✓ ବୀମିତର ବିବରଣୀ
- ✓ ବିଷୟ ବସ୍ତୁର ବିବରଣୀ
- ✓ ଆବଶ୍ୟକୀୟ ବୀମା ସୁରକ୍ଷାର ପ୍ରକାର
- ✓ ଭୌତିକ ଲକ୍ଷଣଗୁଡିକର ଲକ୍ଷଣ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ
- ✓ ବୀମା ଏବଂ ହାନିର ପୂର୍ବ ଇତିହାସ

ଏକ ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ କ୍ଷେତ୍ରରେ, ବୀମାକର୍ତ୍ତା ସମ୍ଭାବ୍ୟ ଗ୍ରାହକ ଉ.ସ୍ୱ. 45 ବର୍ଷରୁ ଊର୍ଦ୍ଧ୍ୱ ବୟସ୍କକୁ ଡାକ୍ତରୀ ଯାଞ୍ଚ ପାଇଁ ଏକ ଡାକ୍ତରଙ୍କ ପାଖକୁ ମଧ୍ୟ ପଠାଇପାରେ । ପ୍ରସ୍ତାବରେ ଉପଲବ୍ଧ ତଥ୍ୟ ଆଧାରରେ ଏବଂ, ଯେଉଁଠି ଡାକ୍ତରୀ ଯାଞ୍ଚ ପାଇଁ ପରାମର୍ଶ ଦିଆଯାଇଛି, ମେଡିକଲ ରିପୋର୍ଟ ଓ ଡାକ୍ତରଙ୍କ ସୁପାରିଶ ଆଧାରରେ, ବୀମାକର୍ତ୍ତା ନିଷ୍ପତ୍ତି ନିଏ । ବେଳେ ବେଳେ, ଯେଉଁଠି ମେଡିକଲ ଇତିହାସ ସନ୍ତୋଷଜନକ ନହେଁ, ସମ୍ଭାବ୍ୟ କ୍ଲାଏଣ୍ଟ ଠାରୁ ଅଧିକ ସୂଚନା ପାଇବା ପାଇଁ ଏକ ଅତିରିକ୍ତ ପ୍ରଶ୍ନାବଳୀ ମଧ୍ୟ ଆବଶ୍ୟକ ହୁଏ । ବୀମାକର୍ତ୍ତା ତାପରେ ସଙ୍କଟ କାରକ ପାଇଁ ଲାଗୁ କରିବାକୁ ଥିବା ମୂଲ୍ୟ / ହାର ସମ୍ବନ୍ଧରେ ନିଷ୍ପତ୍ତି ନିଏ ଏବଂ ବିଭିନ୍ନ କାରକ ଆଧାରରେ ପ୍ରିମିୟମ ନିର୍ଦ୍ଧାରିତ କରେ, ଯାହାକୁ ତାପରେ ବୀମିତକୁ ସୂଚୀତ କରାଯାଏ ।

ଦ୍ରୁତ ବେଗ ଓ ଦକ୍ଷତା ସହିତ ବୀମାକର୍ତ୍ତା ପ୍ରସ୍ତାବଗୁଡ଼ିକର ପ୍ରୋସେସ୍ କରିଥାଏ ଏବଂ ତା' ପରିଣାମ ସ୍ୱରୂପ ସମସ୍ତ ନିର୍ଣ୍ଣୟକୁ ଏକ ଯଥାର୍ଥ ସମୟାବଧି ମଧ୍ୟରେ ଲିଖିତ ରୂପେ ସୂଚୀତ କରିଥାଏ ।

ସଙ୍କଟାଙ୍କନ ଏବଂ ପ୍ରସ୍ତାବଗୁଡିକର ପ୍ରୋସେସିଙ୍ଗ୍ ଉପରେ ଟିପ୍ପଣୀ

IRDAI ମାର୍ଗଦର୍ଶିକା ଅନୁସାରେ, ବୀମାକର୍ତ୍ତାକୁ ପ୍ରସ୍ତାବକୁ 15 ଦିନ ର ସମୟ ମଧ୍ୟରେ ପ୍ରୋସେସ୍ କରିବାକୁ ପଡ଼େ । ଅଭିକର୍ତ୍ତା ଏହି ସବୁ ସମୟରେଖାର ଟ୍ରାକ୍ କରିବା, ଆଭ୍ୟନ୍ତରୀଣ ରୂପେ ଫଲୋ-ଅପ୍ କରିବା ଏବଂ ଯେତେବେଳେ ବି ଆବଶ୍ୟକ ଗ୍ରାହକ ସେବା ରୂପେ ସମ୍ଭାବ୍ୟ ଗ୍ରାହକ / ବୀମିତ ସହିତ ସଂପର୍କ ରଖିବାର ଆଶା ରଖାଯାଏ । ପ୍ରସ୍ତାବକୁ ଯାଞ୍ଚ କରିବା ଏବଂ ସ୍ୱୀକୃତି ବିଷୟରେ ନିଷ୍ପତ୍ତି ନେବାର ଏହି ସଂପୂର୍ଣ୍ଣ ପ୍ରକ୍ରିୟାକୁ ସଙ୍କଟାଙ୍କନ କୁହାଯାଏ ।

ସ୍ୱୟଂ ପରୀକ୍ଷଣ କରନ୍ତୁ 1

ମାର୍ଗଦର୍ଶିକା ଅନୁସାରେ, ଏକ ବୀମା କମ୍ପାନୀକୁ ଏକ ବୀମା ପ୍ରସ୍ତାବକୁ ____________ ମଧ୍ୟରେ ପ୍ରୋସେସ୍ କରିବାକୁ ପଡ଼େ ।

I. 7 ଦିନ
II. 15 ଦିନ
III. 30 ଦିନ
IV. 45 ଦିନ

C. ବିବରଣୀ ପୁସ୍ତିକା

ଏକ ବିବରଣୀ ପୁସ୍ତିକା ହେଉଛି ବୀମାର ସମ୍ଭାବ୍ୟ କ୍ରେତାମାନଙ୍କୁ ବୀମାକର୍ତ୍ତା ଦ୍ୱାରା କିମ୍ବା ଏହା ତରଫରୁ ଜାରୀ କରାଯାଇଥିବା ଏକ ଦସ୍ତାବିଜ । ଏହା ସାଧାରଣତଃ ଏକ ବ୍ରୋଚର କିମ୍ବା ଲିଫଲେଟ୍ ଆକାରରେ ଥାଏ ଏବଂ ସେଭଳି ସମ୍ଭାବ୍ୟ କ୍ରେତାମାନଙ୍କୁ ଏକ ଉତ୍ପାଦ ସମ୍ବନ୍ଧରେ ପରିଚୟ କରିବାର ଉଦ୍ଦେଶ୍ୟ ସାଧିତ କରେ । ବିବରଣୀ ପୁସ୍ତିକାର ନିର୍ଗମ ବୀମା ଅଧିନିୟମ, 1938 ତଥା IRDAI ଙ୍କ ପଲିସୀଧାରୀର ସ୍ୱାର୍ଥ ସୁରକ୍ଷା ଅଧିନିୟମ 2002 ଏବଂ ସ୍ୱାସ୍ଥ୍ୟ ବୀମା ଅଧିନିୟମ 2013 ଦ୍ୱାରା ପରିଚାଳିତ ହୁଏ ।

କୌଣସି ବି ବୀମା ଉତ୍ପାଦର ବିବରଣୀ ପୁସ୍ତିକା ଲାଭର ପରିସର, ବୀମା ସୁରକ୍ଷାର ବିସ୍ତାରକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରିବା ଉଚିତ୍ ଏବଂ ବୀମା ସୁରକ୍ଷାର ୱାରେଣ୍ଟି, ଅପବର୍ଜନ ଏବଂ ସର୍ତ୍ତାବଳୀ ବିଷୟରେ ସ୍ପଷ୍ଟ ଭାବେ ବ୍ୟାଖ୍ୟା କରିବା ଉଚିତ୍ ।

ଉତ୍ପାଦ ଉପରେ ସ୍ୱୀକାର୍ଯ୍ୟ ରାଇଡର (ଆଡ-ଅନ କଭର ମଧ୍ୟ କୁହାଯାଉଥିବା) ଗୁଡ଼ିକୁ ମଧ୍ୟ ସେଗୁଡ଼ିକର ଲାଭର ପରିସର ପ୍ରସଙ୍ଗରେ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯିବା ଉଚିତ୍ । ଆହୁରି ମଧ୍ୟ, ସବୁ ରାଇଡର କୁ ଏକତ୍ରିତ କରି ନିର୍ଦ୍ଧାରିତ ପ୍ରିମିୟମ ମୁଖ୍ୟ ଉତ୍ପାଦର ପ୍ରିମିୟମ ର 30% ଠାରୁ ଅଧିକ ହେବା ଉଚିତ୍ ନୁହେଁ ।

ଅନ୍ୟାନ୍ୟ ମହତ୍ୱପୂର୍ଣ୍ଣ ତଥ୍ୟ/ସୂଚନା ଯେଉଁସବୁକୁ ଏକ ବିବରଣୀ ପୁସ୍ତିକା ପ୍ରକଟନ କରିବା ଉଚିତ୍, ସେଗୁଡ଼ିକ ହେଉଛି :

1. ଭିନ୍ନ ଭିନ୍ନ ଆୟୁ ବର୍ଗ ପାଇଁ କିମ୍ବା ଭିନ୍ନ ଭିନ୍ନ ପ୍ରବେଶ ଆୟୁ ପାଇଁ କଭର ଏବଂ ପ୍ରିମିୟମରେ ଥିବା କୌଣସି ପାର୍ଥକ୍ୟ
2. ପଲିସୀର ନୂତନୀକରଣ ଅବଧି/ସର୍ତ୍ତାବଳୀ
3. କେତେକ ପରିସ୍ଥିତି ଅନ୍ତର୍ଗତ ପଲିସୀର ରଦ୍ଦକରଣ ର ଅବଧି/ସର୍ତ୍ତାବଳୀ
4. ବିଭିନ୍ନ ପରିସ୍ଥିତି ଅନ୍ତର୍ଗତ ଲାଗୁ ହେଉଥିବା କୌଣସି ଡିସ୍କାଉଣ୍ଟ କିମ୍ବା ଲୋଡିଙ୍ଗ୍ ର ବିବରଣୀ
5. ପ୍ରିମିୟମ ସହିତ ପଲିସୀର ସର୍ତ୍ତାବଳୀର କୌଣସି ସଂଶୋଧନ କିମ୍ବା ପରିବର୍ତ୍ତନ ର ସମ୍ଭାବନା
6. ସେହି ଗୋଟିଏ ବୀମାକର୍ତ୍ତା ସହିତ ଶୀଘ୍ର ପ୍ରବେଶ, ଅବିଚ୍ଛିନ୍ନ ନୂତନୀକରଣ, ଅନୁକୂଳ ଦାବୀ ଅନୁଭୂତି ଇତ୍ୟାଦି ପାଇଁ ପଲିସୀଧାରୀମାନଙ୍କୁ ପୁରସ୍କୃତ କରିବା ପାଇଁ କୌଣସି ପ୍ରୋତ୍ସାହନ
7. ଏକ ଘୋଷଣା ପତ୍ର ଯେ ଏହାର ସମସ୍ତ ସ୍ୱାସ୍ଥ୍ୟ ପଲିସୀ ସୁବାହ୍ୟ ଅଟନ୍ତି ଯାହାର ଅର୍ଥ ହେଉଛି ଯେ ଏହି ପଲିସୀଗୁଡ଼ିକ କୌଣସି ଅନ୍ୟ ବୀମାକର୍ତ୍ତା ସହିତ ନୂତନୀକରଣ କରାଯାଇପାରେ ଯିଏ ସେହି ଏକା ଲାଭ ଥିବା ସେଭଳିଆ ବୀମା ସୁରକ୍ଷା ପ୍ରଦାନ କରେ ଯାହା ସେ ବିଦ୍ୟମାନ ବୀମାକର୍ତ୍ତା ସହିତ ବୀମା ଚାଲୁ ରଖିଥିଲେ ଉପଭୋଗ କରିଥାନ୍ତା ।

ସ୍ୱାସ୍ଥ୍ୟ ପଲିସୀଗୁଡ଼ିକର ବୀମାକର୍ତ୍ତାମାନେ ସାଧାରଣତଃ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡ଼ିକ ସମ୍ବନ୍ଧୀୟ ବିବରଣୀ ପୁସ୍ତିକା ପ୍ରକାଶିତ କରିଥାନ୍ତି । ସେ ଭଳି କ୍ଷେତ୍ରରେ ପ୍ରସ୍ତାବ ଫର୍ମରେ ଏକ ଘୋଷଣାପତ୍ର ସମ୍ମିଳିତ ହୁଏ ଯେ ଗ୍ରାହକ ବିବରଣୀ ପୁସ୍ତିକାକୁ ପାଠ କରିଛି ଏବଂ ଏହା ସହିତ ସମ୍ମତ ଅଟେ ।

D. ପ୍ରିମିୟମ ରସିଦ

ଯେତେବେଳେ ପ୍ରିମିୟମ ଉଦ୍ଦେଶ୍ୟରେ ଗ୍ରାହକ ଦ୍ୱାରା ବୀମାକର୍ତ୍ତାଙ୍କୁ ପ୍ରିମିୟମ ପ୍ରଦାନ କରାଯାଏ, ବୀମାକର୍ତ୍ତା ଏକ ରସିଦ ଦେବା ପାଇଁ ବାଧ୍ୟ ଅଟେ । ଯେତେବେଳେ କୌଣସି ବି ପ୍ରିମିୟମ ଅଗ୍ରୀମ ରୂପେ ପ୍ରଦାନ କରାଯାଏ, ସେତେବେଳେ ବି ଏକ ରସିଦ ପ୍ରଦାନ କରାଯାଏ ।

ପରିଭାଷା

ପ୍ରିମିୟମ ହେଉଛି ବୀମାର ଏକ ଚୁକ୍ତି ଅନ୍ତର୍ଗତ, ବୀମାର ବିଷୟ ବସ୍ତୁକୁ ବୀମିତ କରିବା ପାଇଁ ବୀମିତ ଦ୍ୱାରା ବୀମାକର୍ତ୍ତାଙ୍କୁ ପ୍ରଦାନ କରାଯାଉଥିବା ପ୍ରତିଫଳ କିମ୍ବା ରାଶି ପରିମାଣ ।

---

1. ଅଗ୍ରୀମ ରେ ପ୍ରିମିୟମ ପ୍ରଦାନ (ବୀମା ଅଧିନିୟମ, 1938 ର ଅନୁଭାଗ 64 VB)

ବୀମା ଅଧିନିୟମ ଅନୁସାରେ, **ବୀମା ସୁରକ୍ଷା ଆରମ୍ଭ ହେବା ପୂର୍ବରୁ, ଅଗ୍ରୀମ ରୂପେ ପ୍ରିମିୟମକୁ ପ୍ରଦାନ କରାଯାଇଥାଏ ।** ଏହା ଏକ ମହତ୍ୱପୂର୍ଣ୍ଣ ପ୍ରାବଧାନ ଅଟେ, ଯାହା ସୁନିଶ୍ଚିତ କରେ ଯେ କେବଳ ସେତେବେଳେ ଯେତେବେଳେ ବୀମା କମ୍ପାନୀ ଦ୍ୱାରା ପ୍ରିମିୟମ ପ୍ରାପ୍ତ ହୋଇଥାଏ, ଏକ ବୈଧ ବୀମା ଚୁକ୍ତି ସଂପୂର୍ଣ୍ଣ କରାଯାଇପାରେ ଏବଂ ସଙ୍କଟକୁ ବୀମା କମ୍ପାନୀ ଧାରଣ କରିପାରେ । ଏହି ଅନୁଭାଗ ଭାରତର ଅଣ-ଜୀବନ ବୀମା ଉଦ୍ୟୋଗର ଏକ ବିଶେଷ ଲକ୍ଷଣ ଅଟେ ।

ମହତ୍ୱପୂର୍ଣ୍ଣ

a) ବୀମା ଅଧିନିୟମ-1938 ର ଅନୁଭାଗ 64 VB ପ୍ରାବଧାନ ରଖେ ଯେ କୌଣସି ବି ବୀମାକର୍ତ୍ତା କୌଣସି ସଙ୍କଟ ଧାରଣ କରିବ ନାହିଁ ଯେ ପର୍ଯ୍ୟନ୍ତ ପ୍ରିମିୟମକୁ ଅଗ୍ରୀମରେ ପ୍ରାପ୍ତ ହୋଇ ନାହିଁ କିମ୍ବା ପ୍ରଦାନ କରାଯିବ ବୋଲି ଗ୍ୟାରେଣ୍ଟି ଦିଆଯାଇ ନାହିଁ କିମ୍ବା ନିର୍ଦ୍ଧାରିତ ପ୍ରକାରେ ଅଗ୍ରୀମରେ ଜମା କରାଯାଇ ନାହିଁ ।

b) ଯେଉଁଠି ଏକ ବୀମା ଅଭିକର୍ତ୍ତା ଏକ ବୀମାକର୍ତ୍ତା ତରଫରୁ ଏକ ବୀମା ପଲିସୀ ଉପରେ ପ୍ରିମିୟମ ଜମା କରେ, ସେ ବ୍ୟାଙ୍କ କିମ୍ବା ପୋଷ୍ଟଲ ଛୁଟି ଦିନ ବ୍ୟତୀତ ଅନ୍ୟ ଦିନଗୁଡିକରେ ଜମା କରିବାର ଚବିଶ ଘଣ୍ଟା ମଧ୍ୟରେ ତାର କମିଶନ କୁ ବିନା କାଟି ଏକତ୍ର କରାଯାଇଥିବା ସଂପୂର୍ଣ୍ଣ ପ୍ରିମିୟମକୁ ବୀମାକର୍ତ୍ତା ପାଖରେ ଜମା କରିବ କିମ୍ବା ତା ପାଖକୁ ଡାକ ଦ୍ୱାରା ପଠାଇବ ।

c) ଏହାର ମଧ୍ୟ ପ୍ରାବଧାନ ରଖାଯାଇଛି ଯେ ସଙ୍କଟକୁ କେବଳ ସେହି ତାରିଖଠାରୁ ଧାରଣ କରାଯାଇପାରେ ଯେଉଁ ତାରିଖରେ ପ୍ରିମିୟମକୁ ନଗଦ ରୂପେ କିମ୍ବା ଚେକ୍ ଦ୍ୱାରା ପ୍ରଦାନ କରାଯାଇଥିବ ।

d) ଯେଉଁଠି ପ୍ରିମିୟମ କୁ ଡାକ ମାଧ୍ୟମରେ ପୋଷ୍ଟାଲ କିମ୍ବା ମନି ଅର୍ଡର କିମ୍ବା ଚେକ୍ ଦ୍ୱାରା ପ୍ରଦାନ କରାଯାଏ, ସଙ୍କଟକୁ ସେହି ତାରିଖଠାରୁ ଧାରଣ କରାଯାଇ ପାରେ ଯେଉଁ ତାରିଖରେ ମନି ଅର୍ଡରକୁ ବୁକ୍ କରାଯାଇଥିବ କିମ୍ବା ଚେକ୍ କୁ ପୋଷ୍ଟ କରାଯାଇଥିବ, ଯେମିତି ବି ପ୍ରକରଣ ହୋଇଥାଉ ।

e) ପ୍ରିମିୟମର କୌଣସି ରିଫଣ୍ଡ (ଫେରସ୍ତ) ଯାହା ପଲିସୀର ରଦ୍ଦକରଣ କିମ୍ବା ଏହାର ସର୍ତ୍ତ ଓ ପ୍ରତିବନ୍ଧରେ ପରିବର୍ତ୍ତନ କିମ୍ବା ଅନ୍ୟ ଯେ କୌଣସି କାରଣ ଯୋଗୁଁ ବୀମିତ ପାଇଁ ଦେୟ ହୋଇ ପାରେ, ଏହାକୁ ବୀମାକର୍ତ୍ତା ଦ୍ୱାରା ଏକ କ୍ରସ୍ଡ କିମ୍ବା ଅର୍ଡର ଚେକ୍ ଦ୍ୱାରା କିମ୍ବା ପୋଷ୍ଟାଲ/ମନି ଅର୍ଡର ଦ୍ୱାରା ପ୍ରତ୍ୟକ୍ଷ ରୂପେ ବୀମିତକୁ ପ୍ରଦାନ କରାଯିବ ଏବଂ ବୀମାକର୍ତ୍ତା ବୀମିତ ଠାରୁ ଏକ ଉପଯୁକ୍ତ ରସିଦ ପ୍ରାପ୍ତ କରିବ । ଆଜିକାଲି ବୀମିତର ବ୍ୟାଙ୍କ ଆକାଉଣ୍ଟରେ ରାଶିକୁ ସିଧା ଭାବେ ଜମା କରିବାର ପ୍ରଥା ଅଛି । ସେଭଳି ରିଫଣ୍ଡ କୁ କୌଣସି କ୍ଷେତ୍ରରେ ବି ଅଭିକର୍ତ୍ତାର ଆକାଉଣ୍ଟ ରେ ଜମା କରାଯିବ ନାହିଁ ।

ଉପରୋକ୍ତ ପୂର୍ବ-ସର୍ତ୍ତ ପ୍ରିମିୟମ ପ୍ରଦାନ ରେ ଅପବର୍ଜନ ଗୁଡିକ ରହିଛି, ଯାହା ବୀମା ନିୟମାବଳୀ 58 ଏବଂ 59 ରେ ଦିଆଯାଇଛି । ଗୋଟିଏ ହେଉଛି ସେସବୁ ପଲିସୀ ଯାହା 12 ମାସରୁ ଅଧିକ ସମୟ ପାଇଁ ଚାଲୁ ରହେ ଯେପରିକି ଜୀବନ ବୀମା ପଲିସୀ, ସେଗୁଡିକ କ୍ଷେତ୍ରରେ କିସ୍ତିରେ ଦେୟ ପ୍ରଦାନ । ଅନ୍ୟସବୁ ଅନ୍ତର୍ଭୁକ୍ତ କରନ୍ତି କେତେକ ବିନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏକ ବ୍ୟାଙ୍କ ଗ୍ୟାରେଣ୍ଟି ଜରିଆରେ ଦେୟ ପ୍ରଦାନ ଯେଉଁଠି ସଠିକ୍ ପ୍ରିମିୟମ କୁ ଅଗ୍ରୀମ ରେ ସୁନିଶ୍ଚିତ କରାଯାଇ ପାରେ ନାହିଁ ଅଥବା ବୀମାକର୍ତ୍ତା ସହିତ କ୍ଲାଏଣ୍ଟ ଦ୍ୱାରା ରଖାଯାଇଥିବା ନଗଦ ଜମା ଆକାଉଣ୍ଟ ରେ ଡେବିଟ୍ ଜରିଆରେ ।

2. **ପ୍ରିମିୟମ ପ୍ରଦାନର ପଦ୍ଧତି**

ମହତ୍ତ୍ୱପୂର୍ଣ୍ଣ

ଏକ ବୀମା ପଲିସୀ ନେବାପାଇଁ ପ୍ରସ୍ତାବ ଦେଉଥିବା କୌଣସି ବ୍ୟକ୍ତି ଦ୍ୱାରା କିମ୍ବା ପଲିସୀଧାରୀ ଦ୍ୱାରା ବୀମାକର୍ତ୍ତାଙ୍କୁ ନିମ୍ନ ପଦ୍ଧତିଗୁଡିକ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ରୂପେ ପ୍ରଦାନ କରିବାକୁ ଥିବା ପ୍ରିମିୟମକୁ ଦିଆଯାଇପାରେ :

a) ନଗଦ;

b) କୌଣସି ମାନ୍ୟତାପ୍ରାପ୍ତ ବ୍ୟାଙ୍କିଙ୍ଗ୍ ନେଗୋଶିଏବଲ୍ ସାଧନ ଯେପରି କି ଭାରତର କୌଣସି ବି ଅନୁସୂଚୀତ ବ୍ୟାଙ୍କ ରେ ଡ୍ର କରାଯାଇଥିବା ଚେକ୍., ଡିମାଣ୍ଡ ଡ୍ରାଫ୍ଟ, ପେ ଅର୍ଡର, ବ୍ୟାଙ୍କର୍ସ ଚେକ୍ ;

c) ପୋଷ୍ଟାଲ ମନି ଅର୍ଡର;

d) କ୍ରେଡିଟ୍ କିମ୍ବା ଡେବିଟ କାର୍ଡ;

e) ବ୍ୟାଙ୍କ ଗ୍ୟାରେଣ୍ଟି କିମ୍ବା ନଗଦ ଜମା;

f) ଇଣ୍ଟରନେଟ;

g) ଇ-ଟ୍ରାନ୍ସଫର;

h) ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ପ୍ରସ୍ତାବକ କିମ୍ବା ପଲିସୀଧାରୀ କିମ୍ବା ଜୀବନ ବୀମିତର ସ୍ଥାୟୀ ନିର୍ଦ୍ଦେଶ ଦ୍ୱାରା ପ୍ରତ୍ୟକ୍ଷ କ୍ରେଡିଟ;

i) ସମୟ ସମୟରେ ପ୍ରାଧିକରଣ ଦ୍ୱାରା ସ୍ୱୀକୃତ ହେଉଥିବା ଅନ୍ୟ କୌଣସି ପଦ୍ଧତି କିମ୍ବା ଦେୟପ୍ରଦାନ ।

IRDAI ବିନିୟମନ ଅନୁସାରେ, ଯଦି ପ୍ରସ୍ତାବକ/ପଲିସୀଧାରୀ ନେଟ୍ ବ୍ୟାଙ୍କିଙ୍ଗ୍ କିମ୍ବା କ୍ରେଡିଟ୍/ଡେବିଟ୍ କାର୍ଡ ଜରିଆରେ ପ୍ରିମିୟମ ପ୍ରଦାନର ଚୟନ କରେ । ଦେୟ ପ୍ରଦାନ କେବଳ ନେଟ୍ ବ୍ୟାଙ୍କିଙ୍ଗ୍ ଆକାଉଣ୍ଟ କିମ୍ବା ସେହି ପ୍ରସ୍ତାବିକ/ ପଲିସୀଧାରୀର ନାମରେ ଜାରୀ କରାଯାଇଥିବା କ୍ରେଡିଟ୍/ଡେବିଟ୍ କାର୍ଡ ମାଧ୍ୟମରେ ନିଶ୍ଚିତ ରୂପେ କରାଯିବା ଉଚିତ୍ ।

ସ୍ୱୟଂ ପରୀକ୍ଷଣ କରନ୍ତୁ **2**

ଯଦି ପ୍ରିମିୟମ ପ୍ରଦାନ ଚେକ୍ ଦ୍ୱାରା କରାଯାଏ, ତେବେ ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ସତ୍ୟ ହେବ ?

I. ସଂକଟକୁ ସେହି ତାରିଖରେ ଧାରଣ କରାଯାଇପାରେ ଯେଉଁ ଦିନ ଚେକ୍ କୁ ପୋଷ୍ଟ କରାଯାଏ

II. ସଙ୍କଟକୁ ସେହି ତାରିଖରେ ଧାରଣ କରାଯାଇପାରେ ଯେଉଁ ଦିନ ଚେକ୍ କୁ ବୀମା କମ୍ପାନୀ ଦ୍ୱାରା ଜମା କରାଯାଏ

III. ସଙ୍କଟକୁ ସେହି ତାରିଖରେ ଧାରଣ କରାଯାଇପାରେ ଯେଉଁ ଦିନ ଚେକ୍ ଟି ବୀମା କମ୍ପାନୀ ଦ୍ୱାରା ପ୍ରାପ୍ତ ହୁଏ

IV. ସଙ୍କଟକୁ ସେହି ତାରିଖରେ ଧାରଣ କରାଯାଇପାରେ ଯେଉଁ ଦିନ ଚେକ୍ କୁ ପ୍ରସ୍ତାବକ ଦ୍ୱାରା ଜାରୀ କରାଯାଏ

E. ପଲିସୀ ଦସ୍ତାବିଜ

ପଲିସୀ ଦସ୍ତାବିଜ

ପଲିସୀ ହେଉଛି ଏକ ଔପଚାରିକ ଦସ୍ତାବିଜ ଯାହା ବୀମା ଚୁକ୍ତିର ଏକ ପ୍ରମାଣ ପ୍ରଦାନ କରେ । ଏହି ଦସ୍ତାବିଜ ରେ ଭାରତୀୟ ଷ୍ଟାମ୍ପ ଆଇନ, 1899 ର ପ୍ରାବଧାନ ଅନୁସାରେ ଷ୍ଟାମ୍ପ ଲଗାଇବାକୁ ପଡ଼େ ।

ପଲିସୀଧାରୀ ର ହିତ ର ସୁରକ୍ଷା ପାଇଁ IRDAI ବିନିୟମନ ବିନିର୍ଦ୍ଦିଷ୍ଟ କରିଛି ଏକ ସ୍ୱାସ୍ଥ୍ୟ ବୀମା ପଲିସୀରେ କ'ଣ ଅନ୍ତର୍ଭୁକ୍ତ ହେବା ଉଚିତ୍ :

a) ବୀମିତ ଏବଂ ବିଷୟ ବସ୍ତୁରେ ବୀମାଯୋଗ୍ୟ ହିତ ଥିବା କୌଣସି ଅନ୍ୟ ବ୍ୟକ୍ତିର ନାମ (ଗୁଡିକ) ଏବଂ ଠିକଣା (ଗୁଡିକ)
b) ବୀମିତ ବ୍ୟକ୍ତି କିମ୍ବା ହିତ ର ସଂପୂର୍ଣ୍ଣ ବିବରଣୀ
c) ପଲିସୀ ଅନ୍ତର୍ଗତ ବ୍ୟକ୍ତି ଏବଂ/କିମ୍ବା ବିପତ୍ତି ଅନୁସାରେ ବୀମା ରାଶି
d) ବୀମା ଅବଧି
e) ସୁରକ୍ଷା ପ୍ରାପ୍ତ ହୋଇଥିବା ବିପତ୍ତି ଏବଂ ଅପବର୍ଜନ
f) ପ୍ରଯୁଜ୍ୟ କୌଣସି ଅତିରିକ୍ତ / କାଟଯୋଗ୍ୟ
g) ଦେୟ ଯୋଗ୍ୟ ପ୍ରିମିୟମ ଏବଂ ଏଡଜଷ୍ଟମେଣ୍ଟ ଅଧୀନରେ ଯେଉଁଠି ପ୍ରିମିୟମ ସାମୟିକ ହୋଇଥାଏ, ପ୍ରିମିୟମ ଏଡଜଷ୍ଟମେଣ୍ଟର ଆଧାର
h) ଲିସୀ ସର୍ତ୍ତ, ପ୍ରତିବନ୍ଧ ଏବଂ ୱାରେଣ୍ଟି
i) ପଲିସୀ ଅନ୍ତର୍ଗତ ଦାବୀ ଉପୁଜିବାର ସମ୍ଭାବନା ଥିବା ଏକ ଆକସ୍ମିକତାର ଘଟଣାରେ ବୀମିତ ଦ୍ୱାରା ନେବାକୁ ଥିବା ପଦକ୍ଷେପ
j) ଦାବୀ ଉପୁଜାଉଥିବା ଏକ ଘଟଣା ଘଟିବାରେ ବୀମାର ବିଷୟ ବସ୍ତୁ ସମ୍ବନ୍ଧୀୟ ବୀମିତର କର୍ତ୍ତବ୍ୟ ଏବଂ ସେହି ପରିସ୍ଥିତିରେ ବୀମାକର୍ତ୍ତା ର ଅଧିକାର
k) କୌଣସି ବିଶେଷ ସର୍ତ୍ତ
l) ଭୂଲ ଚିତ୍ରଣ, କପଟ, ଆବଶ୍ୟକୀୟ ତଥ୍ୟର ଅଣ-ପ୍ରକଟୀକରଣ କିମ୍ବା ବୀମିତର ଅସହଯୋଗ ଯୋଗୁଁ ପଲିସୀର ରଦ୍ଦକରଣ ପାଇଁ ପ୍ରାବଧାନ
m) ବୀମାକର୍ତ୍ତା ର ଠିକଣା ଯେଉଁଥିରେ ପଲିସୀ ସମ୍ବନ୍ଧୀୟ ସମସ୍ତ ସୂଚନା ପଠାଯାଇପାରେ
n) ର୍ରାଇଡରଗୁଡିକର ବିବରଣୀ, ଯଦି କିଛି ଥାଏ
o) ଅଭିଯୋଗ ନିବାରଣ ପ୍ରକ୍ରିୟାର ବିବରଣୀ ଏବଂ ଲୋକପାଳର ଠିକଣା

ପ୍ରତ୍ୟେକ ବୀମାକର୍ତ୍ତାକୁ ପଲିସୀ ଅନ୍ତର୍ଗତ ଉପୁଜୁଥିବା ଏକ ଦାବୀ ଉପସ୍ଥାପିତ କରିବା ସମ୍ବନ୍ଧରେ ବୀମିତ ଦ୍ୱାରା ପୂରଣ କରିବାକୁ ଥିବା ଆବଶ୍ୟକତାଗୁଡିକ ଏବଂ ଏକ ଦାବୀର ସମାଧାନ ଶୀଘ୍ର କରିବାକୁ ବୀମାକର୍ତ୍ତାକୁ ସକ୍ଷମ କରିବା ପାଇଁ ତା' ଦ୍ୱାରା ଅନୁପାଳନ କରିବାକୁ ଥିବା ପ୍ରକ୍ରିୟାଗୁଡିକ ବିଷୟରେ ସୂଚନା ଦେବାକୁ ଏବଂ (ବୀମିତକୁ) ଆବର୍ତ୍ତକ ରୂପେ ସୂଚୀତ କରିବାକୁ ପଡିବ ।

F. ସର୍ତ୍ତ ଏବଂ ୱାରେଣ୍ଟି

ଏଇଠି, ପଲିସୀ ଶବ୍ଦ-ଯୋଜନା ରେ ବ୍ୟବହାର କରାଯାଉଥିବା ଦୁଇଟି ମହତ୍ୱପୂର୍ଣ୍ଣ ପଦ ବିଷୟରେ ବ୍ୟାଖ୍ୟା କରିବା ମହତ୍ୱପୂର୍ଣ୍ଣ ଅଟେ । ଏଗୁଡିକୁ ସର୍ତ୍ତ ଏବଂ ୱାରେଣ୍ଟି କୁହାଯାଏ ।

1. ସର୍ତ୍ତ

ଏକ ସର୍ତ୍ତ ହେଉଛି ବୀମା ଚୁକ୍ତିରେ ଏକ ପ୍ରାବଧାନ ଯାହା ରାଜିନାମାର ଆଧାର ହୋଇଥାଏ ।

ଉଦାହରଣ :

a. ଅଧିକାଂଶ ବୀମା ପଲିସୀରେ ଥିବା ଆଦର୍ଶ ସର୍ତ୍ତାବଳୀ ମଧ୍ୟରୁ ଗୋଟିଏ ଉଲ୍ଲେଖ କରେ:

ଯଦି ଦାବୀଟି କୌଣସି ବି ଦିଗରୁ କପଟପୂର୍ଣ୍ଣ/ଜାଲିଆତି ହୁଏ, କିମ୍ବା ଯଦି ତାର ସମର୍ଥନ ରେ କୌଣସି ମିଥ୍ୟା ଘୋଷଣାପତ୍ର ଦିଆଯାଏ କିମ୍ବା ବ୍ୟବହୃତ ହୁଏ କିମ୍ବା ଯଦି ପଲିସୀ ଅନ୍ତର୍ଗତ କିଛି ଲାଭ ପ୍ରାପ୍ତ ହେବା ପାଇଁ ବୀମିତ ଦ୍ୱାରା ଅଥବା ତା ତରଫରୁ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି ଦ୍ୱାରା କୌଣସି କପଟପୂର୍ଣ୍ଣ ସାଧନ କିମ୍ବା ଉପକରଣର ବ୍ୟବହାର କରାଯାଏ କିମ୍ବା ବୀମିତ ଉଦ୍ଦେଶ୍ୟମୂଳକ କାର୍ଯ୍ୟ ଅଥବା ମୌନ ସମ୍ମତି ଦ୍ୱାରା କୌଣସି ହାନି କିମ୍ବା ନଷ୍ଟ ହୋଇଥାଏ, ଏହି ପଲିସୀ ଅନ୍ତର୍ଗତ ସମସ୍ତ ଲାଭରୁ ବଞ୍ଚିତ କରାଯିବ ।

b. ଏକ ସ୍ୱାସ୍ଥ୍ୟ ପଲିସୀରେ ଥିବା ଦାବୀ ସୂଚନା ସର୍ତ୍ତ ଉଲ୍ଲେଖ କରିପାରେ :

ଦାବୀକୁ ନିଶ୍ଚିତ ରୂପେ ଡାକ୍ତରଖାନାରୁ ହୋଇଥିବା ଡିସ୍ଚାର୍ଜ ତାରିଖ ଠାରୁ କିଛି ଦିନ ମଧ୍ୟରେ ଫାଇଲ କରିବା ଉଚିତ୍ । ଅବଶ୍ୟ, ଏହି ସର୍ତ୍ତର ୱେଭର କୁ ବିପତ୍ତି / କଷ୍ଟର ଚରମ ପରିପ୍ରେକ୍ଷୀରେ ବିଚାର କରାଯାଇପାରେ ଯେଉଁଠି ଏହା କମ୍ପାନୀର ସନ୍ତୋଷ ପାଇଁ ଏହା ପ୍ରମାଣିତ କରାଯାଏ ଯେ ଯେଉଁ ପରିସ୍ଥିତିରେ ବୀମିତକୁ ରହିଥିଲା, ସେଥିରେ ନିର୍ଦ୍ଧାରିତ ସମୟ – ସୀମା ମଧ୍ୟରେ ତା' ପାଇଁ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ପାଇଁ ସେଭଳି ସୂଚନା ଦେବା କିମ୍ବା ଦାବୀ ଫାଇଲ କରିବା ସମ୍ଭବ ନ ଥିଲା ।

ସର୍ତ୍ତର ଉଲଘଂନ ବୀମାକର୍ତ୍ତାର ଇଚ୍ଛାରେ ପଲିସୀକୁ ନିଷ୍କ୍ରିୟ କରି ଦିଏ ।

2. ୱାରେଣ୍ଟି

କେତେକ ପରିସ୍ଥିତି ଅନ୍ତର୍ଗତ ବୀମାକର୍ତ୍ତାର ଦାୟିତ୍ୱ କୁ ସୀମିତ କରିବା ପାଇଁ ଏକ ବୀମା ଚୁକ୍ତିରେ ୱାରେଣ୍ଟିର ଉପଯୋଗ କରାଯାଏ । ଆପଦକୁ କମ୍ କରିବା ପାଇଁ ମଧ୍ୟ ବୀମାକର୍ତ୍ତାମାନେ ୱାରେଣ୍ଟିକୁ ଏକ ପଲିସୀରେ ଅନ୍ତର୍ଭୁକ୍ତ କରନ୍ତି । ଏକ ୱାରେଣ୍ଟି ସହିତ, ବୀମିତ କେତେକ କର୍ତ୍ତବ୍ୟ ସଂପାଦନ କରିବାର ଦାୟିତ୍ୱ ନିଏ ଯାହାର ଅନୁପାଳନ ଏକ ନିର୍ଦ୍ଦିଷ୍ଟ ସମୟାବଧି ମଧ୍ୟରେ ଏବଂ ପଲିସୀ ଅବଧିରେ ମଧ୍ୟ କରାଯାଏ ଏବଂ ବୀମାକର୍ତ୍ତାର ଦାୟିତ୍ୱ ଏହି କର୍ତ୍ତବ୍ୟ ଗୁଡିକୁ ବୀମିତର ଅନୁପାଳନ କରିବା ଉପରେ ନିର୍ଭର କରେ । ୱାରେଣ୍ଟିଗୁଡିକ ସଙ୍କଟକୁ ପରିଚାଳିତ ଏବଂ ଉନ୍ନତ କରିବାରେ ଏକ ଆବଶ୍ୟକ ଭୂମିକା ଗ୍ରହଣ କରନ୍ତି ।

ଏକ ୱାରେଣ୍ଟି ହେଉଛି ଏକ ସର୍ତ୍ତ ଯାହାକୁ ସ୍ପଷ୍ଟ ରୂପେ ପଲିସୀରେ ଉଲ୍ଲେଖ କରାଯାଇଥାଏ ଯାହାର ଅନୁପାଳନ ଚୁକ୍ତିର ବୈଧତା ପାଇଁ ବସ୍ତୁତଃ କରାଯାଏ । ୱାରେଣ୍ଟି ଏକ ଅଲଗା ଦସ୍ତାବିଜ ହୋଇ ନ ଥାଏ । ଏହା ପଲିସୀ ଦସ୍ତାବିଜର ଅଂଶ ଅଟେ । ଏହା ଚୁକ୍ତିର ପୂର୍ବବର୍ତ୍ତୀ ସର୍ତ୍ତ ଅଟେ (ଯାହା ଚୁକ୍ତିର ଅନ୍ୟାନ୍ୟ ସର୍ତ୍ତର ପୂର୍ବରୁ କାର୍ଯ୍ୟ କରେ) । ଏହାକୁ କଠୋର ଭାବେ ଓ ବସ୍ତୁତଃ ନିରୀକ୍ଷଣ ଓ ଅନୁପାଳନ କରିବା ଉଚିତ୍ । ଏହା ସଙ୍କଟ ପାଇଁ ଆବଶ୍ୟକ ହୋଇଥାଉ ଅଥବା ହୋଇ ନ ଥାଉ ।

ଯଦି ଏକ ୱାରେଣ୍ଟିକୁ ପୂରଣ କରା ନ ଯାଏ, ବୀମାକର୍ତ୍ତାମାନଙ୍କ ଇଚ୍ଛାରେ ପଲିସୀ ନିଷ୍କ୍ରିୟ ହୋଇଯାଏ ଯଦି ଏହାକୁ ସ୍ପଷ୍ଟ ରୂପେ ପ୍ରମାଣିତ କରାଯାଇଛି ଯେ ଉଲଘଂନ ଦ୍ୱାରା ଏକ ବିଶେଷ ହାନି ହୋଇନାହିଁ କିମ୍ବା ଏଥିରେ ତାହାର ଅବଦାନ ନାହିଁ । ଅବଶ୍ୟ, ବ୍ୟବହାରିକ ରୂପେ, ଯଦି ୱାରେଣ୍ଟିର ଉଲଘଂନ ସଂପୂର୍ଣ୍ଣରୂପେ ବୈଷୟିକ ପ୍ରକୃତିର ହୋଇଥାଏ ଏବଂ କୌଣସି ରୂପେ ବି, ହାନିରେ ଏହାର ଅବଦାନ ନାହିଁ କିମ୍ବା ହାନି ର ଗମ୍ଭୀରତାକୁ ବଢ଼ାଇ ନାହିଁ, ବୀମାକର୍ତ୍ତାମାନେ ନିଜର ବିବେକ ଅନୁସାରେ କମ୍ପାନୀ ପଲିସୀର ମାନଦଣ୍ଡ ଓ ମାର୍ଗଦର୍ଶିକା ଅନୁଯାୟୀ ଦାବୀକୁ ପ୍ରୋସେସ୍ କରିପାରନ୍ତି । ସେଭଳି କ୍ଷେତ୍ରରେ, ହାନିଗୁଡ଼ିକୁ ମଧ୍ୟମାର୍ଗ ଦାବୀ ରୂପେ ବିଚାର କରାଯାଇପାରେ ଏବଂ ସାଧାରଣତଃ ଦାବୀର ଅଧିକ ପ୍ରତିଶତ ରେ ସମାଧାନ କରାଯାଏ, 100 ପ୍ରତିଶତରେ ନୁହେଁ ।

ଏକ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀରେ ନିମ୍ନ ୱାରେଣ୍ଟି ଥାଇ ପାରେ :

ଏହାର ଅଧିପତ୍ର ଦିଆଯାଉଛି ଯେ ପାଞ୍ଚଜଣ ବୀମିତ ବ୍ୟକ୍ତି ଠାରୁ ଅଧିକ ଏକାଠି ସେହି ଏକା ସମୟରେ ସେହି ସମାନ ବାୟୁଯାନରେ ଯାତ୍ରା କରିବା ଉଚିତ୍ ନୁହେଁ । ୱାରେଣ୍ଟି ଏହା କହି ପାରେ ଯେ ଦାବୀଗୁଡ଼ିକୁ କେମିତି ସମାଧାନ କରାଯିବ ଯଦି ଏହି ୱାରେଣ୍ଟିର ଉଲଘଂନ ହୁଏ ।

ସ୍ୱୟଂ ପରୀକ୍ଷଣ କରନ୍ତୁ **3**

ଏକ ୱାରେଣ୍ଟି ସମ୍ବନ୍ଧରେ ନିମ୍ନ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଟି ସଠିକ୍ ଅଟେ ?

I. ଏକ ୱାରେଣ୍ଟି ହେଉଛି ଏକ ସର୍ତ୍ତ ଯାହାର ନିହିତାର୍ଥ ପଲିସୀରେ ଉଲ୍ଲେଖ କରିବା ବିନା ଜଣା ପଡିଥାଏ

II. ଏକ ୱାରେଣ୍ଟି ହେଉଛି ଏକ ସର୍ତ୍ତ ଯାହାକୁ ପଲିସୀରେ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇଥାଏ

III. ଏକ ୱାରେଣ୍ଟି ହେଉଛି ଏକ ସର୍ତ୍ତ ଯାହାକୁ ପଲିସୀରେ ସ୍ପଷ୍ଟ ରୂପେ ଉଲ୍ଲେଖ କରା ଯାଇଥାଏ ଏବଂ ବୀମିତକୁ ଅଲଗା ରୂପେ ସୂଚୀତ କରାଯାଇଥାଏ, ପଲିସୀ ଦସ୍ତାବିଜର ଅଂଶ ରୂପେ ନୁହେଁ

IV. ଯଦି ଏକ ୱାରେଣ୍ଟିର ଉଲଘଂନ କରାଯାଏ, ଦାବୀକୁ ତଥାପି ପ୍ରଦାନ କରାଯାଇପାରେ ଯଦି ଏହା ସଙ୍କଟ ପାଇଁ ଆବଶ୍ୟକ ହୋଇ ନ ଥାଏ

G. ପୃଷ୍ଠାଙ୍କନ

ପଲିସୀଗୁଡିକୁ ଏକ ଆଦର୍ଶ ଫର୍ମରେ ଜାରୀ କରିବା ବୀମାକର୍ତ୍ତାମାନଙ୍କ ପ୍ରଥା ଅଟେ ; ଯେଉଁଥିରେ କିଛି ବିପତ୍ତିକୁ ସୁରକ୍ଷା ପ୍ରଦାନ କରାଯାଇଥାଏ ଏବଂ ଅନ୍ୟ କେତେକକୁ ଅପବର୍ଜିତ କରାଯାଇଥାଏ ।

ପରିଭାଷା

ଯଦି ଜାରୀ ସମୟରେ ପଲିସୀର କେତେକ ସର୍ତ୍ତ ଓ ପ୍ରତିବନ୍ଧକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଥାଏ, ପୃଷ୍ଠାଙ୍କନ କୁହାଯାଉଥିବା ଏକ ଦସ୍ତାବିଜ ଜରିଆରେ ସଂଶୋଧନ/ପରିବର୍ତ୍ତନଗୁଡିକୁ ନିର୍ଦ୍ଦିଷ୍ଟ କରି ଏହା କରାଯାଇଥାଏ ।

ଏହାକୁ ପଲିସୀ ସହିତ ସଂଲଗ୍ନ କରାଯାଏ ଏବଂ ଏହାର ଅଂଶ ହୁଏ । ପଲିସୀ ଏବଂ ପୃଷ୍ଠାଙ୍କନ ଏକତ୍ର ଚୁକ୍ତି ଗଠିତ କରିଥାନ୍ତି । ପରିବର୍ତ୍ତନ /ସଂଶୋଧନଗୁଡିକୁ ରେକର୍ଡ କରିବା ପାଇଁ ପଲିସୀ ଚାଲୁ ରହିଥିବା ସମୟରେ ମଧ୍ୟ ପୃଷ୍ଠାଙ୍କନ ଗୁଡିକୁ ଜାରୀ କରାଯାଇ ପାରେ ।

ଯେତେବେଳେ ବି ଆବଶ୍ୟକୀୟ ତଥ୍ୟ/ସୂଚନା ପରିବର୍ତ୍ତନ ହୁଏ, ବୀମିତକୁ ବୀମା କମ୍ପାନୀକୁ ସୂଚୀତ କରିବାକୁ ପଡ଼େ ଯିଏ ଏହାକୁ ଧ୍ୟାନରେ ନେଇଥାଏ ଏବଂ ତାହାକୁ ପୃଷ୍ଠାଙ୍କନ ମାଧ୍ୟମରେ ବୀମା ଚୁକ୍ତିର ଅଂଶ ରୂପେ ସମ୍ମିଳିତ କରିଥାଏ ।

ସାଧାରଣତଃ ଏକ ପଲିସୀ ଅନ୍ତର୍ଗତ ଆବଶ୍ୟକୀୟ ପୃଷ୍ଠାଙ୍କନ ଗୁଡିକ ନିମ୍ନ ସମ୍ବନ୍ଧରେ ହୋଇଥାନ୍ତି :

a) ବୀମାରାଶିରେ ଭିନ୍ନତା/ପରିବର୍ତ୍ତନ

b) ଏକ ଋଣ ନେବା ଏବଂ ପଲିସୀକୁ ବ୍ୟାଙ୍କରେ ବନ୍ଧକ ରଖିବା ଆକାରରେ ବୀମାଯୋଗ୍ୟ ହିତ ର ପରିବର୍ତ୍ତନ

c) ଅତିରିକ୍ତ ବିପଦ କୁ ସୁରକ୍ଷିତ କରିବା ପାଇଁ ବୀମାର ବୃଦ୍ଧି/ପଲିସୀ ଅବଧିର ବୃଦ୍ଧି

d) ସଙ୍କଟ ରେ ପରିବର୍ତ୍ତନ, ଉ.ସ୍ୱ. ସମୁଦ୍ରପାରୀ /ବିଦେଶ ଯାତ୍ରା ପଲିସୀ ପରିପ୍ରେକ୍ଷୀରେ ଲକ୍ଷ୍ୟସ୍ଥଳ ର ପରିବର୍ତ୍ତନ

e) ଅନ୍ୟ ଏକ ସ୍ଥାନକୁ ସମ୍ପତ୍ତି ର ସ୍ଥାନାନ୍ତରଣ

f) ବୀମା ର ରଦ୍ଦକରଣ

g) ନାମ କିମ୍ବା ଠିକଣା ଇତ୍ୟାଦି ରେ ପରିବର୍ତ୍ତନ

ନମୂନା ପୃଷ୍ଠାଙ୍କନ

ଦୃଷ୍ଟାନ୍ତ ଉଦ୍ଦେଶ୍ୟରେ, କେତେକ ପୃଷ୍ଠାଙ୍କନ ର ନମୂନା ଶବ୍ଦ-ଯୋଜନାଗୁଡିକ ନିମ୍ନରେ ପୁନଃପ୍ରସ୍ତୁତ କରାଗଲା :

ପଲିସୀର ରଦ୍ଦ କରଣ

ବୀମିତର ଅନୁରୋଧରେ ଏହି ପଲିସୀ ଦ୍ୱାରା ଦିଆଯାଇଥିବା ବୀମାକୁ ଏତଦ୍ଦ୍ୱାରା < ତାରିଖ > ଠାରୁ କରାଗଲା ବୋଲି ଘୋଷଣା କରାଯାଇଛି । ବୀମା ନଅ ମାସରୁ ଅଧିକ ଅବଧି ପାଇଁ ପ୍ରଭାବୀ ରହିଥିବାରୁ, ବୀମିତ ପାଇଁ କୌଣସି ରିଫଣ୍ଡ (ଫେରସ୍ତ) ଦେୟ ନାହିଁ ।

ପଲିସୀରେ ଅତିରିକ୍ତ ସଦସ୍ୟ ପର୍ଯ୍ୟନ୍ତ ବୀମା ସୁରକ୍ଷାର ବିସ୍ତାର

ବୀମିତର ଅନୁରୋଧରେ, ଏତଦ୍ଦ୍ୱାରା ସୁଶ୍ରୀ ରତ୍ନା ମିସ୍ତ୍ରୀ, 5 ବର୍ଷ ବୟସ୍କା ବୀମିତ ର ପୁତ୍ରୀ କୁ <ତାରିଖ > ଠାରୁ ପ୍ରଭାବ ସହିତ ଟ 3. ଲକ୍ଷର ବୀମା ରାଶି ସହିତ ସମ୍ମିଳିତ କରିବା ପାଇଁ ସମ୍ମତି ପ୍ରଦାନ କରାଯାଉଛି ।

ପ୍ରତିଫଳ ସ୍ୱରୂପ, ବୀମିତ ଉପରେ ଏତଦ୍ଦ୍ୱାରା ଟ. .... ର ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଉଛି ।

ସ୍ୱୟଂ ପରୀକ୍ଷଣ କରନ୍ତୁ **4**

ଯଦି ଜାରୀ ସମୟରେ ପଲିସୀର କେତେକ ସର୍ତ୍ତ ଓ ପ୍ରତିବନ୍ଧ କୁ ପରିବର୍ତ୍ତିତ କରିବାର ଆବଶ୍ୟକତା ରହେ, _____________ ଜରିଆରେ ସଂଶୋଧନଗୁଡିକୁ ନିର୍ଦ୍ଦିଷ୍ଟ କରି ଏହା କରାଯାଇଥାଏ ।

I. ୱାରେଣ୍ଟି

II. ପରିବର୍ତ୍ତନ

III. ପୃଷ୍ଠାଙ୍କନ

IV. ପରିବର୍ତ୍ତନଗୁଡିକ ସମ୍ଭବ ନୁହେଁ

H. *ପଲିସୀଗୁଡିକର ବ୍ୟାଖ୍ୟା*

ବୀମାର ଚୁକ୍ତିଗୁଡିକ ଲିଖିତ ରୂପେ ପ୍ରକାଶ କରାଯାଏ ଏବଂ ବୀମା ପଲିସୀ ଶବ୍ଦ-ଯୋଜନାକୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ଡ୍ରାଫ୍ଟ କରାଯାଇଥାଏ । ଏହି ପଲିସୀଗୁଡିକୁ ଗଠନ କିମ୍ବା ବ୍ୟାଖ୍ୟାର ଉତ୍ତମ ରୂପେ ପରିଭାଷିତ ନିୟମାବଳୀ ଅନୁସାରେ ବ୍ୟାଖ୍ୟା କରିବାକୁ ପଡ଼ିବ ଯାହାକୁ ବିଭିନ୍ନ ନ୍ୟାୟାଳୟ ଦ୍ୱାରା ପ୍ରମାଣିତ କରାଯାଇଛି । ଗଠନ ର ସବୁଠୁ ମହତ୍ୱପୂର୍ଣ୍ଣ ନିୟମ ହେଉଛି ପକ୍ଷମାନଙ୍କ ଉଦ୍ଦେଶ୍ୟ ନିଶ୍ଚିତ ରୂପେ ପ୍ରଭାବୀ ହେବା ଉଚିତ୍ ଏବଂ ଏହି ଉଦ୍ଦେଶ୍ୟକୁ ସ୍ୱୟଂ ପଲିସୀରେ ହିଁ ଖୋଜିବାକୁ ପଡ଼େ । ଯଦି ପଲିସୀଟି ଅସ୍ପଷ୍ଟ ରୂପେ ଜାରୀ କରାଯାଏ, ଏହାକୁ ନ୍ୟାୟାଳୟ ଦ୍ୱାରା ବୀମିତ ର ପକ୍ଷରେ ଏବଂ ବୀମାକର୍ତ୍ତାର ବିପକ୍ଷରେ ବ୍ୟାଖ୍ୟା କରାଯିବ ଏହି ସାଧାରଣ ସିଦ୍ଧାନ୍ତ ଉପରେ ଯେ ପଲିସୀକୁ ବୀମାକର୍ତ୍ତା ଦ୍ୱାରା ଡ୍ରାଫ୍ଟ କରାଯାଇଥିଲା ।

ପଲିସୀ ଶବ୍ଦାବଳୀକୁ ନିମ୍ନ ନିୟମାବଳୀ ଅନୁଯାୟୀ ବୁଝାଯାଏ ଏବଂ ବ୍ୟାଖ୍ୟା କରାଯାଏ :

a) ପ୍ରକଟିତ କିମ୍ବା ଲିଖିତ ସର୍ତ୍ତ ନିହିତ ସର୍ତ୍ତରୁ ଓଭରରାଇଡ୍ କରିଥାଏ କେବଳ ସେହି ସ୍ଥାନ ବ୍ୟତୀତ ଯେଉଁଠି ସେ ଭଳି କରିବାରେ ଅସଙ୍ଗତି ରହିଥାଏ ।

b) ଆଦର୍ଶ ପ୍ରିଣ୍ଟ କରାଯାଇଥିବା ପଲିସୀ ଫର୍ମ ଏବଂ ଟାଇପ୍ କରାଯାଇଥିବା କିମ୍ବା ହସ୍ତଲିଖିତ ଅଂଶ ମଧ୍ୟରେ ପଦ ଗୁଡିକରେ ଅନ୍ତର୍ବିରୋଧ ପରିପ୍ରେକ୍ଷୀରେ, ଟାଇପ୍ କରାଯାଇଥିବା କିମ୍ବା ହସ୍ତଲିଖିତ ଅଂଶ ସେହି ବିଶେଷ ଚୁକ୍ତିରେ ପକ୍ଷଗୁଡିକର ଅଭିପ୍ରାୟକୁ ପ୍ରକଟ କରେ ବୋଲି ଧରାଯାଏ, ଏବଂ ସେଗୁଡିକର ଅର୍ଥ ମୂଳ ରୂପେ ପ୍ରିଣ୍ଟ କରାଯାଇଥିବା ଶବ୍ଦଗୁଡିକର ଅର୍ଥକୁ ଅସ୍ୱୀକାର କରିବ ।

c) ଯଦି ଏକ ପୃଷ୍ଠାଙ୍କନ ଚୁକ୍ତିର ଅନ୍ୟାନ୍ୟ ଅଂଶର ବିରୋଧ କରେ, ପୃଷ୍ଠାଙ୍କନର ଅର୍ଥ ପ୍ରଭାବୀ ହେବ ଯେହେତୁ ଏହା ପରବର୍ତ୍ତୀ ଦସ୍ତାବିଜ ଅଟେ ।

d) ଇଟାଲିକ୍ସରେ ଥିବା ଧାରା (କ୍ଲଜ୍) ସାଧାରଣ ରୂପେ ଛପାଯାଇଥିବା ଶବ୍ଦାବଳୀକୁ ଓଭରରାଇଡ୍ କରେ ଯେଉଁଠି ସେଗୁଡିକ ଅସଙ୍ଗତ ଥାଆନ୍ତି ।

e) ପଲିସୀର ମାର୍ଜିନ ରେ ପ୍ରିଣ୍ଟ କିମ୍ବା ଟାଇପ୍ କରାଯାଇଥିବା ଧାରାଗୁଡିକୁ ପଲିସୀର କାୟା ମଧ୍ୟରେ ଥିବା ଶବ୍ଦାବଳୀ ଅପେକ୍ଷା ଅଧିକ ମହତ୍ୱ ଦେବାକୁ ପଡିବ ।

f) ପଲିସୀରେ ସଂଲଗ୍ନ କରାଯାଇଥିବା କିମ୍ବା ଲଟକାଯାଇଥିବା ଧାରାଗୁଡିକ ଉଭୟ ମାର୍ଜିନରେ ଥିବା ଧାରା ଏବଂ ପଲିସୀର କାୟା ରେ ଥିବା ଧାରାଗୁଡିକୁ ଓଭରରାଇଡ୍ କରେ ।

g) ପ୍ରିଣ୍ଟ କରାଯାଇଥିବା ସବ୍ଦାବଳୀକୁ ଟାଇପ୍ କରାଯାଇଥିବା ଶବ୍ଦାବଳୀ କିମ୍ବା ଏକ ସ୍ୟାହିଯୁକ୍ତ ରବର ଷ୍ଟାମ୍ପ ଦ୍ୱାରା ଚିହ୍ନିତ ଶବ୍ଦାବଳୀ ଓଭର ରାଇଡ୍ କରନ୍ତି ।

h) ଟାଇପ୍ କିମ୍ବା ଷ୍ଟାମ୍ପ କରାଯାଇଥିବା ଶବ୍ଦାବଳୀ ଉପରେ ହସ୍ତଲେଖାର ପ୍ରାଧାନ୍ୟ ରହେ ।

i) ପରିଶେଷରେ, ବ୍ୟାକରଣ ଏବଂ ବିରାମ ଚିହ୍ନର ସାଧାରଣ ନିୟମଗୁଡିକୁ ଲାଗୁ କରାଯାଏ ଯଦି କୌଣସି ଅନେକାର୍ଥତା କିମ୍ବା ସ୍ୱଷ୍ଟତାର ଅଭାବ ଥାଏ ।

ମହତ୍ୱପୂର୍ଣ୍ଣ

1. ପଲିସୀଗୁଡିକର ଗଠନ

ଏକ ବୀମା ପଲିସୀ ଏକ ବାଣିଜ୍ୟିକ ଚୁକ୍ତିର ପ୍ରମାଣ ଅଟେ ଏବଂ ନ୍ୟାୟାଳୟମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଗଠନ ଏବଂ ବ୍ୟାଖ୍ୟାର ସାଧାରଣ ନିୟମସବୁକୁ ଅନ୍ୟାନ୍ୟ ଚୁକ୍ତି ପରିପ୍ରେକ୍ଷୀରେ ଥିବା ଭଳି ବୀମା ଚୁକ୍ତିଗୁଡିକରେ ଲାଗୁ କରାଯାଏ ।

ଗଠନର ମୂଖ୍ୟ ନିୟମ ହେଉଛି ଯେ ଚୁକ୍ତିର ପକ୍ଷମାନଙ୍କ ଅଭିପ୍ରାୟ ସବୁଠୁ ମହତ୍ୱପୂର୍ଣ୍ଣ ଅଟେ । ସେହି ଅଭିପ୍ରାୟକୁ ସ୍ୱୟଂ ପଲିସୀ ଦସ୍ତାବିଜ ଏବଂ ଏହା ସହିତ ସଂଲଗ୍ନ କରାଯାଇଥିବା ଓ ଚୁକ୍ତିର ଏକ ଅଂଶ ହେଉଥିବା ପ୍ରସ୍ତାବ ଫର୍ମ, ଧାରା, ପୃଷ୍ଠାଙ୍କନ, ୱାରେଣ୍ଟି ଇତ୍ୟାଦି ଠାରୁ ପ୍ରାପ୍ତ କରିବା ଆବଶ୍ୟକ ।

2. ଶବ୍ଦ – ଯୋଜନା / ଶବ୍ଦାବଳୀ ର ଅର୍ଥ

ବ୍ୟବହୃତ ଶବ୍ଦଗୁଡ଼ିକୁ ସେଗୁଡିକର ସାଧାରଣ ଏବଂ ଲୋକପ୍ରିୟ ଅର୍ଥରେ ବ୍ୟାଖ୍ୟା କରିବାକୁ ପଡ଼ିଥାଏ । ଶବ୍ଦଗୁଡ଼ିକ ପାଇଁ ବ୍ୟବହାର କରିବାକୁ ଥିବା ଅର୍ଥ ସେହି ଅର୍ଥ ହୋଇଥାଏ ଯାହାକୁ ରାସ୍ତାର ସାଧାରଣ ଲୋକ ଅର୍ଥ କରି ପାରିବ ।

ଅନ୍ୟ ପକ୍ଷରେ, ସେହି ଶବ୍ଦ ଯେଉଁଗୁଡିକର ଏକ ସାଧାରଣ ବ୍ୟବସାୟିକ କିମ୍ବା ବ୍ୟାପାରିକ ଅର୍ଥ ଥାଏ, ସେଗୁଡିକର ବ୍ୟାଖ୍ୟା ସେହି ଅର୍ଥରେ କରାଯିବ ଯଦି ବାକ୍ୟର ପ୍ରସଙ୍ଗ ଅନ୍ୟଥା ସଙ୍କେତ ନ କରେ । ଯେଉଁଠି ଶବ୍ଦଗୁଡ଼ିକୁ ଆଇନ ଦ୍ୱାରା ପରିଭାଷିତ କରାଯାଇଥାଏ, ଆଇନ ହିସାବରେ ସେହି ପରିଭାଷାର ଅର୍ଥକୁ ଉପଯୋଗ କରାଯିବ ।

ବୀମା ପଲିସୀଗୁଡିକ ରେ ଉପଯୋଗ କରା ଯାଉଥିବା ଅନେକ ଶବ୍ଦ ପୂର୍ବବର୍ତ୍ତୀ ବୈଧାନିକ ନିର୍ଣ୍ଣୟ ର ବିଷୟ ହୋଇଛନ୍ତି ଯାହାକୁ ସାଧାରଣ ରୂପେ ଲାଗୁ କରାଯିବ । ପୁନଶ୍ଚ, ଏକ ଉଚ୍ଚତର ନ୍ୟାୟାଳୟର ନିର୍ଣ୍ଣୟ/ନିଷ୍ପତ୍ତି ଏକ ନିମ୍ନତର ନ୍ୟାୟାଳୟର ନିର୍ଣ୍ଣୟ ଉପରେ ପ୍ରଭାବୀ ହେବ । ବୈଷୟିକ ପଦାବଳୀକୁ ସର୍ବଦା ନିଶ୍ଚିତ ଭାବେ ସେଗୁଡିକର ବୈଷୟିକ ଅର୍ଥ ଦେବା ଉଚିତ୍, ଯଦି କୌଣସି ବିରୋଧାବାସର ସଙ୍କେତ ମିଳେ ।

I. *ନୂତନୀକରଣ ସୂଚନା (ନୋଟିସ)*

ଅଧିକାଂଶ ଅଣ-ଜୀବନ ବୀମା ପଲିସୀଗୁଡିକ ବାର୍ଷିକ ଆଧାରରେ ଜାରୀ କରାଯାଏ ।

ବୀମାକର୍ତ୍ତା ପକ୍ଷେ ଏହା ବୀମିତକୁ ପରାମର୍ଶ ଦେବାର ବୈଧିକ କର୍ତ୍ତବ୍ୟ ନ ଥାଏ ଯେ ଏକ ନିର୍ଦ୍ଦିଷ୍ଟ ତାରିଖରେ ତାର ପଲିସୀ ସମାପ୍ତ ହେବାର ଯୋଗ୍ୟ ଅଟେ । ଅବଶ୍ୟ, ଶିଷ୍ଟାଚାର ଏବଂ ସୁସ୍ଥ ବ୍ୟବସାୟ ପ୍ରଥାର ବିଷୟ ରୂପେ, ବୀମାକର୍ତ୍ତାମାନେ ସମାପ୍ତିର ତାରିଖ ପୂର୍ବରୁ ଏକ ନୂତନୀକରଣ ନୋଟିସ (ସୂଚନା) ଜାରୀ କରନ୍ତି, ଯେଉଁମାନେ ପଲିସୀର ନୂତନୀକରଣକୁ ଆମନ୍ତ୍ରଣ କରନ୍ତି । ନୋଟିସ ପଲିସୀର ସମସ୍ତ ଆବଶ୍ୟକୀୟ ବିବରଣୀ ଯଥା: ବୀମା ରାଶି, ବାର୍ଷିକ ପ୍ରିମିୟମ, ଇତ୍ୟାଦି ପ୍ରଦର୍ଶିତ କରେ । ବୀମିତକୁ ପରାମର୍ଶ ଦେଇ ଏକ ଟିପ୍ପଣୀ ସମ୍ମିଳିତ କରିବାର ପ୍ରଥା ରହିଛି ଯେ ସେ ସଙ୍କଟରେ ଥିବା କୌଣସି ବି ଆବଶ୍ୟକୀୟ ପରିବର୍ତ୍ତନ ବିଷୟରେ ସୂଚୀତ କରିବା ଉଚିତ୍ ।

ସେହି ବୈଧାନିକ ପ୍ରାବଧାନ ଆଡ଼େ ମଧ୍ୟ ବୀମିତର ଧ୍ୟାନ ଆକୃଷ୍ଟ କରିବାକୁ ପଡିବ ଯେ କୌଣସି ସଙ୍କଟକୁ ଧାରଣ କରା ଯାଇ ନ ପାରେ ଯଦି ପ୍ରିମିୟମକୁ ଅଗ୍ରୀମରେ ପ୍ରଦାନ କରା ନ ଯାଏ ।

ସ୍ୱୟଂ ପରୀକ୍ଷଣ କରନ୍ତୁ **5**

ନୂତନୀକରଣ ସୂଚନା ସମ୍ବନ୍ଧରେ ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଠି ସଠିକ୍ ଅଟେ ?

I. ଅଧିନିୟମ ଅନୁସାରେ ପଲିସୀ ସମାପ୍ତି ର 30 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବାର ବୈଧିକ କର୍ତ୍ତବ୍ୟ ବୀମାକର୍ତ୍ତାମାନଙ୍କ ଥାଏ

II. ଅଧିନିୟମ ଅନୁସାରେ ପଲିସୀ ସମାପ୍ତି ର 15 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବାର ବୈଧିକ କର୍ତ୍ତବ୍ୟ ବୀମାକର୍ତ୍ତାମାନଙ୍କ ଥାଏ

III. ଅଧିନିୟମ ଅନୁସାରେ ପଲିସୀ ସମାପ୍ତି ର 7 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବାର ବୈଧିକ କର୍ତ୍ତବ୍ୟ ବୀମାକର୍ତ୍ତାମାନଙ୍କ ଥାଏ

IV. ଅଧିନିୟମ ଅନୁସାରେ ପଲିସୀ ସମାପ୍ତି ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବାର ବୈଧିକ କର୍ତ୍ତବ୍ୟ ବୀମାକର୍ତ୍ତାମାନଙ୍କ ଥାଏ

J. *ଆଣ୍ଟି-ମନି ଲଣ୍ଡରିଙ୍ଗ ଏବଂ ଆପଣଙ୍କ ଗ୍ରାହକ କୁ ଜାଣନ୍ତୁ ମାର୍ଗଦର୍ଶିକା*

ଅପରାଧୀମାନେ ସେମାନଙ୍କ ଅବୈଧ କାର୍ଯ୍ୟକଳାପ ଜରିଆରେ ନିଧିପ୍ରାପ୍ତ ହୁଅନ୍ତି କିନ୍ତୁ ଏକ ପ୍ରକ୍ରିୟା ଦ୍ୱାରା ଏହାକୁ ବୈଧ ଅର୍ଥ ରୂପେ ଦେଇଥାନ୍ତି ଯାହାକୁ ମନି ଲଣ୍ଡରିଙ୍ଗ୍ କୁହାଯାଏ ।

ମନି ଲଣ୍ଡରିଙ୍ଗ ହେଉଛି ସେହି ପ୍ରକ୍ରିୟା ଯାହାଦ୍ୱାରା ଅପରାଧିମାନେ ଅପରାଧିକ କାର୍ଯ୍ୟକଳାପର ଅସଲ ଉତ୍ପତ୍ତି ଓ ଲାଭସବୁର ମାଲିକତ୍ୱ କୁ ଲୁଚାଇ ନିଧିସବୁକୁ ସ୍ଥାନାନ୍ତରଣ କରନ୍ତି । ଏହି ପ୍ରକ୍ରିୟା ସାହାଯ୍ୟରେ, ଅର୍ଥ ଏହାର ଅପରାଧିକ ପରିଚୟ ହରାଇଥାଏ ଏବଂ ବୈଧ ପ୍ରତୀତ ହୁଏ ।

ଅପରାଧୀମାନେ ସେମାନଙ୍କ ଟଙ୍କାକୁ ବୈଧ କରିବା ପାଇଁ, ବ୍ୟାଙ୍କ ଓ ବୀମା ସମେତ ଆର୍ଥିକ ସେବା ଗୁଡିକର ଉପଯୋଗ କରିବା ପାଇଁ ପ୍ରଚେଷ୍ଟା କରନ୍ତି । ସେମାନେ ମିଥ୍ୟା ପରିଚୟ ର ଉପଯୋଗ କରି କାରବାର କରନ୍ତି, ଉଦାହରଣ ସ୍ୱରୂପ, ଏକ ପ୍ରକାରର ବୀମା କ୍ରୟ କରିବା ଓ ତାପରେ ସେହି ଟଙ୍କାକୁ ବାହାର କରିବାର ପ୍ରବନ୍ଧ କରିବା ଏବଂ ତା ପରେ ଥରେ ସେମାନଙ୍କ ଉଦ୍ଦେଶ୍ୟ ସାଧିତ ହୋଇଗଲେ ଅଦୃଶ୍ୟ ହୋଇଯିବା ।

ମନି ଲଣ୍ଡରିଙ୍ଗ ରୁ ସେଭଳି ପ୍ରଚେଷ୍ଟା କୁ ରୋକିବା ପାଇଁ ଭାରତ ସହିତ ବିଶ୍ୱବ୍ୟାପକ ରୂପେ ସରକାରଙ୍କ ସ୍ତରରେ ପଦକ୍ଷେପସବୁ ନିଆଯାଉଛି ।

ମନି ଲଣ୍ଡରିଙ୍ଗ ନିବାରଣ ଆଇନ ର ବିଧାନ କୁ 2002 ରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା । ତା ପରେ ତୁରନ୍ତ IRDAI ଦ୍ୱାରା ଜାରୀ କରାଯାଇଥିବା ଆଣ୍ଟି-ମନି ଲଣ୍ଡରିଙ୍ଗ ମାର୍ଗଦର୍ଶିକା, ବୀମା ସେବା ପାଇଁ ଅନୁରୋଧ କରୁଥିବା ଗ୍ରାହକ ମାନଙ୍କ ଅସଲି ପରିଚୟ ନିର୍ଦ୍ଧାରିତ କରିବା ପାଇଁ, ସନ୍ଦିଗ୍ଧ କାରବାର ରିପୋର୍ଟ କରିବା ଏବଂ ମନି ଲଣ୍ଡରିଙ୍ଗରେ ଜଡିତ ଥିବା କିମ୍ବା ଜଡ଼ିତ ଅଛନ୍ତି ବୋଲି ସନ୍ଦେହ ଥିବା, ଏସବୁର ଉପଯୁକ୍ତ ରେକର୍ଡ ରଖିବା ପାଇଁ ଉଚିତ୍ ପଦକ୍ଷେପସବୁ ସୂଚୀତ କରିଛି ।

ଆପଣଙ୍କ ଗ୍ରାହକକୁ ଜାଣନ୍ତୁ ମାର୍ଗଦର୍ଶିକା ଅନୁଯାୟୀ, ନିମ୍ନ ଦସ୍ତାବିଜଗୁଡିକୁ ଏକତ୍ରିତ କରି ପ୍ରତ୍ୟେକ ଗ୍ରାହକକୁ ଉପଯୁକ୍ତ ଭାବେ ଚିହ୍ନଟ କରିବା ଆବଶ୍ୟକ ଅଟେ :

1. ଠିକଣା ସତ୍ୟାପନ
2. ବର୍ତ୍ତମାନ ର ଫଟୋଗ୍ରାଫ୍
3. ଆର୍ଥିକ ସ୍ଥିତି
4. ବୀମା ଚୁକ୍ତି ର ଅଭିପ୍ରାୟ

ତେଣୁ ଗ୍ରାହକମାନଙ୍କ ପରିଚୟକୁ ପ୍ରମାଣିତ କରିବା ପାଇଁ ତାକୁ ବ୍ୟବସାୟରେ ଆଣିବା ସମୟରେ ଅଭିକର୍ତ୍ତାକୁ ଦସ୍ତାବିଜଗୁଡିକୁ ଏକତ୍ରିତ କରିବାର ଆବଶ୍ୟକତା ରହିଛି :

1. ବ୍ୟକ୍ତିମାନଙ୍କ କ୍ଷେତ୍ରରେ- ବୀମିତ ସଂପୂର୍ଣ୍ଣ ନାମ, ଠିକଣା, ସଂପର୍କ ନମ୍ବର ID ଏବଂ ଠିକଣା ପ୍ରମାଣ ସହିତ, ପ୍ୟାନ୍ ନମ୍ବର ଏବଂ NEFT ଉଦ୍ଦେଶ୍ୟରେ ସଂପୂର୍ଣ୍ଣ ବ୍ୟାଙ୍କ ବିବରଣୀ ଏକତ୍ରିତ କରିବା
2. କର୍ପୋରେଟମାନଙ୍କ କ୍ଷେତ୍ରରେ – ସଂସ୍ଥାପନ ର ପ୍ରମାଣପତ୍ର, ଜ୍ଞାପନ ଓ ସଂଘର ଧାରା (ଅନୁଚ୍ଛେଦ), ବ୍ୟବସାୟରେ କାରବାର କରିବା ପାଇଁ ପାୱାର ଅଫ୍ ଆଟୋନି, ପ୍ୟାନ୍ କାର୍ଡର ପ୍ରତିଲିପି ଏକତ୍ରିତ କରିବା

3. ଅଂଶୀଦାରୀ/ସହଭାଗୀ ଫାର୍ମଗୁଡିକ କ୍ଷେତ୍ରରେ- ପଞ୍ଜିକରଣ ପ୍ରମାଣପତ୍ର (ଯଦି ପଞ୍ଜିକୃତ ହୋଇଥାଏ), ସହଭାଗିତା ଚୁକ୍ତି, ଏହା ତରଫରୁ ବ୍ୟବସାୟର କାରବାର ଚଳାଇବା ପାଇଁ ଅଂଶୀଦାର କିମ୍ବା ଫାର୍ମର ଏକ କର୍ମଚାରୀକୁ ମଞ୍ଜୁର କରାଯାଇଥିବା ପାୱାର ଅଫ୍ ଆର୍ଟୋନି, ସେହି ବ୍ୟକ୍ତିର ପରିଚୟ ପ୍ରମାଣ ଏକତ୍ରିତ କରିବା

4. ଟ୍ରଷ୍ଟ ଏବଂ ଫାଉଣ୍ଡେଶନ୍ କ୍ଷେତ୍ରରେ – ସହଭାଗୀତା ର ଦସ୍ତାବିଜଗୁଡିକ ସଦୃଶ

ଏଠି ଏହା ଉପରେ ଧ୍ୟାନ ଦେବା ମହତ୍ୱପୂର୍ଣ୍ଣ ଅଟେ ଯେ ସେଭଳି ତଥ୍ୟ/ସୂଚନା ଉତ୍ପାଦଗୁଡିକର କ୍ରସ-ସେଲିଙ୍ଗ୍ ରେ ମଧ୍ୟ ସହାୟତା ପ୍ରଦାନ କରେ ଏବଂ ଏକ ସହାୟକ ବିପଣନ ଉପକରଣ ଅଟେ ।

ସାରାଂଶ

a) ଦଲିଲୀକରଣର ପ୍ରଥମ ସୋପାନ ହେଉଛି ପ୍ରସ୍ତାବ ଫର୍ମ ଯାହା ମାଧ୍ୟମରେ ବୀମିତ ନିଜ ସଂପର୍କରେ ଏବଂ ସେ କେଉଁ ବୀମା ଆବଶ୍ୟକ କରେ, ତା ବିଷୟରେ ସୂଚୀତ କରିଥାଏ ।

b) ଆବଶ୍ୟକୀୟ ତଥ୍ୟ/ସୂଚନାର ପ୍ରକଟୀକରଣର କର୍ତ୍ତବ୍ୟ ପଲିସୀ ଆରମ୍ଭ ହେବା ପୂର୍ବରୁ ହିଁ ଉପୁଜିଥାଏ, ଏବଂ ପଲିସୀ ଅବଧି ସାରା ଚାଲୁ ରହେ ।

c) ବୀମା କମ୍ପାନୀମାନେ ସାଧାରଣତଃ ପ୍ରସ୍ତାବ ଫର୍ମର ଶେଷରେ ଏକ ଘୋଷଣାପତ୍ର ଯୋଡ଼ି ଥାଆନ୍ତି ଯାହା ଉପରେ ପ୍ରସ୍ତାବକ କୁ ସ୍ୱାକ୍ଷର କରିବାକୁ ହୋଇଥାଏ ।

d) ଏକ ପ୍ରସ୍ତାବ ଫର୍ମ ର ତତ୍ତ୍ୱଗୁଡିକରେ ସାଧାରଣତଃ ଅନ୍ତର୍ଭୁକ୍ତ ହୋଇଥାନ୍ତି :

   i. ସଂପୂର୍ଣ୍ଣ ରୂପେ ପ୍ରସ୍ତାବକ ର ନାମ

   ii. ପ୍ରସ୍ତାବକ ର ଠିକଣା ଏବଂ ସଂପର୍କ ବିବରଣୀ

   iii. ସ୍ୱାସ୍ଥ୍ୟ ପଲିସୀ କ୍ଷେତ୍ରରେ ବ୍ୟାଙ୍କ ବିବରଣୀ

   iv. ପ୍ରସ୍ତାବକର ବୃତ୍ତି/ପେଶା, ଧନ୍ଦା କିମ୍ବା ବ୍ୟବସାୟ

   v. ବୀମାର ବିଷୟବସ୍ତୁ ର ବିବରଣୀ ଓ ପରିଚୟ

   vi. ବୀମା ରାଶି

   vii. ପୂର୍ବର ଓ ବର୍ତ୍ତମାନ ର ବୀମା

   viii. ହାନି ଅନୁଭୂତି

   ix. ବୀମିତ ଦ୍ୱାରା ଘୋଷଣାପତ୍ର

e) ଏକ ଅଭିକର୍ତ୍ତା, ଯିଏ ମଧ୍ୟସ୍ଥ ରୂପେ କାର୍ଯ୍ୟ କରେ, ତାହାର ଏହା ସୁନିଶ୍ଚିତ କରିବାର ଦାୟିତ୍ୱ ଥାଏ ଯେ ବୀମିତ ବୀମାକର୍ତ୍ତାଙ୍କୁ ସଙ୍କଟ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ/ସୂଚନା ପ୍ରଦାନ କରିଛି ।

f) ପ୍ରସ୍ତାବକୁ ଯାଞ୍ଚ କରିବା ଏବଂ ସ୍ୱୀକୃତି ସମ୍ବନ୍ଧରେ ନିଷ୍ପତ୍ତି ନେବାର ପ୍ରକ୍ରିୟାକୁ ସଙ୍କଟାଙ୍କନ କୁହାଯାଏ ।

g) ସ୍ୱାସ୍ଥ୍ୟ ପଲିସୀଗୁଡିକରେ, ବୀମିତକୁ ଏକ ବିବରଣୀ ପୁସ୍ତିକା ମଧ୍ୟ ପ୍ରଦାନ କରାଯାଇଥାଏ ଏବଂ ତାକୁ ପ୍ରସ୍ତାବରେ ଘୋଷଣା କରିବାକୁ ପଡ଼ିବ ଯେ ସେ ଏହାକୁ ପାଠ କରିଛି ଏବଂ ବୁଝିଛି ।

h) ପ୍ରିମିୟମ ହେଉଛି, ଏକ ଚୁକ୍ତି ଅନ୍ତର୍ଗତ, ବୀମାର ବିଷୟବସ୍ତୁକୁ ବୀମିତ କରିବା ପାଇଁ ବୀମିତ ଦ୍ୱାରା ବୀମାକର୍ତ୍ତାଙ୍କୁ ପ୍ରଦାନ କରାଯାଉଥିବା ପ୍ରତିଫଳ କିମ୍ବା ରାଶି ପରିମାଣ ।

i) ପ୍ରିମିୟମ ପ୍ରଦାନ ନଗଦ ରୂପେ, କୌଣସି ମାନ୍ୟତାପ୍ରାପ୍ତ ବ୍ୟାଙ୍କିଙ୍ଗ୍ ନେଗୋଶିଏବଲ୍ ସାଧନ, ପୋଷ୍ଟାଲ ମନି ଅର୍ଡର, କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ, ଇଣ୍ଟରନେଟ୍, ଇ-ଟ୍ରାନ୍ସଫର, ପ୍ରତ୍ୟକ୍ଷ କ୍ରେଡିଟ୍ (ଜମା) କିମ୍ବା ପ୍ରାଧିକରଣ ଦ୍ୱାରା ସମୟ ସମୟରେ ସ୍ୱୀକୃତି ଦିଆଯାଉଥିବା ଅନ୍ୟ କୌଣସି ପଦ୍ଧତି ମାଧ୍ୟମରେ କରାଯାଇପାରେ ।

j) ଏକ ବୀମା ପ୍ରମାମପତ୍ର ସେହି ସବୁ କ୍ଷେତ୍ରରେ ବୀମାର ପ୍ରମାଣ ଦେଇଥାଏ ଯେଉଁଠି ଏହାର ଆବଶ୍ୟକତା ହୋଇପାରେ ।

k) ପଲିସୀ ହେଉଛି ଏକ ଔପଚାରିକ ଦସ୍ତାବିଜ ଯାହା ବୀମା ଚୁକ୍ତିର ଏକ ପ୍ରମାଣ ପ୍ରଦାନ କରେ ।

l) ଏକ ୱାରେଣ୍ଟି ହେଉଛି ପଲିସୀରେ ସ୍ପଷ୍ଟରୂପେ ଉଲ୍ଲେଖ କରାଯାଇଥିବା ଏକ ସର୍ତ୍ତ ଯାହାର ଅନୁପାଳନ ବସ୍ତୁତଃ ଚୁକ୍ତିର ବୈଧତା ପାଇଁ କରିବାକୁ ପଡ଼ିଥାଏ ।

m) ଯଦି ଜାରୀ କରିବା ସମୟରେ ପଲିସୀର କେତେକ ସର୍ତ୍ତ ଓ ପ୍ରତିବନ୍ଧକୁ ପରିବର୍ତ୍ତିତ କରିବାକୁ ପଡ଼େ, ଏହାକୁ ପୃଷ୍ଠାଙ୍କନ କୁହାଯାଉଥିବା ଏକ ଦସ୍ତାବିଜ ମାଧ୍ୟମରେ ସଂଶୋଧନ/ପରିବର୍ତ୍ତନଗୁଡିକୁ ନିର୍ଦ୍ଦିଷ୍ଟ କରି କରାଯାଇଥାଏ ।

n) ଗଠନର ସବୁଠୁ ମହତ୍ୱପୂର୍ଣ୍ଣ ନିୟମ ହେଉଛି ଯେ ପକ୍ଷମାନଙ୍କ ଅଭିପ୍ରାୟ ନିଶ୍ଚିତ ରୂପେ ପ୍ରଭାବୀ ହେବା ଉଚିତ୍ ଏବଂ ଏହି ଅଭିପ୍ରାୟକୁ ସ୍ୱୟଂ ପଲିସୀରେ ହିଁ ଖୋଜିବାକୁ ପଡ଼ିଥାଏ ।

o) ମନି ଲଣ୍ଡରିଙ୍ଗର ଅର୍ଥ ହେଉଛି ଅପରାଧିକ ମାଧ୍ୟମରେ ପ୍ରାପ୍ତ ହୋଇଥିବା ଅର୍ଥକୁ ବୈଧ ଅର୍ଥରେ ପରିବର୍ତ୍ତିତ କରିବା ଏବଂ ଏହା ବିରୁଦ୍ଧରେ ଲଢ଼ିବା ପାଇଁ ଆଇନଗୁଡିକ ସାରା ବିଶ୍ୱରେ ତଥା ଭାରତରେ ପ୍ରବର୍ତ୍ତିତ କରାଯାଇଛି ।

p) ଆପଣଙ୍କ ଗ୍ରାହକକୁ ଜାଣନ୍ତୁ ମାର୍ଗଦର୍ଶିକା ର ଅନୁପାଳନ କରିବା ଏବଂ ଏହି ମାର୍ଗଦର୍ଶିକା ଦ୍ୱାରା ଆବଶ୍ୟକ ହେଉଥିବା ଦସ୍ତାବିଜଗୁଡିକୁ ପ୍ରାପ୍ତ କରିବା ଏକ ଅଭିକର୍ତ୍ତାର ଦାୟିତ୍ୱ ଅଟେ ।

ମୁଖ୍ୟ ପଦାବଳୀ

a) ପଲିସୀ ଫର୍ମ
b) ପ୍ରିମିୟମର ଅଗ୍ରୀମ ପ୍ରଦାନ
c) ବୀମା ପ୍ରମାଣପତ୍ର
d) ନୂତନୀକରଣ ନୋଟିସ/ସୂଚନା
e) ୱାରେଣ୍ଟି
f) ସର୍ତ୍ତ
g) ପୃଷ୍ଠାଙ୍କନ
h) ମନି ଲଣ୍ଡରିଙ୍ଗ୍
i) ଆପଣଙ୍କ ଗ୍ରାହକକୁ ଜାଣନ୍ତୁ

ଅଧ୍ୟାୟ 8

ସ୍ୱାସ୍ଥ୍ୟ ବୀମା ଉତ୍ପାଦ

ଅଧ୍ୟାୟ ପରିଚୟ

ଏହି ଅଧ୍ୟାୟ ଆପଣଙ୍କୁ ଭାରତରେ ବୀମା କମ୍ପାନୀମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ବୀମା ଉତ୍ପାଦ ସମ୍ବନ୍ଧରେ ଏକ ବ୍ୟାପକ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ । କେବଳ ଗୋଟିଏ ଉତ୍ପାଦ- ମେଡିକ୍ଲେମ ଠାରୁ ବିଭିନ୍ନ ପ୍ରକାରର ଶହ ଶହ ଉତ୍ପାଦ ପର୍ଯ୍ୟନ୍ତ, ଉପଯୁକ୍ତ ସୁରକ୍ଷା ଚୟନ କରିବା ପାଇଁ ଗ୍ରାହକ ପାଖରେ ଏକ ବ୍ୟାପକ ଶ୍ରେଣୀ ରହିଛି । ଏହି ଅଧ୍ୟାୟ ବିଭିନ୍ନ ସ୍ୱାସ୍ଥ୍ୟ ଉତ୍ପାଦର ବିଶେଷତାଗୁଡିକୁ ବ୍ୟାଖ୍ୟା କରେ ଯାହା ବ୍ୟକ୍ତି, ପରିବାର ଏବଂ ସମୂହକୁ ସୁରକ୍ଷାପ୍ରଦାନ କରିପାରେ ।

ଅଧ୍ୟୟନ ପରିଣାମ

A. ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକର ବର୍ଗୀକରଣ
B. ସ୍ୱାସ୍ଥ୍ୟ ବୀମା ରେ ମାନକୀକରଣ ଉପରେ ଆଇ.ଆର.ଡି.ଏ ମାର୍ଗଦର୍ଶିକା
C. ଡାକ୍ତରଖାନା ଭର୍ତ୍ତିକରଣ(ହସ୍ପିଟାଲାଇଜେଶନ୍) କ୍ଷତିପୂର୍ତ୍ତି ଉତ୍ପାଦ
D. ଟପ୍-ଅପ୍ କଭର କିମ୍ବା ଉଚ୍ଚ କାଟଯୋଗ୍ୟ ବୀମା ଯୋଜନା
E. ବରିଷ୍ଠ ନାଗରିକ ପଲିସୀ
F. ନିଶ୍ଚିତ ଲାଭ କଭର –ଡାକ୍ତରଖାନା ନଗଦ, ସଙ୍କଟପୂର୍ଣ୍ଣ ଅସୁସ୍ଥତା
G. ଦୀର୍ଘାବଧି ସେବା ଉତ୍ପାଦ
H. କୋମ୍ବି -ଉତ୍ପାଦ
I. ପ୍ୟାକେଜ ପଲିସୀ
J. ଦରିଦ୍ର ବର୍ଗମାନଙ୍କ ପାଇଁ ମାଇକ୍ରୋ ବୀମା ଏବଂ ସ୍ୱାସ୍ଥ୍ୟ ବୀମା
K. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା
L. ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା
M. ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା
N. ବ୍ୟକ୍ତିଗତ ଦୁର୍ଘଟଣା ଏବଂ ବିକଳାଙ୍ଗତା ସୁରକ୍ଷା
O. ସମୁଦ୍ରପାରୀ ଯାତ୍ରା ବୀମା
P. ସମୂହ ସ୍ୱାସ୍ଥ୍ୟ ସୁରକ୍ଷା
Q. ସ୍ୱାସ୍ଥ୍ୟ ସଂଚୟ ଖାତା
R. ସ୍ୱାସ୍ଥ୍ୟ ପଲିସୀଗୁଡିକରେ ମୁଖ୍ୟ ଅନୁଚ୍ଛେଦ

ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଆପଣ ନିମ୍ନ ହିସାବରେ ସମର୍ଥ ହେବା ଉଚିତ୍:

a) ସ୍ୱାସ୍ଥ୍ୟ ବୀମା ର ବିଭିନ୍ନ ବର୍ଗ କୁ ବ୍ୟାଖ୍ୟା କରିବାରେ
b) ସ୍ୱାସ୍ଥ୍ୟ ବୀମା ରେ ମାନକୀକରଣ ଉପରେ ଆଇ.ଆର୍.ଡି.ଏ. ଆଇ. ମାର୍ଗଦର୍ଶିକା କୁ ବର୍ଣ୍ଣନା କରିବାରେ
c) ବର୍ତ୍ତମାନ ଭାରତୀୟ ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ଉତ୍ପାଦ ଗୁଡିକ ବିଷୟରେ ଆଲୋଚନା କରିବାରେ
d) ବ୍ୟକ୍ତିଗତ ଦୁର୍ଘଟଣା ବୀମା କୁ ବ୍ୟାଖ୍ୟା କରିବାରେ
e) ସମୁଦ୍ରପାରୀ (ବିଦେଶ) ଯାତ୍ରା ବୀମା ଉପରେ ଆଲୋଚନା କରିବାରେ
f) ସ୍ୱାସ୍ଥ୍ୟ ପଲିସୀ ଗୁଡିକରେ ଥିବା ମୂଖ୍ୟ ପଦ ଏବଂ ଅନୁଚ୍ଛେଦ ଗୁଡିକୁ ବୁଝିବାରେ

A. *ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକର ବର୍ଗୀକରଣ*

1. ସ୍ୱାସ୍ଥ୍ୟ ବୀମା ଉତ୍ପାଦ ଗୁଡିକର ପରିଚୟ

ଆଇ.ଆର.ଡି.ଏ. ର ସ୍ୱାସ୍ଥ୍ୟ ବୀମା ବିନିୟାମକ ସ୍ୱାସ୍ଥ୍ୟ ସୁରକ୍ଷା କୁ ନିମ୍ନ ମତେ ପରିଭାଷିତ କରେ

ପରିଭାଷା

"ସ୍ୱାସ୍ଥ୍ୟ ବୀମା ବ୍ୟବସାୟ" ଅଥବା "ସ୍ୱାସ୍ଥ୍ୟ ସୁରକ୍ଷା" ର ଅର୍ଥ ବୀମା ଚୁକ୍ତି କୁ ପ୍ରଭାବଶାଳୀ କରିବା ଯାହା ରୋଗ ଲାଭ କିମ୍ବା ମେଡିକଲ, ସର୍ଜିକଲ କିମ୍ବା ଡାକ୍ତରଖାନା ଖର୍ଚ୍ଚ ଲାଭସବୁର ପ୍ରାବଧାନ ରଖେ ଯାହା ବୀମିତ ଲାଭ ଓ ଦୀର୍ଘାବଧି ସେବା, ଯାତ୍ରା ବୀମା ଏବଂ ବ୍ୟକ୍ତିଗତ ଦୁର୍ଘଟଣା ବୀମା ସୁରକ୍ଷା ଅନ୍ତର୍ଭୁକ୍ତ କରେ ।

ଭାରତୀୟ ବଜାରରେ ଉପଲବ୍ଧ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକ ମୁଖ୍ୟତଃ ହସ୍ପିଟାଲାଇଜେଶନ୍ (ଡାକ୍ତରଖାନାରେ ଭର୍ତ୍ତି) ଉତ୍ପାଦର ପ୍ରକୃତିର ହୋଇଥାନ୍ତି । ଏହି ଉତ୍ପାଦଗୁଡିକ ଡାକ୍ତରଖାନାରେ ଭର୍ତ୍ତି ସମୟରେ ଏକ ବ୍ୟକ୍ତିଦ୍ୱାରା ହୋଇଥିବା ଖର୍ଚ୍ଚସବୁ କୁ ସୁରକ୍ଷା ପ୍ରଦାନ କରେ । ପୁନଶ୍ଚ, ସ୍ୱାସ୍ଥ୍ୟସେବାର ବଢୁଥିବା ମୂଲ୍ୟ, ସର୍ଜିକଲ (ଶଲ୍ୟ ଚିକିତ୍ସା ସମ୍ବନ୍ଧୀୟ) ପ୍ରକ୍ରିୟା, ବଜାରକୁ ଆସୁଥିବା ନୂତନ ଓ ଅଧିକ ମହଙ୍ଗା ଟେକ୍ନୋଲୋଜି ଏବଂ ନୂତନ ଉତ୍ପାଦନର ଔଷଧସବୁର ମୂଲ୍ୟ କାରଣରୁ ଏ ପ୍ରକାର ଖର୍ଚ୍ଚସବୁ ଅତ୍ୟଧିକ ଏବଂ ସାଧାରଣତଃ ସାଧାରଣ ଲୋକର ପହୁଞ୍ଚ ର ବାହାରେ ଅଟେ । ବାସ୍ତବରେ, ଏହା ଏକ ବ୍ୟକ୍ତି ପାଇଁ ଅତ୍ୟନ୍ତ କଷ୍ଟକର ହେଉଅଛି ଯଦିଓ ସେ କୌଣସି ସ୍ୱାସ୍ଥ୍ୟ ବୀମା ବିନା ମଧ୍ୟ ସେ ଭଳି ଉଚ୍ଚ ଖର୍ଚ୍ଚ କୁ ବହନ କରିବା ପାଇଁ ଆର୍ଥିକ ରୂପେ ସ୍ୱଚ୍ଛଳ ଅଟେ ।

ତେଣୁ, ସ୍ୱାସ୍ଥ୍ୟ ବୀମା ମୁଖ୍ୟତଃ ଦୁଇଟି କାରଣ ପାଇଁ ମହତ୍ୱପୂର୍ଣ୍ଣ ଅଟେ:

- ✓ କୌଣସି ଅସୁସ୍ଥତା/ରୋଗ ପରିପ୍ରେକ୍ଷୀରେ ମେଡିକଲ ସୁବିଧା ପାଇଁ ଦେୟ ପ୍ରଦାନ କରିବାକୁ ଆର୍ଥିକ ସହାୟତା ପ୍ରଦାନ କରିବା ।
- ✓ ଏକ ବ୍ୟକ୍ତିର ସଂଚୟ କୁ ସଂରକ୍ଷିତ କରି ରଖିବା ଯାହା ଅନ୍ୟଥା ରୋଗ କାରଣରୁ ମୂଳପୋଛ ହୋଇଯାଇଥାନ୍ତା ।

ହସ୍ପିଟାଲାଇଜେଶନ୍ ଖର୍ଚ୍ଚ କୁ ସୁରକ୍ଷା ପ୍ରଦାନ କରୁଥିବା ପ୍ରଥମ ଖୁଚୁରା ସ୍ୱାସ୍ଥ୍ୟ ବୀମା ଉତ୍ପାଦ – ମେଡିକ୍ଲେମ୍ କୁ 1986 ରେ 4 ସାର୍ବଜନିକ କ୍ଷେତ୍ର ବୀମାକର୍ତ୍ତା ଦ୍ୱାରା ପ୍ରଚଳିତ କରାଗଲା । ଏହି କମ୍ପାନୀମାନେ ଅନ୍ୟ କେତେକ ବୀମା ସୁରକ୍ଷା ମଧ୍ୟ ପ୍ରଚଳିତ କଲେ ଯେପରିକି ପ୍ରସ୍ତାବକମାନଙ୍କ ଅବସରଗ୍ରହଣ ପରବର୍ତ୍ତୀ ମେଡିକଲ ଖର୍ଚ୍ଚ ପାଇଁ ସେମାନଙ୍କ ଯୁବା ବୟସରୁ ସୁରକ୍ଷା ପ୍ରଦାନ କରୁଥିବା ଭବିଷ୍ୟ ଆରୋଗ୍ୟ ପଲିସୀ, ଯାତ୍ରା ବୀମା ପ୍ରଦାନ କରୁଥିବା ସମୁଦ୍ରପାରୀ (ବିଦେଶ) ମେଡିକ୍ଲେମ ପଲିସୀ ଏବଂ ଗରିବ ଲୋକମାନଙ୍କ ପାଇଁ ଜନ ଆରୋଗ୍ୟ ବୀମା ପଲିସୀ ।

ପରେ ପରେ ବୀମା କ୍ଷେତ୍ର ପ୍ରାଇଭେଟ୍ କ୍ଷେତ୍ର ଖେଳାଳୀମାନଙ୍କ ପାଇଁ ଉନ୍ମୁକ୍ତ ରହିଲା, ଯାହା ଫଳରେ ସ୍ୱାସ୍ଥ୍ୟ ବୀମା ବଜାରରେ ବହୁତ ଅଧିକ କମ୍ପାନୀମାନେ ପ୍ରବେଶ କଲେ । ତାହା ସହିତ ଏହି ବ୍ୟବସାୟର ଆହୁରି ଅଧିକ ପ୍ରସାର ହେଲା, ଏହି ବୀମା ଗୁଡିକରେ ଅନେକ ଗୁଡିଏ ବିଭିନ୍ନତା ଏବଂ କିଛି ନୂତନ ବୀମା ସୁରକ୍ଷା ମଧ୍ୟ ଆସିଲା ।

ଆଜି, ପ୍ରାୟ ସମସ୍ତ ସାଧାରଣ ବୀମା କମ୍ପାନୀ, ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମାକର୍ତ୍ତା ଏବଂ ଜୀବନ ବୀମାକର୍ତ୍ତାମାନଙ୍କ ଦ୍ୱାରା ଅର୍ପିତ ଶହ ଶହ ଉତ୍ପାଦ ସହିତ, ସ୍ୱାସ୍ଥ୍ୟ ବୀମା ବିଭାଗ ଅଧିକ ବିସ୍ତୃତ ରୂପେ ବିକଶିତ ହୋଇଛି । ଅବଶ୍ୟ, ମେଡିକ୍ଲେମ ପଲିସୀ ର ମୂଳଭୂତ ଲାଭ ସଂରଚନା, ଅର୍ଥାତ୍ ହସ୍ପିଟାଲାଇଜେଶନ୍ ଖର୍ଚ୍ଚ ବିପକ୍ଷରେ ସୁରକ୍ଷା ଏପର୍ଯ୍ୟନ୍ତ ସବୁଠୁ ଲୋକପ୍ରିୟ ପ୍ରକାରର ବୀମା ହୋଇ ରହିଛି ।

ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ସ୍ୱାସ୍ଥ୍ୟ ବୀମା) ବିନିୟମନ, 2013 ଅନୁସାରେ

1. ଜୀବନ ବୀମା କମ୍ପାନୀମାନେ ଦୀର୍ଘାବଧି ସ୍ୱାସ୍ଥ୍ୟ ଉତ୍ପାଦଗୁଡିକୁ ପ୍ରଦାନ କରି ପାରନ୍ତି କିନ୍ତୁ ସେଭଳି ଉତ୍ପାଦଗୁଡିକ ପାଇଁ ପ୍ରିମିୟମ ଅନ୍ୟୁନ ତିନି ବର୍ଷର ପ୍ରତ୍ୟେକ ବ୍ଲକ୍ ଅବଧି ପାଇଁ ଅପରିବର୍ତ୍ତିତ ରହିବ, ତା ପରେ ଆବଶ୍ୟକ ଅନୁସାରେ ପ୍ରିମିୟମର ସମୀକ୍ଷା ଓ ପରିବର୍ତ୍ତନ କରାଯାଇ ପାରେ ।

2. ଅଣ-ବୀମା ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା କମ୍ପାନୀମାନେ ଗୋଟିଏ ବର୍ଷର ସର୍ବନିମ୍ନ ଅବଧି ଏବଂ ତିନି ବର୍ଷର ସର୍ବାଧିକ ଅବଧି ଥିବା ବୈୟକ୍ତିକ ସ୍ୱାସ୍ଥ୍ୟ ଉତ୍ପାଦଗୁଡିକ ପ୍ରଦାନ କରିପାରନ୍ତି, ଯଦି ସଂପୂର୍ଣ୍ଣ ଅବଧି ପାଇଁ ପ୍ରିମିୟମ ଅପରିବର୍ତ୍ତିତ ରହିବ ।

2. ସ୍ୱାସ୍ଥ୍ୟ ପଲିସୀଗୁଡିକର ବିଶେଷତା

ସ୍ୱାସ୍ଥ୍ୟ ପଲିସୀ ମୂଖ୍ୟତଃ ରୋଗ ଏବଂ ତେଣୁକରି ରୋଗ କାରଣରୁ ହୋଇଥିବା ଖର୍ଚ୍ଚ ସହିତ କାରବାର କରେ । ବେଳେ ବେଳେ, ଏକ ବ୍ୟକ୍ତି ଦ୍ୱାରା ଗ୍ରହଣ କରାଯାଇଥିବା ରୋଗ, ପ୍ରତିଦିନ ର ଜୀବିତ/ସକ୍ରିୟ କାର୍ଯ୍ୟକଳାପ ଉପରେ ପ୍ରଭାବ ଅନୁସାରେ ଚିରସ୍ଥାୟୀ କିମ୍ବା ଦୀର୍ଘ ସ୍ଥାୟୀ, ଆଜୀବନ କିମ୍ବା ସଂକଟପୂର୍ଣ୍ଣ ହୋଇପାରେ । ଦୁର୍ଘଟଣାଜନିତ କ୍ଷତ କିମ୍ବା ଦୁର୍ଘଟଣା ଯୋଗୁଁ ହୋଇଥିବା ଅକ୍ଷମତା କାରଣରୁ ଖର୍ଚ୍ଚ ମଧ୍ୟ ହୋଇପାରେ ।

ଭିନ୍ନ ଭିନ୍ନ ଜୀବନ ଶୈଳୀ, ରାଶିପ୍ରଦାନ କ୍ଷମତା ଏବଂ ସ୍ୱାସ୍ଥ୍ୟ ସ୍ଥିତି ଥିବା ଭିନ୍ନ ଭିନ୍ନ ଗ୍ରାହକମାନଙ୍କ ଭିନ୍ନ ଭିନ୍ନ ଆବଶ୍ୟକତା ଥାଇପାରେ ଯାହାକୁ ବିଚାର କରିବାର ଆବଶ୍ୟକତା ରହିଛି ଯେତେବେଳେ ପ୍ରତ୍ୟେକ ଗ୍ରାହକ ଅନୁଭାଗ ପ୍ରସ୍ତାବ ଦେବାକୁ ଥିବା ଉପଯୁକ୍ତ ଉତ୍ପାଦର ପରିକଳ୍ପନା କରାଯାଏ । ସ୍ୱାସ୍ଥ୍ୟ ବୀମା କ୍ରୟ କରିବା ସମୟରେ ଗ୍ରାହକମାନେ ମଧ୍ୟ ବ୍ୟାପକ ବୀମା ସୁରକ୍ଷା ଇଚ୍ଛା କରନ୍ତି ଯାହା ସେମାନଙ୍କ ସମସ୍ତ ଆବଶ୍ୟକତାକୁ ସୁରକ୍ଷିତ କରିବ । ତତ୍ ସଙ୍ଗେ ସଙ୍ଗେ, ଅଧିକ ସ୍ୱୀକାର୍ଯ୍ୟତା ଓ ଅଧିକ ପରିମାଣ ହାସଲ କରିବା ପାଇଁ, ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକୁ ଶସ୍ତା ରଖିବାର ଆବଶ୍ୟକତା ଅଛି, ସେଗୁଡିକ ଗ୍ରାହକ ପାଇଁ ଏବଂ ବିପଣନ କରିବାକୁ ବିକ୍ରେତା ସମୂହ ପାଇଁ ମଧ୍ୟ ବୁଝିବା ପାଇଁ ସହଜ ହେବା ଉଚିତ୍ ।

ଏସବୁ ହେଉଛି ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକର କେତେକ ବାଞ୍ଛିତ ବିଶେଷତା ଯାହାକୁ ଗ୍ରାହକ ପାଇଁ ବୀମା କମ୍ପାନୀମାନେ ବିଭିନ୍ନ ରୂପରେ ହାସଲ କରିବାକୁ ଚେଷ୍ଟା କରିଥାନ୍ତି ।

3. ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକର ବିସ୍ତୃତ ବର୍ଗୀକରଣ

ଉତ୍ପାଦ ଡିଜାଇନ ଯାହା ବି ହୋଇଥାଉ, ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକୁ ବିସ୍ତୃତ ରୂପେ 3 ବର୍ଗରେ ଶ୍ରେଣୀଭୁକ୍ତ କରାଯାଇପାରେ ।

a) କ୍ଷତିପୂର୍ତ୍ତି କଭର

ଏହି ଉତ୍ପାଦଗୁଡିକ ସ୍ୱାସ୍ଥ୍ୟ ବୀମା ବଜାରର ସମୂହ କୁ ଅନ୍ତର୍ଭୁକ୍ତ କରନ୍ତି ଏବଂ ଡାକ୍ତରଖାନାରେ ଭର୍ତ୍ତି ଯୋଗୁଁ ହୋଇଥିବା ବାସ୍ତବ ମେଡିକାଲ ଖର୍ଚ୍ଚ ପାଇଁ ରାଶି ପ୍ରଦାନ କରନ୍ତି ।

b) ନିଶ୍ଚିତ/ନିର୍ଦ୍ଧାରିତ ଲାଭ କଭର

'ଡାକ୍ତରଖାନା ନଗଦ' ମଧ୍ୟ କୁହାଯାଉଥିବା, ଏହି ଉତ୍ପାଦଗୁଡିକ ଡାକ୍ତରଖାନାରେ ଭର୍ତ୍ତି ଅବଧି ପାଇଁ ପ୍ରତିଦିନ ଏକ ନିଶ୍ଚିତ/ନିର୍ଦ୍ଧାରିତ ରାଶି ପ୍ରଦାନ କରନ୍ତି । କେତେକ ଉତ୍ପାଦ ରେ ଏକ ନିର୍ଦ୍ଧାରିତ ଗ୍ରେଡେଡ ସର୍ଜରୀ ଲାଭ ମଧ୍ୟ ସମ୍ମିଳିତ ଥାଏ ।

c) ସଙ୍କଟପୂର୍ଣ୍ଣ ରୋଗ କଭର

ହୃଦ୍ ଘାତ, ଷ୍ଟ୍ରୋକ୍, କ୍ୟାନସର ଆଦି ଭଳି ପୂର୍ବ-ନିର୍ଦ୍ଧାରିତ ସଙ୍କଟ ପୂର୍ଣ୍ଣ ରୋଗ ଘଟିଲେ ରାଶିପ୍ରଦାନ ପାଇଁ ଏହା ଏକ ନିଶ୍ଚିତ/ନିର୍ଦ୍ଧାରିତ ଲାଭ ଯୋଜନା ଅଟେ ।

ସାରା ବିଶ୍ୱରେ ସ୍ୱାସ୍ଥ୍ୟ ଓ ବିକଳାଙ୍ଗତା ବୀମା ଏକାସାଙ୍ଗରେ ଯାଆନ୍ତି କିନ୍ତୁ ଭାରତରେ, ବ୍ୟକ୍ତିଗତ ଦୁର୍ଘଟଣା କଭର କୁ ପାରମ୍ପରିକ ଭାବେ ସ୍ୱାସ୍ଥ୍ୟ ବୀମା ଠାରୁ ସ୍ୱତନ୍ତ୍ର ରୂପେ ବିକ୍ରି କରାଯାଇଛି ।

ଭାରତ ବାହାରେ ଥିବା ବେଳେ ହୋଇଥିବା ଖର୍ଚ୍ଚକୁ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଭୁକ୍ତ କରେ ନାହିଁ । ଏହି ଉଦ୍ଦେଶ୍ୟ ପାଇଁ, ଅନ୍ୟ ଏକ ଉତ୍ପାଦ- ସମୁଦ୍ରପାରୀ ସ୍ୱାସ୍ଥ୍ୟ ବୀମା କିମ୍ବା ଯାତ୍ରା ବୀମା-କ୍ରୟ କରିବା ଆବଶ୍ୟକ ଅଟେ । କେବଳ ଆଧୁନିକ ସମୟରେ, ବେସରକାରୀ ବୀମାକର୍ତ୍ତାମାନଙ୍କ କିଛି ଉଚ୍ଚ ପରିଣାମ ବିଶିଷ୍ଟ ସ୍ୱାସ୍ଥ୍ୟ ବୀମା ଉତ୍ପାଦ, କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ଓ ପ୍ରତିବନ୍ଧ ଅନ୍ତର୍ଗତ, ନିୟମିତ ସ୍ୱାସ୍ଥ୍ୟ ବୀମା ସୁରକ୍ଷାର ଅଂଶ ରୂପେ ସମୁଦ୍ରପାରୀ ବୀମା ସୁରକ୍ଷାକୁ ଅନ୍ତର୍ଭୁକ୍ତ କରନ୍ତି ।

4. ଗ୍ରାହକ ଅନୁଭାଗ ଆଧାରରେ ବର୍ଗୀକରଣ

ଉତ୍ପାଦଗୁଡିକ ଲକ୍ଷ୍ୟଗ୍ରାହକ ଅନୁଭାଗ କୁ ଧ୍ୟାନ ରଖି ମଧ୍ୟ ଡିଜାଇନ କରାଯାଏ । ପ୍ରତ୍ୟେକ ଅନୁଭାଗ ପାଇଁ ଲାଭ ସଂରଚନା, ମୂଲ୍ୟ ନିର୍ଦ୍ଧାରଣ, ସଙ୍କଟାଙ୍କନ ଓ ବିପଣନ ସଂପୂର୍ଣ୍ଣ ଅଲଗା ହୋଇଥାଏ । ଗ୍ରାହକ ଅନୁଭାଗ ଆଧାରରେ ବର୍ଗୀକୃତ ଉତ୍ପାଦଗୁଡିକ ହେଉଛନ୍ତି:

a) **ବୈୟକ୍ତିକ କଭର** ଯାହାକୁ ଖୁଚୁରା ଗ୍ରାହକ ଏବଂ ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ପ୍ରଦାନ କରାଯାଏ

b) **ସମୂହ କଭର** ଯାହାକୁ କର୍ପୋରେଟ କ୍ଲାଏଣ୍ଟମାନଙ୍କୁ ପ୍ରଦାନ କରାଯାଏ, ଯାହା କର୍ମଚାରୀବୃନ୍ଦ ଓ ସମୂହଗୁଡିକୁ, ସେମାନଙ୍କ ସଦସ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରେ

c) **RSBY ଭଳି** ସରକାରୀ ଯୋଜନାଗୁଡିକ ପାଇଁ ବ୍ୟାପକ ପଲିସୀସବୁ ଯାହା ଜନସମୁଦାୟ ର ଅତ୍ୟନ୍ତ ଗରିବ ବର୍ଗମାନଙ୍କୁ ସୁରକ୍ଷା ପ୍ରଦାନ କରେ ।

B. *ସ୍ୱାସ୍ଥ୍ୟ ବୀମାରେ ମାନକୀକରଣ ଉପରେ ଆଇ.ଆର୍.ଡି.ଏ. ମାର୍ଗଦର୍ଶିକା*

ବହୁସଂଖ୍ୟକ ଭିନ୍ନ ଭିନ୍ନ ଉତ୍ପାଦ ପ୍ରଦାନ କରୁଥିବା ଅନେକ ବୀମାକର୍ତ୍ତା ଥିବାଯୋଗୁଁ ଏବଂ ବିଭିନ୍ନ ସର୍ତ୍ତାବଳୀ ଓ ଅପବର୍ଜନର ଭିନ୍ନ ଭିନ୍ନ ପରିଭାଷା ଥିବା ଯୋଗୁଁ, ବଜାରରେ ଅସ୍ତବ୍ୟସ୍ତତା ଉତ୍ପନ୍ନ ହେଲା । ଗ୍ରାହକମାନଙ୍କ ପାଇଁ ଉତ୍ପାଦଗୁଡିକ ତୁଳନା କରିବା ଏବଂ ତୃତୀୟ ପକ୍ଷ ପ୍ରଶାସକମାନଙ୍କ ପାଇଁ ବୈୟକ୍ତିକ କମ୍ପାନୀମାନଙ୍କ ଉତ୍ପାଦ ବିପକ୍ଷରେ ଦାବୀ ପ୍ରଦାନ କରିବା କଷ୍ଟକର ହୋଇଗଲା । ଏହା ବ୍ୟତୀତ, ସଙ୍କଟପୂର୍ଣ୍ଣ ରୋଗ ପଲିସୀଗୁଡିକରେ, କୌଣସି ସ୍ୱଷ୍ଟ ବୁଝାମଣା ନ ଥିଲା ଯେ କେଉଁଟା ସଙ୍କଟପୂର୍ଣ୍ଣ ରୋଗ ଅଟେ ଏବଂ କେଉଁଟା ନୁହେଁ । ସ୍ୱାସ୍ଥ୍ୟ ବୀମା ଉଦ୍ୟୋଗ ପାଇଁ ଇଲେକ୍ଟ୍ରୋନିକ୍ ତଥ୍ୟ ରଖିବା ମଧ୍ୟ କଷ୍ଟସାଧ ହେଉଥିଲା ।

ବୀମାକର୍ତ୍ତା, ସେବା ପ୍ରଦାନକାରୀ, ଟି.ପି.ଏ. ମଧ୍ୟରେ ଥିବା ବିଭ୍ରାନ୍ତିକୁ ଓ ଡାକ୍ତରଖାନା ଏବଂ ବୀମା ନେଉଥିବା ଜନତାଙ୍କ ଅଭିଯୋଗକୁ ଦୂର କରିବା ପାଇଁ ଆଇ.ଆର୍.ଡି.ଏ., ସେବା ପ୍ରଦାନକାରୀ, ଡାକ୍ତରଖାନା, ଫେଡେରେଶନ ଅଫ୍ ଚ୍ୟାମ୍ବର୍ସ ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ସ୍ୱାସ୍ଥ୍ୟ ଉପଦେଷ୍ଟା ସମିତି ଭଳି ବିଭିନ୍ନ ସଂଗଠନ, ସ୍ୱାସ୍ଥ୍ୟ ବୀମାରେ କିଛି ପ୍ରକାରର ମାନକୀକରଣ ପ୍ରଦାନ କରିବା ପାଇଁ, ଏକତ୍ର ହେଲେ । ଏକ ସାଧାରଣ ବୁଝାମଣା ଆଧାରରେ, ଆଇ.ଆର୍.ଡି.ଏ. 2013 ରେ ସ୍ୱାସ୍ଥ୍ୟ ବୀମା ରେ ମାନକୀକରଣ ଉପରେ ମାର୍ଗଦର୍ଶିକା ଜାରୀ କଲେ ।

ମାର୍ଗଦର୍ଶିକା ବର୍ତ୍ତମାନ ନିମ୍ନସବୁର ମାନକୀକରଣ ର ପ୍ରାବଧାନ ରଖେ :

1. ସାଧାରଣରୂପେ ବ୍ୟବହୃତ ବୀମା ସମ୍ବନ୍ଧୀୟ ପଦଗୁଡିକର ପରିଭାଷା
2. ସଙ୍କଟପୂର୍ଣ୍ଣ ରୋଗର ପରିଭାଷା
3. ହସ୍ପିଟାଲାଇଜେଶନ୍ କ୍ଷତିପୂର୍ତ୍ତି ପଲିସୀଗୁଡିକରେ ଅପବର୍ଜିତ ଖର୍ଚ୍ଚର ଆଇଟମଗୁଡିକର ତାଲିକା
4. ଦାବୀ ଫର୍ମ ଏବଂ ପ୍ରାକ୍-ପ୍ରାଧିକୃତି ଫର୍ମ
5. ବିଲ କରିବା ଫର୍ମାଟଗୁଡିକ
6. ଡାକ୍ତରଖାନାର ଡିସ୍ଚାର୍ଜ ସଂକ୍ଷିପ୍ତ ବିବରଣ
7. ଟି.ପି.ଏ., ବିମାକର୍ତ୍ତା ଏବଂ ଡାକ୍ତରଖାନା ଗୁଡିକ ମଧ୍ୟରେ ମାନକ ଚୁକ୍ତି
8. ନୂତନ ପଲିସୀଗୁଡିକ ପାଇଁ IRDAI ପାଇବା ପାଇଁ ମାନକ ଫାଇଲ ଏବଂ ଉପଯୋଗ ଫର୍ମାଟ୍

ଏହା ସ୍ୱାସ୍ଥ୍ୟ ପ୍ରାବଧାନ କର୍ତ୍ତା ଓ ବୀମା ଉଦ୍ୟୋଗର ସେବାର ଗୁଣବତ୍ତାକୁ ଉନ୍ନତ କରିବାରେ ଏକ ବଡ଼ ପଦକ୍ଷେପ ଅଟେ ଏବଂ ସାର୍ଥକ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବୀମା ତଥ୍ୟ ସଂଗ୍ରହ କରିବାରେ ମଧ୍ୟ ସାହାଯ୍ୟ କରିବ ।

C. *ଡାକ୍ତରଖାନା ଭର୍ତ୍ତିକରଣ (ହସ୍ପିଟାଲାଇଜେଶନ୍) କ୍ଷତିପୂର୍ତ୍ତି ଉତ୍ପାଦ*

ଏକ କ୍ଷତିପୂର୍ତ୍ତି ଆଧାରିତ ସ୍ୱାସ୍ଥ୍ୟ ବୀମା ପଲିସୀ ହେଉଛି ଭାରତରେ ସବୁଠୁ ସାଧାରଣ ଏବଂ ସର୍ବାଧିକ ବିକ୍ରି ହେଉଥିବା ସ୍ୱାସ୍ଥ୍ୟ ବୀମା ଉତ୍ପାଦ । ଅଷ୍ଟାଦଶ ଆଡ଼େ PSU ବୀମାକର୍ତ୍ତା ମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମେଡିକ୍ଲେମ ପଲିସୀ ସର୍ବପୁରାତନ ମାନକ (ଷ୍ଟାଣ୍ଡାର୍ଡ) ସ୍ୱାସ୍ଥ୍ୟ ଉତ୍ପାଦ ଥିଲା ଏବଂ ଦୀର୍ଘ ସମୟ ଧରି ବଜାରରେ ଉପଲବ୍ଧ ଏକମାତ୍ର ଉତ୍ପାଦ ଥିଲା । ଯଦିଓ ଏହି ଉତ୍ପାଦକୁ କେତେକ ପରିବର୍ତ୍ତନ ସହିତ, ଭିନ୍ନ ଭିନ୍ନ ବୀମାକର୍ତ୍ତା ଦ୍ୱାରା ଭିନ୍ନ ଭିନ୍ନ ବ୍ରାଣ୍ଡ ନାମ ଅନ୍ତର୍ଗତ ବିପଣନ କରାଯାଏ, ମେଡିକ୍ଲେମ୍ ଦେଶରେ ସର୍ବାଧିକ ବିକ୍ରିହେଉଥିବା ସ୍ୱାସ୍ଥ୍ୟ ବୀମା ରୂପେ ଚାଲୁ ରହିଛି ।

ହସ୍ପିଟାଲାଇଜେଶନ୍ କ୍ଷତିପୂର୍ତ୍ତି ଉତ୍ପାଦଗୁଡିକ ବ୍ୟକ୍ତିମାନଙ୍କୁ ସେହି ଖର୍ଚ୍ଚସବୁ ଠାରୁ ସୁରକ୍ଷା ପ୍ରଦାନ କରନ୍ତି ଯାହାକୁ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣାରେ ସେମାନଙ୍କୁ ବ୍ୟୟ କରିବାର ଆବଶ୍ୟକ ହୋଇଥାନ୍ତା । ଅଧିକାଂଶ କ୍ଷେତ୍ରରେ, ସେମାନେ ହସ୍ପିଟାଲାଇଜେଶନ୍ ର ପୂର୍ବେ ଓ ପରେ କିଛି ନିର୍ଦ୍ଦିଷ୍ଟ ସଂଖ୍ୟକ ଦିନ ପାଇଁ ମଧ୍ୟ ସୁରକ୍ଷା ପ୍ରଦାନ କରନ୍ତି, କିନ୍ତୁ ହସ୍ପିଟାଲାଇଜେଶନ ରେ ସଂପୃକ୍ତ ନ ଥିବା କୌଣସି ବି ଖର୍ଚ୍ଚକୁ ଅପବର୍ଜିତ କରନ୍ତି ।

ସେଭଳି ସୁରକ୍ଷା ଏକ 'କ୍ଷିତିପୂର୍ତ୍ତି' ଆଧାରରେ ଅର୍ଥାତ୍, ହସ୍ପିଟାଲାଇଜେଶନ ଅବଧିରେ ବହନ କରାଯାଇଥିବା ଖର୍ଚ୍ଚ କିମ୍ବା ବ୍ୟୟ କରାଯାଇଥିବା ରାଶିର କିଛି ଅଂଶ କିମ୍ବା ସଂପୂର୍ଣ୍ଣ ରାଶିର ପ୍ରତିପୂର୍ତ୍ତି କରି, ପ୍ରଦାନ କରାଯାଏ । ଏହାର ବିଷମତା 'ଲାଭ' ଆଧାରରେ ଦିଆଯାଉଥିବା ବୀମା ସୁରକ୍ଷା ସହିତ ଦର୍ଶାଯାଇପାରେ । ଯେଉଁଠି ଏକ ନିର୍ଦ୍ଦିଷ୍ଟ ଘଟଣା ଘଟିବା ଉପରେ (ଯେପରିକି ହସ୍ପିଟାଲାଇଜେଶନ୍, ସଙ୍କଟପୂର୍ଣ୍ଣ ରୋଗର ନିଦାନ କିମ୍ବା ଭର୍ତ୍ତିର ପ୍ରତ୍ୟେକ ଦିନ) ପ୍ରଦାନ କରିବାକୁ ଥିବା ରାଶି ବୀମା ପଲିସୀ ରେ ଉଲ୍ଲିଖିତଭଳି ହୁଏ ଏବଂ ବ୍ୟୟ କରାଯାଇଥିବା ପ୍ରକୃତ ଖର୍ଚ୍ଚ ସହିତ ଏହାର ସମ୍ବନ୍ଧ ନ ଥାଏ ।

ଉଦାହରଣ

ରଘୁର ଏକ ଛୋଟ ପରିବାର ଅଛି ଯେଉଁଥିରେ ତା' ପତ୍ନୀ ଏବଂ ଏକ 14 ବର୍ଷର ପୁଅ ସମ୍ମିଳିତ । ସେ ଟ.1 ଲକ୍ଷ ଲେଖାଏଁ ର ଏକ ବୈୟକ୍ତିକ ସୁରକ୍ଷା ପାଇଁ, ଏକ ସ୍ୱାସ୍ଥ୍ୟ ବୀମା କମ୍ପାନୀ ଠାରୁ, ତା' ପରିବାରର ପ୍ରତ୍ୟେକ ସଦସ୍ୟକୁ ସୁରକ୍ଷା ପ୍ରଦାନ କରୁଥିବା, ଏକ ମେଡିକ୍ଲେମ୍ ପଲିସୀ ନେଇଛି । ଡାକ୍ତରଖାନାରେ ଭର୍ତ୍ତି ହେବା କ୍ଷେତ୍ରରେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଟ.1 ଲକ୍ଷ ପର୍ଯ୍ୟନ୍ତ ମେଡିକଲ ଖର୍ଚ୍ଚର କ୍ଷତିପୂର୍ତ୍ତି ପାଇଥାନ୍ତେ ।

ହୃଦ୍ ଘାତ କାରଣ ରଘୁକୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା ଏବଂ ସର୍ଜରୀର ଆବଶ୍ୟକତା ହେଲା । ମେଡିକଲ ବିଲ ଟ.1.25 ଲକ୍ଷ ପର୍ଯ୍ୟନ୍ତ ଉଠିଲା । ବୀମା ସୁରକ୍ଷା ଯୋଜନା ଅନୁସାରେ ବୀମା କମ୍ପାନୀ ଟ.1.ଲକ୍ଷ ପ୍ରଦାନ କଲା ଏବଂ ଟ 25,000 ର ଅବଶିଷ୍ଟ ରାଶିକୁ ରଘୁ କୁ ତା' ନିଜ ପକେଟରୁ ଦେବାକୁ ପଡିଲା ।

କ୍ଷତିପୂର୍ତ୍ତି ଆଧାରିତ ମେଡିକ୍ଲେମ୍ ପଲିସୀର ମୂଖ୍ୟ ବିଶେଷତାଗୁଡିକର ବିବରଣୀ ନିମ୍ନରେ ଦିଆଯାଇଛି, ଯଦିଓ ବୀମା ସୁରକ୍ଷାର ସୀମା, ଅତିରିକ୍ତ ଅପବର୍ଜନ କିମ୍ବା ଲାଭ କିମ୍ବା କିଛି ଆଡ-ଅନ୍ ରେ ଭିନ୍ନତାକୁ ପ୍ରତ୍ୟେକ ବୀମାକର୍ତ୍ତା ଦ୍ୱାରା ବିପଣନ କରାଯାଉଥିବା ଉତ୍ପାଦଗୁଡିକ ଉପରେ ଲାଗୁ କରାଯାଇପାରେ । ଛାତ୍ରକୁ ଏହି ପରାମର୍ଶ ଦିଆଯାଉଛି ଯେ ନିମ୍ନଲିଖିତ ହେଉଛି ଉତ୍ପାଦ ସମ୍ବନ୍ଧରେ କେବଳ ଏକ ସାମାନ୍ୟ ଧାରଣା ଏବଂ ସେ ନିଜେ ଏକ ନିର୍ଦ୍ଦିଷ୍ଟ ବୀମାକର୍ତ୍ତାର ସେହି ଉତ୍ପାଦ ସହିତ ନିଜକୁ ପରିଚିତ କରିବା ଉଚିତ୍ ଯାହା ବିଷୟରେ ସେ ଅଧିକ ଜାଣିବା ପାଇଁ ଚାହେଁ । ସେ କେତେକ ମେଡିକଲ ପଦ**/ଶବ୍ଦ ବିଷୟରେ ମଧ୍ୟ ନିଜକୁ ଶିକ୍ଷିତ କରିବାର ଆବଶ୍ୟକତା ରହିଛି ଯାହାର ଉପଯୋଗ ସେ କରିପାରେ ।**

1. ଆନ୍ତଃରୋଗୀ ହସ୍ପିଟାଲାଇଜେଶନ୍ ଖର୍ଚ୍ଚ

ଏକ କ୍ଷତିପୂର୍ତ୍ତି ପଲିସୀ ରୋଗ/ଦୁର୍ଘଟଣା କାରଣରୁ ହୋଇଥିବା ହସ୍ପିଟାଲାଇଜେଶନ୍ ଖର୍ଚ୍ଚର ମୂଲ୍ୟକୁ ବୀମିତ କୁ ପ୍ରଦାନ କରେ ।

ସମସ୍ତ ଖର୍ଚ୍ଚ ପ୍ରଦାନଯୋଗ୍ୟ ହୋଇ ନ ପାରେ ଏବଂ ଅଧିକାଂଶ ଉତ୍ପାଦ ସୁରକ୍ଷା ପ୍ରଦାନ କରୁଥିବା ଖର୍ଚ୍ଚସବୁକୁ ପରିଭାଷିତ କରନ୍ତି ଯେଉଁଥିରେ ସାଧାରଣତଃ ଅନ୍ତର୍ଭୁକ୍ତ ହୁଅନ୍ତି:

i. ଡାକ୍ତରଖାନା/ନର୍ସିଂହୋମ୍ ଦ୍ୱାରା ଦିଆଯାଉଥିବା ଭଳି କୋଠରୀ, ବୋର୍ଡିଙ୍ଗ୍ ଏବଂ ନର୍ସିଂ ଖର୍ଚ୍ଚ । ଏଥିରେ ଅନ୍ତର୍ଭୁକ୍ତ ହୁଏ ନର୍ସିଂ ସେବା, RMO ଚାର୍ଜ, IV ତରଳ ପଦାର୍ଥ/ରକ୍ତ ସଂଚାରଣ/ଇଞ୍ଜେକ୍ସନ ଦେବା ଚାର୍ଜ ଏବଂ ସେଭଳି ଖର୍ଚ୍ଚ

ii. ଇଣ୍ଟେନ୍ସିଭ କେୟାର ୟୁନିଟ (ICU) ଖର୍ଚ୍ଚ

iii. ସର୍ଜନ, ଏନେସ୍ଥେଟିଷ୍ଟ, ମେଡିକଲ ପ୍ରାକ୍ଟିଶନର, ପରାମର୍ଶଦାତା, ବିଶେଷଜ୍ଞ ଶୁଳ୍କ

iv. ଏନେସ୍ଥେଟିକ୍, ରକ୍ତ, ଅକ୍ସିଜେନ, ଅପରେଶନ ଥିଏଟର ଚାର୍ଜ, ସର୍ଜିକଲ ଉପକରଣ

v. ଔଷଧ ଏବଂ ଡ୍ରଗ୍ସ

vi. ଡାଏଲିସିସ୍, କେମୋଥେରାପି, ରେଡିଓଥେରାପି

vii. ପେସ୍ମେକର୍, ଅର୍ଥୋପେଡିକ୍ ଇମପ୍ଲାଣ୍ଟ, ଇନଫ୍ରା କାର୍ଡିଆକ୍ ଭାଲ୍ଭ ପ୍ରତିସ୍ଥାପନ, ଭାସ୍କ୍ୟୁଲାର୍ ଷ୍ଟେଣ୍ଟ

viii. ଚିକିତ୍ସା ସମ୍ବନ୍ଧୀୟ ଆବଶ୍ୟକୀୟ ଲାବୋରେଟେରୀ/ଡାଏଗ୍ନୋଷ୍ଟିକ୍ ପରୀକ୍ଷା ଏବଂ ଅନ୍ୟାନ୍ୟ ମେଡିକାଲ ଖର୍ଚ୍ଚ

ix. ବୀମିତ କୁ ଅଙ୍ଗ ପ୍ରତ୍ୟାରୋପଣ ପରିପ୍ରେକ୍ଷୀରେ ଦାନକର୍ତ୍ତା (ଡୋନର୍) ଉପରେ ବ୍ୟୟ କରାଯାଇଥିବା ଡାକ୍ତରଖାନାରେ ଭର୍ତ୍ତି ଖର୍ଚ୍ଚ (ଅଙ୍ଗର ମୂଲ୍ୟ ବହିର୍ଭୂତ କରି)

ଏକ ନିୟମିତ ହସ୍ପିଟାଲାଇଜେଶନ କ୍ଷତିପୂର୍ତ୍ତି ପଲିସୀ ଖର୍ଚ୍ଚଗୁଡିକୁ ସୁରକ୍ଷା ଦିଏ କେବଳ ଯଦି ଡାକ୍ତରଖାନାରେ ରହିବା ଅବଧି 24 ଘଣ୍ଟା କିମ୍ବା ଅଧିକ ହୁଏ । ଅବଶ୍ୟ ମେଡିକଲ ଟେକ୍ନୋଲୋଜି ର ଉନ୍ନତକରଣ ସହିତ, ଅନେକ ସର୍ଜରୀ ପାଇଁ ଚିକିତ୍ସା ପ୍ରକ୍ରିୟା ଡାକ୍ତରଖାନାରେ ଭର୍ତ୍ତି ଆବଶ୍ୟକ କରେ ନାହିଁ । ବର୍ତ୍ତମାନ ଦିବସସେବା ପ୍ରକ୍ରିୟା ରୂପେ, ସେଗୁଡିକର ସଂଚାଳନ ବିଶେଷତାପ୍ରାପ୍ତ ଦିବସ ସେବାକେନ୍ଦ୍ର କିମ୍ବା ଡାକ୍ତରଖାନାରେ କରାଯାଇପାରେ, ପ୍ରକରଣ ଅନୁସାରେ । ଚକ୍ଷୁ ସର୍ଜରୀ, କେମୋଥେରାପି, ଡାଏଲିସିସ୍ ଭଳି ଚିକିତ୍ସା ସବୁ କୁ ଦିବସସେବା ସର୍ଜରୀ ଅନ୍ତର୍ଗତ ଶ୍ରେଣୀଭୁକ୍ତ କରାଯାଇପାରେ ଏବଂ ତାଲିକା ସର୍ବଦା ବଢୁଥାଏ । ଏଗୁଡିକୁ ମଧ୍ୟ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଏ ।

ବାହ୍ୟରୋଗୀ ଖର୍ଚ୍ଚର ବୀମା ଏପର୍ଯ୍ୟନ୍ତ ଭାରତରେ ଅତି ସୀମିତ ଅଛି, ସେଭଳି ଅତି ଅଳ୍ପ ଉତ୍ପାଦ ଓ.ପି.ଡି. ସୁରକ୍ଷା ଦିଅନ୍ତି । ଅବଶ୍ୟ କେତେକ ଯୋଜନା ରହିଛି ଯାହା ବାହ୍ୟରୋଗୀ ହିସାବରେ ଚିକିତ୍ସା ଏବଂ ସେ ସମ୍ବନ୍ଧୀୟ ଡାକ୍ତର ଆଗମନ, ନିୟମିତ ମେଡିକଲ ପରୀକ୍ଷଣ, ଡେଣ୍ଟଲ ଓ ଫାର୍ମାସୀ ମୂଲ୍ୟ ସହିତ ସଂପୃକ୍ତ ସ୍ୱାସ୍ଥ୍ୟ ଖର୍ଚ୍ଚସବୁ କୁ ମଧ୍ୟ ସୁରକ୍ଷା ପ୍ରଦାନ କରେ ।

2. ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଖର୍ଚ୍ଚ

i. ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଖର୍ଚ୍ଚ

ହସ୍ପିଟାଲାଇଜେଶନ ହୁଏତ ଜରୁରୀକାଳୀନ କିମ୍ବା ଯୋଜନାବଦ୍ଧ ହସ୍ପିଟାଲାଇଜେଶନ ହୋଇପାରେ । ଯଦି ଏକ ରୋଗୀ ଏକ ଯୋଜନାବଦ୍ଧ ସର୍ଜରୀ ପାଇଁ ଯାଏ, ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ତା' ଦ୍ୱାରା ଖର୍ଚ୍ଚ ହୋଇଥାଇପାରେ ।

ପରିଭାଷା

ଆଇ.ଆର.ଡି.ଏ. ସ୍ୱାସ୍ଥ୍ୟ ବୀମା ମାନକୀକରଣ ମାର୍ଗଦର୍ଶିକା ହସ୍ପିଟାଲ ପୂର୍ବବର୍ତ୍ତୀ ଖର୍ଚ୍ଚସବୁକୁ ନିମ୍ନମତେ ପରିଭାଷିତ କରେ :

ବୀମିତ ବ୍ୟକ୍ତି ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ତୁରନ୍ତ ବ୍ୟୟ କରାଯାଇଥିବା ମେଡିକଲ ଖର୍ଚ୍ଚସବୁ, ଏହି ସର୍ତ୍ତରେ ଯେ:

a) ସେଭଳି ମେଡିକଲ ଖର୍ଚ୍ଚସବୁ ସେହି ସମାନ ସ୍ଥିତି ପାଇଁ କରାଗଲା ଯାହା ପାଇଁ ବୀମିତ ବ୍ୟକ୍ତିର ହସ୍ପିଟାଲାଇଜେଶନ ଆବଶ୍ୟକ ହେଲା,ଏବଂ

b) ସେଭଳିଆ ହସ୍ପିଟାଲାଇଜେଶନ ପାଇଁ ଆନ୍ତଃ-ରୋଗୀ ହସ୍ପିଟାଲାଇଜେଶନ ଦାବୀ ବୀମା କମ୍ପାନୀ ଦ୍ୱାରା ସ୍ୱୀକାର୍ଯ୍ୟ ହୁଏ

ହସ୍ପିଟାଲାଇଜେଶନ୍ ପୂର୍ବବର୍ତ୍ତୀ ଖର୍ଚ୍ଚସବୁ ପରୀକ୍ଷଣ, ଔଷଧ, ଡାକ୍ତରଙ୍କ ଶୁଳ୍କ ଆଦି ରୂପେ ହୋଇପାରେ । ସେଭଳି ଖର୍ଚ୍ଚ, ଯାହା ହସ୍ପିଟାଲାଇଜେଶନ ପାଇଁ ଆବଶ୍ୟକ ଓ ସେହି ସମ୍ବନ୍ଧୀୟ ଅଟେ, ସେଗୁଡିକୁ ସ୍ୱାସ୍ଥ୍ୟ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଏ ।

ii. ହସ୍ପିଟାଲାଇଜେଶନ ପରବର୍ତ୍ତୀ ଖର୍ଚ୍ଚ

ଡାକ୍ତରଖାନାରେ, ରହିବା ପରେ, ଅଧିକାଂଶ କ୍ଷେତ୍ରରେ ସ୍ୱାସ୍ଥ୍ୟ ଲାଭ ଏବଂ ପରବର୍ତ୍ତୀ ପଦକ୍ଷେପ ସମ୍ବନ୍ଧୀୟ ଖର୍ଚ୍ଚ ସବୁ ହୋଇପାରେ ।

ପରିଭାଷା

ବୀମିତ ବ୍ୟକ୍ତି ଡାକ୍ତରଖାନାରୁ ମୁକ୍ତି ପାଇବା (ଡିସ୍ଚାର୍ଜ ହେବା) ପରେ ତୁରନ୍ତ ବ୍ୟୟ କରାଯାଇଥିବା ମେଡିକଲ ଖର୍ଚ୍ଚସବୁ,ଏହି ସର୍ତ୍ତରେ ଯେ:

a) ସେଭଳି ମେଡିକାଲ ଖର୍ଚ୍ଚସବୁ ସେହି ସମାନ ସ୍ଥିତି ପାଇଁ କରାଗଲା ଯାହା ପାଇଁ ବୀମିତ ବ୍ୟକ୍ତିର ହସ୍ପିଟାଲାଇଜେଶନ ଆବଶ୍ୟକ ହେଲା, ଏବଂ

b) ସେଭଳିଆ ହସ୍ପିଟାଲାଇଜେଶନ ପାଇଁ ଆନ୍ତଃ-ରୋଗୀ ହସ୍ପିଟାଲାଇଜେଶନ ଦାବୀ ବୀମା କମ୍ପାନୀ ଦ୍ୱାରା ସ୍ୱୀକାର୍ଯ୍ୟ ହୁଏ

ହସ୍ପିଟାଲାଇଜେଶନ ପରବର୍ତ୍ତୀ ଖର୍ଚ୍ଚସବୁ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ନିର୍ଦ୍ଧାରିତ ସଂଖ୍ୟକ ଦିନ ପର୍ଯ୍ୟନ୍ତ ଅବଧିରେ ବ୍ୟୟ କରାଯାଇଥିବା ଆବଶ୍ୟକୀୟ ମେଡିକଲ ଖର୍ଚ୍ଚସବୁ ହୋଇପାରେ ଏବଂ ସେସବୁକୁ ଦାବୀର ଏକ ଅଂଶ ରୂପେ ବିବେଚିତ କରାଯିବ ।

ହସ୍ପିଟାଲାଇଜେଶନ ପରବର୍ତ୍ତୀ ଖର୍ଚ୍ଚସବୁ ଡାକ୍ତରଖାନାରୁ ଡିସ୍ଚାର୍ଜ ହେଲା ପରେ ଔଷଧ, ଡ୍ରଗ୍ସ, ଡାକ୍ତରମାନଙ୍କ ଦ୍ୱାରା ସମୀକ୍ଷା ଆଦି ହୋଇପାରେ । ସେଭଳି ଖର୍ଚ୍ଚସବୁ ଡାକ୍ତରଖାନାରେ ନିଆଯାଇଥିବା ଚିକିତ୍ସା ସମ୍ବନ୍ଧୀୟ ହେବା ଉଚିତ୍ ଏବଂ ସେଗୁଡିକୁ ସ୍ୱାସ୍ଥ୍ୟ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଏ ।

ଯଦିଓ ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଖର୍ଚ୍ଚସବୁ ପାଇଁ ସମୟାବଧି ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ହୋଇପାରେ ଏବଂ ପଲିସୀରେ ନିର୍ଦ୍ଧାରିତ ହୋଇଥାଏ, ସବୁଠୁ ସାଧାରଣ ବୀମା ସୁରକ୍ଷା ହେଉଛି ହସ୍ପିଟାଲାଇଜେଶନ ର ପୂର୍ବବର୍ତ୍ତୀ ତିରିଶ ଦିନ ପାଇଁ ଏବଂ ପରବର୍ତ୍ତୀ ଷାଠିଏ ଦିନ ପାଇଁ ।

ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଖର୍ଚ୍ଚ ସବୁ ସମଗ୍ର ବୀମା ରାଶିର ଅଂଶ ହୁଅନ୍ତି ଯାହା ପାଇଁ ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷା ସ୍ୱୀକୃତ ହୋଇଥାଏ ।

a) ଆବାସିକ ହସ୍ପିଟାଲାଇଜେଶନ୍

ଯଦିଓ ଏହି ଲାଭ ସାଧାରଣ ଭାବେ ପଲିସୀଧାରୀମାନଙ୍କ ଦ୍ୱାରା ବ୍ୟବହୃତ ହୁଏ ନାହିଁ, ଏକ ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀ ରେ ମଧ୍ୟ ଏକ ଡାକ୍ତରଖାନାରେ ଭର୍ତ୍ତି ନ ହୋଇ ଘରେ ନିଆଯାଇଥିବା ଡାକ୍ତରୀ ଚିକିତ୍ସା ପାଇଁ ହୋଇଥିବା ଖର୍ଚ୍ଚସବୁକୁ ଧ୍ୟାନ ରଖିବାର ପ୍ରାବଧାନ ଅଛି । ଅବଶ୍ୟ, ସର୍ତ୍ତ ହେଉଛି ଯେ ଯଦିଓ ରୋଗ ଏକ ଡାକ୍ତରଖାନା ର ଯତ୍ନ ଆବଶ୍ୟକ କରେ, ରୋଗୀର ସ୍ଥିତି ଏଭଳି ଅଟେ ଯେ ତାକୁ ଡାକ୍ତରଖାନାକୁ ନିଆଯାଇ ନ ପାରେ କିମ୍ବା ଡାକ୍ତରଖାନାରେ ନିବାସ ର ଅଭାବ ଅଛି ।

ଏହି ବୀମା ସାଧାରଣତଃ ତିନିଠାରୁ ପାଞ୍ଚ ଦିନ ର ଏକ ଅତିରିକ୍ତ ଅନୁଚ୍ଛେଦ ନିଏ ଯାହାର ଅର୍ଥ ହେଉଛି ଯେ ପ୍ରଥମ ତିନିଠାରୁ ପାଞ୍ଚ ଦିନ ପାଇଁ ଚିକିତ୍ସା ଖର୍ଚ୍ଚକୁ ବୀମିତ ଦ୍ୱାରା ବହନ କରିବାକୁ ପଡିଥାଏ । ଏହି ବୀମା କେତେକ ଚିରସ୍ଥାୟୀ କିମ୍ବା ସାଧାରଣ ରୋଗ ଯେପରିକି ଆସ୍ଥ୍ମା, ବ୍ରୋଙ୍କାଇଟିସ୍, କ୍ରୋନିକ୍ ନେଫ୍ରିଟିସ ଏବଂ ନେଫ୍ରିଟିକ୍ ସିନ୍ଡ୍ରୋମ୍, ଡାଏରିଆ ଏବଂ ଗ୍ୟାସ୍ଟ୍ରୋଏଣ୍ଟେରିଟିସ୍, ଡାଏବେଟିସ୍ ମେଲିଟସ୍, ଅପସ୍ମାର, ଉଚ୍ଚ ରକ୍ତଚାପ, ଇନଫ୍ଲୁଏଞ୍ଜା, କଫ ଓ ଥଣ୍ଡା, ଜ୍ୱର ସହିତ ସବୁ ପ୍ରକାରର ତରଳ ଝାଡା ପାଇଁ ଆବାସିକ ଚକିତ୍ସା ଗୁଡିକୁ ମଧ୍ୟ ଅପବର୍ଜିତ କରେ ।

b) ସାଧାରଣ ଅପବର୍ଜନ

ହସ୍ପିଟାଲାଇଜେଶନ କ୍ଷତିପୂର୍ତ୍ତି ପଲିସୀଗୁଡିକ ଅନ୍ତର୍ଗତ କେତେକ ସାଧାରଣ ଅପବର୍ଜନଗୁଡିକ ନିମ୍ନରେ ଦିଆଯାଇଛି. IRDAI ଦ୍ୱାରା ଜାରୀ କରାଯାଇଥିବା ସ୍ୱାସ୍ଥ୍ୟ ବୀମାରେ ମାନକୀକରଣ ଉପରେ ମାର୍ଗଦର୍ଶିକା, ବିଷେଶ ରୂପେ ସଂଲଗ୍ନ IV ରେ ବିସ୍ତୃତ ରୂପେ ଦିଆଯାଇଥିବା ପ୍ରସ୍ତାବିତ ଅପବର୍ଜନ ଉପରେ ଏଗୁଡିକ ଆଧାରିତ ଅଟେ । IRDAI ୱେବସାଇଟ ରେ ଉପଲବ୍ଧ ମାର୍ଗଦର୍ଶିକା ସହିତ ନିଜକୁ ପରିଚିତ କରିବା ପାଇଁ ଛାତ୍ର/ଛାତ୍ରୀଙ୍କୁ ପରାମର୍ଶ ଦିଆଯାଉଛି ।

ଏହାକୁ ନିଶ୍ଚିତ ରୂପେ ଧ୍ୟାନରେ ରଖିବା ଉଚିତ୍ ଯେ ଫାଇଲ ଏବଂ ଉପଯୋଗିତା ସ୍ୱୀକୃତ ସର୍ତ୍ତାବଳୀ ଅନୁଯାୟୀ ଯଦି କୌଣସି ଅପବର୍ଜନକୁ ହଟାଇ ଦିଆଯାଏ କିମ୍ବା କୌଣସି ଅତିରିକ୍ତ ଅପବର୍ଜନକୁ ଲାଗୁ କରାଯାଏ, ଏଗୁଡିକୁ ଗ୍ରାହକ ସୂଚନା ଶୀଟ ଏବଂ ପଲିସୀରେ ଅଲଗା ରୂପେ ନିଶ୍ଚିତ ଭାବେ ଉଲ୍ଲେଖ କରିବା ଉଚିତ୍ ।

1. **ପୂର୍ବରୁ ବିଦ୍ୟମାନ ରୋଗ**

ବୈୟକ୍ତିକ ସ୍ୱାସ୍ଥ୍ୟ ଯୋଜନା ଅନ୍ତର୍ଗତ ଏହାକୁ ପ୍ରାୟତଃ ସର୍ବଦା ଅପବର୍ଜନ କରାଯାଏ .ଯେହେତୁ ଅନ୍ୟଥା ଏହାର ଅର୍ଥ ଏକ ନିଶ୍ଚିତତା କୁ ବୀମା ସୁରକ୍ଷା ଦେବା ହୋଇପାରେ ଏବଂ ବୀମାକର୍ତ୍ତା ପାଇଁ ଏକ ଉଚ୍ଚ ସଙ୍କଟ ହୋଇପାରେ । ଏକ ସ୍ୱାସ୍ଥ୍ୟ ପଲିସୀ ନେବା ସମୟରେ ଆବଶ୍ୟକ ହେଉଥିବା ମହତ୍ୱପୂର୍ଣ୍ଣ ପ୍ରକଟୀକରଣ ମଧ୍ୟରୁ ଗୋଟିଏ ହେଉଛି ସୁରକ୍ଷା ପ୍ରଦାନ କରାଯାଉଥିବା ପ୍ରତ୍ୟେକ ବୀମିତ ବ୍ୟକ୍ତିର ରୋଗ/କ୍ଷତଗୁଡିକ ପୂର୍ବର ଇତିହାସ ସମ୍ବନ୍ଧୀୟ ପ୍ରକଟୀକରଣ । ଏହା ବୀମାକର୍ତ୍ତାକୁ ବୀମା ପାଇଁ ପ୍ରସ୍ତାବର ସ୍ୱୀକୃତି ଉପରେ ନିଷ୍ପତ୍ତି ନେବାପାଇଁ ସକ୍ଷମ କରେ ।

ପରିଭାଷା

ମାନକୀକରଣ ଉପରେ ଆଇ ଆର ଡିଏ ମାର୍ଗଦର୍ଶିକା ପୂର୍ବ-ବିଦ୍ୟମାନକୁ ନିମ୍ନ ରୂପେ ପରିଭାଷିତ କରେ:

"କୌଣସି ଅବସ୍ଥା (ସ୍ଥିତି), ରୋଗ କିମ୍ବା କ୍ଷତ କିମ୍ବା ସେ ସମ୍ବନ୍ଧିତ ସ୍ଥିତି (ଗୁଡିକ) ଯେଉଁଥି ପାଇଁ ଆପଣଙ୍କ ପାଖରେ ଚିହ୍ନ କିମ୍ବା ଲକ୍ଷଣ ଥିଲା, ଏବଂ/କିମ୍ବା ସେଗୁଡିକ ଚିହ୍ନଟ ହୋଇଥିଲା, ଏବଂ/ କିମ୍ବା ବୀମାକର୍ତ୍ତା ଦ୍ୱାରା ଜାରୀ କରାଯାଇଥିବା ପ୍ରଥମ ପଲିସୀର ପୂର୍ବବର୍ତ୍ତୀ 48 ମାସ ମଧ୍ୟରେ ଡାକ୍ତରୀ ପରାମର୍ଶ/ଚିକିତ୍ସା ପ୍ରାପ୍ତ ହୋଇଥିଲେ। । "

ଅପବର୍ଜନ ହେଉଛି : କମ୍ପାନୀ ସହିତ ବୀମିତ ବ୍ୟକ୍ତିର ପ୍ରଥମ ପଲିସୀର ପ୍ରାରମ୍ଭ ଠାରୁ, ଯେ ପର୍ଯ୍ୟନ୍ତ ତାର ଅବିଚ୍ଛିନ୍ନ ବୀମା ସୁରକ୍ଷାର 48 ମାସ ବିତି ନାହିଁ, ପଲିସୀ ରେ ନିର୍ଦ୍ଧାରିତ ହୋଇଥିବା କୌଣସି ପୂର୍ବ-ବିଦ୍ୟମାନ ସ୍ଥିତି (ଗୁଡିକ) ।

1. ଓଜନ ନିୟନ୍ତ୍ରଣ ପ୍ରୋଗ୍ରାମ/ବିତରଣ/ସେବା
2. ଚଷମା/ କଣ୍ଟାକ୍ଟ ଲେନ୍ସ/ଶ୍ରବଣ ସହାୟକ ଇତ୍ୟାଦିର ମୂଲ୍ୟ
3. ଦନ୍ତ ସମ୍ବନ୍ଧୀୟ ଚିକିତ୍ସା ଖର୍ଚ୍ଚ ଯେଉଁଥିରେ ହସ୍ପିଟାଲାଇଜେଶନ ଆବଶ୍ୟକ ହୁଏ ନାହିଁ
4. ହର୍ମୋନ ପ୍ରତିସ୍ଥାପନ
5. ହୋମ୍ ଭିଜିଟ୍ ଚାର୍ଜ
6. ବନ୍ଧ୍ୟତା/ଉପବନ୍ଧ୍ୟତା/ସହାୟତା ପ୍ରାପ୍ତଗର୍ଭଧାରଣ ପ୍ରକ୍ରିୟା
7. ମୋଟାପଣିଆ/ଓବେସିଟି (ରୁଗ୍ଣ ଓ ଓବେସିଟି ସହିତ) ର ଚିକିତ୍ସା
8. ମାନସିକ ରୋଗ ସମ୍ବନ୍ଧୀୟ ଓ ମନୋଦୈହିକ ସମସ୍ୟା
9. ରିଫ୍ରାକ୍ଟିଭ ତ୍ରୁଟି ପାଇଁ ସଂଶୋଧନାତ୍ମକ ସର୍ଜରୀ
10. ଯୌନ କ୍ରିୟା ସଂଚରିତ ରୋଗଗୁଡିକର ଚିକିତ୍ସା
11. ଡୋନର୍ ସ୍କ୍ରିନିଙ୍ଗ୍ ଚାର୍ଜ
12. ଭର୍ତ୍ତି/ପଞ୍ଜୀକରଣ ଚାର୍ଜ
13. ମୂଲ୍ୟାଙ୍କନ/ ଡାଏଗ୍ନୋଷ୍ଟିକ ଉଦ୍ଦେଶ୍ୟରେ ହସ୍ପିଟାଲାଇଜେଶନ
14. ସେହି ରୋଗ ଯେଉଁଥି ପାଇଁ ଭର୍ତ୍ତି କିମ୍ବା ଡାଏଗ୍ନୋଜ୍ କରାଗଲା, ତାହା ପାଇଁ ଅନାବଶ୍ୟକ ଯାଞ୍ଚ/ ଚିକିତ୍ସା ସମ୍ବନ୍ଧୀୟ ଖର୍ଚ୍ଚ
15. କୌଣସି ବି ଖର୍ଚ୍ଚ ଯେତେବେଳେ ରୋଗୀ ମଧ୍ୟରେ ରେଟ୍ରୋ ଭାଇରସ ଅଛି ବୋଲି ଡାଏଗ୍ନୋଜ୍ ହୁଏ ଏବଂ/କିମ୍ବା ସେ HIV/ଏଡ୍ସ ଇତ୍ୟାଦିରେ ଆକ୍ରାନ୍ତ ହୋଇଛି ବୋଲି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରୂପେ ଚିହ୍ନଟ ହୁଏ
16. ଷ୍ଟେମ୍ ସେଲ୍ ପ୍ରତ୍ୟାରୋପଣ/ସର୍ଜରୀ ଏବଂ ସଂରକ୍ଷଣ
17. ଯୁଦ୍ଧ ଓ ଆଣବିକ ସମ୍ବନ୍ଧୀୟ କାରଣ
18. ସମସ୍ତ ଅଣ-ଡାକ୍ତରୀ ଆଇଟମ୍ ଯଥା: ପଞ୍ଜୀକରଣ ଚାର୍ଜ, ଭର୍ତ୍ତି ଶୁଳ୍କ, ଟେଲିଫୋନ, ଟେଲିଭିଜନ ଚାର୍ଜ, ଟାୟଲେଟ୍ରିଜ୍, ଇତ୍ୟାଦି
19. କୌଣସି ବି ଦାବୀ କରିବା ପାଇଁ ଅଧିକାଂଶ ପଲସୀ ରେ ପଲିସୀ ଆରମ୍ଭ ହେବା ତାରିଖ ଠାରୁ 30 ଦିନର ପ୍ରତୀକ୍ଷା ଅବଧି ସାଧାରଣତଃ ଲାଗୁ ହୋଇଥାଏ । ଏହା ଅବଶ୍ୟ ଏକ ଦୁର୍ଘଟଣା କାରଣରୁ ହୋଇଥିବା ହସ୍ପିଟାଲାଇଜେଶନ ପାଇଁ ଲାଗୁ ହେବ ନାହିଁ ।

ଉଦାହରଣ

ଡାକ୍ତରଖାନାରେ ଭର୍ତ୍ତିକରଣ କ୍ଷେତ୍ରରେ ଖର୍ଚ୍ଚସବୁକୁ ସୁରକ୍ଷା ଦେବା ପାଇଁ ମୀରା ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ନେଇଥିଲା । ପଲିସୀରେ 30 ଦିନର ପ୍ରାରମ୍ଭିକ ପ୍ରତୀକ୍ଷା ଅବଧି ପାଇଁ ଏକ ଅନୁଚ୍ଛେଦ ଥିଲା ।

ଦୁର୍ଭାଗ୍ୟବଶତଃ, ସେ ପଲିସୀ ନେବାର 20 ଦିନ ପରେ, ମୀରା ମ୍ୟାଲେରିଆ ରେ ଆକ୍ରାନ୍ତ ହେଲା ଏବଂ 5 ଦିନରେ ଡାକ୍ତରଖାନାରେ ଭର୍ତ୍ତି ହେଲା । ତାକୁ ଭାରୀ ଡାକ୍ତରଖାନା ବିଲ ଦେବାକୁ ପଡିଲା ।

ଯେତେବେଳେ ସେ ବୀମା କମ୍ପାନୀଠାରୁ ପ୍ରତିପୂର୍ତ୍ତି ପାଇଁ ଦାବୀ କଲା, ସେମାନେ ଦାବୀର ଦେୟପ୍ରଦାନ ଅଗ୍ରାହ୍ୟ କଲେ କାରଣ ଡାକ୍ତରଖାନାରେ ଭର୍ତ୍ତି ଘଟଣା ପଲିସୀ ନେବାଠାରୁ 30 ଦିନର ପ୍ରତୀକ୍ଷା ଅବଧି ମଧ୍ୟରେ ହୋଇଥିଲା ।

i. **ପ୍ରତୀକ୍ଷା ଅବଧି :** ଏହା ସେହି ରୋଗଗୁଡିକ ପାଇଁ ପ୍ରଯୁଯ୍ୟ ହୁଏ ଯାହା ପାଇଁ ସାଧାରଣ ପ୍ରକାରର ଚିକିତ୍ସା କୁ ବିଳମ୍ବିତ କରାଯାଇପାରେ କିମ୍ବା ତା' ପାଇଁ ଯୋଜନା କରାଯାଇପାରେ । ଉତ୍ପାଦ ଆଧାରରେ, ଗୋଟିଏ/ ଦୁଇ/ଚାରି ବର୍ଷର ପ୍ରତୀକ୍ଷା ଅବଧି ମୋତିଆ ବିନ୍ଦୁ, ସୌମ୍ୟ ପ୍ରୋଷ୍ଟାଟିକ୍ ହାଇପରଟ୍ରଫି, ମେନୋର୍ରାଗିଆ କିମ୍ବା ଫାଇବ୍ରୋମିଓମା ପାଇଁ ହିଷ୍ଟରେକ୍ଟୋମି, ହାର୍ଣିଆ, ହାଇଡ୍ରୋସିଲ, ଜନ୍ମଜାତ ଆନ୍ତରିକ ରୋଗ, ମଳଦ୍ୱାରରେ ନାଡ଼ୀବ୍ରଣ, ମଳକଣ୍ଟ,ଗର୍ଭଦାହ ଏବଂ ତତ୍ ସମ୍ବନ୍ଧୀୟ ସମସ୍ୟା, ଗଲ ବ୍ଲାଡର ପଥରୀ ନିଷ୍କାସନ, ସନ୍ଧିବାତ ଓ ଗଣ୍ଠିବାତ, ପଥରୀ ରୋଗ, ବୟସ ସମ୍ବନ୍ଧୀୟ ଅସ୍ଥିସନ୍ଧିବାତ, ଅାସ୍ଟିଓପୋରୋସିସ୍ ଭଳି ରୋଗଗୁଡିକରେ ପ୍ରଯୁଜ୍ୟ ହୁଏ ।

c) ଉପଲବ୍ଧ ବୀମା ସୁରକ୍ଷା ବିକଳ୍ପ

i. ବୈୟକ୍ତିକ ବୀମା ସୁରକ୍ଷା

ଏକ ବୈୟକ୍ତିକ ବୀମିତ ପରିବାର ସଦସ୍ୟ ଯେପରିକି ପତି/ପତ୍ନୀ, ଆଶ୍ରିକ ସନ୍ତାନ/ସନ୍ତତି, ଆଶ୍ରିତ ପିତାମାତା, ଆଶ୍ରିତ ଶାଶୁଶଶୁର, ଆଶ୍ରିତ ଭାଇଭଉଣୀ ଇତ୍ୟାଦି ସହିତ ନିଜ ପାଇଁ ବୀମା ସୁରକ୍ଷା ନେଇପାରେ । କେତେକ ବୀମାକର୍ତ୍ତାଙ୍କ ଆଶ୍ରିତମାନଙ୍କ ଉପରେ ନିୟନ୍ତ୍ରଣ ନ ଥାଏ ଯେଉଁମାନଙ୍କୁ ସୁରକ୍ଷା ଦିଆଯଆଇପାରେ । ପ୍ରତ୍ୟେକ ବୀମିତ ବ୍ୟକ୍ତି ପାଇଁ ଚୟନ କରାଯାଇଥିବା ଭିନ୍ନ ଭିନ୍ନ ବୀମାରାଶି ଥିବା କେବଳ ଗୋଟିଏ ପଲିସୀ ଅନ୍ତର୍ଗତ ସେଭଳି ଆଶ୍ରିତ ବୀମିତମାନଙ୍କ ମଧ୍ୟରୁ ପ୍ରତ୍ୟେକ କୁ ସୁରକ୍ଷା ଦେବା ସମ୍ଭବ ଅଟେ । ସେଭଳିଆ ବୀମା ସୁରକ୍ଷାସବୁ ରେ, ପଲିସୀ ଅନ୍ତର୍ଗତ ପ୍ରତ୍ୟେକ ବ୍ୟକ୍ତି ପଲିସୀ ଚାଲୁଥିବା ଅବଧିରେ ତା'ବୀମା ରାଶିର ସର୍ବାଧିକ ମାତ୍ରା ପର୍ଯ୍ୟନ୍ତ ଦାବୀ କରିପାରେ । ପ୍ରତ୍ୟେକ ବୈୟକ୍ତିକ ବୀମିତ ପାଇଁ ତା'ବୟସ ଓ ଚୟନିତ ବୀମାରାଶି ଏବଂ ଅନ୍ୟ କୌଣସି ମୂଲ୍ୟାଙ୍କନ କାରକ ଅନୁସାରେ ପ୍ରିମିୟମ ଲାଗୁ କରାଯିବ ।

ii. ପରିବାର ଫ୍ଲୋଟର

ଏକ ପରିବାର ଫ୍ଲୋଟର ପଲିସୀ ରୂପେ ପରିଚିତ ଏକ ପ୍ରକାର ବୀମାରେ, ପତି/ପତ୍ନୀ, ଆଶ୍ରିତ ସନ୍ତାନ ସନ୍ତତି ଏବଂ ଆଶ୍ରିତ ପିତାମାତା ଥିବା ପରିବାର କୁ କେବଳ ଗୋଟିଏ ବୀମା ରାଶି ପ୍ରଦାନ କରାଯାଏ ଯାହା ସମଗ୍ର ପରିବାର ରେ ପ୍ରବାହିତ ହୁଏ ।

ଉଦାହରଣ

ଯଦି ଚାରି ବ୍ୟକ୍ତି ବିଶିଷ୍ଟ ଏକ ପରିବାର ପାଇଁ ଟ. 5 ଲକ୍ଷର ଏକ ଫ୍ଲୋଟର ପଲିସୀ ନିଆଯାଏ, ଏହାର ଅର୍ଥ ହେଉଛି ଯେ ପଲିସୀ ଅବଧି ମଧ୍ୟରେ, ଏହା ଏକାଧିକ ପରିବାର ସଦସ୍ୟ ସମ୍ବନ୍ଧୀୟ ଦାବୀଗୁଡିକ ପାଇଁ କିମ୍ବା ପରିବାରର କେବଳ ଜଣେ ସଦସ୍ୟର ବହୁବିଧ ଦାବୀ ପାଇଁ ଦେୟ ପ୍ରଦାନ କରିବ । ଏସବୁ ଏକତ୍ର ଟ. 5 ଲକ୍ଷର ମୋଟ ସୁରକ୍ଷା ଠାରୁ ଅଧିକ ହୋଇପାରିବ ନାହିଁ । ବୀମା ପାଇଁ ପ୍ରସ୍ତାବିତ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟର ବୟସ ଉପରେ ଆଧାର କରି ସାଧାରଣତଃ ପ୍ରିମିୟମ କୁ ଲାଗୁ କରାଯିବ ।

ଏହି ଉଭୟ ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷା ଓ ଅପବର୍ଜନଗୁଡିକ ସମାନ ହୋଇପାରେ । ପରିବାର ଫ୍ଲୋଟର ପଲିସୀସବୁ ବଜାରରେ ଲୋକପ୍ରିୟ ହେଉଛି ଯେହେତୁ ସଂପୂର୍ଣ୍ଣ ପରିବାର ଏକ ମୋଟ ବୀମା ରାଶି ର ବୀମା ସୁରକ୍ଷା ପ୍ରାପ୍ତ କରେ ଯାହାକୁ ଏକ ଉଚିତ୍ ପ୍ରିମିୟମରେ ଏକ ଉଚ୍ଚ ସ୍ତରରେ ଚୟନ କରାଯାଇପାରେ ।

d) ବିଶିଷ୍ଟ ଲକ୍ଷଣଗୁଡିକ

ପୂର୍ବର ମେଡିକ୍ଲେମ୍ ଉତ୍ପାଦ ଅନ୍ତର୍ଗତ ପ୍ରସ୍ତାବିତ ମୂଳଭୂତ କ୍ଷତିପୂର୍ତ୍ତି ସୁରକ୍ଷା ସହିତ ବିଦ୍ୟମାନ ବୀମା ସୁରକ୍ଷାରେ ଅନେକ ଗୁଡିଏ ପରିବର୍ତ୍ତନ ଓ ନୂତନ ମୂଲ୍ୟ ଯୋଡା ଯାଇଥିବା ଲକ୍ଷଣଗୁଡିକ ଯୋଗ କରାଯାଇଛି । ଆମେ ଏହି ପରିବର୍ତ୍ତନଗଡିକ

ମଧ୍ୟରୁ କେତେକ ବିଷୟରେ ଆଲୋଚନା କରିବା । ଧ୍ୟାନ ଦେବାକୁ ପଡିବ ଯେ ସବୁ ଉତ୍ପାଦରେ ନିମ୍ନଲିଖିତ ସବୁ ଲକ୍ଷଣ ଥାଏ ନାହିଁ, ଏବଂ ସେଗୁଡିକ ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଏବଂ ଉତ୍ପାଦ ଉତ୍ପାଦ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାନ୍ତି ।

i. ଉପସୀମା ଏବଂ ରୋଗ ବିନିର୍ଦ୍ଦିଷ୍ଟ କ୍ୟାପିଙ୍ଗ୍

କେତେକ ଉତ୍ପାଦରେ ରୋଗ ବିନିର୍ଦ୍ଦିଷ୍ଟ କ୍ୟାପିଙ୍ଗ ଅଛି, ଉ.ସ୍ୱ. ମୋତିଆ ବିନ୍ଦୁ । କେତେକ ପାଖରେ ବୀମା ରାଶି ସହିତ ସଂଯୁକ୍ତ ପ୍ରକୋଷ୍ଠ ଭଡା ଉପରେ ଉପ ସୀମା ମଧ୍ୟ ଅଛି; ଉ.ସ୍ୱ. ପ୍ରତିଦିନର ପ୍ରକୋଷ୍ଠ ଭଡା ବୀମା ରାଶିର 1% ପର୍ଯ୍ୟନ୍ତ ସୀମିତ ଏବଂ ଆଇ.ସି.ୟୁ. ଚାର୍ଜ ବୀମା ରାଶିର 2% ପର୍ଯ୍ୟନ୍ତ ସୀମିତ ଅଟେ । ଯେହେତୁ ICU ଚାର୍ଜ, OT ଚାର୍ଜ ଏବଂ ଏପରିକି ସର୍ଜନର ଫିଜ୍ ଭଳି ଅନ୍ୟାନ୍ୟ ଶୀର୍ଷକ ଅନ୍ତର୍ଗତ ଖର୍ଚ୍ଚସବୁକୁ ଚୟନ କରାଯାଇଥିବା ପ୍ରକୋଷ୍ଠର ପ୍ରକାର ସହିତ ସଂଯୁକ୍ତ କରାଯାଏ, ପ୍ରକୋଷ୍ଠ ଭଡ଼ା କ୍ୟାପିଙ୍ଗ୍ ଅନ୍ୟାନ୍ୟ ଶୀର୍ଷକ ଅନ୍ତର୍ଗତ ଖର୍ଚ୍ଚସବୁକୁ ଏବଂ ତେଣୁ ସଂପୂର୍ଣ୍ଣ ଡାକ୍ତରଖାନାରେ ଭର୍ତ୍ତି ଖର୍ଚ୍ଚସବୁକୁ ସୀମିତ କରିବାରେ ସାହାଯ୍ୟ କରେ ।

ii. କୋ-ପେମେଣ୍ଟ (ସାର୍ବଜନିକ ରୂପେ କୋ-ପେ କୁହାଯାଉଥିବା)

ଏକ କୋ-ପେମେଣ୍ଟ ହେଉଛି ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ ଏକ ମୂଲ୍ୟ-ଆବଣ୍ଟନ ଆବଶ୍ୟକତା ଯାହା ପ୍ରାବଧାନ ରଖେ ଯେ ପଲିସୀଧାରୀ/ବୀମିତ ସ୍ୱୀକୃତ ଦାବୀ ରାଶିର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ବହନ କରିବ । ଏକ କୋ-ପେମେଣ୍ଟ ବୀମା ରାଶିକୁ କମ୍ କରେ ନାହିଁ ।

ଏହା ସୁନିଶ୍ଚିତ କରେ ଯେ ବୀମିତ ତା' ବିକଳ୍ପଗୁଡିକୁ ଚୟନ କରିବା ସମୟରେ ସତର୍କତା ଅବଲମ୍ବନ କରୁଛି ଏବଂ ଏ ପ୍ରକାରେ ସ୍ୱେଚ୍ଛାକୃତ ଭାବେ ତାର ସଂପୂର୍ଣ୍ଣ ହସ୍ପିଟାଲାଇଜେଶନ ଖର୍ଚ୍ଚକୁ କମ୍ କରୁଛି ।

iii. କାଟଯୋଗ୍ୟ

କାଟଯୋଗ୍ୟ ହେଉଛି ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ ଏକ ମୂଲ୍ୟ-ଆବଣ୍ଟନ ଆବଶ୍ୟକତା ଯାହା ପ୍ରାବଧାନ ରଖେ ଯେ କ୍ଷତିପୂର୍ତ୍ତି ପଲିସୀ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଟଙ୍କା ରାଶି ପାଇଁ ଏବଂ ଡାକ୍ତରଖାନା ନଗଦ ପଲିସୀ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଦିନ/ଘଣ୍ଟା ପାଇଁ ବୀମାକର୍ତ୍ତା ଦାୟୀ ରହିବ ନାହିଁ ଯାହା ବୀମାକର୍ତ୍ତା ଦ୍ୱାରା କୌଣସି ଲାଭ ଦେୟ ହେବା ପୂର୍ବରୁ ଲାଗୁ ହେବ । ଏକ କାଟଯୋଗ୍ୟ ବୀମା ରାଶିକୁ କମ୍ କରେ ନାହିଁ ।

ପ୍ରତି ବର୍ଷ, ପ୍ରତି ଜୀବନ, ପ୍ରତି ଘଟଣା ପାଇଁ କାଟଯୋଗ୍ୟ ଲାଗୁ କରାଯିବ କି ନାହିଁ ଏବଂ ଲାଗୁ କରାଯାଉଥିବା ନିର୍ଦ୍ଦିଷ୍ଟ କାଟଯୋଗ୍ୟକୁ ବୀମାକର୍ତ୍ତାମାନଙ୍କୁ ନିର୍ଦ୍ଧାରିତ କରିବାକୁ ହୁଏ ।

iv. ନୂତନ ଅପବର୍ଜନଗୁଡିକୁ ପ୍ରବର୍ତ୍ତିତ କରାଯାଇଛି ଏବଂ ପରେ IRDAI ଦ୍ୱାରା ମାନକୀକୃତ କରାଯାଇଛି :

- ✓ ଆନୁବଂଶିକ ସମସ୍ୟା ଏବଂ ଷ୍ଟେମ୍ କୋଷ ପ୍ରତ୍ୟାରୋପଣ/ସର୍ଜରୀ
- ✓ ଡାଏଗ୍ନୋସିସ୍ ଏବଂ/କିମ୍ବା ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା କୌଣସି ପ୍ରକାରର ବାହ୍ୟ ଏବଂ/କିମ୍ବା ସ୍ଥାୟୀ ମେଡିକଲ/ ଅଣ-ମେଡିକଲ ଉପକରଣ ଯାହା CPAP, CAPD ଇନ୍ଫ୍ୟୁଜନ୍ ପମ୍ପ ଆଦି, ଆମ୍ବୁଲାନ୍ସ ସମ୍ବନ୍ଧୀୟ ଉପକରଣ ଅର୍ଥାତ୍ ୱାକର୍, କ୍ରୁଚେସ୍, ବେଲ୍ଟ, କଲାର, କ୍ୟାପ୍, ସ୍ପ୍ଲିଣ୍ଟ, ସ୍ଲିଙ୍ଗ୍ ବ୍ରେସ୍, କୌଣସି ପ୍ରକାରର ବି ଷ୍ଟକିଙ୍ଗ୍ସ, ଡାଇବେଟିକ ଫୁଟ ୱେର୍, ଗ୍ଲୁକୋମିଟର/ଥର୍ମୋମିଟର ଓ ସେଭଳି ସମ୍ବନ୍ଧୀୟ ସାମଗ୍ରୀଗୁଡିକ ଇତ୍ୟାଦି ଏବଂ କୌଣସି ବି ମେଡିକଲ ଉପକରଣ ଯାହାକୁ ତତ୍ପଶ୍ଚାତ୍ ଘରେ ବ୍ୟବହାର କରାଯାଏ, ଇତ୍ୟାଦି ଏସବୁକୁ ଅନ୍ତର୍ଭୁକ୍ତ କରେ ।

- ✓ ଡାକ୍ତରଖାନା ଦ୍ୱାରା ଲାଗୁ କରାଯାଇଥିବା କୌଣସି ବି ପ୍ରକାରର ସର୍ଭିସ ଚାର୍ଜ, ସର୍ଚାର୍ଜ, ଭର୍ତ୍ତି ଶୁଳ୍କ/ ପଞ୍ଜିକରଣ ଚାର୍ଜ ଇତ୍ୟାଦି
- ✓ ଡାକ୍ତରଙ୍କ ଘର ଆଗମନ ଚାର୍ଜ, ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଅବଧିରେ ପରିଚାରକ/ନର୍ସ ଚାର୍ଜ

v. ଜୋନ୍ ଅନୁସାରେ ପ୍ରିମିୟମ

ସାଧାରଣତଃ, ପ୍ରିମିୟମ ବୀମିତ ବ୍ୟକ୍ତିର ବୟସ ଏବଂ ଚୟନିତ ବୀମା ରାଶି ଉପରେ ନିର୍ଭର କରିଥାଏ । କେତେକ ଜୋନ୍ ରେ ଅଧିକ ଦାବୀ ମୂଲ୍ୟ ସହିତ ପ୍ରିମିୟମ ଅନ୍ତର ପ୍ରବର୍ତ୍ତନ କରାଯାଇଛି, ଉ.ସ୍ୱ. ଜିଲ୍ଲା ଓ ମୁମ୍ବାଇ କେତେକ ବୀମାକର୍ତ୍ତା ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ଉତ୍ପାଦ ପାଇଁ ଉଚ୍ଚତମ ପ୍ରିମିୟମ ଜୋନ୍ ର ଅଂଶ ହୋଇଥାନ୍ତି ।

vi. ପୂର୍ବ – ବିଦ୍ୟମାନ ରୋଗଗୁଡିକ ପାଇଁ ବୀମା ସୁରକ୍ଷା

ବିନିୟାମକ ଆବଶ୍ୟକତା ଦୃଷ୍ଟିକୋଣରୁ, ପୂର୍ବ-ବିଦ୍ୟମାନ ରୋଗ ଯେଉଁଗୁଡିକ ପୂର୍ବେ ବହିର୍ଭୁତ କରାଯାଇଥିଲା, ସେଗୁଡିକୁ ଚାରି ବର୍ଷର ପ୍ରତୀକ୍ଷା ଅବଧି ସହିତ ବିଶେଷରୂପେ ଉଲ୍ଲିଖିତ କରାଯାଇଛି । କିଛି ବୀମା କମ୍ପାନୀ ଦ୍ୱାରା କିଛି ହାଇ ଏଣ୍ଡ ପ୍ରଡକ୍ଟ ଏହି ଅବଧିକୁ 2 ଏବଂ 3 ବର୍ଷ ପର୍ଯ୍ୟନ୍ତ ହ୍ରାସ କରିଛନ୍ତି ।

vii. ନୂତନୀକରଣନୀୟତା

କେତେକ ବୀମାକର୍ତ୍ତା ଦ୍ୱାରା ଆଜୀବନ ନୂତନୀକରଣନୀୟତାର ପ୍ରବର୍ତ୍ତନ କରାଗଲା । ବର୍ତ୍ତମାନ, ସବୁ ପଲିସୀ ପାଇଁ IRDAI ଦ୍ୱାରା ଏହାକୁ ଅନିବାର୍ଯ୍ୟ କରାଯାଇଛି ।

viii. ଦିବସ ସେବା ପ୍ରକ୍ରିୟା ପାଇଁ ବୀମା ସୁରକ୍ଷା

ଚିକିତ୍ସା ବିଜ୍ଞାନ ର ଉତ୍କର୍ଷ ସହିତ ଦିବସ ସେବା ବର୍ଗରେ ଅନେକ ଗୁଡିଏ ପ୍ରକ୍ରିୟାର ସମାବେଶ ଦେଖାଯାଇଛି । ପୂର୍ବେ ଦିବସ ସେବା ଅନ୍ତର୍ଗତ କେବଳ ସାତୋଟି ପ୍ରକ୍ରିୟା କୁ ବିଶେଷରୂପେ ଉଲ୍ଲେଖ କରାଯାଇଥିଲା – ମୋତିଆବିନ୍ଦୁ, D ଏବଂ C, ଡାଏଲିସିସ୍, କେମୋଥେରାପି, ରେଡିଓଥେରାପି, ଲିଥୋଟ୍ରିପ୍ସି ଏବଂ ଟନ୍ସିଲେକ୍ଟୋମି । ବର୍ତ୍ତମାନ, 150 ଠାରୁ ଅଧିକ ପ୍ରକ୍ରିୟା କୁ ବୀମା ସୁରକ୍ଷା ଯୋଗାଇ ଦିଆଯାଇଛି ଏବଂ ତାଲିକା ଅଧିକ ରୁ ଅଧିକ ବଢ଼ି ଚାଲିଛି ।

ix. ପଲିସୀ ପୂର୍ବବର୍ତ୍ତୀ ଯାଞ୍ଚ ର ମୂଲ୍ୟ

ଡାକ୍ତରୀ ପରୀକ୍ଷଣର ମୂଲ୍ୟକୁ ପୂର୍ବେ ପ୍ରତ୍ୟାଶିତ କ୍ଲାଏଣ୍ଟମାନଙ୍କ ଦ୍ୱାରା ବହନ କରାଯାଉଥିଲା । ବର୍ତ୍ତମାନ ବୀମାକର୍ତ୍ତା ମୂଲ୍ୟ ର ପ୍ରତିପୂର୍ତ୍ତି କରେ, ଯଦି ପ୍ରସ୍ତାବଟି ସଙ୍କଟାଙ୍କ ପାଇଁ ସ୍ୱୀକୃତ ହୁଏ । ପ୍ରତିପୂର୍ତ୍ତି 50% ଠାରୁ 100% ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ହୋଇପାରେ । ବର୍ତ୍ତମାନ IRDAI ଦ୍ୱାରା ଏହା ମଧ୍ୟ ଆଦେଶନାମା ଦିଆଯାଇଛି ଯେ ବୀମାକର୍ତ୍ତା ସ୍ୱାସ୍ଥ୍ୟ ଯାଞ୍ଚ ଖର୍ଚ୍ଚର ଅନ୍ୟୁନ 50% ବହନ କରିବ ।

x. ଡାକ୍ତରଖାନା ପୂର୍ବ-ବର୍ତ୍ତୀ ଓ ପରବର୍ତ୍ତୀ ସୁରକ୍ଷାର ଅବଧି

ଅଧିକାଂଶ ବୀମା କର୍ତ୍ତାଦ୍ୱାରା ବିଶେଷରୂପେ ସେମାନଙ୍କ ହାଇ ଏଣ୍ଡ ପ୍ରଡକ୍ଟ ରେ ଡାକ୍ତରଖାନା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସୁରକ୍ଷାର ଅବଧିକୁ 60 ଦିନ ଓ 90 ଦିନ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଏ । କେତେକ ବୀମାକର୍ତ୍ତା ଏକ ସର୍ବାଧିକ ସୀମା ଅନ୍ତର୍ଗତ, ବୀମା ରାଶିର ନିର୍ଦ୍ଦିଷ୍ଟ ପ୍ରତିଶତ ସହିତ ସଂଯୁକ୍ତ ହୋଇଥିବା ଏହି ଖର୍ଚ୍ଚସବୁକୁ ସୀମିତ (କ୍ୟାପ୍) ମଧ୍ୟ କରି ଦେଇଛନ୍ତି ।

xi. ଆଡ ଅନ୍ ସୁରକ୍ଷା

ଆଡ-ଅନ୍ ସୁରକ୍ଷା କୁହାଯାଉଥିବା ବିଭିନ୍ନ ନୂତନ ଅତିରିକ୍ତ ସୁରକ୍ଷାସବୁ କୁ କେତେକ ବୀମାକର୍ତ୍ତା ଦ୍ୱାରା ପ୍ରବର୍ତ୍ତନ କରାଯାଇଛି । ସେଗୁଡିକ ମଧ୍ୟରେ କେତେକ ହେଉଛନ୍ତି:

- ✓ ପ୍ରସୂତି /ଗର୍ଭାବସ୍ଥା ସୁରକ୍ଷା : ପୂର୍ବେ ଖୁଚୁରା ପଲିସୀ ଅନ୍ତର୍ଗତ ପ୍ରସୂତି କୁ ବୀମା ପାଇଁ ପ୍ରସ୍ତାବିତ କରାଯାଉ ନ ଥିଲା କିନ୍ତୁ ବର୍ତ୍ତମାନ, ଭିନ୍ନ ଭିନ୍ନ ପ୍ରତୀକ୍ଷା ଅବଧି ସହିତ, ଅଧିକାଂଶ ବୀମାକର୍ତ୍ତା ଦ୍ୱାରା ପ୍ରସ୍ତାବିତ କରାଯାଉଛି ।
- ✓ ସଙ୍କଟପୂର୍ଣ୍ଣ ରୋଗ ସୁରକ୍ଷା : କେତେକ ରୋଗ ଯେଉଁଗୁଡିକ ଜୀବନ ପାଇଁ ଭୟଙ୍କର ହୋଇଥାନ୍ତି ଏବଂ ଅଧିକ ମୂଲ୍ୟର ଚିକିତ୍ସା ଆବଶ୍ୟକ କରନ୍ତି, ସେଗୁଡିକ ପାଇଁ ହାଇ ଏଣ୍ଡ ଭର୍ସନ ପ୍ରଡକ୍ଟ ଅନ୍ତର୍ଗତ ଏକ ବିକଳ୍ପ ରୂପେ ଉପଲବ୍ଧ ।
- ✓ ବୀମା ରାଶିର ପୁନଃ ସ୍ଥାପନ : ଦାବୀର ଦେୟପ୍ରଦାନ ପରେ, ଅଧିକ ପ୍ରିମିୟମ ଦେଇ, ବୀମା ରାଶି (ଏକ ଦାବୀ ପ୍ରଦାନ ପରେ ଯାହା କମ୍ ହୋଇଯାଇଥାଏ) କୁ ମୂଳ ସୀମା ରେ ପୁନଃସ୍ଥାପିତ କରାଯାଇପାରେ ।
- ✓ ଆୟୁଷ (AYUSH)- ଆୟୁର୍ବେଦିକ-ଯୋଗ –ୟୁନାନୀ –ସିଦ୍ଧ – ହୋମିଓପାଥ ପାଇଁ ବୀମା ସୁରକ୍ଷା : କେତେକ ପଲିସୀ AYUSH ଚିକିତ୍ସା ପାଇଁ ହସ୍ପିଟାଲାଇଜେଶନ ଖର୍ଚ୍ଚର କିଛି ପ୍ରତିଶତ ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରନ୍ତି ।

xii. ମୂଲ୍ୟ ଯୁକ୍ତ ବୀମା ସୁରକ୍ଷା

କେତେକ କ୍ଷତିପୂର୍ତ୍ତି ଉତ୍ପାଦ ନିମ୍ନରେ ତାଲିକାଭୁକ୍ତ କରାଯାଇଥିବା ମୂଲ୍ୟ ଯୁକ୍ତ ବୀମା ସୁରକ୍ଷା ଅନ୍ତରଭୁକ୍ତ କରନ୍ତି । ଲାଭଗୁଡିକ ପଲିସୀର ଅନୁସୂଚୀର ପ୍ରତ୍ୟେକ ବୀମା ସୁରକ୍ଷା ବିପକ୍ଷରେ ବିନିର୍ଦ୍ଦିଷ୍ଟ ବୀମା ରାଶିର ସୀମା ପର୍ଯ୍ୟନ୍ତ ଦେୟ ହୋଇଥାଏ,ଯାହା ମୋଟ ବୀମା ରାଶିଠାରୁ ଅଧିକ ହୋଇ ନ ଥାଏ ।

- ✓ ବାହ୍ୟରୋଗୀ ବୀମାସୁରକ୍ଷା: ଯେମିତିକି ଆମେ ଜାଣୁଁ ଭାରତରେ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକ କେବଳ ଆନ୍ତଃ-ରୋଗୀ ହସ୍ପିଟାଲାଇଜେଶନ କୁ ସୁରକ୍ଷା ପ୍ରଦାନ କରେ । କିଛି କମ୍ପାନୀ ବର୍ତ୍ତମାନ କେତେକ ହାଇ-ଏଣ୍ଡ ପ୍ଲାନ ଅନ୍ତର୍ଗତ ବାହ୍ୟ-ରୋଗୀ ଖର୍ଚ୍ଚ ସବୁ ପାଇଁ ସୀମିତ ସୁରକ୍ଷା ପ୍ରଦାନ କରନ୍ତି ।
- ✓ ଡାକ୍ତରଖାନା ନଗଦ: ଏହା ଏକ ନିର୍ଦ୍ଧାରିତ ଅବଧି ପାଇଁ ହସ୍ପିଟାଲାଇଜେଶନ ର ପ୍ରତ୍ୟେକ ଦିନ ପାଇଁ ନିଶ୍ଚିତ ଏକ ମୋଟା ରାଶି ପ୍ରଦାନ କରେ । 2/3 ଦିନର କାଟଯୋଗ୍ୟ ପଲିସୀ କୁ ଛାଡ଼ି ସାଧାରଣତଃ 7 ଦିନ ପାଇଁ ଅବଧିର ସ୍ୱୀକୃତି ଦିଆଯାଏ । ଏ ପ୍ରକାରେ, ଲାଭ ପ୍ରଭାବ ହେବ କେବଳ ଯଦି ହସ୍ପିଟାଲାଇଜେଶନ ଅବଧି କାଟଯୋଗ୍ୟ ଅବଧି ର ବାହାରେ ହୋଇଥାଏ । ଏହା ହସ୍ପିଟାଲାଇଜେଶନ ଦାବୀର ଅତିରିକ୍ତ ଅଟେ କିନ୍ତୁ ପଲିସୀର ମୋଟ ବୀମା ରାଶି ମଧ୍ୟରେ କିମ୍ବା ଏକ ଅଲଗା ଉପ-ସୀମା ସହିତ ହୋଇପାରେ ।
- ✓ ଆରୋଗ୍ୟପ୍ରାପ୍ତି ଲାଭ: ଏକ ମୋଟା ଲାଭ ପ୍ରଦାନ କରାଯାଏ ଯଦି ରୋଗ (ଅସୁସ୍ଥତା) ଏବଂ/କିମ୍ବା ଦୁର୍ଘଟଣା ଯୋଗୁଁ ଡାକ୍ତରଖାନାରେ ଭର୍ତ୍ତି ର ମୋଟ ଅବଧି 10 ଦିନଠାରୁ କମ୍ ହୋଇ ନ ଥିବ ।
- ✓ ଦାତା (ଡୋନର) ର ଖର୍ଚ୍ଚ: ପଲିସୀ ରେ ନିର୍ଦ୍ଧାରିତ ସର୍ତ୍ତ ଓ ପ୍ରତିବନ୍ଧ ଅନୁସାରେ ବଡ ଅଙ୍ଗ ପ୍ରତ୍ୟାରୋପଣ କ୍ଷେତ୍ରରେ ଡୋନର ର ଖର୍ଚ୍ଚ ର ପ୍ରତିପୂର୍ତ୍ତି ପାଇଁ ପଲିସୀ ପ୍ରାବଧାନ ରଖେ ।
- ✓ ଆମ୍ବୁଲାନ୍ସର ପ୍ରତିପୂର୍ତ୍ତି: ବୀମିତ/ବୀମିତ ବ୍ୟକ୍ତି ଦ୍ୱାରା ଆମ୍ବୁଲାନ୍ସ ପାଇଁ ବ୍ୟୟ କରାଯାଇଥିବା ଖର୍ଚ୍ଚସବୁର ପ୍ରତିପୂର୍ତ୍ତି ପଲିସୀର ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ କରାଯାଇଥାଏ ।
- ✓ ସାଙ୍ଗରେ ଆସିଥିବା ବ୍ୟକ୍ତି ପାଇଁ ଖର୍ଚ୍ଚ : ହସ୍ପିଟାଲାଇଜେଶନ ଅବଧିରେ ବୀମିତ ରୋଗୀର ସେବା କରିବା ସମୟରେ ଖାଦ୍ୟ, ପରିବହନ ବାବଦରେ ସାଥୀ ବ୍ୟକ୍ତି ଦ୍ୱାରା ହୋଇଥିବା ଖର୍ଚ୍ଚସବୁକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଏହା ଉଦ୍ଦିଷ୍ଟ ।

ପଲିସୀ ସର୍ତ୍ତ ଅନୁସାରେ ଏକ ମୋଟା ରାଶି କିମ୍ବା ପ୍ରତିପୂର୍ତ୍ତି ଦେୟ, ପଲିସୀର ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ, ପ୍ରଦାନ କରାଯାଏ ।

- ✓ ପରିବାର ପରିଭାଷା : କେତେକ ସ୍ୱାସ୍ଥ୍ୟ ଉତ୍ପାଦରେ ପରିବାରର ପରିଭାଷା ପରିବର୍ତ୍ତିତ ହୋଇଯାଇଛି । ପୂର୍ବେ, ମୁଖ୍ୟ ବୀମିତ, ପତି/ପତ୍ନୀ, ଆଶ୍ରିତ ସନ୍ତାନ ସନ୍ତତି ଙ୍କୁ ସୁରକ୍ଷା ପ୍ରଦାନ କରାଯାଉଥିଲା । ବର୍ତ୍ତମାନ ଅନେକ ପଲିସୀ ଅଛି ଯେଉଁଠି ପିତାମାତା ଏବଂ ଶାଶୁଶ୍ୱଶୁର ଙ୍କୁ ମଧ୍ୟ ସେହି ପଲିସୀ ଅନ୍ତର୍ଗତ ସୁରକ୍ଷାର ସ୍ୱୀକୃତି ଦିଆଯାଇପାରେ ।

D. *ଟପ୍-ଅପ୍ କଭର କିମ୍ବା ଉଚ୍ଚ କାଟଯୋଗ୍ୟ ବୀମା ଯୋଜନା*

ଏକ ଟପ୍-ଅପ୍ କଭର ଏକ ଉଚ୍ଚ କାଟଯୋଗ୍ୟ ପଲିସୀ ରୂପେ ମଧ୍ୟ ପରିଚିତ । ଆନ୍ତର୍ଜାତିକ ବଜାରରେ ଅଧିକାଂଶ ଲୋକେ ଉଚ୍ଚ କୋ – ପେ ପଲିସୀ କିମ୍ବା ଅଣ ସୁରକ୍ଷାପ୍ରାପ୍ତ ରୋଗ କିମ୍ବା ଚିକିତ୍ସା ଅତିରିକ୍ତ ଟପ୍-ଅପ୍ କଭର କ୍ରୟ କରିଥାନ୍ତି । ଅବଶ୍ୟ ଭାରତରେ, ଟପ୍ –ଅପ୍ ସୁରକ୍ଷା ର ପ୍ରବର୍ତ୍ତନ ର ମୁଖ୍ୟ କାରଣ ଆରମ୍ଭରେ ଉଚ୍ଚ ବୀମା ରାଶି ଉତ୍ପାଦଗୁଡିକର ଅଭାବ ବୋଲି ଜଣା ପଡୁଥିଲା, ଯଦିଓ ସ୍ଥିତି ଆଉ ଅଧିକ ସେଭଳି ନାହିଁ । ଏକ ସ୍ୱାସ୍ଥ୍ୟ ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷାର ସର୍ବାଧିକ ରାଶି ବହୁତ ସମୟ ଧରି ଟ5, 00,000 ରହିଥିଲା । ଏକ ଉଚ୍ଚ ସୁରକ୍ଷା ଚାହୁଁଥିବା ଜଣେ ବ୍ୟକ୍ତିକୁ ଦୁଇଗୁଣ ପ୍ରିମିୟମ ଦେଇ ଦୁଇଟି ପଲିସୀ କିଣିବା ପାଇଁ ବାଧ୍ୟ କରାଯାଇଥିଲା । ଏହାର ପରିଣାମ ରେ ବୀମାକର୍ତ୍ତାମାନଙ୍କ ଦ୍ୱାରା ଟପ୍-ଅପ୍ ପଲିସୀଗୁଡିକର ବିକାଶ ହେଲା, ଯାହା ପ୍ରବେଶଦ୍ୱାର / ଥ୍ରେଶହୋଲ୍ଡ କୁହାଯାଉଥିବା ଏକ ବିନିର୍ଦ୍ଦିଷ୍ଟ ରାଶି ର ଉପରେ ଓ ଉର୍ଦ୍ଧ୍ୱ ର ଉଚ୍ଚ ରାଶି ପାଇଁ ସୁରକ୍ଷା ପ୍ରଦାନ କରେ ।

ଏହି ପଲିସୀ ଏକ ଅଳ୍ପ ବୀମା ରାଶି ଥିବା ଏକ ମୂଳଭୂତ ସ୍ୱାସ୍ଥ୍ୟ ସୁରକ୍ଷା ସହିତ କାର୍ଯ୍ୟ କରେ ଏବଂ ଏକ ଅପେକ୍ଷାକୃତ ଉଚିତ୍ ପ୍ରିମିୟମରେ ଆସେ । ଉଦାହରଣ ସ୍ୱରୂପ, ସେମାନଙ୍କ ନିଯୁକ୍ତିଦାତାମାନଙ୍କ ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଇଥିବା ବ୍ୟକ୍ତିମାନେ ଅତିରିକ୍ତ ସୁରକ୍ଷା ପାଇଁ ଏକ ଟପ୍-ଅପ୍ ବୀମା ର ମଧ୍ୟ ଚୟନ କରିପାରନ୍ତି (ପ୍ରଥମ ପଲିସୀର ବୀମା ରାଶିକୁ ଥ୍ରେଶହୋଲ୍ଡ ହିସାବରେ ରଖି) । ଏହି ନିଜ ତଥା ପରିବାର ପାଇଁ ହୋଇପାରେ, ଯାହା ଉଚ୍ଚ ମୂଲ୍ୟ ଚିକିତ୍ସାର ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିରେ ସୁବିଧାରେ ଆସିଥାଏ ।

ଟପ୍ – ଅପ୍ ପଲିସୀ ଅନ୍ତର୍ଗତ ଏକ ଦାବୀ ପ୍ରାପ୍ତିର ଯୋଗ୍ୟ ହେବା ପାଇଁ , ମେଡିକଲ ମୂଲ୍ୟ ନିଶ୍ଚିତ ରୂପେ ପ୍ଲାନ୍ ଅନ୍ତର୍ଗତ ଚୟନ କରାଯାଇଥିବା କାଟଯୋଗ୍ୟ (କିମ୍ବା ଥ୍ରେଶହୋଲ୍ଡ) ଠାରୁ ଅଧିକ ହେବା ଉଚିତ୍ ଏବଂ ଉଚ୍ଚ କାଟଯୋଗ୍ୟ ପ୍ଲାନ୍ ଅନ୍ତର୍ଗତ ପ୍ରତିପୂର୍ତ୍ତି ବ୍ୟୟ ହୋଇଥିବା ଖର୍ଚ୍ଚ ରାଶି, ଅର୍ଥାତ୍ କାଟଯୋଗ୍ୟ ଠାରୁ ଅଧିକ ହୋଇପାରେ ।

ଉଦାହରଣ

ଏକ ବ୍ୟକ୍ତିକୁ ତା' ନିଯୁକ୍ତିଦାତା ଦ୍ୱାରା ଟ.3.ଲକ୍ଷର ବୀମା ରାଶି ପାଇଁ ବୀମା ସୁରକ୍ଷା ପ୍ରଦାନ କରାଯାଏ । ସେ ଟ. ତିନି ଲକ୍ଷ ଅତିରିକ୍ତ ଟ. 10 ଲକ୍ଷର ଏକ ଟପ୍-ଅପ୍ ପଲିସୀ ର ଚୟନ କରିପାରେ ।

ଯଦି କେବଳ ଗୋଟିଏ ହସ୍ପିଟାଲାଇଜେଶନର ମୂଲ୍ୟ ଟ. 5 ଲକ୍ଷ ହୁଏ, ମୂଳଭୂତ ପଲିସୀ କେବଳ ଟ. ତିନି ଲକ୍ଷ ପର୍ଯ୍ୟନ୍ତ ସୁରକ୍ଷା ଦେଇପାରେ । ଟପ୍ –ଅପ୍ କଭର ସହିତ, ଟ. ଦୁଇ ଲକ୍ଷର ଅବଶିଷ୍ଟ ରାଶିକୁ ଟପ୍- ଅପ୍ ପଲିସୀ ଦ୍ୱାରା ପ୍ରଦାନ କରାଯାଇପାରେ ।

ଟପ୍-ଅପ୍ ପଲିସୀସବୁ ଶସ୍ତାରେ ଆସେ ଏବଂ କେବଳ ଏକମାତ୍ର ଟ. 10 ଲକ୍ଷ ପଲିସୀର ମୂଲ୍ୟ ଟ. ତିନି ଲକ୍ଷ ଅତିରିକ୍ତ ଟ. 10 ଲକ୍ଷର ଟପ୍-ଅପ୍ ପଲିସୀଠାରୁ ଅଧିକ ହୋଇପାରେ ।

ଏହି କଭରଗୁଡିକ ବୈୟକ୍ତିକ ଆଧାରରେ ଏବଂ ପରିବାର ଆଧାରରେ ଉପଲବ୍ଧ ଅଟେ । ସୁରକ୍ଷା ପ୍ରାପ୍ତ ପ୍ରତ୍ୟେକ ପରିବାର ସଦସ୍ୟ ପାଇଁ ବୈୟକ୍ତିକ ବୀମା ରାଶି କିମ୍ବା ପରିବାରରେ ପ୍ରସାରିତ ହେଉଥିବା କେବଳ ଏକମାତ୍ର ବୀମା ରାଶି କୁ ଆଜିକାଲି ବଜାରରେ ପ୍ରଦାନ କରାଯାଇଛି ।

ଯଦି ଟପ୍-ଅପ୍ ପ୍ଲାନ ହସ୍ପିଟାଲାଇଜେଶନ ର ପ୍ରତ୍ୟେକ ଗୋଟିଏ ଗୋଟିଏ ଘଟଣାରେ କାଟଯୋଗ୍ୟ ରାଶିକୁ ଟପି ଯିବା ଆବଶ୍ୟକ କରେ, ପ୍ଲାନ କୁ ବିଭୀଷିକା ଆଧାରିତ ଉଚ୍ଚ କାଟଯୋଗ୍ୟ ପ୍ଲାନ କୁହାଯାଏ । ଏହାର ଅର୍ଥ ହେଉଛି ଯେ ଦେୟ ଯୋଗ୍ୟ ହେବା ପାଇଁ, ଉପରେ ଦିଆଯାଇଥିବା ଉଦାହରଣ ରେ, ପ୍ରତ୍ୟେକ ଗୋଟିଏ ଗୋଟିଏ ଦାବୀ ନିଶ୍ଚିତ ଭାବେ ଟ.3 ଲକ୍ଷ କୁ ଟପିଯିବା ଉଚିତ୍ ।

ଅବଶ୍ୟ ଟପ୍-ଅପ୍ ପ୍ଲାନ ଯେଉଁଗୁଡିକ କାଟଯୋଗ୍ୟକୁ ଟପିଯିବାର ସ୍ୱୀକୃତି ଦିଅନ୍ତି ପଲିସୀ ଅବଧି ସମୟରେ ହସ୍ପିଟାଲାଇଜେଶନ୍ ର ଏକ ଶୃଙ୍ଖଳା ଆଣନ୍ତି ଯାହାକୁ ହାରାହାରି ମୋଟ ରାଶି ଆଧାରିତ ଉଚ୍ଚ କାଟଯୋଗ୍ୟ ପ୍ଲାନ୍ ଯେମିତି କି ଭାରତୀୟ ବଜାରରେ ପରିଚିତ ସୁପର ଟପ୍-ଅପ୍ କଭର କୁହାଯାଏ । ଏହାର ଅର୍ଥ ହେଉଛି ଯେ, ଉପରେ ଦିଆଯାଇଥିବା ଉଦାହରଣ ରେ ପ୍ରତ୍ୟେକ ଗୋଟିଏ ଗୋଟିଏ ଦାବୀ କୁ ଯୋଗ କରାଯାଏ ଏବଂ ଯେତେବେଳେ ଏହା ଟ. 3 ଲକ୍ଷ ଟପିଯାଏ, ଟପ୍-ଅପ୍ କଭର ଦାବୀ ପ୍ରଦାନ କରିବା ଆରମ୍ଭ କରିଦଏ ।

ଏକ ଡାକ୍ତରଖାନା କ୍ଷତିପୂର୍ତ୍ତି ପଲିସୀର ଅଧିକାଂଶ ମାନକ ସର୍ତ୍ତ, ପ୍ରତିବନ୍ଧ ଏବଂ ଅପବର୍ଜନ ଏହି ଉତ୍ପାଦଗୁଡିକ ଉପରେ ଲାଗୁ ହୁଏ । କେତେକ ବଜାରରେ, ଯେଉଁଠି ମୂଳଭୂତ ସ୍ୱାସ୍ଥ୍ୟ ସୁରକ୍ଷା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଏ , ବୀମାକର୍ତ୍ତାମାନେ ଅଧିକାଂଶ ରୂପେ କେବଳ ଟପ୍-ଅପ୍ ବୀମା ସୁରକ୍ଷା ସ୍ୱୀକୃତି ଦେବା କାରବାର କରନ୍ତି ।

E. *ବରିଷ୍ଠ ନାଗରିକ ପଲିସୀ*

ଏହି ପ୍ଲାନଗୁଡିକର ପରିକଳ୍ପନା ବୟୋଜ୍ୟେଷ୍ଠ ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ କରାଯାଇଛି ଯେଉଁମାନଙ୍କୁ ଅନେକ ସମୟରେ ଏକ ନିର୍ଦ୍ଦିଷ୍ଟ ବୟସ ପରେ ବୀମା ପାଇଁ ଅଗ୍ରାହ୍ୟ କରାଯାଏ (ଅର୍ଥାତ୍ 60 ବର୍ଷଠାରୁ ଅଧିକ ଆୟୁର ବ୍ୟକ୍ତି) । ବୀମା ସୁରକ୍ଷା ଏବଂ ଅପବର୍ଜନ ଗୁଡିକର ସଂରଚନା ଅଧିକ ରୂପେ ଏକ ହସ୍ପିଟାଲାଇଜେଶନ ପଲିସୀ ଭଳି ।

ବୀମା ସୁରକ୍ଷା ଓ ପ୍ରତୀକ୍ଷା ସମୟ ବ୍ୟବସ୍ଥିତ କରିବା ବେଳେ ବୟୋଜ୍ୟେଷ୍ଠମାନଙ୍କ ରୋଗଗୁଡିକ ଉପରେ ବିଶେଷ ଧ୍ୟାନ ଦିଆଯାଏ । ପ୍ରବେଶ ଆୟୁ ମୂଖ୍ୟତଃ 60 ବର୍ଷ ପରେ ଏବଂ ଆଜୀବନ ନୂତନୀକରଣୀୟ । ବୀମା ରାଶି ଟ.50, 000 ଠାରୁ ଟ 5.00,00 ର ଶ୍ରେଣୀ ରେ ରହେ । କେତେକ ରୋଗ ଉପରେ ପ୍ରଯୁଜ୍ୟ ପ୍ରତୀକ୍ଷା ଅବଧି ଭିନ୍ନ ଭିନ୍ନ ହୋଇଥାଏ । ଉଦାହରଣ : ଗୋଟିଏ ବୀମାକର୍ତ୍ତା ପାଇଁ ମୋତିଆବିନ୍ଦୁର ପ୍ରତୀକ୍ଷା ଅବଧି 1 ବର୍ଷ ହୋଇପାରେ ଏବଂ ଅନ୍ୟ କୌଣସି ବୀମାକର୍ତ୍ତା ପାଇଁ ପ୍ରତୀକ୍ଷା ଅବଧି 2 ବର୍ଷର ହୋଇପାରେ ।

ଆହୁରି, ଏକ ନିର୍ଦ୍ଦିଷ୍ଟ ବୀମାକର୍ତ୍ତା ପାଇଁ କେତେକ ରୋଗର ପ୍ରତୀକ୍ଷା ଅବଧି ନ ଥାଇପାରେ ଯେତେବେଳେ କି ଅନ୍ୟ ଏକ ର ଥାଇପାରେ । ଉଦାହରଣ : ସାଇନୁସାଇଟିସ୍ କେତେକ ବୀମାକର୍ତ୍ତାଙ୍କ ପ୍ରତୀକ୍ଷା ଅବଧି ଅନୁଚ୍ଛେଦ ରେ ଆସେ ନାହିଁ କିନ୍ତୁ ଅନ୍ୟ କେତେକ ଏହାକୁ ସେମାନଙ୍କ ପ୍ରତୀକ୍ଷା ଅବଧି ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରନ୍ତି ।

ପୂର୍ବ-ବିଦ୍ୟମାନ ରୋଗର କେତେକ ପଲିସୀରେ ଏକ ପ୍ରତୀକ୍ଷା ଅବଧି ଅଥବା କ୍ୟାପିଙ୍ଗ୍ ଥାଇପାରେ । ଡାକ୍ତରଖାନା ପୂର୍ବବର୍ତ୍ତୀ – ପରବର୍ତ୍ତୀ ଖର୍ଚ୍ଚସବୁକୁ ଡାକ୍ତରଖାନା ଦାବୀ ର ଏକ କିଛି ପ୍ରତିଶତ ରୂପେ କିମ୍ବା ଏକ ଉପ ସୀମା ରୂପେ ଯେଉଁଟା ବି ଅଧିକ, ସେହି ରୂପେ ପ୍ରଦାନ କରାଯାଇପାରେ । କେତେକ ପଲିସୀରେ ସେମାନେ ପାରମ୍ପରିକ କ୍ଷତିପୂର୍ତ୍ତି ପ୍ଲାନ ସବୁକୁ ଅନୁସରଣ କରନ୍ତି ଯେପରିକି 30/60 ଦିନ କିମ୍ବା 60/90 ଦିନ ର ବିନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଆସୁଥିବା ଖର୍ଚ୍ଚସବୁ ।

IRDAI ସେହି ବୀମିତ ବ୍ୟକ୍ତିମାନଙ୍କ ପାଇଁ ବିଶେଷ ପ୍ରାବଧାନଗୁଡିକୁ ଲାଗୁ କରିଛନ୍ତି ଯେଉଁମାନେ ବରିଷ୍ଠ ନାଗରିକ ଅଟନ୍ତି :

1. ବରିଷ୍ଠ ନାଗରିକମାନଙ୍କ ପାଇଁ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକ ପାଇଁ ଲାଗୁ କରାଯାଉଥିବା ପ୍ରିମିୟମ ନିରପେକ୍ଷ, ନ୍ୟାୟୋଚିତ, ପାରଦର୍ଶୀ ଏବଂ ଉଚିତ୍ ରୂପେ ଅଗ୍ରୀମରେ ପ୍ରକଟୀକୃତ ହେବ ।
2. ପ୍ରିମିୟମ ଉପରେ ଏବଂ ଊର୍ଦ୍ଧ୍ୱରେ ଲାଗୁ କରାଯାଉଥିବା କୌଣସି ସଙ୍କଟାଙ୍କନ ଲୋଡିଙ୍ଗ୍ ସମ୍ବନ୍ଧରେ ବୀମିତକୁ ଲିଖିତ ରୂପେ ସୂଚୀତ କରାଯିବ ଏବଂ ଏକ ପଲିସୀ ଜାରୀ ପୂର୍ବରୁ ସେସବୁ ଲୋଡିଙ୍ଗ୍ ପାଇଁ ପଲିସୀଧାରୀର ବିଶେଷ ସମ୍ମତି ପ୍ରାପ୍ତ ହେବ ।
3. ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ବୀମା ସମ୍ବନ୍ଧୀୟ ଦାବୀ ଓ ଅଭିଯୋଗଗୁଡିକ ଉପରେ ଧ୍ୟାନ ଦେବା ପାଇଁ ସମସ୍ତ ବୀମାକର୍ତ୍ତା ଏବଂ TPA ଏକ ଅଲଗା ଚ୍ୟାନେଲ ସ୍ଥାପିତ କରିବେ ।

F. *ଡାକ୍ତରଖାନା ନଗଦ, ସଂଙ୍କଟପୂର୍ଣ୍ଣ ରୋଗ*

ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ରେ ଏକ ବୀମାକର୍ତ୍ତା ପାଇଁ ସବୁଠୁ ବଡ ସଙ୍କଟ ହେଉଛି ପଲିସୀ ଲାଭସବୁର ଅନାବଶ୍ୟକ ଓ ଅନୁଚିତ ଉପଯୋଗ । ରୋଗଟି ଏକ ସ୍ୱାସ୍ଥ୍ୟ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ବୋଲି ଜାଣି, ଡାକ୍ତର, ସର୍ଜନ ଏବଂ ଡାକ୍ତରଖାନାମାନେ ତାକୁ ଆବଶ୍ୟକତାଠାରୁ ଅଧିକ ଚିକିତ୍ସା କରିବାର ପ୍ରବୃତ୍ତି ଦେଖାନ୍ତି । ସେମାନେ ଡାକ୍ତରଖାନାରେ ରହିବାର ଦୀର୍ଘତା କୁ ବଢ଼ାଇଦିଅନ୍ତି, ଅନାବଶ୍ୟକ ଡାଏଗ୍ନୋଷ୍ଟିକ ଓ ଲାବୋରେଟୋରୀ ପରୀକ୍ଷଣ ସବୁ କରନ୍ତି ଏବଂ ଏ ପ୍ରକାରେ ଚିକିତ୍ସାର ମୂଲ୍ୟକୁ ଆବଶ୍ୟକ ରାଶିଠାରୁ ଅଧିକ ବୃଦ୍ଧି କରି ଦିଅନ୍ତି । ବୀମାକର୍ତ୍ତାର ମୂଲ୍ୟ ଉପରେ ଅନ୍ୟ ଏକ ବଡ଼ ପ୍ରଭାବ ହେଉଛି ଚିକିତ୍ସା ସମ୍ବନ୍ଧୀୟ ମୂଲ୍ୟରେ ଲଗାତର ବୃଦ୍ଧି, ସାଧାରଣତଃ ପ୍ରିମିୟମ ହାରରେ ବୃଦ୍ଧି ଅପେକ୍ଷା ଅଧିକ ।

ଏହାର ଉତ୍ତର ହେଉଛି ନିଶ୍ଚିତ/ନିର୍ଦ୍ଧାରିତ ଲାଭ କଭର । ବୀମିତ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ, ନିଶ୍ଚିତ ଲାଭ କଭର ବୀମାକର୍ତ୍ତାକୁ ଏକ ଯଥାର୍ଥ ଅବଧି ପାଇଁ ତାର ପଲିସୀର ମୂଲ୍ୟ ନିର୍ଦ୍ଧାରଣ ପ୍ରଭାବଶାଳୀ ରୂପେ କରିବାରେ ମଧ୍ୟ ସହାୟକ ହୁଏ । ଏହି ଉତ୍ପାଦରେ, ସାଧାରଣ ରୂପେ ହେଉଥିବା ଚିକିତ୍ସାଗୁଡିକୁ ପ୍ରତ୍ୟେକ ସିଷ୍ଟମ ଅନ୍ତର୍ଗତ ତାଲିକାଭୁକ୍ତ କରାଯାଇଛି , ଯେପରି କି ENT, ଅପଥାଲମୋଲୋଜି (ଚକ୍ଷୁ ସମ୍ବନ୍ଧୀୟ ଚିକିତ୍ସା), ଅବ୍ସଟେଟ୍ରିକ୍ସ (ପ୍ରସୂତି), ଗାଇନେକୋଲୋଜି (ପ୍ରସୂତି ଶାସ୍ତ୍ର), ଇତ୍ୟାଦି ଏବଂ ଏଗୁଡିକ ମଧ୍ୟରୁ ପ୍ରତ୍ୟେକ ପାଇଁ ସର୍ବାଧିକ ରାଶି ପ୍ରଦାନ ପଲିସୀରେ ଉଲ୍ଲେଖ କରାଯାଇଥାଏ ।

ବୀମିତ ମଧ୍ୟ ଉଲ୍ଲିଖିତ ଚିକିତ୍ସା ପାଇଁ ତା' ଦ୍ୱାରା ବ୍ୟୟ କରାଯାଇଥିବା ରାଶି ନିର୍ବିଶେଷରେ ଏକ ନିଶ୍ଚିତ/ନିର୍ଦ୍ଧାରିତ ରାଶି ପ୍ରାପ୍ତ ହୁଏ । ଏହି ଚିକିତ୍ସାଗୁଡିକ ମଧ୍ୟରୁ ପ୍ରତ୍ୟେକ ପାଇଁ ଦେୟ ପ୍ୟାକେଜ୍ ଚାର୍ଜ ସାଧାରଣତଃ ଉପଯୁକ୍ତ ମୂଲ୍ୟର ଅଧ୍ୟୟନ ଉପରେ ଆଧାରିତ ହୋଇଥାଏ ଯାହା ସେହି ଅବସ୍ଥାକୁ ଚିକିତ୍ସା କରିବା ପାଇଁ ଆବଶ୍ୟକ ହୋଇପାରେ ।

ପ୍ୟାକେଜ୍ ଚାର୍ଜ ମୂଲ୍ୟର ସବୁ ଘଟକକୁ ଅନ୍ତର୍ଭୁକ୍ତ କରିବ ଯେପରି କି :

a) ପ୍ରକୋଷ୍ଠ ଭଡା
b) ପ୍ରଫେସନଲ ଶୁଳ୍କ
c) ଡାଏଗ୍ନୋଷ୍ଟିକ୍ସ
d) ଔଷଧ
e) ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଖର୍ଚ୍ଚସବୁ ଇତ୍ୟାଦି

ପ୍ୟାକେଜ୍ ଚାର୍ଜ ଉତ୍ପାଦ ଉପରେ ଆଧାର କରି ପଥ୍ୟ, ପରିବହନ, ଆମ୍ବୁଲାନ୍ସ ଚାର୍ଜ, ଆଦି କୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରେ ।

ଏହି ପଲିସୀସବୁ କୁ ପରିଚାଳିତ କରିବା ପାଇଁ ସରଳ ଅଟେ ଯେହେତୁ କେବଳ ହସ୍ପିଟାଲାଇଜେଶନ୍ ର ପ୍ରମାଣ ଏବଂ ପଲିସୀ ଅନ୍ତର୍ଗତ ରୋଗର ବୀମା ସୁରକ୍ଷା ଦାବୀର ପ୍ରକ୍ରିୟା ପାଇଁ ଯଥେଷ୍ଟ ଅଟେ ।

କେତେକ ଉତ୍ପାଦ ନିଶ୍ଚିତ ଲାଭ ସୁରକ୍ଷା ସହିତ ଏକ ଦୈନିକ ନଗଦ ଲାଭର ପ୍ୟାକେଜ୍ ଦିଅନ୍ତି । ଉତ୍ପାଦରେ ଥିବା ଚିକିତ୍ସାଗୁଡିକର ପରିଭାଷା ଉପରେ ଆଧାର କରି ଚିକିତ୍ସାଗୁଡିକର ତାଲିକା ପ୍ରାୟ 75 ଠାରୁ ପ୍ରାୟ 200 ପର୍ଯ୍ୟନ୍ତ ହୋଇପାରେ ।

ସେହି ସର୍ଜରୀ/ଚିକିତ୍ସା ଯେଉଁଗୁଡିକ ପଲିସୀରେ ଉଲ୍ଲିଖିତ ସୂଚୀରେ ସ୍ଥାନ ପାଇ ନାହାନ୍ତି, ସେଗୁଡିକ ପାଇଁ ଏକ ନିଶ୍ଚିତ ରାଶି ପ୍ରଦାନ କରିବା ପ୍ରାବଧାନ କରାଯାଇଛି । ପଲିସୀ ଅବଧିରେ ବିଭିନ୍ନ ଚିକିତ୍ସା ପାଇଁ ଏକାଧିକ ଦାବୀ ସମ୍ଭବ ଅଟେ । ଅବଶ୍ୟ, ଦାବୀଗୁଡିକ ପରିଶେଷରେ ପଲିସୀ ଅନ୍ତର୍ଗତ ଚୟନିତ ବୀମା ରାଶି ଦ୍ୱାରା ସୀମିତ ହୋଇଥାଏ ।

ନିଶ୍ଚିତ ଲାଭ ବୀମା ଯୋଜନା ମଧ୍ୟରୁ କେତେକ ହେଉଛନ୍ତି:

✓ ଡାକ୍ତରଖାନା ଦୈନିକ ନଗଦ ବୀମା ଯୋଜନା
✓ ସଙ୍କଟପୂର୍ଣ୍ଣ ରୋଗ ନଗଦ ବୀମା ଯୋଜନା

1. ଡାକ୍ତରଖାନା ଦୈନିକ ନଗଦ ପଲିସୀ

a) ପ୍ରତି ଦିନ ର ରାଶି ସୀମା

ଡାକ୍ତରଖାନା ନଗଦ ସୁରକ୍ଷା ହସ୍ପିଟାଲାଇଜେଶନ୍ ର ପ୍ରତ୍ୟେକ ଦିନ ପାଇଁ ବୀମିତ ବ୍ୟକ୍ତିକୁ ଏକ ନିଶ୍ଚିତ ରାଶି ପ୍ରଦାନ କରେ । ପ୍ରତି ଦିନ ନଗଦ ସୁରକ୍ଷା (ଉଦାହରଣ ସ୍ୱରୂପ) ଟ. 1500 ପ୍ରତି ଦିନ ଠାରୁ ଟ.5, 000 କିମ୍ବା ଅଧିକ ପ୍ରତି ଦିନ ହୋଇପାରେ । ପ୍ରତ୍ୟେକ ରୋଗ ପାଇଁ ଦୈନିକ ନଗଦ ପ୍ରଦାନ ଉପରେ ଏବଂ ପଲିସୀର ଅବଧି ପାଇଁ ଏକ ଊର୍ଦ୍ଧ୍ୱ ସୀମା ପ୍ରଦାନ କରାଯାଏ, ଯାହା ସାଧାରଣତଃ ଏକ ବାର୍ଷିକ ପଲିସୀ ହୋଇଥାଏ ।

b) ଦେୟ ପ୍ରଦାନ ଦିବସ ସଂଖ୍ୟା

ଏହି ପଲିସୀର କେତେକ ପ୍ରକାରରେ, ସ୍ୱୀକୃତ ଦୈନିକ ନଗଦ ର ଦିବସ ସଂଖ୍ୟା କୁ ସେହି ରୋଗ ସହିତ ସଂଯୁକ୍ତ କରାଯାଏ ଯାହା ପାଇଁ ଚିକିତ୍ସା ନିଆ ଯାଉଥାଏ । ଚିକିତ୍ସାଗୁଡିକର ବିସ୍ତୃତ ତାଲିକା ଏବଂ ପ୍ରତ୍ୟେକ ପାଇଁ ନିବାସ ଅବଧି କୁ ନିର୍ଦ୍ଧାରିତ କରାଯାଏ ଯାହା ପ୍ରତ୍ୟେକ ପ୍ରକାରର ପ୍ରକ୍ରିୟା/ରୋଗ ପାଇଁ ସ୍ୱୀକୃତ ନଗଦ ଲାଭ କୁ ସୀମିତ କରିଥାଏ ।

c) ସ୍ୱତନ୍ତ୍ର କଭର କିମ୍ବା ଆଡ୍-ଅନ୍ କଭର

ଡାକ୍ତରଖାନା ଦୈନିକ ନଗଦ ପଲିସୀ କେତେକ ବୀମାକର୍ତ୍ତା ଦ୍ୱାରା ପ୍ରଦାନ କରାଯାଇଥିବା ହିସାବରେ ଏକ ସ୍ୱତନ୍ତ୍ର ପଲିସୀ ରୂପେ ଉପଲବ୍ଧ ହୁଏ ଯେତେବେଳେ କି, ଅନ୍ୟ ସବୁ କ୍ଷେତ୍ରରେ, ଏହା ଏକ ନିୟମିତ କ୍ଷତିପୂର୍ତ୍ତି ପଲିସୀ ସହିତ ଏକ ଆଡ୍-ଅନ୍ କଭର ହୁଏ । ଏହି ପଲିସୀସବୁ ବୀମିତ କୁ ଆକସ୍ମିକ ଖର୍ଚ୍ଚସବୁ ପାଇଁ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୁଅନ୍ତି ଯେହେତୁ ଦେୟ ଏକ ନିଶ୍ଚିତ ରାଶି ଅଟେ ଏବଂ ଚିକିତ୍ସାର ବାସ୍ତବ ମୂଲ୍ୟ ସହିତ ସମ୍ବନ୍ଧିତ ନୁହେଁ । ଏହା ଏକ କ୍ଷତିପୂର୍ତ୍ତି ଆଧାରିତ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଗତ ପ୍ରାପ୍ତ କୌଣସି ସୁରକ୍ଷା ଅତିରିକ୍ତ ପଲିସୀ ଅନ୍ତର୍ଗତ ଦେୟ ପ୍ରଦାନ କରିବାର ମଧ୍ୟ ସ୍ୱୀକୃତି ଦିଏ ।

d) ପରିପୂରକ ସୁରକ୍ଷା

ଏହି ପଲିସୀଗୁଡିକ ଏକ ନିୟମିତ ଡାକ୍ତରଖାନା ଖର୍ଚ୍ଚ ପଲିସୀ କୁ ପରିପୂରଣ କରେ ଯେହେତୁ ଏହା ଶସ୍ତା ହୋଇଥାଏ ଏବଂ ଆକସ୍ମିକ ଖର୍ଚ୍ଚ ସବୁ ପାଇଁ ଓ ଅପବର୍ଜନ, କୋ-ପେ ଇତ୍ୟାଦି ଭଳି କ୍ଷତିପୂର୍ତ୍ତି ପଲିସୀ ଅନ୍ତର୍ଗତ ପ୍ରଦାନଯୋଗ୍ୟ ନ ଥିବା ଖର୍ଚ୍ଚ ସବୁ ପାଇଁ ମଧ୍ୟ କ୍ଷତିପୂରଣ ପ୍ରଦାନ କରେ ।

e) ସୁରକ୍ଷା ର ଅନ୍ୟାନ୍ୟ ଲାଭ

ବୀମାକର୍ତ୍ତା ର ଦୃଷ୍ଟିକୋଣରୁ, ଏହି ପ୍ଲାନର ଅନେକ ଲାଭ ରହିଛି ଯେହେତୁ ଏକ ଗ୍ରାହକ କୁ ଏହା ବୁଝାଇବା ସହଜ ଅଟେ ଏବଂ ତେଣୁ ଅଧିକ ସହଜରେ ବିକ୍ରି କରାଯାଇପାରେ । ଏହା ଚିକିତ୍ସା ସମ୍ବନ୍ଧୀୟ ବୃଦ୍ଧି କୁ ହରାଏ ଯେହେତୁ ହସ୍ପିଟାଲାଇଜେଶନର ଅବଧି ପାଇଁ ପ୍ରତିଦିନ ଏକ ନିଶ୍ଚିତ ରାଶି ପ୍ରଦାନ କରାଯାଏ ପ୍ରକୃତ ଖର୍ଚ୍ଚ ଯାହା ବି ହୋଇ ଥାଉ ନା କାହିଁକି । ଆହୁରି, ସେଭଳି ବୀମା ସୁରକ୍ଷାର ସ୍ୱୀକୃତି ଏବଂ ଦାବୀ ସମାଧାନ ଗୁଡିକ ବାସ୍ତବରେ ସରଳୀକୃତ କରାଯାଇଛି ।

2. ସଂକଟପୂର୍ଣ୍ଣ ରୋଗ ପଲିସୀ

ଏହି ଉତ୍ପାଦକୁ ଭୟାନକ ରୋଗ ସୁରକ୍ଷା କିମ୍ବା ଅଭିଘାତ (ଟ୍ରୌମା) ସେବା ସୁରକ୍ଷା ମଧ୍ୟ କୁହାଯାଏ ।

ଚିକିତ୍ସା ବିଜ୍ଞାନ ର ଉତ୍କର୍ଷ ସହିତ, ଲୋକମାନେ କ୍ୟାନସର, ଷ୍ଟ୍ରୋକ୍ ଓ ହୃଦ୍ ଘାତ ଇତ୍ୟାଦି ଭଳି ବଡ଼ ବଡ଼ ରୋଗ ରୁ ବଞ୍ଚି ଯାଉଛନ୍ତି , ଯେଉଁଗୁଡିକର ପରିଣାମ ଆଗ କାଳରେ ମୃତ୍ୟୁ ହୋଇଥାନ୍ତା । ପୁନଶ୍ଚ, ସେଭଳି ବଡ଼ ବଡ଼ ରୋଗଗୁଡିକ ଠାରୁ ବଞ୍ଚିଯିବା ପରେ ଜୀବନ ପ୍ରତ୍ୟାଶା ଯଥେଷ୍ଟ ରୂପେ ବୃଦ୍ଧି ପାଇଛି । ଅବଶ୍ୟ ଏକ ବଡ ରୋଗରୁ ବଞ୍ଚିଯିବା ଚିକିତ୍ସା ପାଇଁ ଅତ୍ୟଧିକ ଖର୍ଚ୍ଚ ତଥା ଚିକିତ୍ସା ପରବର୍ତ୍ତୀ ଜୀବନ ଧାରଣ ଖର୍ଚ୍ଚ ଆବଶ୍ୟକ କରେ । ଏପ୍ରକାରେ ସଂକଟପୂର୍ଣ୍ଣ ରୋଗର ଆଗମନ ଏକ ବ୍ୟକ୍ତିର ଆର୍ଥିକ ସୁରକ୍ଷା କୁ ଭୟଭୀତ କରି ଦିଏ ।

a) ସଂକଟପୂର୍ଣ୍ଣ ରୋଗ ପଲିସୀ କୌଣସି ଉଲ୍ଲିଖିତ ସଙ୍କଟପୂର୍ଣ୍ଣ ରୋଗର ଡାଏଗ୍ନୋସିସ୍ ରେ ଏକ ମୋଟା ରାଶି ପ୍ରଦାନ କରିବାର ପ୍ରାବଧାନ ଥିବା ଏକ ଲାଭ ପଲିସୀ ଅଟେ ।

b) ଏହାକୁ ବିକ୍ରୀ କରାଯାଏ :

- ✓ ଏକ ସ୍ୱତନ୍ତ୍ର (ଅନାଶ୍ରିତ) ପଲିସୀ ରୂପେ କିମ୍ବା
- ✓ କେତେକ ସ୍ୱାସ୍ଥ୍ୟ ପଲିସୀ ସହିତ ଏକ ଆଡ-ଅନ୍ କଭର ରୂପେ କିମ୍ବା
- ✓ କେତେକ ବୀମା ପଲିସୀ ରେ ଏକ ଆଡ-ଅନ୍ କଭର ରୂପେ କିମ୍ବା

ଭାରତରେ, ସଙ୍କଟପୂର୍ଣ୍ଣ ରୋଗ ଲାଭସବୁକୁ ଜୀବନ ବୀମାକର୍ତ୍ତାମାନଙ୍କ ଦ୍ୱାରା ଅତ୍ୟନ୍ତ ସାଧାରଣ ଭାବେ ଜୀବନ ପଲିସୀଗୁଡିକର ଅନୁବୃଦ୍ଧି (ରାଇଡର) ରୂପେ ବିକ୍ରି କରାଯାଏ ଏବଂ ସେମାନଙ୍କ ଦ୍ୱାରା ସୁରକ୍ଷାର ଦୁଇଟି ଫର୍ମ ଦିଆଯାଏ – ତ୍ୱରାନ୍ୱିତ CI ଲାଭ ଯୋଜନା ଏବଂ ସ୍ୱତନ୍ତ୍ର CI ଲାଭ ଯୋଜନା । ସୁରକ୍ଷା ପ୍ରାପ୍ତ ହେଉଥିବା ରୋଗ ଗୁଡିକର ସ୍ପଷ୍ଟ ପରିଭାଷା ଏବଂ ଉତ୍ତମ ସଙ୍କଟାଙ୍କନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ହୋଇଥାଏ ଯେତେବେଳେ ଏହି ଲାଭଟି ବିକ୍ରି କରାଯାଏ । ଭ୍ରାନ୍ତି କୁ ଏଡାଇବା ପାଇଁ , ଆଇଆରଡିଏ ସ୍ୱାସ୍ଥ୍ୟ ବୀମା ମାନକୀକରଣ ମାର୍ଗଦର୍ଶିକା ଅନ୍ତର୍ଗତ 20 ସବୁଠୁ ସାଧାରଣ ସଙ୍କଟପୂର୍ଣ୍ଣ ରୋଗ ର ପରିଭାଷାକୁ ମାନକୀକରଣ କରାଯାଇଛି । (ଦୟାକରି ଶେଷରେ ଥିବା ସଂଲଗ୍ନ ରେ ଲକ୍ଷ୍ୟ ଦିଅନ୍ତୁ) ।

ଅବଶ୍ୟ, ଜାରୀ ଚରଣ ରେ ବିପରୀତ ଚୟନ ର ସମ୍ଭାବନା (ଯେଉଁଠି ପ୍ରଭାବିତ ହେବାର ବହୁତ ସମ୍ଭାବନା ଥିବା ଲୋକେ ମୁଖ୍ୟତଃ ଏହି ବୀମା ନେଇଥାନ୍ତି) ଅତ୍ୟନ୍ତ ଅଧିକ ଥାଏ ଏବଂ ପ୍ରସ୍ତାବକମାନଙ୍କ ସ୍ୱାସ୍ଥ୍ୟ ସ୍ଥିତି ନିର୍ଦ୍ଧାରଣ କରିବା ମହତ୍ୱପୂର୍ଣ୍ଣ ଅଟେ । ଯଥେଷ୍ଟ ତଥ୍ୟର ଅଭାବ ଯୋଗୁଁ, ଚଳିତ ସମୟରେ ସଙ୍କଟପୂର୍ଣ୍ଣ ରୋଗ ଯୋଜନାଗୁଡିକର ମୂଲ୍ୟ ନିର୍ଦ୍ଧାରଣ ପୁନଃବୀମାକର୍ତ୍ତାମାନଙ୍କ ତଥ୍ୟ ମାଧ୍ୟମରେ ସହାୟତା ପ୍ରାପ୍ତ ହେଉଛି ।

c) ସଙ୍କଟପୂର୍ଣ୍ଣ ରୋଗଗୁଡିକ ବଡ଼ ବଡ଼ ରୋଗ ଅଟନ୍ତି ଯାହା ନା କେବଳ ଭାରୀ ଅଧିକ ହସ୍ପିଟାଲାଇଜେଶନ୍ ମୂଲ୍ୟ ଆଡେ ଗତି କରାନ୍ତି, ଅପିତୁ ବିକଳାଙ୍ଗତା, ଅଙ୍ଗ ହାନି, ଉପାର୍ଜନ ହାନି ଇତ୍ୟାଦିର କାରଣ ମଧ ହୋଇପାରନ୍ତି ଏବଂ ହସ୍ପିଟାଲାଇଜେଶନ ପରବର୍ତ୍ତୀ ସମୟରେ ଦୀର୍ଘ ଯତ୍ନ ଆବଶ୍ୟକ କରି ପାରନ୍ତି ।

d) ଏକ ସଙ୍କଟପୂର୍ଣ୍ଣ ରୋଗ ପଲିସୀ କୁ ଅନେକ ସମୟରେ ଏକ ଡାକ୍ତରଖାନା କ୍ଷତିପୂର୍ତ୍ତି ପଲିସୀ ଅତିରିକ୍ତ ନେବାପାଇଁ ସୁପାରିଶ କରାଯାଏ, ଯାହା ଦ୍ୱାରା ପଲିସୀ ଅନ୍ତର୍ଗତ କ୍ଷତିପୂରଣ ଏକ ପରିବାରର ଆର୍ଥିକ ବୋଝ ର ସମ୍ମୁଖୀନ ହେବାରେ ସାହାଯ୍ୟ କରେ ଯାହାର ସଦସ୍ୟ ସେଭଳି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଏ ।

e) ସୁରକ୍ଷା ପ୍ରାପ୍ତ ସଙ୍କଟପୂର୍ଣ୍ଣ ରୋଗ ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଏବଂ ଉତ୍ପାଦ ଉତ୍ପାଦ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାନ୍ତି, କିନ୍ତୁ ସାଧାରଣ ରୋଗଗୁଡିକରେ ଅନ୍ତର୍ଭୁକ୍ତ ହୁଅନ୍ତି:

- ✓ ବିନିର୍ଦ୍ଦିଷ୍ଟ କଠୋରତା ଥିବା କ୍ୟାନସରସବୁ
- ✓ ତୀବ୍ର ମାୟୋକାର୍ଡିନଲ ଇନ୍ଫାର୍କଶନ

- ✓ କୋରୋନାରୀ ଆର୍ଟେରୀ ସର୍ଜରୀ
- ✓ ହୃତ୍ପିଣ୍ଡ ଭାଲ୍ଭ ପ୍ରତିସ୍ଥାପନ
- ✓ ବିନିର୍ଦ୍ଦିଷ୍ଟ ଗମ୍ଭୀରତା ର କୋମା
- ✓ ରେନାଲ ଅଚଳତା
- ✓ ଷ୍ଟ୍ରୋକ୍ ଯାହାର ପରିଣାମ ସ୍ଥାୟୀ ଲକ୍ଷଣ ହୋଇଥାଏ
- ✓ ମୁଖ୍ୟ ଅଙ୍ଗ /ବୋନ୍ ମ୍ୟାରୋ ପ୍ରତ୍ୟାରୋପଣ
- ✓ ବହୁବିଧ କାଠିନ୍ୟ
- ✓ ମୋଟର ନ୍ୟୁରନ୍ ରୋଗ
- ✓ ଅଙ୍ଗଗୁଡିକର ସ୍ଥାୟୀ ପାରାଲିସିସ୍
- ✓ ବଡ଼ ବଡ଼ ଦୁର୍ଘଟଣା ଯୋଗୁଁ ସ୍ଥାୟୀ ବିକଳାଙ୍ଗତା

ସଙ୍କଟପୂର୍ଣ୍ଣ ରୋଗଗୁଡିକର ତାଲିକା ସ୍ଥିର ନୁହେଁ ଏବଂ ବଢ଼ି ବଢ଼ି ଯାଉଥାଏ । କେତେକ ଆନ୍ତର୍ଜାତିକ ବଜାରରେ ବୀମାକର୍ତ୍ତାମାନେ ସ୍ଥିତିଗୁଡିକୁ 'ମୂଳ (କୋର୍)' ଏବଂ 'ଅତିରିକ୍ତ' ରୂପେ ଶ୍ରେଣୀଭୁକ୍ତ କରନ୍ତି,ଏପରିକି ଆଲଜେିମର୍ ସ ରୋଗ ଭଳି ସ୍ଥିତି କୁ ବି ସୁରକ୍ଷା ଦିଅନ୍ତି । ବେଳେ ବେଳେ 'ଚରମ ରୋଗ' କୁ ମଧ୍ୟ ବୀମା ସୁରକ୍ଷା ପାଇଁ ଅନ୍ତର୍ଭୁକ୍ତ କରାଯାଏ ଯଦିଓ ସ୍ପଷ୍ଟ ରୂପେ ପ୍ରିମିୟମ ବହୁତ ଅଧିକ ହୋଇପାରେ ।

f) ଯେତେବେଳେ ଅଧିକାଂଶ ସଙ୍କଟପୂର୍ଣ୍ଣ ରୋଗ ପଲିସୀ ରୋଗର ଡାଏଗ୍ନୋସିସ୍ ରେ ଏକ ମେଟା ରାଶି ପ୍ରଦାନ କରନ୍ତି, କେତେକ ପଲିସୀ ଅଛି ଯେଉଁଗୁଡିକ ଖର୍ଚ୍ଚସବୁର କ୍ଷତିପୂର୍ତ୍ତି ଆକାରରେ ହସ୍ପିଟାଲାଇଜେଶନ ଖର୍ଚ୍ଚ ସୁରକ୍ଷା କେବଳ ପ୍ରଦାନ କରନ୍ତି । ଅଳ୍ପ ଗୁଡିଏ ଉତ୍ପାଦ ଉଭୟ ସୁରକ୍ଷାର ସଂଯୋଗ, ଅର୍ଥାତ୍ ଆନ୍ତଃରୋଗୀ ହସ୍ପିଟାଲାଇଜେଶନ ଖର୍ଚ୍ଚସବୁ ପାଇଁ କ୍ଷତିପୂର୍ତ୍ତି ଏବଂ ପଲିସୀରେ ସୂଚୀଭୁକ୍ତ ଥିବା ବଡ଼ ବଡ଼ ରୋଗ ଗୁଡିକର ଡାଏଗ୍ନୋସିସ୍ ରେ ଏକ ମୋଟା ରାଶି ପ୍ରଦାନ, ର ପ୍ରସ୍ତାବ ଦିଅନ୍ତି ।

g) ସଙ୍କଟମୟ ରୋଗ ପଲିସୀଗୁଡିକ ସାଧାରଣତଃ ଆୟୁ ବର୍ଗ 21 ବର୍ଷ ଠାରୁ 65 ବର୍ଷ ପର୍ଯ୍ୟନ୍ତ ର ବ୍ୟକ୍ତିମାନଙ୍କ ପାଇଁ ଉପଲବ୍ଧ ଅଟେ ।

h) ଏହି ପଲିସୀଗୁଡିକ ଅନ୍ତର୍ଗତ ବୀମା ରାଶି ଅତ୍ୟନ୍ତ ଅଧିକ ଥାଏ ଯେହେତୁ ସେଭଳି ଏକ ପଲିସୀର ମୁଖ୍ୟ କାରଣ ହୋଇପାରେ ସେଭଳି ରୋଗଗୁଡିକ ସହିତ ଜଡିତ ଦୀର୍ଘାବଧି ସେବାର ଆର୍ଥିକ ବୋଝ ପାଇଁ ପ୍ରାବଧାନ ରଖିବା ।

i) ଏହି ପଲିସୀଗୁଡିକ ଅନ୍ତର୍ଗତ ଏକ ସଙ୍କଟପୂର୍ଣ୍ଣ ରୋଗର ନିଦାନ ଚିହ୍ନଟ ହେବାରେ ସାଧାରଣତଃ ବୀମା ରାଶିର 100% ପ୍ରଦାନ କରାଯାଏ । କେତେକ କ୍ଷେତ୍ରରେ ପଲିସୀ ସର୍ତ୍ତ ଓ ପ୍ରତିବନ୍ଧ ଏବଂ ରୋଗର ଗମ୍ଭୀରତା ଆଧାରରେ କ୍ଷତିପୂରଣ 25% ଠାରୁ 100% ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ହୋଇପାରେ ।

j) ଞ) ସମସ୍ତ ସଙ୍କଟପୂର୍ଣ୍ଣ ରୋଗ ପଲିସୀ ରେ ଦେଖାଯାଇଥିବା ଏକ ମାନକ ସର୍ତ୍ତ ହେଉଛି ପଲିସୀ ଅନ୍ତର୍ଗତ କୌଣସି ଲାଭ ଦେୟଯୋଗ୍ୟ ହେବା ପାଇଁ ପଲିସୀ ଆରମ୍ଭ ଠାରୁ 90 ଦିନ ର ପ୍ରତୀକ୍ଷା ଅବଧି ଏବଂ ରୋଗର ନିଦାନ ପରେ 30 ଦିନର ଜୀବିତ ଅନୁଚ୍ଛେଦ । ଏହି ଲାଭ ରୂପେ ଅନ୍ତର୍ଭୁକ୍ତ କରାଯାଇଥିବା ଜୀବିତ ଅନୁଚ୍ଛେଦ କୁ ନିଶ୍ଚିତ ରୂପେ "ମୃତ୍ୟୁ ଲାଭ"ସହିତ ଭ୍ରାନ୍ତ ହେବା ଉଚିତ ନୁହେଁ ଏବଂ ଅଧିକ ରୂପେ ଏକ "ଜୀବିତ (ବଞ୍ଚିଥିବା) ଲାଭ" ଅର୍ଥାତ୍ ସେହି କଷ୍ଟଦାୟକ ପରିସ୍ଥିତିଗୁଡିକୁ ସମ୍ମୁଖୀନ ହେବା ପାଇଁ ପ୍ରଦାନ କରାଯାଉଥିବା ଲାଭ ଯାହା ଏକ ସଙ୍କଟମୟ ରୋଗ ପରେ ଆସିଥାଏ, ଏହି ଅର୍ଥରେ ଅଧିକ ରୂପେ ବିଚାର କରିବା ଉଚିତ୍ ।

k) ବିଶେଷ ରୂପେ 45 ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ଯେଉଁମାନେ ସଙ୍କଟ ପୂର୍ଣ୍ଣ ରୋଗ ପଲିସୀ ନେବାପାଇଁ ଚାହାଁନ୍ତି, ସେମାନଙ୍କ ପାଇଁ କଠୋର ଡାକ୍ତରୀ ପରୀକ୍ଷଣ କରିବାକୁ ପଡ଼େ । ମାନକ ଅପବର୍ଜନ ଗୁଡିକ ଠିକ୍ ସେ ଭଳିଆ ଯାହା ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକରେ ଥାଏ, ଚିକିତ୍ସା ସମ୍ବନ୍ଧୀୟ ପରାମର୍ଶ ପାଇବାରେ କିମ୍ବା ଅନୁପାଳନ କରିବାରେ ବିଫଳତା, କିମ୍ବା ପ୍ରତୀକ୍ଷା ଅବଧିକୁ ଟାଳିବା ପାଇଁ ମେଡିକଲ ଚିକିତ୍ସା ରେ ବିଳମ୍ବ କରିବା କୁ ମଧ୍ୟ ବିଶେଷ ରୂପେ ଅପବର୍ଜିତ କରାଯାଇଛି ।

l) ବୀମାକର୍ତ୍ତା ବୀମିତକୁ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ରୋଗଗୁଡିକ ମଧ୍ୟରେ ଏକ କିମ୍ବା ଅଧିକ ପାଇଁ କେବଳ ଥରେ କ୍ଷତିପୂରଣ ଦେଇପାରେ କିମ୍ବା ମଲ୍ଟିପଲ ପେଆଉଟ୍ ପ୍ରଦାନ କରିପାରେ କିନ୍ତୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ପର୍ଯ୍ୟନ୍ତ । କୌଣସି ବୀମିତ ବ୍ୟକ୍ତି ପ୍ରସଙ୍ଗରେ ପଲିସୀ ଅନ୍ତର୍ଗତ ଥରେ କ୍ଷତିପୂରଣ ପ୍ରଦାନ କଲା ପରେ, ପଲିସୀ ସମାପ୍ତ ହୋଇଯାଏ ।

m) ସଙ୍କଟପୂର୍ଣ୍ଣ ରୋଗ ପଲିସୀକୁ ସମୂହମାନଙ୍କୁ ବିଶେଷ ରୂପେ କର୍ପୋରେଟ ମାନଙ୍କୁ ମଧ୍ୟ ପ୍ରଦାନ କରାଯାଏ ଯେଉଁମାନେ ସେମାନଙ୍କ କର୍ମଚାରୀମାନଙ୍କ ପାଇଁ ପଲିସୀସବୁ ନିଅନ୍ତି ।

G. *ଦୀର୍ଘାବଧି ସେବା ବୀମା*

ଆଜିକାଲି, ଜୀବନ ପ୍ରତ୍ୟାଶା ବଢ଼ିବା ସହିତ, ବିଶ୍ୱରେ ବୃଦ୍ଧ ଲୋକମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି । ବର୍ଦ୍ଧିତ ଆୟୁର ଲୋକସଂଖ୍ୟା ସହିତ, ସାରା ପୃଥିବୀରେ, ଦୀର୍ଘାବଧି ସେବା ବୀମା ର ମହତ୍ୱ ମଧ୍ୟ ବଢୁଛି । ବୟୋଜ୍ୟେଷ୍ଠ ଲୋକମାନେ ଏବଂ ସେହି ଲୋକେ ମଧ୍ୟ ଯେଉଁମାନେ କୌଣସି ପ୍ରକାରର ଅପଙ୍ଗତାରେ ଆକ୍ରାନ୍ତ ଅଟନ୍ତି, ଦୀର୍ଘାବଧି ଯତ୍ନ ଆବଶ୍ୟକ କରନ୍ତି । ଦୀର୍ଘାବଧି ସେବା/ଯତ୍ନ ଅର୍ଥ ହେଉଛି ସେହି ଲୋକମାନଙ୍କ ପାଇଁ ଅବିଚ୍ଛିନ୍ନ ବ୍ୟକ୍ତିଗତ କିମ୍ବା ନର୍ସିଂ ସେବା ଯେଉଁମାନେ ସହାୟତା ର ମାତ୍ରା ବିନା ନିଜେ ନିଜର ଯତ୍ନ ନେବାପାଇଁ ଅସମର୍ଥ କିମ୍ବା ଯେଉଁମାନଙ୍କ ସ୍ୱାସ୍ଥ୍ୟ ଭବିଷ୍ୟତରେ ଆହୁରି ଭଲ ହେବା ପାଇଁ ଯାଉନାହିଁ ।

ଦୀର୍ଘାବଧି ସେବା ପାଇଁ ଦୁଇ ପ୍ରକାରର ଯୋଜନା ଅଛି:

a) ପୂର୍ବରୁ ନିଧି ପ୍ରାପ୍ତ ଯୋଜନା ଯେଉଁଗୁଡିକୁ ସ୍ୱାସ୍ଥ୍ୟବାନ ବୀମିତମାନଙ୍କ ଦ୍ୱାରା, ସେମାନଙ୍କ ଭବିଷ୍ୟତ ର ମେଡିକାଲ ଖର୍ଚ୍ଚ କୁ ଧ୍ୟାନ ଦେବା ପାଇଁ, କ୍ରୟ କରାଯାଇଥାଏ, ଏବଂ

b) ଆସନ୍ନ ଆବଶ୍ୟକତା ଯୋଜନା ଯେଉଁଗୁଡିକୁ ଏକ ମୋଟା ପ୍ରିମିୟମ ଦ୍ୱାରା କ୍ରୟ କରାଯାଏ ଯେତେବେଳେ ବୀମିତ ଦୀର୍ଘାବଧି ସେବା ଆବଶ୍ୟକ କରେ ।

ଅପଙ୍ଗତାର କଠୋରତା (ଏବଂ ପ୍ରତ୍ୟାଶିତ ବଞ୍ଚିବା ଅବଧି) ଲାଭର ପରିମାଣ ର ନିର୍ଣ୍ଣୟ ନିଏ । ଦୀର୍ଘାବଧି ସେବା ଉତ୍ପାଦ ଗୁଡିକ ଏବେ ମଧ୍ୟ ଭାରତୀୟ ବଜାରରେ ବିକଶିତ ହେବାକୁ ଅଛି ।

ଭବିଷ୍ୟତ ଆରୋଗ୍ୟ ପଲିସୀ

ପ୍ରଥମ ପୂର୍ବ–ନିଧି ପ୍ରାପ୍ତ ବୀମା ଯୋଜନା ଥିଲା ଚାରୋଟି ସାର୍ବଜନିକ କ୍ଷେତ୍ର ସାଧାରଣ ବୀମା କମ୍ପାନୀ ଦ୍ୱାରା ବିପଣନ କରାଯାଇଥିବା ଭବଷ୍ୟତଆରୋଗ୍ୟ ପଲିସୀ । 1990 ରେ ପ୍ରବର୍ତ୍ତନ କରାଯାଇଥିବା, ଏହି ପଲିସୀ ମୂଖ୍ୟତଃ ବୀମିତ ବ୍ୟକ୍ତିର ଅବସରପ୍ରାପ୍ତି ପରେ, ତା' ସ୍ୱାସ୍ଥ୍ୟସେବା ଆବଶ୍ୟକତାଗୁଡିକୁ ଧ୍ୟାନ ଦେବାପାଇଁ ଉଦ୍ଦିଷ୍ଟ, ଯେତେବେଳେ କି ସେ ତା' ଉପାର୍ଜନକ୍ଷମ ଜୀବନ ରେ ପ୍ରିମିୟମ ପ୍ରଦାନ କରିଥାଏ । ଏହା ଏକ ଜୀବନ ବୀମା ପଲିସୀ ନେବା ସଦୃଶ ଅଟେ କେବଳ ଏହା ବ୍ୟତୀତ ଯେ ଏହା ମୃତ୍ୟୁ ଅପେକ୍ଷା ଭବିଷ୍ୟତର ମେଡିକଲ ଖର୍ଚ୍ଚଗୁଡିକୁ ସୁରକ୍ଷା ପ୍ରଦାନ କରେ ।

a) ବିଳମ୍ବିତ ମେଡିକ୍ଲେମ

ପଲିସୀ ଟି ଏକ ପ୍ରକାରର ବିଳମ୍ବିତ କିମ୍ବା ଭବିଷ୍ୟତ ମେଡିକ୍ଲେମ ଅଟେ ଏବଂ ମେଡିକ୍ଲେମ୍ ଭଳିଆ ସୁରକ୍ଷା ପ୍ରଦାନ କରେ । ପ୍ରସ୍ତାବକ 25 ଏବଂ 55 ବର୍ଷ ଆୟୁ ମଧ୍ୟରେ ଯେ କୌଣସି ସମୟରେ ଏହି ଯୋଜନାରେ ଯୋଗ ଦେଇ ପାରେ ।

b) ଅବସରଗ୍ରହଣ ଆୟୁ

ସେ 55 ଏବଂ 60 ବର୍ଷ ମଧ୍ୟରେ ଅବସର ଗ୍ରହଣ ଆୟୁ ଚୟନ କରିପାରେ ଏହି ସର୍ତ୍ତରେ ଯେ ଯୋଗ ଦେଇଥିବା ତାରିଖ ଏବଂ ଚୟନିତ ଅବସରଗ୍ରହଣ ଆୟୁ ମଧ୍ୟରେ 4 ବର୍ଷର ସ୍ୱଷ୍ଟ ବ୍ୟବଧାନ ଥିବା ଉଚିତ୍ । ପଲିସୀ ଅବସର ଗ୍ରହଣ ଆୟୁର ଅର୍ଥ ହେଉଛି ପ୍ରସ୍ତାବରେ ହସ୍ତାକ୍ଷର କରିବା ସମୟରେ ବୀମିତ ଦ୍ୱାରା ଚୟନ କରାଯାଇଥିବା ଏବଂ ପଲିସୀ ଅନ୍ତର୍ଗତ ଲାଭ ଆରମ୍ଭ ଉଦ୍ଦେଶ୍ୟ ପାଇଁ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହୋଇଥିବା ଆୟୁ । ଏହି ଆୟୁ କୁ ଆଗକୁ ବଢ଼ା ଯାଇ ପାରିବ ନାହିଁ ।

c) ଅବସରଗ୍ରହଣ ପୂର୍ବବର୍ତ୍ତୀ ସମୟାବଧି

ଅବସର ଗ୍ରହଣ ପୂର୍ବବର୍ତ୍ତୀ ସମୟାବଧି ର ଅର୍ଥ ହେଉଛି ପ୍ରସ୍ତାବର ସ୍ୱୀକୃତି ତାରିଖ ଠାରୁ ଆରମ୍ଭ ହୋଇ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ପଲିସୀ ଅବସରଗ୍ରହଣ ଆୟୁ ସହିତ ସମାପ୍ତି ହୋଇଥିବା ସମୟାବଧି । ଏହି ସମୟାବଧି ରେ ବୀମିତ ପ୍ରଯୁଜ୍ୟ ହେଉଥିବା ଅନୁସାରେ କିସ୍ତି/ କେବଳ ଏକମାତ୍ର ପ୍ରିମିୟମ ରାଶିକୁ ପ୍ରଦାନ କରୁଥିବ । ବୀମିତ ପାଖରେ ଗୋଟିଏ ଏକ ମୁଷ୍ଠ ପ୍ରିମିୟମ କିମ୍ବା କିସ୍ତି ହିସାବରେ ରାଶି ପ୍ରଦାନର ବିକଳ୍ପ ଥାଏ ।

d) ଅପସାରଣ/ପ୍ରତ୍ୟାହରଣ

ଯଦି ବୀମିତ ର ମୃତ୍ୟୁ ହୋଇଯାଏ କିମ୍ବା ସେ ଚୟନିତ ଅବସରଗ୍ରହଣ ବୟସ ର ପୂର୍ବରୁ କିମ୍ବା ଏହାର ପରେ ଯୋଜନା ଠାରୁ ଅପସାରିତ/ ପ୍ରତ୍ୟାହୃତ ହେବା ପାଇଁ ଚାହେଁ, ତେବେ ପଲିସୀ ଅନ୍ତର୍ଗତ କୌଣସି ଦାବୀ ହୋଇ ନ ଥିବା କାରଣରୁ ପ୍ରିମିୟମ ର ଉପଯୁକ୍ତ ଫେରସ୍ତ ସ୍ୱୀକୃତ ହେବ । ନୂତନୀକରଣ ରେ ବିଳମ୍ବ ପାଇଁ ସନ୍ତୋଷଜନକ କାରଣ ଅବସରରେ ପ୍ରିମିୟମ ପ୍ରଦାନ ପାଇଁ 7 ଦିନ ର ଅନୁଗ୍ରହ ଅବଧିର ଏକ ପ୍ରାବଧାନ ରହିଛି ।

e) ସମନୁଦେଶନ

ଯୋଜନାରେ ସମନୁଦେଶନ ର ପ୍ରାବଧାନ ରହିଛି ।

f) ଅପବର୍ଜନ

ମେଡିକ୍ଲେମ ରେ ଥିବା ପୂର୍ବ-ବିଦ୍ୟମାନ ରୋଗ, 30 ଦିନର ପ୍ରତୀକ୍ଷା ଅବଧି ଏବଂ ବିନିର୍ଦ୍ଦିଷ୍ଟ ରୋଗଗୁଡିକ ପାଇଁ ପ୍ରଥମ ବର୍ଷ ଅପବର୍ଜନ ଭଳି ଏହି ପଲିସୀରେ କୌଣସି ଅପବର୍ଜନ ନାହିଁ । ଯେହେତୁ ଏହା ଭବିଷ୍ୟତ ମେଡିକ୍ଲେମ ପଲିସୀ, ଏହା ସଂପୂର୍ଣ୍ଣ ତର୍କ ସଙ୍ଗତ ଅଟେ ।

g) ସମୂହ ବୀମା ପ୍ରକାର

ପଲିସୀ କୁ ସମୂହ ଆଧାରରେ ମଧ୍ୟ ପ୍ରାପ୍ତ ହୋଇପାରେ ଯେଉଁ କ୍ଷେତ୍ରରେ ସମୂହ ଡିସ୍କାଉଣ୍ଟର ସୁବିଧା ଉପଲବ୍ଧ ଅଛି ।

H. *କୋମ୍ବି-ଉତ୍ପାଦ*

ବେଳେ ବେଳେ, ଜୀବନ ବୀମା ସମ୍ବନ୍ଧୀୟ ଉତ୍ପାଦଗୁଡ଼ିକୁ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡ଼ିକ ସହିତ ସଂଯୋଜିତ କରାଯାଏ । ଦୁଇ ବୀମାକର୍ତ୍ତା ଏକତ୍ର ହୋଇ ଓ ଏକ ବୁଝାମଣାରେ ପ୍ରବେଶ କରିବା ମାଧ୍ୟମରେ ଏକ ପ୍ୟାକେଜ୍ଡ ଉପାୟରେ ଅଧିକ ଉତ୍ପାଦକୁ ପ୍ରୋତ୍ସାହିତ କରିବାର ଏହା ହେଉଛି ଏକ ଉତ୍ତମ ପଦ୍ଧତି ।

ହେଲଥ ପ୍ଲସ୍ ଲାଇଫ୍ କୋମ୍ବି ଉତ୍ପାଦଗୁଡ଼ିକର ଅର୍ଥ ହେଉଛି ସେହି ଉତ୍ପାଦସବୁ ଯେଉଁଗୁଡ଼ିକ ଏକ ଜୀବନ ବୀମା କମ୍ପାନୀର ଏକ ଜୀବନ ବୀମା ସୁରକ୍ଷା ଏବଂ ଅଣ-ଜୀବନ ଏବଂ/କିମ୍ବା ସ୍ୱତନ୍ତ୍ର (ଅନାଶ୍ରିତ) ସ୍ୱାସ୍ଥ୍ୟ ବୀମା କମ୍ପାନୀ ଦ୍ୱାରା ପ୍ରସ୍ତାବିତ ଏକ ସ୍ୱାସ୍ଥ୍ୟ ବୀମା ସୁରକ୍ଷାର ଏକ ସଂଯୋଜନ ପ୍ରଦାନ କରନ୍ତି ।

ଉତ୍ପାଦଗୁଡ଼ିକ ଦୁଇଗୋଟି ବୀମାକର୍ତ୍ତା ଦ୍ୱାରା ସଂଯୁକ୍ତ ରୂପେ ଡିଜାଇନ କରାଯାଏ ଏବଂ ଉଭୟ ବୀମାକର୍ତ୍ତାଙ୍କ ବିତରଣ ଚ୍ୟାନେଲ ମାଧ୍ୟମରେ ବିପଣନ କରାଯାଏ । ସ୍ପଷ୍ଟତଃ, ଏହାର ପରିଣାମ ଦୁଇ କମ୍ପାନୀ ମଧ୍ୟରେ ଏକ ବନ୍ଧନ ହେବ ଏବଂ ବର୍ତ୍ତମାନର ମାର୍ଗଦର୍ଶିକା ଅନୁଯାୟୀ, କୌଣସି ସମୟରେ ବି ଗୋଟିଏ ଜୀବନ ବୀମା କର୍ତ୍ତା ଏବଂ ଗୋଟିଏ ଅଣ-ବୀମାକର୍ତ୍ତା ମଧ୍ୟରେ କେବଳ ସେଭଳି ବନ୍ଧନ ର ଅନୁମତି ଦିଆଯାଇଥାଏ । ବିପଣନ, ପଲିସୀ ସେବା ପ୍ରଦାନ ଓ ସାଧାରଣ ଖର୍ଚ୍ଚଗୁଡ଼ିକର ବଣ୍ଟନ କେଉଁ ଉପାୟରେ କରାଯିବ ଏଥିପାଇଁ ଏବଂ ପଲିସୀ ସେବା ପ୍ରଦାନ ମାପଦଣ୍ଡ ଓ ପ୍ରିମିୟମର ସଂଚାରଣ ପାଇଁ ମଧ୍ୟ ସେଭଳି କମ୍ପାନୀମାନଙ୍କ ମଧ୍ୟରେ ବୁଝାମଣାର ଏକ ଜ୍ଞାପନ ନିଶ୍ଚିତ ରୂପେ ଥିବା ଉଚିତ୍ । ବୀମାକର୍ତ୍ତାମାନଙ୍କ ମଧ୍ୟରେ କୌଣସି ଗୋଟିଏ ଦ୍ୱାରା ମଧ୍ୟ ବନ୍ଧନ ପାଇଁ IRDAI ଙ୍କ ସ୍ୱୀକୃତି ପାଇଁ ଅନୁରୋଧ କରାଯାଇପାରେ । ଚୁକ୍ତିନାମା ଏକ ଦୀର୍ଘାବଧି ସ୍ୱରୂପର ହେବା ଉଚିତ୍ ଏବଂ ଅସାଧାରଣ ପରିସ୍ଥିତି ଓ IRDAI ଙ୍କ ସନ୍ତୁଷ୍ଟି ବ୍ୟତୀତ କୌଣସି ବି ପରିସ୍ଥିତିରେ ବନ୍ଧନଠାରୁ ପ୍ରତ୍ୟାହାରର ଅନୁମତି ଦିଆଯିବ ନାହିଁ ।

କୋମ୍ବି ଉତ୍ପାଦଗୁଡ଼ିକ ପାଇଁ ଆବଶ୍ୟକୀୟ ବିଭିନ୍ନ ସେବା ପ୍ରଦାନ କରିବା ପାଇଁ ଏକ ସଂପର୍କ ବିନ୍ଦୁ ରୂପେ ପଲିସୀ ସେବାକୁ ସୁଗମ କରିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଏକ ଅଗ୍ରଣୀ ବୀମାକର୍ତ୍ତାରୂପେ କାର୍ଯ୍ୟ କରିବା ପାଇଁ ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ଗୋଟିଏ କୁ ପାରସ୍ପରିକ ରୂପେ ସମ୍ମତି ଦିଆଯାଇପାରେ । ଅଗ୍ରଣୀ ବୀମାକର୍ତ୍ତା ସଙ୍କଟାଙ୍କନ ଓ ପଲିସୀ ସେବାକୁ ସୁଗମ କରିବାରେ ଏକ ମୂଖ୍ୟ ଭୂମିକା ଗ୍ରହଣ କରିପାରେ । ଅବଶ୍ୟ, ପଲିସୀର କେଉଁ ବିଭାଗ ପ୍ରଭାବିତ ହୋଇଛି, ଏହା ଉପରେ ଆଧାର କରି, ଦାବୀ ଓ କମିଶନ ଦେୟପ୍ରଦାନଗୁଡ଼ିକ ସମ୍ବନ୍ଧିତ ବୀମାକର୍ତ୍ତାମାନଙ୍କ ଦ୍ୱାରା ସଂଚାଳିତ କରାଯାଇଥାଏ ।

'କୋମ୍ବି ଉତ୍ପାଦ' ଫାଇଲିଙ୍ଗ୍ ସମୟ ସମୟରେ ଜାରୀ କରାଯାଉଥିବା ଫାଇଲ ଏବଂ ଉପଯୋଗିତା ମାର୍ଗଦର୍ଶିକାର ଅନୁପାଳନ କରିବ ଏବଂ ବୈୟକ୍ତିକ ରୂପେ ହଟାଯିବ । ଉଭୟ ସଙ୍କଟର ପ୍ରିମିୟମ ଘଟକଗୁଡ଼ିକୁ ଅଲଗା ଅଲଗା ଭାବେ ଚିହ୍ନଟଯୋଗ୍ୟ କରିବାକୁ ପଡିବ ଏବଂ ଉଭୟ ବିକ୍ରୟ-ପୂର୍ବ ଅବସ୍ଥା ଓ ବିକ୍ରୟ-ପରବର୍ତ୍ତୀ ଅବସ୍ଥାରେ ଓ ପଲିସୀ ଦସ୍ତାବିଜ, ବିକ୍ରୟ ସାହିତ୍ୟ ଇତ୍ୟାଦି ଭଳି ସମସ୍ତ ଦସ୍ତାବିଜ ରେ ପଲିସୀଧାରୀମାନଙ୍କ ପାଇଁ ପ୍ରକଟ କରିବାକୁ ପଡିବ ।

ଉତ୍ପାଦକୁ ଉଭୟ ବୈୟକ୍ତିକ ବୀମା ପଲିସୀ ରୂପେ ଓ ସମୂହ ବୀମା ଆଧାରରେ ପ୍ରଦାନ କରାଯାଇପାରେ । ଅବଶ୍ୟ ସ୍ୱାସ୍ଥ୍ୟ ବୀମା ଫ୍ଲୋଟର ପଲିସୀ ପରିପ୍ରେକ୍ଷୀରେ, ଶୁଦ୍ଧ ଅବଧି ଜୀବନ ବୀମା ସୁରକ୍ଷାର ସ୍ୱୀକୃତି ପରିବାରର ଉପାର୍ଜନକାରୀ ସଦସ୍ୟମାନଙ୍କ ମଧ୍ୟରୁ ଜଣକର ଜୀବନ ଉପରେ ଦିଆଯାଏ ଯିଏ ବୀମାଯୋଗ୍ୟ ହିତ ଏବଂ ସମ୍ବନ୍ଧିତ ବୀମାକର୍ତ୍ତାମାନଙ୍କ ଅନ୍ୟାନ୍ୟ ପ୍ରଯୁଜ୍ୟ ସଙ୍କଟାଙ୍କନ ମାନଦଣ୍ଡ ଅନ୍ତର୍ଗତ ସ୍ୱାସ୍ଥ୍ୟ ବୀମା ପଲିସୀର ପ୍ରସ୍ତାବକ ମଧ୍ୟ ହୋଇଥାଏ ।

ମୁକ୍ତ ଅବଲୋକନ ବିକଳ୍ପ ବୀମିତ ପାଇଁ ଉପଲବ୍ଧ ଅଟେ ଏବଂ ସଂପୂର୍ଣ୍ଣ ରୂପେ 'କୋମ୍ବି ଉତ୍ପାଦ' ଉପରେ ଲାଗୁ କରାଯାଇଥାଏ । ଅବଶ୍ୟ, 'କୋମ୍ବି ଉତ୍ପାଦ' ର ସ୍ୱାସ୍ଥ୍ୟ ବିକଳ୍ପର ନୂତନୀକରଣୀୟତା ର ପାତ୍ରତା ସମ୍ବନ୍ଧିତ ଅଣ-ବୀମା/ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା କମ୍ପାନୀ ଠାରୁ ପଲିସୀଧାରୀର ବିକଳ୍ପରେ ଥିବ ।

କୋମ୍ବି ଉତ୍ପାଦଗୁଡିକର ବିପଣନ ପ୍ରତ୍ୟକ୍ଷ ବିପଣନ ଚ୍ୟାନେଲ, ବ୍ରୋକର ଏବଂ ସଂଯୁକ୍ତ ବୈୟକ୍ତିକ ଓ କର୍ପୋରେଟ ଅଭିକର୍ତ୍ତା, ଯେଉଁମାନେ ଉଭୟ ବୀମାକର୍ତ୍ତାଙ୍କ ସାଧାରଣ ଅଟନ୍ତି, ସେମାନଙ୍କ ମାଧ୍ୟମରେ କରାଯାଇପାରେ, କିନ୍ତୁ ବ୍ୟାଙ୍କ ରେଫରାଲ ବ୍ୟବସ୍ଥା ମାଧ୍ୟମରେ ନୁହେଁ । ଅବଶ୍ୟ, ସେମାନେ ମଧ୍ୟସ୍ଥ ହୋଇପାରିବେ ନାହିଁ ଯେଉଁମାନେ କୌଣସି ବି ବୀମାକର୍ତ୍ତାର କୌଣସି ବି ଉତ୍ପାଦର ବିପଣନ କରିବା ପାଇଁ ଅଧିକୃତ ନୁହଁନ୍ତି ।

ପ୍ରସ୍ତାବ ଏବଂ ବିକ୍ରୟ ସାହିତ୍ୟରେ ବିଶେଷ ପ୍ରକଟୀକରଣ କରିବାକୁ ପଡିବ ବିଶେଷରୂପେ ସେହିସବୁ ବିଶେଷତା ବିଷୟରେ ଯେପରିକି ଦୁଇଟି ବୀମାକର୍ତ୍ତା ଜଡିତ ଅଛନ୍ତି, ପ୍ରତ୍ୟେକ ସଙ୍କଟ ଅନ୍ୟଠାରୁ ଅଲଗା ଅଟେ, କିଏ ଦାବୀଗୁଡିକର ସମାଧାନ କରିବ, ବୀମିତର ବିକଳ୍ପ ରେ ଉଭୟ କିମ୍ବା ଗୋଟିଏ ସୁରକ୍ଷାର ନୂତନୀକରଣ ସମ୍ବନ୍ଧୀୟ ବିଷୟ, ସେବା ସୁବିଧା ଇତ୍ୟାଦି ।

ଏହି ବ୍ୟବସାୟରେ ସେବା ପ୍ରଦାନ କରିବା ପାଇଁ IT ସିଷ୍ଟମ ନିଶ୍ଚିତ ରୂପେ ଦୃଢ଼ ଏବଂ ଅବାଧ ହେବା ଉଚିତ୍ ଯେହେତୁ ଏହାର ଅର୍ଥ ଆବଶ୍ୟକ ଅନୁସାରେ ଦୁଇଟି ବୀମାକର୍ତ୍ତା ମଧ୍ୟରେ ତଥ୍ୟର ସମନ୍ୱୟ ଏବଂ IRDAI ପାଇଁ ତଥ୍ୟ ଜାତ ଅଟେ ।

I. *ପ୍ୟାକେଜ୍ ପଲିସୀ*

ପ୍ୟାକେଜ୍ କିମ୍ବା ଛତ୍ର ସୁରକ୍ଷାଗୁଡିକ, କେବଳ ଏକମାତ୍ର ଦସ୍ତାବିଜ ଅନ୍ତର୍ଗତ, ବୀମା ସୁରକ୍ଷା ଗୁଡିକର ଏକ ସଂଯୋଜନ, ପ୍ରଦାନ କରନ୍ତି ।

ଉଦାହରଣ ସ୍ୱରୂପ, ଅନ୍ୟାନ୍ୟ ଶ୍ରେଣୀର ବ୍ୟବସାୟରେ, ଗୃହସ୍ଥ ପଲିସୀ, ଦୋକାନୀ ପଲିସୀ, ଅଫିସ୍ ପ୍ୟାକେଜ୍ ପଲିସୀ ଇତ୍ୟାଦି ଭଳି ବୀମା ସୁରକ୍ଷାସବୁ ରହିଛି ଯେଉଁଗୁଡିକ, ଗୋଟିଏ ପଲିସୀ ଅନ୍ତର୍ଗତ, ଗୃହ, ବସ୍ତୁ ଆଦି ସହିତ ବିଭିନ୍ନ ଭୌତିକ ସମ୍ପତ୍ତି କୁ ସୁରକ୍ଷା ଦେବା ପାଇଁ ଚାହାଁନ୍ତି । ସେହି ପଲିସୀଗୁଡିକ କିଛି ବ୍ୟକ୍ତିଗତ ପଙ୍କ୍ତି କିମ୍ବା ଦାୟିତ୍ୱ ସୁରକ୍ଷାସବୁକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରନ୍ତି ।

ସ୍ୱାସ୍ଥ୍ୟ ବୀମାରେ ଥିବା ପ୍ୟାକେଜ୍ ପଲିସୀ ର ଉଦାହରଣଗୁଡିକ ସଙ୍କଟପୂର୍ଣ୍ଣ ରୋଗ ସୁରକ୍ଷା ଲାଭଗୁଡିକୁ କ୍ଷତିପୂର୍ତ୍ତି ପଲିସୀଗୁଡିକ ସହିତ ଏବଂ ଏପରିକି ଜୀବନ ବୀମା ପଲିସୀ ଓ ଡାକ୍ତରଖାନା ଦୈନିକ ନଗଦ ଲାଭଗୁଡିକୁ କ୍ଷତିପୂର୍ତ୍ତି ପଲିସୀଗୁଡିକ ସହିତ ସଂଯୋଜିତ କରି ଅନ୍ତର୍ଭୁକ୍ତ କରନ୍ତି ।

ଯାତ୍ରା ବୀମା କ୍ଷେତ୍ରରେ, ପ୍ରସ୍ତାବିତ ପଲିସୀ ମଧ୍ୟ ଏକ ପ୍ୟାକେଜ୍ ପଲିସୀ ଅଟେ ଯାହା ନା କେବଳ ସ୍ୱାସ୍ଥ୍ୟ ବୀମା, ଅପିତୁ ଦୁର୍ଘଟଣା ଜନିତ ମୃତ୍ୟୁ/ବିକଳାଙ୍ଗତା ଲାଭ ଗୁଡିକୁ ମଧ୍ୟ ସୁରକ୍ଷା ପ୍ରଦାନ କରେ ଯାହା ସହିତ ରୋଗ/ଦୁର୍ଘଟଣା ଯୋଗୁଁ ମେଡିକଲ ଖର୍ଚ୍ଚ, ଯାଞ୍ଚ କରାଯାଇଥିବା ବ୍ୟାଗେଜ୍ ର ହାନି କିମ୍ବା ପହଞ୍ଚିବାରେ ବିଳମ୍ବ, ପାସ୍ପୋର୍ଟ ଓ ଦସ୍ତାବିଜଗୁଡିକର ହାନି, ସମ୍ପତ୍ତି/ବ୍ୟକ୍ତିଗତ କ୍ଷତି ପାଇଁ ତୃତୀୟ ପକ୍ଷ ଦାୟିତ୍ୱ , ଯାତ୍ରାର ରଦ୍ଦକରଣ ଏବଂ ଏପରିକି ଅପହରଣ ସୁରକ୍ଷା ମଧ୍ୟ ଅନ୍ତର୍ଭୁକ୍ତ ।

J. *ଦରିଦ୍ର ବର୍ଗମାନଙ୍କ ପାଇଁ ମାଇକ୍ରୋ ବୀମା ଏବଂ ସ୍ୱାସ୍ଥ୍ୟ ବୀମା*

ମାଇକ୍ରୋ-ବୀମା ଉତ୍ପାଦଗୁଡିକର ପରିକଳ୍ପନା ବିଶେଷ ରୂପେ ଗ୍ରାମୀଣ ଓ ଅନୌପଚାରିକ କ୍ଷେତ୍ର ନିମ୍ନ ଆୟ ବର୍ଗ ଲୋକମାନଙ୍କ ସୁରକ୍ଷା ର ଲକ୍ଷ୍ୟ ରଖି କରାଯାଇଛି । ନିମ୍ନ ଆୟବର୍ଗର ଲୋକେ ଆମ ଜନସଂଖ୍ୟାର ଏକ ବଡ ଆକାର ଗଠନ କରନ୍ତି ଏବଂ ସାଧାରଣତଃ କୌଣସି ସ୍ୱାସ୍ଥ୍ୟ ସୁରକ୍ଷା କଭର ସେମାନଙ୍କ ପାଖରେ ନ ଥାଏ । ତେଣୁ , ଏହି ନିମ୍ନ ମୂଲ୍ୟର ଉତ୍ପାଦ କୁ ଏକ ଶସ୍ତା ପ୍ରିମିୟମ ଓଲାଭ ପ୍ୟାକେଜ ସହିତ, ଏହି ଲୋକମାନଙ୍କୁ ସାଧାରଣ ସଙ୍କଟଗୁଡିକର ସମ୍ମୁଖୀନ ହେବା ପାଇଁ ଏବଂ ଏଗୁଡିକ ଠାରୁ ବଞ୍ଚିବା ରେ ସାହାଯ୍ୟ କରିବା ପାଇଁ ଆରମ୍ଭ କରାଯାଇଛି । ମାଇକ୍ରୋ ବୀମା ଆଇ.ଆର. ଡି.ଏ. ମାଇକ୍ରୋ ବୀମା ବିନିୟାମକ, 2005 ଦ୍ୱାରା ପରିଚାଳିତ ହୁଏ ।

ଏହି ଉତ୍ପାଦଗୁଡିକ ଏକ ଅଳ୍ପ ପ୍ରିମିୟମ ସହିତ ଆସନ୍ତି ଏବଂ ସାଧାରଣତଃ, ଆଇ.ଆର.ଡି.ଏ ମାଇକ୍ରୋ-ବୀମା ବିନିୟାମକ, 2005 ର ଆବଶ୍ୟକତା ଅନୁଯାୟୀ ବୀମାରାଶି ଟ.30,000 ରୁ ନିମ୍ନରେ ଥାଏ । ସେଭଳି ସୁରକ୍ଷାଗୁଡିକୁ ମୁଖ୍ୟତଃ ବିଭିନ୍ନ ସମ୍ପ୍ରଦାୟ ସଂଗଠନ କିମ୍ବା ଅଣ-ସରକାରୀ ସଂଗଠନ (NGO) ଦ୍ୱାରା ସେମାନଙ୍କ ସଦସ୍ୟମାନଙ୍କ ପାଇଁ ଏକ ସମୂହ ଆଧାରରେ ନିଆଯାଏ । ଆଇ.ଆର.ଡି.ଏ ର ଗ୍ରାମୀଣ ଓ ସାମାଜିକ କ୍ଷେତ୍ର କର୍ତ୍ତବ୍ୟ ମଧ ଆବଶ୍ୟକ କରେ ଯେ ବୀମାର ବ୍ୟାପକ ପହୁଞ୍ଚ କୁ ସକ୍ଷମ କରିବା ପାଇଁ, ବୀମାକର୍ତ୍ତାମାନେ ସେମାନଙ୍କ ପଲିସୀଗୁଡିକର ଏକ ନିର୍ଦ୍ଧାରିତ ଅନୁପାତ କୁ ମାଇକ୍ରୋ-ବୀମା ଉତ୍ପାଦ ରୂପେ ବିକ୍ରି କରିବା ଉଚିତ୍ ।

ସମାଜର ଦରିଦ୍ର ବର୍ଗ ଙ୍କ ଆବଶ୍ୟକତା କୁ ପୂରଣ କରିବା ପାଇଁ PSU ମାନଙ୍କ ଦ୍ୱାରା ବିଶେଷ ରୂପେ ସୃଷ୍ଟି କରାଯାଇଥିବା ଦୁଇଟି ପଲିସୀ ସମ୍ବନ୍ଧରେ ନିମ୍ନରେ ବର୍ଣ୍ଣନା କରାଯାଇଛି:

1. ଜନ ଆରୋଗ୍ୟ ବୀମା ପଲିସୀ

ନିମ୍ନ ଗୁଡିକ ଜନ ଆରୋଗ୍ୟ ବୀମା ପଲସୀର ଲକ୍ଷଣ ଅଟନ୍ତି :

a. ସମାଜର ଗରିବ ବର୍ଗର ଲୋକମାନଙ୍କୁ ଶସ୍ତା ମେଡିକଲ ବୀମା ପ୍ରଦାନ କରିବାକୁ ଏହି ପଲିସୀର ପରିକଳ୍ପନା କରାଯାଇଛି ।

b. ସୁରକ୍ଷା ବୈୟକ୍ତିକ ମେଡିକ୍ଲେମ୍ ପଲିସୀର ପ୍ରକାରଗୁଡିକ ଭଳି ଅଟେ । ସଂଚିତ ବୋନସ ଏବଂ ମେଡିକଲ ଯାଞ୍ଚ ଲାଭସବୁ ଅନ୍ତର୍ଭୁକ୍ତ ନୁହନ୍ତି ।

c. ପଲିସୀ ବ୍ୟକ୍ତିମାନଙ୍କ ତଥା ପରିବାର ସଦସ୍ୟମାନଙ୍କ ପାଇଁ ଉପଲବ୍ଧ ଅଟେ ।

d. ଆୟୁ ସୀମା ପାଞ୍ଚ ଠାରୁ 70 ବର୍ଷ ପର୍ଯ୍ୟନ୍ତ ଅଟେ ।

e. ତିନି ମାସ ଓ ପାଞ୍ଚ ବର୍ଷ ର ବୟସ ମଧ୍ୟରେ ସନ୍ତାନସନ୍ତତି ଙ୍କୁ ସୁରକ୍ଷା ଦିଆଯାଇ ପାରେ ଏହି ସର୍ତ୍ତରେ ଯେ ଜଣେ କିମ୍ବା ଉଭୟ ପିତାମାତାଙ୍କୁ ତାଙ୍କ ସହିତ ସୁରକ୍ଷା ଦିଆଯିବ ।

f. ପ୍ରତ୍ୟେକ ବୀମିତ ବ୍ୟକ୍ତି ପାଇଁ ବୀମା ରାଶି ଟ. 5,000 ପର୍ଯ୍ୟନ୍ତ ସୀମିତ ରହେ ଏବଂ ପ୍ରିମିୟମ ନିମ୍ନ ଟେବୁଲ ଅନୁଯାୟୀ ଦେୟ ହୁଏ ।

ଟେବୁଲ 2.1

ବୀମିତ ବ୍ୟକ୍ତିର ବୟସ	46 ବର୍ଷ ପର୍ଯ୍ୟନ୍ତ	46-55	56-65	66-70

ପରିବାର ର ମୁଖ୍ୟ	70	100	120	140
ପତି/ପତ୍ନୀ	70	100	120	140
25 ବର୍ଷ ପର୍ଯ୍ୟନ୍ତ ଆଶ୍ରିତ ସନ୍ତାନ/ସନ୍ତତି	50	50	50	50
2+1 ଆଶ୍ରିତ ପିଲା ର ପରିବାର ପାଇଁ	190	250	290	330
2+2 ଆଶ୍ରିତ ପିଲା ର ପରିବାର ପାଇଁ	240	300	340	380

- ଆୟକର ଅଧିନିୟମ ର ଅନୁଭାଗ 80 D ଅନ୍ତର୍ଗତ ପ୍ରିମିୟମ କର ଲାଭ ପାଇଁ ଯୋଗ୍ୟ ହୁଏ ।
- ପଲିସୀ ପାଇଁ ସେବା କର ପ୍ରଯୁଜ୍ୟ ହୁଏ ନାହିଁ ।

2. **ସାର୍ବଭୌମ ସ୍ୱାସ୍ଥ୍ୟ ସେବା ଯୋଜନା (**UHIS)

ଏହି ପଲିସୀ 100 କିମ୍ବା ଅଧିକ ପରିବାରର ସମୂହ ପାଇଁ ଉପଲବ୍ଧ ଅଟେ । ବର୍ତ୍ତମାନ ସମୟରେ ବୈୟକ୍ତିକ UHIS ପଲିସୀଗୁଡିକ ମଧ୍ୟ ଜନତା ପାଇଁ ଉପଲବ୍ଧ କରାଯାଇଛି ।

ଲାଭ

ନିମ୍ନଗୁଡିକ ସାର୍ବଭୌମ ସ୍ୱାସ୍ଥ୍ୟ ବୀମା ଯୋଜନାର ଲାଭ ଅଟନ୍ତି :

- **ମେଡିକଲ କ୍ଷତିପୂର୍ତ୍ତି**

  ପଲିସୀ ନିମ୍ନ ଉପ ସୀମାଗୁଡିକ ଅନ୍ତର୍ଗତ ବ୍ୟକ୍ତି/ପରିବାର ପାଇଁ ଟ. 30, 000 ପର୍ଯ୍ୟନ୍ତ ର ହସ୍ପିଟାଲାଇଜେଶନ ଖର୍ଚ୍ଚର କ୍ଷତିପୂର୍ତ୍ତି ପ୍ରଦାନ କରେ ।

ଟେବୁଲ 2.2

ବିବରଣୀ	**ସୀମା**
କୋଠରୀ, ବୋର୍ଡିଙ୍ଗ ଖର୍ଚ୍ଚ	ଟ 150 ପର୍ଯ୍ୟନ୍ତ ପ୍ରତି ଦିନ
ଯଦି ICU ରେ ଭର୍ତ୍ତି ହୁଏ	ଟ. 300 ପର୍ଯ୍ୟନ୍ତ ପ୍ରତି ଦିନ
ସର୍ଜନ, ଏନେସ୍ଥେଟିଷ୍ଟ. କନ୍ସଲ୍ଟାଣ୍ଟ, ବିଶେଷଜ୍ଞ ଶୁଳ୍କ, ନର୍ସିଂ ଖର୍ଚ୍ଚ	4,500 ପର୍ଯ୍ୟନ୍ତ ପ୍ରତି ରୋଗ/କ୍ଷତ
ଏନେସ୍ଥେସିଆ, ରକ୍ତ, ଅକ୍ସିଜେନ୍, OT ଚାର୍ଜ, ଔଷଧ, ଡାଏଗ୍ନୋଷ୍ଟିକ୍ ସାମଗ୍ରୀ ଓ ଏକ୍ସ-ରେ, ଡାଏଲିସିସ୍, ରେଡିଓଥେରାପି, କେମୋଥେରାପି, ପେସ୍ମେକର, କୃତ୍ରିମ ଅଙ୍ଗର ମୂଲ୍ୟ, ଇତ୍ୟାଦି	ଟ. 4,500 ପର୍ଯ୍ୟନ୍ତ ପ୍ରତି ରୋଗ/କ୍ଷତ
କୌଣସି ଗୋଟିଏ ରୋଗ ପାଇଁ ବ୍ୟୟ ହୋଇଥିବା ମୋଟ ଖର୍ଚ୍ଚ	ଟ. 15, 000 ପର୍ଯ୍ୟନ୍ତ

- ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା

ଦୁର୍ଘଟଣା ଯୋଗୁଁ ପରିବାରର ମୁଖ୍ୟ ଉପାର୍ଜନକାରୀର ମୃତ୍ୟୁ ପାଇଁ ସୁରକ୍ଷା (ଅନୁସୂଚୀ ରେ ଉଲ୍ଲିଖିତ ଅନୁରୂପ) :ଟ 25, 000/-

- **ଅପଙ୍ଗତା/ବିକଳାଙ୍ଗତା ସୁରକ୍ଷା**

ଯଦି ଏକ ଦୁର୍ଘଟଣା/ରୋଗ ଯୋଗୁଁ ପରିବାରର ମୁଖ୍ୟ ଉପାର୍ଜନ କାରୀ କୁ ଡାକ୍ତରଖାନା ରେ ଭର୍ତ୍ତି କରାଯାଏ, ହସ୍ପିଟାଲାଇଜେଶନ ର ପ୍ରତ୍ୟେକ ଦିନ ପାଇଁ, ତିନି ଦିନର ପ୍ରତୀକ୍ଷା ଅବଧି ପରେ ସର୍ବାଧିକ 15 ଦିନ ପର୍ଯ୍ୟନ୍ତ କ୍ଷତିପୂରଣ ରୂପେ ଟ.50/-ପ୍ରତି ଦିନ ପ୍ରଦାନ କରାଯିବ ।

- **ପ୍ରିମିୟମ**

ଟେବୁଲ 2.3

ତତ୍ତ୍ୱ	**ପ୍ରିମିୟମ**
ଏକ ବ୍ୟକ୍ତି ପାଇଁ	ଟ.365/- ପ୍ରତି ବର୍ଷ
ପାଞ୍ଚ ଜଣ ପର୍ଯ୍ୟନ୍ତ ଏକ ପରିବାର ପାଇଁ (ପ୍ରଥମ ତିନି ପିଲାଙ୍କୁ ଅନ୍ତର୍ଭୁକ୍ତ କରି)	ଟ.548/- ପ୍ରତି ବର୍ଷ
ସାତ ଜଣ ପର୍ଯ୍ୟନ୍ତ ଏକ ପରିବାର ପାଇଁ (ପ୍ରଥମ ତିନି ପିଲା ଓ ଆଶ୍ରିତ ପିତାମାତାଙ୍କୁ ଅନ୍ତର୍ଭୁକ୍ତ କରି)	ଟ.730/- ପ୍ରତି ବର୍ଷ
BPL ପରିବାରମାନଙ୍କ ପାଇଁ ପ୍ରିମିୟମ ସବ୍ସିଡି	ଦରିଦ୍ର ସୀମା ରେଖା ତଳେ ଥିବା ପରିବାରମାନଙ୍କ ପାଇଁ ସରକାର ଏକ ପ୍ରିମିୟମ ସବ୍ସିଡି ପ୍ରଦାନ କରିବେ ।

K. *ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା*

ସରକାର ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଆରମ୍ଭ କରିଛନ୍ତି, ଯେଉଁଗୁଡିକ ମଧ୍ୟରୁ କେତେକ ନିର୍ଦ୍ଦିଷ୍ଟ ରାଜ୍ୟଗୁଡିକରେ ପ୍ରଯୁଜ୍ୟ ହେବ । ସ୍ୱାସ୍ଥ୍ୟ ଲାଭର ବିସ୍ତାର କୁ ଜନ ସମୁଦାୟ ପର୍ଯ୍ୟନ୍ତ ବିସ୍ତାରିତ କରିବା ପାଇଁ, ସରକାର ବୀମା କମ୍ପାନୀମାନଙ୍କ ସହଯୋଗରେ ରାଷ୍ଟ୍ରିୟ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ କରିଛନ୍ତି । ଦରିଦ୍ର ସୀମା ରେଖା ତଳ (BPL) ର ପରିବାରମାନଙ୍କ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପ୍ରଦାନ କରିବାକୁ, ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ, ଭାରତ ସରକାର ଙ୍କ ଦ୍ୱାରା RSBY ର ପ୍ରବର୍ତ୍ତନ କରାଯାଇଛି ।

ନିମ୍ନଗୁଡିକ ରାଷ୍ଟ୍ରିୟ ସ୍ୱାସ୍ଥ୍ୟ ବୀମା ଯୋଜନା ର ଲକ୍ଷଣ ଅଟନ୍ତି :

a. ଏକ ପରିବାର ଫ୍ଲୋଟର ଆଧାରରେ ପ୍ରତ୍ୟେକ BPL ପରିବାର ପାଇଁ ଟ. 30, 000 ର ମୋଟ ବୀମା ରାଶି ।

b. ପୂର୍ବ-ବିଦ୍ୟମାନ ରୋଗଗୁଡିକୁ ସୁରକ୍ଷା ପ୍ରଦାନ କରାଯିବ ।

c. ହସ୍ପିଟାଲାଇଜେଶନ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସେବା ର ଏବଂ ସର୍ଜିକଲ (ଶଲ୍ୟ ଚିକିତ୍ସା ସମ୍ବନ୍ଧୀୟ) ପ୍ରକୃତିର ସେବା ର ବୀମା ସୁରକ୍ଷା ଯାହାକୁ ଦିବସ-ସେବା ଆଧାରରେ ପ୍ରଦାନ କରାଯାଇପାରେ ।

d. ସମସ୍ତ ଯୋଗ୍ୟ ସ୍ୱାସ୍ଥ୍ୟ ସେବା ର ନଗଦହୀନ ସୁରକ୍ଷା ।

e. ସ୍ମାର୍ଟ କାର୍ଡ ର ପ୍ରାବଧାନ ।

f. ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଖର୍ଚ୍ଚ ସବୁ ର ପ୍ରାବଧାନ ।

g. ପ୍ରତ୍ୟେକ ଭିଜିଟ୍ ପାଇଁ ଟ. 100/- ର ପରିବହନ ଭତ୍ତା

h. କେନ୍ଦ୍ର ଓ ରାଜ୍ୟ ସରକାର ବୀମାକର୍ତ୍ତା କୁ ପ୍ରିମିୟମ ପ୍ରଦାନ କରନ୍ତି ।

i. ପ୍ରତିଯୋଗିତାମୂଳକ ବିଡିଙ୍ଗ୍ ଆଧାରରେ ବୀମାକର୍ତ୍ତାମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଚୟନିତ ହୁଅନ୍ତି ।

j. ଲାଭଗ୍ରହୀତା ପାଇଁ ସାର୍ବଜନିକ ଓ ବେସରକାରୀ ଡାକ୍ତରଖାନା ମଧ୍ୟରେ ଚୟନ

k. କେନ୍ଦ୍ର ଓ ରାଜ୍ୟସରକାରଙ୍କ ଦ୍ୱାରା 3:1 ଅନୁପାତରେ ପ୍ରିମିୟମକୁ ବହନ କରାଯାଏ । କେନ୍ଦ୍ର ସରକାର ପ୍ରତ୍ୟେକ ପରିବାର ପାଇଁ ଟ. 565/-ର ସର୍ବାଧିକ ରାଶି ଅଂଶଦାନ କରନ୍ତି ।

l. ରାଜ୍ୟ ସରକାରମାନଙ୍କ ଦ୍ୱାରା ଅଂଶଦାନ: ବାର୍ଷିକ ପ୍ରିମିୟମ ର 25 ପ୍ରତିଶତ ଏବଂ ଟ.750 ପରେ କିଛି ଅତିରିକ୍ତ ପ୍ରିମିୟମ ।

m. ପଞ୍ଜିକରଣ ଶୁଳ୍କ/ନୂତନୀକରଣ ଶୁଳ୍କ ରୂପେ ଲାଭଗ୍ରହୀତାକୁ ବାର୍ଷିକ ଟ.30/- ଦେବାକୁ ପଡିବ ।

n. ପ୍ରଶାସନିକ ମୂଲ୍ୟକୁ ରାଜ୍ୟ ସରକାରଙ୍କ ଦ୍ୱାରା ବହନ କରିବାକୁ ପଡିବ ।

o. ଏହି ଉଦ୍ଦେଶ୍ୟରେ ସ୍ମାର୍ଟ କାର୍ଡ ର ମୂଲ୍ୟ ଟ. 60/- ର ଅତିରିକ୍ତ ରାଶି ପ୍ରତି ଲାଭଗ୍ରହୀତା ଉପଲବ୍ଧ ହୋଇପାରେ ।

p. ଯୋଜନାଟି ସ୍ମାର୍ଟ କାର୍ଡ ଜାରୀ ତାରିଖ ଠାରୁ ପରବର୍ତ୍ତୀ ମାସ ପରେ ମାସର ପ୍ରଥମ ଦିନରୁ କାର୍ଯ୍ୟ ଆରମ୍ଭ କରିବ । ଏ ପ୍ରକାରେ, ଯଦି ଏକ ନିର୍ଦ୍ଦିଷ୍ଟ ଜିଲ୍ଲାରେ ପ୍ରାରମ୍ଭିକ ସ୍ମାର୍ଟ କାର୍ଡ ଗୁଡିକ ଫେବୃୟାରୀ ମାସ ମଧ୍ୟରେ କୌଣସି ବି ସମୟରେ ଜାରୀ କରାଯାଇଥାଏ, ଯୋଜନାଟି ଏପ୍ରିଲର ପହିଲା ଠାରୁ ଲାଗୁ ହେବ ।

୯. ଯୋଜନାଟି ଗୋଟିଏ ବର୍ଷ ପାଇଁ ପରବର୍ତ୍ତୀ ବର୍ଷର 31 ମାର୍ଚ୍ଚ ପର୍ଯ୍ୟନ୍ତ ଲାଗୁ ରହିବ । ଏହା ସେହି ନିର୍ଦ୍ଦିଷ୍ଟ ଜିଲ୍ଲାରେ ଯୋଜନାର ଅନ୍ତିମ ତାରିଖ ହେବ । ଏ ପ୍ରକାରେ ମଧ୍ୟବର୍ତ୍ତୀ ସମୟରେ ଜାରୀ କରାଯାଇଥିବା କାର୍ଡ ଗୁଡିକର ମଧ୍ୟ ଅନ୍ତିମ ତାରିଖ ପରବର୍ତ୍ତୀ ବର୍ଷର 31 ମାର୍ଚ୍ଚ ହେବ ।

ଦାବୀ ସମାଧାନ ଅନୁସୂଚୀରେ ଉଲ୍ଲିଖିତ TPA ମାନଙ୍କ ମାଧ୍ୟମରେ କିମ୍ବା ବୀମା କମ୍ପାନୀ ଦ୍ୱାରା ହେବ । ଯେତେ ଦୂର ସମ୍ଭବ ସମାଧାନ ତାଲିକାଭୁକ୍ତ ଡାକ୍ତରଖାନାଗୁଡିକ ମାଧ୍ୟମରେ ନଗଦହୀନ କରିବାକୁ ପଡିବ ।

କୌଣସି ବି ଗୋଟିଏ ରୋଗ ର ଅର୍ଥ ରୋଗର ଅବିଚ୍ଛିନ୍ନ ଅବଧି ବୋଲି ଧରାଯିବ ଏବଂ ଏହା ଡାକ୍ତରଖାନା ସହିତ ଶେଷ ପରାମର୍ଶ ତାରିଖ ଠାରୁ 60 ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ କୁ ଅନ୍ତର୍ଭୁକ୍ତ କରେ ।

L. ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା

ବ୍ୟକ୍ତିଗତ ଦୁର୍ଘଟଣା ମୃତ୍ୟୁ ଓ ବିକଳାଙ୍ଗତା ସୁରକ୍ଷା ବୀମାକୁ ସୁରକ୍ଷା ଦେଉଥିବା ଏବେ ଏବେ ଘୋଷଣା କରାଯାଇଥିବା PMSBY ଅତ୍ୟଧିକ ରୁଚି ଆକୃଷ୍ଟ କରିଛି ଏବଂ ଯୋଜନା ବିବରଣୀ ନିମ୍ନ ଭଳି ଅଟନ୍ତି :

ସୁରକ୍ଷାର ପରିସର : ସହଯୋଗୀ ବ୍ୟାଙ୍କ ଗୁଡିକର 18 ଠାରୁ 70 ବର୍ଷ ବୟସରେ ଥିବା ସମସ୍ତ ସଂଚୟ ବ୍ୟାଙ୍କ ଖାତା ଧାରକମାନେ ଯୋଗ ଦେବା ପାଇଁ ଯୋଗ୍ୟ ଅଟନ୍ତି । ସହଯୋଗୀ ବ୍ୟାଙ୍କ ଗୁଡିକ ନିଶ୍ଚିତ ରୂପେ କୌଣସି ଅଣ-ଜୀବନ ବୀମାକର୍ତ୍ତା ସହିତ ବନ୍ଧନ ରଖିବା ଉଚିତ୍ ଯିଏ ସେଭଳି ବ୍ୟାଙ୍କ କୁ ସୁରକ୍ଷା ପାଇଁ ଏକ ମାଷ୍ଟର ପଲିସୀ ପ୍ରଦାନ କରିବ । କୌଣସି ବି ବ୍ୟକ୍ତି କେବଳ ଗୋଟିଏ ସଂଚୟ ବ୍ୟାଙ୍କ ଖାତା ଜରିଆରେ ଯୋଜନାରେ ଯୋଗ ଦେବା ପାଇଁ ଯୋଗ୍ୟ ହୋଇପାରେ ଏବଂ ଯଦି ସେ ଏକାଧିକ ବ୍ୟାଙ୍କରେ ନାମାଙ୍କିତ କରେ, ସେ ଅତିରିକ୍ତ ଲାଭ ପାଇବ ନାହିଁ ଏବଂ ପ୍ରଦାନ କରାଯାଇଥିବା ଅତିରିକ୍ତ ପ୍ରିମିୟମର ଅଧିକାରରୁ ବଞ୍ଚିତ ହେବ । ବ୍ୟାଙ୍କ ଖାତା ପାଇଁ ଆଧାର ମୂଖ୍ୟ KYC ହେବ ।

ନାମାଙ୍କନ ପ୍ରକାର/ଅବଧି : ସୁରକ୍ଷା 1 ଜୁନ ଠାରୁ 31 ମଇ ପର୍ଯ୍ୟନ୍ତ ଗୋଟିଏ ବର୍ଷର ଅବଧି ପାଇଁ ହେବ ଯାହା ପାଇଁ ଯୋଗ ଦେବା/ନିର୍ଦ୍ଧାରିତ ଫର୍ମରେ ନାମାଙ୍କିତ ସଂଚୟ ବ୍ୟାଙ୍କ ଖାତାଠାରୁ ଅଟୋ-ଡେବିଟ୍ ଦ୍ୱାରା ଦେୟ ପ୍ରଦାନ କରିବାର ବିକଳ୍ପ ପ୍ରତ୍ୟେକ ବର୍ଷ 31 ମଇ ସୁଦ୍ଧା ଦେବାର ଆବଶ୍ୟକତା ହେବ, ଯାହା ପ୍ରାରମ୍ଭିକ ବର୍ଷରେ 31 ଅଗଷ୍ଟ 2015 ପର୍ଯ୍ୟନ୍ତ ବଢ଼ାଯାଇପାରେ । ଆରମ୍ଭରେ ଉଦ୍ଘାଟନ ସମୟରେ, ଯୋଗଦେବା ସମୟକୁ ଭାରତ ସରକାରଙ୍କ ଦ୍ୱାରା ଆହୁରି ତିନି ମାସ ପର୍ଯ୍ୟନ୍ତ, ଅର୍ଥାତ୍ 30 ଡିସେମ୍ବର, 2015 ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇପାରେ ।

ପରେ ପରେ ସଂପୂର୍ଣ୍ଣ ବାର୍ଷିକ ପ୍ରିମିୟମ ପ୍ରଦାନ ସହିତ ଯୋଗ ଦେବା ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁସାରେ ସମ୍ଭବ ହୋଇପାରେ । ଆବେଦକମାନେ ନାମାଙ୍କନ/ ଅଟୋ-ଡେବିଟ୍ ପାଇଁ ଏକ ଅନିର୍ଦ୍ଦିଷ୍ଟ/ଦୀର୍ଘସମୟର ବିକଳ୍ପ ଚୟନ କରି ପାରନ୍ତି, ଯାହା ସର୍ତ୍ତାବଳୀ ସହିତ ଯୋଜନା ଚାଲୁ ରହିବା ଅଧୀନରେ ହୋଇପାରେ ଏବଂ ଯାହାକୁ ଅତୀତ ଅନୁଭୂତି ଆଧାରରେ ସଂଶୋଧନ କରାଯାଇପାରେ । ସେହି ବ୍ୟକ୍ତି ଯେଉଁମାନେ ଯୋଜନାକୁ ଛାଡି ଦେଇଥିବେ, ସେମାନେ ଉପରୋକ୍ତ ପ୍ରକାରରେ କୌଣସି ବି ବିନ୍ଦୁରେ ଭବିଷ୍ୟତ ସମୟରେ ଯୋଜନାରେ ପୁନଃ ଯୋଗ ଦେଇ ପାରନ୍ତି । ବର୍ଷକୁ ବର୍ଷ ଯୋଗ୍ୟ ବର୍ଗରେ ନୂତନ ପ୍ରବେଶକର୍ତ୍ତାମାନେ କିମ୍ବା ବର୍ତ୍ତମାନ ସମୟର ଯୋଗ୍ୟ ବ୍ୟକ୍ତି ଯେଉଁମାନେ ଯୋଗ ଦେଇ ନ ଥିଲେ, ସେମାନେ ଭବିଷ୍ୟତ ସମୟରେ ଯୋଗ ଦେବା ପାଇଁ ସମର୍ଥ ହେବେ ଯେତେବେଳେ ଯୋଜନାଟି ଚାଲୁ ରହିଥିବ ।

ବୀମା ଅନ୍ତର୍ଗତ ଲାଭସବୁ ନିମ୍ନ ପ୍ରକାରେ ଅଟେ :

ଲାଭଗୁଡିକର ସାରଣୀ	**ବୀମା ରାଶି**
ମୃତ୍ୟୁ	ଟ. 2 ଲକ୍ଷ
ଉଭୟ ଆଖିର ସଂପୂର୍ଣ୍ଣ ଓ ଅପ୍ରତିଲଭ୍ୟ ହାନି କିମ୍ବା ଉଭୟ ହାତ କି ପାଦର ଉପଯୋଗର ହାନି କିମ୍ବା ଗୋଟିଏ ଆଖିର ଦୃଷ୍ଟି ହାନି ଏବଂ ହାତ କି ପାଦର ଉପଯୋଗର ହାନି	ଟ. 2 ଲକ୍ଷ
ଗୋଟିଏ ଆଖିର ସଂପୂର୍ଣ୍ଣ ଓ ଅପ୍ରତିଲଭ୍ୟ ହାନି କିମ୍ବା ଗୋଟିଏ ହାତ କିମ୍ବା ପାଦର ଉପଯୋଗର ହାନି	ଟ. 1 ଲକ୍ଷ

ଯୋଗ ଦେବା ଏବଂ ନାମୀତିକରଣ ସୁବିଧା ଏସ୍ଏମ୍ଏସ୍, ଇମେଲ କିମ୍ବା ବ୍ୟକ୍ତିଗତ ସାକ୍ଷାତ ଦ୍ୱାରା ଉପଲବ୍ଧ ଅଟେ ।

ପ୍ରିମିୟମ : ପ୍ରତ୍ୟେକ ସଦସ୍ୟ ପାଇଁ ଟ. 12/- ପ୍ରତି ବର୍ଷ, ପ୍ରିମିୟମ ପ୍ରତ୍ୟେକ ବାର୍ଷିକ ବୀମା ଅବଧିର 1 ଜୁନ ଦିନ କିମ୍ବା ତା' ପୂର୍ବରୁ ଗୋଟିଏ କିସ୍ତିରେ 'ଅଟୋ ଡେବିଟ୍' ସୁବିଧା ମାଧ୍ୟମରେ ଆକାଉଣ୍ଟ ଧାରକର ସଂଚୟ ବ୍ୟାଙ୍କ ଖାତାଠାରୁ କାଟି ଦିଆ ଯିବ । ଅବଶ୍ୟ,

ସେହି ସବୁ କ୍ଷେତ୍ରରେ ଯେଉଁଠି ଅଟୋ ଡେବିଟ୍ 1 ଜୁନ୍ ପରେ ହୁଏ, ବୀମା ସୁରକ୍ଷା ଅଟୋ ଡେବିଟ୍ ପରବର୍ତ୍ତୀ ମାସର ପ୍ରଥମ ଦିନ ଠାରୁ ଆରମ୍ଭ ହେବ । ସହଯୋଗୀ ବ୍ୟାଙ୍କ ଗୁଡିକ ପ୍ରିମିୟମ ରାଶିକୁ ସେହି ମାସଠାରୁ କାଟିବେ ଯାହା ପାଇଁ ଅଟୋ ଡେବିଟ୍ ବିକଳ୍ପ ଦିଆଯାଇଥିବ, ବିଶେଷ ରୂପେ ପ୍ରତ୍ୟେକ ବର୍ଷର ମଇ ରେ, ଏବଂ ସେହି ମାସରେ ହିଁ ବୀମା କମ୍ପାନୀକୁ ଦେୟ ରାଶିକୁ ପଠାଇବେ ।

ବାର୍ଷିକ ଦାବୀ ଅନୁଭୂତି ଆଧାରରେ ପ୍ରିମିୟମର ସମୀକ୍ଷା କରାଯାଇପାରେ କିନ୍ତୁ ଏହା ସୁନିଶ୍ଚିତ କରିବାର ପ୍ରଚେଷ୍ଟା କରାଯାଇପାରେ ଯେ ପ୍ରଥମ ତିନି ବର୍ଷରେ ପ୍ରିମିୟମର ଊର୍ଦ୍ଧ୍ୱଗାମୀ ସଂଶୋଧନ ହୋଇନାହିଁ ।

ବୀମା ସୁରକ୍ଷାର ସମାପ୍ତି : ସଦସ୍ୟ ପାଇଁ ଦୁର୍ଘଟଣା ସୁରକ୍ଷା ସମାପ୍ତ ହେବ :

1. ସଦସ୍ୟ 70 ବର୍ଷର ଆୟୁ (ଜନ୍ମ ଦିନ ନିକଟତମ ବୟସ) ରେ ପହଞ୍ଚିଗଲେ କିମ୍ବା
2. ବ୍ୟାଙ୍କରେ ଆକାଉଣ୍ଟ ବନ୍ଦ କିମ୍ବା ବୀମାକୁ ପ୍ରଭାବୀ ରଖିବା ପାଇଁ ବାଲାନ୍ସ (ଦେୟ ରାଶି) ର ଅଯଥେଷ୍ଟତା କିମ୍ବା
3. ଯଦି ଜଣେ ସଦସ୍ୟ ଏକାଧିକ ଆକାଉଣ୍ଟ ଦ୍ୱାରା ସୁରକ୍ଷା ପ୍ରାପ୍ତ ଅଟେ, ବୀମା ସୁରକ୍ଷା କେବଳ ଗୋଟିଏ ରେ ସୀମିତ ରହିବ ଏବଂ ଅନ୍ୟ ସୁରକ୍ଷା ସମାପ୍ତ ହୋଇଯିବ ଯେତେବେଳେ କି ସଦସ୍ୟ ପ୍ରିମିୟମ କୁ ହରାଇବ ।

ଯଦି ବୀମା ସୁରକ୍ଷା କୌଣସି ବୈଷୟିକ କାରଣ ଯେପରିକି ଦେୟ ତାରିଖରେ ଅଯଥେଷ୍ଟ ରାଶି କିମ୍ବା କୌଣସି ପ୍ରଶାସନିକ ସମସ୍ୟା ଯୋଗୁଁ ବନ୍ଦ ହୋଇଯାଏ, ତାହାକୁ ଉଲ୍ଲେଖ କରାଯାଇଥିବା ସର୍ତ୍ତାବଳୀ ଅଧୀନରେ, ସଂପୂର୍ଣ୍ଣ ବାର୍ଷିକ ପ୍ରିମିୟମ ପ୍ରାପ୍ତି ପରେ ପୁନଃସ୍ଥାପିତ କରାଯାଇପାରେ । ଏହି ସମୟାବଧି ରେ, ସଙ୍କଟ ସୁରକ୍ଷାକୁ ନିଲମ୍ବିତ କରାଯିବ ଏବଂ ସଙ୍କଟ ସୁରକ୍ଷାର ପୁନଃସ୍ଥାପନ କେବଳ ବୀମା କମ୍ପାନୀର ସ୍ୱନିର୍ଣ୍ଣୟ ଉପରେ ହିଁ ରହିବ ।

M. ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା

ଏକ ଶସ୍ତା ଉପାୟରେ ବ୍ୟାଙ୍କିଙ୍ଗ୍ ସଂଚୟ ଏବଂ ଜମା ଆକାଉଣ୍ଟ, ପ୍ରେଷଣ, କ୍ରେଡିଟ୍, ବୀମା ଏବଂ ପେନଶନ ରେ ଥିବା ଭାରତୀୟ ନାଗରିକମାନଙ୍କ ପାଇଁ ଏହି ଆର୍ଥିକ ସମାବେଶ ଅଭିଯାନ କୁ 15 ଅଗଷ୍ଟ 2014 ରେ ତାଙ୍କର ପ୍ରଥମ ସ୍ୱାଧିନତା ଦିବସ ଭାଷଣରେ ଘୋଷିତ କରାଯାଇଥିବା ହିସାବରେ 28 ଅଗଷ୍ଟ 2014 ଦିନ ଭାରତର ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରାରମ୍ଭ ହୋଇଥିଲା । ଏହି ଯୋଜନା କୌଣସି ଗୋଟିଏ ସପ୍ତାହ ମଧ୍ୟରେ ହୋଇଥିବା ବ୍ୟାଙ୍କ ଖାତା ଖୋଲିବାରେ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା । ବ୍ୟାଙ୍କିଙ୍ଗ୍ ମୁଖ୍ୟସ୍ରୋତରେ ଅଧିକାଂଶ ସଂଖ୍ୟକ ଲୋକଙ୍କୁ ସମ୍ମିଳିତ କରିବାର ଲକ୍ଷ୍ୟ ରଖିଛି

କୌଣସି ବି ବ୍ୟାଙ୍କ ଶାଖା କିମ୍ବା ବ୍ୟବସାୟ ସଂପର୍କୀୟ (ବ୍ୟାଙ୍କ ମିତ୍ର) ଆଉଟଲେଟ୍ ରେ ଏକ ଖାତା ଖୋଲାଯାଇପାରେ । PMJDY ଆକାଉଣ୍ଟସବୁ ଜିରୋ ବାଲାନ୍ସ (ଶୂନ୍ୟ ରାଶି) ରେ ଖୋଲା ଯାଉଛି । ଅବଶ୍ୟ, ଯଦି ଆକାଉଣ୍ଟ ଧାରକ ଚେକ୍ ବୁକ୍ ପାଇବା ପାଇଁ ଇଚ୍ଛା କରେ, ତାକୁ ସର୍ବନିମ୍ନ ବାଲାନ୍ସ ମାନଦଣ୍ଡ କୁ ପୂରଣ କରିବାକୁ ହେବ ।

PMJDY ଯୋଜନା ଅନ୍ତର୍ଗତ ବିଶେଷ ଲାଭ

1. ଜମା ଉପରେ ସୁଧ
2. ଟ. 1. 00 ଲକ୍ଷର ଦୁର୍ଘଟଣାଜନିତ ବୀମା ସୁରକ୍ଷା
3. କୌଣସି ସର୍ବନିମ୍ନ ବାଲାନ୍ସର ଆବଶ୍ୟକତା ନାହିଁ
4. ଟ. 30,000/- ର ଜୀବନ ବୀମା ସୁରକ୍ଷା
5. ସାରା ଭାରତରେ ଟଙ୍କାର ସହଜ ସ୍ଥାନାନ୍ତରଣ
6. ସରକାରୀ ଯୋଜନାଗୁଡିକର ଲାଭଗ୍ରହୀତାମାନେ ଏହି ଆକାଉଣ୍ଟଗୁଡିକରେ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତରଣ ପାଇବେ
7. 6 ମାସ ପାଇଁ ଆକାଉଣ୍ଟର ସନ୍ତୋଷଜନକ ସଂଚାଳନ ପରେ, ଏକ ଓଭରଡ୍ରାଫ୍ଟ ସୁବିଧାର ସ୍ୱୀକୃତି ଦିଆଯିବ
8. ପେନଶନ, ବୀମା ଉତ୍ପାଦଗୁଡିକ ରେ ଅଭିଗମନ
9. ଦୁର୍ଘଟଣାଜନିତ ବୀମା ସୁରକ୍ଷା
10. ରୁପେ (Ru Pay) ଡେବିଟ କାର୍ଡ ଯାହାକୁ 45 ଦିନ ରେ ଅତି କମ୍ ରେ ଥରେ ନିଶ୍ଚିତ ରୂପେ ବ୍ୟବହାର କରିବା ଉଚିତ୍ ।
11. ପ୍ରତ୍ୟେକ ପରିବାର ପାଇଁ କେବଳ ଗୋଟିଏ ଆକାଉଣ୍ଟ ବିଶେଷ ରୂପେ ପରିବାର ର ମହିଳା ର ଆକାଉଣ୍ଟରେ ଟ. 5000/- ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧା ଉପଲବ୍ଧ ଅଛି ।

13 ମଇ 2015 ସୁଦ୍ଧା, 15.59 କୋଟି ଆକାଉଣ୍ଟ ଖୋଲାଯାଇଥିବାର ଏକ ରେକର୍ଡ ହୋଇଛି ଯାହାର ଆକାଉଣ୍ଟ ବାଲାନ୍ସ ଟ. 16,918.91 କୋଟି ଅଟେ । ଏଗୁଡିକ ମଧ୍ୟରୁ, 8.50 କୋଟି ଆକାଉଣ୍ଟକୁ ଜିରୋ ବାଲାନ୍ସ ସହିତ ଖୋଲାଯାଇଛି ।

N. *ବ୍ୟକ୍ତିଗତ ଦୁର୍ଘଟଣା ଏବଂ ବିକଳାଙ୍ଗତା ସୁରକ୍ଷା*

ଏକ ବ୍ୟକ୍ତିଗତ ଦୁର୍ଘଟଣା ବୀମା ସୁରକ୍ଷା ଅପ୍ରତ୍ୟାଶିତ ଦୁର୍ଘଟଣା ଘଟିବା ଯୋଗୁଁ ମୃତ୍ୟୁ ଓ ଅପଙ୍ଗତା ପାଇଁ କ୍ଷତିପୂରଣ ପ୍ରଦାନ କରେ । ଅନେକ ସମୟରେ ଏସବୁ ପଲିସୀ ଦୁର୍ଘଟଣା ଲାଭ ସଙ୍ଗେ ସଙ୍ଗେ ଏକ ପ୍ରକାରର ମେଡିକଲ ସୁରକ୍ଷା ପ୍ରଦାନ କରନ୍ତି ।

ଏକ PA ପଲିସୀରେ, ଯେତେବେଳେ ମୃତ୍ୟୁ ଲାଭ ବୀମା ରାଶିର 100% ଦେୟ ପ୍ରଦାନ ହୋଇଥାଏ, ଅପଙ୍ଗତା/ବିକଳାଙ୍ଗତା ର ଅବସରରେ, କ୍ଷତିପୂରଣ ସ୍ଥାୟୀ ବିକଳାଙ୍ଗତା କ୍ଷେତ୍ରରେ ବୀମା ରାଶିର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଠାରୁ ଅସ୍ଥାୟୀ ଅପଙ୍ଗତା ପାଇଁ ସାପ୍ତାହିକ କ୍ଷତିପୂରଣ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ହୋଇପାରେ ।

ସାପ୍ତାହିକ କ୍ଷତିପୂରଣ ଅର୍ଥ ଅପଙ୍ଗତାର ପ୍ରତ୍ୟେକ ସପ୍ତାହରେ ଏକ ନିର୍ଦ୍ଦିଷ୍ଟ/ନିଶ୍ଚିତ ରାଶି ପ୍ରଦାନ ଯାହା ସପ୍ତାହ ସଂଖ୍ୟା, ଯେଉଁଥି ପାଇଁ କ୍ଷତିପୂରଣ ଦେୟ ହେବ, ତା' ହିସାବରେ ଏକ ସର୍ବାଧିକ ସୀମା ଅନ୍ତର୍ଗତ ହୋଇଥାଏ ।

1. ସୁରକ୍ଷା ପ୍ରଦାନ କରାଯାଉଥିବା ବିକଳାଙ୍ଗତା ର ପ୍ରକାର

ପଲିସୀ ଅନ୍ତର୍ଗତ ବିକଳାଙ୍ଗତା ଯାହାକୁ ସାଧାରଣତଃ ସୁରକ୍ଷା ପ୍ରଦାନ କରାଯାଏ, ସେଗୁଡିକର ପ୍ରକାର ହେଉଛନ୍ତି :

i. **ସ୍ଥାୟୀ ସଂପୂର୍ଣ୍ଣ ବିକଳାଙ୍ଗତା (PTD) :** ଅର୍ଥ ହେଉଛି ଆଜୀବନ ପାଇଁ ସଂପୂର୍ଣ୍ଣ ବିକଳାଙ୍ଗ ହୋଇଯିବା, ଉଦାହରଣ ସ୍ୱରୂପ, ସମସ୍ତ ଚାରୋଟି ଅଙ୍ଗର ପାରାଲିସିସ୍, କୋମାଟୋଜ୍ ଅବସ୍ଥା, ଉଭୟ ଆଖି/ଉଭୟ ହାତ/ଉଭୟ ଅଙ୍ଗ ର ହାନି କିମ୍ବା ଗୋଟିଏ ହାତ ଓ ଗୋଟିଏ ଆଖି କିମ୍ବା ଗୋଟିଏ ଆଖି ଓ ଗୋଟିଏ ଗୋଡ଼ କିମ୍ବା ଗୋଟିଏ ହାତ ଓ ଗୋଟିଏ ଗୋଡ଼ ର ହାନି ।

ii. **ସ୍ଥାୟୀ ଆଂଶିକ ବିକଳାଙ୍ଗତା** (PPD) **:** ଅର୍ଥ ହେଉଛି ଆଜୀବନ ପାଇଁ ଆଂଶିକ ରୂପେ ବିକଳାଙ୍ଗ ହୋଇଯିବା, ଉଦାହରଣ ସ୍ୱରୂପ, ଅଙ୍ଗୁଳି, ପାଦର ଆଙ୍ଗୁଳି, ଫାଲାଙ୍ଗ୍ ଗୁଡିକ ଇତ୍ୟାଦି ର ହାନି

iii. **ଅସ୍ଥାୟୀ ସଂପୂର୍ଣ୍ଣ ବିକଳାଙ୍ଗତା (TTD) :** ଅର୍ଥ ହେଉଛି ଏକ ଅସ୍ଥାୟୀ ସମୟାବଧି ପାଇଁ ସଂପୂର୍ଣ୍ଣ ରୂପେ ବିକଳାଙ୍ଗ ହୋଇଯିବା । ବୀମା ସୁରକ୍ଷାର ଏହି ଅନୁଭାଗ ବିକଳାଙ୍ଗତା ଅବଧିରେ ଆୟ ର ହାନି କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ।

   କ୍ଲାଏଣ୍ଟ ପାଖରେ କେବଳ ମୃତ୍ୟୁ ସୁରକ୍ଷା ଅଥବା ସ୍ଥାୟୀ ବିକଳାଙ୍ଗତା ସହିତ ମୃତ୍ୟୁ ଅଥବା ସ୍ଥାୟୀ ବିକଳାଙ୍ଗତା ସହିତ ମୃତ୍ୟୁ ଅଥବା ଅସ୍ଥାୟୀ ସଂପୂର୍ଣ୍ଣ ବିକଳାଙ୍ଗତାକୁ ମଧ୍ୟ ଚୟନ କରିବାର ବିକଳ୍ପ ଥାଏ ।

2. ବୀମା ରାଶି

PA ପଲିସୀଗୁଡିକରେ ବୀମାରାଶିସବୁକୁ ସାଧାରଣତଃ ମୋଟ ମାସିକ ଆୟ ଆଧାରରେ ନିର୍ଣ୍ଣୟ କରାଯାଏ । ସାଧାରଣତଃ, ଏହା ମୋଟ ମାସିକ ଆୟର 60 ଗୁଣ ହୋଇଥାଏ । ଅବଶ୍ୟ, କେତେକ ବୀମାକର୍ତ୍ତା ଆୟ ସ୍ତର କୁ ବିଚାର କୁ ନ ନେଇ ନିଶ୍ଚିତ ଯୋଜନା ଆଧାରରେ ମଧ୍ୟ ପ୍ରଦାନ କରିଥାନ୍ତି । ସେଭଳି ପଲିସୀଗୁଡିକରେ ବୀମା ସୁରକ୍ଷାର ପ୍ରତ୍ୟେକ ଅନୁଭାଗ ପାଇଁ ବୀମା ରାଶି ଚୟନ କରାଯାଇଥିବା ଯୋଜନା ଅନୁସାରେ ଭିନ୍ନ ହୋଇଥାଏ ।

3. ଲାଭ ଯୋଜନା

ଏକ ଲାଭ ଯୋଜନା ହୋଇଥିବାରୁ, PA ପଲିସୀଗୁଡିକ ଅଂଶଦାନ ର ଯୋଜନା ରଖନ୍ତି ନାହିଁ । ଏ ଭଳିଆ, ଯଦି ଜଣେ ବ୍ୟକ୍ତି ପାଖରେ ଭିନ୍ନ ଭିନ୍ନ ବୀମାକର୍ତ୍ତା ସହିତ ଏକାଧିକ ପଲିସୀ ଥାଏ, ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ, PTD କିମ୍ବା PPD ଦାବୀଗୁଡିକ ସମସ୍ତ ପଲିସୀ ଅନ୍ତର୍ଗତ ପ୍ରଦାନ କରାଯିବ ।

4. ସୁରକ୍ଷା ର ପରିସର

ଏହି ପଲିସୀଗୁଡିକୁ ଅନେକ ଥର ମେଡିକଲ ଖର୍ଚ୍ଚସବୁକୁ ସୁରକ୍ଷା ପ୍ରଦାନ କରିବା ପାଇଁ ବିସ୍ତାରିତ କରାଯାଏ, ଯେଉଁ ଗୁଡିକ ଦୁର୍ଘଟଣା ପରେ ହୋଇଥିବା ହସ୍ପିଟାଲାଇଜେଶନ ଏବଂ ଅନ୍ୟାନ୍ୟ ମେଡିକଲ ଖର୍ଚ୍ଚ ସବୁର କ୍ଷତିପୂର୍ତ୍ତି କରିଥାନ୍ତି । ଆଜିକାଲି ଆମ ପାଖରେ ସ୍ୱାସ୍ଥ୍ୟ ପଲିସୀ ଗୁଡିକ ଅଛି, ଯେଉଁଗୁଡିକୁ ଏକ ଦୁର୍ଘଟଣା ଫଳରେ ହୋଇଥିବା ମେଡିକଲ/ହସ୍ପିଟାଲାଇଜେଶନ ଖର୍ଚ୍ଚସବୁକୁ ସୁରକ୍ଷା ଦେବା ପାଇଁ ଜାରୀ କରାଯାଏ । ସେଭଳି ପଲିସୀଗୁଡିକ ରୋଗ ଓ ସେଗୁଡିକର ଚିକିତ୍ସା ପାଇଁ ସୁରକ୍ଷା ପ୍ରଦାନ କରନ୍ତି ନାହିଁ ଏବଂ ତା' ପରିବର୍ତ୍ତେ କେବଳ ଦୁର୍ଘଟଣା ସମ୍ବନ୍ଧିତ ମେଡିକଲ ମୂଲ୍ୟସବୁ କୁ ସୁରକ୍ଷା ପ୍ରଦାନ କରନ୍ତି ।

5. ମୂଲ୍ୟ ସଂକଳିତ ଲାଭ

ବ୍ୟକ୍ତିଗତ ଦୁର୍ଘଟଣା ସହିତ, ଅନେକ ବୀମାକର୍ତ୍ତା ମୂଲ୍ୟ ସଂକଳିତ ଲାଭସବୁ ମଧ୍ୟ ପ୍ରଦାନ କରନ୍ତି ଯେପରି କି ଦୁର୍ଘଟଣା ଯୋଗୁଁ ହୋଇଥିବା ହସ୍ପିଟାଲାଇଜେଶନ କାରଣରୁ ଡାକ୍ତରଖାନା ନଗଦ, ମୃତକ ର ଅବଶେଷ ସବୁର ପରିବହନ ଖର୍ଚ୍ଚ, ଏକ ନିଶ୍ଚିତ ରାଶି ର ଶିକ୍ଷା ଲାଭ, ବାସ୍ତବ ଖର୍ଚ୍ଚ ଅଥବା ନିର୍ଦ୍ଧାରିତ ସୀମା, ଯେଉଁଟି କମ୍ ତାହା ଆଧାରରେ ଆମ୍ବୁଲାନ୍ସ ଚାର୍ଜ ।

6. ଅପବର୍ଜନ

ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା ସାଧାରଣ ଅପବର୍ଜନଗୁଡିକ ହେଉଛନ୍ତି :

i. ପଲିସୀ ର ପ୍ରାରମ୍ଭ ପୂର୍ବରୁ ଥିବା କୌଣସି ବିଦ୍ୟମାନ ବିକଳାଙ୍ଗତା
ii. ମାନସିକ ଅବ୍ୟବସ୍ଥା କିମ୍ବା କୌଣସି ରୋଗ କାରଣରୁ ମୃତ୍ୟୁ କିମ୍ବା ବିକଳାଙ୍ଗତା
iii. ମୈଥୁନ ସମ୍ବନ୍ଧୀୟ ରୋଗ, ଯୌନ ସଂଚାରିତ ରୋଗ (STD), ଏଡ୍ସ (AIDS) କିମ୍ବା ପାଗଳାମୀ କାରଣରୁ ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ରୂପେ ହୋଇଥିବା ମୃତ୍ୟୁ କିମ୍ବା ବିକଳାଙ୍ଗତା
iv. ବିକୀରଣ, ସଂକ୍ରମଣ, ବିଷାକ୍ତ ହୋଇଯିବା କାରଣ ରୁ ହୋଇଥିବା ମୃତ୍ୟୁ କିମ୍ବା ବିକଳାଙ୍ଗତା କେବଳ ଏହା ବ୍ୟତୀତ ଯେଉଁଠି ଏଗୁଡିକ ଏକ ଦୁର୍ଘଟଣାଠାରୁ ଉତ୍ପନ୍ନ ହୋଇଥିବ ।
v. ବୀମିତ କିମ୍ବା ତା' ପରିବାରର କୌଣସି ସଦସ୍ୟ ଦ୍ୱାରା ଅପରାଧିକ ଉଦ୍ଦେଶ୍ୟ ନେଇ ଆଇନ ର ଉଲଙ୍ଘନ କରାଯାଇଥିବା ଘଟଣାରୁ ଉତ୍ପନ୍ନ ହୋଇଥିବା କୌଣସି କ୍ଷତ ।
vi. ଯୁଦ୍ଧ, ଆକ୍ରମଣ, ବିଦେଶୀ ଶତ୍ରୁର କାର୍ଯ୍ୟ, ଶତ୍ରୁତା (ଯୁଦ୍ଧ ଘୋଷିତ ହୋଇଥାଉ ଅଥବା ହୋଇ ନ ଥାଉ), ଗୃହ ଯୁଦ୍ଧ, ବିଦ୍ରୋହ, ବିପ୍ଳବ, ରାଜଦ୍ରୋହ, ସୈନିକ ବିଦ୍ରୋହ ସେନା ଦ୍ୱାରା କିମ୍ବା ଜବରଦସ୍ତି ପ୍ରାପ୍ତ କରିଥିବା ଶକ୍ତ, ଜବତ, ବନ୍ଦୀ କରିବା, ଗିରଫ କରିବା, ନିୟନ୍ତ୍ରଣ ଏବଂ ଅବରୋଧ ସହିତ ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ରୂପେ ସମ୍ବନ୍ଧିତ କିମ୍ବା ଅନୁରେଖଣୀୟ ଠାରୁ ଉତ୍ପନ୍ନ ହୋଇଥିବା ଦୁର୍ଘଟଣାଜନିତ ହାନି ଯୋଗୁଁ ହୋଇଥିବା ମୃତ୍ୟୁ କିମ୍ବା ବିକଳାଙ୍ଗତା କିମ୍ବା କ୍ଷୟକ୍ଷତି ।
vii. ବୀମିତ ବ୍ୟକ୍ତି ଅପରାଧିକ ନରହତ୍ୟା, ଅର୍ଥାତ୍ ହତ୍ୟା ର ଶୀକାର ହେବା ଘଟଣାରେ । ଅବଶ୍ୟ, ଅଧିକାଂଶ ପଲିସୀରେ, ଏକ ହତ୍ୟା କ୍ଷେତ୍ରରେ ଯେଉଁଠି ବୀମିତ ନିଜେ ଅପରାଧିକ କାର୍ଯ୍ୟକଳାପରେ ଜଡିତ ନ ଥାଏ, ଏହାକୁ ଏକ ଦୁର୍ଘଟଣା ରୂପେ ବିଚାର କରାଯାଏ ଏବଂ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ହୋଇଥାଏ ।

viii. ଶିଶୁ ଜନ୍ମ ଦ୍ୱାରା କିମ୍ବା ଗର୍ଭଧାରଣ ଠାରୁ କିମ୍ବା ତା' ପରିଣାମ ରୁ, ଉତ୍ତେଜିତ ହୋଇଥିବା କିମ୍ବା ବିଗିଡି ଯାଇଥିବା କିମ୍ବା ଲମ୍ବା ଟାଣୁଥିବା କାରଣ ରୁ (ପ୍ରତ୍ୟକ୍ଷ ଅଥବା ଅପ୍ରତ୍ୟକ୍ଷ ରୂପେ, ଉତ୍ପନ୍ନ ହୋଇଥିବା), ମୃତ୍ୟୁ/ବିକଳାଙ୍ଗତା/ହସ୍ପିଟାଲାଇଜେଶନ ।

ix. ଯେତେବେଳେ ବୀମିତ/ବୀମିତ ବ୍ୟକ୍ତି ଏକ ପ୍ରଫେସନଲ ରୂପେ କୌଣସି ଖେଳକୁଦ ରେ ଭାଗ ନେଇଛି କିମ୍ବା ତା' ପାଇଁ ପ୍ରଶିକ୍ଷଣ ନେଉଛି । କୌଣସି ଦେଶରେ ସେନା କିମ୍ବା ସଶସ୍ତ୍ର ସୈନିକ ବଳ ର କୌଣସି ବି ଶାଖାରେ ସେବା କରୁଛି, ଶାନ୍ତି ରେ ହେଉ ଅଥବା ଯୁଦ୍ଧରେ ହେଉ ।

x. ସ୍ୱେଚ୍ଛାନୁରୂପ ଆତ୍ମ-ହାନି, ଆତ୍ମ ହତ୍ୟା କିମ୍ବା ପ୍ରୟାସ କରିଥିବା ଆତ୍ମହତ୍ୟା (ସ୍ୱସ୍ଥ ଚିତ୍ତରେ ହେଉ ଅଥବା ପାଗଳାମୀ ରୂପେ ହେଉ)

xi. ମାଦକ / ନିଶା ଦ୍ରବ୍ୟ କିମ୍ବା ଡ୍ରଗ୍ସ କିମ୍ବା ମଦ୍ୟ ର ଦୁଷ୍ପ୍ରୟୋଗ

xii. ବିମାନ ଚାଳନ କିମ୍ବା ବେଲୁନ ଚାଳନ ରେ ନିଯୁକ୍ତ ଥିବା ସମୟରେ, ବିଶ୍ୱର କୌଣସି ବି ସ୍ଥାନରେ କୌଣସି ଯଥାବିଧି ଲାଇସେନ୍ସ ପ୍ରାପ୍ତ ଷ୍ଟାଣ୍ଡାର୍ଡ ପ୍ରକାରର ବାୟୁଯାନରେ ଏକ ଯାତ୍ରୀ (ଭଡା ଦେଇ କିମ୍ବା ଅନ୍ୟ ପ୍ରକାରରେ) ବ୍ୟତୀତ ଅନ୍ୟ ରୂପେ ଚଢ଼ିବା ସମୟରେ ତା' ଠାରୁ ଓହ୍ଲାଇବା ସମୟରେ କିମ୍ବା ସେଥିରେ ଯାତ୍ରା କରିବା ସମୟରେ

କେତେକ ପଲିସୀ ଏକ ମାନ୍ୟ ଡ୍ରାଇଭିଂ ଲାଇସେନ୍ସ ନ ଥାଇ କୌଣସି ଗାଡ଼ି ଚଳାଇବା ଠାରୁ ଉତ୍ପନ୍ନ ହୋଇଥିବା ହାନି କୁ ମଧ୍ୟ ବହିର୍ଭୂତ କରିଛନ୍ତି ।

PA ପଲିସୀଗୁଡିକ ବ୍ୟକ୍ତି, ପରିବାର ଏବଂ ସମୂହଗୁଡିକୁ ମଧ୍ୟ ପ୍ରଦାନ କରାଯାଏ ।

ପରିବାର ପ୍ୟାକେଜ ସୁରକ୍ଷା

ପରିବାର ପ୍ୟାକେଜ୍ ସୁରକ୍ଷାର ସ୍ୱୀକୃତି ନିମ୍ନ ପ୍ରକାରରେ ଦିଆଯାଇପାରେ :

- ଉପାର୍ଜନକାରୀ ସଦସ୍ୟ (ବୀମିତ ବ୍ୟକ୍ତି) ଏବଂ ପତ୍ନୀ, ଯଦି ଉପାର୍ଜନ କରୁଥାଏ : ପ୍ରତ୍ୟେକ ପାଇଁ ସ୍ୱତନ୍ତ୍ର କ୍ୟାପିଟଲ ବୀମା ରାଶି, ଚାହୁଁଥିବା ଅନୁସାରେ, ବୈୟକ୍ତିକ ରେ ଥିବା ଭଳି ସାଧାରଣ ସୀମା ମଧ୍ୟରେ ।
- ପତ୍ନୀ (ଯଦି ଉପାର୍ଜନକାରୀ ସଦସ୍ୟ ନ ହୁଏ) : ସାଧାରଣତଃ ଉପାର୍ଜନକାରୀ ସଦସ୍ୟର କ୍ୟାପିଟାଲ ବୀମା ରାଶିର 50 ପ୍ରତିଶତ । ଏହା ଏକ ବିନିର୍ଦ୍ଦିଷ୍ଟ ଊର୍ଦ୍ଧ୍ୱ ସୀମା, ଊ.ସ୍ୱ. ଟ. 1, 00, 000 କିମ୍ବା ଟ 3, 00, 000 ପର୍ଯ୍ୟନ୍ତ ସୀମିତ ହୋଇପାରେ ।
- ସନ୍ତାନ ସନ୍ତତି (5 ବର୍ଷ ଏବଂ 25 ବର୍ଷ ର ଆୟୁ ମଧ୍ୟସ୍ଥ): ସାଧାରଣତଃ ଉପାର୍ଜନକାରୀ ପିତା/ମାତା ର କ୍ୟାପିଟାଲ ବୀମା ରାଶି ର 25 ପ୍ରତିଶତ, ଯାହା ଏକ ବିନିର୍ଦ୍ଦିଷ୍ଟ ଊର୍ଦ୍ଧ୍ୱ ସୀମା ଊ.ସ୍ୱ. ଟ. 50, 000 ପ୍ରତି ସନ୍ତାନ ଅନ୍ତର୍ଗତ ଥାଏ ।

ସମୂହ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ

ସମୂହ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ ଗୁଡିକ ସାଧାରଣତଃ ବାର୍ଷିକ ପଲିସୀ ହୋଇଥାନ୍ତି ଯାହାର ନୂତନୀକରଣ କେବଳ ବାର୍ଷିକ ଦିବସରେ ହିଁ ସ୍ୱୀକୃତ ହୋଇଥାଏ । ଅବଶ୍ୟ, ଅଣ-ଜୀବନ ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନେ କୌଣସି ବିଶେଷ ଘଟଣାକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଗୋଟିଏ ବର୍ଷଠାରୁ କମ୍ ଅବଧି ଥିବା ସମୂହ ବ୍ୟକ୍ତିଗତ ଦୁର୍ଘଟଣା ଉତ୍ପାଦ ସବୁ ମଧ୍ୟ ପ୍ରଦାନ କରିପାରନ୍ତି ।

ନିମ୍ନ ସବୁ ବିଭିନ୍ନ ପ୍ରକାରର ସମୂହ ପଲିସୀ ଅଟନ୍ତି :

- **ନିଯୁକ୍ତିଦାତା ଏବଂ କର୍ମଚାରୀ ସମ୍ବନ୍ଧ**

ନିମ୍ନମାନଙ୍କୁ ସୁରକ୍ଷା ଦେବା ପାଇଁ ଫାର୍ମ, ସଂଘ ଇତ୍ୟାଦିମାନଙ୍କୁ ଏହି ପଲିସୀଗୁଡିକର ସ୍ୱୀକୃତି ଦିଆଯାଇଥାଏ :

- ନାମାଙ୍କିତ କର୍ମଚାରୀ
- ଅଣ-ନାମାଙ୍କିତ କର୍ମଚାରୀ

- ଅଣ ନିଯୁକ୍ତିଦାତା – କର୍ମଚାରୀ ସମ୍ବନ୍ଧ

  ନିମ୍ନମାନଙ୍କୁ ସୁରକ୍ଷା ଦେବା ପାଇଁ ସଂଘ, ସଂସ୍ଥା, କ୍ଲବ୍ ଇତ୍ୟାଦିମାନଙ୍କୁ ଏହି ପଲିସୀଗୁଡିକର ସ୍ୱୀକୃତି ଦିଆଯାଇଥାଏ

  - ନାମାଙ୍କିତ ସଦସ୍ୟ
  - ନାମ ଦ୍ୱାରା ଚିହ୍ନଟ କରାଯାଇ ନ ଥିବା ସଦସ୍ୟ

  (ଧ୍ୟାନ ଦିଅନ୍ତୁ : କର୍ମଚାରୀମାନଙ୍କୁ ଅଲଗା ରୂପେ ସୁରକ୍ଷା ଦିଆଯାଇ ପାରେ)

ଭଗ୍ନ ଅସ୍ଥି ପଲିସୀ ଏବଂ ଦୈନିକ କାର୍ଯ୍ୟକଳାପର ହାନି ପାଇଁ କ୍ଷତିପୂରଣ

ଏହା ଏକ ବିଶିଷ୍ଟ PA ପଲିସୀ ଅଟେ । ତାଲିକାଭୁକ୍ତ ଅସ୍ଥିଭଙ୍ଗ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିବା ପାଇଁ ଏହି ପଲିସୀର ପରିକଳ୍ପନା କରାଯାଇଛି ।

i. ଦାବୀ ସମୟରେ ପ୍ରତ୍ୟେକ ଅସ୍ଥିଭଙ୍ଗ ବିରୁଦ୍ଧରେ ଉଲ୍ଲିଖିତ ନିଶ୍ଚିତ ଲାଭ କିମ୍ବା ବୀମା ରାଶିର କିଛି ପ୍ରତିଶତ

ii. ଲାଭର ପରିମାଣ ସୁରକ୍ଷାପ୍ରାପ୍ତ ଅସ୍ଥିର ପ୍ରକାର ଏବଂ ରହିଥିବା ଭଗ୍ନ ଅସ୍ଥିର ସ୍ୱରୂପ ଉପରେ ନିର୍ଭର କରେ ।

iii. ଦୃଷ୍ଟାନ୍ତ ଦ୍ୱାରା ଏହାକୁ ଅଧିକ ବ୍ୟାଖ୍ୟା କରିବାକୁ ଗଲେ, ସରଳ ଅସ୍ଥିଭଙ୍ଗ ଅପେକ୍ଷା ଯୌଗିକ ଅସ୍ଥିଭଙ୍ଗ ରେ ଅଧିକ ପ୍ରତିଶତ ର ଲାଭ ଥାଏ । ପୁନଶ୍ଚ, ଜଙ୍ଘ ହାଡ଼ ପାଇଁ ଲାଭ ର ପ୍ରତିଶତ ଅଙ୍ଗୁଳି ହାଡ଼ର ଲାଭ ଅପେକ୍ଷା ଅଧିକ ହେବ ।

iv. ଏହି ପଲିସୀ ଦୈନନ୍ଦିନ କାର୍ଯ୍ୟକଳାପ ଯଥା: ଖାଇବା, ଶୌଚ କରିବା, ପୋଷାକ ପିନ୍ଧିବା, ସଂଯମ (ଝାଡ଼ା ପରିସ୍ରାକୁ ନିୟନ୍ତ୍ରଣ ରେ ରଖିବା କ୍ଷମତା) କିମ୍ବା ଗତିହୀନତା ର ହାନି ପାଇଁ ପଲିସୀରେ ନିର୍ଦ୍ଧାରିତ ନିଶ୍ଚିତ ଲାଭସବୁକୁ ମଧ୍ୟ ସୁରକ୍ଷା ପ୍ରଦାନ କରେ ଯାହା ଫଳରେ ବୀମିତ ତା' ଜୀବନ ନିର୍ବାହ ସହିତ ଜଡିତ ଖର୍ଚ୍ଚର ଧ୍ୟାନ ରଖି ପାରିବ ।

v. ଏହା ଡାକ୍ତରଖାନା ନଗଦ ଲାଭ ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସୁରକ୍ଷା କୁ ମଧ୍ୟ ବୀମା ସୁରକ୍ଷା ଦିଏ । ଭିନ୍ନ ଭିନ୍ନ ବୀମା ରାଶି ଏବଂ ଲାଭ ପ୍ରଦାନ ଥିବା ଭିନ୍ନ ଭିନ୍ନ ଯୋଜନା ଉପଲବ୍ଧ ଅଛି ।

O. *ସମୁଦ୍ରପାରୀ ଯାତ୍ରା ବୀମା*

1. ପଲିସୀ ର ଆବଶ୍ୟକତା

ବ୍ୟବସାୟ, ଛୁଟି କିମ୍ବା ଅଧ୍ୟୟନ ପାଇଁ ଭାରତ ବାହାରକୁ ଯାତ୍ରା କରୁଥିବା ଏକ ଭାରତୀୟ ନାଗରିକ ତାର ବିଦେଶ ରହଣୀ ଅବଧିରେ ଦୁର୍ଘଟଣା, କ୍ଷତବିକ୍ଷତ କିମ୍ବା ରୋଗ ଭଳି ସଙ୍କଟର ସମ୍ମୁଖୀନ ହୋଇଥାଏ । ମେଡିକଲ ସେବାର ମୂଲ୍ୟ ବିଶେଷ ରୂପେ ୟୁ.ଏସ୍.ଏ. ଓ କାନାଡା ଭଳି ଦେଶରେ, ବହୁତ ଅଧିକ ଅଟେ ଏବଂ ବଡ ଆର୍ଥିକ ସମସ୍ୟାଗୁଡିକ ଜାତ କରି ପାରେ ଯଦି ଏହି ଦେଶଗୁଡିକୁ ଯାତ୍ରା କରୁଥିବା ଏକ ବ୍ୟକ୍ତି ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣା/ରୋଗର ସମ୍ମୁଖୀନ ହୁଏ । ସେଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଗୁଡିକ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିବା ପାଇଁ, ଯାତ୍ରା ପଲିସୀ କିମ୍ବା ସମୁଦ୍ରପାରୀ (ବିଦେଶ) ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ପଲିସୀ ସବୁ ଉପଲବ୍ଧ ଅଟେ ।

2. ସୁରକ୍ଷାର ପରିସର

ସେଭଳି ପଲିସୀଗୁଡିକ ସାଧାରଣତଃ ଦୁର୍ଘଟଣା ଓ ରୋଗ ଲାଭସବୁ ପାଇଁ ଉଦ୍ଦିଷ୍ଟ, କିନ୍ତୁ ବଜାରରେ ଉପଲବ୍ଧ ଅଧିକାଂଶ ଉତ୍ପାଦ ଗୋଟିଏ ଉତ୍ପାଦ ମଧ୍ୟରେ ବୀମାସୁରକ୍ଷାଗୁଡିକର ଏକ ଶୃଙ୍ଖଳା ପ୍ୟାକେଜ କରି ରଖନ୍ତି । ପ୍ରଦାନ କରାଯାଉଥିବା ସୁରକ୍ଷାଗୁଡିକ ହେଉଛି:

i. ଦୁର୍ଘଟଣାଜନିତ ମୃତ୍ୟୁ/ବିକଳାଙ୍ଗତା
ii. ରୋଗ/ଦୁର୍ଘଟଣା କାରଣରୁ ମେଡିକାଲ ଖର୍ଚ୍ଚ
iii. ଯାଞ୍ଚ କରାଯାଇଥିବା ବ୍ୟାଗେଜ୍ ର ହାନି
iv. ଯାଞ୍ଚ କରାଯାଇଥିବା ବ୍ୟାଗ୍ ର ଆଗମନ ରେ ବିଳମ୍ବ
v. ପାସ୍ପୋର୍ଟ ଏବଂ ଦସ୍ତାବିଜଗୁଡିକର ହାନି
vi. ସମ୍ପତ୍ତି/ବ୍ୟକ୍ତିଗତ ହାନି ପାଇଁ ତୃତୀୟ ପକ୍ଷ ଦାୟିତ୍ୱ
vii. ଯାତ୍ରାର ରଦ୍ଦକରଣ
viii. ଅପହରଣ (ହାଇଜାକ୍) ସୁରକ୍ଷା

3. ଯୋଜନା ଗୁଡିକର ପ୍ରକାର

ଲୋକପ୍ରିୟ ପଲିସୀଗୁଡିକ ହେଲା ବ୍ୟବସାୟ ଓ ଛୁଟି ଯୋଜନା, ଅଧ୍ୟୟନ ଯୋଜନା ଏବଂ ନିଯୁକ୍ତି ଯୋଜନା ।

4. କିଏ ଏହି ବୀମା ପ୍ରଦାନ କରି ପାରିବ

ବିଦେଶୀ କିମ୍ବା ସ୍ୱଦେଶୀ ଯାତ୍ରା ବୀମା ପଲିସୀଗଡିକୁ କେବଳ ଅଣ-ଜୀବନ ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା କମ୍ପାନୀ ଦ୍ୱାରା ଏକ ସ୍ୱତନ୍ତ୍ର ଉତ୍ପାଦନ ରୂପେ କିମ୍ବା ଏକ ବିଦ୍ୟମାନ ସ୍ୱାସ୍ଥ୍ୟ ପଲିସୀ ରେ ଏକ ଆଡ-ଅନ କଭର ରୂପେ ପ୍ରଦାନ କରାଯାଇପାରେ, ଯଦି ଆଡ-ଅନ କଭର ପାଇଁ ପ୍ରିମିୟମ ଫାଇଲ ଏବଂ ଉପଯୋଗ ପ୍ରକ୍ରିୟା ଅନ୍ତର୍ଗତ ପ୍ରାଧିକାରୀ ଦ୍ୱାରା ସ୍ୱୀକୃତ ହୋଇଥାଏ ।

5. ଏହି ପଲିସୀକୁ କିଏ ନେଇପାରେ

ବ୍ୟବସାୟ, ଛୁଟି କିମ୍ବା ଅଧ୍ୟୟନ ସକାଶେ ବିଦେଶ ଯାତ୍ରା କରୁଥିବା ଜଣେ ଭାରତୀୟ ନାଗରିକ ଏହି ପଲିସୀ ର ଲାଭ ଉଠାଇପାରେ । ବିଦେଶକୁ ଚୁକ୍ତି (କଣ୍ଟ୍ରାକ୍ଟ) ରେ ପଠାଯାଉଥିବା ଭାରତୀୟ ନିଯୁକ୍ତିଦାତାମାନଙ୍କ କର୍ମଚାରୀମାନଙ୍କୁ ମଧ୍ୟ ସୁରକ୍ଷା ଦିଆଯାଇପାରେ ।

6. **ବୀମା ରାଶି ଏବଂ ପ୍ରିମିୟମ**

ସୁରକ୍ଷା କୁ ୟୁ.ଏସ୍. ଡଲାର ରେ ଅନୁମୋଦିତ ହୁଏ ଏବଂ ସାଧାରଣତଃ USD 100,000 ଠାରୁ USD 500,000 ପର୍ଯ୍ୟନ୍ତ ହୋଇଥାଏ । ମେଡିକାଲ ଖର୍ଚ୍ଚ, ନିକାସ, ସ୍ୱଦେଶ ପ୍ରତ୍ୟାବର୍ତ୍ତନ କୁ ସୁରକ୍ଷା ପ୍ରଦାନ କରୁଥିବା ଅନୁଭାଗ ମୁଖ୍ୟ ଅନୁଭାଗ ଅଟେ । ଅନ୍ୟସବୁ ଅନୁଭାଗ ପାଇଁ , ଦାୟିତ୍ୱ ସୁରକ୍ଷା ବ୍ୟତୀତ **S.I.** (ବୀମା ରାଶି) କମ୍ ଅଟେ । ପ୍ରିମିୟମ ସବୁ ଭାରତୀୟ ଟଙ୍କା ଆକାରରେ ପ୍ରଦାନ କରାଯାଇ ପାରେ, କେବଳ ନିଯୁକ୍ତି ଯୋଜନା କ୍ଷେତ୍ରକୁ ଛାଡ଼ି ଯେଉଁଟି ପ୍ରିମିୟମକୁ ଡଲାର ଆକାରରେ ଦେବାକୁ ପଡିଥାଏ । ଯୋଜନାଗୁଡିକ ସାଧାରଣତଃ ଦୁଇ ପ୍ରକାରର ଅଟନ୍ତି:

- ✓ USA/କାନାଡାକୁ ବହିର୍ଭୂତ କରି ବିଶ୍ୱ-ବ୍ୟାପକ
- ✓ USA/କାନାଡାକୁ ଅନ୍ତର୍ଭୁକ୍ତ କରି ବିଶ୍ୱ-ବ୍ୟାପକ

କେତେକ ଉତ୍ପାଦ କେବଳ ଏସୀୟ ଦେଶଗୁଡିକ, କେବଳ ସ୍କେନ୍ଜେନ ଦେଶଗୁଡିକ ଇତ୍ୟାଦି ଦେଶଗୁଡିକରେ ସୁରକ୍ଷା ପ୍ରଦାନ କରନ୍ତି ।

1. **କର୍ପୋରେଟ ବାରମ୍ବାର ଯାତ୍ରା ଯୋଜନା**

ଏହା ଏକ ବାର୍ଷିକ ପଲିସୀ ଅଟେ ଯେଉଁଠି ଏକ କର୍ପୋରେଟ/ନିଯୁକ୍ତିଦାତା ତା' ଏକ୍ଜିକ୍ୟୁଟିଭମାନଙ୍କ ପାଇଁ ବୈୟକ୍ତିକ ପଲିସୀ ନିଅନ୍ତି ଯେଉଁମାନେ ଭାରତ ବାହାରକୁ ବାରମ୍ବାର ଯାତ୍ରା କରନ୍ତି । ଏହି ବୀମା ସୁରକ୍ଷା ସେହି ବ୍ୟକ୍ତିମାନଙ୍କ ଦ୍ୱାରା ମଧ୍ୟ ନିଆଯାଇପାରେ ଯେଉଁମାନେ ଏକ ବର୍ଷ ମଧ୍ୟରେ ଅନେକ ଥର ବିଦେଶ ପାଇଁ ବିମାନ ଯାତ୍ରା କରିଥାନ୍ତି । ପ୍ରତ୍ୟେକ ଯାତ୍ରାର ସର୍ବାଧିକ ଅବଧି ଉପରେ ଏବଂ ଗୋଟିଏ ବର୍ଷରେ ଉପଲବ୍ଧ କରାଯାଇପାରୁଥିବା ଯାତ୍ରାଗୁଡିକର ସର୍ବାଧିକ ସଂଖ୍ୟା ଉପରେ ମଧ୍ୟ ସୀମା ଅଛି ।

ଆଜିକାଲି ବୃଦ୍ଧି ପାଉଥିବା ଏକ ଲୋକପ୍ରିୟ ବୀମା ସୁରକ୍ଷା ହେଉଛି ଏକ ବାର୍ଷିକ ଘୋଷଣା ପତ୍ର ପଲିସୀ ଯାହାଦ୍ୱାରା ଏକ କମ୍ପାନୀର କର୍ମଚାରୀମାନଙ୍କ ଦ୍ୱାରା ଗୋଟିଏ ବର୍ଷ ମଧ୍ୟରେ ଆକଳିତ ଯାତ୍ରାର ମାନବ ଦିବସଗୁଡିକର ଆଧାରରେ ଏକ ଅଗ୍ରୀମ ପ୍ରିମିୟମ ପ୍ରଦାନ କରାଯାଏ ।

ଘୋଷଣାପତ୍ର ଗୁଡିକ କର୍ମଚାରୀ କ୍ରମରେ ଯାତ୍ରା ଦିବସ ସଂଖ୍ୟା ଆଧାରରେ ସାପ୍ତାହିକ ରୂପେ/ପାକ୍ଷିକ ରୂପେ କରାଯାଏ ଏବଂ ଅଗ୍ରୀମ ବିପକ୍ଷରେ ପ୍ରିମିୟମ କୁ ବ୍ୟବସ୍ଥିତ କରାଯାଏ । ପଲିସୀ ଚାଲୁଥିବା ଅବଧିର ମାନବ ଦିବସର ସଂଖ୍ୟାରେ ବୃଦ୍ଧି ପାଇଁ ମଧ୍ୟରେ ପ୍ରାବଧାନ ଦିଆଯାଏ । ଯେହେତୁ ଏହା ଅତରିକ୍ତ ଅଗ୍ରୀମ ପ୍ରିମିୟମ ର ପ୍ରଦାନରେ ସମାପ୍ତ ହୋଇଯାଏ ।

ଉପରୋକ୍ତ ପଲିସୀଗୁଡିକ କେବଳ ବ୍ୟବସାୟ ଓ ଛୁଟି ଯାତ୍ରା ପାଇଁ ଅନୁମୋଦିତ କରାଯାଏ ।

OMP ଅନ୍ତର୍ଗତ ସାଧାରଣ ଅପବର୍ଜନ ଗୁଡିକରେ ପୂର୍ବ-ବିଦ୍ୟମାନ ରୋଗସବୁ ଅନ୍ତର୍ଭୁକ୍ତ ହୁଏ । ବିଦ୍ୟମାନ ରୋଗ ଥିବା ବ୍ୟକ୍ତିମାନେ ବିଦେଶରେ ଚିକିତ୍ସା ପ୍ରାପ୍ତ କରିବା ପାଇଁ ସୁରକ୍ଷା କରି ପାରିବେ ନାହିଁ ।

ଏହି ପଲିସୀଗୁଡିକ ଅନ୍ତର୍ଗତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଦାବୀଗୁଡିକ ସଂପୂର୍ଣ୍ଣ ରୂପେ ନଗଦ ହୀନ ଅଟନ୍ତି ଯେଉଁଠି ପ୍ରତ୍ୟେକ ବୀମାକର୍ତ୍ତା ଅଧିକାଂଶ ଦେଶରେ ନେଟୱର୍କ ଥିବା ଏକ ଆନ୍ତର୍ଜାତିକ ସେବା ପ୍ରଦାନକାରୀ ସହିତ ସମ୍ବନ୍ଧ ସଂଯୁକ୍ତ କରେ ଯେଉଁମାନେ ବିଦେଶରେ ପଲିସୀଗୁଡିକର ସେବା ଦିଅନ୍ତି ।

P. *ସମୂହ ସ୍ୱାସ୍ଥ୍ୟ ସୁରକ୍ଷା*

1. ସମୂହ ପଲିସୀ

ଯେମିତି କି ଅଧ୍ୟାୟ ର ଆରମ୍ଭରେ ବ୍ୟାଖ୍ୟା କରା ଯାଇଛି ଏକ ସମୂହ ପଲିସୀ କୁ ଏକ ସମୂହ ମାଲିକ ଦ୍ୱାରା ନିଆଯାଏ ଯିଏ ଏକ ନିଯୁକ୍ତିଦାତା, ଏକ ସଂଘ, ଏକ ବ୍ୟାଙ୍କ ର କ୍ରେଡିଟ କାର୍ଡ ବିଭାଗ ହୋଇପାରେ, ଯେଉଁଠି କେବଳ ଏକମାତ୍ର ପଲିସୀ ବ୍ୟକ୍ତିମାନଙ୍କର ସଂପୂର୍ଣ୍ଣ ସମୂହ କୁ ସୁରକ୍ଷା ପ୍ରଦାନ କରେ ।

ସମୂହ ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକୁ ଯେ କୌଣସି ବୀମା କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇପାରେ, ଯଦି ସେଭଳି ସମସ୍ତ ଉତ୍ପାଦ ଗୁଡିକ କେବଳ ଗୋଟିଏ ବର୍ଷର ନୂତନୀକରଣ ଚୁକ୍ତି ଅନ୍ତର୍ଗତ ହୋଇଥିବ ।

ସମୂହ ପଲିସୀଗୁଡିକର ଲକ୍ଷ- ହସ୍ପିଟାଲାଇଜେଶନ ଲାଭ ସୁରକ୍ଷା ।

1. ସୁରକ୍ଷା ର ପରିସର

ସବୁଠୁ ସାଧାରଣ ପ୍ରକାରର ସମୂହ ବୀମା ହେଉଛି ନିଯୁକ୍ତିଦାତାମାନଙ୍କ ଦ୍ୱାରା ନିଆଯାଇଥିବା ପଲିସୀ ଯାହା କର୍ମଚାରୀ ଓ ସେମାନଙ୍କ ପରିବାରମାନଙ୍କୁ ସୁରକ୍ଷା ପ୍ରଦାନ କରେ ଯେଉଁଥିରେ ଆଶ୍ରିତ ପତି/ପତ୍ନୀ, ସନ୍ତାନ ସନ୍ତତି ଏବଂ ପିତାମାତା/ଶାଶୁଶ୍ୱଶୁର ଅନ୍ତର୍ଭୁକ୍ତ ହୁଅନ୍ତି ।

2. ସଂପୂର୍ଣ୍ଣ ରୂପେ ଯୋଗ୍ୟ ସୁରକ୍ଷା

ସମୂହ ପଲିସୀଗୁଡିକ ଅନେକ ଥର ସମୂହର ଆବଶ୍ୟକତାସବୁର ଉପଯୁକ୍ତ ହେବା ପାଇଁ ସଂପୂର୍ଣ୍ଣ ରୂପେ ଯୋଗ୍ୟ ବୀମା ସୁରକ୍ଷା ଅଟନ୍ତି । ଏ ପ୍ରକାରେ, ସମୂହ ପଲିସୀଗୁଡିକରେ, ଜଣେ ବ୍ୟକ୍ତି ସମୂହ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ହେଉଥିବା ବୈୟକ୍ତିକ ପଲିସୀ ର ଅନେକ ମାନକ ଅପବର୍ଜନ ପାଇବ ।

3. ପ୍ରସୂତି ବୀମା ସୁରକ୍ଷା

ଏକ ସମୂହ ପଲିସୀରେ ସବୁଠୁ ସାଧାରଣ ଅପବର୍ଜନଗୁଡିକ ମଧ୍ୟରୁ ଗୋଟିଏ ହେଉଛି ପ୍ରସୂତି ବୀମା ସୁରକ୍ଷା । ଏହାକୁ ଆଜିକାଲି କେତେକ ବୀମାକର୍ତ୍ତା ଦ୍ୱାରା ବୈୟକ୍ତିକ ପଲିସୀ ଅନ୍ତର୍ଗତ, କିନ୍ତୁ ଦୁଇ ରୁ ତିନି ବର୍ଷର ପ୍ରତୀକ୍ଷା ଅବଧି ସହିତ ପ୍ରଦାନ କରାଯାଉଛି । ଏକ ସମୂହ ପଲିସୀରେ, ସାଧାରଣତଃ କେବଳ ନଅ ମାସର ପ୍ରତୀକ୍ଷା ଅବଧି ଥାଏ, ଏବଂ କେତେକ କ୍ଷେତ୍ରରେ, ଏହାକୁ ମଧ୍ୟ ହଟାଇ ଦିଆଯାଏ । ପ୍ରସୂତି ବୀମା ସୁରକ୍ଷା ଶିଶୁର ପ୍ରସବ ପାଇଁ ଡାକ୍ତରଖାନାରେ ଭର୍ତ୍ତି ହେବାରେ ହୋଇଥିବା ଖର୍ଚ୍ଚ ପାଇଁ ପ୍ରାବଧାନ ରଖେ ଏବଂ **C**-ଅନୁଭାଗ ପ୍ରସବ କୁ ଅନ୍ତର୍ଭୁକ୍ତ କରେ । ଏହି ସୁରକ୍ଷା ସାଧାରଣତଃ ପରିବାର ର ମୋଟ ବୀମା ରାଶି ଭିତରେ ଟ 25, 000 ଠାରୁ ଟ. 50, 000 ପର୍ଯ୍ୟନ୍ତ ସୀମିତ ରହେ ।

4. ଶିଶୁ ସୁରକ୍ଷା

ପିଲାମାନେ ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀଗୁଡିକରେ ସାଧାରଣତଃ କେବଳ ତିନି ମାସର ଆୟଠାରୁ ସୁରକ୍ଷା ପ୍ରାପ୍ତ କରନ୍ତି । ସମୂହ ପଲିସୀଗୁଡିକରେ, ପ୍ରଥମ ଦିନରୁ ହିଁ ଶିଶୁମାନଙ୍କୁ ସୁରକ୍ଷା ଦିଆଯାଏ, ବେଳେବେଳେ ପ୍ରସୂତି ସୁରକ୍ଷା ସୀମା ପର୍ଯ୍ୟନ୍ତ ସୀମିତ ରହେ ଏବଂ ବେଳେ ବେଳେ ପରିବାର ସଂପୂର୍ଣ୍ଣ ବୀମା ରାଶିକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିସ୍ତାରିତ କରାଯାଏ ।

5. ପୂର୍ବ-ବିଦ୍ୟମାନ ରୋଗ ସୁରକ୍ଷା ପ୍ରାପ୍ତ ହୁଏ, ପ୍ରତୀକ୍ଷା ଅବଧି ହଟାଇ ଦିଆଯାଏ

କେତେକ ଅପବର୍ଜନ ଯଥା: ପୂର୍ବ-ବିଦ୍ୟମାନ ରୋଗ ଅପବର୍ଜନ, ତିରିଶ ଦିନ ର ପ୍ରତୀକ୍ଷା ଅବଧି, ଦୁଇ ବର୍ଷର ପ୍ରତୀକ୍ଷା ଅବଧି, ସହଜାତ ରୋଗଗୁଡିକୁ ଏକ ସଂପୂର୍ଣ୍ଣ ରୂପେ ଯୋଗ୍ୟ ସମୂହ ପଲିସୀରେ ସୁରକ୍ଷା ଦିଆ ଯାଇ ପାରେ ।

6. ପ୍ରିମିୟମ ନିର୍ଦ୍ଧାରଣ

ଏକ ସମୂହ ପଲିସୀ ପାଇଁ ଲାଗୁ କରାଯାଉଥିବା ପ୍ରିମିୟମ ସମୂହ ସଦସ୍ୟମାନଙ୍କ ବୟସ ପ୍ରୋଫାଇଲ, ସମୂହର ଆକାର ଏବଂ ଅଧିକ ମହତ୍ତ୍ୱପୂର୍ଣ୍ଣ ରୂପେ ସମୂହର ଦାବୀ ଅନୁଭୂତି ଉପରେ ଆଧାରିତ ହୁଏ । ଯେହେତୁ ପ୍ରିମିୟମ ଅନୁଭୂତି ଉପରେ ଆଧାର କରି ବର୍ଷକୁ ବର୍ଷ ଭିନ୍ନ ଭିନ୍ନ ହୋଇଥାଏ, ଉପରେ ଉଲ୍ଲେଖ କରାଯାଇଥିବା ଭଳି ଅତିରିକ୍ତ ସୁରକ୍ଷାଗୁଡିକ ସମୂହଗୁଡିକୁ ମୁକ୍ତ ଭାବେ ଦିଆଯାଏ, ଯେହେତୁ ପ୍ରଦାନ କରାଯାଇଥିବା ପ୍ରିମିୟମସବୁ ଭିତରେ ତା' ଦାବୀଗୁଡିକର ପ୍ରବନ୍ଧ କରିବା ସମୂହ ପଲିସୀଧାରୀର ହିତରେ ଥାଏ ।

7. ଅଣ-ନିଯୁକ୍ତିଦାତା କର୍ମଚାରୀ ସମୂହ

ଭାରତରେ, ବିନିୟାମକ ପ୍ରାବଧାନଗୁଡିକ ମୁଖ୍ୟତଃ ଏକ ସମୂହ ବୀମା ସୁରକ୍ଷା ନେବା ଉଦ୍ଦେଶ୍ୟରେ ସମୂହଗୁଡିକର ଗଠନ କୁ କଡ଼ାକଡ଼ି ରୂପେ ବିରୋଧ କରନ୍ତି । ଯେତେବେଳେ ସମୂହ ପଲିସୀଗୁଡିକୁ ନିଯୁକ୍ତିଦାତା ବ୍ୟତୀତ ଅନ୍ୟମାନଙ୍କୁ ଦିଆଯାଏ, ଏହାର ସଦସ୍ୟମାନଙ୍କ ସହିତ ସମୂହ ମାଲିକର ସମ୍ବନ୍ଧକୁ ନିର୍ଦ୍ଧାରିତ କରିବା ମହତ୍ତ୍ୱପୂର୍ଣ୍ଣ ଅଟେ ।

ଉଦାହରଣ

ଏହାର ସଂଚୟ ବ୍ୟାଙ୍କ ଆକାଉଣ୍ଟଧାରୀ କିମ୍ବା କ୍ରେଡିଟ୍ କାର୍ଡ ଧାରୀମାନଙ୍କ ପାଇଁ ଏକ ପଲିସୀ ନେଉଥିବା ଏକ ବ୍ୟାଙ୍କ ଏକ ସମଧର୍ମୀ ସମୂହ ଗଠନ କରେ, ଯାହାଦ୍ୱାରା ଏକ ବଡ ସମୂହ ସେମାନଙ୍କ ଆବଶ୍ୟକତାଗୁଡିକ ସହିତ ଅନୁକୂଳ ହେବା ପାଇଁ ଏକ ସଂପୂର୍ଣ୍ଣ ଭାବେ ଯୋଗ୍ୟ ପଲିସୀ ଦ୍ୱାରା ଲାଭ ପ୍ରାପ୍ତ ହେବା ପାଇଁ ସମର୍ଥ ହୁଏ ।

ଏଇଠି ପ୍ରତ୍ୟେକ ବୈୟକ୍ତିକ ଆକାଉଣ୍ଟଧାରୀ ଠାରୁ ସଂଗ୍ରହ କରାଯାଇଥିବା ପ୍ରିମିୟମ ହୁଏତ ବହୁତ କମ୍ ହୋଇପାରେ, କିନ୍ତୁ ଏକ ସମୂହ ହିସାବରେ ବୀମାକର୍ତ୍ତାଦ୍ୱାରା ପ୍ରାପ୍ତ ହୋଇଥିବା ପ୍ରିମିୟମ ପର୍ଯ୍ୟାପ୍ତ ହୋଇପାରେ ଏବଂ ବ୍ୟାଙ୍କ ଏକ ଉତ୍କୃଷ୍ଟ ପଲିସୀ ଆକାରରେ ଏବଂ ଅଧିକ ଉତ୍ତମ ପ୍ରିମିୟମ ହାରରେ ଏହାର ଗ୍ରାହକମାନଙ୍କ ଏକ ମୂଲ୍ୟ ଯୁକ୍ତ କରିଥାଏ ।

8. ମୂଲ୍ୟ ନିର୍ଦ୍ଧାରଣ

ସମୂହ ପଲିସୀଗୁଡିକରେ, ସମୂହର ଆକାର ଏବଂ ସମୂହର ଦାବୀ ଅନୁଭୂତି ଆଧାରରେ ମଧ୍ୟ ପ୍ରିମିୟମ ଉପରେ ଡିସ୍କାଉଣ୍ଟର ପ୍ରାବଧାନ ଅଛି । ସମୂହ ବୀମା ବିପରୀତ ଚୟନ ର ସଙ୍କଟକୁ ହ୍ରାସ କରେ, ଯେହେତୁ ସଂପୂର୍ଣ୍ଣ ସମୂହ ଗୋଟିଏ ପଲିସୀରେ ସୁରକ୍ଷା ପ୍ରାପ୍ତ ହୋଇଥାଏ ଏବଂ ସମୂହ ଧାରୀ କୁ ଅଧିକ ଉତ୍ତମ ସର୍ତ୍ତ ପାଇଁ କଥାବାର୍ତ୍ତା କରିବାରେ ସକ୍ଷମ କରିଥାଏ, ଅବଶ୍ୟ ଏଇ ବର୍ଷଗୁଡିକରେ ଏହି ଖଣ୍ଡ ମୁଖ୍ୟତଃ ପ୍ରତିଯୋଗିତା ଯୋଗୁଁ ପ୍ରିମିୟମର କମ୍ ମୂଲ୍ୟନିର୍ଦ୍ଧାରଣ କାରଣରୁ, ଉଚ୍ଚ ହାନି ଅନୁପାତ ଦେଖିଅଛି । ଯେତେବେଳେ, ଏହା କେତେକଙ୍କୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ପ୍ରିମିୟମ ଓ ସୁରକ୍ଷା ର ସମୀକ୍ଷା କରିବା ଆଡକୁ ନେଇଛି । ଏହା ଘୋଷିତ କରିବା ଏବେ ମଧ୍ୟ କଷ୍ଟସାଧ୍ୟ ଅଟେ ଯେ ପରିସ୍ଥିତି ସେ ସମୟରୁ ସଂଶୋଧିତ ହୋଇଛି ।

9. ପ୍ରିମିୟମ ପ୍ରଦାନ

ପ୍ରିମିୟମସବୁ ନିଯୁକ୍ତିଦାତା ଦ୍ୱାରା ଅଥବା ସମୂହ ମାଲିକ ଦ୍ୱାରା ସଂପୂର୍ଣ୍ଣ ରୂପେ ପ୍ରଦାନ କରାଯାଇପାରେ । କିନ୍ତୁ ଏହା ସାଧାରଣତଃ କର୍ମଚାରୀ କିମ୍ବା ସମୂହ ସଦସ୍ୟମାନଙ୍କ ଦ୍ୱାରା ଅଂଶଦାନ ଆଧାରରେ ହୋଇଥାଏ । ଅବଶ୍ୟ, ଏହା ବୀମାକର୍ତ୍ତା ସହିତ କେବଳ

ଗୋଟିଏ ଚୁକ୍ତି ଅଟେ, ଯେଉଁଠି ନିଯୁକ୍ତିଦାତା/ସମୂହ ମାଲିକ ପ୍ରିମିୟମ ଏକତ୍ର କରେ ଏବଂ ଏହାକୁ ଜମା କରେ ଯାହା ସମସ୍ତ ସଦସ୍ୟଙ୍କୁ ସୁରକ୍ଷା ପ୍ରଦାନ କରେ ।

10. ଆଡ୍-ଅନ୍ ଲାଭ

ସଂପୂର୍ଣ୍ଣ ଭାବେ ଯୋଗ୍ୟ ସମୂହ ପଲିସୀଗୁଡିକ ସୁରକ୍ଷା ସବୁ ପ୍ରଦାନ କରନ୍ତି ଯେପରି କି ଦନ୍ତ ସମ୍ବନ୍ଧୀୟ ଯତ୍ନ, ଦୃଷ୍ଟି ଯତ୍ନ, ଏବଂ ସ୍ୱାସ୍ଥ୍ୟ ଯାଞ୍ଚ ର ମୂଲ୍ୟ ଓ ବେଳେ ବେଳେ, ଅତିରିକ୍ତ ପ୍ରିମିୟମ ସହିତ କିମ୍ବା ସମ୍ମାନାର୍ଥ ଲାଭ ରୂପେ ସଙ୍କଟପୂର୍ଣ୍ଣ ରୋଗ ସୁରକ୍ଷା ମଧ୍ୟ ।

ଟିପ୍ପଣୀ :

IRDA ସମୂହ ଦୁର୍ଘଟଣା ଓ ସ୍ୱାସ୍ଥ୍ୟ ସୁରକ୍ଷା ର ସ୍ୱୀକୃତି ଦେବା ପାଇଁ ସର୍ତ୍ତଗୁଡିକ ଉଲ୍ଲେଖ କରିଛନ୍ତି । ଏହା ବ୍ୟକ୍ତିମାନଙ୍କୁ ଅବୈଧ ଏବଂ ଅର୍ଥ ଆୟକାରୀ ସମୂହ ପଲିସୀ ଯୋଜନା ଗୁଡିକରେ ଯୋଗ ଦେବା ପାଇଁ ଠକ/କପଟୀମାନଙ୍କ ଦ୍ୱାରା ବିପଥଗାମୀ ହେବାଠାରୁ ସୁରକ୍ଷା ପ୍ରଦାନ କରେ ।

ଆଧୁନିକ ସମୟରେ ପ୍ରବର୍ତ୍ତନ କରାଯାଇଥିବା ସରକାରୀ ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ସାମୂହିକ ଉତ୍ପାଦସବୁ କୁ ମଧ୍ୟ ସମୂହ ସ୍ୱାସ୍ଥ୍ୟ ସୁରକ୍ଷା ରୂପେ ଶ୍ରେଣୀଭୁକ୍ତ କରାଯାଇପାରେ । ଯେହେତୁ ପଲିସୀଗୁଡିକ ସରକାରଙ୍କ ଦ୍ୱାରା ସମଗ୍ର ଜନସମୁଦାୟ ପାଇଁ କ୍ରୟ କରାଯାଏ ।

ପରିଭାଷା

ସମୂହ ପରିଭାଷାକୁ ନିମ୍ନ ପ୍ରକାରେ ସାରାଂଶକୃତ କରାଯାଇପାରେ:

a) ଏକ ସମୂହ ଏକ ସାଧାରଣ ଉଦ୍ଦେଶ୍ୟ ଥିବା ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରିବା ଉଚିତ୍, ଏବଂ ସମୂହ ସଂଗଠକଙ୍କ ପାଖରେ ସମୂହର ଅଧିକାଂଶ ସଦସ୍ୟଠାରୁ ସେମାନଙ୍କ ପକ୍ଷରୁ ବୀମାର ବ୍ୟବସ୍ଥା କରିବା ପାଇଁ ଅଧିକାର-ପତ୍ର ଥିବା ଉଚିତ୍ ।

b) ବୀମାର ଲାଭ ଉଠାଇବା ଉଦ୍ଦେଶ୍ୟରେ କୌଣସି ସମୂହ ଗଠିତ ହେବା ଉଚିତ୍ ନୁହେଁ ।

c) ଲାଗୁ କରାଯାଉଥିବା ପ୍ରିମିୟମ ଏବଂ ଉପଲବ୍ଧ ଲାଭସବୁ ବୈୟକ୍ତିକ ସଦସ୍ୟମାନଙ୍କୁ ଜାରୀ କରାଯାଇଥିବା ସମୂହ ପଲିସୀରେ ସ୍ପଷ୍ଟ ରୂପେ ସୂଚୀତ ହୋଇଥିବା ଉଚିତ୍ ।

d) ସମୂହ ଡିସ୍କାଉଣ୍ଟସବୁକୁ ବୈୟକ୍ତିକ ସଦସ୍ୟମାନଙ୍କ ଆଡକୁ ବଢ଼ାଇ ଦିଆଯିବା ଉଚିତ୍ ଏବଂ ଲାଗୁ କରାଯାଇଥିବା ପ୍ରିମିୟମ ବୀମା କମ୍ପାନୀ କୁ ଦେବାକୁ ଥିବା ରାଶିଠାରୁ ଅଧିକ ନ ହେବା ଉଚିତ୍ ।

---

2. କର୍ପୋରେଟ୍ ବଫର୍ ଅଥବା ଫ୍ଲୋଟର ସୁରକ୍ଷା

ଅଧିକାଂଶ ସମୂହ ପଲିସୀରେ, ପ୍ରତ୍ୟେକ ପରିବାର ଏକ ନିର୍ଦ୍ଧାରିତ ବୀମା ରାଶି ପାଇଁ ସୁରକ୍ଷା ପ୍ରାପ୍ତ ହୋଇଥାଏ, ଯାହା ଟ. ଏକ ଲକ୍ଷଠାରୁ ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ହୋଇପାରେ । କେତେକ ସ୍ଥିତି ଉତ୍ପନ୍ନ ହୁଏ ଯେଉଁଠି ପରିବାରର ବୀମା ରାଶି ଶେଷ ହୋଇଯାଏ, ବିଶେଷ ରୂପେ ଏକ ପରିବାର ସଦସ୍ୟର ବଡ଼ ରୋଗ ପରିପ୍ରେକ୍ଷୀରେ । ସେ ଭଳି ପରିସ୍ଥିତି ସବୁରେ, ବଫର୍ ସୁରକ୍ଷା ଆରାମ ଦେଇଥାଏ, ଯେଉଁଠି ପରିବାର ବୀମା ରାଶିର ଉପର ଓ ଉର୍ଦ୍ଧ୍ୱରେ ଅତିରିକ୍ତ ଖର୍ଚ୍ଚସବୁକୁ ଏହି ବଫର ରାଶି ଠାରୁ ପୂରଣ କରାଯାଏ ।

ସଂକ୍ଷିପ୍ତରେ କହିବାକୁ ଗଲେ, ବଫର ସୁରକ୍ଷାରେ ଟ. ଦଶ ଲକ୍ଷଠାରୁ ଏକ କୋଟି କିମ୍ବା ଅଧିକ ର ବୀମା ରାଶି ଥିବ । ଥରେ ଏକ ପରିବାର ବୀମା ରାଶି ଶେଷ ହୋଇଗଲେ, ରାଶି ସବୁକୁ ବଫର ଠାରୁ ବାହାର କରାଯାଏ, ଅବଶ୍ୟ ଏହି ଉପଯୋଗ ସାଧାରଣତଃ ବଡ଼ ରୋଗ/ସଙ୍କଟପୂର୍ଣ୍ଣ ରୋଗ ଖର୍ଚ୍ଚ ପର୍ଯ୍ୟନ୍ତ ସୀମିତ ଥାଏ ଯେଉଁଠି କେବଳ ଗୋଟିଏ ହସ୍ପିଟାଲାଇଜେଶନ୍ ବୀମା ରାଶିକୁ ଶେଷ କରିଦିଏ ।

ସେହି ରାଶି ଯାହାକୁ ଏହି ବଫର୍ ଠାରୁ ପ୍ରତ୍ୟେକ ସଦସ୍ୟ ଦ୍ୱାରା ଉପଯୋଗ ହୋଇ ପାରିଥାନ୍ତା, ତାହାକୁ ମଧ୍ୟ ଅନେକ ସମୟରେ ମୂଳ ବୀମା ରାଶି ପର୍ଯ୍ୟନ୍ତ କ୍ୟାପ୍ (ସୀମିତ) କରିଦିଆଯାଏ । ସେ ଭଳି ବଫର ସୁରକ୍ଷାଗୁଡିକୁ ମଧ୍ୟମ ଆକାରର ପଲିସୀଗୁଡିକ ପାଇଁ ଦିଆଯିବା ଉଚିତ୍ ଏବଂ ଜଣେ ବିବେକଶୀଳ ସଙ୍କଟାଙ୍କକ ଅଳ୍ପ ବୀମାରାଶିର ପଲିସୀଗୁଡିକ ପାଇଁ ଏହି ସୁରକ୍ଷା ପ୍ରଦାନ କରି ନ ପାରେ ।

Q. *ବିଶିଷ୍ଟ ଉତ୍ପାଦ*

1. ରୋଗ ସୁରକ୍ଷା

ଏଇ କିଛି ବର୍ଷ ଭିତରେ, କ୍ୟାନସର, ମଧୁମେହ ଭଳି ରୋଗ ବିନିର୍ଦ୍ଦିଷ୍ଟ ସୁରକ୍ଷାସବୁ ମୁଖ୍ୟତଃ ଜୀବନ ବୀମା କମ୍ପାନୀମାନଙ୍କ ଦ୍ୱାରା ଭାରତୀୟ ବଜାରରେ ପ୍ରବର୍ତ୍ତିତ ହୋଇଛି । ସୁରକ୍ଷା ଦୀର୍ଘାବଧି ଅଟେ – 5 ବର୍ଷଠାରୁ 20 ବର୍ଷ ପର୍ଯ୍ୟନ୍ତ ଏବଂ ଏକ ଆରୋଗ୍ୟତା ଲାଭ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି – ବୀମାକର୍ତ୍ତା ଦ୍ୱାରା ଏକ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରାଶି ପ୍ରଦାନ କରାଯାଏ । ରକ୍ତ ଗ୍ଲୁକୋଜ, **LDL**, ରକ୍ତ ଚାପ ଇତ୍ୟାଦି ଭଳି କାରକରେ ଅଧିକ ଉତ୍ତମ ନିୟନ୍ତ୍ରଣ ପାଇଁ ପଲିସୀର ଦ୍ୱିତୀୟ ବର୍ଷ ପରଠାରୁ ହ୍ରାସ କରାଯାଇଥିବା ପ୍ରିମିୟମ ଆକାରରେ ପ୍ରୋତ୍ସାହନ ଅଛି । ଅନ୍ୟ ପକ୍ଷରେ, ନିଷ୍ଫଳ ନିୟନ୍ତ୍ରଣ ପାଇଁ ଏକ ଉଚ୍ଚତର ପ୍ରିମିୟମ ଲାଗୁ କରାଯାଇ ପାରେ ।

2. ମଧୁମେହ ରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେବା ପାଇଁ ପରିକଳ୍ପିତ ଉତ୍ପାଦ

ଏହି ପଲିସୀକୁ 26 ଓ 65 ବର୍ଷ ମଧ୍ୟରେ ଥିବା ବ୍ୟକ୍ତିମାନେ ନେଇ ପାରନ୍ତି ଏବଂ 70 ବର୍ଷ ପର୍ଯ୍ୟନ୍ତ ନୂତନୀକରଣୀୟ ଅଟେ । ବୀମା ରାଶି ଟ. 50,000 ଠାରୁ ଟ. 5,00,000 ର ଶ୍ରେଣୀରେ ରହେ । ପ୍ରକୋଷ୍ଠ ଭଡା ଉପରେ କ୍ୟାପିଙ୍ଗ୍ ପ୍ରଯୁଜ୍ୟ ଅଟେ । ଉତ୍ପାଦଟି ଡାଇବେଟିକ୍ ରେଟିନୋପାଥି (ଚକ୍ଷୁ), ଯକୃତ୍, ଡାଇବେଟିକ୍ ପାଦ, ଡୋନର୍ ଖର୍ଚ୍ଚ ସହିତ ଯକୃତ୍ ପ୍ରତ୍ୟାରୋପଣ ଭଳି ମଧୁମେହ ର ହସ୍ପିଟାଲାଇଜେଶନ୍ ଜଟିଳତାଗୁଡିକ କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ।

ସ୍ୱତଃ ପରୀକ୍ଷଣ କରନ୍ତୁ 1

ଯଦିଓ ହସ୍ପିଟାଲାଇଜେଶନ୍ ପୂର୍ବବର୍ତ୍ତୀ ଖର୍ଚ୍ଚସବୁ ପାଇଁ ସୁରକ୍ଷା ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ଏବଂ ପଲିସୀରେ ନିର୍ଦ୍ଧାରିତ ଥାଏ, ସବୁଠୁ ସାଧାରଣ ସୁରକ୍ଷା ହସ୍ପିଟାଲାଇଜେଶନ୍ ପୂର୍ବବର୍ତ୍ତୀ ______________ ପାଇଁ ଅଛି ।

I. ପନ୍ଦର ଦିନ

II. ତିରିଶ ଦିନ

III. ପଇଁଚାଳିଶ ଦିନ

IV. ଷାଠିଏ ଦିନ

R. *ସ୍ୱାସ୍ଥ୍ୟ ପଲିସୀଗୁଡିକରେ ମୂଖ୍ୟ ସର୍ତ୍ତାବଳୀ*

1. ନେଟୱର୍କ ପ୍ରଦାନକର୍ତ୍ତା

ନେଟୱର୍କ ପ୍ରଦାନକର୍ତ୍ତା ଏକ ଡାକ୍ତରଖାନା/ନର୍ସିଂ ହୋମ୍/ଦିବସ ସେବା କେନ୍ଦ୍ର ଯାହା ବୀମିତ ରୋଗୀଙ୍କୁ ନଗଦହୀନ ଚିକିତ୍ସା ପ୍ରଦାନ କରିବା ପାଇଁ ଏକ ବୀମାକର୍ତ୍ତା/ଟି.ପି.ଏ. ସହିତ ବନ୍ଧନ ଅନ୍ତର୍ଗତ ଥାଏ । ବୀମାକର୍ତ୍ତା / ଟି.ପି.ଏ. ମାନେ ସାଧାରଣତଃ ସେଭଳି ପ୍ରଦାନକର୍ତ୍ତା ମାନଙ୍କ ଠାରୁ ଚାର୍ଜ ଓ ଶୁଳ୍କ ଉପରେ ଅନୁକୂଳ ଡିସ୍କାଉଣ୍ଟ ପାଇଁ କଥାବାର୍ତ୍ତା କରନ୍ତି ଯେଉଁମାନେ ଉତ୍ତମ ସ୍ତରର ସେବା ମଧ୍ୟ ଦିଅନ୍ତି । ରୋଗୀମାନେ ନେଟୱର୍କ ବାହାରର ପ୍ରଦାନକର୍ତ୍ତାମାନଙ୍କ ପାଖକୁ ଯିବା ପାଇଁ ମୁକ୍ତ ଅଟନ୍ତି କିନ୍ତୁ ସେମାନଙ୍କ ପାଇଁ ସାଧାରଣତଃ ଅତି ଉଚ୍ଚତର ଶୁଳ୍କ ଲାଗୁ କରାଯାଏ ।

2. ପସନ୍ଦ କରାଯାଇଥିବା ପ୍ରଦାନକର୍ତ୍ତା ନେଟୱର୍କ (PPN)

ସର୍ବୋତ୍ତମ ମୂଲ୍ୟରେ ଗୁଣବତ୍ତା ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ଏକ ବୀମାକର୍ତ୍ତା ପାଖରେ ଡାକ୍ତରଖାନାଗୁଡିକର ଏକ ପସନ୍ଦକରାଯାଇଥିବା ନେଟୱର୍କ ସୃଷ୍ଟି କରିବାର ବିକଳ୍ପ ରହିଥାଏ । ଯେତେବେଳେ ଅନୁଭୂତି, ଉପଯୋଗ ଓ ସେବା ପ୍ରଦାନର ମୂଲ୍ୟ ଆଧାରରେ ବୀମାକର୍ତ୍ତା ଦ୍ୱାରା ଏହି ସମୂହ କେବଳ କେତେକ କିଛି ମନୋନୀତ ଡାକ୍ତରଖାନା ରେ ସୀମିତ ରହେ, ସେତେବେଳେ ଆମ ପାଖରେ ପସନ୍ଦକରାଯାଇଥିବା ପ୍ରଦାନକର୍ତ୍ତା ନେଟୱର୍କ ରୂପେ ପରିଚିତ ବିକଳ୍ପ ରହେ ।

3. ନଗଦହୀନ ସେବା

ଅନୁଭୂତିରୁ ଜଣାପଡିଛି ଯେ ଋଣର ଗୋଟିଏ କାରଣ ହେଉଛି ରୋଗର ଚିକିତ୍ସା ପାଇଁ ଧାର କରିବା । ଏକ ନଗଦହୀନ ସେବା ବୀମିତ କୁ ଡାକ୍ତରଖାନା ରେ କୌଣସି ଦେୟପ୍ରଦାନ ବିନା ସୁରକ୍ଷାର ସୀମା ପର୍ଯ୍ୟନ୍ତ ଚିକିତ୍ସା ପ୍ରାପ୍ତ କରିବାରେ ସକ୍ଷମ କରେ । ବୀମିତ କୁ ଯାହା ସବୁ କରିବାକୁ ପଡିବ, ତାହା ହେଉଛି ଏକ ନେଟୱର୍କ ଡାକ୍ତରଖାନାରେ ପହଞ୍ଚିବା ଏବଂ ବୀମାର ପ୍ରମାଣ ସ୍ୱରୂପ ତା'ମେଡିକଲ କାର୍ଡ କୁ ଉପସ୍ଥାପିତ କରିବା । ବୀମାକର୍ତ୍ତା ସ୍ୱାସ୍ଥ୍ୟ ସେବାକୁ ଏକ ନଗଦହୀନ ଅଭିଗମନ ରେ ସହାୟତା ପ୍ରଦାନ କରେ ଏବଂ ସ୍ୱୀକାର୍ଯ୍ୟ ରାଶି ପାଇଁ ନେଟୱର୍କ ପ୍ରଦାନକର୍ତ୍ତାଙ୍କୁ ପ୍ରତ୍ୟକ୍ଷ ଭାବେ ଦେୟ ପ୍ରଦାନ କରେ । ଅବଶ୍ୟ, ପଲିସୀ ସୀମା ଠାରୁ ଅଧିକ ରାଶି ପାଇଁ ଏବଂ ପଲିସୀ ସର୍ତ୍ତ ଅନୁସାରେ ଦେୟଯୋଗ୍ୟ ନ ଥିବା ଖର୍ଚ୍ଚ ସବୁ ପାଇଁ ବୀମିତ କୁ ଦେୟ ପ୍ରଦାନ କରିବାକୁ ପଡ଼େ ।

4. ତୃତୀୟ ପକ୍ଷ ପ୍ରଶାସକ (TPA)

ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଏକ ମୂଖ୍ୟ ବିକାଶ ହେଉଛି ତୃତୀୟ ପକ୍ଷ ପ୍ରଶାସକ (TPA) ର ପ୍ରବର୍ତ୍ତନ । ବିଶ୍ୱ ସାରା ବିଭିନ୍ନ ବୀମାକର୍ତ୍ତା ସ୍ୱାସ୍ଥ୍ୟ ବୀମା ଦାବୀଗୁଡିକ ପ୍ରବନ୍ଧ କରିବା ପାଇଁ ସ୍ୱତନ୍ତ୍ର ସଂଗଠନମାନଙ୍କ ସେବାର ଉପଯୋଗ କରନ୍ତି । ଏହି ଏଜେନ୍ସି ଗୁଡିକ **TPA** ରୂପେ ପରିଚିତ ।

ଭାରତରେ, ସେହିସବୁ ସ୍ୱାସ୍ଥ୍ୟ ସେବାର ପ୍ରାବଧାନ ପାଇଁ ଏକ ବୀମାକର୍ତ୍ତା ଦ୍ୱାରା ଏକ TPA କୁ ନିଯୁକ୍ତ କରାଯାଏ ଯାହା ଅନ୍ୟ ଜିନିଷଗୁଡିକ ମଧ୍ୟରେ ଅନ୍ତର୍ଭୁକ୍ତ କରନ୍ତି :

i. ପଲିସୀଧାରୀକୁ ଏକ ପରିଚୟ ପତ୍ର ପ୍ରଦାନ କରିବା ଯାହା ତା' ବୀମା ପଲିସୀର ପ୍ରମାଣ ହୋଇଥାଏ ଏବଂ ଏକ ଡାକ୍ତରଖାନାରେ ଭର୍ତ୍ତି ପାଇଁ ବ୍ୟବହାର କରାଯାଇପାରେ ।

ii. ନେଟୱର୍କ ଡାକ୍ତରଖାନା ଗୁଡିକରେ ଏକ ନଗଦହୀନ ସେବା ପ୍ରଦାନ କରିବା

iii. ଦାବୀ ଗୁଡିକର ପ୍ରୋସେସ୍ କରିବା

TPA ମାନେ ସ୍ୱତନ୍ତ୍ର ସତ୍ତା ଅଟନ୍ତି ଯେଉଁମାନଙ୍କୁ ସ୍ୱାସ୍ଥ୍ୟ ଦାବୀଗୁଡିକର ପ୍ରୋସେସିଙ୍ଗ୍ ଏବଂ ଅନ୍ତିମ ସମାଧାନ କରିବା ପାଇଁ ବୀମାକର୍ତ୍ତାମାନଙ୍କ ଦ୍ୱାରା ନିଯୁକ୍ତ କରାଯାଇଥାଏ । TPA ମାନେ ସ୍ୱାସ୍ଥ୍ୟ ବୀମାଧାରୀମାନଙ୍କୁ ଡାକ୍ତରଖାନା ଭର୍ତ୍ତି ପାଇଁ ବିଶେଷ ପରିଚୟ ପତ୍ରର ଜାରୀ ଠାରୁ ଆରମ୍ଭ କରି ନଗଦ ହୀନ ଆଧାରରେ ହେଉ ଅଥବା କ୍ଷତିପୂର୍ତ୍ତି ଆଧାରରେ ହେଉ ଦାବୀସବୁର ସମାଧାନ ପର୍ଯ୍ୟନ୍ତ ସେବା ପ୍ରଦାନ କରନ୍ତି ।

ତୃତୀୟ ପକ୍ଷ ପ୍ରଶାସକମାନଙ୍କୁ ବର୍ଷ 2001 ରେ ଆରମ୍ଭ କରାଯାଉଥିଲା । ସେମାନେ **IRDAI** ଦ୍ୱାରା ଲାଇସେନ୍ସ ପ୍ରାପ୍ତ ଏବଂ ନିୟନ୍ତ୍ରିତ/ପରିଚାଳିତ ହୁଅନ୍ତି ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ଅଧିକାର ପ୍ରାପ୍ତ ଅଟନ୍ତି । ଏକ **TPA** ରୂପେ ଯୋଗ୍ୟତା ପ୍ରାପ୍ତ କରିବା ପାଇଁ ସର୍ବନିମ୍ନ ପୁଞ୍ଜି ଏବଂ ଅନ୍ୟାନ୍ୟ ସର୍ତ୍ତଗୁଡିକୁ **IRDAI** ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

ଏ ପ୍ରକାରେ ସ୍ୱାସ୍ଥ୍ୟ ଦାବୀ ସେବାକୁ ବର୍ତ୍ତମାନ ବୀମାକର୍ତ୍ତା ଦ୍ୱାରା, ସଂଗ୍ରହ କରାଯାଇଥିବା ପ୍ରିମିୟମର ପାଞ୍ଚ-ଛଅ ପ୍ରତିଶତ ର ପାରିଶ୍ରମିକ ରେ, TPA ମାନଙ୍କୁ ଆଉଟ୍ସୋର୍ସ କରାଯାଇଥାଏ ।

ତୃତୀୟ ପକ୍ଷ ପ୍ରଶାସକ ମାନେ ଡାକ୍ତରଖାନା କିମ୍ବା ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀମାନଙ୍କ ସହିତ ଏକ MOU ରେ ପ୍ରବେଶ କରନ୍ତି ଏବଂ ସୁନିଶ୍ଚିତ କରନ୍ତି ଯେ କୌଣସି ବ୍ୟକ୍ତି ଯିଏ ନେଟୱର୍କ ଡାକ୍ତରଖାନାଗୁଡିକରେ ଚିକିତ୍ସା ପ୍ରାପ୍ତ ହୁଏ, ତାକୁ ନଗଦହୀନ ସେବା ଦିଆଯାଏ । ସେମାନେ ବୀମାକର୍ତ୍ତା (ମାନଙ୍କ) ଏବଂ ବୀମିତ (ମାନଙ୍କ) ମଧ୍ୟରେ ମଧ୍ୟସ୍ଥ ଅଟନ୍ତି, ଯିଏ ଡାକ୍ତରଖାନାମାନଙ୍କ ସହିତ ସମନ୍ୱୟ ସ୍ଥାପନ କରନ୍ତି ଏବଂ ସ୍ୱାସ୍ଥ୍ୟ ଦାବୀଗୁଡିକର ଅନ୍ତିମ ସମାଧାନ କରନ୍ତି ।

5. ଡାକ୍ତରଖାନା

ଏକ ଡାକ୍ତରଖାନା (ହସ୍ପିଟାଲ) ର ଅର୍ଥ ହେଉଛି ରୋଗ (ଅସୁସ୍ଥତା) ଏବଂ/କିମ୍ବା କ୍ଷତ ର ଆନ୍ତଃ – ରୋଗୀ ସେବା ଓ ଦିବସ ସେବା ଚିକିତ୍ସା ପାଇଁ ସ୍ଥାପନ କରାଯାଇଥିବା କୌଣସି ସଂସ୍ଥାନ ଏବଂ ଯାହାକୁ ସ୍ଥାନୀୟ ପ୍ରାଧିକରଣ ସହିତ ପଞ୍ଜିକୃତ ହୋଇଥିବ, ଯେଉଁଠି ପ୍ରଯୁଜ୍ୟ ଅଟେ, ଏବଂ ଏକ ପଞ୍ଜିକୃତ ଓ ଯୋଗ୍ୟତାପ୍ରାପ୍ତ ମେଡିକଲ ପ୍ରାକ୍ଟିଶନର୍ ଙ୍କ ତତ୍ତ୍ୱାବଧାନ ଅଧୀନରେ ଥିବ ଏବଂ ନିମ୍ନରେ ଦିଆଯାଇଥିବା ଭଳି ସମସ୍ତ ସର୍ବନିମ୍ନ ମାପଦଣ୍ଡ କୁ ନିଶ୍ଚିତ ରୂପେ ଅନୁପାଳନ କରୁଥିବ:

a) ଏଥିରେ 10,00,000 ଠାରୁ କମ୍ ଲୋକସଂଖ୍ୟା ଥିବା ସହରଗୁଡିକରେ ଅନ୍ୟୁନ 10 ଆନ୍ତଃରୋଗୀ ଶଯ୍ୟା ଏବଂ ଅନ୍ୟ ସବୁ ସ୍ଥାନରେ ଅନ୍ୟୁନ 15 ଆନ୍ତଃରୋଗୀ ଶଯ୍ୟା ଥିବ;
b) ଏହାର ନିଯୁକ୍ତି ଅନ୍ତର୍ଗତ 24 ଘଣ୍ଟା ଧରି ଯୋଗ୍ୟତାପ୍ରାପ୍ତ ନର୍ସିଂ ଷ୍ଟାଫ୍ ଥିବେ;
c) 24 ଘଣ୍ଟା ଧରି ଯୋଗ୍ୟତା ପ୍ରାପ୍ତ ମେଡିକଲ ପ୍ରାକ୍ଟିଶନର (ମାନେ) ଥିବେ;
d) ଏହାର ନିଜର ଏକ ସଂପୂର୍ଣ୍ଣ ରୂପେ ସୁସଜ୍ଜିତ ଅପରେଶନ ଥିଏଟର ଥିବ ଯେଉଁଠି ଶଲ୍ୟ ଚିକିତ୍ସା (ସର୍ଜିକଲ) ପ୍ରକ୍ରିୟା ସଂପାଦନ କରାଯାଏ ;
e) ରୋଗୀମାନଙ୍କର ଦୈନିକ ରେକର୍ଡ ରଖେ ଏବଂ ଏଗୁଡିକୁ ବୀମା କମ୍ପାନୀର ପ୍ରାଧିକୃତ କର୍ମକର୍ତ୍ତାଙ୍କ ପାଇଁ ଅଭିଗମ୍ୟ କରିବ ।

6. ମେଡିକଲ ପ୍ରାକ୍ଟିଶନର

ଏକ ମେଡିକଲ ପ୍ରାକ୍ଟିଶନର ହେଉଛି ଜଣେ ବ୍ୟକ୍ତି ଯିଏ ଭାରତର ଯେ କୌଣସି ରାଜ୍ୟର ମେଡିକଲ କାଉନ୍ସିଲ ଠାରୁ ପ୍ରାପ୍ତ ଏକ ବୈଧ ପଞ୍ଜୀକରଣ ଧାରଣ କରିଥାଏ ଏବଂ ତା' ଦ୍ୱାରା ଏହାର କ୍ଷେତ୍ରାଧିକାର ମଧ୍ୟରେ ଡାକ୍ତରୀ ବ୍ୟବସାୟ କରିବାକୁ ଅଧିକାରପ୍ରାପ୍ତ ହୋଇଥାଏ; ଏବଂ ତା' ଲାଇସେନ୍ସର ପରିସର ଓ କ୍ଷେତ୍ରାଧିକାର ମଧ୍ୟରେ କାର୍ଯ୍ୟ କରୁଥାଏ । ଅବଶ୍ୟ, ବୀମା କମ୍ପାନୀମାନେ ଏହି ପ୍ରତିବନ୍ଧ ଲଗାଇବା ପାଇଁ ମୁକ୍ତ ଅଟନ୍ତି ଯେ ପଞ୍ଜିକୃତ ପ୍ରାକ୍ଟିଶନର ବୀମିତ କିମ୍ବା କୌଣସି ନିକଟ ପରିବାର ସଦସ୍ୟ ନ ହେବା ଉଚିତ୍ ।

7. ଯୋଗ୍ୟତାପ୍ରାପ୍ତ ନର୍ସ

ଯୋଗ୍ୟତାପ୍ରାପ୍ତ ନର୍ସ ର ଅର୍ଥ ହେଉଛି ଏକ ବ୍ୟକ୍ତି ଯିଏ ଭାରତୀୟ ନର୍ସିଂ କାଉନ୍ସିଲ କିମ୍ବା ଭାରତର ଯେ କୌଣସି ରାଜ୍ୟର ନର୍ସିଂ କାଉନ୍ସିଲ ଠାରୁ ପ୍ରାପ୍ତ ଏକ ବୈଧ ପଞ୍ଜିକରଣ ଧାରଣ କରିଥାଏ ।

8. ଯୁକ୍ତିଯୁକ୍ତ ଏବଂ ଆବଶ୍ୟକ ଖର୍ଚ୍ଚ

ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ସର୍ବଦା ଏହି ଅନୁଚ୍ଛେଦ କୁ ସମ୍ମିଳିତ କରେ ଯେହେତୁ ପଲିସୀ ସେହି ଖର୍ଚ୍ଚସବୁର କ୍ଷତିପୂର୍ତ୍ତି ପ୍ରଦାନ କରେ ଯାହା ଏକ ନିର୍ଦ୍ଦିଷ୍ଟ ଭୌଗଳିକ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ରୋଗର ଚିକିତ୍ସା ପାଇଁ ଯଥାର୍ଥ ଅଟେ ବୋଲି ମନେ କରାଯିବ ।

ଏକ ସାଧାରଣ ପରିଭାଷା ହୋଇପାରେ କରାଯାଇଥିବା ସେହିସବୁ ଚାର୍ଜ ଯାହା ସେହି ସ୍ଥିତି ର ଚିକିତ୍ସା କରିବାକୁ ଚିକିତ୍ସାଶାସ୍ତ୍ର ଅନୁରୂପ ଆବଶ୍ୟକ ଅଟେ, ସେହି ସ୍ଥାନ ଯେଉଁଠି ଏହା କରାଯାଇଥିଲା, ସେଇଠି ସେ ଭଳି ଚିକିତ୍ସା ପାଇଁ କରାଯାଇଥିବା ସାଧାରଣ ସ୍ତରର ଚାର୍ଜ ଠାରୁ ଅଧିକ ହୁଏ ନାହିଁ ଏବଂ ସେହି ସବୁ ଚାର୍ଜ କୁ ଅନ୍ତର୍ଭୁକ୍ତ କରେ ନାହିଁ ଯାହା କରାଯାଇ ନ ଥାନ୍ତା ଯଦି କୌଣସି ବୀମା ନ ଥାଆନ୍ତା ।

IRDAI ସେବା କିମ୍ବା ବିତରଣ ପାଇଁ ଚାର୍ଜ ରୂପେ ଉପଯୁକ୍ତ ଚାର୍ଜ ନିର୍ଦ୍ଧାରିତ କରନ୍ତି, ଯେଉଁଗୁଡିକ ନିର୍ଦ୍ଦିଷ୍ଟ ପ୍ରଦାନକାରୀ ପାଇଁ ମାନକ ଚାର୍ଜ ହୋଇଥାଏ ଏବଂ ସଂପୃକ୍ତ ରୋଗ/କ୍ଷତ ର ସ୍ୱରୂପକୁ ବିଚାରକୁ ନେଇ, ସେହି ସମାନ କିମ୍ବା ସଦୃଶ୍ୟ ସେବାଗୁଡିକ ପାଇଁ ଭୌଗଳିକ କ୍ଷେତ୍ରରେ ପ୍ରଚଳିତ ଚାର୍ଜଗୁଡିକ ସହିତ ସୁସଂଗତ ହୋଇଥାଏ ।

ଏହି ଅନୁଚ୍ଛେଦ ବୀମାକର୍ତ୍ତାଙ୍କୁ ପ୍ରଦାନକାରୀ ଦ୍ୱାରା ଦିଆଯାଇଥିବା ବିଲ୍ ର ବୃଦ୍ଧି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ ଏବଂ ବୀମିତକୁ ମଧ୍ଯ ସାଧାରଣ ରୋଗ ର ଚିକିତ୍ସା ପାଇଁ ଉଚ୍ଚ ସ୍ତରର ଡାକ୍ତରଖାନାକୁ ଯିବାରୁ ନିବାରଣ କରେ, ଯାହାକୁ ଅନ୍ୟଥା ଯଥାର୍ଥ ରୂପେ କମ୍ ମୂଲ୍ୟରେ କରାଯାଇ ପାରିଥାନ୍ତା ।

9. ଦାବୀ ର ସୂଚନା

ପ୍ରତ୍ୟେକ ବୀମା ପଲିସୀ ଦାବୀର ତୁରନ୍ତ ସୂଚନା ଓ ଦସ୍ତାବିଜ ଉପସ୍ଥାପନା ପାଇଁ ବିନିର୍ଦ୍ଦିଷ୍ଟ ସମୟ ସୀମା ର ପ୍ରାବଧାନ ରଖେ । ସ୍ୱାସ୍ଥ୍ୟ ବୀମା ପଲିସୀ ଗୁଡିକରେ, ଯେଉଁଠି ଗ୍ରାହକ ନଗଦହୀନ ସୁବିଧା ଇଚ୍ଛା କରେ, ହସ୍ପିଟାଲାଇଜେଶନ ର ଉଚିତ୍ ସମୟ ପୂର୍ବରୁ ସୂଚନା ଦିଆଯାଏ, ଅବଶ୍ୟ କ୍ଷତିପୂର୍ତ୍ତି ଦାବୀଗୁଡିକ କ୍ଷେତ୍ରରେ, ବୀମିତ ବେଳେବେଳେ ଦାବୀର ବୀମାକର୍ତ୍ତାମାନଙ୍କୁ ସୂଚୀତ କରିବା ଆବଶ୍ୟକ ମନେ କରେ ନାହିଁ ଏବଂ ଦସ୍ତାବିଜ ଗୁଡିକୁ ଅନେକ ଦିନ/ମାସର ବିତି ଯିବା ପରେ ଜମା କରେ । ବିଲ ଗୁଡିକୁ ଜମା କରିବାରେ ବିଳମ୍ବର ପରିଣାମ ବିଲ ସବୁର ସ୍ଫୀତି, ବୀମିତ/ ଡାକ୍ତରଖାନା ଦ୍ୱାରା ଛଳ କପଟ ଇତ୍ୟାଦି ହୋଇଥାଏ । ଏହା ବୀମା କମ୍ପାନୀ ଦ୍ୱାରା ଦାବୀଗୁଡିକ ପାଇଁ ଠିକ୍ ପ୍ରାବଧାନ କରିବାକୁ ମଧ୍ୟ ପ୍ରଭାବିତ କରେ । ତେଣୁ ବୀମା କମ୍ପାନୀମାନେ ସାଧାରଣତଃ ଦାବୀଗୁଡିକର ତୁରନ୍ତ ସୂଚନା ଉପରେ ଜୋର ଦିଅନ୍ତି । ଦାବୀ ଦସ୍ତାବିଜ ଗୁଡିକର ଜମା ପାଇଁ ସମୟ ସୀମାକୁ ସାମାନ୍ୟତଃ ଡିସ୍ଚାର୍ଜର ତାରିଖଠାରୁ 15 ଦିନରେ ନିର୍ଦ୍ଧାରିତ କରାଯାଏ । ଏହା ଦାବୀଗୁଡିକର ତୁରନ୍ତ ଓ ସଠିକ୍ ରିପୋର୍ଟ କରିବାପାଇଁ ସକ୍ଷମ କରେ, ଏବଂ ବୀମାକର୍ତ୍ତାଙ୍କୁ ଅନୁସନ୍ଧାନ କରିବା ପାଇଁ, ଯେଉଁଠି ବି ଆବଶ୍ୟକ ହୁଏ, ମଧ୍ୟ ସକ୍ଷମ କରେ ।

IRDA ମାର୍ଗଦର୍ଶିକା ଏହି ସର୍ତ୍ତ ରଖେ ଯେ ନିର୍ଦ୍ଧାରିତ ସମୟ ବାହାରେ ଦାବୀ ସୂଚନା/କାଗଜପତ୍ର ଜମା କୁ ବିଚାର କରାଯିବା ଉଚିତ୍ ଯଦି ତାହା ପାଇଁ ଏକ ତର୍କସଙ୍ଗତ କାରଣ ଥାଏ ।

10. ମୁକ୍ତ ସ୍ୱାସ୍ଥ୍ୟ ଯାଞ୍ଚ

ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀସବୁରେ, ଏକ ଦାବୀ ମୁକ୍ତ ପଲିସୀଧାରୀଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ଦେବା ପାଇଁ ସାଧାରଣତଃ ଏକ ପ୍ରାବଧାନ ଉପଲବ୍ଧ ଥାଏ । ଅନେକ ପଲିସୀ ଚାରୋଟି ଅବିଚ୍ଛିନ୍ନ, ଦାବୀ ବିହୀନ ପଲିସୀ ଅବଧିର ସମାପ୍ତିରେ ସ୍ୱାସ୍ଥ୍ୟ ପରୀକ୍ଷଣ ର ମୂଲ୍ୟର କ୍ଷତିପୂର୍ତ୍ତି ପାଇଁ ପ୍ରାବଧାନ ରଖିଥାନ୍ତି । ଏହାକୁ ସାଧାରଣତଃ ପୂର୍ବବର୍ତ୍ତୀ ତିନି ବର୍ଷର ହାରାହାରି ବୀମା ରାଶିର 1% ରେ ସୀମିତ ରଖାଯାଏ ।

11. ସଂଚିତ ବୋନସ

ଏକ ଦାବୀ ମୁକ୍ତ ପଲିସୀଧାରୀ କୁ ପ୍ରୋତ୍ସାହିତ କରିବାର ଅନ୍ୟ ଏକ ଉପାୟ ହେଉଛି ପ୍ରତ୍ୟେକ ଦାବୀ ବିହୀନ ବର୍ଷ ପାଇଁ ବୀମା ରାଶି ଉପରେ ଏକ ସଂଚିତ ବୋନସ ପ୍ରଦାନ କରିବା । ଏହାର ଅର୍ଥ ହେଉଛି ଯେ ବୀମା ରାଶି ନୂତନୀକରଣ ରେ ଏକ ନିଶ୍ଚିତ ପ୍ରତିଶତ, ଧରନ୍ତୁ ବାର୍ଷିକ 5% ରେ ବୃଦ୍ଧି ପ୍ରାପ୍ତ ହୁଏ ଏବଂ ଦଶ ଦାବୀ-ବିହୀନ ନୂତନୀକରଣ ପାଇଁ ସର୍ବାଧିକ 50% ପର୍ଯ୍ୟନ୍ତ ଅନୁମୋଦିତ ହୁଏ । ବୀମିତ ମୂଳ ବୀମା ରାଶି ପାଇଁ ପ୍ରିମିୟମ ପ୍ରଦାନ କରେ ଏବଂ ଏକ ଉଚ୍ଚତର ସୁରକ୍ଷା ଉପଭୋଗ କରେ ।

IRDAI ମାର୍ଗଦର୍ଶିକା ଅନୁସାରେ, ସଂଚିତ ବୋନସ କେବଳ କ୍ଷତିପୂର୍ତ୍ତି ଆଧାରିତ ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକ ଉପରେ ପ୍ରଦାନ କରାଯାଇ ପାରେ ଏବଂ ଲାଭ ପଲିସୀଗୁଡିକ ଉପରେ (PA ପଲିସୀଗୁଡିକ ବ୍ୟତୀତ) ନୁହେଁ । ସଂଚିତ ବୋନସର ସଂଚାଳନ ବିଷୟରେ ବିବରଣୀ ପୁସ୍ତିକା ଓ ପଲିସୀ ଦସ୍ତାବିଜରେ ସ୍ପଷ୍ଟ ରୂପେ ଉଲ୍ଲିଖିତ ହେବା ଉଚିତ୍ । ଏହା ଉପରେ, ଯଦି ଦାବୀ କୌଣସି ନିର୍ଦ୍ଦିଷ୍ଟ ବର୍ଷରେ କରାଯାଏ, ଉପାର୍ଜିତ ହୋଇଥିବା ସଂଚିତ ବୋନସ କୁ ସେହି ସମାନ ହାରରେ ହ୍ରାସ କରାଯାଇପାରେ ଯେଉଁ ହାରରେ ଏହା ଉପାର୍ଜିତ ହୋଇଥାଏ ।

ଉଦାହରଣ

ଏକ ବ୍ୟକ୍ତି ଟ 5.000 ର ପ୍ରିମିୟମରେ ଟ. 3 ଲକ୍ଷ ପାଇଁ ଏକ ପଲିସୀ ନିଏ । ଦ୍ୱିତୀୟ ବର୍ଷରେ, ପ୍ରଥମ ବର୍ଷରେ ଦାବୀ ନ ଥିବା ପରିପ୍ରେକ୍ଷୀରେ, ସେ ଟ 5,000 ର ସେହି ଏକା ପ୍ରିମିୟମରେ ଟ. 3.15 ଲକ୍ଷ ପୂର୍ବବର୍ତ୍ତୀ ବର୍ଷଠାରୁ 5 % ଅଧିକ ର ବୀମା ରାଶି ପ୍ରାପ୍ତ ହୁଏ । ଏହା ଏକ ଦଶ ବର୍ଷର ଦାବୀ ମୁକ୍ତ ନୂତନୀକରଣ ଉପରେ ଟ. 4.5 ଲକ୍ଷ ପର୍ଯ୍ୟନ୍ତ ବଢ଼ିପାରେ ।

12. ମାଲସ୍ / ବୋନସ

ଯେମିତି ସ୍ୱାସ୍ଥ୍ୟ ପଲିସୀକୁ ଦାବୀ ଠାରୁ ମୁକ୍ତ ରଖିବା ପାଇଁ ଏକ ପ୍ରୋତ୍ସାହନ ଅଛି, ଠିକ୍ ସେମିତି ତା' ବିପରୀତ କୁ ମାଲସ୍ କୁହାଯାଏ । ଏଇଠି, ଯଦି ଏକ ପଲିସୀ ଅନ୍ତର୍ଗତ ଦାବୀଗୁଡିକ ଅତି ଅଧିକ ହୁଅନ୍ତି, ନୂତନୀକରଣ ସମୟରେ ଏକ ମାଲସ୍ କିମ୍ବା ପ୍ରିମିୟମର ଲୋଡିଙ୍ଗ୍ ସଂଗ୍ରହ କରାଯାଏ ।

ଏହା ଦୃଷ୍ଟିରେ ରଖି କି ସ୍ୱାସ୍ଥ୍ୟ ପଲିସୀ ଏକ ସାମାଜିକ ଲାଭ ପଲିସୀ ଅଟେ, ଏ ପର୍ଯ୍ୟନ୍ତ ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀଗୁଡିକରେ ମାଲସ୍ ଲାଗୁ କରାଯାଇ ନାହିଁ ।

ଅବଶ୍ୟ, ସମୂହ ପଲିସୀଗୁଡିକରେ, ଦାବୀ ଅନୁପାତ କୁ ଉଚିତ୍ ସୀମା ମଧ୍ୟରେ ରଖିବା ପାଇଁ ଯଥାର୍ଥ ରୂପେ ମୋଟ ପ୍ରିମିୟମରେ ଲୋଡିଙ୍ଗ ଆକାରରେ ମାଲସ୍ ଲାଗୁ କରାଯାଏ । ଅନ୍ୟ ପକ୍ଷରେ, ଯଦି ଅନୁଭୂତି ଉତ୍ତମ ହୁଏ, ପ୍ରିମିୟମ ଦରରେ ଏକ ଡିସ୍କାଉଣ୍ଟ ସ୍ୱୀକୃତ ହୁଏ ଯାହା ବୋନସ ରେ ପରିବର୍ତ୍ତିତ ହୋଇଥାଏ ।

13. ଅଣ ଦାବୀ ଡିସ୍କାଉଣ୍ଟ

କେତେକ ଉତ୍ପାଦ ବୀମା ରାଶି ଉପରେ ଏକ ବୋନସ ଦେବା ପରିବର୍ତ୍ତେ ପ୍ରତ୍ୟେକ ଦାବୀ ବିହୀନ ବର୍ଷ ପାଇଁ ପ୍ରିମିୟମ ଉପରେ ଏକ ଡିସ୍କାଉଣ୍ଟ ପ୍ରଦାନ କରନ୍ତି ।

14. କୋ-ପେମେଣ୍ଟ/କୋ-ଶେୟରିଙ୍ଗ୍

କୋ-ପେମେଣ୍ଟ ହେଉଛି ଏକ ସ୍ୱାସ୍ଥ୍ୟ ପଲିସୀ ଅନ୍ତର୍ଗତ ପ୍ରତ୍ୟେକ ଦାବୀରେ ବୀମିତ ଏକ ଅଂଶ ଧାରଣ କରୁଥିବାର ସିଦ୍ଧାନ୍ତ । ଏହା ଉତ୍ପାଦ ଆଧାରରେ ଅନିବାର୍ଯ୍ୟ କିମ୍ବା ସ୍ୱେଚ୍ଛାକୃତ ହୋଇପାରେ । କୋ-ପେମେଣ୍ଟ ଅନାବଶ୍ୟକ ହସ୍ପିଟାଲାଇଜେଶନ କୁ ଏଡାଇବା ପାଇଁ ବୀମିତ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଅନୁଶାସନ ଆଣିଥାଏ ।

ବଜାରରେ ଉପଲବ୍ଧ କେତେକ ଉତ୍ପାଦରେ କେବଳ କେତେକ ରୋଗ ଯେପରିକି ବଡ଼ ବଡ଼ ସର୍ଜରୀ, କିମ୍ବା ସାଧାରଣଭାବେ ହେଉଥିବା ସର୍ଜରୀ, କିମ୍ବା ଏକ ନିର୍ଦ୍ଦିଷ୍ଟ ଆୟୁଠାରୁ ଅଧିକ ଥିବା ବ୍ୟକ୍ତିମାନଙ୍କ ପରିପ୍ରେକ୍ଷୀରେ କୋ-ପେମେଣ୍ଟ ଅନୁଚ୍ଛେଦ ରହିଛି ।

15. କାଟଯୋଗ୍ୟ / ଅତିରିକ୍ତ

ଆହୁରି ମଧ୍ୟ, ସ୍ୱାସ୍ଥ୍ୟ ପଲିସୀରେ, ଅତିରିକ୍ତ ରୂପେ ପରିଚିତ, ଏହା ହେଉଛି ନିର୍ଦ୍ଦିଷ୍ଟ ଅର୍ଥ ରାଶି ଯାହାକୁ ବୀମାକର୍ତ୍ତା ଦ୍ୱାରା ଦାବୀର ପ୍ରଦାନ ପୂର୍ବରୁ ବୀମିତକୁ ପ୍ରାରମ୍ଭିକ ରୂପେ ପ୍ରଦାନ କରିବାର ଆବଶ୍ୟକତା ଥାଏ । ଉଦାହରଣ ସ୍ୱରୂପ, ଯଦି ଏକ ପଲିସୀରେ କାଟଯୋଗ୍ୟ ଟ. 10, 000 ହୋଇଥାଏ, ବୀମିତ ଦାବୀ କରାଯାଇଥିବା ପ୍ରତ୍ୟେକ ବୀମିତ ହାନି ପାଇଁ ପ୍ରଥମେ ଟ. 10, 000 ପ୍ରଦାନ କରିଥାଏ । ଏହାକୁ ଉଦାହରଣ ଦ୍ୱାରା ବ୍ୟାଖ୍ୟା କରିବାକୁ ଗଲେ, ଯଦି ଦାବୀ ଟ. 80, 000 ପାଇଁ ହୋଇଥାଏ, ବୀମିତ ପ୍ରଥମ ଟ 10, 000 ବହନ କରିଥାଏ ଏବଂ ବୀମାକର୍ତ୍ତା ଟ. 70, 000 ପ୍ରଦାନ କରିଥାଏ ।

ଡାକ୍ତରଖାନା ନଗଦ ପଲିସୀଗୁଡିକରେ କାଟଯୋଗ୍ୟ ଏକ ବିନିର୍ଦ୍ଦିଷ୍ଟ ସଂଖ୍ୟକ ଦିନ/ଘଣ୍ଟା ମଧ୍ୟ ହୋଇପାରେ ଯାହାକୁ ବୀମାକର୍ତ୍ତା ଦ୍ୱାରା କୌଣସି ଲାଭ ଦେୟ ହେବା ପୂର୍ବରୁ ଲାଗୁ କରାଯିବ ।

16. କୋଠରୀ ଭଡା ପ୍ରତିବନ୍ଧ

ଯେତେବେଳେ କେତେକ ଉତ୍ପାଦ ଓପନ୍-ଏଣ୍ଡେଡ୍ ଅଟନ୍ତି ଯେଉଁଥିରେ ଏକ ଦାବୀ ଘଟଣାରେ ଦେୟଯୋଗ୍ୟ ସର୍ବାଧିକ ରାଶି ବୀମା ରାଶି ହୋଇଥାଏ, କେତେକ ଉତ୍ପାଦ ଆଜିକାଲି ଏହାକୁ ବୀମା ରାଶି ସହିତ ସଂଯୁକ୍ତ କରି ବୀମିତ ଚୟନ କରିଥିବା କୋଠରୀ ବର୍ଗ ଉପରେ ପ୍ରତିବନ୍ଧ ଲଗାଇଥାନ୍ତି । ଅନୁଭୂତିରୁ ଜଣାପଡେ ଯେ ହସ୍ପିଟାଲାଇଜେଶନ ର ସମୟ ଖର୍ଚ୍ଚ କୋଠରୀ ଭଡାର ଅନୁଗାମୀ ହୁଏ, ଅଧିକ କୋଠରୀ ଭଡା ଖର୍ଚ୍ଚଗୁଡିକର ସମସ୍ତ ଶୀର୍ଷକ ଅନ୍ତର୍ଗତ ଆନୁପାତିକ ରୂପେ ଅଧିକ ଚାର୍ଜ ଆଡକୁ ଗତି କରାଏ । ତେଣୁ ଏକ ଲକ୍ଷର ବୀମା ରାଶି ଥିବା ଏକ ବ୍ୟକ୍ତି ଟ 1, 000 ପ୍ରତିଦିନ ର ଏକ କୋଠରୀ ପାଇଁ ଅଧିକାରୀ ହେବ ଯଦି ପଲିସୀରେ ପ୍ରତ୍ୟେକ ଦିନ ପାଇଁ ବୀମାରାଶିର 1% ର କୋଠରୀ ଭଡା ପ୍ରତିବନ୍ଧ ଥାଏ । ଏହା ସ୍ୱଷ୍ଟ ରୂପେ ସୂଚୀତ କରେ ଯେ ଯଦି ଜଣେ ଉଚ୍ଚ ଶ୍ରେଣୀର ଡାକ୍ତରଖାନାଗୁଡିକରେ ଲଗଜରୀ ଚିକିତ୍ସା ପାଇଁ ପସନ୍ଦ କରେ, ତେବେ ପଲିସୀକୁ ମଧ୍ୟ ଯଥାର୍ଥ ପ୍ରିମିୟମରେ ଉଚ୍ଚ ବୀମା ରାଶି ପାଇଁ କ୍ରୟ କରାଯିବା ଉଚିତ୍ ।

17. ନୂତନୀକରଣୀୟତା ଅନୁଚ୍ଛେଦ

ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକର ନୂତନୀକରଣୀୟତା ଉପରେ ଆଇ.ଆର୍.ଡି.ଏ. ମାର୍ଗଦର୍ଶିକା ସ୍ୱାସ୍ଥ୍ୟ ପଲିସୀଗୁଡିକର ଆଜୀବନ ଗ୍ୟାରେଣ୍ଟିଯୁକ୍ତ ନୂତନୀକରଣ କୁ ଅନିବାର୍ଯ୍ୟ କରେ । ଏକ ବୀମା କମ୍ପାନୀ ନୂତନୀକରଣ ପାଇଁ ବୀମା ପ୍ରାପ୍ତ କରିବାରେ କିମ୍ବା ତତ୍ପଶ୍ଚାତ୍ ସେ ସମ୍ବନ୍ଧୀୟ କୌଣସି ବିଷୟରେ ବୀମିତ କିମ୍ବା ତାଙ୍କ ପକ୍ଷର ବ୍ୟକ୍ତି ଦ୍ୱାରା କପଟ କିମ୍ବା ଭୁଲଚିତ୍ରଣ କିମ୍ବା ଲୁଚାଇ ରଖିବା କାରଣ ଯୋଗୁଁ କେବଳ ଅସ୍ୱୀକାର କରି ପାରେ ।

18. ରଦ୍ଦକରଣ ଅନୁଚ୍ଛେଦ

ରଦ୍ଦକରଣ ଅନୁଚ୍ଛେଦ କୁ ମଧ୍ୟ ବିନିୟାମକ ପ୍ରାବଧାନ ଦ୍ୱାରା ମାନକୀକରଣ କରାଯାଇଛି ଏବଂ ଏକ ବୀମା କମ୍ପାନୀ ବୀମିତ ଦ୍ୱାରା ଭୂଲ ଚିତ୍ରଣ, କପଟ କିମ୍ବା ଆବଶ୍ୟକୀୟ ତଥ୍ୟର ଅଣ-ପ୍ରକଟୀକରଣ କାରଣରୁ କେବଳ ପଲିସୀକୁ କୌଣସି ସମୟରେ ବି ରଦ୍ଦ କରିପାରେ ।

ବୀମିତକୁ ତା' ସର୍ବଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରିକୃତ A/D ଦ୍ୱାରା ଅନ୍ୟୂନ ପନ୍ଦର ଦିନର ଲିଖିତ ଆକାରରେ ସୂଚନାର ଆବଶ୍ୟକତା ଥାଏ । ଯେଉଁଠି ଏକ ପଲିସୀକୁ ବୀମାକର୍ତ୍ତାଦ୍ୱାରା ରଦ୍ଦ କରାଯାଏ, କମ୍ପାନୀ ବୀମିତ କୁ ସର୍ବଶେଷ ପ୍ରିମିୟମ ର କିଛି ଅନୁପାତ ଫେରସ୍ତ କରିବ ଯାହା ବୀମାର ଅସମାପ୍ତ ଅବଧି ର ଅନୁରୂପ ହୋଇଥାଏ, ଯଦି ପଲିସୀ ଅନ୍ତର୍ଗତ କୌଣସି ଦାବୀ ପ୍ରଦାନ କରା ଯାଇ ନ ଥିବ ।

ବୀମିତ ଦ୍ୱାରା କରାଯାଇଥିବା ରଦ୍ଦକରଣ ଘଟଣାରେ, ପ୍ରିମିୟମ ଫେରସ୍ତ ଅଳ୍ପାବଧି ଦର ଉପରେ ହୋଇଥାଏ, ଯାହାର ଅର୍ଥ ହେଉଛି ବୀମିତ ପ୍ରୋ-ରାଟା ଅପେକ୍ଷା କମ୍ ପ୍ରତିଶତର ପ୍ରିମିୟମ ଫେରସ୍ତ ପାଇବ । ଯଦି ଏକ ଦାବୀ କରାଯାଇଥାଏ, କୌଣସି ଫେରସ୍ତ ଦିଆଯିବ ନାହିଁ ।

19. ମୁକ୍ତ ଲୁକ୍-ଇନ୍ ଅବଧି

ଯଦି ଏକ ଗ୍ରାହକ ଏକ ନୂତନ ବୀମା ପଲିସୀ କ୍ରୟ କରିଛି ଓ ପଲିସୀ ଦସ୍ତାବିଜ ପ୍ରାପ୍ତ କରିଛି ଏବଂ ତାପରେ ଦେଖେ ଯେ ସର୍ତ୍ତ ଓ ପ୍ରତିବନ୍ଧ ସବୁ ସେଭଳିଆ ନୁହଁ ଯେମିତି ସେ ଚାହିଁଥିଲା, ତାର ବିକଳ୍ପଗୁଡିକ କ'ଣ ଅଟେ ?

IRDAI ଏହାଙ୍କ ବିନିୟାମକ ଭିତରେ ଏକ ଉପଭୋକ୍ତା-ଅନୁକୂଳ ପ୍ରାବଧାନ ରଖିଛନ୍ତି ଯାହା ଏହି ସମସ୍ୟାର ଧ୍ୟାନ ରଖେ । ଗ୍ରାହକ ଏହାକୁ ଫେରାଇ ପାରେ ଏବଂ ନିମ୍ନ ସର୍ତ୍ତାବଳୀ ଅନ୍ତର୍ଗତ ଏକ ଫେରସ୍ତ ପାଇପାରେ:

1. ଏହା ଅନ୍ୟୂନ ଗୋଟିଏ ବର୍ଷର ଅବଧି ଥିବା ଜୀବନ ବୀମା ପଲିସୀ ଏବଂ ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକ ଉପରେ କେବଳ ପ୍ରଯୁଜ୍ୟ ହୋଇଥାଏ ।
2. ଗ୍ରାହକ ଏହି ଅଧିକାରକୁ ପଲିସୀ ଦସ୍ତାବିଜ ପ୍ରାପ୍ତିର 15 ଦିନ ମଧ୍ୟରେ ନିଶ୍ଚିତ ରୂପେ କାର୍ଯ୍ୟକାରୀ କରିବା ଉଚିତ୍ ।
3. ତାକୁ ଏହାକୁ ଲିଖିତ ରୂପେ ବୀମାକର୍ତ୍ତା ଙ୍କୁ ସୂଚୀତ କରିବାକୁ ପଡିବ
4. ପ୍ରିମିୟମ ଫେରସ୍ତ (ରିଫଣ୍ଡ) ଉପଲବ୍ଧ ହେବ କେବଳ ଯଦି ପଲିସୀ ଉପରେ କୌଣସି ଦାବୀ କରାଯାଇ ନାହିଁ ଏବଂ ବ୍ୟବସ୍ଥିତ କରାଯିବ
    a) ସୁରକ୍ଷା ରେ ଥିବା ଅବଧି ପାଇଁ ସମାନୁପାତିକ ସଙ୍କଟ ପ୍ରିମିୟମ
    b) ବୀମାକର୍ତ୍ତା ଦ୍ୱାରା ଡାକ୍ତରୀ ପରୀକ୍ଷଣ ରେ ହୋଇଥିବା ଖର୍ଚ୍ଚ ଏବଂ
    c) ଷ୍ଟାମ୍ପ ଡିଉଟି ଚାର୍ଜ

20. ନୂତନୀକରଣ ପାଇଁ ଅନୁଗ୍ରହ ଅବଧି

ଏକ ସ୍ୱାସ୍ଥ୍ୟ ବୀମା ପଲିସୀର ଏକ ମହତ୍ତ୍ୱପୂର୍ଣ୍ଣ ଲକ୍ଷଣ ହେଉଛି ବୀମାର ଅବିଚ୍ଛିନ୍ନତାକୁ ରକ୍ଷା କରିବା । ଯେହେତୁ ପଲିସୀ ଅନ୍ତର୍ଗତ ଲାଭ ସବୁକୁ ସୁରକ୍ଷିତ ରଖାଯାଏ କେବଳ ଯଦି ପଲିସୀଗୁଡିକୁ ବିନା ଅନ୍ତରାଳ ରେ ନୂତନୀକରଣ କରାହୁଏ, ସମୟାନୁସାରେ ନୂତନୀକରଣ ଅତି ମହତ୍ତ୍ୱପୂର୍ଣ୍ଣ ଅଟେ ।

IRDAI ମାର୍ଦର୍ଶିକା ଅନୁସାରେ, ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀଗୁଡିକ ର ନୂତନୀକରଣ ସକାଶେ 30 ଦିନର ଅନୁଗ୍ରହ ଅବଧି ସ୍ୱୀକୃତ ହୋଇଛି ।

ସମସ୍ତ ଅବିଚ୍ଛିନ୍ନତା ଲାଭଗୁଡିକୁ ରକ୍ଷା କରାଯିବ ଯଦି ପୂର୍ବର ବୀମାର ସମାପ୍ତି ଠାରୁ 30 ଦିନ ମଧ୍ୟରେ ପଲିସୀର ନୂତନୀକରଣ କରାଯାଏ । ଅନ୍ତରାଳ ଅବଧିରେ ଯଦି କିଛି ଦାବୀ ଥାଏ, ତାକୁ ବିଚାର କୁ ନିଆ ଯିବ ନାହିଁ ।

ବୀମାକର୍ତ୍ତାମାନେ, ବୈୟକ୍ତିକ ଉତ୍ପାଦଗୁଡିକ ଉପରେ ଆଧାର କରି, ନୂତନୀକରଣ ପାଇଁ ଏକ ଅଧିକ ଦୀର୍ଘ ଅନୁଗ୍ରହ ଅବଧିର ସ୍ୱୀକୃତି ଦେଇ ପାରନ୍ତି ।

ଉପରୋକ୍ତ ମୁଖ୍ୟ ଅନୁଚ୍ଛେଦ, ପରିଭାଷା, ଅପବର୍ଜନ ଗୁଡିକ ମଧ୍ୟରୁ ଅଧିକାଂଶକୁ ଆଇ ଆର ଡି ଏ ଦ୍ୱାରା ଜାରୀ କରାଯାଇଥିବା ସ୍ୱାସ୍ଥ୍ୟ ବିନିୟାମକ ଓ ସ୍ୱାସ୍ଥ୍ୟ ବୀମା ମାନକୀକରଣ ମାର୍ଗଦର୍ଶିକା ଅନ୍ତର୍ଗତ ମାନକୀକୃତ କରାଯାଇଛି । ଛାତ୍ରଛାତ୍ରୀମାନଙ୍କୁ ତାହାକୁ ଅଧ୍ୟୟନ କରିବା ପାଇଁ ଏବଂ ସମୟ ସମୟରେ ଆଇ ଆର୍ ଡି ଏ ଦ୍ୱାରା ଜାରୀ କରାଯାଉଥିବା ମାର୍ଗଦର୍ଶିକା ତଥା ପରିପତ୍ର (ସର୍କ୍ୟୁଲାର) ଗୁଡିକ ଉପରେ ନିଜକୁ ଅପଡେଟ୍ କରିବା ପାଇଁ ପରାମର୍ଶ ଦିଆଯାଉଛି ।

ସ୍ୱତଃ ପରୀକ୍ଷଣ କରନ୍ତୁ 2

ଆଇ.ଆର.ଡି.ଏ. ମାର୍ଗଦର୍ଶିକା ଅନୁସାରେ, ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀଗୁଡିକ ର ନୂତନୀକରଣ ପାଇଁ, ଏକ __________ ଅନୁଗ୍ରହ ଅବଧି ର ସ୍ୱୀକୃତି ଦିଆଯାଏ ।

I. ପନ୍ଦର ଦିନ

II. ତିରିଶ ଦିନ

III. ପଇଁଚାଳିଶ ଦିନ

IV. ଠିଏ ଦିନ

ସାରାଂଶ

a) ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ହସ୍ପିଟାଲାଇଜେଶନ ଆଡେ ଗତି କରାଉଥିବା ଏକ ଅପ୍ରତ୍ୟାଶିତ ଓ ହଠାତ୍ ଦୁର୍ଘଟଣା/ରୋଗ ଘଟିବାର ପରିପ୍ରେକ୍ଷୀରେ ବୀମିତ ବ୍ୟକ୍ତିକୁ ଆର୍ଥିକ ସୁରକ୍ଷା ପ୍ରଦାନ କରେ ।

b) ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକୁ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ହେଉଥିବା ଲୋକମାନଙ୍କ ସଂଖ୍ୟା ଆଧାରରେ ବର୍ଗୀକୃତ କରାଯାଇପାରେ : ବୈୟକ୍ତିକ ପଲିସୀ, ପରିବାର ଫ୍ଲୋଟର ପଲିସୀ, ସମୂହ ପଲିସୀ ।

c) ଏକ ହସ୍ପିଟାଲାଇଜେଶନ (ଡାକ୍ତରଖାନାରେ ଭର୍ତ୍ତି) ଖର୍ଚ୍ଚ ପଲିସୀ କିମ୍ବା ମେଡିକ୍ଲେମ୍ ରୋଗ/ଦୁର୍ଘଟଣା କାରଣରୁ ବ୍ୟୟ କରାଯାଉଥିବା ହସ୍ପିଟାଲାଇଜେଶନ ଖର୍ଚ୍ଚର ମୂଲ୍ୟ ର କ୍ଷତିପୂର୍ତ୍ତି କରେ ।

d) ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଖର୍ଚ୍ଚସବୁ ହସ୍ପିଟାଲାଇଜେଶନ ପୂର୍ବ ର ନିର୍ଦ୍ଧାରିତ ସଂଖ୍ୟକ ଦିବସ (ସାଧାରଣତଃ 30 ଦିନ) ପର୍ଯ୍ୟନ୍ତ ଅବଧିରେ ବ୍ୟୟ ହୋଇଥିବା ଆବଶ୍ୟକୀୟ ମେଡିକଲ ଖର୍ଚ୍ଚ ସବୁ ହୋଇପାରେ ଏବଂ ଦାବୀର ଏକ ଅଂଶ ରୂପେ ବିବେଚିତ ହେବ ।

e) ହସ୍ପିଟାଲାଇଜେଶନ ପରବର୍ତ୍ତୀ ଖର୍ଚ୍ଚ ସବୁ ହସ୍ପିଟାଲାଇଜେଶନ ପରବର୍ତ୍ତୀ ନିର୍ଦ୍ଧାରିତ ସଂଖ୍ୟକ ଦିବସ (ସାଧାରଣତଃ 60 ଦିନ) ପର୍ଯ୍ୟନ୍ତ ଅବଧିରେ ବ୍ୟୟ ହୋଇଥିବା ଆବଶ୍ୟକୀୟ ମେଡିକଲ ଖର୍ଚ୍ଚ ସବୁ ହୋଇପାରେ ଏବଂ ଦାବୀର ଏକ ଅଂଶ ରୂପେ ବିବେଚିତ ହେବ ।

f) ଏକ ପରିବାର ଫ୍ଲୋଟର ପଲିସୀରେ, ପତି/ପତ୍ନୀ, ଆଶ୍ରିତ ସନ୍ତାନ ସନ୍ତତି ଏବଂ ଆଶ୍ରିତ ପିତାମାତାଙ୍କୁ ଅନ୍ତର୍ଭୁକ୍ତ କରୁଥିବା ପରିବାର କୁ କେବଳ ଗୋଟିଏ ବୀମା ରାଶି ପ୍ରଦାନ କରାଯାଏ ଯାହା ସମଗ୍ର ପରିବାରରେ ପ୍ରବାହିତ ହୁଏ ।

g) ଏକ ଡାକ୍ତରଖାନା ନଗଦ ପଲିସୀ ବୀମିତ ବ୍ୟକ୍ତିକୁ ହସ୍ପିଟାଲାଇଜେଶନ ର ପ୍ରତ୍ୟେକ ଦିନ ପାଇଁ ଏକ ନିଶ୍ଚିତ ରାଶି ପ୍ରଦାନ କରେ ।

h) ସଙ୍କଟପୂର୍ଣ୍ଣ ରୋଗ ପଲିସୀ ହେଉଛି ନିର୍ଦ୍ଦିଷ୍ଟ ସୂଚୀଭୁକ୍ତ ସଙ୍କଟପୂର୍ଣ୍ଣ ରୋଗର ଡାଏଗ୍ନୋସିସ ରେ ଏକ ମୋଟା ରାଶି ପ୍ରଦାନ କରିବାର ପ୍ରାବଧାନ ଥିବା ଏକ ଲାଭ ପଲିସୀ ।

i) ଉଚ୍ଚ କାଟଯୋଗ୍ୟ ଅଥବା ଟପ୍-ଅପ୍ ସୁରକ୍ଷାଗୁଡିକ ଥ୍ରେଶ୍ହୋଲ୍ଡ କିମ୍ବା କାଟଯୋଗ୍ୟ କୁହାଯାଉଥିବା ଏକ ବିନିର୍ଦ୍ଦିଷ୍ଟ ଚୟନିତ ରାଶିର ଉପରେ ଓ ଉର୍ଦ୍ଧ୍ୱରେ ଉଚ୍ଚତର ବୀମା ରାଶି ପାଇଁ ସୁରକ୍ଷା ପ୍ରଦାନ କରେ ।

j) ନିଶ୍ଚିତ ଲାଭ ସୁରକ୍ଷା ବୀମିତ ବ୍ୟକ୍ତିକୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରେ ଏବଂ ବୀମାକର୍ତ୍ତାଙ୍କୁ ତା' ପଲିସୀ ର ମୂଲ୍ୟ ନିର୍ଦ୍ଧାରଣ ପ୍ରଭାବଶାଳୀ ରୂପେ କରିବାରେ ମଧ୍ୟ ସାହାଯ୍ୟ କରେ ।

k) ଏକ ବ୍ୟକ୍ତିଗତ ଦୁର୍ଘଟଣା (PA) ସୁରକ୍ଷା ଅପ୍ରତ୍ୟାଶିତ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ଓ ବିକଳାଙ୍ଗତା ଲାଭ ଆକାରରେ କ୍ଷତିପୂରଣ ପ୍ରଦାନ କରେ ।

l) ବାହ୍ୟ-ରୋଗୀ ସୁରକ୍ଷା ସବୁ ଦାନ୍ତ ସମ୍ବନ୍ଧୀୟ ଚିକିତ୍ସା, ଦୃଷ୍ଟି ଯତ୍ନ ଖର୍ଚ୍ଚ, ନିୟମିତ ଡାକ୍ତରୀ ପରୀକ୍ଷା ଓ ପରୀକ୍ଷଣ ଇତ୍ୟାଦି ଭଳି ମେଡିକଲ ଖର୍ଚ୍ଚ ପାଇଁ ରାଶି ପ୍ରଦାନ କରନ୍ତି ଯେଉଁଗୁଡିକ ହସ୍ପିଟାଲାଇଜେଶନ ଆବଶ୍ୟକ କରନ୍ତି ନାହିଁ ।

m) ଏକ ସମୂହ ପଲିସୀକୁ ଏକ ସମୂହ ମାଲିକ ଦ୍ୱାରା ନିଆଯାଏ ଯିଏ ଏକ ନିଯୁକ୍ତି ଦାତା, ଏକ ସଂଘ, ଏକ ବ୍ୟାଙ୍କର କ୍ରେଡିଟ କାର୍ଡ ବିଭାଗ ହୋଇପାରେ, ଯେଉଁଠି କେବଳ ଗୋଟିଏ ପଲିସୀ ବ୍ୟକ୍ତିମାନଙ୍କ ସଂପୂର୍ଣ୍ଣ ସମୂହକୁ ସୁରକ୍ଷା ପ୍ରଦାନ କରେ ।

n) କର୍ପୋରେଟ ଫ୍ଲୋଟର କିମ୍ବା ବଫର ସୁରକ୍ଷା ପରିବାର ବୀମା ରାଶି ର ଉପରେ ଓ ଊର୍ଦ୍ଧ୍ୱରେ ଅତିରିକ୍ତ ଖର୍ଚ୍ଚକୁ ପୂରଣ କରିବାରେ ସହାୟକ ହୁଏ ।

o) ସମୁଦ୍ରପାରୀ (ବିଦେଶ) ମେଡିକ୍ଲେମ୍/ଯାତ୍ରା ପଲିସୀଗୁଡିକ ଏକ ବ୍ୟକ୍ତିକୁ ତାର ବିଦେଶ ରହଣୀ ଅବଧି ରେ ଦୁର୍ଘଟଣା, କ୍ଷତ ଏବଂ ରୋଗ ର ସଙ୍କଟର ସମ୍ମୁଖୀନ ହେବା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରନ୍ତି ।

p) କର୍ପୋରେଟ ବାରମ୍ବାର ଯାତ୍ରୀ ଯୋଜନା ଏକ ବାର୍ଷିକ ପଲିସୀ ଅଟେ ଯେଉଁଠି ଏକ କର୍ପୋରେଟ ଏହାର ଏକ୍ଜିକ୍ୟୁଟିଭମାନଙ୍କ ପାଇଁ ବୈୟକ୍ତିକ ପଲିସୀ ନିଏ ଯେଉଁମାନେ ବାରମ୍ବାର ଭାରତ ବାହାରକୁ ଯାତ୍ରା କରନ୍ତି ।

q) ସ୍ୱାସ୍ଥ୍ୟ ବୀମାରେ ବ୍ୟବହୃତ ହେଉଥିବା ଅନେକଗୁଡିଏ ପଦକୁ ଭ୍ରାନ୍ତି ଦୂର କରିବା ପାଇଁ ଆଇ.ଆର.ଡି.ଏ. ମାଧ୍ୟମରେ ବିନିୟମନ ଦ୍ୱାରା, ବିଶେଷ ରୂପେ ବୀମିତମାନଙ୍କ ପାଇଁ, ମାନକୀକରଣ କରାଯାଇଛି ।

ସ୍ୱତଃ ପରୀକ୍ଷଣ କରନ୍ତୁ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ଯଦିଓ ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଖର୍ଚ୍ଚସବୁ ପାଇଁ ସୁରକ୍ଷାର ଅବଧି ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହେବ ଏବଂ ଏହା ପଲିସୀରେ ନିର୍ଦ୍ଧାରିତ କରାଯାଇଥାଏ । ସବୁଠୁ ସାଧାରଣ ସୁରକ୍ଷା ହେଉଛି ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ତିରିଶ ଦିନ ପାଇଁ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି I ।

ଆଇ.ଆର.ଡି.ଏ. ମାର୍ଗଦର୍ଶିକା ଅନୁସାରେ, ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀଗୁଡିକର ନୂତନୀକରଣ ପାଇଁ ଏକ ତିରିଶ ଦିନ ଅନୁଗ୍ରହ ଅବଧି ର ସ୍ୱୀକୃତି ଦିଆଯାଏ ।

ସ୍ୱ-ପରୀକ୍ଷଣ ପ୍ରଶ୍ନାବଳୀ

ପ୍ରଶ୍ନ 1

ଏକ ହସ୍ପିଟାଲାଇଜେଶନ ଖର୍ଚ୍ଚ ପଲିସୀ ସମ୍ବନ୍ଧରେ ନିମ୍ନ ଉକ୍ତି ମଧ୍ୟରୁ କେଉଁଟି ଠିକ୍ ?

I. କେବଳ ହସ୍ପିଟାଲାଇଜେଶନ ଖର୍ଚ୍ଚସବୁକୁ ସୁରକ୍ଷା ପ୍ରଦାନ କରାଯାଏ
II. ହସ୍ପିଟାଲାଇଜେଶନ ଏବଂ ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଖର୍ଚ୍ଚ ସବୁକୁ ସୁରକ୍ଷା
III. ହସ୍ପିଟାଲାଇଜେଶନ ଏବଂ ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଖର୍ଚ୍ଚସବୁ କୁ ସୁରକ୍ଷା ପ୍ରଦାନ କରାଯାଏ ଏବଂ ବୀମିତର ମୃତ୍ୟୁ ଘଟଣାରେ ପରିବାର ସଦସ୍ୟମାନଙ୍କୁ ଏକ ମୋଟା ରାଶି ପ୍ରଦାନ କରାଯାଏ
IV. ପ୍ରଥମ ବର୍ଷଠାରୁ ହସ୍ପିଟାଲାଇଜେଶନ ଖର୍ଚ୍ଚସବୁ କୁ ସୁରକ୍ଷା ପ୍ରଦାନ କରାଯାଏ ଏବଂ ଦ୍ୱିତୀୟ ବର୍ଷଠାରୁ ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଖର୍ଚ୍ଚସବୁ କୁ ସୁରକ୍ଷା ପ୍ରଦାନ କରାଯାଏ ଯଦି ପ୍ରଥମ ବର୍ଷ ଦାବୀ ମୁକ୍ତ ହୋଇଥାଏ ।

ପ୍ରଶ୍ନ 2

ନିମ୍ନ ଉକ୍ତି ମଧ୍ୟରୁ କେଉଁଟି ଠିକ୍, ଚିହ୍ନଟ କରନ୍ତୁ ?

I. ସ୍ୱାସ୍ଥ୍ୟ ବୀମା ରୁଗ୍ଣତା ସମ୍ବନ୍ଧରେ ବିବରଣ ଦିଏ
II. ସ୍ୱାସ୍ଥ୍ୟ ବୀମା ମୃତ୍ୟୁହାର ସମ୍ବନ୍ଧରେ ବିବରଣ ଦିଏ
III. ସ୍ୱାସ୍ଥ୍ୟ ବୀମା ରୁଗ୍ଣତା ଏବଂ ମୃତ୍ୟୁହାର ସମ୍ବନ୍ଧରେ ବିବରଣ ଦିଏ
IV. ସ୍ୱାସ୍ଥ୍ୟ ବୀମା ନା ରୁଗ୍ଣତା ସହିତ ନା ମୃତ୍ୟୁହାର ସମ୍ବନ୍ଧରେ ବିବରଣ ଦିଏ

ପ୍ରଶ୍ନ 3

ସ୍ୱାସ୍ଥ୍ୟ ବୀମାରେ ପ୍ରଦାନ କରାଯାଉଥିବା ନଗଦହୀନ ସେବା ସମ୍ବନ୍ଧରେ ନିମ୍ନ ଉକ୍ତି ମଧ୍ୟରୁ କେଉଁଟି ଠିକ୍ ଅଟେ ?

I. ଇଲେକ୍ଟ୍ରୋନିକ୍ ପେମେଣ୍ଟ କୁ ପ୍ରୋତ୍ସାହିତ କରିବା ପାଇଁ ଏହା ବୀମା କମ୍ପାନୀ ମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପରିବେଶ ଅନୁକୂଳ ଗୋ-ଗ୍ରୀନ୍ ସୂତ୍ରପାତ ଅଟେ ଯାହାଦ୍ୱାରା ଭୌତିକ ନଗଦ ନୋଟଗୁଡିକର ମୁଦ୍ରାଚଳନ କୁ ହ୍ରାସ କରାଯାଇ ପାରେ ଏବଂ ବୃକ୍ଷଗୁଡିକୁ ରକ୍ଷା କରାଯାଇପାରେ ।

II. ବୀମିତକୁ ସେବା ବିନା ମୂଲ୍ୟରେ ପ୍ରଦାନ କରାଯାଏ ଏବଂ କୌଣସି ନଗଦ ଦେବାକୁ ପଡେ ନାହିଁ ଯେହେତୁ ଏକ ବିଶିଷ୍ଟ ଯୋଜନା ଅନ୍ତର୍ଗତ ସରକାରଙ୍କ ଦ୍ୱାରା ବୀମା କମ୍ପାନୀକୁ ପେମେଣ୍ଟ କରାଯାଏ ।

III. ବୀମିତ ଦ୍ୱାରା କରାଯାଉଥିବା ସମସ୍ତ ପେମେଣ୍ଟ କୁ କେବଳ ଇଣ୍ଟରନେଟ୍ ବ୍ୟାଙ୍କିଂ କିମ୍ବା କାର୍ଡ ମାଧ୍ୟମରେ କରାଯାଏ ଯେହେତୁ ବୀମା କମ୍ପାନୀ ଦ୍ୱାରା ନଗଦ ଗ୍ରହଣ କରାଯାଏ ନାହିଁ ।

IV. ବୀମିତ ଦେୟ ପ୍ରଦାନ କରେ ନାହିଁ ଏବଂ ବୀମା କମ୍ପାନୀ ବିଲର ସମାଧାନ ପ୍ରତ୍ୟକ୍ଷ ଭାବେ ଡାକ୍ତରଖାନା ସହିତ କରେ ।

ପ୍ରଶ୍ନ 4

ସ୍ୱାସ୍ଥ୍ୟ ବୀମାରେ ଡାକ୍ତରଖାନା ସମ୍ବନ୍ଧରେ PPN ର ସଠିକ୍ ସଂପୂର୍ଣ୍ଣ ଆକାର ଚିହ୍ନଟ କରନ୍ତୁ ।

I. ପବ୍ଲିକ୍ ପ୍ରିଫର୍ଡ ନେଟୱର୍କ (ସାର୍ବଜନିକ ରୂପେ ପସନ୍ଦ କରାଯାଇଥିବା ନେଟୱର୍କ)

II. ପ୍ରିଫର୍ଡ ପ୍ରୋଭାଇଡର ନେଟୱର୍କ (ପସନ୍ଦ କରାଯାଇଥିବା ପ୍ରଦାନକର୍ତ୍ତା ନେଟୱର୍କ)

III. ପବ୍ଲିକ୍ ପ୍ରାଇଭେଟ୍ ନେଟୱର୍କ (ସାର୍ବଜନିକ ବେସରକାରୀ ନେଟୱର୍କ)

IV. ପ୍ରୋଭାଇଡର୍ ପ୍ରିଫରେନ୍ସିଆଲ୍ ନେଟୱର୍କ (ପ୍ରଦାନକର୍ତ୍ତା ଶ୍ରେଷ୍ଠ ନେଟୱର୍କ)

ପ୍ରଶ୍ନ 5

ନିମ୍ନ ଉକ୍ତିମଧ୍ୟରୁ କେଉଁଟି ଭୁଲ ଅଟେ, ଚିହ୍ନଟ କରନ୍ତୁ ?

I. ଏକ ନିଯୁକ୍ତିଦାତା ତାଙ୍କ କର୍ମଚାରୀମାନଙ୍କ ପାଇଁ ଏକ ସମୂହ ପଲିସୀ ନେଇ ପାରନ୍ତି

II. ଏକ ବ୍ୟାଙ୍କ ତା' ଗ୍ରାହକମାନଙ୍କ ପାଇଁ ଏକ ସମୂହ ପଲିସୀ ନେଇ ପାରେ

III. ଏକ ଦୋକାନୀ ତା' ଗ୍ରାହକମାନଙ୍କ ପାଇଁ ଏକ ସମୂହ ପଲସୀ ନେଇ ପାରନ୍ତି

IV. ନିଯୁକ୍ତି ଦାତା ଦ୍ୱାରା ତାଙ୍କ କର୍ମଚାରୀମାନଙ୍କ ପାଇଁ ନିଆଯାଇଥିବା ଏକ ସମୂହ ପଲିସୀକୁ କର୍ମଚାରୀମାନଙ୍କ ପରିବାର ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ବିସ୍ତାରିତ କରାଯାଇ ପାରେ

ସ୍ୱ -ପରୀକ୍ଷଣ ପ୍ରଶ୍ନାବଳୀ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ଏକ ହସ୍ପିଟାଲାଇଜେଶନ ଖର୍ଚ୍ଚ ପଲିସୀରେ, ହସ୍ପିଟାଲାଇଜେଶନ ଏବଂ ହସ୍ପିଟାଲାଇଜେଶନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଖର୍ଚ୍ଚ ସବୁକୁ ସୁରକ୍ଷା ପ୍ରଦାନ କରାଯାଏ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି I ।

ସ୍ୱାସ୍ଥ୍ୟ ବୀମା ରୁଗ୍ଣତା (ରୋଗ ହେବାର ହାର) ସମ୍ବନ୍ଧରେ ବିବରଣ ଦିଏ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି IV ।

ନଗଦହୀନ ସେବା ଅନ୍ତର୍ଗତ, ବୀମିତ ଦେୟପ୍ରଦାନ କରେ ନାହିଁ ଏବଂ ବୀମା କମ୍ପାନୀ ବିଲ ର ସମାଧାନ ପ୍ରତ୍ୟକ୍ଷ ଭାବେ ଡାକ୍ତରଖାନା ସହିତ କରେ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି II ।

PPN ପ୍ରିଫର୍ଡ ପ୍ରୋଭାଇଡର ନେଟୱର୍କ (ପସନ୍ଦ କରାଯାଇଥିବା ପ୍ରଦାନକର୍ତ୍ତା ନେଟୱର୍କ) ପାଇଁ ଉପଯୋଗ ହୁଏ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି III ।

ଉକ୍ତି I, II ଏବଂ IV ସଠିକ୍ ଅଟନ୍ତି, ଉକ୍ତି III ଭୁଲ ଅଟେ ଯେହେତୁ ଏକ ଦୋକାନୀ ତା' ଗ୍ରାହକମାନଙ୍କ ପାଇଁ ସମୂହ ବୀମା ନେଇ ପାରିବ ନାହିଁ ।

ଅଧ୍ୟାୟ 9

ସ୍ୱାସ୍ଥ୍ୟ ବୀମା ସଙ୍କଟାଙ୍କନ

ଅଧ୍ୟାୟ ପରିଚୟ

ଏହି ଅଧ୍ୟାୟ ର ଲକ୍ଷ୍ୟ ଆପଣଙ୍କୁ ସ୍ୱାସ୍ଥ୍ୟ ବୀମାରେ ସଙ୍କଟାଙ୍କନ ସମ୍ବନ୍ଧରେ ବିସ୍ତୃତ ଜ୍ଞାନ ପ୍ରଦାନ କରିବା । ସଙ୍କଟାଙ୍କନ କୌଣସି ବି ପ୍ରକାରର ବୀମାରେ ଏକ ବହୁତ ମହତ୍ୱପୂର୍ଣ୍ଣ ତତ୍ତ୍ୱ ଅଟେ ଏବଂ ଏକ ବୀମା ପଲିସୀ ଜାରୀ କରିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ସଂପାଦନ କରେ । ଏହି ଅଧ୍ୟାୟରେ, ଆପଣ ସଙ୍କଟାଙ୍କନ ର ମୂଳଭୂତ ସିଦ୍ଧାନ୍ତ, ସାଧନ, ପଦ୍ଧତି ଏବଂ ପ୍ରକ୍ରିୟା ବିଷୟରେ ବୋଧ ଲାଭ କରିବେ । ଏହା ଆପଣଙ୍କୁ ସମୂହ ସ୍ୱାସ୍ଥ୍ୟ ବୀମା ସଙ୍କଟାଙ୍କନ ବିଷୟରେ ମଧ୍ୟ ଜ୍ଞାନ ପ୍ରଦାନ କରିବ ।

ଅଧ୍ୟୟନ ପରିଣାମ

A. ସଙ୍କଟାଙ୍କନ କ'ଣ ଅଟେ *?*
B. ସଙ୍କଟାଙ୍କନ –ମୂଳଭୂତ ଧାରଣା
C. ଫାଇଲ ଏବଂ ଉପଯୋଗ ମାର୍ଗଦର୍ଶିକା
D. IRDAI ଙ୍କ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବୀମା ବିନିୟାମକ
E. ସଙ୍କଟାଙ୍କନ ର ମୂଳଭୂତ ସିଦ୍ଧାନ୍ତ ଏବଂ ତା ପାଇଁ ସାଧନ
F. ସଙ୍କଟାଙ୍କନ ପ୍ରକ୍ରିୟା
G. ସମୂହ ସ୍ୱାସ୍ଥ୍ୟ ବୀମା
H. ସମୁଦ୍ରପାରୀ / ବିଦେଶ ଯାତ୍ରା ବୀମା ର ସଙ୍କଟାଙ୍କନ
I. ବ୍ୟକ୍ତିଗତ ଦୁର୍ଘଟଣା ବୀମାର ସଙ୍କଟାଙ୍କନ

ଏହି ଅଧ୍ୟାୟକୁ ଅଧ୍ୟୟନ କରିବା ପରେ, ଆପଣ ନିମ୍ନ ମତେ ସମର୍ଥ ହେବା ଉଚିତ୍ :

a) ସଙ୍କଟାଙ୍କନର ଅର୍ଥ କ'ଣ ଏହା ବ୍ୟାଖ୍ୟା କରିବାରେ
b) ସଙ୍କଟାଙ୍କନ ସମ୍ବନ୍ଧୀୟ ମୂଳଭୂତ ଧାରଣାଗୁଡିକୁ ବର୍ଣ୍ଣନା କରିବାରେ
c) ସିଦ୍ଧାନ୍ତ ଏବଂ ସଙ୍କଟାଙ୍କନମାନଙ୍କ ଦ୍ୱାରା ଉପଯୋଗ କରାଯାଉଥିବା ବିଭିନ୍ନ ସାଧନଗୁଡିକୁ ବ୍ୟାଖ୍ୟା କରିବାରେ
d) ସଙ୍କଟାଙ୍କନ ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀଗୁଡିକର ସଂପୂର୍ଣ୍ଣ ପ୍ରକ୍ରିୟାର ମୂଲ୍ୟାଙ୍କନ କରିବାରେ
e) ସମୂହ ସ୍ୱାସ୍ଥ୍ୟ ପଲିସୀଗୁଡିକୁ କିପରି ସଙ୍କଟାଙ୍କିତ କରାଯାଏ, ସେ ବିଷୟରେ ଆଲୋଚନା କରିବାରେ

ଏହି ପରିଦୃଶ୍ୟକୁ ଦେଖନ୍ତୁ

48 ବର୍ଷୀୟ ମନୀଷ, ଯିଏ ଏକ ସଫ୍ଟୱେର ଇଞ୍ଜିନିୟର ରୂପେ କାର୍ଯ୍ୟ କରେ, ତା' ନିଜ ପାଇଁ ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ନେବା ପାଇଁ ନିଷ୍ପତ୍ତି ନେଲା । ସେ ଏକ ବୀମା କମ୍ପାନୀ ପାଖକୁ ଗଲା, ଯେଉଁଠି ସେମାନେ ତାକୁ ଏକ ପ୍ରସ୍ତାବ ଫର୍ମ ଦେଲେ ଯେଉଁଥିରେ ତାକୁ ତା' ଶାରୀରିକ ଗଠନ ଓ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ପୂର୍ବ-ବିଦ୍ୟମାନ ରୋଗ, ତା' ପରିବାର ଇତିହାସ, ଅଭ୍ୟାସ ଏବଂ ସେଭଳି ଅନେକ କିଛି ସମ୍ବନ୍ଧୀୟ ଅନେକ ସଂଖ୍ୟକ ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ ହେଲା ।

ତାର ପ୍ରସ୍ତାବ ଫର୍ମର ପ୍ରାପ୍ତି ପରେ, ତାକୁ ଅନେକ ଦସ୍ତାବିଜ ମଧ୍ୟ ଜମା କରିବାର ଆବଶ୍ୟକତା ପଡିଲା ଯେପରିକି ପରିଚୟ ଓ ବୟସ ପ୍ରମାଣ, ଠିକଣା ର ପ୍ରମାଣ ଏବଂ ପୂର୍ବବର୍ତ୍ତୀ ମେଡିକଲ ରେକର୍ଡ । ତାପରେ ସେମାନେ ତାକୁ ଏକ ସ୍ୱାସ୍ଥ୍ୟ ଯାଞ୍ଚ ଓ କେତେକ ଡାକ୍ତରୀ ପରୀକ୍ଷା କରାଇବାକୁ କହିଲେ ଯାହା ଦ୍ୱାରା ସେ ହତୋତ୍ସାହିତ ହେଲା ।

ମନୀଷ, ଯିଏ ନିଜକୁ ଏକ ସ୍ୱାସ୍ଥ୍ୟବାନ ଓ ଏକ ଉତ୍ତମ ଆୟ ବର୍ଗ ର ବ୍ୟକ୍ତି ବୋଲି ବିଚାର କରୁଥିଲା, ଚିନ୍ତା କରିବା ଆରମ୍ଭ କଲା କି ତା' କ୍ଷେତ୍ରରେ ବୀମା କମ୍ପାନୀ ଦ୍ୱାରା କାହିଁକି ସେଭଳି ଏକ ଲମ୍ବା ପ୍ରକ୍ରିୟାର ଅନୁପାଳନ କରାଯାଉଛି । ଏହି ସବୁ ଦେଇ ଯିବା ପରେ ମଧ୍ୟ, ବୀମା କମ୍ପାନୀ ତାକୁ କହିଲା ଯେ, ତା' ଡାକ୍ତରୀ ପରୀକ୍ଷାଗୁଡିକରେ ଉଚ୍ଚ କୋଲେଷ୍ଟ୍ରଲ ଓ ଉଚ୍ଚ ରକ୍ତ ଚାପର ନିଦାନ ପ୍ରାପ୍ତ ହୋଇଛି, ଯାହା ପରବର୍ତ୍ତୀ ସମୟରେ ହୃଦ ରୋଗ ଗୁଡିକର ସମ୍ଭାବନା କୁ ବୃଦ୍ଧି କଲା । ଯଦିଓ ସେମାନେ ତାକୁ ଏକ ପଲିସୀର ପ୍ରସ୍ତାବ ଦେଲେ, ତା' ବନ୍ଧୁ ଯେଉଁ ପ୍ରିମିୟମ ଦେଇଥିଲା, ତା' ଅପେକ୍ଷା ତାର (ମନୀଷ) ର ପ୍ରିମିୟମ ବହୁତ ଅଧିକ ହେଲା ଏବଂ ତେଣୁ ସେ ପଲିସୀ ନେବା ପାଇଁ ମନା କଲା ।

ଏଇଠି, ବୀମା କମ୍ପାନୀ ଏହି ଚରଣଗୁଡିକୁ ସେମାନଙ୍କ ସଙ୍କଟାଙ୍କନ ପ୍ରକ୍ରିୟାର ଅଂଶ ରୂପେ ଅନୁପାଳନ କରୁଥିଲା । ସଙ୍କଟ ସୁରକ୍ଷା ପ୍ରଦାନ କରିବା ସମୟରେ, ଏକ ବୀମାକର୍ତ୍ତାଙ୍କୁ ସଙ୍କଟଗୁଡିକର ମୂଲ୍ୟାଙ୍କନ ଠିକ୍ ଭାବେ କରିବାର ଓ ଉଚିତ୍ ଲାଭ ମଧ୍ୟ ପାଇବାର ଆବଶ୍ୟକତା ରହେ । ଯଦି ସଙ୍କଟକୁ ଠିକ୍ ଭାବେ ମୂଲ୍ୟାଙ୍କିତ କରା ନ ଯାଏ ଏବଂ ଏକ ଦାବୀ ଆସେ, ଏହାର ପରିଣାମ କ୍ଷତି ହେବ । ଅଧିକନ୍ତୁ, ବୀମାକର୍ତ୍ତାମାନେ ପ୍ରିମିୟମସବୁକୁ ସମସ୍ତ ବୀମାକରୁଥିବା ବ୍ୟକ୍ତିମାନଙ୍କ ପକ୍ଷରୁ ସଂଗ୍ରହ କରନ୍ତି ଏବଂ ଏହି ଟଙ୍କାଗୁଡିକୁ ସେମାନଙ୍କୁ ଏକ ଟ୍ରଷ୍ଟ ଭଳି ସମ୍ଭାଳିବାକୁ ପଡ଼େ ।

A. ସଙ୍କଟାଙ୍କନ କ'ଣ ଅଟେ ?

1. ସଙ୍କଟାଙ୍କନ

ବୀମା କମ୍ପାନୀମାନେ ସେହି ଲୋକମାନଙ୍କୁ ବୀମିତ କରିବାପାଇଁ ଚାହାଁନ୍ତି ଯେଉଁମାନେ ସେହି ସଙ୍କଟର ଅନୁପାତରେ ଉଚିତ୍ ପ୍ରିମିୟମ ପ୍ରଦାନ କରିବାର ପ୍ରତ୍ୟାଶା କି ରଖାଯାଏ ଯାହାକୁ ସେମାନେ ବୀମା ସମୁଚ୍ଚୟ ମଧ୍ୟକୁ ଆଣିଥାନ୍ତି । ସଙ୍କଟ ଚୟନ ସକାଶେ ଏକ ପ୍ରସ୍ତାବକଠାରୁ ତଥ୍ୟ ସଂଗ୍ରହ କରିବା ଓ ବିଶ୍ଳେଷଣ କରିବାର ପ୍ରକ୍ରିୟାକୁ ସଙ୍କଟାଙ୍କନ କୁହାଯାଏ । ଏହି ପ୍ରକ୍ରିୟା ମାଧ୍ୟମରେ ଏକତ୍ର କରାଯାଇଥିବା ତଥ୍ୟ ଆଧାରରେ, ସେମାନେ ନିର୍ଣ୍ଣୟ ନିଅନ୍ତି ଯେ ସେମାନେ ପ୍ରସ୍ତାବକ କୁ ବୀମିତ କରିବା ପାଇଁ ଚାହାଁନ୍ତି କି ନାହିଁ । ଯଦି ସେମାନେ ତାହା କରିବା ପାଇଁ ଚାହିଁବେ, ତେବେ କେଉଁ ପ୍ରିମିୟମ, ସର୍ତ୍ତ ଓ ପ୍ରତିବନ୍ଧ ହିସାବରେ ଯାହା ଦ୍ୱାରା ସେଭଳି ସଙ୍କଟ ଗ୍ରହଣ କରିବା ଫଳରେ ଏକ ଯଥାର୍ଥ ଲାଭ ପାଇ ପାରିବେ ।

ସ୍ୱାସ୍ଥ୍ୟ ବୀମା ରୁଗ୍ଣତା ର ସିଦ୍ଧାନ୍ତ ଉପରେ ପର୍ଯ୍ୟବେଶିତ ଅଟେ । ଏଇଠି ରୁଗ୍ଣତା କୁ ଏକ ବ୍ୟକ୍ତିର ଅସୁସ୍ଥ କିମ୍ବା ରୋଗୀ ହେବାର ସମ୍ଭାବ୍ୟତା ଓ ସଙ୍କଟ, ଯାହାଦ୍ୱାରା ସେ ଚିକିତ୍ସା କିମ୍ବା ହସ୍ପିଟାଲାଇଜେଶନ ଆବଶ୍ୟକ କରେ, ଏହି ରୂପେ ପରିଭାଷିତ କରାଯାଏ । ବ୍ୟାପକ ରୂପେ, ରୁଗ୍ଣତା ଆୟୁ ଦ୍ୱାରା ପ୍ରଭାବିତ ହୁଏ (ସାଧାରଣତଃ ଯୁବା ବୟସ୍କମାନଙ୍କ ଅପେକ୍ଷା ବରିଷ୍ଠ ନାଗରିକମାନଙ୍କ ଠାରେ ଅଧିକ ଥାଏ) ଏବଂ ଅନେକ ଅନ୍ୟ ପ୍ରତିକୂଳ କାରକ ଯୋଗୁଁ ବଢ଼ିଥାଏ, ଯେପରିକି ଅଧିକ ଓଜନ କିମ୍ବା କମ୍ ଓଜନ ର ହେବା, କେତେକ ଅତୀତ ଓ ବର୍ତ୍ତମାନ ର ରୋଗ କିମ୍ବା କଷ୍ଟର ବ୍ୟକ୍ତିଗତ ଇତିହାସ, ଧୂମ୍ରପାନ ଭଳି ବ୍ୟକ୍ତିଗତ ଅଭ୍ୟାସ, ଚଳିତ ସ୍ୱାସ୍ଥ୍ୟ ସ୍ଥିତି ଏବଂ ପ୍ରସ୍ତାବକର ବ୍ୟବସାୟ ମଧ୍ୟ ଯଦି ଏହାକୁ ବିପଦଜନକ ବୋଲି ଧରି ନିଆଯାଏ । ବିପରୀତ ଭାବେ, ରୁଗ୍ଣତା ହାର କେତେକ ଅନୁକୂଳ କାରକ ଯଥା : କମ୍ ଆୟୁ, ଏକ ସ୍ୱସ୍ଥ ଜୀବନଶୈଳୀ ଇତ୍ୟାଦି ଯୋଗୁଁ କମ୍ ମଧ୍ୟ ହୋଇଥାଏ ।

ପରିଭାଷା

ସଙ୍କଟାଙ୍କନ ହେଉଛି ସଙ୍କଟକୁ ସଠିକ୍ ରୂପେ ମୂଲ୍ୟାଙ୍କନ କରିବା ଏବଂ ସେହି ସର୍ତ୍ତଗୁଡିକୁ ନିର୍ଣ୍ଣୟ କରିବାର ପ୍ରକ୍ରିୟା ଯାହା ଉପରେ ବୀମା ସୁରକ୍ଷାର ସ୍ୱୀକୃତି ଦିଆଯାଏ । ଏ ପ୍ରକାରେ, ଏହା ସଙ୍କଟ ଚୟନ ଏବଂ ସଙ୍କଟ ମୂଲ୍ୟାଙ୍କନ ର ଏକ ପ୍ରକ୍ରିୟା ଅଟେ ।

2. ସଙ୍କଟାଙ୍କନ ର ଆବଶ୍ୟକତା

ସଙ୍କଟାଙ୍କନ ଏକ ବୀମା କମ୍ପାନୀର ମେରୁଦଣ୍ଡ ଅଟେ ଯେହେତୁ ଅସାବଧାନତା ସହିତ କିମ୍ବା ଅଯଥେଷ୍ଟ ପ୍ରିମିୟମ ଥିବା ସଙ୍କଟର ସ୍ୱୀକୃତି ର ପରିଣାମ ବୀମାକର୍ତ୍ତାର ପରିଶୋଧ-ଅକ୍ଷମତା ହେବ । ଅନ୍ୟ ପକ୍ଷରେ, ଅତିଶୟ ଚୟନାତ୍ମକ କିମ୍ବା ସତର୍କ ହେବା ବୀମା କମ୍ପାନୀକୁ ସଙ୍କଟକୁ ସମାନ ରୂପେ ପ୍ରସାରିତ କରିବା ରେ ସମର୍ଥ କରିବା ପାଇଁ ଏକ ବଡ ସମୁଚ୍ଚୟ ସୃଷ୍ଟି କରିବାରେ ବାଧା ଦେବ । ତେଣୁ କରି ସଙ୍କଟ ଓ ବ୍ୟବସାୟ ମଧ୍ୟରେ ଠିକ୍ ସନ୍ତୁଳନ ରକ୍ଷା କରିବା ସଙ୍କଟପୂର୍ଣ୍ଣ ଅଟେ, ଯାହା ଦ୍ୱାରା ବ୍ୟବସାୟ ପ୍ରତିଯୋଗିତାମୂଳକ ଥାଇ ମଧ୍ୟ ସଂଗଠନ ପାଇଁ ଲାଭପ୍ରଦ ହୋଇପାରେ ।

ସନ୍ତୁଳନ ରକ୍ଷା କରିବାର ପ୍ରକ୍ରିୟା, ସମ୍ବନ୍ଧିତ ବୀମା କମ୍ପାନୀର ଦର୍ଶନ, ନୀତି ଓ ସଙ୍କଟ କ୍ଷୁଧା ଅନୁସାରେ, ସଙ୍କଟାଙ୍କକ ଦ୍ୱାରା କରାଯାଏ । ସଙ୍କଟାଙ୍କକ ର କାର୍ଯ୍ୟ ହେଉଛି ସଙ୍କଟର ବର୍ଗୀକରଣ କରିବା ଏବଂ ସ୍ୱୀକୃତି ର ସର୍ତ୍ତାବଳୀକୁ ଠିକ୍ ମୂଲ୍ୟରେ ନିର୍ଣ୍ଣୟ କରିବା । ଏହା ଧ୍ୟାନ ରଖିବା ମହତ୍ତ୍ୱପୂର୍ଣ୍ଣ ଅଟେ ଯେ ସଙ୍କଟର ସ୍ୱୀକୃତି ଭବିଷ୍ୟତ ବୀମା ସମାଧାନ ପାଇଁ ଏକ ପ୍ରତିଶତ ଦେବା ଭଳି ଅଟେ ।

3. ସଙ୍କଟାଙ୍କନ – ସଙ୍କଟ ମୂଲ୍ୟାଙ୍କନ

ସଙ୍କଟାଙ୍କନ ହେଉଛି ସଙ୍କଟ ଚୟନର ଏକ ପ୍ରକ୍ରିୟା ଯାହା ଏକ ସମୂହ କିମ୍ବା ବ୍ୟକ୍ତିର ବିଶେଷତାଗୁଡିକ ଉପରେ ଆଧାରିତ ହୋଇଥାଏ । ଏଇଠି ସଙ୍କଟର ମାତ୍ରା ଉପରେ ଆଧାର କରି, ସଙ୍କଟକୁ ସ୍ୱୀକାର କରିବ କି ନାହିଁ ଏବଂ କେଉଁ ମୂଲ୍ୟରେ, ସଙ୍କଟାଙ୍କକ ଏହାର ନିଷ୍ପତ୍ତି ନିଏ । କୌଣସି ବି ପରିସ୍ଥିତିରେ, ସ୍ୱୀକାର ର ପ୍ରକ୍ରିୟା ନିଷ୍ପକ୍ଷତା ସହକାରେ ଓ ନ୍ୟାୟସଙ୍ଗତ ଆଧାରରେ କରିବାକୁ ପଡ଼େ, ଅର୍ଥାତ୍ ପ୍ରତ୍ୟେକ ସମାନ ପ୍ରକାରର ସଙ୍କଟକୁ କୌଣସି ପକ୍ଷପାତିତା ବିନା ସମାନ ରୂପେ ବର୍ଗୀକୃତ କରିବା ଉଚିତ୍ । ବର୍ଗୀକରଣ କୁ ସାଧାରଣତଃ ମାନକ ସ୍ୱୀକୃତି ଚାର୍ଜ ଜରିଆରେ କରାଯାଏ ଯାହାଦ୍ୱାରା ଉପସ୍ଥାପିତ ପ୍ରତ୍ୟେକ ସଙ୍କଟ ର ମାତ୍ରା ନିର୍ଦ୍ଧାରିତ କରାଯାଏ ଏବଂ ତଦନୁସାରେ ପ୍ରିମିୟମସବୁକୁ ନିର୍ଦ୍ଧାରିତ କରାଯାଏ ।

ଯଦିଓ ଆୟୁ ରୋଗ ତଥା ମୃତ୍ୟୁର ସମ୍ଭାବନାକୁ ପ୍ରଭାବିତ କରେ, ଏହାକୁ ନିଶ୍ଚିତ ରୂପେ ମନେ ରଖିବାକୁ ହେବ ଯେ ରୋଗ ମୃତ୍ୟୁର ବହୁତ ପୂର୍ବରୁ ଆମେ ଏବଂ ବାରମ୍ବାର ହୋଇପାରେ । ତେଣୁ, ଏହା ଅତ୍ୟନ୍ତ ତର୍କସଂଗତ ଅଟେ ଯେ ସଙ୍କଟାଙ୍କନ ମାନଦଣ୍ଡ ଓ ମାର୍ଗଦର୍ଶିକା ଗୁଡିକ ମୃତ୍ୟୁ ସୁରକ୍ଷା ଅପେକ୍ଷା ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଅଧିକ କଠିନ ଅଟନ୍ତି ।

ଉଦାହରଣ

ଏକ ବ୍ୟକ୍ତି ଯିଏ ମଧୁମେହ ଗ୍ରସ୍ତ, ତାହାର ମୃତ୍ୟୁର ସମ୍ଭାବନା ଅପେକ୍ଷା ହସ୍ପିଟାଲାଇଜେଶନ ଆବଶ୍ୟକ କରୁଥିବା ଏକ ହୃତପିଣ୍ଡ କିମ୍ବା ବୃକକ୍ ସମ୍ବନ୍ଧୀୟ ଜଟିଳତା ବିକଶିତ କରିବାର ସମ୍ଭାବନା ଯଥେଷ୍ଟ ବେଶୀ, ଏବଂ ସ୍ୱାସ୍ଥ୍ୟ ପ୍ରକରଣ ମଧ୍ୟ ବୀମା ସୁରକ୍ଷା ଚାଲୁ ରହିଥିବା ଅବଧିରେ ଅନେକ ଥର ଘଟିପାରେ । ଏକ ଜୀବନ ବୀମା ସଙ୍କଟାଙ୍କନ ମାର୍ଗଦର୍ଶିକା ଏହି ବ୍ୟକ୍ତିକୁ ଏକ ମଧ୍ୟମ ସଙ୍କଟ ରୂପେ ମୂଲ୍ୟାଙ୍କିତ କରିପାରେ । ଅବଶ୍ୟ, ମେଡିକଲ /ଡାକ୍ତରୀ ସଙ୍କଟାଙ୍କନ ପାଇଁ, ତାକୁ ଏକ ଉଚ୍ଚ ସଙ୍କଟ ରୂପେ ମୂଲ୍ୟାଙ୍କନ କରାଯାଇପାରେ ।

ସ୍ୱାସ୍ଥ୍ୟ ବୀମାରେ, ଆର୍ଥିକ କିମ୍ବା ଆୟ ଆଧାରିତ ସଙ୍କଟାଙ୍କନ ଅପେକ୍ଷା ମେଡିକଲ କିମ୍ବା ସ୍ୱାସ୍ଥ୍ୟ ଯାଞ୍ଚ – ପରିଣାମ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ । ଅବଶ୍ୟ, ଆର୍ଥିକ କିମ୍ବା ଆୟ ଆଧାରିତ ସଙ୍କଟାଙ୍କନ କୁ ଏଡାଇ ଦିଆ ଯାଇ ନ ପାରେ ଯେହେତୁ ଏକ ବୀମାଯୋଗ୍ୟ ହିତ ରଖିବାକୁ ପଡିବ ଏବଂ କୌଣସି ପ୍ରତିକୂଳ ଚୟନ କୁ ଅସମ୍ଭବ କରିବାରେ ଓ ସ୍ୱାସ୍ଥ୍ୟ ବୀମାରେ ଅବିଚ୍ଛିନ୍ନତା କୁ ସୁନିଶ୍ଚିତ କରିବା ରେ ଆର୍ଥିକ ସଙ୍କଟାଙ୍କନ ମହତ୍ୱପୂର୍ଣ୍ଣ ଅଟେ ।

4. କାରକ ଯେଉଁଗୁଡିକ ରୋଗର ସମ୍ଭାବନା କୁ ପ୍ରଭାବିତ କରନ୍ତି

ସଙ୍କଟର ମୂଲ୍ୟାଙ୍କନ କରିବା ସମୟରେ ସେହି କାରକ ଯେଉଁଗୁଡିକ ରୁଗ୍ଣତା (ରୋଗରେ ପଡିବାର ସଙ୍କଟ) କୁ ପ୍ରଭାବିତ କରନ୍ତି, ସେଗୁଡିକୁ ସାବଧାନତା ସହିତ ବିଚାର କରିବା ଉଚିତ, ଯେଉଁଗୁଡିକ ନିମ୍ନ ପ୍ରକାରେ ଅଟନ୍ତି:

a) **ଆୟୁ/ବୟସ** : ପ୍ରିମିୟମ ସବୁ ବୟସ ଏବଂ ସଙ୍କଟ ର ମାତ୍ରା ଅନୁରୂପ ଲାଗୁ କରାଯାଏ । ଉଦାହରଣ ସ୍ୱରୂପ, ସଂକ୍ରମଣ ଓ ଦୁର୍ଘଟଣାର ବଢୁଥିବା ସଙ୍କଟ ଯୋଗୁଁ ଶିଶୁ ଓ ପିଲାମାନଙ୍କ ପାଇଁ ରୁଗ୍ଣତା ପ୍ରିମିୟମ ଯୁବା ବୟସ୍କ ଅପେକ୍ଷା ଅଧିକ ଅଟେ । ସେ ଭଳିଆ, 45 ବର୍ଷରୁ ଅଧିକ ବୟସ୍କମାନଙ୍କ ପାଇଁ, ପ୍ରିମିୟମସବୁ ଅଧିକ ଥାଏ, ଯେହେତୁ ଏକ ବ୍ୟକ୍ତି ମଧୁମେହ, ଏକ ତୁରନ୍ତ ହୃଦ୍ ଘାତ କିମ୍ବା ସେଭଳି ଅନ୍ୟାନ୍ୟ ରୁଗ୍ଣତା ଭଳି ଏକ ଦୀର୍ଘକାଳିକ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅତି ଅଧିକ ଥାଏ ।

b) **ଲିଙ୍ଗ** : ସ୍ତ୍ରୀ ଲୋକମାନେ ଗର୍ଭ ଧାରଣ ସମୟରେ ରୁଗ୍ଣତାର ଅତିରିକ୍ତ ସଙ୍କଟର ସମ୍ମୁଖୀନ ହୁଅନ୍ତି । ଅବଶ୍ୟ, ପୁରୁଷମାନେ ହୃଦଘାତ ରେ ଆକ୍ରାନ୍ତ ହେବାର ସମ୍ଭାବନା କିମ୍ବା କାର୍ଯ୍ୟ ସମ୍ବନ୍ଧୀୟ ଦୁର୍ଘଟଣା ର ଶୀକାର ହେବା ସ୍ତ୍ରୀ ଲୋକଙ୍କ ଅପେକ୍ଷା ପୁରୁଷମାନଙ୍କ ଅଧିକ ଥାଏ ଯେହେତୁ ସେମାନେ ବିପଦଜନକ ନିଯୁକ୍ତିରେ ଅଧିକ ସଂପୃକ୍ତି ଥାଇ ପାରନ୍ତି ।

c) **ଅଭ୍ୟାସ :** କୌଣସି ବି ରୂପରେ ତମାଖୁ, ମଦ୍ୟ କିମ୍ବା ନିଶା ଦ୍ରବ୍ୟର ସେବନ ର ରୁଗ୍ଣତା ସଙ୍କଟ ଉପରେ ପ୍ରତ୍ୟକ୍ଷ ପ୍ରଭାବ ଥାଏ ।

d) **ବ୍ୟବସାୟ :** କେତେକ ବ୍ୟବସାୟରେ ଦୁର୍ଘଟଣା ର ଅତିରିକ୍ତ ସଙ୍କଟ ସମ୍ଭବ ଅଟେ; ଉ.ସ୍ୱ. ଡ୍ରାଇଭର, ବ୍ଲାଷ୍ଟର, ବିମାନ ଚାଳକ ଇତ୍ୟାଦି । ସେଭଳି, କେତେକ ବ୍ୟବସାୟ/କାମରେ ଉଚ୍ଚତର ସ୍ୱାସ୍ଥ୍ୟ ସଙ୍କଟ ଥାଇପାରେ, ଯେପରି କି ଏକ୍ସ-ରେ ମେସିନ ଅପରେଟର, ଆଜବେଷ୍ଟସ୍ ଉଦ୍ୟୋଗ ଶ୍ରମିକ, ଖଣି ଶ୍ରମିକ ଇତ୍ୟାଦି ।

e) **ପରିବାର ଇତିହାସ :** ଏହାର ଅଧିକ ମହତ୍ୱ ଅଛି, ଯେହେତୁ ଆନୁବଂଶିକ କାରକ ଗୁଡିକ ଆଜ୍ମା,ମଧୁମେହ ଓ କେତେକ କ୍ୟାନସର ଭଳି ରୋଗ ଗୁଡ଼ିକୁ ପ୍ରଭାବିତ କରନ୍ତି । ଏହାର ପ୍ରଭାବ ରୁଗ୍ଣତା ଉପରେ ଥାଏ ଏବଂ ସଙ୍କଟ ର ସ୍ୱୀକୃତି ଦେବା ସମୟରେ ଏହାକୁ ବିଚାରକୁ ନେବା ଉଚିତ୍ ।

f) **ଗଠନ:** ମୋଟା (ବଳବାନ), ପତଳା କିମ୍ବା ମଧ୍ୟମ ଗଠନ କୁ ମଧ କେତେକ ସମୂହରେ ରଗ୍ଣତା ସହିତ ସଂଯୁକ୍ତ କରାଯାଇପାରେ ।

g) **ଅତୀତର ରୋଗ କିମ୍ବା ସର୍ଜରୀ :** ଏହାକୁ ସୁନିଶ୍ଚିତ କରିବା ଅଛି କି ଅତୀତ ରୋଗ କାରଣରୁ ବୃଦ୍ଧି ପାଉଥିବା ଶାରୀରିକ ଦୁର୍ବଳତା ଜାତ ହେବାର କିମ୍ବା ଏପରିକି ପୁନରାବୃତ୍ତି ହେବାର କିଛି ସମ୍ଭାବନା ଅଛି କି ନାହିଁ ଏବଂ ତଦନୁସାରେ ପଲିସୀ ସର୍ତ୍ତାବଳୀ ର ନିର୍ଣ୍ଣୟ କରାଯିବା ଉଚିତ୍ । ଉ.ସ୍ୱ. କିଡନୀ ଷ୍ଟୋନ (ବୃକକ୍ ପଥରୀ) ଗୁଡିକର ପୁନରାବୃତ୍ତି ହେବା ଜଣା ଅଛି ଏବଂ ସେହିପରି, ଗୋଟିଏ ଆଖିରେ ମୋତିଆ ବିନ୍ଦୁ ଅନ୍ୟ ଆଖିରେ ମୋତିଆ ବିନ୍ଦୁ ହେବାର ସମ୍ଭାବନାକୁ ବୃଦ୍ଧି କରିଥାଏ ।

h) **ଚଳିତ ସ୍ୱାସ୍ଥ୍ୟ ସ୍ଥିତି ଏବଂ ଅନ୍ୟ କାରକ କିମ୍ବା ଅଭିଯୋଗ :** ସଙ୍କଟର ମାତ୍ରା/ତୀବ୍ରତା ଓ ବୀମାଯୋଗ୍ୟତା କୁ ସୁନିଶ୍ଚିତ କରିବା ମହତ୍ୱପୂର୍ଣ୍ଣ ଅଟେ ଏବଂ ଯଥାର୍ଥ ପ୍ରକଟୀକରଣ ଓ ଡାକ୍ତରୀ ପରୀକ୍ଷା ଦ୍ୱାରା ଏହାକୁ ସିଦ୍ଧ କରାଯାଇପାରେ ।

i) **ପରିବେଶ ଏବଂ ଆବାସ :** ଏଗୁଡିକର ମଧ ରୁଗ୍ଣତା ହାର ଉପରେ ପ୍ରଭାବ ଥାଏ ।

ସ୍ୱତଃ ପରୀକ୍ଷଣ କରନ୍ତୁ 1

ସଙ୍କଟାଙ୍କନ ______________ ର ପ୍ରକ୍ରିୟା ଅଟେ ।

I. ବୀମା ଉତ୍ପାଦ ବିପଣନ କରିବା
II. ଗ୍ରାହକମାନଙ୍କ ଠାରୁ ପ୍ରିମିୟମ ସଂଗ୍ରହ କରିବା
III. ସଙ୍କଟ ଚୟନ ଓ ସଙ୍କଟ ମୂଲ୍ୟ ନିର୍ଦ୍ଧାରଣ
IV. ବିଭିନ୍ନ ବୀମା ଉତ୍ପାଦ ବିକ୍ରି କରିବା

B. ସଙ୍କଟାଙ୍କନ – ମୂଳଭୂତ ଧାରଣା

1. **ସଙ୍କଟାଙ୍କନ ର ଉଦ୍ଦେଶ୍ୟ**

ସଙ୍କଟାଙ୍କନ ର ଉଦ୍ଦେଶ୍ୟ କୁ ପରୀକ୍ଷା କରିବା ସହିତ ଆମେ ଆରମ୍ଭ କରୁଛୁ । ଏହାର ଦୁଇଟି ଉଦ୍ଦେଶ୍ୟ ରହିଛି

- **i.** ବିପରୀତ-ଚୟନ ଅର୍ଥାତ୍ ବୀମାକର୍ତ୍ତା ବିରୁଦ୍ଧରେ ଚୟନ ରେ ବାଧା ଦେବା
- **ii.** ସଙ୍କଟଗୁଡିକର ବର୍ଗୀକରଣ କରିବା ଏବଂ ସଙ୍କଟଗୁଡିକ ମଧ୍ୟରେ ନିଷ୍ପକ୍ଷତା/ସମାନତା ସୁନିଶ୍ଚିତ କରିବା

ପରିଭାଷା

ସଙ୍କଟର ଚୟନ ପଦ ସ୍ୱାସ୍ଥ୍ୟ ବୀମା ପାଇଁ ପ୍ରତ୍ୟେକ ପ୍ରସ୍ତାବକୁ ଏହା ଉପସ୍ଥାପିତ କରୁଥିବା ସଙ୍କଟର ତୀବ୍ରତା କୁ ମୂଲ୍ୟାଙ୍କନ କରିବାର ଏବଂ ତାପରେ ବୀମାର ସ୍ୱୀକୃତି ଦେବା ଅଛି କି ନାହିଁ ଓ କେଉଁ ସର୍ତ୍ତାବଳୀ ରେ, ଏହାର ନିର୍ଣ୍ଣୟ ନେବାର ପ୍ରକ୍ରିୟାକୁ ସୂଚୀତ କରେ ।

ବିପରୀତ-ଚୟନ (କିମ୍ବା ପ୍ରତିକୂଳ ଚୟନ) ହେଉଛି ସେହି, ଯେଉଁମାନେ ସନ୍ଦେହ କରନ୍ତି କିମ୍ବା ଜାଣନ୍ତି ଯେ ଏକ ହାନି ଅନୁଭୂତ କରିବାର ସେମାନଙ୍କ ସମ୍ଭାବନା ଅଧିକ ଅଛି, ସେମାନଙ୍କ ଆଗ୍ରହ ସହିତ ବୀମା ପାଇବା ଓ ପ୍ରକ୍ରିୟାରେ ଲାଭ ପାଇବାର ପ୍ରବୃତ୍ତି ।

ଉଦାହରଣ

ଯଦି ବୀମାକର୍ତ୍ତାମାନେ କାହାକୁ ଓ କିପରି ବୀମା ପ୍ରଦାନ କରିବେ, ସେ ବିଷୟରେ ସେମାନେ ଚୟନାତ୍ମକ ନ ହେବେ, ଏକ ସମ୍ଭାବନା ରହିପାରେ ଯେ ମଧୁମେହ, ଉଚ୍ଚ ରକ୍ତଚାପ, ହୃତପିଣ୍ଡ ସମସ୍ୟା କିମ୍ବା କ୍ୟାନସର ଭଳି ରୋଗ ଥିବା ଲୋକମାନେ, ଯେଉଁମାନେ ଜାଣନ୍ତି ଯେ ସେମାନେ ଶୀଘ୍ର ହସ୍ପିଟାଲାଇଜେଶନ ଆବଶ୍ୟକ କରିବେ, ସ୍ୱାସ୍ଥ୍ୟ ବୀମା କିଣିବା ପାଇଁ ଚାହିଁବେ, ବୀମାକର୍ତ୍ତା ପାଇଁ ହାନି ଉତ୍ପନ୍ନ କରିବେ ।

ଅନ୍ୟ ଶବ୍ଦରେ, ଯଦି ଏକ ବୀମାକର୍ତ୍ତା ଚୟନ ର ଉପଯୋଗ ନ କରେ ଏହା ପ୍ରତିକୂଳ ରୂପେ ଚୟନିତ ହେବ ଏବଂ ସେ ପ୍ରକ୍ରିୟାରେ ହାନିରେ ଆକ୍ରାନ୍ତ ହେବ ।

2. **ସଙ୍କଟଗୁଡିକରେ ଇକ୍ୱିଟୀ (ନିଷ୍ପକ୍ଷତା/ନ୍ୟାୟସଙ୍ଗତତା)**

ଆସନ୍ତୁ ବର୍ତ୍ତମାନ ସଙ୍କଟ ଗୁଡିକରେ ନିଷ୍ପକ୍ଷତା ଉପରେ ବିଚାର କରିବା । "ଇକ୍ୱିଟୀ" ଶବ୍ଦର ଅର୍ଥ ହେଉଛି ଯେ ସେହି ଆବେଦକ ଯେଉଁମାନେ ସମାନ ମାତ୍ରାର ସଙ୍କଟର ସମ୍ମୁଖୀନ ହୁଅନ୍ତି, ସେମାନଙ୍କୁ ସମାନ ପ୍ରିମିୟମ ବର୍ଗରେ ନିଶ୍ଚୟ ରଖାଯିବା ଉଚିତ୍ । ଲାଗୁ କରିବାକୁ ଥିବା ପ୍ରିମିୟମଗୁଡିକୁ ନିର୍ଦ୍ଧାରିତ କରିବା ପାଇଁ ବୀମାକର୍ତ୍ତାମାନେ କିଛି ପ୍ରକାରର ମାନକୀକରଣ ରଖିବା ପାଇଁ ଚାହିଁବେ । ଏ ପ୍ରକାରେ ମଧ୍ୟମ ସଙ୍କଟ ସମ୍ମୁଖୀନ ହେଉଥିବା ଲୋକେ ସମାନ ପ୍ରିମିୟମ ଦେବା ଉଚିତ୍ ଯେତେବେଳେ କି ଅଧିକ ସଙ୍କଟ ଥିବା ଲୋକେ ଅଧିକ ପ୍ରିମିୟମ ଦେବା ଉଚିତ୍ । ସେମାନେ ସେହି ବ୍ୟାପକ ଅଧିକାଂଶ ବ୍ୟକ୍ତିମାନଙ୍କ ଉପରେ ମାନକୀକରଣକୁ ଲାଗୁ କରିବା ପାଇଁ ଚାହାଁନ୍ତି ଯେଉଁମାନେ ମଧ୍ୟମ ସଙ୍କଟ ବର୍ଗରେ ଅଛନ୍ତି ଯେତେବେଳେ କି ଅଧିକ ସଙ୍କଟମୟ ସଙ୍କଟ ଗୁଡିକ ଉପରେ ନିର୍ଣ୍ଣୟ ନେବା ପାଇଁ ତଥା ସେଗୁଡିକର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ସେମାନେ ଅଧିକ ସମୟ ଦେଇ ପାରନ୍ତେ ।

a) ସଙ୍କଟ ବର୍ଗୀକରଣ

ଇକ୍ୱିଟୀ କୁ ପ୍ରବେଶ କରାଇବା ପାଇଁ, ସଙ୍କଟାଙ୍କକ ଏକ ପ୍ରକ୍ରିୟାରେ ନିଯୁକ୍ତ ରହେ ଯାହାକୁ ସଙ୍କଟ ବର୍ଗୀକରଣ କୁହାଯାଏ ଅର୍ଥାତ୍ ବ୍ୟକ୍ତିମାନଙ୍କୁ ବର୍ଗୀକୃତ କରାଯାଏ ଏବଂ ସେମାନେ ସମ୍ମୁଖୀନ ହେଉଥିବା ସଙ୍କଟ ଗୁଡିକର ମାତ୍ରା ଉପରେ ଆଧାର କରି ଭିନ୍ନ ଭିନ୍ନ ସଙ୍କଟ ବର୍ଗରେ ଅନ୍ତର୍ଭୁକ୍ତ କରାଯାଆନ୍ତି । ସେଭଳି ଚାରିଗୋଟି ସଙ୍କଟ ବର୍ଗ ଅଛି ।

i. ଷ୍ଟାଣ୍ଡାର୍ଡ (ମାନକ) ସଙ୍କଟ

ଏହା ସେହି ଲୋକମାନଙ୍କୁ ସମ୍ମିଳିତ କରେ ଯେଉଁମାନଙ୍କ ପ୍ରତ୍ୟାଶିତ ରୁଗ୍ଣତା (ରୋଗରେ ପୀଡିତ ହେବାର ସମ୍ଭାବନା) ମଧ୍ୟମ ଅଟେ ।

ii. ବାଞ୍ଛିତ ସଙ୍କଟ

ଏଗୁଡିକ ସେହି ସଙ୍କଟସବୁ ଅଟନ୍ତି ଯେଉଁଗୁଡିକର ପ୍ରତ୍ୟାଶିତ ରୁଗ୍ଣତା/ବ୍ୟାଧିଗ୍ରସ୍ତତା ମଧ୍ୟମ ଠାରୁ ଅତ୍ୟଧିକ କମ୍ ଥାଏ ଏବଂ ତେଣୁ ଅପେକ୍ଷାକୃତ କମ୍ ପ୍ରିମିୟମ ଲାଗୁ କରାଯାଇପାରେ ।

iii. ସବଷ୍ଟାଣ୍ଡାର୍ଡ (ଉପମାନକ) ସଙ୍କଟ

ଏଗୁଡିକ ସେହି ସଙ୍କଟ ସବୁ ଅଟନ୍ତି ଯେଉଁ ଗୁଡିକର ପ୍ରତ୍ୟାଶିତ ରୁଗ୍ଣତା ମଧ୍ୟମଠାରୁ ଅଧିକ ଥାଏ, କିନ୍ତୁ ତେବେ ବି ବୀମାଯୋଗ୍ୟ ବୋଲି ବିଚାର କରାଯାଏ । ସେଗୁଡିକୁ ଅଧିକ (କିମ୍ବା ଅତିରିକ୍ତ) ପ୍ରିମିୟମ ସହିତ କିମ୍ବା କିଛି ପ୍ରତିବନ୍ଧ ଅନ୍ତର୍ଗତ ବୀମା ପାଇଁ ସ୍ୱୀକୃତି ଦିଆ ଯାଇପାରେ ।

iv. ଅସ୍ୱୀକୃତ ସଙ୍କଟ

ଏଗୁଡିକ ସେହି ସଙ୍କଟସବୁ ଅଟନ୍ତି ଯେଉଁଗୁଡିକର ହାନି ଓ ପ୍ରତ୍ୟାଶିତ ଅତିରିକ୍ତ ରୁଗ୍ଣତା ଏତେ ବଡ ଅଟେ ଯେ ସେଗୁଡିକୁ ଏକ ଶସ୍ତା ମୂଲ୍ୟରେ ବୀମା ସୁରକ୍ଷା ପ୍ରଦାନ କରାଯାଇ ପାରିବ ନାହିଁ । ବେଳେ ବେଳେ ଏକ ବ୍ୟକ୍ତିର ପ୍ରସ୍ତାବକୁ ମଧ୍ୟ ଅସ୍ଥାୟୀରୂପେ ଅଗ୍ରାହ୍ୟ କରାଯାଇପାରେ ଯଦି ସେ ଏବେ ଏବେ ଅପରେଶନ ଭଳି ଏକ ମେଡିକଲ ଘଟଣା ଦେଇ ଗତି କରିଛି ।

3. ଚୟନ ପ୍ରକ୍ରିୟା

ସଙ୍କଟାଙ୍କନ କିମ୍ବା ଚୟନ ପ୍ରକ୍ରିୟା ଦୁଇଟି ସ୍ତରରେ ହୁଏ ବୋଲି କୁହାଯାଇପାରେ :

- ✓ କ୍ଷେତ୍ର ସ୍ତର ରେ
- ✓ ସଙ୍କଟାଙ୍କନ ବିଭାଗ ସ୍ତରରେ

ଚିତ୍ର 7: **ସଙ୍କଟାଙ୍କନ କିମ୍ବା ଚୟନ ପ୍ରକ୍ରିୟା**



b) **କ୍ଷେତ୍ର କିମ୍ବା ପ୍ରାଥମିକ ସ୍ତର**

କ୍ଷେତ୍ର ସ୍ତର ସଙ୍କଟାଙ୍କନ କୁ ପ୍ରାଥମିକ ସଙ୍କଟାଙ୍କନ ମଧ୍ୟ କୁହାଯାଇପାରେ । ଏକ ଆବେଦକ ବୀମା ସୁରକ୍ଷା ସ୍ୱୀକୃତି ପାଇବା ପାଇଁ ଉପଯୁକ୍ତ କି ନୁହେଁ ଏହା ନିର୍ଣ୍ଣୟ କରିବା ପାଇଁ ଏକ ଅଭିକର୍ତ୍ତା ଅଥବା କମ୍ପାନୀ ପ୍ରତିନିଧି ଦ୍ୱାରା ତଥ୍ୟ ସଂଗ୍ରହ କୁ ଏହା ଅନ୍ତର୍ଭୁକ୍ତ କରେ । ପ୍ରାଥମିକ ସଙ୍କଟାଙ୍କକ ରୂପେ ଅଭିକର୍ତ୍ତା ଏକ ସଂବେଦନଶୀଳ ଭୂମିକା ନିଭାଏ । ବୀମିତ କରିବାକୁ ଥିବା ପ୍ରତ୍ୟାଶିତ କ୍ଲାଏଣ୍ଟ କୁ ଜାଣିବା ପାଇଁ ସେ ସର୍ବୋତ୍ତମ ସ୍ଥାନରେ ଥାଏ ।

କେତେକ ବୀମା କମ୍ପାନୀମାନେ ଆବଶ୍ୟକ କରି ପାରନ୍ତି ଯେ ପ୍ରସ୍ତାବକ ସମ୍ବନ୍ଧରେ ବୀମାକର୍ତ୍ତା ଦ୍ୱାରା ଦେବାକୁ ଥିବା ବିଶେଷ ତଥ୍ୟ, ମତ ଓ ସୁପାରିଶ ମାଗୁଥିବା ଏକ ଉକ୍ତି କିମ୍ବା ଗୋପନୀୟ ରିପୋର୍ଟ କୁ ଅଭିକର୍ତ୍ତାମାନେ ସଂପୂର୍ଣ୍ଣ କରନ୍ତୁ ।

ସେ ପ୍ରକାରର ଏକ ରିପୋର୍ଟ, ଯାହାକୁ ନୈତିକ ଆପଦ ରିପୋର୍ଟ କୁହାଯାଇଛି, କୁ ମଧ୍ୟ ବୀମା କମ୍ପାନୀ ର ଏକ କର୍ମକର୍ତ୍ତା ଦ୍ୱାରା ମଗା ଯାଇପାରେ । ଏହି ରିପୋର୍ଟଗୁଡିକ ସାଧାରଣତଃ ପ୍ରସ୍ତାବିତ ଜୀବନର ବ୍ୟବସାୟ, ଆୟ ଏବଂ ଆର୍ଥିକ ସ୍ଥିତି ଓ ଖ୍ୟାତି କୁ ଆବୃତ କରନ୍ତି ।

ନୈତିକ ଆପଦ କ'ଣ ଅଟେ ?

ଯେତେବେଳେ ଆୟୁ, ଲିଙ୍ଗ, ଅଭ୍ୟାସ ଇତ୍ୟାଦି ଭଳି କାରକଗୁଡିକ ଏକ ସ୍ୱାସ୍ଥ୍ୟ ସଙ୍କଟର ଭୌତିକ ଆପଦକୁ ସୂଚୀତ କରନ୍ତି, ଅନ୍ୟ କିଛି ଗୋଟିଏ ଜିନିଷ ଅଛି ଯାହାକୁ ନିକଟରୁ ଦେଖିବାର ଆବଶ୍ୟକତା ଅଛି । ଏହା ହେଉଛି କ୍ଲାଏଣ୍ଟ ର ନୈତିକ ଆପଦ ଯାହା ବୀମା କମ୍ପାନୀକୁ ବହୁତ ମହଙ୍ଗା ପ୍ରମାଣିତ ହୋଇପାରେ ।

ଖରାପ ନୈତିକ ଆପଦର ଏକ ଚରମ ଉଦାହରଣ ହେଉଛି ଏକ ବୀମିତ ର ଉଦାହରଣ ଯିଏ ସ୍ୱାସ୍ଥ୍ୟ ବୀମା ନିଏ ଏହା ଜାଣି ଯେ ଅଳ୍ପ ସମୟ ମଧ୍ୟରେ ତାକୁ ଏକ ସର୍ଜିକଲ ଅପରେଶନ ଦେଇ ଗତି କରିବ କିନ୍ତୁ ବୀମାକର୍ତ୍ତାକୁ ଏହା ପ୍ରକଟ କରେ ନାହିଁ । ଏ ପ୍ରକାରେ ଏହା କେବଳ ଏକ ଦାବୀ ପ୍ରାପ୍ତ କରିବା ପାଇଁ ବୀମା ନେବାର ଏକ ଅଭିସନ୍ଧିମୂଳକ ଉଦ୍ଦେଶ୍ୟ ଅଟେ ।

ହାନି ପ୍ରତି ଉଦାସୀନତା ଅନ୍ୟ ଏକ ଉଦାହରଣ ଅଟେ । ବୀମାର ଉପସ୍ଥିତି କାରଣରୁ, ବୀମିତ ତା' ସ୍ୱାସ୍ଥ୍ୟ ପ୍ରତି ଏକ ଅସାବଧାନ ମନୋବୃତ୍ତି ପୋଷଣ କରିବା ପାଇଁ ପ୍ରଲୋଭିତ ହୋଇପାରେ ଏହା ଜାଣି ଯେ କୌଣସି ବି ହସ୍ପିଟାଲାଇଜେଶନ ପାଇଁ ବୀମାକର୍ତ୍ତା ବିଲ ପ୍ରଦାନ କରିବ ।

'ମନୋବଳ ଆପଦ' କୁହାଯାଉଥିବା ଅନ୍ୟ ଏକ ପ୍ରକାରର ଆପଦ ମଧ୍ୟ ଉଲ୍ଲେଖନୀୟ ଅଟେ । ଏଠି ବୀମିତ କୌଣସି କପଟ/ ଚାଲାକି କରି ନ ପାରେ, କିନ୍ତୁ ଏହା ଜାଣି ଯେ ତା'ପାଖରେ ଏକ ବଡ ମାତ୍ରାର ବୀମା ରାଶି ଅଛି, ସେ ସର୍ବାଧିକ ମହଙ୍ଗା ଚିକିତ୍ସା ଗ୍ରହଣ କରିବା, ସର୍ବାଧିକ ମହଙ୍ଗା କୋଠରୀରେ ରହିବା, ଇତ୍ୟାଦି କୁ ପସନ୍ଦ କରିପାରେ ଯାହା ସେ କରି ନ ଥାନ୍ତା ଯଦି ସେ ବୀମିତ ହୋଇ ନ ଥାନ୍ତା ।

କପଟ ନିରୀକ୍ଷଣ ଏବଂ ପ୍ରାଥମିକ ସଙ୍କଟାଙ୍କକ ରୂପେ ଅଭିକର୍ତ୍ତା ର ଭୂମିକା

ଏକ ସଙ୍କଟ ର ଚୟନ ସମ୍ବନ୍ଧରେ ନିର୍ଣ୍ଣୟ ର ଅଧିକାଂଶ ସେହି ତଥ୍ୟ ସବୁ ଉପରେ ନିର୍ଭର କରେ .ଯାହା ସବୁ ପ୍ରସ୍ତାବକ ଦ୍ୱାରା ପ୍ରସ୍ତାବ ଫର୍ମରେ ପ୍ରକଟ କରାଯାଇଥିବ । ଏକ ସଙ୍କଟାଙ୍କକ ଯିଏ ସଙ୍କଟାଙ୍କନ ବିଭାଗରେ ବସିଥିବ, ତା' ପାଇଁ ଏହା ଜାଣିବା କଷ୍ଟସାଧ୍ୟ ହୋଇପାରେ ଯେ ଏହି ତଥ୍ୟ ସବୁ ଅସତ୍ୟ ଅଟେ ଏବଂ ଠକିବାର ଅଭିସନ୍ଧିମୂଳକ ଉଦ୍ଦେଶ୍ୟ ନେଇ କପଟପୂର୍ଣ୍ଣ ଭାବେ ଏଗୁଡିକର ଭୁଲଚିତ୍ରଣ କରାଯାଇଛି ।

ଅଭିକର୍ତ୍ତା ଏଇଠି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେ ଏହା ସୁନିଶ୍ଚିତ କରିବା ପାଇଁ ସର୍ବଶ୍ରେଷ୍ଠ ସ୍ଥାନରେ ଅଛି ଯେ ସେହି ତଥ୍ୟସବୁ ଯେଉଁ ସବୁ କୁ ଉପସ୍ଥାପିତ କରାଯାଇଛି ସେଗୁଡିକ ସତ୍ୟ ଅଟେ, ଯେହେତୁ ପ୍ରସ୍ତାବକ ସହିତ ଅଭିକର୍ତ୍ତାର ପ୍ରତ୍ୟକ୍ଷ ଓ ବ୍ୟକ୍ତିଗତ ସଂପର୍କ ଥାଏ ଏବଂ ଏପ୍ରକାରେ ଯାଞ୍ଚ କରିପାରେ ଯେ ଭୁଲ ମାର୍ଗ ଦେଖାଇବା ଉଦ୍ଦେଶ୍ୟରେ ଅଭିଷ୍ଟ ଅଣ-ପ୍ରକଟୀକରଣ କିମ୍ବା ଭୁଲ ଚିତ୍ରଣ କରାଯାଇଛି କି ନାହିଁ ।

c. **ସଙ୍କଟାଙ୍କନ ବିଭାଗ ସ୍ତର**

ଦ୍ୱିତୀୟ ସ୍ତରର ସଙ୍କଟାଙ୍କନ ହେଉଛି ବିଭାଗ କିମ୍ବା କାର୍ଯ୍ୟାଳୟ ସ୍ତର ରେ । ଏହା ସେହି ବିଶେଷଜ୍ଞ ଓ ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରେ ଯେଉଁମାନେ ସେ ଭଳି କରାଯ୍ୟରେ ଦକ୍ଷ ଅଟନ୍ତି ଏବଂ ସେମାନେ ପ୍ରକରଣ ଉପରେ ସମସ୍ତ ଆବଶ୍ୟକୀୟ ତଥ୍ୟକୁ ବିଚାର କରନ୍ତି ଏହା ନିର୍ଣ୍ଣୟ କରିବା ପାଇଁ ଯେ ବୀମା ପାଇଁ ପ୍ରସ୍ତାବକୁ ସ୍ୱୀକାର କରାଯିବ କି ନାହିଁ ଏବଂ ଯଦି ସ୍ୱୀକାର କରାଯିବ କେଉଁ ସର୍ତ୍ତାବଳୀ ରେ ।

C. ଫାଇଲ ଏବଂ ଉପଯୋଗ ମାର୍ଗଦର୍ଶିକା

ଏହାକୁ ନିଶ୍ଚିତ ରୂପେ ମନେ ରଖିବା ଉଚିତ୍ ଯେ ପ୍ରତ୍ୟେକ ବୀମାକର୍ତ୍ତାକୁ ସେଗୁଡିକର ବିପଣନ ପୂର୍ବରୁ ତାର ଉତ୍ପାଦଗୁଡିକୁ ଜାତ କରିବାକୁ ପଡେ ଏବଂ ଏହା ମଧ ସଙ୍କଟାଙ୍କନ ବିଭାଗର କାର୍ଯ୍ୟଗୁଡିକ ମଧ୍ୟରୁ ଗୋଟିଏ ଅଟେ । ଏଥି ପାଇଁ IRDAI ମାର୍ଗଦର୍ଶିକା ଜାରୀ କରିଛି ଯେଉଁଗୁଡିକର ସାରାଂଶ ନିମ୍ନରେ ଦିଆଯାଇଛି :

ପ୍ରତ୍ୟେକ କମ୍ପାନୀ ଲକ୍ଷ୍ୟ ଗ୍ରାହକମାନଙ୍କ ଆବଶ୍ୟକତା, ପ୍ରୟୋଜନ ଓ ପ୍ରାପ୍ତିଶକ୍ୟତା, ସଙ୍କଟାଙ୍କନ ବିଚାର, ବୀମାଙ୍କିକ ମୂଲ୍ୟ ନିର୍ଦ୍ଧାରଣ, ବଜାରରେ ପ୍ରତିଯୋଗିତାମୂଳକ ସ୍ଥିତି ଇତ୍ୟାଦିକୁ ଧ୍ୟାନରେ ରଖି ଏହାର ଉତ୍ପାଦଗୁଡିକର ଡିଜାଇନ କରିଥାଏ । ଏହି ପ୍ରକାରେ ବିଭିନ୍ନ ବର୍ଗର ଗ୍ରାହକମାନଙ୍କ ସକାଶେ ଚୟନ କରିବା ପାଇଁ ଅନେକ ସଂଖ୍ୟକ ବିକଳ୍ପ ଦେଖିବାକୁ ପାଉ ଯଦିଓ ଆଧାର ସ୍ତରରେ, ହସ୍ପିଟାଲାଇଜେଶନ ଖର୍ଚ୍ଚ କ୍ଷତିପୂର୍ତ୍ତି ଉତ୍ପାଦସବୁ ଭାରତୀୟ ବଜାରକୁ ଶାସନ କରନ୍ତି ।

ପ୍ରତ୍ୟେକ ନୂତନ ଉତ୍ପାଦ ପ୍ରବର୍ତ୍ତନ ହେବା ପୂର୍ବରୁ IRDA ଙ୍କ ସ୍ୱୀକୃତି ଆବଶ୍ୟକ କରେ । ଉତ୍ପାଦକୁ ନିମ୍ନରେ ଉଲ୍ଲେଖ କରାଯାଇଥିବା ଭଳି 'ଫାଇଲ ଏବଂ ଉପଯୋଗ'ପ୍ରାବଧାନ ଅନ୍ତର୍ଗତ ବିନିୟାମକ ରେ ଫାଇଲ କରିବା ଆବଶ୍ୟକ ହୁଏ । ଥରେ ପ୍ରବର୍ତ୍ତିତ ହୋଇଗଲେ, ଉତ୍ପାଦ ଅପସାରଣ ମଧ ମାର୍ଗଦର୍ଶିକାର ଅନୁପାଳନ କରେ । ଫାଇଲ ଏବଂ ଉପଯୋଗ ମାର୍ଗଦର୍ଶିକା ସମ୍ବନ୍ଧୀୟ ସମସ୍ତ ପ୍ରାବଧାନ, ଫର୍ମ, ରିଟର୍ଣ୍ଣ ଇତ୍ୟାଦି ସହିତ ନିଜକୁ ପରିଚିତ କରିବାପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଉଛି ।

IRDA ମାର୍ଗଦର୍ଶିକା ଅନୁସାରେ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକ ପାଇଁ ଫାଇଲ ଏବଂ ଉପଯୋଗ ପ୍ରକ୍ରିୟା :

a) କୌଣସି ବି ସ୍ୱାସ୍ଥ୍ୟ ବୀମା ଉତ୍ପାଦକୁ କୌଣସି ବି ବୀମାକର୍ତ୍ତା ଦ୍ୱାରା ବିପଣନ କରାଯିବ ନାହିଁ ଯଦି ଏହା ପାଖରେ ଫାଇଲ ଏବଂ ଉପଯୋଗ ପ୍ରକ୍ରିୟା ଅନୁଯାୟୀ ପ୍ରାଧିକାରୀଙ୍କ ଠାରୁ ପୂର୍ବ ଅନୁମତି ନ ଥିବ ।

b) କୌଣସି ସ୍ୱୀକୃତ ସ୍ୱାସ୍ଥ୍ୟ ବୀମା ଉତ୍ପାଦର କୌଣସି ପରବର୍ତ୍ତୀ ସଂଶୋଧନ କିମ୍ବା ପରିବର୍ତ୍ତନ ପାଇଁ ମଧ ସମୟ ସମୟରେ ଜାରୀ କରାଯାଉଥିବା ମାର୍ଗଦର୍ଶିକା ଅନୁଯାୟୀ ପ୍ରାଧିକାରୀଙ୍କ ଠାରୁ ପୂର୍ବ ଅନୁମତି ଆବଶ୍ୟକ ଅଟେ ।

   1. ଏକ ପଲିସୀରେ କୌଣସି ବି ସଂଶୋଧନ କିମ୍ବା ପରିବର୍ତ୍ତନ ଯାହା ପ୍ରାଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବ, ତାହାକୁ ସେଭଳି ସଂଶୋଧନ କିମ୍ବା ପରିବର୍ତ୍ତନ ପ୍ରଭାବୀ ହେବା ତାରିଖଠାରୁ ଅନ୍ୟୂନ ତିନି ମାସ ପୂର୍ବରୁ ପ୍ରତ୍ୟେକ ପଲିସୀଧାରୀ ଙ୍କୁ ସୂଚୀତ କରାଯିବ । ସୂଚନା ସେଭଳି ସଂଶୋଧନ କିମ୍ବା ପରିବର୍ତ୍ତନ ର କାରଣ ସବୁକୁ ଦର୍ଶାଇବ, ବିଶେଷ ରୂପେ ପ୍ରିମିୟମ ରେ ବୃଦ୍ଧି ଓ ସେହି ବୃଦ୍ଧିର ପରିମାଣ ର କାରଣ ।

   2. ପଲିସୀର ସର୍ତ୍ତାବଳୀ ରେ ପ୍ରିମିୟମ ସମେତ ସଂଶୋଧନ କିମ୍ବା ପରିବର୍ତ୍ତନର ସମ୍ଭାବନାକୁ ନିଶ୍ଚିତ ରୂପେ ବିବରଣୀ ପୁସ୍ତିକାରେ ପ୍ରକଟିତ କରିବା ଉଚିତ୍ ।

c) ଫାଇଲ ଏବଂ ଉପଯୋଗ ଆବେଦନ ଫର୍ମକୁ IRDAI ଦ୍ୱାରା ମାନକୀକୃତ କରାଯାଇଛି ଏବଂ ଡାଟାବେସ ଶୀଟ ଓ ଗ୍ରାହକ ସୂଚନା ଶୀଟ ସମେତ ଅନ୍ୟାନ୍ୟ ସଂଲଗ୍ନ ସହିତ ପଠାଇବାକୁ ପଡ଼େ ।

   ଗ୍ରାହକ ସୂଚନା ଶୀଟ ଯାହାକୁ ବିବରଣୀ ପୁସ୍ତିକା ଓ ପଲିସୀ ସହିତ ପ୍ରତ୍ୟେକ ବୀମିତଙ୍କୁ ଦେବାକୁ ହୁଏ, ସେଥିରେ ବୀମା ସୁରକ୍ଷାର ବିବରଣୀ, ଅପବର୍ଜନ, ଦାବୀ ଦେୟ ହେବା ପୂର୍ବରୁ ପ୍ରତୀକ୍ଷା ଅବଧି ଯଦି କିଛି ଥାଏ, ଦେୟପ୍ରଦାନ ପ୍ରତିପୂର୍ତ୍ତି ଆଧାରରେ କିମ୍ବା ଏକ ନିଶ୍ଚିତ ରାଶି ରୂପେ କରାଯିବ, ନୂତନୀକରଣ ସର୍ତ୍ତାବଳୀ ଓ ଲାଭ, କୋ-ପେ କିମ୍ବା କାଟଯୋଗ୍ୟ ର ବିବରଣୀ ଓ ରଦ୍ଦକରଣ ସର୍ତ୍ତାବଳୀ ଇତ୍ୟାଦି ଅନ୍ତର୍ଭୁକ୍ତ ଥାଏ ।

ପ୍ରାଧିକାରୀଙ୍କ ପୂର୍ବ ଅନୁମତି ପାଇଁ ଫାଇଲ ଏବଂ ଉପଯୋଗ ଆବେଦନ ନିଯୁକ୍ତ ବୀମାଙ୍କକ ଏବଂ ବୀମା କମ୍ପାନୀଙ୍କ CEO ଦ୍ୱାରା ପ୍ରମାଣୀକୃତ ହେବ ଏବଂ ଏହା ସେଭଳି ଫର୍ମାଟ ଓ ସମୟ ସମୟରେ ପ୍ରାଧିକାରୀଙ୍କ ଦ୍ୱାରା ଅନୁବନ୍ଧିତ କରାଯାଉଥିବା ସେଭଳି ଦଲିଲୀକରଣ ସହିତ ହେବ ।

d) ସ୍ୱାସ୍ଥ୍ୟ ବୀମା ଉତ୍ପାଦ ର ପ୍ରତ୍ୟାହରଣ

1. ଏକ ସ୍ୱାସ୍ଥ୍ୟ ବୀମା ଉତ୍ପାଦକୁ ପ୍ରତ୍ୟାହୃତ କରିବା ପାଇଁ; ପ୍ରତ୍ୟାହରଣର କାରଣ ଏବଂ ବିଦ୍ୟମାନ ପଲିସୀଧାରୀମାନଙ୍କ ପାଇଁ ଚିକିତ୍ସାର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରି ବୀମାକର୍ତ୍ତା ପ୍ରାଧିକାରୀଙ୍କ ପୂର୍ବ ସ୍ୱୀକୃତି ନେବେ ।

2. ପଲିସୀ ଦସ୍ତାବିଜ ଭବିଷ୍ୟତରେ ଉତ୍ପାଦଗୁଡିକର ପ୍ରତ୍ୟାହରଣ ଏବଂ ବିକଳ୍ପସବୁ ଯାହା ଉତ୍ପାଦଗୁଡିକର ପ୍ରତ୍ୟାହରଣରେ ପଲିସୀଧାରୀ ପାଇଁ ଉପଲବ୍ଧ ହୋଇପାରେ, ଏସବୁର ସମ୍ଭାବନା ବିଷୟରେ ସ୍ପଷ୍ଟରୂପେ ସୂଚୀତ କରିବ ।

3. ଯଦି ବିଦ୍ୟମାନ ଗ୍ରାହକ ବୀମାକର୍ତ୍ତାର ସୂଚନା ପ୍ରତି ପ୍ରତିକ୍ରିୟା ପ୍ରଦର୍ଶିତ କରେ ନାହିଁ, ପଲିସୀକୁ ନୂତନୀକରଣ ତାରିଖରେ ପ୍ରତ୍ୟାହୃତ କରାଯିବ ଏବଂ ସୁବାହ୍ୟତା ସ୍ଥିତି ଅଧୀନରେ, ବୀମିତକୁ ବୀମାକର୍ତ୍ତା ସହିତ ଉପଲବ୍ଧ ଥିବା ଏକ ନୂତନ ପଲିସୀକୁ ନେବା ପାଇଁ ପଡିବ ।

4. ପ୍ରତ୍ୟାହୃତ ଉତ୍ପାଦକୁ ସମ୍ଭାବ୍ୟ ଗ୍ରାହକମାନଙ୍କୁ ପ୍ରଦାନ କରାଯିବ ନାହିଁ ।

e) କୌଣସି ବି ଉତ୍ପାଦର ପ୍ରବର୍ତ୍ତନ ପରେ ଏହାର ସମସ୍ତ ବିବରଣୀକୁ ବର୍ଷକୁ ଅନ୍ୟୂନ ଥରେ ନିଯୁକ୍ତ ବୀମାଙ୍କକ ଦ୍ୱାରା ସମୀକ୍ଷା କରାଯିବ । ଯଦି ଉତ୍ପାଦଟି ଆର୍ଥିକ ରୂପେ ଅବ୍ୟବହାର୍ଯ୍ୟ କିମ୍ବା କୌଣସି ବିବରଣୀର ଅଭାବ ଅଛି ବୋଲି ଜଣାପଡ଼େ ନିଯୁକ୍ତ ବୀମାଙ୍କକ ଉତ୍ପାଦକୁ ଉପଯୁକ୍ତ ରୂପେ ସଂଶୋଧିତ କରିପାରେ ଏବଂ ଫାଇଲ ଓ ଉପଯୋଗ ପ୍ରକ୍ରିୟା ଅନ୍ତର୍ଗତ ସଂଶୋଧନ ପାଇଁ ଆବେଦନ କରିପାରେ ।

f) ଏକ ଉତ୍ପାଦ ଫାଇଲ ଏବଂ ଉପଯୋଗ ସ୍ୱୀକୃତ ପ୍ରାପ୍ତ ହେବାର ପାଞ୍ଚ ବର୍ଷ ପରେ, ନିଯୁକ୍ତ ବୀମାଙ୍କକ ସେହି ଉତ୍ପାଦର ଡିଜାଇନ କରିବା ସମୟରେ କରାଯାଇଥିବା ମୂଳ କଳ୍ପନା ତୁଳନାରେ ରୁଗ୍ଣତା, ବ୍ୟପଗମନ, ସୁଧ ହାର, ମୁଦ୍ରାସ୍ଫୀତି, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ବିବରଣୀ ଅନୁସାରେ ପ୍ରଦର୍ଶନର ସମୀକ୍ଷା କରିବ ଏବଂ ଉପଯୁକ୍ତ ଯୌକ୍ତିକତା କିମ୍ବା କରାଯାଇଥିବା ପୂର୍ବ କଳ୍ପନାରେ ପରିବର୍ତ୍ତନ ସହିତ ନୂତନ ସ୍ୱୀକୃତି ପାଇବା ପାଇଁ ଚାହିଁବେ ।

D. IRDAI ଙ୍କ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବୀମା ବିନିୟାମକ

ଫାଇଲ ଏବଂ ଉପଯୋଗ ମାର୍ଗଦର୍ଶିକା ବ୍ୟତୀତ, ସ୍ୱାସ୍ଥ୍ୟ ବୀମା ବିନିୟାମକରେ ନିମ୍ନଗୁଡିକ ମଧ୍ୟ ଆବଶ୍ୟକ ହୁଏ :

a. ସମସ୍ତ ବୀମା କମ୍ପାନୀ ଏକ ସ୍ୱାସ୍ଥ୍ୟ ବୀମା ସଙ୍କଟାଙ୍କନ ପଲିସୀ ବିକଶିତ କରିବ ଯେଉଁଟା କମ୍ପାନୀର ବୋର୍ଡ ଦ୍ୱାରା ସ୍ୱୀକୃତ ହେବ । ପଲିସୀ ଅନ୍ୟ ବିଷୟଗୁଡିକ ମଧ୍ୟରେ ପ୍ରସ୍ତାବ ଫର୍ମ ନିର୍ଦ୍ଧାରିତ କରିବା ଉଚିତ୍ । ଯେଉଁଥିରେ ପ୍ରତ୍ୟାଶିତ ଗ୍ରାହକମାନେ ଏକ ସ୍ୱାସ୍ଥ୍ୟ ପଲିସୀ କ୍ରୟ କରିବା ପାଇଁ ଆବେଦନ କରିପାରନ୍ତି । ସେହି ଫର୍ମ କମ୍ପାନୀର ଉଲ୍ଲିଖିତ ପଲିସୀ ଅନୁସାରେ ଏକ ପ୍ରସ୍ତାବକୁ ସଙ୍କଟାଙ୍କିତ କରିବା ପାଇଁ ଆବଶ୍ୟକ ସମସ୍ତ ତଥ୍ୟ ଧାରଣ କରିବା ଉଚିତ୍ ।

b. ସଙ୍କଟାଙ୍କନ ପଲିସୀକୁ ପ୍ରାଧିକାରୀ ପାଖରେ ଫାଇଲ କରାଯିବ । ଯେତେବେଳେ ଆବଶ୍ୟକ ହେବ, ପଲିସୀକୁ ପରିବର୍ତ୍ତିତ କରିବା ପାଇଁ କମ୍ପାନୀ ପାଖରେ ଅଧିକାର ଥାଏ, କିନ୍ତୁ ପ୍ରତ୍ୟେକ ପରିବର୍ତ୍ତନକୁ ମଧ୍ୟ ପ୍ରାଧିକାରୀ ପାଖରେ ଫାଇଲ କରାଯିବ ।

c. ବୋର୍ଡ ସ୍ୱୀକୃତ ସଙ୍କଟାଙ୍କନ ପଲିସୀ ଆଧାରରେ ସ୍ୱାସ୍ଥ୍ୟ ବୀମା ପାଇଁ କୌଣସି ବି ପ୍ରସ୍ତାବକୁ ସଂପୂର୍ଣ୍ଣ ରୂପେ ସ୍ୱୀକୃତ କିମ୍ବା ଅସ୍ୱୀକୃତ କରାଯାଇପାରେ, ଅସ୍ୱୀକାରର କାରଣଗୁଡିକୁ ଉଲ୍ଲେଖ କରି, ପ୍ରସ୍ତାବର ଅସ୍ୱୀକାର ବିଷୟରେ ଲିଖିତ ରୂପେ ପ୍ରତ୍ୟାଶିତ ଗ୍ରାହକକୁ ସୂଚୀତ କରାଯିବ ।

d. ବୀମିତକୁ ପ୍ରିମିୟମ ଉପରେ ଏବଂ ଉର୍ଦ୍ଧ୍ୱରେ ଲାଗୁ କରାଯାଉଥିବା କୌଣସି ବି ସଙ୍କଟାଙ୍କନ ଲୋଡିଙ୍ଗ୍ ବିଷୟରେ ସୂଚୀତ କରାଯିବ ଏବଂ ଏକ ପଲିସୀ ନିର୍ଗମ ପୂର୍ବରୁ ସେଭଳି ଲୋଡିଙ୍ଗ୍ ପାଇଁ ପଲିସୀଧାରୀର ବିଶେଷ ସମ୍ମତି ପ୍ରାପ୍ତ କରାଯିବ ।

e. ଯଦି ଏକ ବୀମା କମ୍ପାନୀ ଏକ ପଲିସୀର ପରବର୍ତ୍ତୀ ଅବସ୍ଥାରେ କିମ୍ବା ଏହାର ନୂତନୀକରଣ ସମୟରେ କୌଣସି ଅଧିକ ସୂଚନା, ଯେପରି କି ବ୍ୟବସାୟରେ ପରିବର୍ତ୍ତନ, ଆବଶ୍ୟକ କରେ, ଏହା ବୀମିତ ଦ୍ୱାରା ପୂରଣ ହେବା ପାଇଁ ମାନକ ଫର୍ମ ନିର୍ଦ୍ଧାରିତ କରିବ ଏବଂ ଏହି ଫର୍ମଗୁଡିକୁ ପଲିସୀ ଦସ୍ତାବିଜର ଅଂଶ କରିବ, ସେହି ଘଟଣାଗୁଡିକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରେ ଯାହା ସେଭଳି ସୂଚନାର ଉପସ୍ଥାପନ ଓ ସେ ଭଳି ଘଟଣାରେ ପ୍ରଯୁଜ୍ୟ ସର୍ତ୍ତାବଳୀକୁ ଆବଶ୍ୟକ କରିବ ।

f. ବୀମାକର୍ତ୍ତାମାନେ ପ୍ରଥମ ପ୍ରବିଷ୍ଟ, ଅବିଚ୍ଛିନ୍ନ ନୂତନୀକରଣ, ସେହି ଏକା ବୀମାକର୍ତ୍ତା ସହିତ ଅନୁକୂଳ ଦାବୀ ଅନୁଭୂତି ଇତ୍ୟାଦି ପାଇଁ ପଲିସୀଧାରୀମାନଙ୍କୁ ପୁରସ୍କୃତ କରିବାକୁ ପ୍ରଣାଳୀ/ପ୍ରକ୍ରିୟା କିମ୍ବା ପ୍ରୋତ୍ସାହନ ର ବିଚାର କରିପାରନ୍ତି ଓ ଫାଇଲ ଏବଂ ଉପଯୋଗ ମାର୍ଗଦର୍ଶିକା ଅନ୍ତର୍ଗତ ସ୍ୱୀକୃତ ହୋଇଥିବା ଅନୁସାରେ, ବିବରଣୀ ପୁସ୍ତିକା ଓ ପଲିସୀ ଦସ୍ତାବିଜରେ ସେହି ପ୍ରଣାଳୀ/ପ୍ରକ୍ରିୟା କିମ୍ବା ପ୍ରୋତ୍ସାହନ ସମ୍ବନ୍ଧରେ ଆଗରୁ ପ୍ରକଟ କରିପାରେ ।

ସ୍ୱାସ୍ଥ୍ୟ ପଲିସୀଗୁଡିକର ସୁବାହ୍ୟତା ସମ୍ବନ୍ଧୀୟ ମାର୍ଗଦର୍ଶିକା

IRDAI ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକର ସୁବାହ୍ୟତା ସମ୍ବନ୍ଧରେ ସ୍ପଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି । ଏଗୁଡିକ ନିମ୍ନରେ ଉଲ୍ଲେଖ କରାଯାଇଛି :

1. ନିମ୍ନଲିଖିତ କ୍ଷେତ୍ରରେ ସୁବାହ୍ୟତାର ସ୍ୱୀକୃତି ଦିଆଯିବ :

   a. ପରିବାର ଫ୍ଲୋଟର ପଲିସୀଗୁଡିକ ସମେତ ଅଣ-ଜୀବନ ବୀମା କମ୍ପାନୀମାନଙ୍କ ଦ୍ୱାରା ଜାରୀ କରାଯାଇଥିବା ସମସ୍ତ ବୈୟକ୍ତିକ ସ୍ୱାସ୍ଥ୍ୟ ବୀମା ପଲିସୀ

   b. ଏକ ଅଣ-ଜୀବନ ବୀମା କମ୍ପାନୀର କୌଣସି ସମୂହ ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ପରିବାର ସଦସ୍ୟ ସହିତ, ବୈୟକ୍ତିକ ସଦସ୍ୟମାନଙ୍କ ପାଖରେ ସେହି ଏକା ବୀମାକର୍ତ୍ତା ପାଖରେ ସେଭଳିଆ ଏକ ସମୂହ ପଲିସୀ ଠାରୁ

ଏକ ବୈୟକ୍ତିକ ସ୍ୱାସ୍ଥ୍ୟ ବୀମା ପଲିସୀ କିମ୍ବା ଏକ ପରିବାର ଫ୍ଲୋଟର ପଲିସୀକୁ ପରିବର୍ତ୍ତିତ କରିବାର ଅଧିକାର ଥିବ । ତା'ପରେ, ତାକୁ ପରବର୍ତ୍ତୀ ନୂତନୀକରଣରେ ସୁବାହ୍ୟତା ପାଇଁ ଅଧିକାର ଦିଆଯିବ ।

2. ପଲିସୀଧାରୀ ଦ୍ୱାରା ସୁବାହ୍ୟତା ର ଚୟନ କେବଳ ନୂତନୀକରଣ ସମୟରେ କରାଯାଇପାରେ, ପଲିସୀ ଚାଲୁଥିବା ଅବଧିରେ ନୁହେଁ ।

3. ତାର ପଲିସୀ କୁ ଅନ୍ୟ ଏକ ବୀମା ପଲିସୀରେ ପୋର୍ଟ କରିବା ପାଇଁ ଚାହୁଁଥିବା ଏକ ପଲିସୀଧାରୀକୁ, ପରିବାରର ସମସ୍ତ ସଦସ୍ୟ ଯଦି କିଛି ଥାଆନ୍ତି, ସେମାନଙ୍କ ସହିତ ସଂପୂର୍ଣ୍ଣ ପଲିସୀକୁ ପୋର୍ଟ କରିବା ପାଇଁ, ବିଦ୍ୟମାନ ପଲିସୀର ପ୍ରିମିୟମ ନୂତନୀକରଣ ତାରିଖର ଅନ୍ୟୂନ 45 ଦିନ ପୂର୍ବରୁ ସେହି ବୀମା କମ୍ପାନୀକୁ ଆବେଦନ କରିବାକୁ ପଡ଼ିବ ।

4. ନୂତନ ବୀମାକର୍ତ୍ତା ସୁବାହ୍ୟତା ପ୍ରଦାନ କରିପାରେ କିମ୍ବା କରି ନ ପାରେ ଯଦି ପଲିସୀଧାରୀ ପ୍ରିମିୟମ ନୂତନୀକରଣ ତାରିଖରୁ ଅନ୍ୟୂନ 45 ଦିନ ପୂର୍ବରୁ IRDAI – ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାରେ ବିଫଳ ହୁଏ ।

5. ସେଭଳି ସୂଚନାର ପ୍ରାପ୍ତିରେ, ବୀମା କମ୍ପାନୀ ଆବେଦକ କୁ ଏକ ପ୍ରସ୍ତାବ ଫର୍ମ ସହିତ IRDAI ମାର୍ଗଦର୍ଶିକା ସ୍ଥିତ ସଂଲଗ୍ନ 'I' ରେ ଥିବା ଭଳି ସୁବାହ୍ୟତା ଫର୍ମ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ବୀମା ଉତ୍ପାଦ ଉପରେ ଆବଶ୍ୟକ ଉତ୍ପାଦ ସାହିତ୍ୟ ଯାହାକୁ ପ୍ରଦାନ କରାଯାଇପାରେ, ଏସବୁ କୁ ପ୍ରଦାନ କରିବ ।

6. ପଲିସୀଧାରୀ ପ୍ରସ୍ତାବ ଫର୍ମ ସହିତ ସୁବାହ୍ୟତା ଫର୍ମକୁ ପୂରଣ କରିବ ଏବଂ ତାହାକୁ ବୀମା କମ୍ପାନୀ ପାଖରେ ଜମା କରିବ ।

7. ସୁବାହ୍ୟତା ଫର୍ମର ପ୍ରାପ୍ତି ପରେ, ବୀମା କମ୍ପାନୀ ସମ୍ବନ୍ଧିତ ପଲିସୀଧାରୀର ମେଡିକଲ ଇତିହାସ ଓ ଦାବୀ ଇତିହାସ ର ଆବଶ୍ୟକ ବିବରଣୀ ମାଗି ବିଦ୍ୟମାନ ବୀମା କମ୍ପାନୀ ପ୍ରତି ଧ୍ୟାନ ଦେବ । ଏହାକୁ ଆଇ ଆର୍ ଡି ଏ ଙ୍କ ୱେବ୍ ପୋର୍ଟଲ ମାଧ୍ୟମରେ କରାଯିବ

8. ସୁବାହ୍ୟତା ରେ ସେଭଳି ଏକ ଅନୁରୋଧ ପ୍ରାପ୍ତ ହେବା ପରେ ବୀମା କମ୍ପାନୀ ଅନୁରୋଧ ପ୍ରାପ୍ତିର 7 କାର୍ଯ୍ୟ ଦିବସ ମଧ୍ୟରେ ଆଇ ଆର୍ ଡି ଏ ଙ୍କ ୱେବ୍ ପୋର୍ଟଲ ରେ ନିର୍ଦ୍ଧାରିତ ବୀମା ପଲିସୀଗୁଡିକର ପୋର୍ଟ କରିବା ପାଇଁ ଡାଟା ଫର୍ମାଟ ରେ ଆବଶ୍ୟକୀୟ ତଥ୍ୟଗୁଡିକୁ ପ୍ରଦାନ କରିବ ।

9. ଯଦି ବିଦ୍ୟମାନ ବୀମାକର୍ତ୍ତା ଡାଟା ଫର୍ମାଟରେ ନୂତନ ବୀମା କମ୍ପାନୀକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ତଥ୍ୟସବୁକୁ ପ୍ରଦାନ କରିବାରେ ବିଫଳ ହୁଏ, ଏହାକୁ ଆଇ ଆର୍ ଡି ଏ ଦ୍ୱାରା ଜାରୀ କରାଯାଇଥିବା ନିର୍ଦ୍ଦେଶଗୁଡିକ ଉଲଘଂନ ବୋଲି ଦେଖାଯିବ ଏବଂ ବୀମାକର୍ତ୍ତା ବୀମା ଅଧିନିୟମ, 1938 ଅନ୍ତର୍ଗତ ଦଣ୍ଡାତ୍ମକ ପ୍ରାବଧାନର ଅଧୀନରେ ହେବ ।

10. ବିଦ୍ୟମାନ ବୀମା କମ୍ପାନୀଠାରୁ ତଥ୍ୟ ପ୍ରାପ୍ତ ହେବା ପରେ, ନୂତନ ବୀମା କମ୍ପାନୀ ପ୍ରସ୍ତାବକୁ ସଙ୍କଟାଙ୍କିତ କରିପାରେ ଏବଂ ଆଇଆରଡିଏ (ପଲିସୀଧାରୀଙ୍କ ସ୍ୱାର୍ଥ ସୁରକ୍ଷା) ବିନିୟମନ, 2002 ର ଅଧିନିୟମ 4 (6) ଅନୁସାରେ ପଲିସୀଧାରୀକୁ ଏହାର ନିଷ୍ପତ୍ତି ଜଣାଇପାରେ ।

11. ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ ତଥ୍ୟ ପ୍ରାପ୍ତ ହେବା ପରେ, ବୀମା କମ୍ପାନୀ ପ୍ରାଧୀକାରୀଙ୍କ ପାଖରେ କମ୍ପାନୀ ଫାଇଲ କରିଥିବା ରୂପେ ଏହାର ସଙ୍କଟାଙ୍କନ ନୀତି ଅନୁସାରେ 15 ଦିନ ମଧ୍ୟରେ ଅନୁରୋଧ କରୁଥିବା ପଲିସୀଧାରୀକୁ ଏହାର ନିଷ୍ପତ୍ତି ସୂଚୀତ ନ କରେ, ତେବେ ବୀମା କମ୍ପାନୀ ସେଭଳି ପ୍ରସ୍ତାବ ଅଗ୍ରାହ୍ୟ କରିବାର ଅଧିକାର ରଖିବ ନାହିଁ ଏବଂ ତାକୁ ପ୍ରସ୍ତାବକୁ ସ୍ୱୀକାର କରିବାକୁ ପଡିବ ।

12. ଯେଉଁଠି ନୂତନୀକରଣ ର ତାରିଖରେ ସୁବାହ୍ୟତାର ସ୍ୱୀକୃତିର ପରିଣାମ ନୂତନ ବୀମାକର୍ତ୍ତାଠାରୁ ଏ ପର୍ଯ୍ୟନ୍ତ ପ୍ରତୀକ୍ଷିତ ଥାଏ

a. ଯଦି ପଲିସୀଧାରୀ ଦ୍ୱାରା ଅନୁରୋଧ କରାଯାଏ, ବିଦ୍ୟମାନ ପଲିସୀକୁ ଏକ ଅଳ୍ପାବଧି ପାଇଁ ଏକ ପ୍ରୋ-ରେଟ୍ ପ୍ରିମିୟମର ସ୍ୱୀକୃତି ଦେଇ ସେହି ଅଳ୍ପାବଧି ପାଇଁ ବିସ୍ତାର କରିବାର ସ୍ୱୀକୃତି ଦିଆଯିବ, ଯାହା ଅନ୍ୟୂନ ଗୋଟିଏ ମାସ ପାଇଁ ହେବ ଏବଂ

b. ବିଦ୍ୟମାନ ପଲିସୀକୁ ସେହି ସମୟ ପର୍ଯ୍ୟନ୍ତ ରଦ୍ଦ କରାଯିବ ନାହିଁ ଯେ ପର୍ଯ୍ୟନ୍ତ ନୂତନ ବୀମାକର୍ତ୍ତା ଠାରୁ ଏକ ନିଶ୍ଚିତ ପଲିସୀ ପ୍ରାପ୍ତ ହୋଇ ନାହିଁ କିମ୍ବା ବୀମିତର ବିଶେଷ ଲିଖିତ ଅନୁରୋଧ ପ୍ରାପ୍ତ ହୋଇ ନାହିଁ

c. ନୂତନ ବୀମାକର୍ତ୍ତା, ସେ ସବୁ କ୍ଷେତ୍ରରେ, ଯେଉଁଠି ଆବଶ୍ୟକ, ଅଳ୍ପାବଧି ର ସମାପ୍ତିର ତାରିଖ ସହିତ ମେଳ ଖୁଆଇବା ପାଇଁ ସଙ୍କଟର ପ୍ରାରମ୍ଭ ତାରିଖକୁ ବିବେଚିତ କରିବ ।

d. ଯଦି କୌଣସି କାରଣ ପାଇଁ ବୀମିତ ବିଦ୍ୟମାନ ବୀମାକର୍ତ୍ତା ସହିତ ପଲିସୀକୁ ଅଧିକ ଚାଲୁ ରଖିବାର ଅଭିପ୍ରାୟ ରଖେ, ଏକ ନିୟମିତ ପ୍ରିମିୟମ ଲାଗୁ କରି ଏବଂ କୌଣସି ନୂଆଁ ସର୍ତ୍ତ ଲାଗୁ ନ କରି ଏହାକୁ ଚାଲୁ ରଖିବାର ସ୍ୱୀକୃତି ଦିଆଯିବ ।

13. ଯଦି ପଲିସୀଧାରୀ ଉପରେ ଉଲ୍ଲେଖ କରାଯାଇଥିବା ଭଳି ଅଳ୍ପାବଧି ବିସ୍ତରର ବିକଳ୍ପ ଚୟନ କରିଛି ଏବଂ ଏକ ଦାବୀ କରାଯାଇଛି, ତେବେ ବିଦ୍ୟମାନ ବୀମାକର୍ତ୍ତା ପଲିସୀ ବର୍ଷର ଅବଶିଷ୍ଟ ଅଂଶ ପାଇଁ ଅବଶିଷ୍ଟ ପ୍ରିମିୟମ ଲାଗୁ କରି ପାରେ ଯଦି ଦାବୀଟି ବିଦ୍ୟମାନ ବୀମାକର୍ତ୍ତା ଦ୍ୱାରା ସ୍ୱୀକୃତ ହୁଏ । ସେଭଳି କ୍ଷେତ୍ରରେ, ପଲିସୀଧାରୀ ଅବଶିଷ୍ଟ ଅବଧି ପାଇଁ ପ୍ରିମିୟମ ପ୍ରଦାନ କରିବା ପାଇଁ ଏବଂ ସେହି ପଲିସୀ ବର୍ଷ ପାଇଁ ବିଦ୍ୟମାନ ବୀମାକର୍ତ୍ତା ସହିତ ଜାରୀ ରଖିବା ପାଇଁ ଦାୟୀ ରହେ ।

14. ଏକ ପଲିସୀକୁ ସ୍ୱୀକାର କରିବା ପାଇଁ ଯାହା ପୋର୍ଟିଙ୍ଗ୍-ଇନ୍ ଅଟେ, ବୀମାକର୍ତ୍ତା କେବଳ ପୋର୍ଟିଙ୍ଗ୍ ଉଦ୍ଦେଶ୍ୟରେ କୌଣସି ଅତିରିକ୍ତ ଲୋଡିଙ୍ଗ୍ କିମ୍ବା ଚାର୍ଜ ଲାଗୁ କରିବ ନାହିଁ ।

15. ଏକ ପୋର୍ଟେଡ୍ ପଲିସୀର ସ୍ୱୀକୃତି ଉପରେ କୌଣସି ମଧ୍ୟସ୍ଥକୁ କୌଣସି କମିଶନ ଦେୟ ହେବ ନାହିଁ ।

16. କୌଣସି ସ୍ୱାସ୍ଥ୍ୟ ବୀମା ପଲିସୀ ପାଇଁ, ପୂର୍ବ –ବିଦ୍ୟମାନ ରୋଗ ପରିପ୍ରେକ୍ଷୀରେ ବିଦ୍ୟମାନ ପଲିସୀ ଅନ୍ତର୍ଗତ ବ୍ୟପଗତ ହୋଇଥିବା ପ୍ରତୀକ୍ଷା ଅବଧି ଓ ସମୟ ଅନୁବନ୍ଧିତ ଅପବର୍ଜନଗୁଡିକୁ ବିଚାରକୁ ନିଆଯିବ ଏବଂ ନୂତନରୂପେ ପୋର୍ଟେଡ ପଲିସୀ ଅନ୍ତର୍ଗତ ସେହି ସୀମା ପର୍ଯ୍ୟନ୍ତ ହ୍ରାସ କରାଯିବ ।

ଟିପ୍ପଣୀ 1 : ଯଦି ନୂତନ ପଲିସୀରେ ଏକ ନିର୍ଦ୍ଦିଷ୍ଟ ରୋଗ କିମ୍ବା ଚିକିତ୍ସା ପାଇଁ ପ୍ରତୀକ୍ଷା ଅବଧି ସେହି ସମାନ ରୋଗ କିମ୍ବା ଚିକିତ୍ସା ପାଇଁ ପୂର୍ବ ପଲିସୀରେ ଥିବା ପ୍ରତୀକ୍ଷା ଅବଧିଠାରୁ ଅଧିକ ଦୀର୍ଘ ହୋଇଥାଏ, ଅତିରିକ୍ତ ପ୍ରତୀକ୍ଷା ଅବଧି ବିଷୟରେ ପୋର୍ଟ କରୁଥିବା ପଲିସୀଧାରୀ ଦ୍ୱାରା ଜମା କରିବାକୁ ଥିବା ସୁବାହ୍ୟତା ଫର୍ମରେ ସ୍ପଷ୍ଟ ରୂପେ ବ୍ୟାଖ୍ୟା କରାଯାଇଥିବା ଉଚିତ୍

ଟିପ୍ପଣୀ 2 : ସମୂହ ସ୍ୱାସ୍ଥ୍ୟ ବୀମାଗୁଡିକ ପାଇଁ, ବୈୟକ୍ତିକ ସଦସ୍ୟମାନଙ୍କୁ ଉପରେ ଉଲ୍ଲେଖ କରାଯାଇ ଥିବା ରୂପେ କ୍ରେଡିଟ୍ ଦିଆଯିବ, ଯାହା ପୂର୍ବବର୍ତ୍ତୀ ପଲିସୀରେ କୌଣସି ପୂର୍ବ-ବିଦ୍ୟମାନ ରୋଗ ଅପବର୍ଜନ/ସମୟ ଅନୁବନ୍ଧିତ ଅପବର୍ଜନ ଥିଲା କି ନାହିଁ, ଏହାର ନିର୍ବିଶେଷରେ, ଅବିଚ୍ଛିନ୍ନ ବୀମା ସୁରକ୍ଷାର ବର୍ଷ ସଂଖ୍ୟା ଉପରେ ଆଧାରିତ ଅଟେ ।

17. ସୁବାହ୍ୟତା ପୂର୍ବବର୍ତ୍ତୀ ପଲିସୀ ଅନ୍ତର୍ଗତ ବୀମାରାଶି ପ୍ରତି ଏବଂ ବୃଦ୍ଧିପ୍ରାପ୍ତ ବୀମା ରାଶି ଉପରେ ମଧ୍ୟ ପ୍ରଯୁଜ୍ୟ ହେବ, ଯଦି ବୀମିତ ଦ୍ୱାରା ଅନୁରୋଧ କରାଯାଏ, ଯାହା ପୂର୍ବ ପଲିସୀଗୁଡିକ ଅନ୍ତର୍ଗତ ପୂର୍ବ ବୀମାକର୍ତ୍ତା (ଗୁଡିକ) ଠାରୁ ପ୍ରାପ୍ତ ହୋଇଥିବା ସଂଚିତ ବୋନସର ସୀମା ପର୍ଯ୍ୟନ୍ତ ହେବ ।

ଉଦାହରଣ ସ୍ୱରୂପ – ଯଦି ଜଣେ ବ୍ୟକ୍ତି ପାଖରେ ବୀମାକର୍ତ୍ତା ଟ. A ସହିତ 2 ଲକ୍ଷ ର SI ଓ ଟ. 50, 000 ର ଉପାର୍ଜିତ ବୋନସ ଥାଏ; ଯେତେବେଳେ ସେ ବୀମାକର୍ତ୍ତା B କୁ ପରିବର୍ତ୍ତନ କରେ ଏବଂ ପ୍ରସ୍ତାବ ସ୍ୱୀକୃତ ହୁଏ, ବୀମାକର୍ତ୍ତା B କୁ ଟ.

2.50 ଲକ୍ଷ ପାଇଁ ପ୍ରଯୁଜ୍ୟ ପ୍ରିମିୟମ ଲାଗୁ କରି ତାକୁ ଟ. 2.50 ଲକ୍ଷର SI ପ୍ରଦାନ କରିବାକୁ ପଡ଼େ । ଯଦି ବୀମାକର୍ତ୍ତା B ପାଖରେ ଟ. 2.50 ଲକ୍ଷର କୌଣସି ଉତ୍ପାଦ ନ ଥାଏ, ବୀମାକର୍ତ୍ତା B, ଟ. 3 ଲକ୍ଷ SI ପାଇଁ ପ୍ରଯୁଜ୍ୟ ପ୍ରିମିୟମ ଲାଗୁ କରି ବୀମିତକୁ ନିକଟତମ ଉଚ୍ଚତର ସ୍ଲାବ୍, ଧରନ୍ତୁ ଟ. 3 ଲକ୍ଷ ପ୍ରଦାନ କରିପାରେ । ଅବଶ୍ୟ, ସୁବାହ୍ୟତା କେବଳ ଟ. 2.50 ଲକ୍ଷ ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରେ ।

18. ବୀମାକର୍ତ୍ତାମାନେ ପଲିସୀ ଚୁକ୍ତି ଏବଂ ବିବରଣୀପୁସ୍ତିକା, ବିକ୍ରୟ ସାହିତ୍ୟ କିମ୍ବା କୌଣସି ବି ରୂପରେ ହେଉ ଅନ୍ୟ କୌଣସି ଦସ୍ତାବିଜ ଭଳି ପ୍ରୋତ୍ସାହନାତ୍ମକ ସାମଗ୍ରୀ ରେ ସ୍ପଷ୍ଟରୂପେ ପଲିସୀଧାରୀର ଧ୍ୟାନ ଆକର୍ଷିତ କରିବେ ଯେ :

a. ସମସ୍ତ ସ୍ୱାସ୍ଥ୍ୟ ବୀମା ପଲିସୀ ସୁବାହ୍ୟ ଅଟନ୍ତି ;

b. ଅନ୍ୟ ବୀମାକର୍ତ୍ତା ଦ୍ୱାରା ପ୍ରସ୍ତାବର ସ୍ୱୀକୃତି ରେ ବିଳମ୍ବତା କାରଣରୁ ପଲିସୀ ସୁରକ୍ଷାରେ କୌଣସି ବିଚ୍ଛିନ୍ନତା କୁ ଏଡାଇବା ପାଇଁ ନୂତନୀକରଣ ତାରିଖ ର ବହୁ ପୂର୍ବରୁ, ସୁବାହ୍ୟତାର ଲାଭ ଉଠାଇବା ପାଇଁ, ପଲିସୀଧାରୀ ଅନ୍ୟ ଏକ ବୀମାକର୍ତ୍ତା ପାଖକୁ ପହଞ୍ଚିବା କୁ ଚେଷ୍ଟା କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିବା ଉଚିତ୍

E. ବୀମାର ମୂଳଭୂତ ସିଦ୍ଧାନ୍ତ ଏବଂ ସଙ୍କଟାଙ୍କନ ପାଇଁ ସାଧନ

1. ସଙ୍କଟାଙ୍କନ ପ୍ରସଙ୍ଗରେ ମୂଳଭୂତ ସିଦ୍ଧାନ୍ତ

କୌଣସି ପ୍ରକାରର ବି ବୀମାରେ, ଏହା ଜୀବନ ବୀମା ହୋଇଥାଉ ଅଥବା ସାଧାରଣ ବୀମା, କେତେକ ବୈଧିକ ସିଦ୍ଧାନ୍ତ ଥାଏ ଯାହା ସଙ୍କଟଗୁଡିକର ସ୍ୱୀକୃତି ସହିତ କାର୍ଯ୍ୟ କରେ । ସ୍ୱାସ୍ଥ୍ୟ ବୀମା ମଧ୍ୟ ସମାନ ରୂପେ ଏହି ସିଦ୍ଧାନ୍ତଗୁଡିକ ଦ୍ୱାରା ପରିଚାଳିତ ହୁଏ ଏବଂ ସିଦ୍ଧାନ୍ତଗୁଡିକର କୌଣସି ବି ଉଲଘଂନ ର ପରିଣାମ ହୁଏ ବୀମାକର୍ତ୍ତା ଦାୟିତ୍ୱ କୁ ଏଡାଇବା ପାଇଁ ନିର୍ଣ୍ଣୟ ନେବା, ଯାହାଦ୍ୱାରା ପଲିସୀଧାରୀମାନେ ଅତ୍ୟନ୍ତ ଅସନ୍ତୁଷ୍ଟ ତଥା ନିରାଶ ହୋଇଥାନ୍ତି । ଏହି ମୂଳଭୂତ ସିଦ୍ଧାନ୍ତଗୁଡିକ ହେଉଛି :

i. ପରମ ସଦ୍ଭାବ (ୟୁବେରିମା ଫାଇଡ୍ସ) ଏବଂ 2. ବୀମାଯୋଗ୍ୟ ହିତ

2. ସଙ୍କଟାଙ୍କନ ପାଇଁ ସାଧନ

ସଙ୍କଟାଙ୍କନ ପାଇଁ ତଥ୍ୟର ଉତ୍ସ ଗୁଡିକ ଥାଏ ଯାହା ଆଧାରରେ ସଙ୍କଟ ବର୍ଗୀକରଣ କରାଯାଏ ଏବଂ ଅନ୍ତିମରେ ପ୍ରିମିୟମସବୁର ନିର୍ଣ୍ଣୟ ନିଆହୁଏ । ନିମ୍ନସବୁ ହେଉଛନ୍ତି ସଙ୍କଟାଙ୍କନ ପାଇଁ ମୂଖ୍ୟ ସାଧନ/ଉପକରଣ ।

a) **ପ୍ରସ୍ତାବ ଫର୍ମ**

ଏହି ଦସ୍ତାବିଜ ଚୁକ୍ତିର ଆଧାର ଅଟେ ଯେଉଁଠି ପ୍ରସ୍ତାବକର ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ବିବରଣୀ ସମ୍ବନ୍ଧୀୟ ସମସ୍ତ ଗୁରୁତର ତଥ୍ୟ/ସୂଚନା (ଅର୍ଥାତ୍ ଆୟୁ, ବ୍ୟବସାୟ, ଗଠନ, ଅଭ୍ୟାସ, ସ୍ୱାସ୍ଥ୍ୟ ସ୍ଥିତି, ଆୟ, ପ୍ରିମିୟମ ଦେୟ ଇତ୍ୟାଦି) କୁ ସଂଗ୍ରହ କରାଯାଏ । ଏହା ଉତ୍ପାଦ ଓ କମ୍ପାନୀର ଆବଶ୍ୟକତା/ନୀତି ଅନୁସାରେ ସରଳ ପ୍ରଶ୍ନଗୁଡିକ ର ଏକ ସମୂହଠାରୁ ସଂପୂର୍ଣ୍ଣ ବିବରଣୀ ଥିବା ଏକ ପ୍ରଶ୍ନାବଳୀ ହୋଇପାରେ, ଏହା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ତଥ୍ୟ ସୂଚନାର ପ୍ରକଟୀକରଣ କରାଯାଇଛି ଏବଂ ତଦନୁସାରେ ସୁରକ୍ଷା ଦିଆଯାଉଛି । ବୀମିତ ଦ୍ୱାରା ତଥ୍ୟର କୌଣସି ଉଲଘଂନ କିମ୍ବା ଅଣପ୍ରକଟୀକରଣ ପଲିସୀ କୁ ନିରର୍ଥକ/ନିଷ୍କ୍ରିୟ କରିଦେବ ।

b) **ଆୟୁ ପ୍ରମାଣ**

ପ୍ରିମିୟମଗୁଡିକ ବୀମିତର ଆୟୁ ଆଧାରରେ ନିର୍ଦ୍ଧାରିତ କରାଯାଏ । ତେଣୁ ଏହା ଅନିବାର୍ଯ୍ୟ ଅଟେ ଯେ ନାମାଙ୍କନ କରିବା ସମୟରେ ପ୍ରକଟ କରାଯାଇଥିବା ଆୟୁ କୁ ଏକ ଆୟୁ ପ୍ରମାଣ ର ଉପସ୍ଥାପନା ଜରିଆରେ ସତ୍ୟାପିତ କରାଯାଏ ।

ଉଦାହରଣ

ଭାରତରେ, ଅନେକ ଦସ୍ତାବିଜ କୁ ଆୟୁ ପ୍ରମାଣ ରୂପେ ବିବେଚିତ କରାଯାଏ କିନ୍ତୁ ସେଗୁଡିକ ମଧ୍ୟରୁ ସବୁକୁ ବୈଧିକ ରୂପେ ସ୍ୱୀକାର୍ଯ୍ୟ ନୁହେଁ । ମୂଖ୍ୟତଃ ବୈଧ/ମାନ୍ୟ ଦସ୍ତାବିଜ ଗୁଡିକ ଦୁଇ ମୂଖ୍ୟ ବର୍ଗରେ ବିଭାଜିତ କରାଯାଏ । ସେଗୁଡିକ ନିମ୍ନ ଭଳି :

a) ମାନକ ଆୟୁ ପ୍ରମାଣ : ସେଗୁଡିକ ମଧ୍ୟରୁ କେତେକ ହେଉଛି ସ୍କୁଲ ସାର୍ଟିଫିକେଟ, ପାସପୋର୍ଟ, ନିବାସୀ ପ୍ରମାଣପତ୍ର, ପ୍ୟାନ୍ କାର୍ଡ ଇତ୍ୟାଦି ।

b) ଖ. ଅଣ-ମାନକ ଆୟୁ ପ୍ରମାଣ : ସେଗୁଡିକ ମଧ୍ୟରୁ କେତେକ ହେଉଛି ରାଶନ କାର୍ଡ, ଭୋଟର ପରିଚୟ ପତ୍ର, ବରିଷ୍ଠ ଙ୍କ ଘୋଷଣାପତ୍ର, ଗ୍ରାମ ପଞ୍ଚାୟତ ପ୍ରମାଣ ପତ୍ର ଇତ୍ୟାଦି ।

c) **ଅର୍ଥ-ସମ୍ବନ୍ଧୀୟ ଦସ୍ତାବିଜ**

ପ୍ରସ୍ତାବକ ର ଆର୍ଥିକ ସ୍ଥିତି ଜାଣିବା ବିଶେଷ ରୂପେ ଲାଭ ଉତ୍ପାଦଗୁଡିକ ପାଇଁ ଏବଂ ନୈତିକ ଆପଦକୁ ହ୍ରାସ କରିବା ପାଇଁ ଆବଶ୍ୟକ ଅଟେ । ଅବଶ୍ୟ, ସାମାନ୍ୟତଃ ଅର୍ଥ-ସମ୍ବନ୍ଧୀୟ ଦସ୍ତାବିଜଗୁଡିକୁ କେବଳ ନିମ୍ନ ପ୍ରକରଣ ପାଇଁ ମଗାଯାଏ

a) ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା କିମ୍ବା
b) ଉଚ୍ଚ ବୀମା ରାଶି ସୁରକ୍ଷା କିମ୍ବା
c) ଯେତେବେଳେ ଚାହୁଁଥିବା ସୁରକ୍ଷା ତୁଳନାରେ ଉଲ୍ଲେଖ କରାଯାଉଥିବା ଆୟ କିମ୍ବା ବ୍ୟବସାୟ, ଏକ ଅସନ୍ତୁଳନ ଦେଖାଏ ।

d) ମେଡିକଲ ରିପୋର୍ଟ

ମେଡିକଲ ରିପୋର୍ଟ ଗୁଡିକର ଆବଶ୍ୟକତା ବୀମାକର୍ତ୍ତାର ମାନଦଣ୍ଡ ଉପରେ ପର୍ଯ୍ୟବେଶିତ, ଏବଂ ସାଧାରଣତଃ ବୀମିତର ଆୟୁ ଓ ବେଳେ ବେଳେ ଚୟନିତ ସୁରକ୍ଷାର ରାଶି ଉପରେ ନିର୍ଭର କରେ । ପ୍ରସ୍ତାବ ଫର୍ମରେ ଦିଆଯାଇଥିବା କେତେକ ଉତ୍ତର ମଧ୍ୟ କିଛି ତଥ୍ୟ ସମ୍ମିଳିତ କରନ୍ତି ମଗାଯାଉଥିବା ମେଡିକଲ ରିପୋର୍ଟ ଆଡ଼େ ଯାଏ ।

e) ବିକ୍ରୟ କର୍ମକର୍ତ୍ତା (ସେଲ୍ସ ପର୍ସନଲ) ର ରିପୋର୍ଟ

ବିକ୍ରୟ କର୍ମକର୍ତ୍ତା (ସେଲ୍ସ ପର୍ସନଲ) ଙ୍କୁ ମଧ୍ୟ କମ୍ପାନୀ ପାଇଁ ମୂଳଭୂମି ସ୍ତରର ସଙ୍କଟାଙ୍କକ ରୂପେ ନିଆଯାଇପାରେ ଏବଂ ସେମାନଙ୍କ ଦ୍ୱାରା ରିପୋର୍ଟରେ ଦିଆଯାଇଥିବା ତଥ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ବିଚାର ହୋଇପାରେ । ଅବଶ୍ୟ, ଯେହେତୁ ଅଧିକ ବ୍ୟବସାୟ ଜାତ କରିବା ପାଇଁ ସେଲ୍ସ ପର୍ସନଲମାନଙ୍କ ଏକ ପ୍ରୋତ୍ସାହନ ଥାଏ, ହିତର ଦ୍ୱନ୍ଦ ରହିଥାଏ ଯାହାକୁ ଦେଖିବାକୁ ପଡିବ ।

ସ୍ୱତଃ ପରୀକ୍ଷଣ କରନ୍ତୁ - 2

ସଙ୍କଟାଙ୍କନ ରେ ପରମ ସଦ୍ଭାବ ର ସିଦ୍ଧାନ୍ତକୁ ____________ ଦ୍ୱାରା ଅନୁପାଳନ କରିବାର ଆବଶ୍ୟକତା ରହିଛି ।

I. ବୀମାକର୍ତ୍ତା
II. ବୀମିତ
III. ଉଭୟ ବୀମାକର୍ତ୍ତା ଓ ବୀମିତ
IV. ମେଡିକଲ ପରୀକ୍ଷକ

ସ୍ୱତଃ ପରୀକ୍ଷଣ କରନ୍ତୁ - 3

ବୀମାଯୋଗ୍ୟ ହିତ ____________ କୁ ସୂଚୀତ କରେ ।

I. ବୀମିତ ହେବାକୁ ଥିବା ସମ୍ପତ୍ତିରେ ବ୍ୟକ୍ତିର ଆର୍ଥିକ ହିତ
II. ସେହି ସମ୍ପତ୍ତି ଯାହା ପୂର୍ବରୁ ବୀମିତ ହୋଇ ରହିଛି
III. ଯେତେବେଳେ ଏକାଧିକ କମ୍ପାନୀ ସେହି ସମାନ ହାନିକୁ ସୁରକ୍ଷା ପ୍ରଦାନ କରନ୍ତି
IV. ହାନି ରାଶି ଯାହାକୁ ବୀମାକର୍ତ୍ତା ପୁନଃପ୍ରାପ୍ତି କରାଯାଇପାରେ

F. ସଙ୍କଟାଙ୍କନ ପ୍ରକ୍ରିୟା

ଥରେ ଆବଶ୍ୟକୀୟ ଦସ୍ତାବିଜଗୁଡିକ ପ୍ରାପ୍ତ ହୋଇଗଲେ, ସଙ୍କଟାଙ୍କକ ପଲିସୀର ସର୍ତ୍ତାବଳୀ ନିର୍ଣ୍ଣୟ କରେ । ସଙ୍କଟାଙ୍କନ ସ୍ୱାସ୍ଥ୍ୟ ବୀମା ବ୍ୟବସାୟ ପାଇଁ ବ୍ୟବହୃତ ହେଉଥିବା ସାଧାରଣ ଫର୍ମଗୁଡିକ ନିମ୍ନ ଭଳି :

1. ମେଡିକଲ (ଡାକ୍ତରୀ) ସଙ୍କଟାଙ୍କନ

ମେଡିକାଲ ସଙ୍କଟାଙ୍କନ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ସ୍ୱାସ୍ଥ୍ୟ ବୀମା ପଲିସୀ ପାଇଁ ଆବେଦନ କରୁଥିବା ଏକ ବ୍ୟକ୍ତିର ସ୍ୱାସ୍ଥ୍ୟ ସ୍ଥିତି କୁ ନିର୍ଦ୍ଧାରିତ କରିବା ପାଇଁ ପ୍ରସ୍ତାବକ ଠାରୁ ମେଡିକଲ ରିପୋର୍ଟଗୁଡିକୁ ମଗାଯାଇଥାଏ । ସଂଗ୍ରହ କରାଯାଇଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ କୁ ତା ପରେ ବୀମା କର୍ତ୍ତା ଦ୍ୱାରା ସୁରକ୍ଷା ପ୍ରଦାନ କରାଯିବ କି ନାହିଁ, ଯଦି କାରାଯିବ କେତେ ସୀମା ପର୍ଯ୍ୟନ୍ତ ଏବଂ କେଉଁ ସର୍ତ୍ତ ଓ ଅପବର୍ଜନ ରେ, ଏ ସବୁ ନିର୍ଦ୍ଧାରିତ କରାଯାଏ । ଏ ପ୍ରକାରେ ମେଡିକାଲ ସଙ୍କଟାଙ୍କନ ସଙ୍କଟ ର ସ୍ୱୀକୃତି କିମ୍ବା ଅସ୍ୱୀକୃତି ଏବଂ ସୁରକ୍ଷାର ସର୍ତ୍ତାବଳୀ କୁ ମଧ ନିର୍ଦ୍ଧାରିତ କରିପାରେ ।

ଅବଶ୍ୟ, ମେଡିକାଲ ସଙ୍କଟାଙ୍କନ ରେ ମେଡିକଲ ରିପୋର୍ଟ ପ୍ରାପ୍ତ କରିବା ଓ ପରୀକ୍ଷା କରିବା ଆକାରରେ ଉଚ୍ଚ ମୂଲ୍ୟ ଜଡିତ ଥାଏ । ଆହୁରି ମଧ, ଯେତେବେଳେ ବୀମାକର୍ତ୍ତାମାନେ ଏକ ଉଚ୍ଚ ମାତ୍ରାର ମେଡିକଲ ସଙ୍କଟାଙ୍କନ ର ଉପଯୋଗ କରନ୍ତି, ସେମାନଙ୍କୁ 'କ୍ରିମ୍-ସ୍କିମିଙ୍ଗ୍'(କେବଳ ସର୍ବୋତ୍ତମ ପ୍ରକାରର ସଙ୍କଟକୁ ସ୍ୱୀକାର କରିବା ଓ ଅନ୍ୟଗୁଡିକୁ ଅଗ୍ରାହ୍ୟ କରିବା) ପାଇଁ ସମାଲୋଚନା କରାଯାଏ, ଏହା ପ୍ରତ୍ୟାଶିତ କ୍ରାଏଣ୍ଟମାନଙ୍କ ମଧରେ ନିରାଶା ମଧ ଜାତ କରେ ଏବଂ ସେହି ବୀମାକର୍ତ୍ତାମାନଙ୍କ ସହିତ ବୀମିତ ହେବାପାଇଁ ଇଚ୍ଛୁକ ଲୋକମାନଙ୍କ ସଂଖ୍ୟା କମ୍ କରିଦିଏ ଯେହେତୁ ସେମାନେ ଆବଶ୍ୟକୀୟ ସୂଚନା/ତଥ୍ୟ ଓ ବିବରଣୀ ପ୍ରଦାନ କରିବାକୁ ଏବଂ ଆବଶ୍ୟକୀୟ ପରୀକ୍ଷଣଗୁଡିକ ଦେଇ ଯିବାକୁ ଚାହାଁନ୍ତି ନାହିଁ ।

ବୈୟକ୍ତିକ ସ୍ୱାସ୍ଥ୍ୟ ବୀମା ପାଇଁ ସ୍ୱାସ୍ଥ୍ୟ ସ୍ଥିତି ଓ ଆୟୁ ମହତ୍ୱପୂର୍ଣ୍ଣ ସଙ୍କଟାଙ୍କନ ନିର୍ଣ୍ଣୟ ବିନ୍ଦୁ ଅଟନ୍ତି । ବର୍ତ୍ତମାନ ସ୍ୱାସ୍ଥ୍ୟ ସ୍ଥିତି, ବ୍ୟକ୍ତିଗତ ଓ ପରିବାର ମେଡିକଲ ଇତିହାସ ମଧ ଏକ ସଙ୍କଟାଙ୍କକ କୁ କୌଣସି ପୂର୍ବ-ବିଦ୍ୟମାନ ରୋଗ କିମ୍ବା ସ୍ଥିତି ଏବଂ ଫଳତଃ ଭବିଷ୍ୟତ ସ୍ୱାସ୍ଥ୍ୟ ସମସ୍ୟା ର ସମ୍ଭାବନା ଯାହା ସକାଶେ ହସ୍ପିଟାଲାଇଜେଶନ କିମ୍ବା ସର୍ଜିକଲ ହସ୍ତକ୍ଷେପ ଆବଶ୍ୟକ ହୋଇପାରେ, ଏଗୁଡିକୁ ନିର୍ଦ୍ଧାରିତ କରିବାରେ ସକ୍ଷମ କରନ୍ତି ।

ପୁନଶ୍ଚଃ ପ୍ରସ୍ତାବ ଫର୍ମକୁ ଏଭଳି ପ୍ରକାରେ ଡିଜାଇନ କରାଯାଇଛି ଯାହା ଅତୀତରେ ନିଆଯାଇଥିବା ଚିକିତ୍ସା, ହସ୍ପିଟାଲାଇଜେଶନ ଓ କରାଯାଇଥିବା ସର୍ଜରୀ ସମ୍ବନ୍ଧୀୟ ତଥ୍ୟକୁ ପ୍ରକଟ କରିପାରେ । ଏହା ଏକ ସଙ୍କଟାଙ୍କକ କୁ ପୂର୍ବରୁ ଥିବା ଏକ ରୋଗ ର ପୁନରାବୃତ୍ତି, ବର୍ତ୍ତମାନ ର କିମ୍ବା ଭବିଷ୍ୟତର ସ୍ୱାସ୍ଥ୍ୟ ସ୍ଥିତି କିମ୍ବା ଭବିଷ୍ୟତ ଜଟିଳତା ଉପରେ ଏହାର ପ୍ରଭାବ ର ସମ୍ଭାବନା କୁ ମୂଲ୍ୟାଙ୍କନ କରିବାରେ ସହାୟକ ହୁଏ । କେତେକ ରୋଗ, ଯାହା ସକାଶେ ପ୍ରସ୍ତାବକ କେବଳ ଔଷଧ ନେଉଥାଏ, ଶୀଘ୍ର କୌଣସି ସମୟରେ ବି ହସ୍ପିଟାଲାଇଜେଶନ ଆବଶ୍ୟକ କରିପାରେ କିମ୍ବା ଏହାର ପୁନରାବୃତ୍ତି ହୋଇପାରେ ।

ଉଦାହରଣ

ଉଚ୍ଚ ରକ୍ତଚାପ, ଅଧିକ ଓଜନ/ମୋଟାପଣିଆ ଏବଂ ବୃଦ୍ଧିପ୍ରାପ୍ତ ଶର୍କରା ସ୍ତର ଭଳି ମେଡିକଲ ସ୍ଥିତିସବୁ ଯୋଗୁଁ ହୃତପିଣ୍ଡ, ବୃକକ୍ ଓ ସ୍ନାୟୁ ପ୍ରଣାଳୀ ସମ୍ବନ୍ଧୀୟ ରୋଗଗୁଡିକ ପାଇଁ ଭବିଷ୍ୟତରେ ହସ୍ପିଟାଲାଇଜେଶନ ର ଅଧିକ ସମ୍ଭାବନା ଥାଏ । ତେଣୁ, ମେଡିକଲ ସଙ୍କଟାଙ୍କନ ପାଇଁ ସଙ୍କଟ ର ମୂଲ୍ୟାଙ୍କନ କରିବା ସମୟରେ ଏହି ସ୍ଥିତିଗୁଡିକୁ ସାବଧାନତା ସହିତ ବିଚାର କରିବା ଉଚିତ୍ ।

ଯେହେତୁ ସ୍ୱାସ୍ଥ୍ୟ ସ୍ଥିତିରେ ପ୍ରତିକୂଳ ପରିବର୍ତ୍ତନ, ମୂଖ୍ୟତଃ ସାମାନ୍ୟ ବୟସ ବଢ଼ିବା ପ୍ରକ୍ରିୟା ଯୋଗୁଁ, ସାଧାରଣତଃ 40 ବର୍ଷ ପରେ ହୋଇଥାଏ, ବୀମାକର୍ତ୍ତାମାନେ 45 ବର୍ଷ ବୟସ ଠାରୁ ପୂର୍ବେ ପ୍ରସ୍ତାବକର କୌଣସି ଡକ୍ତରୀ ପରୀକ୍ଷା କିମ୍ବା ପରୀକ୍ଷଣ ଆବଶ୍ୟକ କରନ୍ତି ନାହିଁ (କେତେକ ବୀମାକର୍ତ୍ତା ଏହି ଆବଶ୍ୟକତାକୁ 50 କିମ୍ବା 55 ବର୍ଷ ପର୍ଯ୍ୟନ୍ତ ମଧ ବଢ଼ାଇ ଦେଇ ପାରନ୍ତି) । ମେଡିକାଲ

ସଙ୍କଟାଙ୍କନ ମାର୍ଗଦର୍ଶିକା ତା' ପରିବାର ଡାକ୍ତର ଙ୍କ ଦ୍ୱାରା ସ୍ୱାକ୍ଷରିତ ପ୍ରସ୍ତାବକ ର ସ୍ୱାସ୍ଥ୍ୟ ସ୍ଥିତିର ଘୋଷଣାପତ୍ର ମଧ୍ୟ ଆବଶ୍ୟକ କରିପାରେ ।

ଭାରତୀୟ ସ୍ୱାସ୍ଥ୍ୟ ବୀମା ବଜାରରେ, ବୈୟକ୍ତିକ ସ୍ୱାସ୍ଥ୍ୟ ବୀମା ପାଇଁ ମୁଖ୍ୟ ମେଡିକାଲ ସଙ୍କଟାଙ୍କନ କାରକ ହେଉଛି ବ୍ୟକ୍ତିର ଆୟୁ । ପ୍ରଥମଥର ପାଇଁ ନାମାଙ୍କିତ କରୁଥିବା, 45-50 ବର୍ଷ ଠାରୁ ଉର୍ଦ୍ଧ୍ୱ ଆୟୁର ବ୍ୟକ୍ତିମାନଙ୍କୁ, ସ୍ୱାସ୍ଥ୍ୟ ସଙ୍କଟ ପ୍ରୋଫାଇଲ ର ମୂଲ୍ୟାଙ୍କନ କରିବା ପାଇଁ ଓ ସେମାନଙ୍କ ଚଳିତ ସ୍ୱାସ୍ଥ୍ୟ ସ୍ଥିତି ଉପରେ ତଥ୍ୟ ପ୍ରାପ୍ତ ହେବା ପାଇଁ, ବିନିର୍ଦ୍ଦିଷ୍ଟ ପ୍ୟାଥୋଲୋଜିକଲ ଯାଞ୍ଚ ଦେଇ ଗତି କରିବାର ଆବଶ୍ୟକତା ରହେ । ସେ ଭଳି ଯାଞ୍ଚ କୌଣସି ପୂର୍ବ-ବିଦ୍ୟମାନ ମେଡିକଲ ସ୍ଥିତି କିମ୍ବା ରୋଗର ପ୍ରବଳତା ର ସଂକେତ ମଧ୍ୟ ଦେଇଥାଏ ।

ଉଦାହରଣ

ଡ୍ରଗସ୍, ମଦ୍ୟ ଓ ତମାଖୁ ସେବନ କୁ ଚିହ୍ନଟ କରିବା କଷ୍ଟକର ହୋଇପାରେ ଏବଂ ପ୍ରସ୍ତାବକ ଦ୍ୱାରା ପ୍ରସ୍ତାବ ଫର୍ମରେ କ୍ୱଚିତ୍ ଘୋଷଣା କରାଯାଏ । ଏଗୁଡିକର ଅଣ-ପ୍ରକଟୀକରଣ ସ୍ୱାସ୍ଥ୍ୟ ବୀମାର ସଙ୍କନାଙ୍କନରେ ଏକ ବଡ଼ ଚ୍ୟାଲେଞ୍ଜ ଦେଖାଇଥାଏ । ଓବେସିଟି ଅନ୍ୟ ଏକ ସମସ୍ୟା ଅଟେ ଯାହା ଏକ ବଡ଼ ସାର୍ବଜନିକ ସ୍ୱାସ୍ଥ୍ୟ ସମସ୍ୟା ହେବା ପାଇଁ ଭୟଭୀତ କରେ ଏବଂ ସଙ୍କଟାଙ୍କକମାନଙ୍କୁ ଏଥିରୁ ଉତ୍ପନ୍ନ ହେଉଥିବା ଜଟିଳତାସବୁକୁ ପର୍ଯ୍ୟାପ୍ତ ଭାବେ ମୂଲ୍ୟାଙ୍କନ କରିବାରେ ସମର୍ଥ ହେବା ପାଇଁ ସଙ୍କଟାଙ୍କନ ସାଧନଗୁଡିକୁ ବିକଶିତ କରିବାରେ ଆବଶ୍ୟକତା ରହିଛି ।

2. ଅଣ-ମେଡିକଲ ସଙ୍କଟାଙ୍କନ

ଅଧିକାଂଶ ପ୍ରସ୍ତାବକ ଯେଉଁମାନେ ବୀମା ପାଇଁ ଆବେଦନ କରନ୍ତି, ଡାକ୍ତରୀ ପରୀକ୍ଷା ଆବଶ୍ୟକ କରନ୍ତି ନାହିଁ । ଯଦି ଏକ ଉଚିତ୍ ମାତ୍ରାର ସଠିକତା ସହିତ ଏହା ଜଣା ପଡନ୍ତା ଯେ ସେଭଳି ପ୍ରକରଣ ମଧ୍ୟରୁ କେବଳ ଏକ-ଦଶାଂଶ କିମ୍ବା କମ୍ ଡାକ୍ତରୀ ପରୀକ୍ଷା ସମୟରେ ପ୍ରତିକୂଳ ପରିଣାମ ଦେବ, ବୀମାକର୍ତ୍ତାମାନେ ଅଧିକାଂଶ ପ୍ରକରଣ ରେ ଡାକ୍ତରୀ ପରୀକ୍ଷା କୁ ଛାଡ଼ି ଦିଅନ୍ତେ ।

ଏପରିକି, ଯଦି ପ୍ରସ୍ତାବକ ସମସ୍ତ ଆବଶ୍ୟକୀୟ ତଥ୍ୟ କୁ ସଂପୂର୍ଣ୍ଣ ରୂପେ ଏବଂ ସତ୍ୟତା ସହିତ ପ୍ରକଟୀକରଣ କରନ୍ତା ଏବଂ ତାହାକୁ ଅଭିକର୍ତ୍ତା ଦ୍ୱାରା ସାବଧାନତା ସହିତ ଯାଞ୍ଚ ହୁଅନ୍ତା, ତେବେ ମଧ ଡାକ୍ତରୀ ପରୀକ୍ଷାର ଆବଶ୍ୟକତା ଅତି କମ୍ ହୋଇପାରନ୍ତା । ବାସ୍ତବରେ, ଦାବୀ ଅନୁପାତରେ ଅଳ୍ପ ବୃଦ୍ଧିକୁ ସ୍ୱୀକାର କରାଯାଇପାରେ ଯଦି ଡାକ୍ତରୀ ଯାଞ୍ଚର ମୂଲ୍ୟ ଅନ୍ୟାନ୍ୟ ଖର୍ଚ୍ଚରେ, ମଧ ସଂଚୟ ରହନ୍ତା ଯେହେତୁ ଏହା ପ୍ରସ୍ତାବକକୁ ହେଉଥିବା ଅସୁବିଧାକୁ କମ୍ କରିବ ।

ତେଣୁ, ବୀମା କମ୍ପାନୀମାନେ କେତେକ ମେଡିକଲ ପଲିସୀ ନେଇ ଆସୁଛନ୍ତି ଯେଉଁଠି ପ୍ରସ୍ତାବକକୁ କୌଣସି ଡାକ୍ତରୀ ପରୀକ୍ଷା ମଧ୍ୟ ଦେଇ ଗତି କରିବାର ଆବଶ୍ୟକତା ନାହିଁ । ସେଭଳି କ୍ଷେତ୍ରରେ, କେଉଁ ବୟସ ଓ ଅବସ୍ଥାରେ ଏକ ମେଡିକଲ ସଙ୍କଟାଙ୍କନ କରାଯିବା ଉଚିତ୍, ଏହାକୁ ସୂଚୀତ କରିବା ପାଇଁ କମ୍ପାନୀମାନେ ସାଧାରଣତଃ ଏକ 'ମେଡିକଲ ଗ୍ରିଡ୍' ପ୍ରସ୍ତୁତ କରିଥାନ୍ତି, ଏବଂ ସେଥିପାଇଁ ବ୍ୟବସାୟ ଓ ସଙ୍କଟ ମଧ୍ୟରେ ଠିକ୍ ସନ୍ତୁଳନ ରଖିବା ପାଇଁ ଏହି ଅଣ-ମେଡିକଲ ସୀମାଗୁଡିକ ସାବଧାନତାର ସହିତ ଡିଜାଇନ କରାଯାଇଛି ।

ଉଦାହରଣ

ଯଦି ଜଣେ ବ୍ୟକ୍ତିକୁ ଡାକ୍ତରୀ ପରୀକ୍ଷା, ପ୍ରତୀକ୍ଷା ଅବଧି ଓ ପ୍ରୋସେସିଙ୍ଗ୍ ରେ ବିଳମ୍ବ ର ଏକ ଦୀର୍ଘ ପ୍ରକ୍ରିୟା ଦେଇ ଗତି ନ କରି ତୁରନ୍ତ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ନେବାକୁ ପଡ଼େ, ତେବେ ସେ ଏକ ଅଣ-ମେଡିକଲ ପଲିସୀର ଚୟନ କରି ପାରେ । ଏକ ଅଣ-ମେଡିକଲ ସଙ୍କଟାଙ୍କନ ପଲିସୀରେ, ପ୍ରିମିୟମ ଦର ଓ ବୀମା ରାଶି କୁ ମୁଖ୍ୟତଃ ଆୟୁ, ଲିଙ୍ଗ, ଧୂମ୍ରପାନ ବର୍ଗ, ଗଠନ ଇତ୍ୟାଦି

ଆଧାରିତ କିଛି ସ୍ୱାସ୍ଥ୍ୟ ସଂକ୍ରାନ୍ତ ପ୍ରଶ୍ନଗୁଡିକର ଉତ୍ତର ଆଧାରରେ ସାଧାରଣତଃ ନିର୍ଣ୍ଣୟ କରାଯାଇଥାଏ । ପ୍ରକ୍ରିୟାଟି ତୀବ୍ର ଅଟେ କିନ୍ତୁ ପ୍ରିମିୟମଗୁଡିକ ଅପେକ୍ଷାକୃତ ଅଧିକ ହୋଇପାରେ ।

3. ସଂଖ୍ୟାତ୍ମକ ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି

ଏହା ସଙ୍କଟାଙ୍କନରେ ଉପଯୋଗ କରାଯାଉଥିବା ଏକ ପ୍ରକ୍ରିୟା ଅଟେ, ଯେଉଁଠି ସଂଖ୍ୟାତ୍ମକ କିମ୍ବା ପ୍ରତିଶତ ମୂଲ୍ୟାଙ୍କନ ସଙ୍କଟ ର ପ୍ରତ୍ୟେକ ଘଟକ ଉପରେ କରାଯାଏ ।

ଆୟୁ, ଲିଙ୍ଗ, ଜାତି, ବ୍ୟବସାୟ, ନିବାସ, ପରିବେଶ, ଗଠନ, ଅଭ୍ୟାସ, ପରିବାର ଓ ବ୍ୟକ୍ତିଗତ ଇତିହାସ ଭଳି କାରକଗୁଡିକ ଯାଞ୍ଚ କରାଯାଏ ଏବଂ ପୂର୍ବ-ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ସାଂଖ୍ୟିକ ରୂପେ ପ୍ରାପ୍ତଙ୍କ ଦିଆଯାଏ ।

4. ସଙ୍କଟାଙ୍କନ ନିର୍ଣ୍ଣୟ

ସଙ୍କଟାଙ୍କନ ପ୍ରକ୍ରିୟା ସଂପୂର୍ଣ୍ଣ ହୁଏ ଯେତେବେଳେ ପ୍ରାପ୍ତ ତଥ୍ୟକୁ ସାବଧାନତାର ସହିତ ମୂଲ୍ୟାଙ୍କିତ କରାଯାଏ ଏବଂ ଉପଯୁକ୍ତ ସଙ୍କଟ ବର୍ଗରେ ବର୍ଗୀକୃତ କରାଯାଏ । ଉପରୋକ୍ତ ସାଧନ ଓ ତା' ନିର୍ଣ୍ଣୟ ଉପରେ ଆଧାର କରି, ସଙ୍କଟାଙ୍କକ ସଙ୍କଟକୁ ନିମ୍ନଲିଖିତ ବର୍ଗଗୁଡିକରେ ଶ୍ରେଣୀଭୁକ୍ତ କରିଥାଏ :

a) ମାନକ ହାରରେ ସଙ୍କଟକୁ ସ୍ୱୀକାର କରିବା
b) ଏକ ଅତିରିକ୍ତ ପ୍ରିମିୟମ (ଲୋଡିଙ୍ଗ) ରେ ସଙ୍କଟକୁ ସ୍ୱୀକାର କରିବା, ଯଦିଓ ଏହାକୁ ସମସ୍ତ କମ୍ପାନୀରେ ଅମଳ କରା ଯାଏ ନାହିଁ
c) ଏକ ଅନୁବନ୍ଧ/ଅବଧି ପାଇଁ ସୁରକ୍ଷା କୁ ସ୍ଥଗିତ କରିବା
d) ସୁରକ୍ଷାକୁ ଅଗ୍ରାହ୍ୟ କରିବା
e) ବିପରୀତ ପ୍ରସ୍ତାବ (ସୁରକ୍ଷାର ଏକ ଅଂଶରେ ପ୍ରତିବନ୍ଧ ଲଗାଇବା କିମ୍ବା ଏହାକୁ ଅଗ୍ରାହ୍ୟ କରିବା)
f) ଏକ ଅଧିକ କାଟଯୋଗ୍ୟ କିମ୍ବା କୋ-ପେ ଲାଗୁ କରନ୍ତୁ
g) ପଲିସୀ ଅନ୍ତର୍ଗତ ସ୍ଥାୟୀ ଅପବର୍ଜନ (ଗୁଡିକ) ଲାଗୁ କରିବା

ଯଦି ଏକ ରୋଗ କୁ ସ୍ଥାୟୀ ରୂପେ ଅପବର୍ଜିତ କରାଯାଏ, ଏହାକୁ ପଲିସୀ ସାର୍ଟିଫିକେଟ୍ ରେ ପୃଷ୍ଠାଙ୍କିତ କରାଯାଏ । ମାନକ ପଲିସୀ ଅପବର୍ଜନ ବ୍ୟତୀତ ଏହା ଏକ ଅତିରିକ୍ତ ଅପବର୍ଜନ ହୁଏ ଏବଂ ଚୁକ୍ତିର ଏକ ଅଂଶ ହୋଇଯିବ ।

ସଙ୍କଟାଙ୍କକ ମାନଙ୍କ ଦ୍ୱାରା ନିପୁଣ ବୈୟକ୍ତିକ ସଙ୍କଟ ମୂଲ୍ୟାଙ୍କନ ବୀମା କମ୍ପାନୀମାନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ ଯେହେତୁ ଏହା ବୀମା ପ୍ରଣାଳୀକୁ ସନ୍ତୁଳନରେ ରଖେ । ସଙ୍କଟାଙ୍କନ ବୀମାକର୍ତ୍ତାମାନଙ୍କୁ ସମାନ ସ୍ତରର ପ୍ରତ୍ୟାଶିତ ସଙ୍କଟ ଥିବା ଲୋକମାନଙ୍କୁ ସାମୂହିକ ରୂପେ ଏକତ୍ରିତ କରିବାରେ ଏବଂ ସେମାନେ ଚୟନ କରିଥିବା ସୁରକ୍ଷା ପାଇଁ ସମାନ ପ୍ରିମିୟମ ଲାଗୁ କରିବାରେ ସକ୍ଷମ କରେ । ପଲିସୀଧାରୀ ପାଇଁ ଲାଭ ହେଉଛି ଏକ ଉଚିତ୍ ଓ ପ୍ରତିଯୋଗିତାମୂଳକ ମୂଲ୍ୟରେ ବୀମାର ଉପଲବ୍ଧତା ଯେତେବେଳେ ଏକ ବୀମାକର୍ତ୍ତା ପାଇଁ ଲାଭ ହେଉଛି ରୁଗ୍ଣତା ପୂର୍ବ-କଳ୍ପନା ଅନୁରୂପ ଏହାର ପୋର୍ଟଫୋଲିଓର ଅନୁଭୂତିକୁ ରକ୍ଷା କରିବାର ସକ୍ଷମତା ।

5. ସାଧାରଣ କିମ୍ବା ମାନକ ଅପବର୍ଜନ ର ଉପଯୋଗ

ଅଧିକାଂଶ ପଲିସୀ ଅପବର୍ଜନ ଲାଗୁ କରନ୍ତି ଯାହା ସେମାନଙ୍କ ସମସ୍ତ ସଦସ୍ୟଙ୍କ ପ୍ରତି ଲାଗୁ ହୁଏ । ଏଗୁଡିକୁ ମାନକ ଅପବର୍ଜନ କୁହାଯାଏ କିମ୍ବା ବେଳେ ବେଳେ ସାଧାରଣ ଅପବର୍ଜନ ରୂପେ ସୂଚୀତ କରାଯାଏ । ବୀମାକର୍ତ୍ତାମାନେ ମାନକ ଅପବର୍ଜନଗୁଡିକର ପ୍ରୟୋଗ ଦ୍ୱାରା ସେମାନଙ୍କ ସଙ୍କଟକୁ ସୀମିତ କରିଥାନ୍ତି ।

ଏହି ସବୁ ବିଷୟରେ ପୂର୍ବ ଅଧ୍ୟାୟରେ ଆଲୋଚନା କରାଯାଇଛି ।

ସ୍ୱତଃ ପରୀକ୍ଷଣ କରନ୍ତୁ 4

ମେଡିକାଲ ସଙ୍କଟାଙ୍କନ ସମ୍ବନ୍ଧରେ ନିମ୍ନ ଉକ୍ତିଗୁଡିକ ମଧ୍ଯରୁ କେଉଁଟା ଭୂଲ ଅଟେ ?

I. ମେଡିକାଲ ରିପୋର୍ଟଗୁଡିକ ସଂଗ୍ରହ କରିବାରେ ଓ ମୂଲ୍ୟାଙ୍କିତ କରିବାରେ ଏହା ଅଧିକ ମୂଲ୍ୟ ସଂପୃକ୍ତ କରେ ।

II. ସ୍ୱାସ୍ଥ୍ୟ ବୀମା ପାଇଁ ମେଡିକାଲ ସଙ୍କଟାଙ୍କନ ରେ ବର୍ତ୍ତମାନ ର ସ୍ୱାସ୍ଥ୍ୟ ସ୍ଥିତି ଓ ଆୟୁ ମୂଖ୍ୟ କାରକ ଅଟନ୍ତି ।

III. ସେମାନଙ୍କ ସ୍ୱାସ୍ଥ୍ୟ ସଙ୍କଟ ପ୍ରୋଫାଇଲ ର ମୂଲ୍ୟାଙ୍କନ କରିବା ପାଇଁ ପ୍ରସ୍ତାବକମାନଙ୍କୁ ମେଡିକାଲ ଓ ପ୍ୟାଥୋଲୋଜିକାଲ ଯାଞ୍ଚଗୁଡିକ ଦେଇ ଗତି କରିବାକୁ ପଡିବ ।

IV. ସଙ୍କଟର ପ୍ରତ୍ୟେକ ଘଟକ ଉପରେ ପ୍ରତିଶତ ମୂଲ୍ୟାଙ୍କନ କରାଯାଏ ।

ଚିତ୍ର 1: ସଙ୍କଟାଙ୍କନ ପ୍ରକ୍ରିୟା



G. ସମୂହ ସ୍ୱାସ୍ଥ୍ୟ ବୀମା

1. ସମୂହ ସ୍ୱାସ୍ଥ୍ୟ ବୀମା

ସମୂହ ବୀମାକୁ ମୂଖ୍ୟତଃ ମଧ୍ୟମ/ହାରାହାରି ନିୟମ ଉପରେ ସଙ୍କଟାଙ୍କିତ କରାଯାଏ, ଯାହାର ନିହିତାର୍ଥ ହେଉଛି ଯେତେବେଳେ ଏକ ମାନକ ସମୂହର ସମସ୍ତ ସଦସ୍ୟଙ୍କୁ ଏକ ସମୂହ ସ୍ୱାସ୍ଥ୍ୟ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଏ, ସମୂହକୁ ଗଠନ କରୁଥିବା ବ୍ୟକ୍ତିମାନେ ବୀମାକର୍ତ୍ତା ବିରୁଦ୍ଧରେ ବିପରୀତ-ଚୟନ କରିପାରିବେ ନାହିଁ । ଏ ପ୍ରକାରେ ସ୍ୱାସ୍ଥ୍ୟ ବୀମା ପାଇଁ ଏକ ସମୂହକୁ ସ୍ୱୀକୃତି ଦେବା ସମୟରେ, ବୀମାକର୍ତ୍ତାମାନେ ସମୂହରେ ସେହି କେତେକ ସଦସ୍ୟଙ୍କ ଉପସ୍ଥିତିର ସମ୍ଭାବନାକୁ ବିଚାରକୁ ନିଅନ୍ତି ଯେଉଁମାନଙ୍କ ଗମ୍ଭୀର ଓ ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଥାଇପାରେ ।

ସମୂହ ସ୍ୱାସ୍ଥ୍ୟ ବୀମାର ସଙ୍କଟାଙ୍କନ ସମୂହର ବିଶେଷତାଗୁଡିକୁ ବିଶ୍ଳେଷଣ କରିବା ଆବଶ୍ୟକ କରେ ଏହାକୁ ମୂଲ୍ୟାଙ୍କନ କରିବା ପାଇଁ ଯେ ଏହା ବୀମା କମ୍ପାନୀର ସଙ୍କଟାଙ୍କନ ମାର୍ଗଦର୍ଶିକା ତଥା ବୀମା ନିୟାମକ ଦ୍ୱାରା ସମୂହ ବୀମା ପାଇଁ ଉଲ୍ଲିଖିତ ମାର୍ଗଦର୍ଶିକା ଅନ୍ତର୍ଗତ ଆସେ କି ନାହିଁ ।

ସମୂହ ସ୍ୱାସ୍ଥ୍ୟ ବୀମା ପାଇଁ ଷ୍ଟାଣ୍ଡାର୍ଡ ସଙ୍କଟାଙ୍କନ ପ୍ରକ୍ରିୟା ନିମ୍ନଲିଖିତ କାରକ ଉପରେ ପ୍ରସ୍ତାବିତ ସମୂହ ର ମୂଲ୍ୟାଙ୍କନ କରିବା ଆବଶ୍ୟକ କରେ :

a) ସମୂହ ର ପ୍ରକାର

b) ସମୂହ ର ଆକାର

c) ଉଦ୍ୟୋଗ ର ପ୍ରକାର

d) ସୁରକ୍ଷା ପାଇଁ ଯୋଗ୍ୟ ବ୍ୟକ୍ତି

e) ସଂପୂର୍ଣ୍ଣ ସମୂହ ବୀମିତ ହେଉଛନ୍ତି କି ସଦସ୍ୟମାନଙ୍କ ପାଇଁ ଚୟନ କରିବାକୁ କୌଣସି ବିକଳ୍ପ ଅଛି

f) ସୁରକ୍ଷାର ସ୍ତର – ସମସ୍ତଙ୍କ ପାଇଁ ସମାନ କି ଭିନ୍ନ ଭିନ୍ନ

g) ଲିଙ୍ଗ, ବୟସ, ଗୋଟିଏ ମାତ୍ର କିମ୍ବା ବହୁବିଧ ସ୍ଥାନ, ସମୂହ ସଦସ୍ୟମାନଙ୍କ ଆୟ ସ୍ତର, କର୍ମଚାରୀ କାରବାର ହାର, ପ୍ରିମିୟମ କୁ ସଂପୂର୍ଣ୍ଣ ରୂପେ ସମୂହ ଧାରୀ ଦ୍ୱାରା ପ୍ରଦାନ କରାଯାଏ କି ପ୍ରିମିୟମ ପ୍ରଦାନରେ ସଦସ୍ୟମାନଙ୍କୁ ଯୋଗଦାନ କରିବାର ଆବଶ୍ୟକତା ରହିଛି, ଏସବୁ ଆଧାରରେ ସମୂହ ର ରଚନା

h) ବିଭିନ୍ନ ଭୌଗଳିକ ସ୍ଥିତି ରେ ପ୍ରସାରିତ ବହୁବିଧ ସ୍ଥାନ କ୍ଷେତ୍ରରେ, ଅଞ୍ଚଳ ଅନୁସାରେ ସ୍ୱାସ୍ଥ୍ୟସେବା ମୂଲ୍ୟରେ ପାର୍ଥକ୍ୟ

i) ସମୂହ ବୀମାର ପ୍ରଶାସନ ପାଇଁ ଏକ ତୃତୀୟ ପକ୍ଷ ପ୍ରଶାସକ (ତାଙ୍କ ପସନ୍ଦର କିମ୍ବା ବୀମାକର୍ତ୍ତା ଦ୍ୱାରା ଚୟନ କରାଯାଇଥିବା) ଦ୍ୱାରା କିମ୍ବା ନିଜେ ବୀମାକର୍ତ୍ତା ଦ୍ୱାରା ସମୂହ ଧାରୀ ର ଚୟନ

j) ପ୍ରସ୍ତାବିତ ସମୂହ ର ଅତୀତର ଦାବୀ ଅନୁଭୂତି

ଉଦାହରଣ

ବାତାନୁକୂଳ କାର୍ଯ୍ୟାଳୟ ରେ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ ଏକ ସମୂହ ଅପେକ୍ଷା ଖଣି କିମ୍ବା କାରଖାନାରେ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ ଏକ ସମୂହ ଉଚ୍ଚତର ସ୍ୱାସ୍ଥ୍ୟ ସଙ୍କଟରେ ଥାଆନ୍ତି । ଆହୁରି ରୋଗଗୁଡିକ (ଫଳରେ ଦାବୀଗୁଡିକ) ର ସ୍ୱରୂପ ମଧ୍ୟ

ଉଭୟ ସମୂହ ପାଇଁ ଅତି ଭିନ୍ନ ହେବାର ସମ୍ଭାବନା ଥାଏ । ତେଣୁ, ଉଭୟ କ୍ଷେତ୍ରରେ ବୀମାକର୍ତ୍ତା ସମୂହ ସ୍ୱାସ୍ଥ୍ୟ ବୀମାର ମୂଲ୍ୟ ନିର୍ଦ୍ଧାରଣ ତଦନୁସାରେ କରିବ ।

ଠିକ୍ ସେହି ପ୍ରକାରେ IT କମ୍ପାନୀମାନଙ୍କ ଭଳି ଉଚ୍ଚ କାରବାର ଥିବା ସମୂହମାନଙ୍କ କ୍ଷେତ୍ରରେ ପ୍ରତିକୂଳ ଚୟନ କୁ ଏଡାଇବା ପାଇଁ, କର୍ମଚାରୀମାନେ ବୀମା ପାଇଁ ଯୋଗ୍ୟ ହେବା ପୂର୍ବରୁ ସେମାନଙ୍କ ପରୀକ୍ଷଣାଧୀନ (ପ୍ରୋବେସନାରୀ) କାଳରେ ସେବା ଦେବା ପାଇଁ ଆବଶ୍ୟକ କରୁଥିବା ସତର୍କତା ପୂର୍ଣ୍ଣ ମାନଦଣ୍ଡକୁ ବୀମାକର୍ତ୍ତାମାନେ ଲାଗୁ କରିପାରନ୍ତି ।

ସମୂହ ସ୍ୱାସ୍ଥ୍ୟ ବୀମା ବ୍ୟବସାୟର ଅତ୍ୟଧିକ ପ୍ରତିଯୋଗିତାମୂଳକ ସ୍ୱରୂପ ଯୋଗୁଁ, ବୀମାକର୍ତ୍ତାମାନେ ସମୂହ ବୀମା ଯୋଜନାଗୁଡିକ ର ଲାଭ ରେ ଯଥେଷ୍ଟ ନମନୀୟତା ଓ ଅନୁକୂଳନ ର ସ୍ୱୀକୃତି ଦିଅନ୍ତି । ନିଯୁକ୍ତିଦାତା –କର୍ମଚାରୀ ସମୂହ ବୀମା ଯୋଜନାଗୁଡିକରେ, ଲାଭ ଡିଜାଇନ କୁ ସାଧାରଣତଃ ବହୁ ସମୟ ଧରି ବିକଶିତ କରାଯାଇଥାଏ ଏବଂ ନିଯୁକ୍ତିଦାତାଙ୍କ ମାନବ ସଂସାଧନ ବିଭାଗ ଦ୍ୱାରା କର୍ମଚାରୀ ଧାରଣ ସାଧନ ରୂପେ ବ୍ୟବହାର କରାଯାଏ । ଅନେକ ସମୟରେ, ନମନୀୟତା, ବ୍ୟବସାୟ କୁ ଧରି ରଖିବା କିମ୍ବା ପରିବର୍ତ୍ତନ କରିବା ପାଇଁ, ବିଦ୍ୟମାନ ସମୂହ ବୀମା ଯୋଜନାର ଲାଭସବୁକୁ ଅନ୍ୟ ଏକ ବୀମାକର୍ତ୍ତା ଦ୍ୱାରା ଦିଆଯାଇଥିବା ଲାଭ ସହିତ ମେଳ ଖୁଆଇବା ପାଇଁ କିମ୍ବା ତା' ଠାରୁ ଉନ୍ନତ କରିବା ପାଇଁ ବୀମାକର୍ତ୍ତାମାନଙ୍କ ମଧ୍ୟରେ ପ୍ରତିଯୋଗିତାର ପରିଣାମ ହୋଇଥାଏ ।

2. ନିଯୁକ୍ତିଦାତା – କର୍ମଚାରୀ ସମୂହ ବ୍ୟତୀତ ଅନ୍ୟ ସଙ୍କଟାଙ୍କନ

ନିଯୁକ୍ତିଦାତା –କର୍ମଚାରୀ ସମୂହ ମାନେ ହେଉଛନ୍ତି ପାରମ୍ପରିକ ରୂପେ ସମୂହ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଇଥିବା ସବୁଠୁ ସାଧାରଣ ସମୂହ । ଅବଶ୍ୟ, ଯେହେତୁ ସ୍ୱାସ୍ଥ୍ୟ ବୀମା ସ୍ୱାସ୍ଥ୍ୟସେବା ଖର୍ଚ୍ଚ ପାଇଁ ଅର୍ଥସହାୟତା ଦେବାର ଏକ ପ୍ରଭାବଶାଳୀ ସାଧନ ରୂପେ ସ୍ୱୀକୃତି ଲାଭ କରିଛି, ବିଭିନ୍ନ ପ୍ରକାରର ସମୂହ ଗଠନ ଗୁଡିକ ଏବେ ବିକଶିତ ହୋଇଛି । ଏ ଭଳି ପରିଦୃଶ୍ୟରେ, ସମୂହକୁ ସଙ୍କଟାଙ୍କିତ କରିବା ସମୟରେ ସମୂହ ସଂରଚନା ର ବିଶିଷ୍ଟତା କୁ ବିଚାର କରିବା ସମୂହ ସ୍ୱାସ୍ଥ୍ୟ ବୀମା ସଙ୍କଟାଙ୍କକମାନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ ।

ନିଯୁକ୍ତିଦାତା – କର୍ମଚାରୀ ସମୂହ ଅତିରିକ୍ତ, ବୀମାକର୍ତ୍ତାମାନେ ବିଭିନ୍ନ ପ୍ରକାରର ସମୂହ ଯଥା: ଶ୍ରମିକ ୟୁନିଅନ, ଟ୍ରଷ୍ଟ ଓ ସଂସ୍ଥା, ବହୁବିଧ – ନିଯୁକ୍ତିଦାତା ସମୂହ, ଫ୍ରାଞ୍ଚାଇଜ୍ ଡିଲର, ବ୍ୟବସାୟିକ ସଂଘ, କ୍ଲବ୍ ଏବଂ ଅନ୍ୟାନ୍ୟ ଭ୍ରାତୃତ୍ୱ ସଂଗଠନମାନଙ୍କୁ ସମୂହ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ଯୋଗାଇ ଦେଇଛନ୍ତି ।

ବିଭିନ୍ନ ଦେଶରେ ସରକାରମାନେ ସମାଜର ଅତି ଗରିବ ବର୍ଗମାନଙ୍କ ପାଇଁ ସମୂହ ସ୍ୱାସ୍ଥ୍ୟ ବୀମା ସୁରକ୍ଷାର କ୍ରେତା ହୋଇଛନ୍ତି । ଭାରତରେ, ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାରମାନେ ଗରିବମାନଙ୍କ ପାଇଁ ସମୂହ ସ୍ୱାସ୍ଥ୍ୟ ବୀମା ଯୋଜନା, ଉ.ସ୍ୱ. RSBY, ଯଶସ୍ୱିନୀ ଇତ୍ୟାଦି କୁ ଜୋରସୋରରେ ପ୍ରାୟୋଜିତ କରୁଛନ୍ତି ।

ଯଦିଓ ସେଭଳି ବିବିଧ ସମୂହଗୁଡିକ ପାଇଁ ମୂଳଭୂତ ସଙ୍କଟାଙ୍କନ ବିଚାରଗୁଡିକ ସାଧାରଣରୂପେ ସ୍ୱୀକୃତ ସମୂହ ସଙ୍କଟାଙ୍କନ କାରକଗୁଡିକ ସହିତ ସମାନ, ଅତିରିକ୍ତ ତତ୍ତ୍ୱଗୁଡିକରେ ଅନ୍ତର୍ଭୁକ୍ତ ହୁଅନ୍ତି :

a) ସମୂହ ର ଆକାର (ଛୋଟ ସମୂହ ଆକାର ବାରମ୍ବାର ପରିବର୍ତ୍ତନ ର ଶୀକାର ହୋଇପାରେ)
b) ଭିନ୍ନ ଭିନ୍ନ ଭୌଗଳିକ କ୍ଷେତ୍ରରେ ଭିନ୍ନ ଭିନ୍ନ ସ୍ତରର ସ୍ୱାସ୍ଥ୍ୟସେବା ମୂଲ୍ୟ
c) ପ୍ରତିକୂଳ ଚୟନ ର ସଙ୍କଟ ଯଦି ସମସ୍ତ ସମୂହ ସଦସ୍ୟ ସମୂହ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅଂଶଗ୍ରହଣ ନ କରନ୍ତି
d) ପଲିସୀରେ ସମୂହ ର ସଦସ୍ୟମାନଙ୍କ ନିତ୍ୟ ସମ୍ବନ୍ଧ/ନିରନ୍ତରତା

ଶସ୍ତା ମୂଲ୍ୟରେ ସେଭଳି ସମୂହ ସ୍ୱାସ୍ଥ୍ୟ ବୀମା ଲାଭ ର କେବଳ ଲାଭ ଉଠାଇବା ପାଇଁ ଅନିୟମିତ ପ୍ରକାରର ସମୂହ ଗଠନ ରେ ବୃଦ୍ଧି ହୋଇଛି ; ଯାହାକୁ 'ସୁବିଧା ର ସମୂହ' କୁହାଯାଏ । ତେଣୁ ବୀମା ବିନିୟାମକ ଆଇ.ଆର.ଡି.ଏ. ବିଭିନ୍ନ ସମୂହ ସହିତ ବ୍ୟବହାର ପ୍ରଦର୍ଶନ କରିବା ସମୟରେ ବୀମାକର୍ତ୍ତାମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଦୃଷ୍ଟିଭଙ୍ଗୀ କୁ ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ସମୂହ ବୀମା ମାର୍ଗଦର୍ଶିକା ଜାରୀ କରିଛନ୍ତି । ସେଭଳିଆ ଅଣ –ନିଯୁକ୍ତିଦାତା ସମୂହରେ ଅନ୍ତର୍ଭୁକ୍ତ ହୁଅନ୍ତି :

a) ନିଯୁକ୍ତିଦାତା କଲ୍ୟାଣ ସଂଘ
b) ଏକ ନିର୍ଦ୍ଦିଷ୍ଟ କମ୍ପାନୀ ଦ୍ୱାରା ଜାରୀ କରାଯାଇଥିବା କ୍ରେଡିଟ୍ କାର୍ଡ ଧାରୀମାନେ
c) ଏକ ନିର୍ଦ୍ଦିଷ୍ଟ ବ୍ୟବସାୟର ଗ୍ରାହକମାନେ ଯେଉଁଠି ବୀମାକୁ ଏକ ଆଡ୍-ଅନ୍ ଲାଭ ରୂପେ ପ୍ରଦାନ କରାଯାଏ
d) ଏକ ବ୍ୟାଙ୍କ ଏବଂ ବ୍ୟବସାୟିକ ସଂଘ କିମ୍ବା ସଂସ୍ଥାଗୁଡିକର ଉଧାରକର୍ତ୍ତାମାନେ

ସମୂହ ବୀମା ମାର୍ଗଦର୍ଶିକାର ଔଚିତ୍ୟ ହେଉଛି ବୈୟକ୍ତିକ ପଲିସୀଗୁଡିକରେ ଲାଭଗୁଡିକର ସୁରକ୍ଷା ଉପଲବ୍ଧ ହେଉ ନ ଥିବା ଯୋଗୁଁ, ନମନୀୟ ଡିଜାଇନର ଲାଭ ଥିବା ବୀମା ର ଲାଭ ଉଠାଇବା ଉଦ୍ଦେଶ୍ୟ ପାଇଁ କେବଳ ସମୂହଗୁଡିକର ଗଠନରେ ପ୍ରତିବନ୍ଧ ଲଗାଇବା ଏବଂ ଖର୍ଚ୍ଚ ସଂଚୟ । ଏହା ନିରୀକ୍ଷଣ କରାଯାଇଛି ଯେ ସେ ଭଳି 'ସୁବିଧା ର ସମୂହ' ଅନେକ ସମୟରେ ବୀମାକର୍ତ୍ତାମାନଙ୍କ ବିରୁଦ୍ଧରେ ପ୍ରତିକୂଳ ଚୟନ ଏବଂ ଫଳସ୍ୱରୂପ ଉଚ୍ଚ ଦାବୀ ଅନୁପାତ ର କାରଣ ହୋଇଛନ୍ତି । ବିନିୟାମକ ପ୍ରାଧିକରଣ ଙ୍କ ସମୂହ ବୀମା ମାର୍ଗଦର୍ଶିକାଗୁଡିକ, ଏ ପ୍ରକାରେ, ବୀମାକର୍ତ୍ତାମାନଙ୍କ ଦ୍ୱାରା ଦାୟିତ୍ୱବାନ୍ ବିପଣନ ଆଚରଣ ରେ ସହାୟକ ହୁଅନ୍ତି । ସେମାନେ ବୀମା କମ୍ପାନୀମାନଙ୍କ ସଙ୍କଟାଙ୍କନ ରେ ଏବଂ ସମୂହ ଯୋଜନାସବୁ ପାଇଁ ପ୍ରଶାସନ ଷ୍ଟାଣ୍ଡାର୍ଡ ପ୍ରତିଷ୍ଠା କରି ସମୂହ ବୀମା ଯୋଜନାଗୁଡିକର ପକ୍ଷ ପ୍ରଚାର କରିବାରେ ମଧ୍ୟ ଅନୁଶାସନର ପ୍ରଭାବ ପକାନ୍ତି ।

H. ସମୁଦ୍ରପାରୀ / ବିଦେଶ ଯାତ୍ରା ବୀମା ର ସଙ୍କଟାଙ୍କନ

ଯେହେତୁ ସମୁଦ୍ରପାରୀ/ବିଦେଶ ଯାତ୍ରା ବୀମା ପଲିସୀ ଅନ୍ତର୍ଗତ ମୂଖ୍ୟ ସୁରକ୍ଷା ସ୍ୱାସ୍ଥ୍ୟ ସୁରକ୍ଷା ଅଟେ, ସଙ୍କଟାଙ୍କନ ସାଧାରଣରୂପେ ସ୍ୱାସ୍ଥ୍ୟ ବୀମାର ଶୈଳୀ ର ଅନୁପାଳନ କରେ ।

ପ୍ରିମିୟମ ମୂଲ୍ୟ ନିର୍ଦ୍ଧାରଣ ଓ ସ୍ୱୀକୃତି ବୈୟକ୍ତିକ କମ୍ପାନୀ ମାର୍ଗଦର୍ଶିକା ଅନୁସାରେ ହେବ କିନ୍ତୁ କେତେକ ମହତ୍ୱପୂର୍ଣ୍ଣ ବିଚାରକୁ ନିମ୍ନରେ ଦିଆଯାଇଛି :

1. ପ୍ରିମିୟମ ହାର ପ୍ରସ୍ତାବକର ଆୟୁ ଏବଂ ବିଦେଶ ଯାତ୍ରାର ଅବଧି ଉପରେ ନିର୍ଭର କରିବ ।
2. ଯେହେତୁ ବିଦେଶରେ ଡାକ୍ତରୀ ଚିକିତ୍ସା ଅଧିକ ମୂଲ୍ୟର ଥାଏ, ପ୍ରିମିୟମ ହାରସବୁ ସ୍ୱଦେଶୀ ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକ ତୁଳନାରେ ସାଧାରଣତଃ ଅତ୍ୟନ୍ତ ଅଧିକ ଅଟେ ।
3. ଏପରିକି ବିଦେଶ ରାଷ୍ଟ୍ର, USA ଏବଂ କାନାଡାରେ ପ୍ରିମିୟମ ଅତ୍ୟଧିକ ଅଟେ ।
4. ବିଦେଶରେ ଡାକ୍ତରୀ ଚିକିତ୍ସା ନେବା ପାଇଁ ଏକ ପ୍ରସ୍ତାବକ ପଲିସୀର ଉପଯୋଗ କରିବାର ସମ୍ଭାବନାକୁ ଏଡାଇବା ପାଇଁ ଯତ୍ନ ନେବା ଉଚିତ୍ ଏବଂ ତେଣୁ କୌଣସି ପୂର୍ବ-ବିଦ୍ୟମାନ ରୋଗର ଉପସ୍ଥିତିକୁ ପ୍ରସ୍ତାବ ଅବସ୍ଥାରେ ଧ୍ୟାନ ପୂର୍ବକ ବିଚାର କରିବା ଉଚିତ୍ ।

I. ବ୍ୟକ୍ତିଗତ ଦୁର୍ଘଟଣା ବୀମାର ସଙ୍କଟାଙ୍କନ

ବ୍ୟକ୍ତିଗତ ଦୁର୍ଘଟଣା ପଲିସୀଗୁଡିକ ପାଇଁ ସଙ୍କଟାଙ୍କନ ବିଚାରଗୁଡିକୁ ନିମ୍ନରେ ଆଲୋଚନା କରାଯାଇଛି :

ହାର /ମୂଲ୍ୟ ନିର୍ଦ୍ଧାରଣ

ବ୍ୟକ୍ତିଗତ ଦୁର୍ଘଟଣା ବୀମାରେ, ବିଚାର କରାଯାଉଥିବା ମୁଖ୍ୟ କାରକ ହେଉଛି ବୀମିତର ବ୍ୟବସାୟ । ସାଧାରଣ ହିସାବରେ କହିବାକୁ ଗଲେ ଘରେ, ରାସ୍ତା ଇତ୍ୟାଦିରେ ବ୍ୟକ୍ତିଗତ ଦୁର୍ଘଟଣାର ସମ୍ଭାବନା ସବୁ ବ୍ୟକ୍ତି ପାଇଁ ସମାନ ଅଟେ । କିନ୍ତୁ ବୃତ୍ତି କିମ୍ବା ବ୍ୟବସାୟ ସହିତ ସଂପୃକ୍ତ ସଙ୍କଟ ଗୁଡିକ ସଂପାଦନ କରାଯାଉଥିବା କାର୍ଯ୍ୟର ସ୍ୱରୂପ ଅନୁସାରେ ଭିନ୍ନ ଭିନ୍ନ ହୋଇଥାନ୍ତି । ଉଦାହରଣ ସ୍ୱରୂପ, ଏକ ଅଫିସ ମ୍ୟାନେଜର ର କାର୍ଯ୍ୟରେ ସଙ୍କଟର ସମ୍ଭାବନା ଏକ କୋଠାଘର ନିର୍ମିତ ହେଉଥିବା ସାଇଟ୍ ରେ କାମ କରୁଥିବା ଏକ ସିଭିଲ ଇଞ୍ଜିନିୟର ଅପେକ୍ଷା କମ୍ ଥାଏ ।

ପ୍ରତ୍ୟେକ ବୃତ୍ତି/ପେଶା କିମ୍ବା ବ୍ୟବସାୟ ପାଇଁ ଏକ ହାର/ମୂଲ୍ୟ ନିର୍ଦ୍ଧାରିତ କରିବା ବ୍ୟବହାରିକ ନୁହେଁ । ତେଣୁ, ବ୍ୟବସାୟଗୁଡିକୁ ବିଭିନ୍ନ ସମୂହରେ ବର୍ଗୀକୃତ କରାଯାଇଛି, ଯେଉଁଠି ପ୍ରତ୍ୟେକ ସମୂହ, ଅଧିକ କିମ୍ବା କମ ହେଉ, ସମାନ ପ୍ରକାରର ସଙ୍କଟ ସମ୍ଭାବନା କୁ ପ୍ରତିଫଳିତ କରେ । ନିମ୍ନ ପ୍ରଣାଳୀର ବର୍ଗୀକରଣ ସରଳ ଅଟେ ଏବଂ କାର୍ଯ୍ୟରେ ବ୍ୟବହାର୍ଯ୍ୟ ଅଟେ ବୋଲି ଦେଖିବାକୁ ମିଳେ । ବୈୟକ୍ତିକ କମ୍ପାନୀମାନଙ୍କ ପାଖରେ ବର୍ଗୀକରଣ ର ସେମାନଙ୍କ ନିଜ ଆଧାର ଥାଏ ।

ସଙ୍କଟର ବର୍ଗୀକରଣ

ବ୍ୟବସାୟ ଆଧାରରେ, ବୀମିତ ବ୍ୟକ୍ତି ସହିତ ସଂପୃକ୍ତ ସଙ୍କଟଗୁଡିକୁ ତିନି ସମୂହରେ ବର୍ଗୀକୃତ କରାଯାଇପାରେ :

- **ସଙ୍କଟ ସମୂହ I**

  ଆକାଉଣ୍ଟେଣ୍ଟ, ଡାକ୍ତର, ଓକିଲ, ଆର୍କିଟେକ୍ଟ, କନସଲଟିଙ୍ଗ୍ ଇଞ୍ଜିନିୟର, ଶିକ୍ଷକ, ବ୍ୟାଙ୍କର, ପ୍ରଶାସନ କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତି, ମୁଖ୍ୟତଃ ସେହି ପ୍ରକାରର ଆପଦ ର ବ୍ୟବସାୟରେ ସଂପୃକ୍ତ ବ୍ୟକ୍ତିମାନେ

- **ସଙ୍କଟ ସମୂହ II**

  କେବଳ ଅଧୀକ୍ଷଣ କାର୍ଯ୍ୟରେ ନିଯୁକ୍ତଥିବା ନିର୍ମାତା, ଠିକାଦାର ଓ ଇଞ୍ଜିନିୟର, ପଶୁ ଡାକ୍ତର, ମୋଟର କାର ଓ ଲାଇଟ୍ ମୋଟର ଗାଡ଼ି ର ବେତନପ୍ରାପ୍ତ ଡ୍ରାଇଭର ଏବଂ ସେହି ପ୍ରକାରର ଆପଦର ବ୍ୟବସାୟରେ ସଂପୃକ୍ତ ବ୍ୟକ୍ତିମାନେ

  ଶାରୀରିକ ଶ୍ରମରେ ନିଯୁକ୍ତ ସମସ୍ତ ବ୍ୟକ୍ତି (ସମୂହ III ରେ ଆସୁଥିବା ବ୍ୟକ୍ତିମାନଙ୍କ ବ୍ୟତୀତ), ନଗଦ ନେଉଥିବା କର୍ମଚାରୀ, ଗ୍ୟାରେଜ ଓ ମୋଟର ମେକାନିକ , ମେସିନ ଅପରେଟର, ଟ୍ରକ୍ କିମ୍ବା ଲରି ଓ ଅନ୍ୟାନ୍ୟ ଓଜନିଆ ଗାଡ଼ିଗୁଡିକର ଚାଳକ, ପ୍ରଫେସନଲ ଆଥ୍ଲେଟ୍ ଏବଂ ସ୍ପୋର୍ଟସମେନ, କାଠ କାମ କରୁଥିବା ମେସିନିଷ୍ଟ ଏବଂ ସେଭଳି ଆପଦ ବିଶିଷ୍ଟ ବ୍ୟବସାୟସବୁରେ ନିଯୁକ୍ତ ବ୍ୟକ୍ତିମାନେ

- **ସଙ୍କଟ ସମୂହ III**

  ଭୂମିତଳ ଖଣି, ବିସ୍ଫୋଟକ ମ୍ୟାଗାଜିନ ରେ କାର୍ଯ୍ୟରତ ବ୍ୟକ୍ତି, ଉଚ୍ଚ ଟେନସନ ସପ୍ଲାଇ ଥିବା ବୈଦ୍ୟୁତିକ ପ୍ରତିଷ୍ଠାପନ, ଜୋକି, ସର୍କସ ଖେଳାଳୀ, ଚକ ଉପରେ କିମ୍ବା ଅଶ୍ୱପୃଷ୍ଠ, ରେସିଙ୍ଗ୍, ଶିକାର, ପର୍ବତାରୋହଣ, ଶୀତକାଳିନ କ୍ରୀଡ଼ା, ସ୍କିଇଙ୍ଗ୍, ଆଇସ୍ ହକି, ବେଲୁନିଙ୍ଗ୍, ହ୍ୟାଙ୍ଗ୍ ଗ୍ଲାଇଡିଙ୍ଗ୍, ରିଭର ର୍ଯାଫ୍ଟିଙ୍ଗ୍, ପୋଲୋ ଭଳି କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତି ଏବଂ ସେଭଳି ଆପଦ ବିଶିଷ୍ଟ ବ୍ୟବସାୟ/କାର୍ଯ୍ୟକଳାପ ରେ ସଂପୃକ୍ତ ବ୍ୟକ୍ତିମାନେ

ସଙ୍କଟ ସମୂହଗୁଡ଼ିକ ଯଥାକ୍ରମେ 'ସାମାନ୍ୟ, 'ମଧ୍ୟମ' ଏବଂ 'ଉଚ୍ଚ' ରୂପେ ମଧ୍ୟ ପରିଚିତ ଅଟନ୍ତି ।

ବୟସ ସୀମା

ସୁରକ୍ଷା ପ୍ରାପ୍ତ ଏବଂ ନୂତନୀକୃତ ହେବା ପାଇଁ ସର୍ବନିମ୍ନ ଏବଂ ସର୍ବାଧିକ ବୟସ କମ୍ପାନୀ କମ୍ପାନୀ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ । ସାଧାରଣତଃ 5 ବର୍ଷ ର ବ୍ୟାଣ୍ଡ ମାନଦଣ୍ଡ ହୋଇଥାଏ । ଅବଶ୍ୟ, ସେହି ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଯେଉଁମାନଙ୍କ ପୂର୍ବରୁ ବୀମା ଅଛି, ନୂତନୀକରଣ ପ୍ରିମିୟମର ଲୋଡିଙ୍ଗ ଅନ୍ତର୍ଗତ ସେମାନେ 70 ବର୍ଷ ପୂରା କଲା ପରେ କିନ୍ତୁ 80 ବର୍ଷ ବୟସ ପର୍ଯ୍ୟନ୍ତ ପଲିସୀଗୁଡ଼ିକୁ ନୂତନୀକୃତ କରାଯାଇପାରେ ।

ନୂତନୀକରଣ କିମ୍ବା ନୂଆଁ ବୀମା ପାଇଁ ସାଧାରଣତଃ କୌଣସି ମେଡିକଲ ପରୀକ୍ଷା ଆବଶ୍ୟକ ହୁଏ ନାହିଁ ।

ମେଡିକଲ ଖର୍ଚ୍ଚ

ମେଡିକଲ ଖର୍ଚ୍ଚ ସୁରକ୍ଷା ନିମ୍ନ ପ୍ରକାରେ ଅଟେ :

- ଦୁର୍ଘଟଣାଜନିତ ଶାରୀରିକ କ୍ଷତ ସମ୍ବନ୍ଧରେ ବୀମିତ ଦ୍ୱାରା ବ୍ୟୟ କରାଯାଇଥିବା ମେଡିକଲ ଖର୍ଚ୍ଚକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଅତିରିକ୍ତ ପ୍ରିମିୟମ ପ୍ରଦାନ କରି, ପୃଷ୍ଠାଙ୍କନ ଦ୍ୱାରା ଏକ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀକୁ ବଢ଼ାଯାଇପାରେ ।
- ଏହି ଲାଭଗୁଡ଼ିକ ପଲିସୀ ଅନ୍ତର୍ଗତ ଥିବା ଅନ୍ୟାନ୍ୟ ଲାଭ ଗୁଡ଼ିକର ଅତିରିକ୍ତ ଅଟେ ।
- ଏହା ଜରୁରୀ ନୁହେଁ ଯେ ବ୍ୟକ୍ତିକୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼ିବ ।

ଯୁଦ୍ଧ ଏବଂ ସହଯୋଗୀ ସଙ୍କଟ

ଯୁଦ୍ଧ ସଙ୍କଟ ସୁରକ୍ଷାକୁ ବିଦେଶ ରାଷ୍ଟ୍ରରେ ସିଭିଲଆନ କାର୍ଯ୍ୟରେ କାମ କରୁଥିବା ଭାରତୀୟ କର୍ମକର୍ତ୍ତା/ବିଶେଷଜ୍ଞମାନଙ୍କୁ ଅତିରିକ୍ତ ପ୍ରିମିୟମ ସହିତ ପ୍ରଦାନ କରାଯାଇ ପାରେ ।

- ଶାନ୍ତି ସମୟ କିମ୍ବା ସାମାନ୍ୟ କାଳରେ ଜାରୀ କରାଯାଉଥିବା ପି.ଏ. ପଲିସୀଗୁଡ଼ିକ ସାଧାରଣ ହାରଠାରୁ ଧରନ୍ତୁ 50 ପ୍ରତିଶତ ଅଧିକ (ଅର୍ଥାତ୍ ସାଧାରଣ ହାରର 150 ପ୍ରତିଶତ) ହୋଇପାରେ ।
- ଅସାଧାରଣ/ଭୟାନକ ସମୟରେ (ଅର୍ଥାତ୍ ସେହି ସମୟରେ ଯେତେବେଳେ ବିଦେଶ ରାଷ୍ଟ୍ରରେ ଯୁଦ୍ଧ ଭଳି ଅବସ୍ଥା ଉପନୀତ ହୋଇସାରିଛି କିମ୍ବା ନିକଟ ହୋଇଛି । ଅର୍ଥାତ୍ ଯେଉଁଠି ଭାରତୀୟ କର୍ମକର୍ତ୍ତାମାନେ ସିଭିଲିଅନ କାର୍ଯ୍ୟରେ କାମ କରୁଛନ୍ତି) ଜାରୀ କରାଯାଉଥିବା ପି.ଏ. ପଲିସୀଗୁଡ଼ିକ ସାଧାରଣ ହାରଠାରୁ ଧରନ୍ତୁ 150 ପ୍ରତିଶତ ଅଧିକ (ଅର୍ଥାତ୍ ସାଧାରଣ ହାରର 250 ପ୍ରତିଶତ) ହୋଇପାରେ ।

ପ୍ରସ୍ତାବ ଫର୍ମ

ଫର୍ମ ନିମ୍ନ ସମ୍ବନ୍ଧୀୟ ତଥ୍ୟ ପ୍ରାପ୍ତ କରେ :

- ବ୍ୟକ୍ତିଗତ ବିବରଣୀ
- ଶାରୀରିକ ସ୍ଥିତି
- ଅଭ୍ୟାସ ଓ ଆମୋଦପ୍ରମୋଦ

- ଅନ୍ୟାନ୍ୟ କିମ୍ବା ପୂର୍ବବର୍ତ୍ତୀ ବୀମା
- ପୂର୍ବବର୍ତ୍ତୀ ଦୁର୍ଘଟଣା କିମ୍ବା ରୋଗ
- ଲାଭ ଓ ବୀମାରାଶିର ଚୟନ
- ଘୋଷଣାପତ୍ର

ଉପରୋକ୍ତ ଆବଶ୍ୟକୀୟ ବିବରଣୀଗୁଡିକ ନିମ୍ନ ପ୍ରକାରେ ବ୍ୟାଖ୍ୟା କରାଯାଇପାରେ:

- ବ୍ୟକ୍ତିଗତ ବିବରଣୀ ବୟସ, ଉଚ୍ଚତା ଓ ଓଜନ, ବ୍ୟବସାୟର ସଂପୂର୍ଣ୍ଣ ବିବରଣୀ ଏବଂ ହାରାହାରି ମାସିକ ଆୟ ସମ୍ବନ୍ଧରେ ହୋଇଥାଏ ।
- ଅଭିଷ୍ଟ ପଲିସୀ ସକାଶେ ନବାନ୍ତୁକମାନଙ୍କ ପାଇଁ ନିର୍ଦ୍ଧାରିତ ବୟସ ସୀମା ମଧ୍ୟରେ ପ୍ରସ୍ତାବକ ଅଛି କି ନାହିଁ, ଏହାକୁ ବୟସ/ଆୟୁ ପ୍ରଦର୍ଶିତ କରିବ । ଓଜନ ଏବଂ ଉଚ୍ଚତାକୁ ଲିଙ୍ଗ, ଉଚ୍ଚତା ଓ ଆୟୁ ପାଇଁ ଥିବା ହାରାହାରି ଓଜନର ଟେବୁଲ ସହିତ ତୁଳନା କରିବା ଉଚିତ୍ ଏବଂ ଅଧିକ ଅନୁସନ୍ଧାନ କରାଯାଇପାରେ ଯଦି ପ୍ରସ୍ତାବକ ହାରାହାରି ଠାରୁ ଧରନ୍ତୁ 15 ପ୍ରତିଶତ କିମ୍ବା ତତୋଧିକ ଅଧିକ କିମ୍ବା କମ୍ ଓଜନର ହୋଇଥାଏ ।
- ଶାରୀରିକ ସ୍ଥିତି ବିବରଣୀ କୌଣସି ଶାରୀରିକ ଦୁର୍ବଳତା କିମ୍ବା ତ୍ରୁଟି, ସ୍ଥାୟୀ ରୋଗ ଇତ୍ୟାଦି ସମ୍ବନ୍ଧୀୟ ହୋଇଥାଏ ।
- ସେହି ପ୍ରସ୍ତାବକ ଯେଉଁମାନେ ଏକ ଅଙ୍ଗ କିମ୍ବା ଏକ ଚକ୍ଷୁର ଦୃଷ୍ଟି ହରାଇଛନ୍ତି, ସେମାନଙ୍କୁ ଅନୁମୋଦିତ ପ୍ରକରଣ ଗୁଡିକରେ ବିଶେଷ ସର୍ତ୍ତରେ କେବଳ ସ୍ୱୀକୃତ କରାଯାଇପାରେ । ସେମାନେ ଆସାଧାରଣ ସଙ୍କଟ ହୋଇଥାନ୍ତି କାରଣ ସେମାନେ "କେତେକ ପ୍ରକାରର ଦୁର୍ଘଟଣାକୁ ଏଡାଇବାରେ କମ ସକ୍ଷମ ହୁଅନ୍ତି ଏହି ଦୃଷ୍ଟିରୁ କି ଯଦି ଅବଶିଷ୍ଟ ବାହୁ କିମ୍ବା ଗୋଡ କ୍ଷତପ୍ରାପ୍ତ ହୁଏ କିମ୍ବା ଦୃଷ୍ଟି ଅଥବା ଅବଶିଷ୍ଟ ଆଖି ପ୍ରଭାବିତ ହୁଏ, ବିକଳାଙ୍ଗତାର ତୀବ୍ରତା ଓ ଦୀର୍ଘତା ସାମାନ୍ୟ ଠାରୁ ଅତ୍ୟଧିକ ହେବାର ସମ୍ଭାବନା ଥାଏ ।
- ମଧୁମେହ ଆରୋଗ୍ୟତା ପ୍ରାପ୍ତିରେ ପ୍ରତିବନ୍ଧକ ହୁଏ ଯେହେତୁ କ୍ଷତ ଶୀଘ୍ର ଆରୋଗ୍ୟ ହୋଇ ନ ପାରେ ଏବଂ ବିକଳାଙ୍ଗତା ଅଯଥା ଦୀର୍ଘଦିନ ରହିପାରେ । କ୍ଷତ କିମ୍ବା ରୋଗସବୁ ଭବିଷ୍ୟତ ଦୁର୍ଘଟଣା ସଙ୍କଟଗୁଡିକୁ ପ୍ରଭାବିତ କରିବ କି ନାହିଁ ଏବଂ କେତେ ଦୂର କରିପାରେ, ଏହାକୁ ନିର୍ଦ୍ଧାରିତ କରିବା ପାଇଁ ପ୍ରସ୍ତାବକର ମେଡିକଲ ଇତିହାସକୁ ନିଶ୍ଚିତ ରୂପେ ଯାଞ୍ଚ କରିବା ଉଚିତ୍ । ସଙ୍କଟ ଅବୀମାଯୋଗ୍ୟ କରିବା ପାଇଁ ସେଭଳି ସ୍ୱଷ୍ଟ ଗମ୍ଭୀର ସ୍ୱରୂପର ଅନେକ ଗୁଡିଏ ଅଭିଯୋଗ ରହିଛି, ଉ. ସ୍ୱ. ହୃତପିଣ୍ଡର ଭାଲ୍ବ ସମ୍ବନ୍ଧୀୟ ରୋଗ
- ପର୍ବତାରୋହଣ, ପୋଲୋ, ମୋଟର ରେସିଙ୍ଗ୍, ଏକ୍ରୋବ୍ୟାଟିକ୍ସ ଇତ୍ୟାଦି ଭଳି ବିପଦସଙ୍କୁଳ ଆମୋଦପ୍ରମୋଦ ରେ ଅଧିକ ପ୍ରିମିୟମ ଆବଶ୍ୟକ ହୋଇଥାଏ ।

ବୀମା ରାଶି

ଏକ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ ରେ ବୀମା ରାଶିକୁ ସତର୍କତା ସହିତ ନିର୍ଦ୍ଧାରିତ କରିବାକୁ ପଡ଼େ, ଯେହେତୁ ସେଗୁଡିକ ଲାଭ ପଲିସୀ ଅଟନ୍ତି ଏବଂ କଠୋର କ୍ଷତିପୂର୍ତ୍ତି ଅଧୀନରେ ନ ଥାନ୍ତି । 'ଲାଭପୂର୍ଣ୍ଣ ନିଯୁକ୍ତି'ଜରିଆରେ ପ୍ରାପ୍ତ ଆୟକୁ ବିଚାର କରିବା ପାଇଁ ସତର୍କତା ଅବଲମ୍ବନ କରିବା ଉଚିତ୍ । ଅନ୍ୟ ଶବ୍ଦରେ, ଆୟ ଯାହା ପ୍ରସ୍ତାବକର ଦୁର୍ଘଟଣା ଦ୍ୱାରା ପ୍ରଭାବିତ ହେବ ନାହିଁ, ତାହାକୁ ବୀମା ରାଶି ନିର୍ଦ୍ଧାରିତ କରିବା ସମୟରେ ବିଚାରକୁ ନେବା ଉଚିତ୍ ନୁହେଁ ।

ଯେହେତୁ S.I. ନିର୍ଦ୍ଧାରିତ କରିବାର ପ୍ରଥା ବୀମାକର୍ତ୍ତା /ସଙ୍କଟାଙ୍କକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ, ସଠିକ୍ ରାଶି ପରିମାଣ ଯାହା ସକାଶେ ବୀମା ସୁରକ୍ଷାର ସ୍ୱୀକୃତି ଦିଆ ଯାଇପାରେ, ଏହା ସଙ୍କଟାଙ୍କକମାନଙ୍କ ଉପରେ ନିର୍ଭର କରେ । ଅବଶ୍ୟ ସାଧାରଣ ପ୍ରଥା ହେଉଛି ଯେ ସ୍ୱୀକୃତି ଦିଆଯାଇଥିବା ବୀମା ସୁରକ୍ଷା ବୀମିତର 72 ମାସ/6 ବର୍ଷର ଆୟ ର ସମାନ ପରିମାଣଠାରୁ ଅଧିକ ହେବା ଉଚିତ୍ ନୁହେଁ ।

ଏହି ପ୍ରତିବନ୍ଧ କଠୋର ରୂପେ ଲାଗୁ କରାଯାଏ ନାହିଁ ଯଦି ପଲିସୀ କେବଳ କ୍ୟାପିଟାଲ ଲାଭ ପାଇଁ ହୋଇଥାଏ । ଅସ୍ଥାୟୀ ସଂପୂର୍ଣ୍ଣ ବିକଳାଙ୍ଗତା ବୀମା ସୁରକ୍ଷା ପାଇଁ ଅବଶ୍ୟ ଏହା ହେବା ଉଚିତ୍ ନୁହେଁ କି କ୍ଷତିପୂରଣ ଦେୟ ଅବସରରେ, ତାହା ସେହି ଅବଧିରେ ହୋଇଥିବା ତା' ଆୟ ସହିତ ଅଣ ଆନୁପାତିକ ହୁଏ । ଯଦି ବୀମା ସୁରକ୍ଷା TTD ସକାଶେ ସାପ୍ତାହିକ କ୍ଷତିପୂରଣ ପାଇଁ ହୁଏ, ବୀମାରାଶି ସାଧାରଣତଃ ତା' ବାର୍ଷିକ ଆୟର ଦୁଇ ଗୁଣ ଠାରୁ ଅଧିକ ହୋଇ ନ ଥାଏ ।

ସେହି ବ୍ୟକ୍ତିମାନଙ୍କୁ ବୀମା ସୁରକ୍ଷା ପ୍ରଦାନ କରିବା ସମୟରେ, ଯେଉଁମାନେ ଲାଭ ପୂର୍ଣ୍ଣ ରୂପେ ନିଯୁକ୍ତ ନୁହନ୍ତି, ଉ.ସ୍ୱ. ଗୃହିଣୀ, ଛାତ୍ରଛାତ୍ରୀ ଇତ୍ୟାଦି ବୀମାକର୍ତ୍ତାମାନେ ସୁନିଶ୍ଚିତ କରନ୍ତି ଯେ ସେମାନେ କେବଳ କ୍ୟାପିଟାଲ ଲାଭ ପ୍ରଦାନ କରନ୍ତି ଏବଂ କୌଣସି ସାପ୍ତାହିକ କ୍ଷତିପୂରଣ ପ୍ରଦାନ କରାଯାଏ ନାହିଁ ।

ପରିବାର ପ୍ୟାକେଜ୍ ବୀମା ସୁରକ୍ଷା

ସନ୍ତାନ ସନ୍ତତି ଏବଂ ଅଣ-ଉପାର୍ଜନକାରୀ ପତି/ପତ୍ନୀ ପାଇଁ ବୀମା ସୁରକ୍ଷା ମୃତ୍ୟୁ ଓ ସ୍ଥାୟୀ ବିକଳାଙ୍ଗତା (ସଂପୂର୍ଣ୍ଣ କିମ୍ବା ଆଂଶିକ) ପର୍ଯ୍ୟନ୍ତ ସୀମିତ ଅଟେ । ଅବଶ୍ୟ, ବୈୟକ୍ତିକ କମ୍ପାନୀର ମାନଦଣ୍ଡ ଆଧାର କରି ଲାଭ ଗୁଡିକର ଟେବୁଲ କୁ ବିଚାର କରାଯାଇପାରେ । କେତେକ କମ୍ପାନୀ ଅଣ-ଉପାର୍ଜନକାରୀ ପତି/ପତ୍ନୀ ଙ୍କୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ TTD ସୁରକ୍ଷାର ସ୍ୱୀକୃତି ଦେଇଥାନ୍ତି ।

ମୋଟ ପ୍ରିମିୟମ ଉପରେ ସାଧାରଣତଃ 5 ପ୍ରତିଶତର ଡିସ୍କାଉଣ୍ଟ ର ସ୍ୱୀକୃତି ଦିଆଯାଇଥାଏ ।

ସମୂହ ପଲିସୀ

ପ୍ରିମିୟମ ବାହାରେ ଏକ ସମୂହ ଡିସ୍କାଉଣ୍ଟର ସ୍ୱୀକୃତି ଦିଆଯାଇଥାଏ, ଯଦି ବୀମିତ ବ୍ୟକ୍ତିଙ୍କୁ ସଂଖ୍ୟା ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ଧରନ୍ତୁ । 100 ଠାରୁ ଅଧିକ ହୁଏ । ଅବଶ୍ୟ ସମୂହ ପଲିସୀ ପ୍ରଦାନ କରାଯାଇପାରେ ଯେତେବେଳେ ସଂଖ୍ୟା ଅଳ୍ପ, ଧରନ୍ତୁ 25 ହୁଏ କିନ୍ତୁ କୌଣସି ଡିସ୍କାଉଣ୍ଟ ବିନା ।

ସାଧାରଣତଃ, ଅନାମାଙ୍କିତ ଆଧାରରେ ପଲିସୀସବୁକୁ କେବଳ ଅତି ମୂଲ୍ୟବାନ କ୍ଲାଏଣ୍ଟମାନଙ୍କୁ ପ୍ରଦାନ କରାଯାଇପାରେ, ଯେଉଁଠି ସଦସ୍ୟର ପରିଚୟ କୌଣସି ସନ୍ଦେହ ବିନା ସ୍ପଷ୍ଟରୂପେ ସୁନିଶ୍ଚିତ କରିବା ଯୋଗ୍ୟ ହୁଏ ।

ସମୂହ ଡିସ୍କାଉଣ୍ଟ ମାପଦଣ୍ଡ

ସମୂହ ପଲିସୀଗୁଡିକୁ ନାମିତ ସମୂହ ଗୁଡିକ ପରିପ୍ରେକ୍ଷୀରେ କେବଳ ପ୍ରଦାନ କରାଯିବା ଉଚିତ୍ । ସମୂହ ଡିସ୍କାଉଣ୍ଟ ଏବଂ ଅନ୍ୟାନ୍ୟ ଲାଭସବୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ, ପ୍ରସ୍ତାବିତ "ସମୂହ" ସ୍ପଷ୍ଟ ରୂପେ ନିମ୍ନ ବର୍ଗଗୁଡିକ ମଧ୍ୟରୁ କୌଣସି ଗୋଟିଏ ଅନ୍ତର୍ଗତ ଆସିବା ଉଚିତ୍ :

- ନିଯୁକ୍ତିଦାତା – କର୍ମଚାରୀ ସମ୍ବନ୍ଧ ଯେଉଁଥିରେ କର୍ମଚାରୀର ଅବଲମ୍ବିତମାନେ ଅନ୍ତର୍ଭୁକ୍ତ ହୁଅନ୍ତି
- ପୂର୍ବରୁ ଚିହ୍ନଟ କରାଯାଇଥିବା ଖଣ୍ଡ/ସମୂହ ଯେଉଁଠି ରାଜ୍ୟ / କ୍ଷେତ୍ର ସରକାରଙ୍କ ଦ୍ୱାରା ପ୍ରିମିୟମ ପ୍ରଦାନ କରାଯାଏ

- ଏକ ପଞ୍ଜିକୃତ ସହକାରୀ ସଂସ୍ଥା ର ସଦସ୍ୟ
- ପଞ୍ଜିକୃତ ସେବା କ୍ଲବ୍ ର ସଦସ୍ୟ
- ବ୍ୟାଙ୍କ/ଡିଜାଇନର/ମାଷ୍ଟର/ ଭିସା କ୍ରେଡିଟ କାର୍ଡ ଧାରକ
- ବ୍ୟାଙ୍କ/NBSC ଗୁଡିକ ଦ୍ୱାରା ନିର୍ଗତ ଡିପୋଜିଟ୍ ସାର୍ଟିଫିକେଟ ଧାରକ
- ବ୍ୟାଙ୍କ/ ପବ୍ଲିକ୍ ଲିମିଟେଡ କମ୍ପାନୀମାନଙ୍କ ଅଂଶୀଦାରୀ

ଉପରୋକ୍ତ ବର୍ଗଗୁଡିକ ବ୍ୟତୀତ ଅନ୍ୟ କୌଣସି ବର୍ଗ ସମ୍ବନ୍ଧୀୟ ପ୍ରସ୍ତାବ କ୍ଷେତ୍ରରେ, ସେଗୁଡିକୁ ସମ୍ବନ୍ଧିତ ବୀମାକର୍ତ୍ତାମାନଙ୍କ ବୈଷୟିକ ବିଭାଗ ଦ୍ୱାରା ବିଚାର କରାଯାଇପାରେ ଏବଂ ନିଷ୍ପତ୍ତି ନିଆ ଯାଇପାରେ ।

'ପ୍ରତ୍ୟାଶିତ' ସମୂହ ଆକାର ଉପରେ କୌଣସି ବି ସମୂହ ଡିସ୍କାଉଣ୍ଟ ପ୍ରଦାନ କରା ଯାଇ ନ ପାରେ, ପଲିସୀ ନେବା ସମୟରେ 'ସମୂହ' ରେ ପଞ୍ଜିକୃତ ସଦସ୍ୟମାନଙ୍କ ବାସ୍ତବ ସଂଖ୍ୟା ଉପରେ କେବଳ ସମୂହ ଡିସ୍କାଉଣ୍ଟର ବିଚାର କରାଯାଇପାରେ ଏବଂ ନିଷ୍ପତ୍ତି ନିଆଯାଇପାରେ । ଏହାକୁ ନୂତନୀକରଣ ସମୟରେ ସମୀକ୍ଷା କରାଯାଇପାରେ ।

ବୀମା ରାଶି

ପ୍ରତ୍ୟେକ ବୀମିତବ୍ୟକ୍ତି ପାଇଁ ବୀମା ରାଶି ନିଶ୍ଚିତ ଅଲଗା ଅଲଗା ନିର୍ଦ୍ଦିଷ୍ଟ ପରିମାଣ ପାଇଁ ନିର୍ଦ୍ଧାରିତ ହୋଇପାରେ କିମ୍ବା ଏହାକୁ ବୀମିତ ବ୍ୟକ୍ତିମାନଙ୍କ ପାଇଁ ଦେୟ ବେତନ ସହିତ ସଂଯୁକ୍ତ କରାଯାଇପାରେ ।

'ସମସ୍ତେ କିମ୍ବା କେହି ନୁହେଁ' ର ସିଦ୍ଧାନ୍ତ ଏକ ସମୂହ ବୀମାରେ ଲାଗୁ ହୁଏ । ପ୍ରୋ-ରାଟା ଅତିରିକ୍ତ ପ୍ରିମିୟମ କିମ୍ବା ରିଫଣ୍ଡ ସହିତ ଯୁକ୍ତ ଏବଂ ଲୁପ୍ତ କରାଯାଏ ।

ପ୍ରିମିୟମ

ନାମାଙ୍କିତ ସଙ୍କଟଗୁଡିକର ବର୍ଗୀକରଣ ଏବଂ ଚୟନିତ ଲାଭ ଅନୁସାରେ ନାମାଙ୍କିତ କର୍ମଚାରୀମାନଙ୍କ ପ୍ରତି ଭିନ୍ନ ଭିନ୍ନ ପ୍ରିମିୟମ ହାର ଲାଗୁ କରାଯାଇଥାଏ । ଏ ପ୍ରକାରେ ସୁରକ୍ଷା ପ୍ରଦାନ କରାଯାଇଥିବା ବ୍ୟକ୍ତିମାନଙ୍କ ବ୍ୟବସାୟ ଅନୁସାରେ ଭିନ୍ନ ଭିନ୍ନ ହେବ ।

ଉଦାହରଣ

ଉତ୍ତମ ରୂପେ ନିର୍ଦ୍ଧାରିତ କର୍ମଚାରୀ ସମୂହ ପ୍ରତି ସମାନ ହାର ଲାଗୁ ହେବ, ଯେଉଁମାନଙ୍କ ମଧ୍ୟରେ ସମସ୍ତେ, ମୋଟାମୋଟି ରୂପେ କହିବାକୁ ଗଲେ ସମାନ ପ୍ରକାରର ବ୍ୟବସାୟ କରନ୍ତି ।

ଅନାମାଙ୍କିତ କର୍ମଚାରୀମାନଙ୍କ କ୍ଷେତ୍ରରେ ନିଯୁକ୍ତିଦାତାଙ୍କୁ ତାଙ୍କ ଦ୍ୱାରା ରଖାଯାଇଥିବା ପ୍ରାମାଣିକ ରେକର୍ଡ ଉପରେ ଆଧାର କରି ପ୍ରତ୍ୟେକ ବର୍ଗୀକରଣ ରେ କର୍ମଚାରୀମାନଙ୍କ ସଂଖ୍ୟାକୁ ଘୋଷିତ କରିବା ଆବଶ୍ୟକ ଅଟେ ।

ଏକ ସଂଘ, କ୍ଲବ୍ ଇତ୍ୟାଦିର ନାମାଙ୍କିତ ସଦସ୍ୟ ପାଇଁ ପ୍ରିମିୟମ ହାର ସଙ୍କଟର ବର୍ଗୀକରଣ ଅନୁସାରେ ଲାଗୁ କରାଯାଏ ।

ଯେତେବେଳେ ସଦସ୍ୟତା ଏକ ସାଧାରଣ ପ୍ରକୃତିର ହୋଇଥାଏ ଏବଂ କୌଣସି ବିଶେଷ ବ୍ୟବସାୟ ରେ ସୀମିତ ନ ଥାଏ, ହାରସବୁ ଲାଗୁ କରିବାରେ ସଙ୍କଟାଙ୍କକମାନେ ସେମାନଙ୍କ ନିଜ କାର୍ଯ୍ୟ–ସ୍ୱତନ୍ତ୍ରତା ର ଉପଯୋଗ କରିଥାନ୍ତି ।

ଅନ୍ –ଡ୍ୟୁଟି ବୀମା ସୁରକ୍ଷା

ଅନ୍ –ଡ୍ୟୁଟି ସମୟାବଧି ରେ ପ୍ରଦାନ କରାଯାଉଥିବା ବୀମା ସୁରକ୍ଷା ନିମ୍ନ ପ୍ରକାରେ ଅଟେ :

- ଯଦି ପି.ଏ. କଭର କେବଳ ଡ୍ୟୁଟିର ସୀମିତ ସମୟ ପାଇଁ ଆବଶ୍ୟକ ହୋଇଥାଏ (ଏବଂ ଦିନର 24 ଘଣ୍ଟା ପାଇଁ ହୋଇ ନ ଥାଏ), ଏକ ହ୍ରାସ କରାଯାଇଥିବା ପ୍ରିମିୟମ, ଧରନ୍ତୁ ଉପଯୁକ୍ତ ପ୍ରିମିୟମ ର 75 ପ୍ରତିଶତ ଲାଗୁ କରାଯାଏ ।
- କେବଳ ନିଯୁକ୍ତିଠାରୁ ଜାତ ହୋଇଥିବା ଏବଂ ନୁଯୁକ୍ତି ସମୟରେ ହୋଇଥିବା ଦୁର୍ଘଟଣା ପାଇଁ କର୍ମଚାରୀମାନଙ୍କ ପ୍ରତି ଏହି କଭର ଲାଗୁ ହୁଏ ।

ଅଫ୍-ଡ୍ୟୁଟି ବୀମା ସୁରକ୍ଷା

ଯଦି ବୀମା ସୁରକ୍ଷା କେବଳ ସୀମିତ ସମୟ ପାଇଁ ଆବଶ୍ୟକ ହୋଇଥାଏ, ଯେତେବେଳେ କର୍ମଚାରୀ କାର୍ଯ୍ୟରେ ଏବଂ/କିମ୍ବା ଅଫିସିଆଲ ଡ୍ୟୁଟି ରେ ନ ଥାଏ, ଏକ ହ୍ରାସ କରି ଯାଇଥିବା ପ୍ରିମିୟମ, ଧରନ୍ତୁ ଉପଯୁକ୍ତ ପ୍ରିମିୟମ ର 50 ପ୍ରତିଶତ ଲାଗୁ କରାଯାଏ ।

ମୃତ୍ୟୁ ବୀମା ସୁରକ୍ଷା ର ଅପବର୍ଜନ

ବୈୟକ୍ତିକ କମ୍ପାନୀ ମାର୍ଗଦର୍ଶିକା ଅନ୍ତର୍ଗତ, ମୃତ୍ୟୁ ଲାଭ କୁ ବର୍ହିଭୂତ କରି ସମୂହ ପି.ଏ. ପଲିସୀଗୁଡିକୁ ଜାରୀ କରିବା ସମ୍ଭବ ଅଟେ ।

ସମୂହ ଡିସ୍କାଉଣ୍ଟ ଏବଂ ବୋନସ/ମାଲସ

ଯେହେତୁ ଗୋଟିଏ ପଲିସୀ ଅନ୍ତର୍ଗତ ଅନେକ ସଂଖ୍ୟକ ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ କରାଯାଏ, ଅପେକ୍ଷାକୃତ କମ୍ ପ୍ରଶାସନିକ କାର୍ଯ୍ୟ ଏବଂ ଖର୍ଚ୍ଚ ହୋଇଥାଏ । ଏହା ବ୍ୟତୀତ, ସାଧାରଣତଃ ସମୂହର ସମସ୍ତ ସଦସ୍ୟଙ୍କୁ ବୀମିତ କରାଯିବ ଏବଂ ବୀମାକର୍ତ୍ତାମାନଙ୍କ ବିରୁଦ୍ଧରେ ପ୍ରତିକୂଳ ଚୟନ ହେବ ନାହିଁ । ତେଣୁ, ଏକ ସ୍କେଲ ଅନୁସାରେ, ପ୍ରିମିୟମ ରେ ଡିସ୍କାଉଣ୍ଟ ର ସ୍ୱୀକୃତି ଦିଆଯାଇଥାଏ ।

ସମୂହ ପଲିସୀଗୁଡିକର ନୂତନୀକରଣ ଅନ୍ତର୍ଗତ ମୂଲ୍ୟ ନିର୍ଦ୍ଧାରଣ ଦାବୀ ଅନୁଭୂତି ସନ୍ଦର୍ଭରେ ନିର୍ଦ୍ଧାରିତ କରାଯାଇଥାଏ ।

- ଅନୁକୂଳ ଅନୁଭୂତିକୁ ନୂତନୀକରଣ ପ୍ରିମିୟମରେ ଏକ ଡିସକାଉଣ୍ଟ (ବୋନସ) ଦ୍ୱାରା ପୁରସ୍କୃତ କରାଯାଏ
- ପ୍ରତିକୂଳ ଅନୁଭୂତିକୁ ଏକ ସ୍କେଲ ଅନୁସାରେ, ନୂତନୀକରଣ ପ୍ରିମିୟମ ର ଲୋଡିଙ୍ଗ (ମାଲସ) ଦ୍ୱାରା ଦଣ୍ଡିତ କରାଯାଏ
- ନୂତନୀକରଣ ପାଇଁ ସାମାନ୍ୟ ହାର ସବୁ ଲାଗୁ ହେବ ଯଦି ଦାବୀ ଅନୁଭୂତି, ଧରନ୍ତୁ, 70 ପ୍ରତିଶତ ଥାଏ

ପ୍ରସ୍ତାବ ଫର୍ମ

- ଫର୍ମଗୁଡିକୁ ସଦସ୍ୟମାନଙ୍କ ଦ୍ୱାରା ସଂପୂର୍ଣ୍ଣ କରିବା ପାଇଁ ବିତରଣ କରିବା ଏବଂ ବୀମିତ ଦ୍ୱାରା ସଂପୂର୍ଣ୍ଣ କରାଯାଇଥିବା କେବଳ ଗୋଟିଏ ଦସ୍ତାବିଜ କୁ ରଖିବା ପ୍ରଥାଗତ ଅଟେ ।
- ସେ ଏହି ଘୋଷଣାପତ୍ର ଦେବା ଆବଶ୍ୟକ ଅଟେ ଯେ କୌଣସି ବି ସଦସ୍ୟ ଶାରୀରିକ ଦୁର୍ବଳତା କିମ୍ବା ତ୍ରୁଟି ରେ ଆକ୍ରାନ୍ତ ନୁହେଁ ଯାହା ତାର ଅଂଶଦାନକୁ ଅସ୍ୱୀକାର୍ଯ୍ୟ ପ୍ରତିପାଦିତ କରିପାରେ ।
- ସମୟ ସମୟରେ ଏପରିକି ଏହି ପୂର୍ବସତର୍କତା କୁ ହଟାଇ ଦିଆଯାଏ, କାରଣ ଏହାକୁ ଏହି ପୃଷ୍ଠାଙ୍କନ ଦ୍ୱାରା ବୁଝା ଯାଇଛି ଏବଂ/କିମ୍ବା ସ୍ପଷ୍ଟ କରାଯାଇଛି ଯେ ବୀମା ସୁରକ୍ଷାର ପ୍ରାରମ୍ଭର ପୂର୍ବରୁ ଥିବା ବିକଳାଙ୍ଗତା ଏବଂ ସେଭଳି ବିକଳାଙ୍ଗତା ଫଳରେ ହୋଇଥିବା କୌଣସି ସଂଚୟୀ ପ୍ରଭାବ ମଧ୍ୟ ବହିର୍ଭୂତ ହୋଇଥାଏ ।

ଅବଶ୍ୟ ଏହି ପ୍ରଥା କମ୍ପାନୀ କମ୍ପାନୀ ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ।

ସ୍ୱତଃ ପରୀକ୍ଷଣ କରନ୍ତୁ 5

1) ଏକ ସମୂହ ସ୍ୱାସ୍ଥ୍ୟ ବୀମାରେ, ସମୂହ ଗଠିତ କରୁଥିବା ଯେ କୌଣସି ବ୍ୟକ୍ତି ବୀମାକର୍ତ୍ତା ବିରୁଦ୍ଧରେ ବିପରୀତ-ଚୟନ କରିପାରେ ।

2) ସମୂହ ସ୍ୱାସ୍ଥ୍ୟ ବୀମା କେବଳ ନିଯୁକ୍ତିଦାତା-କର୍ମଚାରୀ ସମୂହମାନଙ୍କୁ ସୁରକ୍ଷା ପ୍ରଦାନ କରେ ।

I. ଉକ୍ତି 1 ସତ୍ୟ ଓ ଉକ୍ତି 2 ମିଥ୍ୟା ଅଟେ

II. ଉକ୍ତି 2 ସତ୍ୟ ଓ ଉକ୍ତି 1 ମିଥ୍ୟା ଅଟେ

III. ଉକ୍ତି 1 ଓ ଉକ୍ତି 2 ସତ୍ୟ ଅଟନ୍ତି

IV. ଉକ୍ତି 1 ଓ ଉକ୍ତି 2 ମିଥ୍ୟା ଅଟନ୍ତି

ସୂଚନା

ସଙ୍କଟ ପ୍ରବନ୍ଧନ ପ୍ରକ୍ରିୟାର ଅଂଶ ରୂପେ, ସଙ୍କଟାଙ୍କକ ତା' ସଙ୍କଟଗୁଡିକୁ ସ୍ଥାନାନ୍ତରିତ କରିବାର ଦୁଇଟି ପଦ୍ଧତିର ଉପଯୋଗ କରେ ବିଶେଷ ରୂପେ ବଡ଼ ବଡ଼ ସମୂହ ପଲିସୀ ଗୁଡିକ କ୍ଷେତ୍ରରେ :

ସହ ବୀମା : ଏହା ଏକାଧିକ ବୀମାକର୍ତ୍ତା ଦ୍ୱାରା ଗୋଟିଏ ସଙ୍କଟ ର ସ୍ୱୀକୃତି କୁ ସୂଚୀତ କରେ । ସାଧାରଣତଃ, ପ୍ରତ୍ୟେକ ବୀମାକର୍ତ୍ତାଙ୍କୁ ସଙ୍କଟର କିଛି ପ୍ରତିଶତ ଆବଣ୍ଟିତ କରି ଏହା କରା ଯାଇଥାଏ । ଏ ପ୍ରକାରେ ପଲିସୀକୁ ଦୁଇଟି ବୀମାକର୍ତ୍ତା ଦ୍ୱାରା ସ୍ୱୀକୃତ କରାଯାଇପାରେ ଧରନ୍ତୁ, 60% ଅଂଶ ସହିତ ବୀମାକର୍ତ୍ତା A ଏବଂ 40% ଅଂଶ ସହିତ ବୀମା କର୍ତ୍ତା B, ସାମାନ୍ୟତଃ, ବୀମାକର୍ତ୍ତା A ପଲିସୀ ର ଜାରୀ ଓ ଦାବୀଗୁଡିକର ସମାଧାନ ସହିତ ପଲିସୀ ସମ୍ବନ୍ଧୀୟ ସମସ୍ତ ବିଷୟଗୁଡିକୁ ସମ୍ଭାଳୁଥିବା ପ୍ରଧାନ ବୀମାକର୍ତ୍ତା ହେବ । ବୀମାକର୍ତ୍ତା B ପ୍ରଦାନ କରାଯାଇଥିବା ଦାବୀର 40% ପାଇଁ ବୀମାକର୍ତ୍ତା A ର କ୍ଷତିପୂର୍ତ୍ତି କରିବ ।

ପୁନଃ ବୀମା : ବୀମାକର୍ତ୍ତା ବିଭିନ୍ନ ପ୍ରକାର ଓ ଆକାରର ସଙ୍କଟକୁ ସ୍ୱୀକାର କରେ ? ସେ ତାର ବିଭିନ୍ନ ସଙ୍କଟକୁ କିପରି ସୁରକ୍ଷା ପ୍ରଦାନ କରିବ ? ସେ ତା' ସଙ୍କଟଗୁଡିକୁ ଅନ୍ୟ ବୀମା କମ୍ପାନୀମାନଙ୍କ ସହିତ ପୁନଃ-ବୀମିତ କରି ଏହା କରିଥାଏ ଏବଂ ଏହାକୁ ପୁନଃବୀମା କୁହାଯାଏ । ପୁନଃ ବୀମା କର୍ତ୍ତାମାନେ ତେଣୁ ବୀମାକର୍ତ୍ତାମାନଙ୍କ ସଙ୍କଟଗୁଡିକୁ, ସନ୍ଧି କୁହାଯାଉଥିବା ପ୍ରତିଷ୍ଠିତ ବ୍ୟବସ୍ଥା ଦ୍ୱାରା ହେଉ, ଅଥବା ଐଚ୍ଛିକ ପୁନଃ ବୀମା କୁହାଯାଉଥିବା ପ୍ରକରଣ ପ୍ରକରଣ ଆଧାରରେ ହେଉ, ଗ୍ରହଣ କରିଥାନ୍ତି । ପୁନଃବୀମା କୁ ବିଶ୍ୱ-ବ୍ୟାପକ ରୂପେ କରାଯାଏ ଏବଂ ତେଣୁ ଏହା ସଙ୍କଟକୁ ଦୂର ଦୂରାନ୍ତ କୁ ପ୍ରସାରିତ କରେ ।

ସାରାଂଶ

a) ସ୍ୱାସ୍ଥ୍ୟ ବୀମା ରୁଗ୍ଣତାର ସିଦ୍ଧାନ୍ତ ଉପରେ ପର୍ଯ୍ୟବେଶିତ ଅଟେ ଯାହାକୁ ଅସୁସ୍ଥତା କିମ୍ବା ରୋଗରେ ପୀଡିତ ଥିବା ଏକ ବ୍ୟକ୍ତିର ସଙ୍କଟ ରୂପେ ପରିଭାଷିତ କରାଯାଏ ।

b) ସଙ୍କଟାଙ୍କନ ସଙ୍କଟ ଚୟନ ଏବଂ ସଙ୍କଟ ମୂଲ୍ୟ ନିର୍ଦ୍ଧାରଣ ର ପ୍ରକ୍ରିୟା ଅଟେ ।

c) ସଙ୍କଟ ଓ ବ୍ୟବସାୟ ମଧ୍ୟରେ ଏକ ଯଥାର୍ଥ ସନ୍ତୁଳନ ରଖିବା ସଙ୍କଟାଙ୍କନ ଆବଶ୍ୟକ କରେ ଯାହା ଦ୍ୱାରା ପ୍ରତିଯୋଗିତାତ୍ମକତା ଏବଂ ତା ସଙ୍ଗେ ସଙ୍ଗେ ସଂଗଠନ ପାଇଁ ଲାଭଦାୟିକତା ସୁରକ୍ଷିତ ରହେ ।

d) କେତେଗୁଡିଏ କାରକ ଯାହା ଏକ ବ୍ୟକ୍ତିର ରୁଗ୍ଣତାକୁ ପ୍ରଭାବିତ କରନ୍ତି, ସେଗୁଡିକ ହେଉଛନ୍ତି ଆୟୁ, ଲିଙ୍ଗ, ଅଭ୍ୟାସ, ବ୍ୟବସାୟ, ଗଠନ, ପରିବାର ଇତିହାସ, ଅତୀତର ରୋଗ କିମ୍ବା ସର୍ଜରୀ, ଚଳିତ ସ୍ୱାସ୍ଥ୍ୟ ସ୍ଥିତି ଏବଂ ନିବାସ ସ୍ଥାନ ।

e) ସଙ୍କଟାଙ୍କନ ର ଉଦ୍ଦେଶ୍ୟ ହେଉଛି ବୀମାକର୍ତ୍ତା ବିରୁଦ୍ଧରେ ପ୍ରତିକୂଳ ଚୟନ କୁ ବାଧା ଦେବା ଏବଂ ସଙ୍କଟଗୁଡିକ ମଧ୍ୟରେ ସଠିକ୍ ବର୍ଗୀକରଣ ଓ ନିଷ୍ପକ୍ଷତା କୁ ମଧ୍ୟ ସୁନିଶ୍ଚିତ କରିବା ମଧ୍ୟ ।

f) ଅଭିକର୍ତ୍ତା ପ୍ରଥମ ସ୍ତରର ସଙ୍କଟାଙ୍କକ ଅଟେ ଯେହେତୁ ବୀମିତ ହେବାକୁ ଥିବା ପ୍ରତ୍ୟାଶିତ କ୍ଲାଏଣ୍ଟ କୁ ଜାଣିବାରେ ସେ ସର୍ବଶ୍ରେଷ୍ଠ ସ୍ଥାନରେ ଥାଏ ।

g) ବୀମାର ମୂଳଭୂତ ସିଦ୍ଧାନ୍ତଗୁଡିକ ହେଉଛନ୍ତି : ପରମ ସଦ୍ଭାବ, ବୀମାଯୋଗ୍ୟ ହିତ, କ୍ଷତିପୂର୍ତ୍ତି, ଅଂଶଦାନ, ପ୍ରତ୍ୟାସନ (ପ୍ରସ୍ଥାପନ) ଏବଂ ଆସନ୍ନ (ନିକଟସ୍ଥ) କାରଣ ।

h) ସଙ୍କଟାଙ୍କନ ପାଇଁ ମୂଖ୍ୟ ସାଧନଗୁଡିକ ହେଉଛନ୍ତି : ପ୍ରସ୍ତାବ ଫର୍ମ, ଆୟୁ ପ୍ରମାଣ, ଆର୍ଥିକ ଦସ୍ତାବିଜ, ମେଡିକଲ ରିପୋର୍ଟ ଏବଂ ବିକ୍ରୟ ରିପୋର୍ଟ ।

i) ମେଡିକଲ ସଙ୍କଟାଙ୍କନ ହେଉଛି ଏକ ପ୍ରକ୍ରିୟା ଯାହାକୁ ବୀମା କମ୍ପାନୀମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବୀମା ପଲିସୀ ପାଇଁ ଆବେଦନ କରୁଥିବା ଏକ ବ୍ୟକ୍ତିର ସ୍ୱାସ୍ଥ୍ୟ ସ୍ଥିତି କୁ ନିର୍ଦ୍ଧାରଣ କରିବା ପାଇଁ ବ୍ୟବହାର କରାଯାଏ ।

j) ଅଣ-ମେଡିକଲ ସଙ୍କଟାଙ୍କନ ହେଉଛି ଏକ ପ୍ରକ୍ରିୟା ଯେଉଁଠି ପ୍ରସ୍ତାବକ କୁ କୌଣସି ଡାକ୍ତରୀ ପରୀକ୍ଷା ଦେଇ ଗତି କରିବାର ଆବଶ୍ୟକତା ରହେ ନାହିଁ ।

k) ସଂଖ୍ୟାତ୍ମକ ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି ହେଉଛି ସଙ୍କଟାଙ୍କନ ରେ ଉପଯୋଗ କରାଯାଉଥିବା ଏକ ପ୍ରକ୍ରିୟା, ଯେଉଁଠି ସଙ୍କଟର ପ୍ରତ୍ୟେକ ଘଟକ ଉପରେ ସଂଖ୍ୟାତ୍ମକ କିମ୍ବା ପ୍ରତିଶତ ମୂଲ୍ୟାଙ୍କନ କରାଯାଏ ।

l) ସଙ୍କଟାଙ୍କନ ପ୍ରକ୍ରିୟା ସଂପୂର୍ଣ୍ଣ ହୁଏ ଯେତେବେଳେ ପ୍ରାପ୍ତ ତଥ୍ୟକୁ ସାବଧାନତାର ସହିତ ମୂଲ୍ୟାଙ୍କିତ କରାଯାଏ ଏବଂ ଉପଯୁକ୍ତ ସଙ୍କଟ ବର୍ଗରେ ଶ୍ରେଣୀଭୁକ୍ତ କରାଯାଏ ।

m) ସମୂହ ବୀମାକୁ ମୂଖ୍ୟତଃ ହାରାହାରି/ମଧ୍ୟମ ଗୁଡିକର ନିୟମ ଉପରେ ଆଧାର କରି ସଙ୍କଟାଙ୍କିତ କରାଯାଏ, ଯାହାର ନିହିତାର୍ଥ ହେଉଛି ଯେ ଯେତେବେଳେ ଏକ ମାନକ (ଷ୍ଟାଣ୍ଡାର୍ଡ) ସମୂହର ସମସ୍ତ ସଦସ୍ୟଙ୍କୁ ଏକ ସମୂହ ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଏ, ସମୂହକୁ ଗଠିତ କରୁଥିବା ବ୍ୟକ୍ତିମାନେ ବୀମାକର୍ତ୍ତା ବିରୁଦ୍ଧରେ ବିପରୀତ-ଚୟନ କରିପାରିବେ ନାହିଁ ।

ସ୍ୱ-ପରୀକ୍ଷଣ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି III ।

ସଙ୍କଟାଙ୍କନ ସଙ୍କଟ ଚୟନ ଓ ସଙ୍କଟ ମୂଲ୍ୟ ନିର୍ଦ୍ଧାରଣ ର ପ୍ରକ୍ରିୟା ଅଟେ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି III ।

ସଙ୍କଟାଙ୍କନ ରେ ପରମ ସଦ୍ଭାବ ର ସିଦ୍ଧାନ୍ତ କୁ ଉଭୟ ବୀମାକର୍ତ୍ତା ଓ ବୀମିତ ଦ୍ୱାରା ଅନୁପାଳନ କରିବାକୁ ପଡ଼େ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି I ।

ବୀମାଯୋଗ୍ୟ ହିତ ସେହି ସମ୍ପତ୍ତିରେ ଏକ ବ୍ୟକ୍ତିର ଆର୍ଥିକ ହିତକୁ ସୂଚୀତ କରେ ଯାହାକୁ ସେ ବୀମିତ କରିବାକୁ ଯାଉଛି ଏବଂ ସେହି ସମ୍ପତ୍ତିର କୌଣସି ହାନି ଘଟଣାରେ ଆର୍ଥିକ ହାନିରେ ଆକ୍ରାନ୍ତ ହୋଇପାରେ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି IV ।

ସଂଖ୍ୟାତ୍ମକ ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତିରେ ସଙ୍କଟର ପ୍ରତ୍ୟେକ ଘଟକ ଉପରେ ପ୍ରତିଶତ ଓ ସାଂଖ୍ୟିକ ମୂଲ୍ୟାଙ୍କନ କରାଯାଏ, ଏବଂ ମେଡିକଲ ସଙ୍କଟାଙ୍କନ ପଦ୍ଧତିରେ ନୁହେଁ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି IV ।

ଏକ ସମୂହ ସ୍ୱାସ୍ଥ୍ୟ ବୀମାରେ, ଯେତେବେଳେ ଏକ ସମୂହର ସମସ୍ତ ସଦସ୍ୟଙ୍କୁ ଏକ ସମୂହ ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଏ, ସମୂହକୁ ଗଠିତ କରୁଥିବା ବ୍ୟକ୍ତିମାନେ ବୀମାକର୍ତ୍ତା ବିପରୀତ-ଚୟନ କରି ପାରିବେ ନାହିଁ ।

ନିଯୁକ୍ତିଦାତା-କର୍ମଚାରୀ ସମୂହମାନଙ୍କ ଅତିରିକ୍ତ, ବୀମାକର୍ତ୍ତାମାନେ ବିବିଧ ପ୍ରକାରର ସମୂହ ଯଥା : ଶ୍ରମିକ ୟୁନିଅନ, ଟ୍ରଷ୍ଟ ଓ ସଂସ୍ଥା, ବ୍ୟବସାୟିକ ସଂଘ, କ୍ଲବ୍ ଏବଂ ଅନ୍ୟାନ୍ୟ ଭ୍ରାତୃତ୍ୱ ସଂଗଠନ ଗୁଡିକୁ ସମୂହ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପ୍ରଦାନ କରିଛନ୍ତି ।

ସ୍ୱ-ପରୀକ୍ଷଣ ପ୍ରଶ୍ନାବଳୀ

ପ୍ରଶ୍ନ 1

ନିମ୍ନ କାରକଗୁଡିକ ମଧ୍ୟରୁ କେଉଁଟି ଏକ ବ୍ୟକ୍ତିର ରୁଗ୍ଣତାକୁ ପ୍ରଭାବିତ କରେ ନାହିଁ ?

I. ଲିଙ୍ଗ

II. ପତି/ପତ୍ନୀର ରୋଜଗାର

III. ଅଭ୍ୟାସ

IV. ନିବାସ ସ୍ଥାନ

ପ୍ରଶ୍ନ 2

କ୍ଷତିପୂର୍ତ୍ତିର ସିଦ୍ଧାନ୍ତ ଅନୁସାରେ, ବୀମିତ କୁ ____________ ପାଇଁ ରାଶି ପ୍ରଦାନ କରାଯାଏ ।

I. ବୀମା ରାଶି ପର୍ଯ୍ୟନ୍ତ ବାସ୍ତବ ହାନି

II. ବାସ୍ତବରେ ଖର୍ଚ୍ଚ କରାଯାଇଥିବା ରାଶି ନିର୍ବିଶେଷରେ ବୀମା ରାଶି

III. ଉଭୟ ପକ୍ଷ ମଧ୍ୟରେ ସମ୍ମତି ପ୍ରାପ୍ତ ହୋଇଥିବା ଏକ ନିଶ୍ଚିତ ରାଶି

IV. ବୀମା ରାଶି ନିର୍ବିଶେଷରେ ବାସ୍ତବ ହାନି

ପ୍ରଶ୍ନ 3

ସଙ୍କଟାଙ୍କକ ପାଇଁ, ଏକ ଆବେଦକ ସମ୍ବନ୍ଧରେ ତଥ୍ୟର ପ୍ରଥମ ଓ ମୁଖ୍ୟ ଆଧାର ହେଉଛି ତା' ______________ ।

I. ଆୟୁ ପ୍ରମାଣ ଦସ୍ତାବିଜ

II. ଆର୍ଥିକ ରେକର୍ଡ

III. ପୂର୍ବବର୍ତ୍ତୀ ମେଡିକଲ ରେକର୍ଡ

IV. ପ୍ରସ୍ତାବ ଫର୍ମ

ପ୍ରଶ୍ନ 4

ସଙ୍କଟାଙ୍କନ ପ୍ରକ୍ରିୟା ସଂପୂର୍ଣ୍ଣ ହୁଏ ଯେତେବେଳେ _________________ ।

I. ପ୍ରସ୍ତାବ ଫର୍ମ ମାଧ୍ୟମରେ ପ୍ରସ୍ତାବକର ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ବିବରଣୀ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସଂଗ୍ରହ କରାଯାଏ ।

II. ପ୍ରସ୍ତାବକ ର ସମସ୍ତ ମେଡିକଲ ପରୀକ୍ଷା ଓ ପରୀକ୍ଷଣ ସଂପୂର୍ଣ୍ଣ ହୋଇଯାଏ

III. ପ୍ରାପ୍ତ ତଥ୍ୟକୁ ସାବଧାନତା ପୂର୍ବକ ମୂଲ୍ୟାଙ୍କିତ କରାଯାଏ ଏବଂ ଉପଯୁକ୍ତ ସଙ୍କଟ ବର୍ଗଗୁଡିକରେ ଶ୍ରେଣୀଭୁକ୍ତ କରାଯାଏ

IV. ସଙ୍କଟ ଚୟନ ଓ ମୂଲ୍ୟ ନିର୍ଦ୍ଧାରଣ ପରେ ପଲିସୀକୁ ପ୍ରସ୍ତାବକ କୁ ପ୍ରଦାନ କରାଯାଏ ।

ପ୍ରଶ୍ନ 5

ସଂଖ୍ୟାତ୍ମକ ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି ସମ୍ବନ୍ଧରେ ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ଭୁଲ ଅଟେ ?

I. ପ୍ରଶିକ୍ଷିତ ପ୍ରଫେସନାଲ ଙ୍କ ସହାୟତାରେ ସଂଖ୍ୟାତ୍ମକ ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି ଏକ ବଡ ବ୍ୟବସାୟ ସମ୍ଭାଳିବାରେ ଅଧିକ ବେଗ ପ୍ରଦାନ କରେ ।

II. ମେଡିକଲ ରେଫରୀ କିମ୍ବା ବିଶେଷଜ୍ଞ ବିନା ସଂଖ୍ୟାତ୍ମକ ଅଙ୍କ ଆଧାରରେ କଷ୍ଟସାଧ୍ୟ କିମ୍ବା ସନ୍ଦେହଜନକ ପ୍ରକରଣଗୁଡିକର ବିଶ୍ଳେଷଣ ସମ୍ଭବ ନୁହେଁ ।

III. ଏହି ପଦ୍ଧତିକୁ ଚିକିତ୍ସା ବିଜ୍ଞାନ ର କୌଣସି ବିଶେଷ ଜ୍ଞାନ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ବ୍ୟବହାର କରାଯାଇପାରେ ।

IV. ଏହା ଭିନ୍ନ ଭିନ୍ନ ସଙ୍କଟାଙ୍କକଙ୍କ ନିର୍ଣ୍ଣୟ ମଧ୍ୟରେ ସୁସଂଗତି/ସାମଞ୍ଜସ୍ୟ ସୁନିଶ୍ଚିତ କରେ ।

ସ୍ୱ -ପରୀକ୍ଷଣ ପ୍ରଶ୍ନାବଳୀ ର ଉତ୍ତର

ଉତ୍ତର 1

ସଠିକ୍ ବିକଳ୍ପ ହେଉଛି II ।

ଏକ ବ୍ୟକ୍ତିର ରୁଗ୍ଣତା ତା' ପତି/ପତ୍ନୀର ରୋଜଗାର ଦ୍ୱାରା ପ୍ରଭାବିତ ହୁଏ ନାହିଁ, ଯଦିଓ ସେମାନଙ୍କ ନିଜ ବ୍ୟବସାୟ ହେଉଛି ମହତ୍ୱପୂର୍ଣ୍ଣ କାରକଗୁଡିକ ମଧ୍ୟରୁ ଗୋଟିଏ ଯାହା ସେମାନଙ୍କ ରୁଗ୍ଣତା କୁ ପ୍ରଭାବିତ କରିପାରେ ।

ଉତ୍ତର 2

ସଠିକ୍ ବିକଳ୍ପ ହେଉଛି I ।

କ୍ଷତିପୂର୍ତ୍ତିର ସିଦ୍ଧାନ୍ତ ଅନୁସାରେ, ବୀମିତକୁ ବାସ୍ତବ ମୂଲ୍ୟ କିମ୍ବା ହାନି ପାଇଁ କ୍ଷତିପୂରଣ ଦିଆଯାଏ, କିନ୍ତୁ ବୀମା ରାଶିର ପରିମାଣ ପର୍ଯ୍ୟନ୍ତ ।

ଉତ୍ତର 3

ସଠିକ୍ ବିକଳ୍ପ ହେଉଛି IV ।

ସଙ୍କଟାଙ୍କକ ପାଇଁ, ଆବେଦକ ସମ୍ବନ୍ଧରେ ତଥ୍ୟର ମୁଖ୍ୟ ଆଧାର ହେଉଛି ତା' ପ୍ରସ୍ତାବ ଫର୍ମ କିମ୍ବା ଆବେଦନ ଫର୍ମ, ଯେଉଁଥିରେ ପ୍ରସ୍ତାବକର ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ବିବରଣୀ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଏକତ୍ରିତ କରାଯାଏ ।

ଉତ୍ତର 4

ସଠିକ୍ ବିକଳ୍ପ ହେଉଛି III ।

ସଙ୍କଟାଙ୍କନ ପ୍ରକ୍ରିୟା ସଂପୂର୍ଣ୍ଣ ହୁଏ ଯେତେବେଳେ ପ୍ରାପ୍ତ ତଥ୍ୟକୁ ସାବଧାନତା ପୂର୍ବକ ମୂଲ୍ୟାଙ୍କିତ କରାଯାଏ ଏବଂ ଉପଯୁକ୍ତ ସଙ୍କଟବର୍ଗଗୁଡିକରେ ଶ୍ରେଣୀଭୁକ୍ତ କରାଯାଏ ।

ଉତ୍ତର 5

ସଠିକ୍ ବିକଳ୍ପ ହେଉଛି II ।

ସଂଖ୍ୟାତ୍ମକ ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି ଦ୍ୱାରା କଷ୍ଟସାଧ୍ୟ କିମ୍ବା ସନ୍ଦେହଜନକ ପ୍ରକରଣଗୁଡିକର ଏକ ଅଧିକ ସତର୍କତା ପୂର୍ଣ୍ଣ ବିଶ୍ଳେଷଣ କୁ ସମ୍ଭବ କରାଯାଏ କାରଣ ସନ୍ଦେହଜନକ ବିନ୍ଦୁଗୁଡିକ ପ୍ରସଙ୍ଗରେ ଅତୀତ ଅନୁଭୂତି କୁ ଏକ ଜ୍ଞାତ ଷ୍ଟାଣ୍ଡାର୍ଡ ଓ ଭିନ୍ନତା (ଛାୟାଙ୍କନ) ହିସାବରେ ସଂଖ୍ୟାତ୍ମକ ରୂପେ ପ୍ରକାଶ କରାଯାଏ ।

ଅଧ୍ୟାୟ 10

ସ୍ୱାସ୍ଥ୍ୟ ବୀମା ଦାବୀ

ଅଧ୍ୟାୟ ପରିଚୟ

ଏହି ଅଧ୍ୟାୟରେ ଆମେ ସ୍ୱାସ୍ଥ୍ୟ ବୀମାରେ ଥିବା ଦାବୀ ପରିଚାଳନ ପ୍ରକ୍ରିୟା, ଆବଶ୍ୟକୀୟ ଦସ୍ତାବିଜ ଏବଂ ଦାବୀ ସଂରକ୍ଷଣ ର ପ୍ରକ୍ରିୟା, ଏସବୁ ଉପରେ ଆଲୋଚନା କରିବା । ଏହା ବ୍ୟତୀତ, ଆମେ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଅନ୍ତର୍ଗତ ଦାବୀ ପରିଚାଳନକୁ ମଧ୍ୟ ଦେଖିବା ଏବଂ TPA ମାନଙ୍କ ଭୂମିକା କୁ ବୁଝିବା ।

ଅଧ୍ୟୟନ ପରିଣାମ

A. ବୀମାରେ ଦାବୀ ପରିଚାଳନ
B. ସ୍ୱାସ୍ଥ୍ୟ ବୀମା ଦାବୀଗୁଡିକର ପରିଚାଳନ
C. ସ୍ୱାସ୍ଥ୍ୟ ବୀମା ଦାବୀଗୁଡିକରେ ଦଲିଲୀକରଣ
D. ଦାବୀ ସଂରକ୍ଷିତ (ରିଜର୍ଭ) କରିବା
E. ଦାବୀ ପରିଚାଳନ *:* ବ୍ୟକ୍ତିଗତ ଦୁର୍ଘଟଣା
F. ତୃତୀୟ ପକ୍ଷ ପ୍ରଶାସକ (*TPA)* ମାନଙ୍କ ଭୂମିକା
G. ଦାବୀ ପରିଚାଳନ- ସମୁଦ୍ରପାରୀ /ବିଦେଶ ଯାତ୍ରା ବୀମା

ଏହି ଅଧ୍ୟାୟକୁ ଅଧ୍ୟୟନ କରିବା ପରେ, ଆପଣ ନିମ୍ନମତେ ସମର୍ଥ ହେବା ଉଚିତ୍ :

a) ବୀମା ଦାବୀସବୁରେ ବିଭିନ୍ନ ଷ୍ଟେକହୋଲ୍ଡର (ହିତଧାରୀ) ସମ୍ବନ୍ଧରେ ବ୍ୟାଖ୍ୟା କରିବାରେ
b) ସ୍ୱାସ୍ଥ୍ୟ ବୀମା ଦାବୀସବୁ ର ସଂଚାଳନ କପରି କରାଯାଏ, ତାହାକୁ ବର୍ଣ୍ଣନା କରିବାରେ
c) ସ୍ୱାସ୍ଥ୍ୟ ବୀମା ଦାବୀସବୁର ସମାଧାନ ପାଇଁ ଆବଶ୍ୟକୀୟ ବିଭିନ୍ନ ଦସ୍ତାବିଜ ସମ୍ବନ୍ଧରେ ଆଲୋଚନା କରିବାରେ
d) ଦାବୀସବୁ ପାଇଁ ରିଜର୍ଭ (ସଂରକ୍ଷଣ) କୁ ବୀମାକର୍ତ୍ତାମାନଙ୍କ ଦ୍ୱାରା କିପରି ପ୍ରଦାନ କରାଯାଏ, ତାହାକୁ ବ୍ୟାଖ୍ୟା କରିବାରେ
e) ବ୍ୟକ୍ତିଗତ ଦୁର୍ଘଟଣା ଦାବୀଗୁଡିକ ବିଷୟରେ ଆଲୋଚନା କରିବାରେ
f) TPA ବିଷୟରେ ଧାରଣା ଏବଂ ସେମାନଙ୍କ ଭୂମିକାକୁ ବୁଝିବାରେ

A. ବୀମାରେ ଦାବୀ ପରିଚାଳନ

ଏହାକୁ ଠିକ୍ ରୂପେ ହୃଦୟଙ୍ଗମ କରାଯାଇଛି ଯେ ବୀମା ହେଉଛି ଏକ 'ପ୍ରତିଶ୍ରୁତି' ଏବଂ ପଲିସୀ ହେଉଛି ସେହି ପ୍ରତିଶ୍ରୁତିର ଏକ 'ସାକ୍ଷୀ' ଅଟେ । ଏକ ବୀମିତ ଘଟଣା ଘଟିବାର ଫଳସ୍ୱରୂପ ପଲିସୀ ଅନ୍ତର୍ଗତ ଏକ ଦାବୀ ହେଉଛି ସେହି ପ୍ରତିଶ୍ରୁତିର ବାସ୍ତବ ପରୀକ୍ଷା । ଏକ ବୀମାକର୍ତ୍ତା କେତେ ଉତ୍ତମ ରୂପେ ପ୍ରଦର୍ଶନ କରେ, ତାର ମୂଲ୍ୟାଙ୍କନ ସେ କେତେ ଉତ୍ତମ ରୂପେ ତା' ପ୍ରତିଶ୍ରୁତି କୁ ରକ୍ଷା କରେ, ଏହା ଦ୍ୱାରା କରାଯାଏ । ବୀମାରେ ମୂଲ୍ୟ ନିର୍ଦ୍ଧାରଣ କାରକଗୁଡିକ ମଧ୍ୟରୁ ଗୋଟିଏ ହେଉଛି ବୀମା କମ୍ପାନୀର ଦାବୀ ପ୍ରଦାନ କ୍ଷମତା ।

1. **ଦାବୀ ପ୍ରକ୍ରିୟାରେ ଷ୍ଟେକ୍ ହୋଲ୍ଡର**

ଦାବୀଗୁଡିକର ପରିଚାଳନ କେମିତି କରାଯାଏ, ତାହାକୁ ବିସ୍ତୃତ ରୂପେ ଦେଖିବା ପୂର୍ବରୁ, ଆମେ ବୁଝିବା ଆବଶ୍ୟକ ଯେ ଦାବୀ ପ୍ରକ୍ରିୟାରେ କେଉଁମାନେ ହିତାର୍ଥୀ (ରୁଚି ନେଉଥିବା) ପକ୍ଷ ଅଟନ୍ତି ।

ଚିତ୍ର 1: ଦାବୀ ପ୍ରକ୍ରିୟାରେ ଷ୍ଟେକ୍ ହୋଲ୍ଡର



ଗ୍ରାହକ	ସେହି ବ୍ୟକ୍ତି ଯିଏ ବୀମା କ୍ରୟ କରେ, ସେ ହେଉଛି ପ୍ରଥମ ଷ୍ଟେକ୍ ହୋଲଡର (ହିତଧାରୀ) ଏବଂ 'ଦାବୀ ପ୍ରାପ୍ତକର୍ତ୍ତା'
ମାଲିକ	ବୀମା କମ୍ପାନୀ ମାଲିକମାନଙ୍କ 'ଦାବୀ ପ୍ରଦାନକାରୀ' ରୂପେ ଏକ ବଡ଼ ଷ୍ଟେକ୍ (ଅଂଶ ସ୍ୱାମୀତ୍ୱ) ଅଛି । ଯଦିଓ ଦାବୀଗୁଡିକ ପଲିସୀ ଧାରୀମାନଙ୍କ ନିଧିସବୁରୁ ପୂରଣ କରାଯାଏ, ଅଧିକାଂଶ କ୍ଷେତ୍ରରେ, ସେମାନେ ହିଁ ପ୍ରତିଶ୍ରୁତି କୁ ରକ୍ଷା କରିବା ପାଇଁ ଦାୟୀ ରହନ୍ତି ।

ସଙ୍କଟାଙ୍କକ	ଏକ ବୀମା କମ୍ପାନୀ ଓ ସମସ୍ତ ବୀମାକର୍ତ୍ତା ମଧ୍ୟରେ, ଉତ୍ପାଦଗୁଡିକର ଦାବୀ ଓ ଡିଜାଇନସବୁକୁ ବୁଝିବାରେ, ପଲିସୀ ସର୍ତ୍ତାବଳୀ, ପ୍ରତିବନ୍ଧ ଓ ମୂଲ୍ୟ ନିର୍ଦ୍ଧାରଣ ଇତ୍ୟାଦି କୁ ନିର୍ଣ୍ଣୟ କରିବାରେ, ସଙ୍କଟାଙ୍କକମାନଙ୍କ ଦାୟିତ୍ୱ ରହିଛି ।
ବିନିୟାମକ	ବିନିୟାମକ (ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ) ଏହାର ନିମ୍ନ ଲକ୍ଷ୍ୟଗୁଡିକରେ ଏକ ମୂଖ୍ୟ ଷ୍ଟେକ୍ ହୋଲଡର ଅଟନ୍ତି : ✓ ବୀମା ପରିବେଶ ରେ ଶୃଙ୍ଖଳା (ଅନୁଶାସନ) ରକ୍ଷା କରିବା ✓ ପଲିସୀଧାରୀ ର ହିତ ର ସୁରକ୍ଷା କରିବା ✓ ବୀମାକର୍ତ୍ତାମାନଙ୍କ ଦୀର୍ଘାବଧି ଆର୍ଥିକ ସ୍ୱାସ୍ଥ୍ୟ କୁ ସୁନିଶ୍ଚିତ କରିବା
ତୃତୀୟ ପକ୍ଷ ପ୍ରଶାସକ	ତୃତୀୟ ପକ୍ଷ ପ୍ରଶାସକ କୁହାଯାଉଥିବା ସେବା ମଧ୍ୟସ୍ଥମାନେ, ଯେଉଁମାନେ ସ୍ୱାସ୍ଥ୍ୟ ବୀମା ଦାବୀଗୁଡିକୁ ପ୍ରୋସେସ୍ କରନ୍ତି ।
ବୀମା ଅଭିକର୍ତ୍ତା/ବ୍ରୋକର	ବୀମା ଅଭିକର୍ତ୍ତା/ବ୍ରୋକରମାନେ ନା କେବଳ ପଲିସୀ ବିକ୍ରି କରନ୍ତି । କିନ୍ତୁ ଏକ ଦାବୀ ଘଟଣାରେ ଏମାନେ ଗ୍ରାହକମାନଙ୍କୁ ସେବା ଦେବାର ମଧ୍ୟ ପ୍ରତ୍ୟାଶା ରଖାଯାଏ ।
ପ୍ରାବଧାନକର୍ତ୍ତା/ଡାକ୍ତରଖାନା	ସେମାନେ ନିଶ୍ଚିତ କରନ୍ତି ଯେ ଗ୍ରାହକ ଏକ ଅବାଧ ଦାବୀ ଅନୁଭୂତି ପ୍ରାପ୍ତ କରୁଛି, ବିଶେଷ ରୂପେ ଡାକ୍ତରଖାନା ଟି TPA ର ପ୍ୟାନେଲ ରେ ଅଛି, ବୀମାକର୍ତ୍ତାକୁ ନଗଦହୀନ ହସ୍ପିଟାଲାଇଜେଶନ ଦେବାକୁ ପଡିବ ।

ଏ ପ୍ରକାରେ, ଦାବୀଗୁଡିକୁ ପରିଚାଳନ କରିବା ଅର୍ଥ ହେଉଛି ଦାବୀ ସମ୍ବନ୍ଧରେ ଏହି ଷ୍ଟେକ୍ ହୋଲ୍ଡରମାନଙ୍କ ମଧ୍ୟରୁ ପ୍ରତ୍ୟେକର ଉଦ୍ଦେଶ୍ୟ/ଲକ୍ଷ୍ୟ କୁ ସଂଚାଳିତ କରିବା । ଅବଶ୍ୟ, ଏହା ହୋଇପାରେ ଯେ ଏହି ଉଦ୍ଦେଶ୍ୟଗୁଡିକ ମଧ୍ୟରୁ କେତେକ ରେ ପରସ୍ପର ମଧ୍ୟରେ ଦ୍ୱନ୍ଦ ଉତ୍ପନ୍ନ ହୋଇପାରେ ।

2. **ବୀମା କମ୍ପାନୀରେ ଦାବୀ ପରିଚାଳନ ର ଭୂମିକା**

ଉଦ୍ୟୋଗ ତଥ୍ୟ ଅନୁସାରେ – " ବଜାର ର ଅଧିକାଂଶ ଭାଗ 100% ହାନି ଅନୁପାତ ର ଊର୍ଦ୍ଧ୍ୱରେ କାର୍ଯ୍ୟ କରୁଥିବା ସହିତ, ବିଭିନ୍ନ ବୀମାକର୍ତ୍ତାମାନେ ସ୍ୱାସ୍ଥ୍ୟ ବୀମା ହାନି ଅନୁପାତ 65% ଠାରୁ 120% ରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଶୃଙ୍ଖଳାରେ ଅଛି" । ଅଧିକାଂଶ କମ୍ପାନୀ ସ୍ୱାସ୍ଥ୍ୟ ବୀମା ବ୍ୟବସାୟରେ କ୍ଷତି ସହୁଛନ୍ତି ।

ଏହାର ଅର୍ଥ ହେଉଛି ଯେ କମ୍ପାନୀ ଏବଂ ପଲିସୀଧାରୀମାନଙ୍କ ପାଇଁ ଅଧିକ ଉତ୍ତମ ପରିଣାମ ଆଣିବା ପାଇଁ ସ୍ୱଚ୍ଛ ସଙ୍କଟାଙ୍କନ ଆଚରଣ ଏବଂ ଦାବୀଗୁଡିକର କୁଶଳ ସଂଚାଳନ ଆପଣେଇବାର ଏକ ବଡ଼ ଆବଶ୍ୟକତା ରହିଛି ।

ସ୍ୱତଃ ପରୀକ୍ଷଣ କରନ୍ତୁ 1

ନିମ୍ନ ମଧ୍ୟରୁ କେଉଁଟି ବୀମା ଦାବୀ ପ୍ରକ୍ରିୟାରେ ଏକ ଷ୍ଟେକ୍ ହୋଲ୍ଡର ନୁହେଁ **?**

I. ବୀମା କମ୍ପାନୀ ଅଂଶୀଦାର

II. ମାନବ ସଂସାଧନ ବିଭାଗ

III. ବିନିୟାମକ

IV. ଟି.ପି.ଏ.

B. ସ୍ୱାସ୍ଥ୍ୟ ବୀମା ଦାବୀଗୁଡ଼ିକର ପରିଚାଳନ

1. ସ୍ୱାସ୍ଥ୍ୟ ବୀମାରେ ଚ୍ୟାଲେଞ୍ଜ

ସ୍ୱାସ୍ଥ୍ୟ ବୀମା ପୋର୍ଟଫୋଲିଓ ର ଅନନ୍ୟ ବିଶେଷତାଗୁଡ଼ିକୁ ଗଭୀର ରୂପେ ବୁଝିବା ମହତ୍ୱପୂର୍ଣ୍ଣ ଅଟେ ଯାହା ଫଳରେ ସ୍ୱାସ୍ଥ୍ୟ ଦାବୀଗୁଡ଼ିକୁ ସଫଳତା ସହିତ ସଂଚାଳିତ କରାଯାଇପାରେ । ଏଗୁଡ଼ିକ ହେଉଛି :

a) ଅଧିକାଂଶ ପଲିସୀ ହସ୍ପିଟାଲାଇଜେଶନ କ୍ଷତିପୂର୍ତ୍ତି ପାଇଁ ଅଟେ ଯେଉଁଠି ସୁରକ୍ଷାପ୍ରାପ୍ତ ହେଉଥିବା ବିଷୟବସ୍ତୁ ହେଉଛି ଏକ ମନୁଷ୍ୟ । ଏହା ଆବେଗାତ୍ମକ ବିଷୟଗୁଡ଼ିକ ଉପସ୍ଥାପିତ କରିଥାଏ ଯେଉଁଗୁଡ଼ିକୁ ଅନ୍ୟ ବର୍ଗର ବୀମାରେ ସାଧାରଣତଃ ସମ୍ମୁଖୀନ ହେବାକୁ ପଡ଼େ ନାହିଁ ।

b) ଭାରତ ରେ ଅତ୍ୟନ୍ତ ବିଶେଷ ପ୍ରକାରର ରୋଗ, ଚିକିତ୍ସା ପ୍ରତି ଦୃଷ୍ଟିଭଙ୍ଗୀ ଏବଂ ଅନୁଗାମୀ କାର୍ଯ୍ୟକଳାପ (ଫଲୋ ଅପ୍) ଥାଏ । ଏସବୁର ପରିଣାମ ସ୍ୱରୂପ ସେମାନଙ୍କ ରୋଗ ଓ ଚିକିତ୍ସା ପ୍ରତି କେତେକ ଲୋକ ଅତ୍ୟଧିକ ରୂପେ ସତର୍କ ଥାଆନ୍ତି ତ ଅନ୍ୟକେତେକ ଏ ସମ୍ବନ୍ଧରେ ଚିନ୍ତିତ ନ ଥାନ୍ତି ।

c) ସ୍ୱାସ୍ଥ୍ୟ ବୀମା କୁ ଏକ ବ୍ୟକ୍ତି ଦ୍ୱାରା, କର୍ପୋରେଟ ସଂଗଠନ ଭଳି ଏକ ସମୂହ ଦ୍ୱାରା କିମ୍ବା ବ୍ୟାଙ୍କ ଭଳି ଏକ ଖୁଚୁରା ବିକ୍ରୟ ମାଧ୍ୟମ ଜରିଆରେ କ୍ରୟ କରାଯାଇପାରେ । ଏହାର ପରିଣାମ ସ୍ୱରୂପ ଗୋଟିଏ ପକ୍ଷରେ ଉତ୍ପାଦକୁ ଏକ ମାନକ ଭୋଗ୍ୟ ବସ୍ତୁ ରୂପେ ବିକ୍ରି କରାଯାଏ ତ ଅନ୍ୟ ପକ୍ଷରେ ଗ୍ରାହକର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ସେଗୁଡ଼ିକୁ ଯୋଗ୍ୟ କରାଯାଏ ।

d) ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ ଏକ ଦାବୀ କୁ ସକ୍ରିୟ କରିବା ପାଇଁ, ଡାକ୍ତରଖାନାରେ ଭର୍ତ୍ତି ହେବାର କାର୍ଯ୍ୟ ଉପରେ ନିର୍ଭର କରେ । ଅବଶ୍ୟ, ଉପଲବ୍ଧତା, ବିଶେଷଜ୍ଞତା, ଚିକିତ୍ସା ପଦ୍ଧତି, ବିଲ କରିବା ଶୈଳୀ ଏବଂ ଡାକ୍ତର, ସର୍ଜନ କିମ୍ବା ଡାକ୍ତରଖାନା ଭଳି ସମସ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଙ୍କ ଚାର୍ଜରେ ବହୁତ ପାର୍ଥକ୍ୟ ଥାଏ ଯାହା ଦାବୀଗୁଡ଼ିକୁ ମୂଲ୍ୟାଙ୍କନ କରିବାରେ କଷ୍ଟସାଧ୍ୟ କରିଦିଏ ।

e) ସ୍ୱାସ୍ଥ୍ୟସେବା ବିଭାଗ ଦ୍ରୁତତମ ବିକାଶଶୀଳ ଅଟେ । ନୂତନ ରୋଗ ଓ ଅବସ୍ଥାସବୁ ଜାତ ହେଉଛି ଯାହା ଫଳରେ ନୂତନ ଚିକିତ୍ସା ପଦ୍ଧତିସବୁର ବିକାଶ ହେଉଛି । ଏଗୁଡ଼ିକର ଉଦାହରଣ ହେଉଛି କି-ହୋଲ୍ ସର୍ଜରୀ, ଲେଜର୍ ଚିକିତ୍ସା, ଇତ୍ୟାଦି । ଏହା ସ୍ୱାସ୍ଥ୍ୟ ବୀମାକୁ ଅଧିକ ବୈଷୟିକ କରି ଦେଇଛୁ ଏବଂ ସେଭଳି ପ୍ରକ୍ରିୟା ପାଇଁ ବୀମା ଦାବୀଗୁଡ଼ିକୁ ସମ୍ଭାଳିବା ପାଇଁ କୌଶଳ ଅବିରତ ଉନ୍ନତିକରଣ ଆବଶ୍ୟକ କରେ ।

f) ଏସବୁ କାରକଠାରୁ ଅଧିକ ରୂପେ, ଏକ ମାନବ ଶରୀର କୁ ମାନକୀକରଣ କରା ଯାଇ ନ ପାରେ, ଏହି ସତ୍ୟ ଏକ ସଂପୂର୍ଣ୍ଣ ନୂତନ ଦିଗ ଯୁକ୍ତ କରେ । ଦୁଇ ଜଣ ଲୋକ ସମାନ ରୋଗ ପାଇଁ ସମାନ ଚିକିତ୍ସା ପ୍ରତି ଭିନ୍ନ ରୂପେ ପ୍ରତିକ୍ରିୟା ଦେଖାଇ ପାରନ୍ତି କିମ୍ବା ଭିନ୍ନ ଭିନ୍ନ ଚିକିତ୍ସା କିମ୍ବା ଭିନ୍ନ ଭିନ୍ନ ଅବଧିର ହସ୍ପିଟାଲାଇଜେଶନ ଆବଶ୍ୟକ କରି ପାରନ୍ତି ।

ସ୍ୱାସ୍ଥ୍ୟ ବୀମାର ପୋର୍ଟଫୋଲିଓ ତୀବ୍ର ଭାବରେ ବୃଦ୍ଧି ପାଉଛି । ସେ ଭଳି ତୀବ୍ର ବୃଦ୍ଧିର ଚ୍ୟାଲେଞ୍ଜ ହେଉଛି ବହୁତ ସଂଖ୍ୟାର ଉତ୍ପାଦ । ବଜାରରେ ସ୍ୱାସ୍ଥ୍ୟ ବୀମା ଉତ୍ପାଦ ଶହ ଶହ ସଂଖ୍ୟାରେ ଉପଲବ୍ଧ ଏବଂ ଗୋଟିଏ କମ୍ପାନୀ ଭିତରେ ବି ଜଣେ ଅନେକ ଭିନ୍ନ ଭିନ୍ନ ଉତ୍ପାଦ ପାଇପାରିବ । ପ୍ରତ୍ୟେକ ଉତ୍ପାଦ ଏବଂ ଏହାର ପ୍ରକାର ର ନିଜର ବିଶିଷ୍ଟତା ରହିଛି ଏବଂ ତେଣୁ ଏକ ଦାବୀକୁ ସମ୍ଭାଳିବା ପୂର୍ବରୁ ଏହାର ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ।

ସ୍ୱାସ୍ଥ୍ୟ ପୋର୍ଟଫୋଲିଓ ର ବୃଦ୍ଧି ସଂଖ୍ୟାର ଚ୍ୟାଲେଞ୍ଜ ମଧ୍ୟ ଆଣି ଥାଏ – ଏହିସବୁ ପଲିସୀ ଅନ୍ତର୍ଗତ ଖୁଚୁରା ଗ୍ରାହକମାନଙ୍କୁ ଧରନ୍ତୁ, 300,000 ସଦସ୍ୟଙ୍କୁ 100,000 ସ୍ୱାସ୍ଥ୍ୟ ପଲିସୀ ବିକ୍ରି କରୁଥିବା ଏକ କମ୍ପାନୀକୁ, ଅତି କମ୍ ରେ ପ୍ରାୟ 20,000 ଦାବୀ ପାଇଁ ସେବା ଦେବାକୁ ପ୍ରସ୍ତୁତ ହେବାକୁ ପଡିବ । ନଗଦହୀନ ସେବାର ପ୍ରତ୍ୟାଶା ଓ ଦାବୀଗୁଡ଼ିକ ତୀବ୍ର ସମାଧାନ ସହିତ, ସ୍ୱାସ୍ଥ୍ୟ ବୀମା ଦାବୀ ବିଭାଗକୁ ସଂଗଠିତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ଅଟେ ।

ବିଶେଷ ରୂପେ ଭାରତରେ ପ୍ରସ୍ତୁତ କରାଯାଇଥିବା ସ୍ୱାସ୍ଥ୍ୟ ବୀମା ପଲିସୀସବୁ ଦେଶ ମଧ୍ୟରେ ଯେ କୌଣସି ସ୍ଥାନରେ ହସ୍ପିଟାଲାଇଜେଶନ ର ସୁରକ୍ଷା ଦିଏ । ଦାବୀଗୁଡିକ ସମ୍ଭାଳୁଥିବା ଦଳ ଉପସ୍ଥାପିତ କରାଯାଇଥିବା ଦାବୀର ମୂଲ୍ୟାଙ୍କନ କରିବାରେ ସମର୍ଥ ହେବା ପାଇଁ ସାରା ଦେଶରେ ଚାଲୁଥିବା ପ୍ରଥାକୁ ନିଶ୍ଚିତ ଭାବେ ବୁଝିବା ଉଚିତ୍ ।

ସ୍ୱାସ୍ଥ୍ୟ ଦାବୀ ପ୍ରବନ୍ଧକ ତା' ସହିତ ଉପଲବ୍ଧ ଥିବା ବିଶେଷଜ୍ଞତା, ଅନୁଭୂତି ଓ ବିଭିନ୍ନ ସାଧନ ର ଉପଯୋଗ କରି ଏହି ଚ୍ୟାଲେଞ୍ଜଗୁଡିକର ସମ୍ମୁଖୀନ ହୋଇଥାଏ ।

ଅନ୍ତିମ ବିଶ୍ଳେଷଣରେ, ସ୍ୱାସ୍ଥ୍ୟ ବୀମା ଏକ ବ୍ୟକ୍ତି, ଯାହାର ଆବଶ୍ୟକତା ଅଛି ଏବଂ ଯିଏ ତା' ନିଜର କିମ୍ବା ପରିବାରର ରୋଗ ର ଶାରୀରିକ ଓ ସଂବେଗାତ୍ମକ ଚାପ ଦେଇ ଗତି କରୁଛି, ତାହାକୁ ସହାୟତା ପ୍ରଦାନ କରିଥିବାର ସନ୍ତୋଷ ପ୍ରଦାନ କରେ ।

ଦକ୍ଷ ଦାବୀ ସଂଚାଳନ ସୁନିଶ୍ଚିତ କରେ ଯେ ଉଚିତ୍ ଦାବୀକୁ ଉଚିତ୍ ବ୍ୟକ୍ତିକୁ ଉଚିତ୍ ସମୟରେ ପ୍ରଦାନ କରାଯାଇଛି ।

2. **ସ୍ୱାସ୍ଥ୍ୟ ବୀମାରେ ଦାବୀ ପ୍ରକ୍ରିୟା**

ଏକ ଦାବୀକୁ ନିଜେ ବୀମା କମ୍ପାନୀ ଦ୍ୱାରା କିମ୍ବା ବୀମା କମ୍ପାନୀ ଦ୍ୱାରା ପ୍ରାଧିକୃତ ତୃତୀୟ ପକ୍ଷ ପ୍ରଶାସକ (TPA) ର ସେବା ମାଧ୍ୟମରେ ସେବା ପ୍ରଦାନ କରାଯାଇପାରେ ।

ଏକ ଦାବୀ କରାଯାଇଛି ବୋଲି ବୀମାକର୍ତ୍ତା/TPA କୁ ଜ୍ଞାତ ହେବା ସମୟ ଠାରୁ ପଲିସୀ ମାନଦଣ୍ଡ ହିସାବରେ ରାଶିପ୍ରଦାନ କରିବା ସମୟ ପର୍ଯ୍ୟନ୍ତ, ସ୍ୱାସ୍ଥ୍ୟ ଦାବୀ ପୂର୍ଣ୍ଣତଃ ନିର୍ଦ୍ଧାରିତ ଚରଣଗୁଡିକର ଏକ ସମୂହ, ପ୍ରତ୍ୟେକର ନିଜର ପ୍ରସଂଗୀକତା ଥାଇ, ଏହା ଦେଇ ଗତି କରିଥାଏ ।

ନିମ୍ନରେ ବିସ୍ତୃତ ରୂପେ ଦିଆଯାଇଥିବା ପ୍ରକ୍ରିୟାଗୁଡିକ ସ୍ୱାସ୍ଥ୍ୟ ବୀମା (ହସ୍ପିଟାଲାଇଜେଶନ) କ୍ଷତିପୂର୍ତ୍ତି ଉତ୍ପାଦଗୁଡିକର ବିଶେଷ ପ୍ରସଙ୍ଗରେ ଅଟନ୍ତି ଯାହା ସ୍ୱାସ୍ଥ୍ୟ ବୀମା ବ୍ୟବସାୟର ବୃହତ୍ ଭାଗ ହୁଏ ।

ନିଶ୍ଚିତ ଲାଭ ଉତ୍ପାଦ କିମ୍ବା ଭୟାନକ ରୋଗ କିମ୍ବା ଦୈନିକ ନଗଦ ଉତ୍ପାଦ ଇତ୍ୟାଦି ଅନ୍ତର୍ଗତ ଏକ ଦାବୀ ପାଇଁ ସାଧାରଣ ପ୍ରକ୍ରିୟା ଓ ସହାୟକ ଦସ୍ତାବିଜଗୁଡିକ ଅତ୍ୟନ୍ତ ସମାନ ହୋଇପାରେ, କେବଳ ଏହା ବ୍ୟତୀତ ଯେ ସେହି ଉତ୍ପାଦଗୁଡିକ ନଗଦହୀନ ସୁବିଧା ଅନ୍ତର୍ଗତ ଆସି ନ ପାରନ୍ତି ।

ଏକ କ୍ଷତିପୂର୍ତ୍ତି ପଲିସୀ ଅନ୍ତର୍ଗତ ଦାବୀ ହୋଇପାରେ ଏକ :

a) ନଗଦହୀନ ଦାବୀ

ଭର୍ତ୍ତି କିମ୍ବା ଚିକିତ୍ସା ସମୟରେ ଗ୍ରାହକ ଖର୍ଚ୍ଚସବୁର ଦେୟ ପ୍ରଦାନ କରେ ନାହିଁ । ନେଟୱର୍କ ଡାକ୍ତରଖାନା ବୀମାକର୍ତ୍ତା/ଟି.ପି.ଏ ଠାରୁ ଏକ ପୂର୍ବ-ଅନୁମୋଦନ ଆଧାରରେ ସେବା ପ୍ରଦାନ କରେ ଏବଂ ପରେ ଦାବୀର ସମାଧାନ ପାଇଁ ବୀମାକର୍ତ୍ତା/ ଟି.ପି.ଏ. ନିକଟରେ ଦସ୍ତାବିଜଗୁଡିକୁ ଜମା କରେ ।

b) ପ୍ରତିପୂର୍ତ୍ତି ଦାବୀ

ଗ୍ରାହକ ଡାକ୍ତରଖାନାକୁ ତା' ନିଜ ସଂସାଧନ ଠାରୁ ଦେୟ ପ୍ରଦାନ କରେ ଏବଂ ତାପରେ ସ୍ୱୀକାର୍ଯ୍ୟ ଦାବୀର ଦେୟ ପ୍ରଦାନ ପାଇଁ ବୀମାକର୍ତ୍ତା/ଟି.ପି.ଏ. ପାଖରେ ତା' ଦାବୀକୁ ଫାଇଲ କରେ ।

ଉଭୟ କ୍ଷେତ୍ରରେ, ମୂଳଭୂତ ଚରଣଗୁଡିକ ସମାନ ରହେ ।

ଚିତ୍ର 2 : ଦାବୀ ପ୍ରକ୍ରିୟା ମୋଟା ମୋଟି ରୂପେ ନିମ୍ନଲିଖିତ ଚରଣ ନେଇ ଗଠିତ (ସଠିକ୍ କ୍ରମରେ ନାହିଁ)



a) ସୂଚନା

ଦାବୀ ସୂଚନା ଗ୍ରାହକ ଓ ଦାବୀ ଟିମ୍ ମଧ୍ୟରେ ସଂପର୍କର ପ୍ରଥମ ଦୃଷ୍ଟାନ୍ତ ଅଟେ । ଗ୍ରାହକ କମ୍ପାନୀ କୁ ସୂଚୀତ କରି ପାରେ ଯେ ସେ ଏକ ହସ୍ପିଟାଲାଇଜେଶନର ଲାଭ ଉଠାଇବାକୁ ଯୋଜନା କରୁଛି କିମ୍ବା ହସ୍ପିଟାଲାଇଜେଶନ ଘଟିତ ହେବା ପରେ ସୂଚନା ଦିଆଯାଇପାରେ । ବିଶେଷରୂପେ ଏକ ଡାକ୍ତରଖାନାରେ ଜରୁରୀକାଳୀନ ଭର୍ତ୍ତି କ୍ଷେତ୍ରରେ ।

ଏବେ ପର୍ଯ୍ୟନ୍ତ, ଏକ ଦାବୀ ଘଟଣାର ସୂଚନା ର କାର୍ଯ୍ୟ ଏକ ଔପଚାରିକତା ଥିଲା । ଅବଶ୍ୟ, ବର୍ତ୍ତମାନ ବୀମାକର୍ତ୍ତାମାନେ ଯେତେ ଶୀଘ୍ର ସାଧ ଦାବୀର ସୂଚନା ଉପରେ ଜୋର ଦେବା ଆରମ୍ଭ କରିଛନ୍ତି । ସାଧାରଣତଃ ଯୋଜନାବଦ୍ଧ ଭର୍ତ୍ତି କ୍ଷେତ୍ରରେ ଏହା ହସ୍ପିଟାଲାଇଜେଶନ ପୂର୍ବରୁ ଆବଶ୍ୟକ ହୋଇଥାଏ, ଏବଂ ଜରୁରୀକାଳୀନ ପରିସ୍ଥିତି ରେ ହସ୍ପିଟାଲାଇଜେଶନ ର 24 ଘଣ୍ଟା ମଧ୍ୟରେ ।

ହସ୍ପିଟାଲାଇଜେଶନ ସମ୍ବନ୍ଧରେ ସୂଚନାର ସମୟାନୁସାରେ ଉପଲବ୍ଧତା ବୀମାକର୍ତ୍ତା/ଟି.ପି.ଏ. କୁ ଏହା ସତ୍ୟାପିତ କରିବାରେ ସାହାଯ୍ୟ କରେ ଯେ ଗ୍ରାହକର ହସ୍ପିଟାଲାଇଜେଶନ ଯଥାର୍ଥ ଅଟେ ଏବଂ କୌଣସି ଛଦ୍ମରୂପଧାରଣ କିମ୍ବା ଛଳ ନାହିଁ ଏବଂ ବେଳେବେଳେ, ଚାର୍ଜ କମ୍ କରିବାକୁ କଥାବାର୍ତ୍ତା କରିବାରେ ବି ସାହାଯ୍ୟ କରେ ।

ପୂର୍ବେ ସୂଚନାର ଅର୍ଥ ଥିଲା । 'ଏକ ଲିଖିତ, ଉପସ୍ଥାପିତ ଏବଂ ସ୍ୱୀକୃତ ପତ୍ର' କିମ୍ବା ଫ୍ୟାକ୍ସ ଦ୍ୱାରା ସଂଚାରଣ ଓ ପ୍ରୌଦ୍ୟୋଗିକୀ ର ବିକାଶ ସହିତ, ବର୍ତ୍ତମାନ ସୂଚନା 24 ଘଣ୍ଟା ଖୋଲା ଥିବା ବୀମାକର୍ତ୍ତା/ଟି.ପି.ଏ. ମାନଙ୍କ ଦ୍ୱାରା ଚଳାଯାଉଥିବା କଲ୍ ସେଣ୍ଟର ମାଧ୍ୟମରେ ଏବଂ ଇଣ୍ଟରନେଟ୍ ଓ ଇ-ମେଲ ଜରିଆରେ ସୂଚନା ସମ୍ଭବ ଅଟେ ।

b) ପଞ୍ଜିକରଣ

ଏକ ଦାବୀର ପଞ୍ଜିକରଣ ହେଉଛି ଦାବୀକୁ ସିଷ୍ଟମ ମଧ୍ୟରେ ପ୍ରବିଷ୍ଟ କରିବାର ଏବଂ ଏକ ସନ୍ଦର୍ଭ ସଂଖ୍ୟା ସୃଷ୍ଟି କରିବାର ପ୍ରକ୍ରିୟା ଯାହାର ଉପଯୋଗକରି ଦାବୀକୁ ଯେ କୌଣସି ସମୟରେ ଦାବୀ କୁ ଖୋଜାଯାଇ ପାରିବ । ଏହି ସଂଖ୍ୟାକୁ ଦାବୀ ସଂଖ୍ୟା, ଦାବୀ ସନ୍ଦର୍ଭ ସଂଖ୍ୟା କିମ୍ବା ଦାବୀ ନିୟନ୍ତ୍ରଣ ସଂଖ୍ୟା କୁହାଯାଏ । ଦାବୀ ସଂଖ୍ୟା ସିଷ୍ଟମ ଓ ପ୍ରୋସେସିଙ୍ଗ ସଂଗଠନ ଦ୍ୱାରା ବ୍ୟବହୃତ ହେଉଥିବା ପ୍ରକ୍ରିୟାଗୁଡିକ ଆଧାରରେ ସାଂଖ୍ୟିକ କିମ୍ବା ଆଲ୍ଫା-ସାଂଖ୍ୟିକ ହୋଇପାରେ ।

ଥରେ ଦାବୀ ସୂଚନା ପ୍ରାପ୍ତ ହୋଇଗଲେ, ସାଧାରଣତଃ ଏବଂ ସଠିକ୍ ପଲିସୀ ସଂଖ୍ୟା ଓ ବୀମିତ ବ୍ୟକ୍ତିର ବିବରଣୀସବୁ ମେଳ ଖାଇଲେ, ଏକ ସନ୍ଦର୍ଭ ସଂଖ୍ୟାର ପଞ୍ଜିକରଣ ଓ ଜାତ ହୁଏ ।

ଥରେ ଦାବୀ ଟି ସିଷ୍ଟମ ରେ ପଞ୍ଜିକୃତ ହୋଇଗଲେ, ସଙ୍ଗେ ସଙ୍ଗେ ତାହା ପାଇଁ ଏକ ରିଜର୍ଭ ବୀମାକର୍ତ୍ତାର ଆକାଉଣ୍ଟରେ ସୃଷ୍ଟି ହୋଇଯିବ । ସୂଚନା /ପଞ୍ଜିକରଣ ସମୟରେ, ସଠିକ୍ ଦାବୀ ରାଶି କିମ୍ବା ଆକଳନ ହୁଏତ ଜଣା ପଡି ନ ପାରେ । ତେଣୁ ପ୍ରାରମ୍ଭିକ ରିଜର୍ଭ ରାଶି ଏକ ଷ୍ଟାଣ୍ଡାର୍ଡ ରିଜର୍ଭ ଅଟେ (ମୁଖ୍ୟତଃ ଐତିହାସିକ ହାରାହାରି ଦାବୀ ଉପରେ ଆଧାରିତ) । ଥରେ ଦାୟିତ୍ୱର ଆକଳିତ କିମ୍ବା ପ୍ରତ୍ୟାଶିତ ରାଶି ଜଣା ପଡିଗଲେ, ତାହାକୁ ପ୍ରତିଫଳିତ କରିବା ପାଇଁ ରିଜର୍ଭ କୁ ଉପର ଆଡକୁ କିମ୍ବା ତଳ ଆଡକୁ ସଂଶୋଧିତ କରାଯାଏ ।

c) ଦସ୍ତାବିଜଗୁଡିକର ସତ୍ୟାପନ

ଥରେ ଦାବୀଟି ପଞ୍ଜିକୃତ ହୋଇଗଲେ, ପରବର୍ତ୍ତୀ ଚରଣ ହେଉଛି ପ୍ରୋସେସିଙ୍ଗ୍ ପାଇଁ ସମସ୍ତ ଆବଶ୍ୟକୀୟ ଦସ୍ତାବିଜଗୁଡିକର ପ୍ରାପ୍ତି ର ଯାଞ୍ଚ କରିବା ।

ଏହା ନିଶ୍ଚିତ ରୂପେ ବୁଝିବା ଉଚିତ୍ ଯେ ଏକ ଦାବୀକୁ ପ୍ରୋସେସ୍ କରିବା ପାଇଁ ନିମ୍ନ ସବୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଅଟନ୍ତି ।

1. ରୋଗର ଦଲିଲୀ ପ୍ରମାଣ
2. ପ୍ରଦାନ କରାଯାଇଥିବା ଚିକିତ୍ସା
3. ଆନ୍ତଃ-ଭର୍ତ୍ତିକରଣ ଅବଧି
4. ଅନୁସନ୍ଧାନ ରିପୋର୍ଟ
5. ଡାକ୍ତରଖାନାକୁ କରାଯାଇଥିବା ଦେୟ ପ୍ରଦାନ
6. ଚିକିତ୍ସା ପାଇଁ ଅଧିକ ପରାମର୍ଶ
7. ପ୍ରତ୍ୟାରୋପଣ ପାଇଁ ଦେୟପ୍ରଦାନ ର ପ୍ରମାଣ

ଦସ୍ତାବିଜଗୁଡିକର ସତ୍ୟାପନ ପରେ ଏକ ଯାଞ୍ଚତାଲିକା ଥାଏ ଯାହାକୁ ଦାବୀ ପ୍ରୋସେସର ଯାଞ୍ଚ କରେ । ଅଧିକାଂଶ କମ୍ପାନୀ ସୁନିଶ୍ଚିତ କରନ୍ତି ଯେ ସେଭଳି ଯାଞ୍ଚ ତାଲିକାଗୁଡିକ ପ୍ରୋସେସିଙ୍ଗ ଦଲିଲୀକରଣର ଅଂଶ ଅଟନ୍ତି ।

ଏହି ଚରଣରେ ହଜିଯାଇଥିବା ଦଲିଲ ଉପରେ ଧ୍ୟାନ ଦିଆଯାଏ – ଯେତେବେଳେ କେତେକ ପ୍ରକ୍ରିୟା ଏହି ବିନ୍ଦୁରେ ଗ୍ରାହକ/ଡାକ୍ତରଖାନା ଦ୍ୱାରା ଜମା କରା ଯାଇ ନ ଥିବା ଦସ୍ତାବିଜଗୁଡ଼ିକୁ ମାଗିବାରେ ସଂପୃକ୍ତ । ଅଧିକାଂଶ କମ୍ପାନୀ ଅତିରିକ୍ତ ତଥ୍ୟ ମାଗିବା ପୂର୍ବରୁ ଜମା କରାଯାଇଥିବା ସମସ୍ତ ଦସ୍ତାବିଜ ର ଯାଞ୍ଚ କୁ ପ୍ରଥମେ ସଂପୂର୍ଣ୍ଣ କରନ୍ତି ଯାହା ଦ୍ୱାରା ଗ୍ରାହକ ଅସୁବିଧାରେ ପଡ଼େ ନାହିଁ ।

d) ବିଲ କରିବା ସୂଚନାକୁ ଧରି ରଖିବା (କ୍ୟାପ୍ଚର କରିବା)

ବିଲ କରିବା ଦାବୀ ପ୍ରୋସେସିଙ୍ଗ ଚକ୍ରର ଏକ ମହତ୍ୱପୂର୍ଣ୍ଣ ଅଂଶ ଅଟେ । ପାରମ୍ପରିକ ସ୍ୱାସ୍ଥ୍ୟ ବୀମା ପଲିସୀଗୁଡ଼ିକ ବିଭିନ୍ନ ଶୀର୍ଷକ ଅନ୍ତର୍ଗତ ବିଶେଷ ସୀମା ଥିବା ଚିକିତ୍ସାରେ ହୋଇଥିବା ଖର୍ଚ୍ଚଗୁଡ଼ିକର କ୍ଷତିପୂର୍ତ୍ତି କରିବାର ପ୍ରାବଧାନ ରଖନ୍ତି । ମାନକ ପ୍ରଥା ହେଉଛି ଚିକିତ୍ସା ଚାର୍ଜଗୁଡ଼ିକୁ ନିମ୍ନମତେ ବର୍ଗୀକୃତ କରିବା :

- ✓ ପଞ୍ଜିକରଣ ଓ ସର୍ଭିସ ଚାର୍ଜ ସହିତ କୋଠରୀ, ବୋର୍ଡ, ଓ ନର୍ସିଂଚାର୍ଜ
- ✓ ICU ଏବଂ କୌଣସି ଇନଟେନ୍ସିଭ୍ ସେବା ଅପରେଶନ ପାଇଁ ଚାର୍ଜ
- ✓ ଅପରେଶନ ଥିଏଟର ଚାର୍ଜ, ଏନେସଥେସିଆ, ରକ୍ତ, ଅକ୍ସିଜେନ, ସର୍ଜିକଲ ଉପକରଣ, ଔଷଧ ଓ ଡ୍ରଗ୍ସ, ଡାଏଗ୍ନୋଷ୍ଟିକ ସାମଗ୍ରୀ ଓ ଏକ୍ସ-ରେ, ଡାଏଲିସିସ୍, କେମୋଥେରାପି, ରେଡିଓଥେରାପି, ପେସମେକର ର ମୂଲ୍ୟ, କୃତ୍ରିମ ଅଙ୍ଗ, ଏବଂ ହୋଇଥିବା କୌଣସି ମେଡିକଲ ଖର୍ଚ୍ଚ ଯାହା ଅପରେଶନ୍ ର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥାଏ ।
- ✓ ସର୍ଜନ, ଏନେସଥେଟିଷ୍ଟ, ମେଡିକଲ ପ୍ରାକ୍ଟିଶନର, ପରାମର୍ଶଦାତା, ବିଶେଷଜ୍ଞ ଶୁଳ୍କ ।
- ✓ ଆମ୍ବୁଲାନ୍ସ ଚାର୍ଜ
- ✓ ରକ୍ତ ପରୀକ୍ଷା, ଏକ୍ସ-ରେ, ସ୍କ୍ୟାନ୍ ଇତ୍ୟାଦି କୁ ଆବୃତ କରୁଥିବା ଗବେଷଣା ଚାର୍ଜ
- ✓ ଔଷଧ ଓ ଡ୍ରଗ୍ସ

ଏହି ସବୁ ଶୀର୍ଷକ ଅନ୍ତର୍ଗତ ତଥ୍ୟ କୁ କ୍ୟାପ୍ଚର କରିବା ପାଇଁ ଗ୍ରାହକ ଦ୍ୱାରା ଜମା କରାଯାଇଥିବା ଦସ୍ତାବିଜଗୁଡ଼ିକୁ ଯାଞ୍ଚ କରାଯାଏ ଯାହା ଦ୍ୱାରା ଦାବୀସବୁର ସମାଧାନ ସଠିକ୍ ରୂପେ କରାଯାଇ ପାରିବ ।

ଯଦିଓ ଡାକ୍ତରଖାନାଗୁଡ଼ିକ ର ବିଲ କରିବା ପ୍ରଣାଳୀ କୁ ମାନକୀକରଣ କରିବାକୁ ପ୍ରୟାସ କରାଯାଉଛି, ପ୍ରତ୍ୟେକ ଡାକ୍ତରଖାନା ପାଇଁ ବିଲ କରିବାର ଏକ ଭିନ୍ନ ପଦ୍ଧତି ର ଉପଯୋଗ କରିବା ସାଧାରଣ ଅଟେ ଏବଂ ଏଥିରେ ସମ୍ମୁଖୀନ କରାଯାଉଥିବା ଚ୍ୟାଲେଞ୍ଜ ସବୁ ହେଉଛି :

- ✓ କୋଠରୀ ଚାର୍ଜ ସର୍ଭିସ ଚାର୍ଜ କିମ୍ବା ପଥ୍ୟ ଭଳି କେତେକ ଅଣ-ଦେୟଯୋଗ୍ୟ ଚାର୍ଜକୁ ଅନ୍ତର୍ଭୁକ୍ତ କରିପାରେ ।
- ✓ ଗୋଟିଏ ବିଲ ରେ ବିଭିନ୍ନ ଶୀର୍ଷକ କିମ୍ବା ଏକ ମୋଟା ରାଶିର ଅନ୍ତର୍ଭୁକ୍ତ କରିପାରେ ।
- ✓ ବ୍ୟବହୃତ ହେଉଥିବା ଅଣ-ମାନକ ନାମ ସବୁ – ଉ.ସ୍ୱ. ନର୍ସିଂ ଚାର୍ଜ କୁ ସର୍ଭିସ ଚାର୍ଜ କୁହାଯାଉଥିବା ।
- ✓ ବିଲ ରେ "ସେ ସଦୃଶ", ଚାର୍ଜ "ଇତ୍ୟାଦି", "ସମ୍ବନ୍ଧିତ ଖର୍ଚ୍ଚ" ଭଳି ପଦ ସବୁର ଉପଯୋଗ ।

ଯେଉଁଠି ବିଲିଙ୍ଗ ସ୍ପଷ୍ଟ ନୁହେଁ, ପ୍ରୋସେସର ବିଭାଜନ କିମ୍ବା ଅତିରିକ୍ତ ସୂଚନା ଚାହେଁ, ଯାହା ଦ୍ୱାରା ବର୍ଗୀକରଣ ଓ ଭର୍ତ୍ତିଯୋଗ୍ୟତା ଉପରେ ସନ୍ଦେହସବୁ ସମାଧାନ ହୋଇଯାଏ ।

ଏହି ସମସ୍ୟାକୁ ଧ୍ୟାନ ଦେବା ପାଇଁ, IRDAI ସ୍ୱାସ୍ଥ୍ୟ ବୀମା ମାନକୀକରଣ ମାର୍ଗଦର୍ଶିକା ଜାରୀ କରିଛନ୍ତି, ଯିଏ ସେଭଳିଆ ବିଲ ଏବଂ ଅଣ-ଦେୟଯୋଗ୍ୟ ଆଇଟମଗୁଡ଼ିକର ତାଲିକାକୁ ମାନକୀକରଣ କରିଛନ୍ତି ।

ପ୍ୟାକେଜ୍ ଦର

ଅନେକଗୁଡିଏ ଡାକ୍ତରଖାନା କେତେକ ରୋଗର ଚିକିତ୍ସା ପାଇଁ ପ୍ୟାକେଜ୍ ଦର/ମୂଲ୍ୟ ପାଇଁ ରାଜି ହୋଇଛନ୍ତି । ଏହା ଚିକିତ୍ସା ପ୍ରକ୍ରିୟା ଓ ସଂସାଧନଗୁଡିକର ଉପଯୋଗ କୁ ମାନକୀକରଣ କରିବା ପାଇଁ ଡାକ୍ତରଖାନାର କ୍ଷମତା ଉପରେ ଆଧାରିତ ହୁଏ । ଆଧୁନିକ ସମୟରେ, ବାଞ୍ଛନୀୟ ପ୍ରାବଧାନକର୍ତ୍ତା ନେଟୱର୍କ ଏବଂ **RSBY** ର କ୍ଷେତ୍ରରେ ମଧ୍ୟ ଚିକିତ୍ସା ପାଇଁ, ଅନେକ ପ୍ରକ୍ରିୟାର ପ୍ୟାକେଜ୍ ମୂଲ୍ୟକୁ ପୂର୍ବ-ନିର୍ଦ୍ଧାରିତ କରାଯାଇଛି ।

ଉଦାହରଣ

a. କାର୍ଡିଆକ୍ ପ୍ୟାକେଜ୍: ଏଞ୍ଜିଓପ୍ଲାଷ୍ଟି, CABG କିମ୍ବା ଓପନ୍ ହାର୍ଟ ସର୍ଜରୀ, ଇତ୍ୟାଦି ।

b. ଗାଇନେକୋଲୋଜିକଲ (ପ୍ରସୂତି ସମ୍ବନ୍ଧୀୟ) ପ୍ୟାକେଜ୍ : ସାମାନ୍ୟ ପ୍ରସବ, ସିଜରିଏନ୍ ପ୍ରସବ, ହସ୍ଟେରେକ୍ଟୋମୀ, ଇତ୍ୟାଦି

c. ଅର୍ଥୋପେଡିକ୍ (ଅସ୍ଥି ସମ୍ବନ୍ଧୀୟ) ପ୍ୟାକେଜ୍

d. ଅପଥାଲମୋଲୋଜିକଲ (ଚକ୍ଷୁ ସମ୍ବନ୍ଧୀୟ) ପ୍ୟାକେଜ୍

ସର୍ଜରୀ ପରବର୍ତ୍ତୀ ଜଟିଳତାଗୁଡିକ ଯୋଗୁଁ ହୋଇଥିବା ଅତିରିକ୍ତ ମୂଲ୍ୟସବୁକୁ ବାସ୍ତବ ଆଧାରରେ ଅଲଗାରୂପେ ଚାର୍ଜ କରାଯାଇଥାଏ ଯଦି ଏସବୁର ଉପରେ ଓ ଊର୍ଦ୍ଧ୍ୱରେ ହୋଇଥାଏ ।

ପ୍ୟାକେଜ୍ ସବୁରେ ସଂପୃକ୍ତ ମୂଲ୍ୟର ଓ ପ୍ରକ୍ରିୟାଗୁଡିକର ମାନକୀକରଣ ର ନିଶ୍ଚିତତା ର ଲାଭ ଅଛି ଏବଂ ତେଣୁ ସେଭଳି ଦାବୀ ସବୁକୁ ସମ୍ଭାଳିବା ଅଧିକ ସହଜ ଅଟେ ।

e. **ଦାବୀଗୁଡିକ ର କୋଡିଙ୍ଗ୍**

ବ୍ୟବହାର କରାଯାଉଥିବା ସବୁଠୁ ମହତ୍ୱପୂର୍ଣ୍ଣ କୋଡ ସେଟ୍ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (**WHO**) ବିକଶିତ ରୋଗଗୁଡିକର ଆନ୍ତର୍ଜାତିକ ବର୍ଗୀକରଣ (**ICD**) କୋଡ ସବୁ ।

ଯେତେବେଳେ ICD କୁ ଏକ ମାନକୀକୃତ ଫର୍ମାଟ ରେ ରୋଗ କୁ କ୍ୟାପ୍ଚର କରିବା ପାଇଁ ବ୍ୟବହାର କରାଯାଏ, ପ୍ରକ୍ରିୟା କୋଡଗୁଡିକ ଯେପରିକି ଚଳିତ ପ୍ରକ୍ରିୟା ସନ୍ଧାବଳୀ (CPT) କୋଡଗୁଡିକ ରୋଗ ର ଚିକିତ୍ସା କରିବାରେ ସଂପାଦିତ ପ୍ରକ୍ରିୟାଗୁଡିକୁ କ୍ୟାପ୍ଚର କରନ୍ତି ।

ବୀମାକର୍ତ୍ତାମାନେ କୋଡିଙ୍ଗ ଉପରେ ବର୍ଦ୍ଧିତ ରୂପେ ବିଶ୍ୱାସ କରୁଛନ୍ତି ଏବଂ ବୀମା ତଥ୍ୟ ବ୍ୟୁରୋ (IIB), ଯାହା ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (IRDAI) ର ଅଂସ ଅଟେ, ଏକ ସୂଚନା ତଥ୍ୟ ବ୍ୟାଙ୍କ ଆରମ୍ଭ କରିଛନ୍ତି ଯେଉଁଠି ସେଭଳି ତଥ୍ୟର ବିଶ୍ଳେଷଣ କରାଯାଇପାରେ ।

f. **ଦାବୀର ପ୍ରୋସେସିଙ୍ଗ୍/ ନିର୍ଣ୍ଣୟ**

ସ୍ୱାସ୍ଥ୍ୟ ବୀମା ପଲିସୀ ର ଏକ ଅଧ୍ୟୟନ ପ୍ରଦର୍ଶିତ କରେ ଯେ ଯେତେବେଳେ ଏହା ଏକ ବାଣିଜ୍ୟିକ ଚୁକ୍ତି ଅଟେ, ଏହା ମେଡିକଲ ପଦଗୁଡିକୁ ଅନ୍ତର୍ଭୁକ୍ତ କରେ ଯାହା ନିର୍ଦ୍ଧାରିତ କରେ କେବେ ଏବଂ କେତେ ମାତ୍ରା ପର୍ଯ୍ୟନ୍ତ ଏ ଦାବୀ ଦେୟଯୋଗ୍ୟ ଅଟେ । କୌଣସି ବି ବୀମା ପଲିସୀରେ ଦାବୀ ପ୍ରୋସେସିଙ୍ଗର ମର୍ମ ଦୁଇଟି ମୁଖ୍ୟ ପ୍ରଶ୍ନର ଉତ୍ତର ଦେବାରେ ଥାଏ :

- ✓ ପଲିସୀ ଅନ୍ତର୍ଗତ ଦାବୀ ପ୍ରଦାନଯୋଗ୍ୟ ଅଟେ କି ?
- ✓ ଯଦି ହଁ, ନେଟ୍ ଦେୟ ରାଶି କ'ଣ ଅଟେ?

ଏହି ପ୍ରଶ୍ନଗୁଡିକରୁ ପ୍ରତ୍ୟେକ ଜାରୀ କରାଯାଇଥିବା ପଲିସୀର ସର୍ତ୍ତ ଓ ପ୍ରତିବନ୍ଧ ର ସଂଖ୍ୟା ଏବଂ ଯଦି ଏକ ନେଟୱର୍କ ହସ୍ପିଟଲ ରେ ଚିକିତ୍ସା ନିଆଯାଇଥିବ ହସ୍ପିଟଲ ସହିତ ସମ୍ମତ ହୋଇଥିବା ମୂଲ୍ୟ କୁ ହୃଦବୋଧ କରିବା ଆବଶ୍ୟକ କରେ ।

ଏକ ଦାବୀର ସ୍ୱକାର୍ଯ୍ୟତା

ଏକ ସ୍ୱାସ୍ଥ୍ୟ ଦାବୀ ସ୍ୱକାର୍ଯ୍ୟ ହେବା ପାଇଁ ନିମ୍ନଲିଖିତ ସର୍ତ୍ତଗୁଡିକ ନିଶ୍ଚିତ ରୂପେ ପୂରଣ ହେବା ଉଚିତ୍ ।

i. ହସ୍ପିଟଲ ରେ ଭର୍ତ୍ତି ହୋଇଥିବା ସଦସ୍ୟ ନିଶ୍ଚିତ ରୂପେ ବୀମା ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ହୋଇଥିବା ଉଚିତ୍ ।

ଯେତେବେଳେ ଏହା ବହୁତ ସରଳ ଜଣାପଡ଼େ, ଆମେ ସେହିସବୁ ପରିସ୍ଥିତିର ସଂସ୍ପର୍ଶରେ ଆସୁ ଯେଉଁଠି ସୁରକ୍ଷା ପ୍ରାପ୍ତ ହୋଇଥିବା ବ୍ୟକ୍ତି ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବ୍ୟକ୍ତି ର ନାମ (ଏବଂ ଅଧିକତର କ୍ଷେତ୍ରରେ, ବୟସ) ମେଳ ଥାଏ ନାହିଁ, ଏହା ନିମ୍ନ କାରଣରୁ ହୋଇଥାଇପାରେ :

ଏହା ସୁନିଶ୍ଚିତ କରିବା ମହତ୍ୱପୂର୍ଣ୍ଣ ଯେ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ହୋଇଥିବା ବ୍ୟକ୍ତି ଓ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବ୍ୟକ୍ତି ସେହି ଏକା ଜଣେ ଅଟେ । ଏ ପ୍ରକାର ର ଛଳ/କପଟ ସ୍ୱାସ୍ଥ୍ୟ ବୀମାରେ ଅତି ସାଧାରଣ ଅଟେ ।

ii. ବୀମା କାଳ ମଧ୍ୟରେ ରୋଗୀର ଭର୍ତ୍ତି

iii. ଡାକ୍ତରଖାନା ର ପରିଭାଷା

ଡାକ୍ତରଖାନା ଯେଉଁଠି ବ୍ୟକ୍ତି ଭର୍ତ୍ତି ହୁଏ ପଲିସୀ ଅନ୍ତର୍ଗତ "ଡାକ୍ତରଖାନା (ହସ୍ପିଟାଲ) କିମ୍ବା ନର୍ସିଂ ହୋମ" ର ପରିଭାଷା ଅନୁସାରେ ହେବା ଉଚିତ୍ ଅନ୍ୟଥା ଦାବୀ ଟି ଦେୟଯୋଗ୍ୟ ହେବ ନାହିଁ ।

iv. ଆବାସିକ ହସ୍ପିଟାଲାଇଜେଶନ

କେତେକ ପଲିସୀ ଆବାସିକ ହସ୍ପିଟାଲାଇଜେଶନ କୁ ସୁରକ୍ଷା ପ୍ରଦାନ କରନ୍ତି, ଅର୍ଥାତ୍ ଏକ ରୋଗ ପାଇଁ 3 ଦିନରୁ ଅଧିକ କାଳ ପାଇଁ ଭାରତରେ ଘରେ ନିଆଯାଇଥିବା ଚିକିତ୍ସା ଯାହା ସାଧାରଣତଃ ଏକ ଡାକ୍ତରଖାନା/ନର୍ସିଂ ହୋମ ରେ ଚିକିତ୍ସା ଆବଶ୍ୟକ କରିଥାଏ ।

ଆବାସିକ ହସ୍ପିଟାଲାଇଜେଶନ, ଯଦି ଏକ ପଲିସୀ ରେ ସୁରକ୍ଷା ପ୍ରାପ୍ତ ହୁଏ, ପ୍ରଦାନଯୋଗ୍ୟ ହେବ ଯଦି :

- ✓ ରୋଗୀ ର ଅବସ୍ଥା ଏମିତି ଅଛି ଯେ ତାକୁ ଏକ ଡାକ୍ତରଖାନା/ନର୍ସିଂ ହୋମ କୁ ହଟାଯାଇ ପାରିବ ନାହିଁ
- ✓ ସେଇଠି ଆବାସ ର ଅଭାବ ଥିବା ହେତୁ ରୋଗୀକୁ ଡାକ୍ତରଖାନା/ନର୍ସିଂହୋମ କୁ ହଟାଯାଇ ପାରିବ ନାହିଁ

v. ହସ୍ପିଟାଲାଇଜେଶନ ର ଅବଧି

ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକ ସାଧାରଣତଃ ଏକ ଆନ୍ତଃ-ରୋଗୀ ରୂପେ 24 ଘଣ୍ଟାଠାରୁ ଅଧିକ ହେଉଥିବା ହସ୍ପିଟାଲାଇଜେଶନ କୁ ସୁରକ୍ଷା ଦିଅନ୍ତି । ତେଣୁ ଭର୍ତ୍ତି ଏବଂ ଡିସ୍ଚାର୍ଜ ର ତାରିଖ ଓ ସମୟ ମହତ୍ୱପୂର୍ଣ୍ଣ ଅଟେ ଯଦି ଏହି ସର୍ତ୍ତକୁ ପୂରଣ କରିବାକୁ ହୁଏ ।

ଦିବସ-ସେବା ଚିକିତ୍ସା

ସ୍ୱାସ୍ଥ୍ୟ ସେବା ଉଦ୍ୟୋଗ ରେ ଔଦ୍ୟୋଗିକ ବିକାଶ ପରିଣାମ ରେ ଅନେକ ପ୍ରକ୍ରିୟା/ପ୍ରଣାଳୀରେ ସରଳୀକରଣ ହୋଇଛି ଯାହା ଆଗକାଳରେ ଜଟିଳ ଓ ଦୀର୍ଘାବଧି ହସ୍ପିଟାଲାଇଜେଶନ ଆବଶ୍ୟକ କରୁଥିଲା । 24 ଘଣ୍ଟା ଠାରୁ ଅଧିକ ହସ୍ପିଟାଲାଇଜେଶନ ର ଆବଶ୍ୟକତା ବିନା ଦିବସ ସେବା ଆଧାରରେ ସଂପାଦିତ କରାଯାଉଥିବା ଅନେକ ସଂଖ୍ୟକ ପ୍ରକ୍ରିୟା ଅଛି ।

ଅଧିକାଂଶ ଦିବସ ପ୍ରକ୍ରିୟାଗୁଡିକ ପୂର୍ବ-ସମ୍ମତ ପ୍ୟାକେଜ୍ ଦର ଆଧାରରେ ଥାଏ, ଯାହାର ପରିଣାମ ହେଉଛି ମୂଲ୍ୟରେ ନିଶ୍ଚିତତା ।

vi. OPD

କେତେକ ପଲିସୀ ଏକ ନିର୍ଦ୍ଦିଷ୍ଟ ବୀମା ରାଶି, ଯାହା ସାଧାରଣତଃ ହସ୍ପିଟାଲାଇଜେଶନ ବୀମା ରାଶିଠାରୁ କମ୍ ହୋଇଥାଏ, ଏହା ଅନ୍ତର୍ଗତ ଏକ ବାହ୍ୟ-ରୋଗୀ ରୂପେ ନିଆଯାଇଥିବା ଚିକିତ୍ସା/ପରାମର୍ଶଗୁଡିକୁ ମଧ୍ୟ ସୁରକ୍ଷା ଦେଇଥାନ୍ତି ।

OPD ଅନ୍ତର୍ଗତ ସୁରକ୍ଷା ପଲିସୀ ପଲିସୀ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ । ସେ ଭଳି ପ୍ରତି ପୂର୍ତ୍ତି ପାଇଁ, 24 ଘଣ୍ଟା ହସ୍ପିଟାଲାଇଜେଶନ ପାଇଁ ଅନୁଚ୍ଛେଦ ଲାଗୁ ହୁଏ ନାହିଁ ।

vii. ଚିକିତ୍ସା ପ୍ରଣାଳୀ/ ଚିକିତ୍ସା ର ଶ୍ରେଣୀ

ହସ୍ପିଟାଲାଇଜେଶନ ସାଧାରଣତଃ ଏଲୋପ୍ୟାଥିକ ପଦ୍ଧତି ର ଚିକିତ୍ସା ସହିତ ସଂପୃକ୍ତ ଥାଏ । ଅବଶ୍ୟ, ରୋଗୀ ଚିକିତ୍ସାର ଅନ୍ୟାନ୍ୟ ପଦ୍ଧତି ର ଉପଯୋଗ କରିପାରେ ଯେପରି କି :

- ✓ ୟୁନାନୀ
- ✓ ସିଦ୍ଧ
- ✓ ହୋମିଓପାଥି
- ✓ ଆୟୁର୍ବେଦ
- ✓ ନ୍ୟାଚୁରୋପାଥି ଇତ୍ୟାଦି

ଅଧିକାଂଶ ପଲିସୀ ଏହି ଚିକିତ୍ସାଗୁଡିକୁ ଅପବର୍ଜିତ କରନ୍ତି ଯେତେବେଳେ କି କେତେକ ପଲିସୀ ଏହି ଚିକିତ୍ସାଗୁଡିକ ମଧ୍ୟରୁ ଏକ କିମ୍ବା ଅଧିକ କୁ ଉପ-ସୀମା ସହିତ ସୁରକ୍ଷା ପ୍ରଦାନ କରନ୍ତି ।

viii. ପୂର୍ବ-ବିଦ୍ୟମାନ ରୋଗ

ପରିଭାଷା

ପୂର୍ବ-ବିଦ୍ୟମାନ ରୋଗ "କୌଣସି ଅବସ୍ଥା, ରୋଗ କିମ୍ବା କ୍ଷତ କିମ୍ବା ସମ୍ବନ୍ଧିତ ଅବସ୍ଥା (ଗୁଡିକ) ଯାହା ପାଇଁ ବୀମିତ ବ୍ୟକ୍ତି ପାଖରେ କମ୍ପାନୀ ସହିତ ତା' ସ୍ୱାସ୍ଥ୍ୟ ପଲିସୀର ପୂର୍ବବର୍ତ୍ତୀ 48 ମାସ ମଧ୍ୟରେ ସଙ୍କେତ କିମ୍ବା ଲକ୍ଷଣ ଥିଲା ଏବଂ/କିମ୍ବା ଡାଏଗ୍ନୋଜ୍ ହୋଇଥିଲା ଏବଂ/କିମ୍ବା ଡାକ୍ତରୀ ପରାମର୍ଶ/ଚିକିତ୍ସା ପ୍ରାପ୍ତ ହୋଇଥିଲା, ଏହା ସ୍ପଷ୍ଟରୂପେ ଜ୍ଞାତ ହୋଇଥାଉ କିମ୍ବା ହୋଇ ନ ଥାଉ", ଏହାକୁ ସୂଚୀତ କରେ ।

ପୂର୍ବ-ବିଦ୍ୟମାନ ରୋଗଗୁଡିକୁ ଅପବର୍ଜିତ କରିବାର କାରଣ ହେଉଛି ବୀମାର ମୂଳଭୂତ ସିଦ୍ଧାନ୍ତ ଗୁଡିକ ଯୋଗୁଁ ଯେ ଏକ ନିଶ୍ଚିତତାକୁ ବୀମା ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଇ ପାରେ ନାହିଁ ।

ଅବଶ୍ୟ, ଏହି ସିଦ୍ଧାନ୍ତର ପ୍ରୟୋଗ ଅତି କଷ୍ଟକର ଅଟେ ଏବଂ ବୀମା ନେବା ସମୟରେ ବ୍ୟକ୍ତିର ସେହି ଅବସ୍ଥା ଥିଲା କି ନାହିଁ ଏହା ଜାଣିବା ପାଇଁ ଲକ୍ଷଣ ଓ ଚିକିତ୍ସାର ଏକ ବ୍ୟବସ୍ଥିତ ଯାଞ୍ଚ କୁ ସଂପୃକ୍ତ କରେ । ଯେହେତୁ ମେଡିକଲ ପ୍ରଫେସନଲମାନେ ରୋଗର ଅବଧି ଉପରେ ଭିନ୍ନ ଭିନ୍ନ ମତ ପ୍ରକାଶ କରି ପାରନ୍ତି, କୌଣସି ଦାବୀକୁ ଅସ୍ୱୀକାର କରିବା ପାଇଁ ଏହି ସର୍ତ୍ତକୁ ଲାଗୁ କରିବା ପୂର୍ବରୁ ରୋଗଟି ପ୍ରଥମେ କେବେ ଦେଖାଦେଇଥିଲା, ଏହା ଉପରେ ମତକୁ ସାବଧାନତାର ସହିତ ନିଆଯାଇଥାଏ ।

ସ୍ୱାସ୍ଥ୍ୟ ବୀମାର ବିକାଶରେ, ଆମେ ଏହି ଅପବର୍ଜନ ରେ ଦୁଇଟି ପରିବର୍ତ୍ତନ ର ସଂସ୍ପର୍ଶରେ ଆସୁ ।

- ✓ ପ୍ରଥମଟି ହେଉଛି ସମୂହ ବୀମା କ୍ଷେତ୍ରରେ ଯେଉଁଠି ବୀମିତ ବିରୁଦ୍ଧରେ କୌଣସି ଚୟନ ନ ଥାଇ, ଲୋକମାନଙ୍କର ସଂପୂର୍ଣ୍ଣ ସମୂହକୁ ବୀମିତ କରାଯାଏ । ସମୂହ ପଲିସୀ, ଯେଉଁମାନେ ଧରନ୍ତୁ ସମସ୍ତ ସରକାରୀ କର୍ମଚାରୀ, ଦରିଦ୍ର ସୀମା ରେଖା ତଳେ ଥିବା ସମସ୍ତ ପରିବାର, ଏକ ବଡ଼ କର୍ପୋରେଟ ସମୂହ ର ସମସ୍ତ କର୍ମଚାରୀମାନଙ୍କ ପରିବାରବର୍ଗ, ଇତ୍ୟାଦି କୁ ସୁରକ୍ଷା ପ୍ରଦାନ କରନ୍ତି, ଏମାନଙ୍କୁ, ପ୍ରଥମ ଥର ପାଇଁ ସୁରକ୍ଷା ପ୍ରାପ୍ତ କରିବା ପାଇଁ ଚୟନ କରୁଥିବା କେବଳ ଏକମାତ୍ର ପରିବାର ତୁଳନାରେ, ଅନୁକୂଳ ଆଚରଣ ପ୍ରଦର୍ଶନ କରାଯାଏ । ଏହି ପଲିସୀଗୁଡିକ ଅନେକ ସମୟରେ ଅପବର୍ଜନ ପର୍ଯ୍ୟାପ୍ତ ମୂଲ୍ୟକୁ ନିଜ ମଧ୍ୟରେ ଲାଗୁ କରି ଅପବର୍ଜନ କୁ ହଟାଇଛନ୍ତି ।
- ✓ ଦ୍ୱିତୀୟ ପରିବର୍ତ୍ତନ ଟି ହେଉଛି ଅବିଚ୍ଛିନ୍ନ ସୁରକ୍ଷାର ଏକ ନିର୍ଦ୍ଦିଷ୍ଟ ଅବଧି ପରେ ପୂର୍ବ-ବିଦ୍ୟମାନ ରୋଗଗୁଡିକୁ ସୁରକ୍ଷା ଦିଆଯାଏ । ଏହା ଏହି ସିଦ୍ଧାନ୍ତର ଅନୁପାଳନ କରେ ଯେ ଏକ ବ୍ୟକ୍ତି ମଧ୍ୟରେ ଏକ ଅବସ୍ଥା ଉପସ୍ଥିତ ଥିଲେ ମଧ୍ୟ, ଯଦି ଏହା ଏକ ନିର୍ଦ୍ଦିଷ୍ଟ ସମୟାବଧି ପାଇଁ ଦେଖା ନ ଦିଏ, ଏହାକୁ ନିଶ୍ଚିତତା ରୂପେ ବିଚାର କରାଯାଇ ନ ପାରେ ।

ix. ପ୍ରାରମ୍ଭିକ ପ୍ରତୀକ୍ଷା ଅବଧି

ଏକ ପାରମ୍ପରିକ ସ୍ୱାସ୍ଥ୍ୟ ବୀମା ପଲିସୀ ଏକ ପ୍ରାରମ୍ଭିକ 30 ଦିନ ପରେ ହିଁ ରୋଗଗୁଡିକୁ ସୁରକ୍ଷା ପ୍ରଦାନ କରେ (କେବଳ ଦୁର୍ଘଟଣା ସମ୍ବନ୍ଧୀୟ ହସ୍ପିଟାଲାଇଜେଶନ ବ୍ୟତୀତ) ।

ସେଭଳି, ଅନେକ ରୋଗଗୁଡିକର ତାଲିକା ଅଛି ଯେପରିକି :

✓ କ୍ୟାଟାରେକ୍ଟ (ମୋତିଆ ବିନ୍ଦୁ) , ✓ ସୌମ୍ୟ ପ୍ରୋଷ୍ଟାଟିକ୍ ହାଇପରଟ୍ରଫି, ✓ ହିଷ୍ଟେରେକ୍ଟୋମି, ✓ ଫିସ୍ଚୁଲା, ✓ ଅର୍ଶ,	✓ ହାର୍ନିଆ, ✓ ହାଇଡ୍ରୋସିଲ, ✓ ସାଇନସାଇଟିସ୍, ✓ ଆଣ୍ଠୁ/ଅଣ୍ଠା ଜଏଣ୍ଟ ପ୍ରତିସ୍ଥାପନ ଇତ୍ୟାଦି

ଏଗୁଡିକୁ ପ୍ରାରମ୍ଭିକ ଅବଧି ଯାହା ଏକ ବିଶେଷ ବୀମା କମ୍ପାନୀ ର ଉତ୍ପାଦ ଆଧାରରେ ଗୋଟିଏ ବର୍ଷ କିମ୍ବା ଦୁଇବର୍ଷ କିମ୍ବା ଅଧିକ ହୋଇପାରେ, ଏହି ଅବଧି ପାଇଁ ସୁରକ୍ଷା ଦିଆଯାଏ ନାହିଁ ।

ଦାବୀ ପ୍ରୋସେସର ଏହା ଅନୁସନ୍ଧାନ କରେ କି ରୋଗଟି ଏଗୁଡିକ ମଧ୍ୟରେ ଗୋଟିଏ ତ ନୁହେଁ ଏବଂ କେତେ ସମୟ ଧରି ବ୍ୟକ୍ତିକୁ ସୁରକ୍ଷା ଦିଆଯାଇଛି । ସେ ଏହା ଯାଞ୍ଚ କରିବା ପାଇଁ କରେ ଯେ ଏହା ଏହି ସ୍ୱୀକାର୍ଯ୍ୟତା ସର୍ତ୍ତ ମଧ୍ୟରେ ଆସୁଛି କି ନାହିଁ ।

x. ଅପବର୍ଜନ

ପଲିସୀ ଅପବର୍ଜନଗୁଡିକର ଏକ ସମୂହ କୁ ତାଲିକାଭୁକ୍ତ କରେ ଯାହାକୁ ସାଧାରଣ ରୂପେ ନିମ୍ନ ମତେ ବର୍ଗୀକୃତ କରାଯାଇପାରେ :

- ✓ ପ୍ରସୂତି ଭଳି ଲାଭ (ଯଦିଓ ଏହାକୁ କେତେକ ପଲିସୀ ଦ୍ୱାରା ସୁରକ୍ଷା ଦିଆଯାଇଛି) ।
- ✓ ବାହ୍ୟରୋଗୀ ଏବଂ ଦାନ୍ତ ସମ୍ବନ୍ଧୀୟ ଚିକିତ୍ସା ।
- ✓ ରୋଗ ଯେଉଁଗୁଡିକ ସୁରକ୍ଷା ପ୍ରାପ୍ତ ହେବା ପାଇଁ ଉଦ୍ଦିଷ୍ଟ ନୁହଁନ୍ତି ଯଥା : HIV, ହର୍ମୋନ ଥେରାପି, ଓବେସିଟି ଚିକିତ୍ସା, ଗର୍ଭଧାରଣ ଚିକିତ୍ସା, କସ୍ମେଟିକ୍ ସର୍ଜରୀ, ଇତ୍ୟାଦି ।
- ✓ ମଦ୍ୟ/ଡ୍ରଗ୍ ର ଦୁଷ୍ପ୍ରୟୋଗ କାରଣରୁ ହୋଇଥିବା ରୋଗ ।
- ✓ ଭାରତ ବାହାରର ମେଡିକଲ ଚିକିତ୍ସା ।
- ✓ ଉଚ୍ଚ ଆପଦପୂର୍ଣ୍ଣ କାର୍ଯ୍ୟକଳାପ, ଆତ୍ମହତ୍ୟା ପ୍ରୟାସ, ରେଡିଓଏକ୍ଟିଭ ସଂକ୍ରମଣ
- ✓ କେବଳ ପରୀକ୍ଷଣ/ଯାଞ୍ଚ ଉଦ୍ଦେଶ୍ୟ ରେ ଭର୍ତ୍ତି

ସେଭଳି କ୍ଷେତ୍ରରେ ଦାବୀ ସଂଚାଳନ ପାଇଁ ପରିସ୍ଥିତି କୁ ବିଶେଷ ରୂପେ ବ୍ୟାଖ୍ୟା କରିବା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ ଯାହାଦ୍ୱାରା ବିଶେଷଜ୍ଞ ଙ୍କ ମତ ଠିକ୍ ବିନ୍ଦୁ ଉପରେ ଥିବ ଏବଂ ଆଇନ ନ୍ୟାୟାଳୟ ଙ୍କ ଯାଞ୍ଚର ସମ୍ମୁଖୀନ ହୋଇ ପାରିବ, ଯଦି ଚ୍ୟାଲେଞ୍ଜ କରାଯାଏ ।

xi. ଦାବୀ ସମ୍ବନ୍ଧୀୟ ସର୍ତ୍ତାବଳୀ ର ଅନୁପାଳନ

ଏକ ଦାବୀ ପରିପ୍ରେକ୍ଷୀରେ ବୀମିତ ଦ୍ୱାରା ନିଆଯାଇଥିବା କେତେକ ପଦକ୍ଷେପକୁ ମଧ୍ୟ ବୀମା ପଲିସୀ ନିର୍ଦ୍ଧାରିତ କରେ, ଯେଉଁଗୁଡିକ ମଧ୍ୟରୁ କେତେକ ଦାବୀ ର ସ୍ୱୀକାର୍ଯ୍ୟତା ପାଇଁ ମହତ୍ୱପୂର୍ଣ୍ଣ ଅଟନ୍ତି ।

ସାଧାରଣତଃ, ଏଗୁଡିକ ନିମ୍ନ ସହିତ ସମ୍ବନ୍ଧିତ:

- ✓ ନିର୍ଦ୍ଦିଷ୍ଟ ସମୟାବଧି ମଧ୍ୟରେ ଦାବୀର ସୂଚନା – ଆମେମାନେ ସୂଚନାର ମହତ୍ୱ ବିଷୟରେ ଆଗରୁ ଦେଖିଛୁ । ପଲିସୀ ଏକ ସମୟ ଅନୁବନ୍ଧିତ କରିପାରେ ଯାହା ମଧ୍ୟରେ ସେଭଳି ସୂଚନା କମ୍ପାନୀ ପାଖକୁ ନିଶ୍ଚୟ ପହଞ୍ଚିବା ଉଚିତ୍ ।
- ✓ ଏକ ନିର୍ଦ୍ଦିଷ୍ଟ ସମୟାବଧି ମଧ୍ୟରେ ଦାବୀ ଦସ୍ତାବିଜ ଗୁଡିକର ଉପସ୍ଥାପନା ।
- ✓ ଭୂଲ ଚିତ୍ରଣ, ଭୁଲ ବିବରଣ କିମ୍ବା ଆବଶ୍ୟକୀୟ ତଥ୍ୟ ସୂଚନା ର ଅଣ-ପ୍ରକଟୀକରଣ ରେ ସଂପୃକ୍ତ ନ ହେବା ।

ញ. **ଅନ୍ତିମ ଦାବୀ ଦେୟ ନିର୍ଣ୍ଣୟ କରିବା**

ଥରେ ଦାବୀ ସ୍ୱୀକାର୍ଯ୍ୟ ହୋଇଗଲେ, ପରବର୍ତ୍ତୀ ଚରଣ ହେଉଛି ପ୍ରଦାନଯୋଗ୍ୟ ଦାବୀ ରାଶି ନିର୍ଣ୍ଣୟ କରିବା । ଏହାକୁ ହିସାବ କରିବା ପାଇଁ ଆମେମାନେ ସେହି କାରକଗୁଡ଼ିକୁ ବୁଝିବା ଆବଶ୍ୟକ ଯେଉଁମାନେ ଦେୟ ଦାବୀ ରାଶୀକୁ ନିର୍ଣ୍ଣୟ କରନ୍ତି । ଏହି କାରକଗୁଡ଼ିକ ହେଉଛନ୍ତି:

i. ପଲିସୀ ଅନ୍ତର୍ଗତ ସଦସ୍ୟ ପାଇଁ ଉପଲବ୍ଧ ବୀମାରାଶି

ବୈୟକ୍ତିକ ବୀମା ରାଶି ଜାରୀ କରାଯାଇଥିବା ପଲିସୀ ଗୁଡ଼ିକ ଅଛି, କେତେକ ଫ୍ଲୋଟର ଆଧାରରେ ଜାରୀ କରିଛନ୍ତି ଯେଉଁଠି ବୀମା ରାଶି ସାରା ପରିବାର ପାଇଁ ଉପଲବ୍ଧ ଅଟେ କିମ୍ବା ଅନ୍ୟ ପଲିସୀଗୁଡ଼ିକ ଅଛି ଯେଉଁଗୁଡ଼ିକ ଫ୍ଲୋଟର ଆଧାରରେ କିନ୍ତୁ ପ୍ରତ୍ୟେକ ସଦସ୍ୟ ପାଇଁ କିଛି ସୀମା ସହିତ ।

ii. କୌଣସି ଦାବୀ ପୂର୍ବରୁ ନିଆଯାଇଥିବା କୌଣସି ଦାବୀକୁ ବିଚାର କରିବା ପରେ ସଦସ୍ୟ ପାଇଁ ପଲିସୀ ଅନ୍ତର୍ଗତ ଉପଲବ୍ଧ ଅବଶିଷ୍ଟ ବୀମା ରାଶି:

ଆଗରୁ ପ୍ରଦାନ କରାଯାଇଥିବା ଦାବୀସବୁ କୁ କାଟିବା ପରେ ଉପଲବ୍ଧ ଅବଶିଷ୍ଟ ବୀମା ରାଶିକୁ ନିର୍ଣ୍ଣୟ କରିବା ସମୟରେ, ଡାକ୍ତରଖାନାକୁ ପ୍ରଦାନ କରାଯାଇଥିବା କୌଣସି ପରବର୍ତ୍ତୀ ନଗଦହୀନ ଅନୁଜ୍ଞା (ଅଥରାଇଜେଶନ) କୁ ମଧ୍ୟ ଧ୍ୟାନ ଦେବାକୁ ହେବ ।

iii. ଉପ-ସୀମା

ଅଧିକାଂଶ ପଲିସୀ ବୀମା ରାଶି କିଛି ପ୍ରତିଶତ ରୂପେ କିମ୍ବା ପ୍ରତ୍ୟେକ ଦିନ ଏକ ସୀମା ରୂପେ କୋଠରୀ ଭଡ଼ା ସୀମା, ନର୍ସିଂ ଚାର୍ଜ ଇତ୍ୟାଦି କୁ ବିନିର୍ଦ୍ଦିଷ୍ଟ କରିଛନ୍ତି । ସେଭଳି ସୀମା ପରାମର୍ଶଦାତା ଶୁଳ୍କ, କିମ୍ବା ଆମ୍ବୁଲାନ୍ସ ଚାର୍ଜ, ଇତ୍ୟାଦି ପାଇଁ ଲାଗୁ କରାଯାଇପାରେ ।

iv. ବିଶେଷ ରୂପେ ରୋଗ ପାଇଁ ଥିବା କୌଣସି ସୀମା ପାଇଁ ପ୍ରତିବନ୍ଧ

ପଲିସୀ ପ୍ରସୂତି ବୀମା ସୁରକ୍ଷା କିମ୍ବା ଅନ୍ୟାନ୍ୟ ରୋଗ, ଧରନ୍ତୁ, ହୃଦୟ ସମ୍ବନ୍ଧୀୟ ରୋଗ ପାଇଁ ଏକ ନିର୍ଦ୍ଦିଷ୍ଟ ରାଶି କିମ୍ବା କ୍ୟାପିଙ୍ଗ୍ ବିନିର୍ଦ୍ଦିଷ୍ଟ କରିପାରେ ।

v. ସଂଚୟୀ ବୋନସ ପାଇଁ ଅଧିକାରୀ କି ନୁହେଁ, ଯାଞ୍ଚ କରିବା

ବୀମିତ ଏକ ଅଣ-ଦାବୀ ବୋନସ ପାଇଁ ଅଧିକାରୀ ପ୍ରାପ୍ତ ଅଟେ କି ନୁହଁ, (ଯଦି ବୀମିତ ପୂର୍ବବର୍ତ୍ତୀ ବର୍ଷ/ଗୁଡ଼ିକ ରେ ତା' ପଲିସୀଠାରୁ ଦାବୀ କରି ନ ଥିବ), ଏହାକୁ ସତ୍ୟାପିତ କରନ୍ତୁ । ଅଣ-ଦାବୀ ବୋନସ ଅନେକ ସମୟରେ ଅତିରିକ୍ତ ବୀମା ରାଶି ଆକାରରେ ଆସିଥାଏ, ଯାହା ବାସ୍ତବରେ ରୋଗୀ/ବୀମିତ ର ବୀମା ରାଶିକୁ ବୃଦ୍ଧି କରିଥାଏ । ବେଳେ ବେଳେ ସଂଚୟୀ ବୋନସ କୁ ଭୁଲ ରୂପେ ମଧ୍ୟ ଉଲ୍ଲେଖ କରାଯାଇ ଥାଇ ପାରେ ଯେହେତୁ ପୂର୍ବବର୍ତ୍ତୀ ବର୍ଷ ର ଶେଷରେ ସୂଚୀତ କରାଯାଇଥିବା ଦାବୀ ଗୁଡ଼ିକ ବିଚାର କୁ ନିଆ ଯାଇ ନ ଥାଇ ପାରେ ।

vi. ସୀମା ସହିତ ସୁରକ୍ଷା ପ୍ରଦାନ କରାଯାଉଥିବା ଅନ୍ୟାନ୍ୟ ଖର୍ଚ୍ଚ :

ଅନ୍ୟାନ୍ୟ ସୀମା ମଧ୍ୟ ରହି ଥାଇ ପାରେ, ଉ.ସ୍ୱ. ଯଦି ଚିକିତ୍ସା ଔଷଧି ବିଜ୍ଞାନର ଆୟୁର୍ବେଦୀୟ ପ୍ରଣାଳୀ ଅନ୍ତର୍ଗତ ନିଆଯାଇଥାଏ, ସାଧାରଣତଃ ତାହାର ଅତି କମ୍ ସୀମା ଥାଏ । ପଲିସୀ ର ଚାରି ବର୍ଷ ପରେ ସ୍ୱାସ୍ଥ୍ୟ ଯାଞ୍ଚ ମୂଲ୍ୟସବୁ କେବଳ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଥାଏ । ଡାକ୍ତରଖାନା ନଗଦ ଦେୟପ୍ରଦାନର ମଧ୍ୟ ଏକ ପ୍ରତି ଦିନ ର ସୀମା ଥାଏ ।

vii. କୋ-ପେମେଣ୍ଟ

ଏହା ସାଧାରଣତଃ ଦେୟପ୍ରଦାନ ପୂର୍ବରୁ ମୂଲ୍ୟାଙ୍କିତ ଦାବୀର ଏକ ନିଶ୍ଚିତ ପ୍ରତିଶତ ଅଟେ । କୋ-ପେମେଣ୍ଟ ଚୟନିତ ପରିସ୍ଥିତିଗୁଡ଼ିକରେ କେବଳ ମଧ୍ୟ ଲାଗୁ କରାଯାଇପାରେ – କେବଳ ପିତା/ମାତା ଦାବୀ ପାଇଁ, କେବଳ ପ୍ରସୂତି ଦାବୀ ପାଇଁ, କେବଳ ଦ୍ୱିତୀୟ ଦାବୀ ଠାରୁ ପରବର୍ତ୍ତୀ ଗୁଡ଼ିକ ପାଇଁ କିମ୍ବା ଏପରିକି ଏକ ନିର୍ଦ୍ଦିଷ୍ଟ ରାଶି ରୁ ଅଧିକ ଦାବୀ ଉପରେ କେବଳ ।

ଦେୟ ରାଶିକୁ ଏହି ସବୁ ସୀମା ରେ ବ୍ୟବସ୍ଥିତ କରିବା ପୂର୍ବରୁ, ଦେୟ ଦାବୀ ରାଶି କୁ ଅଣ-ଦେୟ ଆଇଟମଗୁଡିକ ପାଇଁ ଡିଡକ୍ସନ (କାଟ) ର ନେଟ ରୂପେ ନିର୍ଣ୍ଣୟ କରାଯାଏ ।

ଏକ ସ୍ୱାସ୍ଥ୍ୟ ଦାବୀରେ ଅଣ–ଦେୟ ଆଇଟମ

ଏକ ରୋଗର ଚିକିତ୍ସାରେ ହେଉଥିବା ଖର୍ଚ୍ଚସବୁକୁ ନିମ୍ନ ରୂପେ ବର୍ଗୀକୃତ କରାଯାଇପାରେ :

- ✓ ଆରୋଗ୍ୟ ପାଇଁ ଖର୍ଚ୍ଚ ଏବଂ
- ✓ ସେବା/ଯତ୍ନ ପାଇଁ ଖର୍ଚ୍ଚ

ଏକ ରୋଗକୁ ଆରୋଗ୍ୟ କରିବା ପାଇଁ ଖର୍ଚ୍ଚସବୁ ରେ ମେଡିକଲ ମୂଲ୍ୟ ଓ ସମ୍ବନ୍ଧିତ ସାମାନ୍ୟ ସୁବିଧାସବୁ ଅନ୍ତର୍ଭୁକ୍ତ ହୁଏ । ଏହା ଅତିରିକ୍ତ, ଡାକ୍ତରଖାନା ରେ ରହଣୀକୁ ଅଧିକ ଆରାମଦାୟକ ଓ ଏପରିକି ଆଡମ୍ବରପୂର୍ଣ୍ଣ କରିବା ପାଇଁ ହେଉଥିବା ଖର୍ଚ୍ଚସବୁ ମଧ୍ୟ ହୋଇପାରେ ।

ଏକ ସାଧାରଣ ସ୍ୱାସ୍ଥ୍ୟ ବୀମା ପଲିସୀ ଏକ ରୋଗ କୁ ଆରୋଗ୍ୟ କରିବା ପାଇଁ ହେଉଥିବା ଖର୍ଚ୍ଚ ସବୁର ଧ୍ୟାନ ଦିଏ ଏବଂ ବିଶେଷ ରୂପେ ଉଲ୍ଲିଖିତ ହୋଇ ନ ଥିଲେ, ଆଡମ୍ବର ପାଇଁ ଅତିରିକ୍ତ ଖର୍ଚ୍ଚ ଦେୟ ଯୋଗ୍ୟ ହୁଏ ନାହିଁ ।

ଏହି ଖର୍ଚ୍ଚଗୁଡ଼ିକୁ ଅଣ-ଚିକିତ୍ସା ଚାର୍ଜରୂପେ ବର୍ଗୀକୃତ କରାଯାଇପାରେ ଯେପରି କି ପଞ୍ଜିକରଣ ଚାର୍ଜ, ଦଲିଲୀକରଣ ଚାର୍ଜ, ଇତ୍ୟାଦି ଏବଂ ସେହିସବୁ ଆଇଟମ ର ଚାର୍ଜ ଯାହାକୁ ବିଚାର କରାଯାଇପାରେ ଯଦି ଆରୋଗ୍ୟ ସହିତ ପ୍ରତ୍ୟକ୍ଷ ରୂପେ ସମ୍ବନ୍ଧିତ ଥାଏ (ଉ.ସ୍ୱ.ବିଶେଷରୂପେ ନିର୍ଦ୍ଧାରିତ ଇନପେଶେଣ୍ଟ କାଳାବଧିରେ ପ୍ରୋଟିନ୍ ସପ୍ଲିମେଣ୍ଟ) ।

ପୂର୍ବେ ପ୍ରତ୍ୟେକ TPA/ବୀମାକର୍ତ୍ତା ପାଖରେ ତାଙ୍କ ନିଜର ଅଣ-ଦେୟ ଆଇଟମଗୁଡିକର ତାଲିକା ଥିଲା, ବର୍ତ୍ତମାନ ସେସବୁକୁ IRDAI ସ୍ୱାସ୍ଥ୍ୟ ବୀମା ମାନକୀକରଣ ମାର୍ଗଦର୍ଶିକା ଅନ୍ତର୍ଗତ ମାନକୀକରଣ କରାଯାଇଛି ।

ଅନ୍ତିମ ଦେୟ ଦାବୀ କୁ ନିର୍ଣ୍ଣୟ କରିବାର କ୍ରମ ନିମ୍ନ ପ୍ରକାରେ ଅଟେ:

ସାରଣୀ 2.1

ସୋପାନ I	କୋଠରୀ ଭଡ଼ା, କନସଲ୍ଟାଣ୍ଟ ଶୁଳ୍କ , ଇତ୍ୟାଦିର ବିଭିନ୍ନ ଶୀର୍ଷକ ଅନ୍ତର୍ଗତ ସମସ୍ତ ବିଲ ଏବଂ ରସିଦଗୁଡ଼ିକୁ ତାଲିକାଭୁକ୍ତ କରିବା
ସୋପାନ II	ପ୍ରତ୍ୟେକ ଶିର୍ଷକ ଅନ୍ତର୍ଗତ ଦାବୀ କରାଯାଇଥିବା ରାଶିଠାରୁ ଅଣ-ଦେୟ ଆଇଟମଗୁଡ଼ିକୁ କାଟିବା
ସୋପାନା III	ଖର୍ଚ୍ଚ ର ପ୍ରତ୍ୟେକ ଶୀର୍ଷକ ପାଇଁ ପ୍ରଯୁଜ୍ୟ ଯେ କୌଣସି ସୀମାକୁ ଲାଗୁ କରିବା
ସୋପାନ IV	ମୋଟ ଦେୟ ରାଶିକୁ ନିର୍ଣ୍ଣୟ କରିବା ଏବଂ ଏହା ସଂପୂର୍ଣ୍ଣ ବୀମା ରାଶି ଭିତରେ ଅଛି କି ନାହିଁ, ତାହା ଯାଞ୍ଚ କରିବା
ସୋପାନ V	ନେଟ୍ ଦେୟ ଦାବୀ କୁ ନିର୍ଣ୍ଣୟ କରିବା ପାଇଁ, ଯଦି ପ୍ରଯୁଜ୍ୟ କୌଣସି କୋ-ପେ କୁ କାଟିବା

h. **ଦାବୀର ଦେୟ ପ୍ରଦାନ**

ଥରେ ଦେୟ ଦାବୀ ରାଶି ନିର୍ଣ୍ଣୟ କରି ସାରିଲେ, ଦେୟ ପ୍ରଦାନ ଗ୍ରାହକ କୁ କିମ୍ବା ହସ୍ପିଟାଲକୁ କରାଯାଏ, ପ୍ରକରଣ ଅନୁସାରେ । ଅନୁମୋଦିତ ଦାବୀ ରାଶି ପାଇଁ ଫାଇନାନ୍ସ / ଆକାଉଣ୍ଟସ୍ ବିଭାଗ କୁ ପରାମର୍ଶ ଦିଆଯାଏ ଏବଂ ଦେୟପ୍ରଦାନ ଚେକ୍ ଜରିଆରେ କିମ୍ବା ଦାବୀ ଟଙ୍କାକୁ ଗ୍ରାହକ ର ବ୍ୟାଙ୍କ ଖାତାକୁ ସ୍ଥାନାନ୍ତରିତ କରି କରାଯାଏ ।

ଯେତେବେଳେ ଦେୟପ୍ରଦାନ ହସ୍ପିଟାଲ କୁ କରାଯାଏ, ଦେୟ ରାଶି ଠାରୁ ଯଦି କିଛି ଥାଏ ଆବଶ୍ୟକ କର କାଟ କରାଯାଏ ।

ଯେଉଁଠି ଦେୟ ପ୍ରଦାନକୁ ଏକ ତୃତୀୟ ପକ୍ଷ ପ୍ରଶାସକ ଦ୍ୱାରା ସଂଚାଳିତ କରାଯାଏ, ଦେୟ ପ୍ରଦାନର ପ୍ରକ୍ରିୟା ବୀମା କର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ । TPA ମାନଙ୍କ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ଅଧିକ ବିସ୍ତୃତ ଜ୍ଞାନ ପରେ ପରେ ପ୍ରଦାନ କରାଯାଇଛି ।

ସିଷ୍ଟମ ରେ ପେମେଣ୍ଟ ଅପଡେଟ୍ ଗ୍ରାହକ ଅନୁସନ୍ଧାନ କୁ ସମ୍ଭାଳିବା ରେ ମହତ୍ୱପୂର୍ଣ୍ଣ ଅଟେ । ସାଧାରଣତଃ ଏହି ବିବରଣୀସବୁକୁ ସିଷ୍ଟମ ମାଧ୍ୟମରେ ସମସ୍ତ କଲ୍ ସେଣ୍ଟର/ ଗ୍ରାହକ ସେବା ଟିମ୍ ସହିତ ଆବଣ୍ଟିତ କରାଯିବ ।

ଥରେ ଦେୟ ପ୍ରଦାନ ହୋଇଗଲେ, ଦାବୀ ସମାଧାନ ହୋଇଗଲା ବୋଲି ଧରି ନିଆଯାଏ । ସମାଧାନ ହୋଇଥିବା ଦାବୀଗୁଡିକର ସଂଖ୍ୟା ଓ ରାଶି ପାଇଁ ରିପୋର୍ଟ ସବୁକୁ ସାମୟିକ ରୂପେ କମ୍ପାନୀର ପ୍ରବନ୍ଧନ, ମଧ୍ୟସ୍ଥ, ଗ୍ରାହକ ଓ IRDAI ପାଖକୁ ପଠାଇବାକୁ ପଡ଼େ । ସମାଧାନ ହୋଇଥିବା ଦାବୀଗୁଡିକର ବିଶେଷ ବିଶ୍ଳେଷଣ ରେ ସମାଧାନ ହୋଇଥିବା %, ଏକ ଅନୁପାତ ରୂପେ ଅଣ-ଦେୟ ଗୁଡିକର ରାଶି, ଦାବୀ ସମାଧାନ ପାଇଁ ନିଆଯାଉଥିବା ହାରାହାରି ସମୟ, ଇତ୍ୟାଦି ସମ୍ମିଳିତ ହୋଇଥାଏ ।

i. **ଦସ୍ତାବିଜ ର ଅଭାବ/ଆବଶ୍ୟକୀୟ ଅତିରିକ୍ତ ତଥ୍ୟର ପ୍ରବନ୍ଧନ**

ଏକ ଦାବୀର ପ୍ରୋସେସିଙ୍ଗ ରେ ମୁଖ୍ୟ ତାଲିକାଗୁଡିକର ଏକ ତାଲିକା ର ଯାଞ୍ଚର ଆବଶ୍ୟକତା ଥାଏ । ଏଗୁଡିକ ହେଉଛି :

- ✓ ଭର୍ତ୍ତିର ଟିପ୍ପଣୀ ଥିବା ଡିସ୍ଚାର୍ଜ ସାରାଂଶ,
- ✓ ସହାୟକ ଅନୁସନ୍ଧାନ/ଯାଞ୍ଚ ରିପୋର୍ଟସବୁ,
- ✓ ବିଭିନ୍ନ ଭାଗ ର ବିଭାଜନ ଥିବା ଅନ୍ତିମ ସମ୍ମିଳିତ ବିଲ,
- ✓ ପ୍ରେସ୍କ୍ରିପଶନ ଓ ଫାର୍ମାସୀ ବିଲ୍ ସବୁ,
- ✓ ଦେୟପ୍ରଦାନ ରସିଦସବୁ,
- ✓ ଦାବୀ ଫର୍ମ ଏବଂ
- ✓ ଗ୍ରାହକ ପରିଚୟ

ଅନୁଭୂତି ରୁ ଜଣାପଡ଼େ ଯେ ଜମାକରାଯାଇଥିବା ଚାରୋଟି ଦାବୀ ମଧ୍ୟରୁ ଗୋଟିଏ ମୂଳଭୂତ ଦସ୍ତାବିଜଗୁଡିକ ଦୃଷ୍ଟିରୁ ଅସଂପୂର୍ଣ୍ଣ ଥିବା ର ଶୀକାର ହୋଇଥାଏ । ତେଣୁ ଏହା ଆବଶ୍ୟକ ଅଟେ ଯେ ଗ୍ରାହକ କୁ ଜମା କରାଯାଇ ନଥିବା ଦସ୍ତାବିଜଗୁଡିକୁ ଜମା କରିବାକୁ ପରାମର୍ଶ ଦିଆଯାଉ ଏବଂ ତାକୁ ଏକ ସମୟ ସୀମା ଦିଆଯାଉ ଯାହା ମଧ୍ୟରେ ସେ ସେଗୁଡିକୁ ତା' ଦାବୀ ସହିତ ସଂଲଗ୍ନ କରି ପାରିବ ।

ସେ ଭଳି, ଏହା ହୋଇପାରେ ଯେ ଯେତେବେଳେ ଏକ ଦାବୀ କୁ ପ୍ରୋସେସ୍ କରାଯାଉଛି, ଅତିରିକ୍ତ ତଥ୍ୟ ଆବଶ୍ୟକ ହୋଇପାରେ କାରଣ :

i. ଦିଆଯାଇଥିବା ଡିସ୍ଚାର୍ଜ ସାରାଂଶ ସଠିକ୍ ପ୍ରାରୂପରେ ନାହିଁ କିମ୍ବା ରୋଗର ଡାଏଗ୍ନୋସିସ୍ କିମ୍ବା ଇତିହାସ ସମ୍ବନ୍ଧୀୟ କିଛି ବିବରଣୀ ଧାରଣ କରି ନାହିଁ ।

ii. ଦିଆଯାଇଥିବା ଚିକିତ୍ସା ଯଥେଷ୍ଟ ବିବରଣୀ ସହିତ ବର୍ଣ୍ଣନା କରାଯାଇନାହିଁ କିମ୍ବା ଏହା ସ୍ୱଷ୍ଟୀକରଣ ଆବଶ୍ୟକ କରେ ।

iii. ଚିକିତ୍ସା ଡିସ୍ଚାର୍ଜ ସାରାଂଶ ଅନୁସାରେ ଡାଏଗ୍ନୋସିସ୍ ଅନୁରୂପ ହୋଇ ନାହିଁ କିମ୍ବା ପରାମର୍ଶ ଦିଆଯାଇଥିବା ଔଷଧସବୁ ରୋଗ ସମ୍ବନ୍ଧିତ ନୁହେଁ ଯାହା ପାଇଁ ଚିକିତ୍ସା ଦିଆଯାଇଥିଲା ।

iv. ଦିଆଯାଇଥିବା ବିଲଗୁଡିକରେ ଆବଶ୍ୟକୀୟ ବିଭାଜନ ନାହିଁ ।

v. ଦୁଇଟି ଦସ୍ତାବିଜ ମଧ୍ୟରେ ଥିବା ଏକ ବ୍ୟକ୍ତି ର ବୟସରେ ଅସମାନତା ।

vi. ଡିସ୍ଚାର୍ଜ ସାରାଂଶ ଏବଂ ବିଲ ମଧ୍ୟରେ ଥିବା ଭର୍ତ୍ତି ତାରିଖ/ଡିସ୍ଚାର୍ଜ ତାରିଖ ରେ ଅସମାନତା ।

vii. ଦାବୀ ହସ୍ପିଟାଲାଇଜେଶନର ଏକ ଅଧିକ ବିସ୍ତୃତ ଯାଞ୍ଚ ଆବଶ୍ୟକ କରେ ଏବଂ ଏଥିପାଇଁ, ଡାକ୍ତରଖାନାର ଇନଡୋର୍ କେସ୍ କାଗଜପତ୍ରଗୁଡିକ ଆବଶ୍ୟକ ହୁଏ ।

ଉଭୟ କ୍ଷେତ୍ରରେ, ଅତିରିକ୍ତ ତଥ୍ୟର ଆବଶ୍ୟକତା ର ବିବରଣୀ ଦେଇ ଲିଖିତ ରୂପେ କିମ୍ବା ଇମେଲ ମାଧ୍ୟମରେ ଗ୍ରାହକ କୁ ସୂଚୀତ କରାଯାଏ । ଅଧିକାଂଶ କ୍ଷେତ୍ରରେ, ଗ୍ରାହକ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବାରେ ସମର୍ଥ ହେବ । ଅବଶ୍ୟ, ଅନେକ ପରିସ୍ଥିତିଗୁଡିକ ଥାଏ ଯେଉଁଠି ଆବଶ୍ୟକୀୟ ତଥ୍ୟ ଏତେ ମହତ୍ୱପୂର୍ଣ୍ଣ ଅଟେ ଯେ ତାହାକୁ ଅଣ ଦେଖା କରାଯାଇ ନ ପାରେ କିନ୍ତୁ ଗ୍ରାହକ ଉତ୍ତର ଦିଏ ନାହିଁ । ସେ ଭଳି କ୍ଷେତ୍ରରେ, ଗ୍ରାହକକୁ ଅନୁସ୍ମାରକ ପଠାଯାଏ ଯେ ଦାବୀକୁ ପ୍ରୋସେସ୍ କରିବା ପାଇଁ ତଥ୍ୟର ଆବଶ୍ୟକତା ଅଛି ଏବଂ ସେଭଳି ତିନୋଟି ଅନୁସ୍ମାରକ ପରେ, ଏକ ଦାବୀ ସମାପନ ସୂଚନା ପଠାଇ ଦିଆଯାଏ ।

ଯେତେବେଳେ ଏହା ପ୍ରକ୍ରିୟାରେ ଥାଏ, ଏକ ଦାବୀ ସମ୍ବନ୍ଧୀୟ ସମସ୍ତ ପତ୍ର-ବ୍ୟବହାର ରେ, ଆପଣ ଦେଖିବେ ଯେ ପତ୍ର ର ଶୀର୍ଷରେ "ପକ୍ଷପାତିତା ବିନା" ପଦ ଗୁଡିକ ଉଲ୍ଲେଖ କରାଯାଇଥାଏ । ଏହା ଏକ ବୈଧିକ ଆବଶ୍ୟକତା ଅଟେ ଏହା ସୁନିଶ୍ଚିତ କରିବା ପାଇଁ ଯେ ଏହି ସବୁ ପତ୍ର-ବ୍ୟବହାର ପରେ ଏକ ଦାବୀକୁ ଅଗ୍ରାହ୍ୟ କରିବା ପାଇଁ ବୀମାକର୍ତ୍ତାର ଅଧିକାର ଅକ୍ଷୁର୍ଣ୍ଣ ରହେ ।

ଉଦାହରଣ

ପ୍ରକରଣ କୁ ବିସ୍ତୃତ ରୂପେ ଅଧ୍ୟୟନ କରିବା ପାଇଁ ବୀମାକର୍ତ୍ତା ଇନଡୋର୍ କେସ୍ କାଗଜପତ୍ର କୁ ମାଗିପାରେ ଏବଂ ଏହି ଉପସଂହାରରେ ପହଞ୍ଚିପାରେ ଯେ ପ୍ରକ୍ରିୟା/ଚିକିତ୍ସା ପଲିସୀ ସର୍ତ୍ତାବଳୀ ଅନ୍ତର୍ଗତ ଆସେ ନାହିଁ । ଅଧିକ ତଥ୍ୟ ମାଗିବାର କାର୍ଯ୍ୟକୁ ସେହି କାର୍ଯ୍ୟ ରୂପେ ବିଚାର କରିବା ଉଚିତ୍ ନୁହେଁ ଯେ ଏହାର ନିହିତାର୍ଥ ହେଉଛି କି ବୀମାକର୍ତ୍ତା ଦାବୀକୁ ସ୍ୱୀକାର କରିଛି ।

ଦଲିଲୀକରଣ ଓ ବ୍ୟାଖ୍ୟା ରେ ଅଭାବ ଏବଂ ଆବଶ୍ୟକୀୟ ଅତିରିକ୍ତ ତଥ୍ୟ ଦାବୀ ପରିଚାଳନରେ ଏକ ମୁଖ୍ୟ ଚ୍ୟାଲେଞ୍ଜ ଅଟେ । ଯେତେବେଳେ ଦାବୀକୁ ସମସ୍ତ ଆବଶ୍ୟକୀୟ ତଥ୍ୟ ବିନା ପ୍ରୋସେସ୍ କରାଯାଇ ପାରିବ ନାହିଁ, ଅଧିକ ଓ ଅଧିକ ତଥ୍ୟ ଯୋଗାଇବା ପାଇଁ ବାରମ୍ବାର ଅନୁରୋଧ କରି ଗ୍ରାହକକୁ ଅସୁବିଧାରେ ପକାଯାଇ ପାରିବ ନାହିଁ ।

ଉତ୍ତମ ଆଚରଣ ଆବଶ୍ୟକ କରେ ଯେ ଆବଶ୍ୟକ ହେଉଥିବା ସମସ୍ତ ସୂଚନାର ଏକ ସମ୍ମିଳିତ ତାଲିକା ସହିତ ସେ ଭଳି ଅନୁରୋଧ ଥରେ କରାଯିବା ଉଚିତ୍ ଏବଂ ତା ପରେ କୌଣସି ନୂତନ ଆବଶ୍ୟକତା ମଗାଯିବା ଉଚିତ୍ ନୁହେଁ ।

j. **ଅସ୍ୱୀକାର୍ଯ୍ୟ ଦାବୀ**

ସ୍ୱାସ୍ଥ୍ୟ ଦାବୀ ସମ୍ବନ୍ଧୀୟ ଅନୁଭୂତି ରୁ ଜଣା ପଡ଼େ ଯେ ଜମା କରା ଯାଇଥିବା 10% ରୁ 15% ପର୍ଯ୍ୟନ୍ତ ର ଦାବୀ ପଲିସୀର ସର୍ତ୍ତାବଳୀ ଅନ୍ତର୍ଗତ ଆସନ୍ତି ନାହିଁ । ଏହା ଅନେକ ପ୍ରକାର ର କାରଣ ପାଇଁ ହୋଇପାରେ ଯାହା ମଧ୍ୟରେ କେତେକ ହେଉଛି :

i. ଭର୍ତ୍ତି ତାରିଖ ବୀମା ର ଅବଧି ମଧ୍ୟରେ ନାହିଁ ।
ii. ସେହି ସଦସ୍ୟ ଯାହା ସକାଶେ ଦାବୀଟି କରାଯାଉଛି, ତାକୁ ବୀମା ସୁରକ୍ଷା ଦିଆଯାଇ ନାହିଁ ।
iii. ପୂର୍ବ-ବିଦ୍ୟମାନ ରୋଗ କାରଣ ରୁ (ଯେଉଁଠି ପଲିସୀ ସେ ଭଳି ଅବସ୍ଥା କୁ ଅପବର୍ଜିତ କରେ) ।
iv. କୌଣସି ବୈଧ କାରଣ ନ ଥାଇ ଜମାରେ ଅନୁଚିତ ବିଳମ୍ବ ।
v. କୌଣସି ସକ୍ରିୟ ଚିକିତ୍ସା ନାହିଁ; ଭର୍ତ୍ତିଟି କେବଳ ଯାଞ୍ଚ/ପରୀକ୍ଷଣ ଉଦ୍ଦେଶ୍ୟରେ ଅଟେ ।
vi. ଚିକିତ୍ସା କରାଯାଉଥିବା ରୋଗ ପଲିସୀ ଅନ୍ତର୍ଗତ ଅପବର୍ଜିତ ଅଟେ ।
vii. ରୋଗ ର କାରଣ ମଦ୍ୟ କିମ୍ବା ଡ୍ରଗ୍ସ ର ଦୁଷ୍ପ୍ରୟୋଗ ଅଟେ ।
viii. ହସ୍ପିଟାଲାଇଜେଶନ 24 ଘଣ୍ଟାଠାରୁ କମ୍ ଅବଧି ର ଅଟେ ।

ଏକ ଦାବୀ ର ଅସ୍ୱୀକୃତି କିମ୍ବା ପ୍ରତ୍ୟାଖ୍ୟାନ (ଯେଉଁ କାରଣରୁ ବି ହେଉ) କୁ ଗ୍ରାହକକୁ ଲିଖିତ ରୂପେ ସୂଚୀତ କରିବାକୁ ପଡିବ । ସାଧାରଣତଃ, ସେଭଳି ଅସ୍ୱୀକୃତି ପତ୍ର, ଅର୍ଥାତ୍ ସେହି ପଲିସୀ ସର୍ତ୍ତ/ ପ୍ରତିବନ୍ଧ ଯାହା ଆଧାରରେ ଦାବୀକୁ ଅସ୍ୱୀକାର କରାଗଲା, ଏହାର ବିବରଣ ଦେଇ ଅସ୍ୱୀକୃତି ର କାରଣ କୁ ସ୍ପଷ୍ଟ ରୂପେ ଉଲ୍ଲେଖ କରେ ।

ଅଧିକାଂଶ ବୀମାକର୍ତ୍ତାମାନଙ୍କ ଏକ ପ୍ରକ୍ରିୟା ଅଛି ଯାହା ଦ୍ୱାରା ଏକ ଅସ୍ୱୀକାର କୁ ଏକ ପ୍ରବନ୍ଧକ ଦ୍ୱାରା ବୈଧକୃତ କରାଯାଏ, ଯିଏ ଦାବୀକୁ ସ୍ୱୀକୃତି ଦେବା ପାଇଁ ପ୍ରାଧିକୃତ ପ୍ରବନ୍ଧକ ଙ୍କ ଠାରୁ ବରିଷ୍ଠ ହୋଇଥାନ୍ତି । ଏହା ଏହାକୁ ସୁନିଶ୍ଚିତ କରିବା ପାଇଁ ଅଟେ ଯେ କୌଣସି ବି

ଅସ୍ୱୀକାର ସଂପୂର୍ଣ୍ଣ ରୂପେ ନ୍ୟାୟୋଚିତ ଅଟେ ଏବଂ ଏହାକୁ ବ୍ୟାଖ୍ୟା କରା ଯାଇ ପାରିବ ଯଦି ବୀମିତ କୌଣସି ବୈଧାନିକ ସମାଧାନ ପାଇବା ପାଇଁ ଚାହିଁବ ।

ବୀମାକର୍ତ୍ତା କୁ ଏକ ଅଭିଯୋଗ ପତ୍ର ଦେବା ବ୍ୟତୀତ, ଦାବୀର ଅସ୍ୱୀକାର ପ୍ରକରଣ ରେ ନିମ୍ନ ନିକଟକୁ ପହଞ୍ଚିବା ପାଇଁ ଗ୍ରାହକର ବିକଳ୍ପ ରହିଛି :

- ✓ ବୀମା ଲୋକପାଳ କିମ୍ବା
- ✓ ଉପଭୋକ୍ତା ଫୋରମ କିମ୍ବା
- ✓ IRDAI କିମ୍ବା
- ✓ ଆଇନ ନ୍ୟାୟାଳୟ ।

ପ୍ରତ୍ୟେକ ଅସ୍ୱୀକାର କ୍ଷେତ୍ରରେ ଫାଇଲ କୁ ଯାଞ୍ଚ କରାଯାଏ ଏହା ମୂଲ୍ୟାଙ୍କନ କରିବା ପାଇଁ ଯେ ସାଧାରଣ ଉପାୟରେ ଅସ୍ୱୀକାର ବୈଧିକ ଯାଞ୍ଚର ସମ୍ମୁଖୀନ ହେବ କି ନାହିଁ ଏବଂ ଦସ୍ତାବିଜସବୁ ଏକ ନିରାପଦ ସ୍ଥାନରେ ଗଚ୍ଛିତ ରଖା ଯାଇଛି କି ନାହିଁ, ଯଦି ନିର୍ଣ୍ଣୟ କୁ ସୁରକ୍ଷା ଦେବାପାଇଁ ଆବଶ୍ୟକତା ଉତ୍ପନ୍ନ ହୁଏ ।

k. **ଅଧିକ ବିସ୍ତୃତ ଅନୁସନ୍ଧାନ ପାଇଁ ସନ୍ଦେହଜନକ ଦାବୀ**

ସମସ୍ତ ପ୍ରକାରର ବ୍ୟବସାୟ ରେ ଛଳ କପଟ ର ସମସ୍ୟା କୁ ସମ୍ଭାଳିବା ପାଇଁ ବୀମାକର୍ତ୍ତାମାନେ ଚେଷ୍ଟା କରି ଆସୁଛନ୍ତି । ପରିଚାଳିତ କରାଯାଇଥିବା କପଟପୂର୍ଣ୍ଣ ଦାବୀ ଗୁଡିକର ସଂଖ୍ୟା ହିସାବରେ, ସ୍ୱାସ୍ଥ୍ୟ ବୀମା ବୀମାକର୍ତ୍ତାମାନଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ଉପସ୍ଥିତ କରିଛି ।

ସ୍ୱାସ୍ଥ୍ୟ ବୀମାରେ କରାଯାଇଥିବା କପଟ ର କେତେକ ଉଦାହରଣ ହେଉଛି :

i. ଛଦ୍ମନାମଧାରଣ, ବୀମିତ ବ୍ୟକ୍ତି ଚିକିତ୍ସିତ ବ୍ୟକ୍ତିଠାରୁ ଭିନ୍ନ ଅଟେ ।

ii. ଦସ୍ତାବିଜଗୁଡିକ ର ହେରଫେର, ଏକ ଦାବୀ କରିବା ପାଇଁ ଯେଉଁଠି କୌଣସି ହସ୍ପିଟାଲାଇଜେଶନ ହୋଇ ନାହିଁ ।

iii. ଖର୍ଚ୍ଚଗୁଡିକର ସ୍ଫୀତି, ଡାକ୍ତରଖାନାର ସହାୟତାରେ ହେଉ ଅଥବା କପଟପୂର୍ଣ୍ଣ ରୂପେ ଜାତ କରାଯାଇଥିବା ବାହ୍ୟ ବିଲଗୁଗଡିକୁ ଯୋଡ଼ିବା ଦ୍ୱାରା ହେଉ ।

iv. ବାହ୍ୟ ରୋଗୀ ଚିକିତ୍ସା କୁ ଆନ୍ତଃ-ରୋଗୀ / ହସ୍ପିଟାଲାଇଜେଶନ ରେ ପରିବର୍ତ୍ତିତ କରିବା, ଡାଏଗ୍ନୋସିସ୍ ର ଖର୍ଚ୍ଚ କୁ ସୁରକ୍ଷା ଦେବା ପାଇଁ, ଯାହା କେତେକ ସ୍ଥିତିରେ ଅଧିକ ହୋଇପାରେ ।

ଦୈନିକ ଆଧାରରେ ଛଳ କପଟ ର ନୂତନ ପଦ୍ଧତିସବୁ ଆବିର୍ଭାବ ହେବା ସହିତ, ବୀମାକର୍ତ୍ତା ଓ TPA ମାନଙ୍କୁ ନିମ୍ନ ସ୍ତରରେ ପରିସ୍ଥିତିକୁ ଲଗାତର ଭାବେ ନିରୀକ୍ଷଣ କରିବାକୁ ପଡିବ ଏବଂ ସେଭଳିଆ ଛଳ କପଟଗୁଡିକୁ ଆବିଷ୍କାର କରିବା ଓ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପଗୁଡିକୁ ଉପସ୍ଥାପିତ କରିବାକୁ ପଡିବ ।

ଦୁଇଟି ପଦ୍ଧତି ଆଧାରରେ ଅନୁସନ୍ଧାନ/ଯାଞ୍ଚ ପାଇଁ ଦାବୀଗୁଡିକୁ ଚୟନ କରାଯାଏ :

- ✓ ନୈତ୍ୟ ଦାବୀ ଏବଂ
- ✓ ଆକସ୍ମିକ ଉତ୍ପନ୍ନ ହୋଇଥିବା ଦାବୀ

ଏକ TPA କିମ୍ବା ଏକ ବୀମାକର୍ତ୍ତା ଏକ ଆନ୍ତରିକ ମାନକ ସ୍ଥାପିତ କରିପାରେ ଯେ ଦାବୀଗୁଡିକର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ କୁ ଭୌତିକ ରୂପେ ସତ୍ୟାପିତ କରିବାକୁ ପଡିବ; ଏହି ପ୍ରତିଶତ ନଗଦହୀନ ଓ ପ୍ରତିପୂର୍ତ୍ତି ଦାବୀ ପାଇଁ ଭିନ୍ନ ଭିନ୍ନ ହୋଇପାରେ ।

ଏହି ପଦ୍ଧତି ଅନ୍ତର୍ଗତ, ର୍ୟାଣ୍ଡମ୍ ସ୍ୟାମ୍ପ୍ଲିଙ୍ଗ୍ ପଦ୍ଧତି ର ଉପଯୋଗ କରି ଦାବୀଗୁଡ଼ିକୁ ଚୟନ କରାଯାଏ । କେତେକ ବୀମାକର୍ତ୍ତା ସର୍ତ୍ତ ରଖନ୍ତି ଯେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟଠାରୁ ଊର୍ଦ୍ଧ୍ୱ ସମସ୍ତ ଦାବୀକୁ ଯାଞ୍ଚ କରିବାକୁ ପଡିବ ଏବଂ ଦାବୀଗୁଗଡିକ ର ଏକ ନମୂନାକୃତ ସମୂହ ଯାହା ସେହି ସୀମା ର ତଳେ ଥାଏ, ସେଗୁଡ଼ିକୁ ସତ୍ୟାପନ ପାଇଁ ନିଆଯାଇଥାଏ ।

ଦ୍ୱିତୀୟ ପଦ୍ଧତିରେ, ପ୍ରତ୍ୟେକ ଦାବୀ ଯାଞ୍ଚବିନ୍ଦୁଗୁଡ଼ିକ ର ଏକ ଶୃଙ୍ଖଳା ଦେଇ ଗତି କରିଥାଏ ଯାହା ଯଦି ପଙ୍କ୍ତିରେ ନ ଥାଏ, ନିମ୍ନ ଯାଞ୍ଚ/ଅନୁସନ୍ଧାନ ଆବଶ୍ୟକ କରେ :

- **i.** ମେଡିକଲ ପରୀକ୍ଷଣ କିମ୍ବା ଔଷଧ ସମ୍ବନ୍ଧୀୟ ଦାବୀ ର ଏକ ବଡ଼ ଭାଗ
- **ii.** ଗ୍ରାହକ ସମାଧାନ କରିବା ପାଇଁ ଅତିଶୟ ଆଗ୍ରହୀ
- **iii.** ଓଭର-ରାଇଟିଙ୍ଗ୍ ଥିବା ବିଲ ଗୁଡ଼ିକ, ଇତ୍ୟାଦି

ଯଦି ଦାବୀ ଟି ଯଥାର୍ଥ ନୁହେଁ ବୋଲି ସନ୍ଦେହ କରାଯାଏ, ଦାବୀଟି କୁ ଯାଞ୍ଚ କରାଯାଏ, ଯେତେ ଛୋଟ ହୋଇ ଥାଉ ନା କାହିଁକି ।

I. TPA **ଦ୍ୱାରା ନଗଦହୀନ ସମାଧାନ ପ୍ରକ୍ରିୟା**

ନଗଦହୀନ ସୁବିଧା କିପରି କାର୍ଯ୍ୟ କରେ ? ଏହାର ମର୍ମ ରେ ଏକ ରାଜିନାମା ଅଛି ଯାହା ମଧ୍ୟକୁ TPA ବୀମାକର୍ତ୍ତା, ଡାକ୍ତରଖାନା ସହିତ ପ୍ରବେଶ କରେ । ଅନ୍ୟାନ୍ୟ ମେଡିକଲ ସେବା ପ୍ରଦାନକାରୀମାନଙ୍କ ସହିତ ମଧ୍ୟ ରାଜିନାମା ସମ୍ଭବ ଅଟେ । ଏହି ଅନୁଭାଗ ରେ ନଗଦହୀନ ସୁବିଧା ପ୍ରଦାନ କରିବା ପାଇଁ ବ୍ୟବହୃତ ହେଉଥିବା ପ୍ରକ୍ରିୟାକୁ ଆମେ ଦେଖିବା :

ରଣୀ 3.1

ସୋପାନ 1	ସ୍ୱାସ୍ଥ୍ୟ ବୀମା ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ଏକ ଗ୍ରାହକ ଏକ ରୋଗରେ ଆକ୍ରାନ୍ତ ହୁଏ କିମ୍ବା ଏକ କ୍ଷତ ପ୍ରାପ୍ତ ହୁଏ ଏବଂ ତେଣୁ ଏକ ଡାକ୍ତରଖାନା ରେ ଭର୍ତ୍ତି ପାଇଁ ତାକୁ ପରାମର୍ଶ ଦିଆଯାଏ । ସେ (କିମ୍ବା ତା’ ପକ୍ଷରୁ କେହି ଜଣେ) ନିମ୍ନ ବୀମା ବିବରଣୀ ସହିତ ଡାକ୍ତରଖାନାର ବୀମା ଡେସ୍କ ପାଖକୁ ପହଞ୍ଚେ : i. TPA ନାମ, ii. ତା’ ସଦସ୍ୟତା କ୍ରମାଙ୍କ iii. ବୀମାକର୍ତ୍ତା ନାମ, ଇତ୍ୟାଦି ।
ସୋପାନ 2	ଡାକ୍ତରଖାନା ଆବଶ୍ୟକ ତଥ୍ୟଗୁଡ଼ିକୁ ସଙ୍କଳିତ କରେ ଯେପରି କି : i. ରୋଗ ନିଦାନ ii. ଚିକିତ୍ସା iii. ଚିକିତ୍ସା କରୁଥିବା ଡାକ୍ତର ଙ୍କ ନାମ, iv. ପ୍ରସ୍ତାବିତ ହସ୍ପିଟାଲାଇଜେଶନ ର ଦିନ ସଂଖ୍ୟା ଏବଂ v. ଆକଳିତ ମୂଲ୍ୟ ଏହାକୁ ଏକ ଫର୍ମାଟ (ପ୍ରାରୂପ) ରେ ଉପସ୍ଥାପିତ କରାଯାଏ, ଯାହାକୁ ନଗଦହୀନ ଅନୁଜ୍ଞା ଫର୍ମ କୁହାଯାଏ ।

ସୋପାନ 3	TPA ନଗଦହୀନ ଅନୁଜ୍ଞା ଫର୍ମରେ ପ୍ରଦାନ କରାଯାଇଥିବା ତଥ୍ୟକୁ ଅଧ୍ୟୟନ କରେ । ଏହା ପଲିସୀ ସର୍ତ୍ତାବଳୀ ରେ ଥିବା ତଥ୍ୟକୁ ଏବଂ ଡାକ୍ତରଖାନା ରେ ଥିବା ସମ୍ମତ ଦର/ମୂଲ୍ୟ, ଯଦି କିଛି ଥାଏ, ଏଗୁଡିକୁ ଯାଞ୍ଚ କରେ, ଏବଂ ନଗଦହୀନ ଅନୁଜ୍ଞା (ପ୍ରାଧିକାର) ପ୍ରଦାନ କରାଯାଇ ପାରିବ କି ନାହିଁ ଏବଂ ଯଦି ହଁ, କେତେ ରାଶି ପାଇଁ ଏହାକୁ ପ୍ରାଧିକୃତ କରାଯିବା ଉଚିତ୍, ତାହା ଉପରେ ନିର୍ଣ୍ଣୟ ନିଏ । ନିର୍ଣ୍ଣୟ ରେ ପହଞ୍ଚିବା ପାଇଁ TPA ଅଧିକ ସୂଚନା ମାଗିପାରେ । ଥରେ ନିର୍ଣ୍ଣୟ ହୋଇଗଲେ, ବିନା ବିଳମ୍ବରେ ଏହା ସମ୍ବନ୍ଧରେ ଡାକ୍ତରଖାନାକୁ ସୂଚୀତ କରାଯାଏ । IRDAI ସ୍ୱାସ୍ଥ୍ୟ ବୀମା ମାନକୀକରଣ ମାର୍ଗଦର୍ଶିକା ଅନ୍ତର୍ଗତ ଉଭୟ ଫର୍ମକୁ ବର୍ତ୍ତମାନ ମାନକୀକୃତ କରାଯାଇଛି; (ପରିଶେଷରେ ଥିବା ସଂଲଗ୍ନ କୁ ଦେଖନ୍ତୁ)
ସୋପାନ 4	TPA ଦ୍ୱାରା ପ୍ରାଧିକୃତ ରାଶିକୁ ରୋଗୀର ଆକାଉଣ୍ଟରେ କ୍ରେଡିଟ୍ ରୂପେ ରଖି, ରୋଗୀକୁ ଡାକ୍ତରଖାନା ଦ୍ୱାରା ଚିକିତ୍ସା ଦିଆଯାଏ । ଅଣ–ଚିକିତ୍ସା ଖର୍ଚ୍ଚ ଓ ପଲିସୀ ଅନ୍ତର୍ଗତ କୌଣସି ଆବଶ୍ୟକୀୟ କୋ-ପେ (ସହ-ଦେୟପ୍ରଦାନ) କୁ ସୁରକ୍ଷା ଦେବା ପାଇଁ ଏକ ଜମା ପ୍ରଦାନ କରିବା ପାଇଁ ସଦସ୍ୟକୁ କୁହାଯାଇପାରେ ।
ସୋପାନ 5	ଯେତେବେଳେ ରୋଗୀ ଡିସ୍ଚାର୍ଜ ପାଇଁ ପ୍ରସ୍ତୁତ ହୁଏ, ଡାକ୍ତରଖାନା TPA ଦ୍ୱାରା ସ୍ୱୀକୃତ ରୋଗୀର ଆକାଉଣ୍ଟରେ ଜମା କରାଯାଇଥିବା ରାଶିକୁ ବୀମା ଦ୍ୱାରା ସୁରକ୍ଷା ପ୍ରାପ୍ତ ବାସ୍ତବ ଚିକିତ୍ସା ଚାର୍ଜ ବିରୁଦ୍ଧରେ ଯାଞ୍ଚ କରେ । ଯଦି ଜମା କମ୍ ହୋଇଥାଏ, ଡାକ୍ତରଖାନା ନଗଦହୀନ ଚିକିତ୍ସା ପାଇଁ କ୍ରେଡିଟ୍ ର ଅତିରିକ୍ତ ଅନୁମୋଦନ ପାଇଁ ଅନୁରୋଧ କରେ । TPA ତାହା ବିଶ୍ଳେଷଣ କରେ ଏବଂ ଅତିରିକ୍ତ ରାଶି ର ଅନୁମୋଦନ କରେ ।
ସୋପାନ 6	ରୋଗୀ ଅଣ-ସ୍ୱୀକାର୍ଯ୍ୟ ଚାର୍ଜସବୁ କୁ ପ୍ରଦାନ କରେ ଏବଂ ଡିସ୍ଚାର୍ଜ ପ୍ରାପ୍ତ ହୁଏ । ଦଲିଲୀକରଣ କୁ ପୂରା କରିବା ପାଇଁ, ତାକୁ ଦାବୀ ଫର୍ମ ଓ ବିଲ ରେ ହସ୍ତାକ୍ଷର କରିବା ପାଇଁ କୁହାଯିବ ।
ଚରଣ 7	ଡାକ୍ତରଖାନା ସମସ୍ତ ଦସ୍ତାବିଜ କୁ ସମ୍ମିଳିତ କରେ ଏବଂ ବିଲ ର ପ୍ରୋସେସିଙ୍ଗ ପାଇଁ ନିମ୍ନ ଦସ୍ତାବିଜଗୁଡିକୁ TPA ନିକଟରେ ଉପସ୍ଥାପିତ କରେ : i. ଦାବୀ ଫର୍ମ ii. ଡିସ୍ଚାର୍ଜ ସାରାଂଶ/ ଭର୍ତ୍ତି ଟିପ୍ପଣୀ iii. TPA ଦ୍ୱାରା ଜାରୀ କରାଯାଇଥିବା ରୋଗୀ / ପ୍ରସ୍ତାବକ ପରିଚୟ କାର୍ଡ ଏବଂ ଫଟୋ ID ପ୍ରମାଣ iv. ଅନ୍ତିମ ସମ୍ମିଳିତ ବିଲ v. ବିସ୍ତୃତ ବିଲ vi. ଅନୁସନ୍ଧାନ ରିପୋର୍ଟ vii. ପ୍ରେସ୍କ୍ରିପ୍ସନ ଓ ଫାର୍ମାସୀ ବିଲ viii. TPA ଦ୍ୱାରା ପଠାଯାଇଥିବା ସ୍ୱୀକୃତି ପତ୍ର

ସୋପାନ 8	TPA ଦାବୀ କୁ ପ୍ରୋସେସ୍ କରିବ ଏବଂ ନିମ୍ନଲିଖିତ ବିବରଣୀ ଗୁଡିକୁ ସତ୍ୟାପିତ କରିବା ପରେ ଡାକ୍ତର ଖାନାକୁ ଦେୟପ୍ରଦାନ ପାଇଁ ସୁପାରିଶ କରେ : i. ଚିକିତ୍ସା କରାଯାଇଥିବା ରୋଗୀ ସେହି ବ୍ୟକ୍ତି ଅଟେ ଯାହା ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ii. ରୋଗୀକୁ ସେହି ଅବସ୍ଥା (ରୋଗ) ପାଇଁ ଚିକିତ୍ସା କରାଗଲା ଯାହା ପାଇଁ ସ୍ୱୀକୃତି ପାଇଁ ଅନୁରୋଧ କରାଯାଇଥିଲା । iii. ଅପବର୍ଜିତ ରୋଗର ଚିକିତ୍ସା ପାଇଁ ଖର୍ଚ୍ଚ, ଯଦି କିଛି ଥାଏ, ବିଲ ର ଅଂଶ ନୁହେଁ । iv. ଡାକ୍ତରଖାନା କୁ ସୂଚୀତ କରାଯାଇଥିବା ସମସ୍ତ ସୀମା/ପ୍ରତିବନ୍ଧ ର ଅନୁପାଳନ କରାଯାଇଛି । v. ଡାକ୍ତରଖାନା ସହିତ ସମ୍ମତ ହୋଇଥିବା ଟ୍ୟାରିଫ୍ ଦର ଗୁଡିକର, ନେଟ୍ ଦେୟ ରାଶି କୁ ନିର୍ଣ୍ଣୟ କରିବା ପାଇଁ, ଅନୁପାଳନ କରାଯାଇଛି ।

ନଗଦହୀନ ସୁବିଧାର ମୂଲ୍ୟ ସନ୍ଦେହଜନକ ନୁହେଁ । ସୁବିଧାର ସର୍ବୋତ୍ତମ ଉପଯୋଗ କିପରି କରାଯିବ, ତାହା ଜାଣିବା ଗ୍ରାହକ ପାଇଁ ମଧ ମହତ୍ୱପୂର୍ଣ୍ଣ ଅଟେ । ଧ୍ୟାନ ଦେବା ପାଇଁ ବିନ୍ଦୁଗୁଡିକ ହେଉଛି :

i. ଗ୍ରାହକ ନିଶ୍ଚିତ ରୂପେ ସୁନିଶ୍ଚିତ ହେବା ଉଚିତ୍ ଯେ ତା' ପାଖରେ ତାର ବୀମା ବିବରଣୀ ଗୁଡିକ ଅଛି । ଏହା ଅନ୍ତର୍ଭୁକ୍ତ କରେ ତାହାର :

- ✓ TPA କାର୍ଡ,
- ✓ ପଲିସୀ ପ୍ରତିଲିପି,
- ✓ ସୁରକ୍ଷାର ସର୍ତ୍ତ ଓ ଚୁକ୍ତି ଇତ୍ୟାଦି ।

ଯେତେବେଳେ ଏହା ଉପଲବ୍ଧ ହୁଏ ନାହିଁ, ସେ (ଏକ 24 ଘଣ୍ଟା ହେଲ୍ପଲାଇନ ମାଧ୍ୟମରେ) TPA କୁ ସଂପର୍କ କରିପାରେ ଏବଂ ବିବରଣୀଗୁଡିକୁ ମାଗିପାରେ ।

ii. ଗ୍ରାହକ ନିଶ୍ଚିତ ରୂପେ ଯାଞ୍ଚ କରିବା ଉଚିତ୍ ଯେ ତା' କନସଲଟିଙ୍ଗ୍ ଡାକ୍ତରଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିବା ଡାକ୍ତରଖାନା ଟି TPA ର ନେଟୱର୍କରେ ଅଛି କି ନାହିଁ । ଯଦି ନାହିଁ, ସେ TPA ସହିତ ଉପଲବ୍ଧ ବିକଳ୍ପଗୁଡିକ ବିଷୟରେ ପରାମର୍ଶ କରିବା ଆବଶ୍ୟକ ଯେଉଁଠି ସେହି ଚିକିତ୍ସା ପାଇଁ ନଗଦହୀନ ସୁବିଧା ଉପଲବ୍ଧ ଥିବ ।

iii. ତାକୁ ଏହା ସୁନିଶ୍ଚିତ କରିବା ଆବଶ୍ୟକତା ଅଛି ଯେ ପୂର୍ବ-ଅନୁଜ୍ଞା ଫର୍ମରେ ସଠିକ୍ ବିବରଣୀଗୁଡିକୁ ପ୍ରବିଷ୍ଟ କରାଯାଇଛି । ଯଦି ପ୍ରକରଣଟି ସ୍ୱଷ୍ଟ ନୁହେଁ, **TPA**ନଗଦହୀନ ସୁବିଧାକୁ ଅସ୍ୱୀକାର କରିପାରେ କିମ୍ବା ପ୍ରଶ୍ନ ଉଠାଇପାରେ ।

iv. ତାକୁ ଏହା ସୁନିଶ୍ଚିତ କରିବା ଆବଶ୍ୟକତା ଅଛି ଯେ ଡାକ୍ତରଖାନା ଚାର୍ଜସବୁ କୋଠରୀ ଭଡା ଭଳି ସୀମାଗୁଡିକ ସହିତ ସୁସଙ୍ଗତ ଥାଏ କିମ୍ବା ମୋତିଆ ବିନ୍ଦୁ ଭଳି ବିନିର୍ଦ୍ଦିଷ୍ଟ ଚିକିତ୍ସାଗୁଡିକ ଉପରେ କ୍ୟାପ୍ ଲଗାଏ ।

ଯଦି ପଲିସୀ ଦ୍ୱାରା ସ୍ୱୀକୃତ ରାଶି ଅପେକ୍ଷା ସେ ଅଧିକ ଖର୍ଚ୍ଚ କରିବାକୁ ଚାହେଁ, ଏହା ଅଗ୍ରୀମ ରେ ଜାଣିବା ଅଧିକ ଉତ୍ତମ ହେବ ଯେ ଖର୍ଚ୍ଚ ସବୁ ରେ ତାହାର ଅଂଶ କ'ଣ ହୋଇପାରେ ।

v. ଗ୍ରାହକ ଡିସ୍ଚାର୍ଜ ର ଆଗରୁ TPA କୁ ନିଶ୍ଚିତ ଭାବେ ସୂଚୀତ କରିବା ଉଚିତ୍ ଏବଂ କୌଣସି ଅତିରିକ୍ତ ସ୍ୱୀକୃତି ପାଇଁ TPA କୁ ପଠାଇବା ପାଇଁ ଡାକ୍ତରଖାନାକୁ ଅନୁରୋଧ କରିବା ଉଚିତ୍ ଯାହା ଡିସ୍ଚାର୍ଜ ପୂର୍ବରୁ ଆବଶ୍ୟକ ହୋଇପାରେ । ଏହା ରୋଗୀକୁ ଡାକ୍ତରଖାନାରେ ଅନାବଶ୍ୟକ ରୂପେ ଅପେକ୍ଷା ନ କରିବା ର ସୁନିଶ୍ଚିତ କରିବ ।

ଏହା ମଧ୍ୟ ସମ୍ଭବ ଅଟେ ଯେ ଗ୍ରାହକ ଗୋଟିଏ ଡାକ୍ତରଖାନାରେ ନଗଦହୀନ ଚିକିତ୍ସା ପାଇଁ ଏକ ଅନୁମୋଦନ ପାଇଁ ଅନୁରୋଧ କରେ ଏବଂ ନିଏ କିନ୍ତୁ ରୋଗୀକୁ ଅନ୍ୟ କୌଣସି ସ୍ଥାନରେ ଭର୍ତ୍ତି କରିବା ପାଇଁ ନିଷ୍ପତ୍ତି ନିଏ । ସେ ଭଳି କ୍ଷେତ୍ରରେ, ଗ୍ରାହକ ନିଶ୍ଚିତ ରୂପେ ଡାକ୍ତରଖାନାକୁ ସୂଚୀତ କରିବା ଉଚିତ୍ ଏବଂ TPA କୁ ଏହା ସୂଚୀତ କରିବା ପାଇଁ ଅନୁରୋଧ କରିବା ଉଚିତ୍ କି ନଗଦହୀନ ଅନୁମୋଦନ ର ଉପଯୋଗ କରାଯାଇ ନାହିଁ ।

ଯଦି ଏହା କରା ନ ଯାଏ, ଅନୁମୋଦିତ ରାଶି ଗ୍ରାହକର ପଲିସୀ ରେ ବ୍ଲକ୍ ହୋଇ ରହି ଯାଇ ପାରେ ଏବଂ ପରବର୍ତ୍ତୀ ଅନୁରୋଧର ଅନୁମୋଦନ ଉପରେ ପ୍ରତିକୂଳ ପ୍ରଭାବ ପକାଇ ପାରେ ।

C. ସ୍ୱାସ୍ଥ୍ୟ ବୀମା ଦାବୀଗୁଡିକରେ ଦଲିଲୀକରଣ

ସ୍ୱାସ୍ଥ୍ୟ ବୀମା ଦାବୀଗୁଡିକ, ପୂର୍ବେ ବ୍ୟାଖ୍ୟା କରାଯାଇଥିବା ଭଳି, ପ୍ରୋସେସିଙ୍ଗ୍ ପାଇଁ ଦଲିଲ/ଦସ୍ତାବିଜଗୁଡିକର ଏକ ଶୃଙ୍ଖଳା ଆବଶ୍ୟକ କରନ୍ତି । ପ୍ରତ୍ୟେକ ଦସ୍ତାବିଜ ଦୁଇଟି ମୂଖ୍ୟ ପ୍ରଶ୍ନର ଉତ୍ତର ଦେବାରେ ସହାୟକ ହେବ ବୋଲି ଆଶା କରାଯାଏ – ସ୍ୱୀକାର୍ଯ୍ୟତା (ଏହା ଦେୟଯୋଗ୍ୟ ଅଟେ କି **?**) ଏବଂ ଦାବୀର ସୀମା (କେତେ ପରିମାଣ ର ରାଶି**?)** ।

ଏହି ଅନୁଭାଗ ଗ୍ରାହକମାନଙ୍କ ଦ୍ୱାରା ଜମା କରିବାର ଆବଶ୍ୟକତା ଥିବା ପ୍ରତ୍ୟେକ ଦସ୍ତାବିଜ ର ଆବଶ୍ୟକତା ଓ ବିଷୟବସ୍ତୁ କୁ ବ୍ୟାଖ୍ୟା କରେ :

1. ଡିସ୍ଚାର୍ଜ ସାରାଂଶ

ଡିସ୍ଚାର୍ଜ ସାରାଂଶ କୁ ସବୁଠୁ ମହତ୍ୱପୂର୍ଣ୍ଣ ଦସ୍ତାବିଜ ବୋଲି କୁହାଯାଇପାରେ ଯାହା ଏକ ସ୍ୱାସ୍ଥ୍ୟ ବୀମା ଦାବୀ କୁ ପ୍ରୋସେସ୍ କରିବାରେ ଆବଶ୍ୟକ ହୋଇଥାଏ । ଏହା ରୋଗୀର ଅବସ୍ଥା ଓ ଚିକିତ୍ସାର ପ୍ରକାର ସମ୍ବନ୍ଧୀୟ ସଂପୂର୍ଣ୍ଣ ସୂଚନାର ବିବରଣୀ ଦିଏ ।

IRDAI ମାନକୀକରଣ ମାର୍ଗଦର୍ଶିକା ଅନୁସାରେ ଏକ ମାନକ ଡିସ୍ଚାର୍ଜ ସାରାଂଶ ର ବିଷୟ ସୂଚୀ ନିମ୍ନ ରୂପେ ଅଟେ :

1. ରୋଗୀର ନାମ
2. ଟେଲିଫୋନ ନମ୍ବର / ମୋବାଇଲ ନମ୍ବର
3. IPD ନମ୍ବର
4. ଭର୍ତ୍ତି ନମ୍ବର
5. ଚିକିତ୍ସା କରୁଥିବା କନ୍ସଲ୍ଟାଣ୍ଟ/ମାନଙ୍କ ନାମ, ସଂପର୍କ ନମ୍ବର ଏବଂ ବିଭାଗ/ବିଶେଷଜ୍ଞତା
6. ଭର୍ତ୍ତି ର ତାରିଖ ଓ ସମୟ
7. ଡିସ୍ଚାର୍ଜ ର ତାରିଖ ଓ ସମୟ
8. MLC ନମ୍ବର /FIR ନମ୍ବର
9. ଭର୍ତ୍ତି ସମୟରେ ପ୍ରୋଭିଜନଲ ଡାଏଗ୍ନୋସିସ୍
10. ଡିସ୍ଚାର୍ଜ ସମୟରେ ଅନ୍ତିମ ଡାଏଗ୍ନୋସିସ୍
11. ଅନ୍ତିମ ଡାଏଗ୍ନୋସିସ୍ ପାଇଁ, ପ୍ରାଧିକରଣ ଦ୍ୱାରା ସୁପାରିଶ କରାଯାଇଥିବା ଅନୁସାରେ, ICD – 10 କୋଡ (ଗୁଡିକ) କିମ୍ବା ଅନ୍ୟ କୌଣସି କୋଡ
12. ଭର୍ତ୍ତିର ଅବଧି ଓ କାରଣ ସହିତ ଅଭିଯୋଗ ଉପସ୍ଥାପିତ କରିବା
13. ରୋଗ ଉପସ୍ଥାପିତ କରିବାର ସାରାଂଶ
14. ଭର୍ତ୍ତି ସମୟରେ ଶାରୀରିକ ପରୀକ୍ଷା ଉପରେ ମୂଖ୍ୟ ନିଷ୍କର୍ଷ
15. ମଦ୍ୟପତା, ତମାଖୁ କିମ୍ବା ନିଶାଦ୍ରବ୍ୟର ଦୁଷ୍ପ୍ରୟୋଗ ର ଇତିହାସ, ଯଦି କିଛି ଥାଏ
16. ଗୁରୁତ୍ୱପୂର୍ଣ୍ଣ ଅତୀତ ମେଡିକଲ ଓ ସର୍ଜିକଲ ଇତିହାସ, ଯଦି କିଛି ଥାଏ
17. ପରିବାର ଇତିହାସ ଯଦି ଡାଏଗ୍ନୋସିସ୍ କିମ୍ବା ଚିକିତ୍ସା ପାଇଁ ଗୁରୁତ୍ୱପୂର୍ଣ୍ଣ / ଆବଶ୍ୟକ ଥାଏ
